

Digitized by srujanika@gmail.com

ମୋର ଶିକାର ଗପ

କ୍ୟାପ୍‌ଟେନ୍ ଅନନ୍ତ ପ୍ରସାଦ ମହାନ୍ତି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ :
ତପନ କୁମାର ମହାପାତ୍ର
ଅପ୍ରତିମା ପ୍ରିଣ୍ଟସ୍, ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ୨୦୦୪
(୭୦୦)

[Paper Used : 60 gsm.]

ମୂଲ୍ୟ : ୮୦/-

Digitized by srujanika@gmail.com

ପଦେ କହିରଖେଁ

ଜଙ୍ଗଲରେ ବୁଲିବାର ଯଉ ଆନନ୍ଦ, ପ୍ରକୃତିର ବିଚିତ୍ର ସୃଷ୍ଟିରେ ଭରପୂର ଜଙ୍ଗଲରେ ସଞ୍ଜରେ କି ସକାଳେ ଘଣ୍ଟେ ଦି'ଘଣ୍ଟା ବୁଲିଆସିଲେ ମନରେ ଗୋଟେ ଅପୂର୍ବ ସୁଖ ସଞ୍ଚାର ହୁଏ । ହୁଏତ ସମସ୍ତଙ୍କର ଏମିତି ହେବ କି ନାହିଁ କହିହବନି– ମୋର ହୁଏ । ସେଇ ଯୋଗୁରୁ ସୁବିଧା ସୁଯୋଗ ଯୁଟିଲେ ମୁଁ ଯାଇ ଜଙ୍ଗଲରେ ବୁଲେ । ପିଲାଦିନେ ଯଉ ଗାଁରେ ବଢ଼ିଥିଲି ସେଠି ଘଞ୍ଚ ଜଙ୍ଗଲ ଥିଲା– ଏମିତିକି ଆମ ଗାଁ ମୁଣ୍ଡରେ ଗୋଟେ ଫୁଲନଟି ବୋଲି ଅରାଏ ଜଙ୍ଗଲ ଥିଲା । ସେଠି କୋଚିଲା ଗଛ ଓ ନାନାପ୍ରକାର ଲଟିରେ ଜାଗାଟା ଘଞ୍ଚ ଜଙ୍ଗଲ ପରି ଦେଖାଯାଉଥିଲା । ବୋଧହୁଏ ସେଇ ଯୋଗୁରୁ ମୋର ରକ୍ତକଣାରେ ଜଙ୍ଗଲ ପ୍ରତି ଗୋଟେ ଆକର୍ଷଣ ଥିଲା ।

ଯୋଗକୁ ମୋତେ ବି ଗୋଟେ ପେଶା ମିଳିଲା ଯେ ମୁଁ ବର୍ଷରେ ଥରେ ଦି'ଥର ଓଡ଼ିଶାର ସବୁ ଜିଲ୍ଲାକୁ ଯିବା ଦରକାର ପଡ଼ିଲା । ଯେତେବେଳର କଥା ଏ ବହିର କାହାଣୀରେ ଅଛି ସେତେବେଳେ ଓଡ଼ିଶା ପ୍ରଦେଶରେ ଶହେଭାଗରୁ ଚାଳିଶଭାଗ ଜଙ୍ଗଲରେ ଭରାଥିଲା । ଏବକୁ ଆମର ସାଟାଲାଇଟ୍ ଫଟୋ ଅନୁସାରେ ଜଙ୍ଗଲ ମୋଟେ ଶହେରୁ ବାର (୧୨) ଭାଗ ।

ଭାରତ ୨୦୦ ବର୍ଷ ବ୍ରିଟିଶ ଶାସନରେ ରହିଲା ପରେ ୧୯୪୭ରେ ସ୍ୱାଧୀନ ହେଲା ଏବଂ ସେଇ ସାଙ୍ଗରେ ଆମର ଏଠାର ସବୁ କରଦରାଜ୍ୟ ଗଡ଼ଜାତମାନେ ଓଡ଼ିଶାରେ ମିଶିଗଲେ । ଗଡ଼ଜାତର ରାଜାମାନେ ତାଙ୍କ ଅଞ୍ଚଳରେ ଜଙ୍ଗଲକୁ ନିଜର ବଗିଚା ପରିକା ଯତ୍ନରେ ରଖିଥିଲେ । କମ୍ କାଠ କାଟୁଥିଲେ– ଜନ୍ତୁଜାନ୍ତାକୁ ପୋଷା ଗୋରୁ ଗାଈ ପରି ଲାଳନ ପାଳନ କରୁଥିଲେ ନିଜର ସାଙ୍ଗସାଥି କିମ୍ବା ବ୍ରିଟିଶ ପଲିଟିକାଲ ଏଜେଣ୍ଟକୁ ଶିକାର ଖେଳିବାକୁ ସୁବିଧା ହବବୋଲି । ସେଇ ଜଙ୍ଗଲ, ସେଇ ଗୋଠ ଗୋଠ ଜନ୍ତୁଜାନ୍ତା ବି ଓଡ଼ିଶାରେ ସାମିଲ ହୋଇଗଲେ । ଏଣେ ସ୍ୱାଧୀନ ଭାରତର ଶାସକମାନେ ବଡ଼ ଧନ୍ଦାରେ ପଡ଼ିଲେ ଯେ ଲୋକସଂଖ୍ୟା ଯେତେ ସେମାନଙ୍କୁ ଖାଦ୍ୟ ଯୋଗାଣ ପାଇଁ ଜମି କମ୍ । ଜଙ୍ଗଲ ସଫାକରି ଜମିହେଲା, ଫସଲରେ ଜନ୍ତୁ ପଡ଼ିଲେ ତାଙ୍କୁ ଶିକାର କରାହେଲା । ମଣିଷର ସୁବିଧା ପାଇଁ ଜନ୍ତୁଜାନ୍ତାଙ୍କୁ ମାରିବାକୁ ଉସ୍କାଇଲେ ସରକାର । ଏଇ କେତେ ବର୍ଷରେ ଜଙ୍ଗଲ ତ ସଫାହେଲା– ତା' ସାଙ୍ଗରେ ନିରୀହ ଜନ୍ତୁ ହରିଣ ସମ୍ବରହେରିକା ଘାସଖିଆ ଜନ୍ତୁ ଶେଷ ହୋଇଗଲେ ପ୍ରାୟ । ତହୁଁ ଏବେ ସରକାର ଶିକାର ବନ୍ଦକରିଦେଲେ– ଯେମିତି ଭଗବାନଙ୍କ ସୃଷ୍ଟିର ଜନ୍ତୁମାନେ କିଛି କିଛି ବଞ୍ଚିରହନ୍ତୁ– ଆମର ବଂଶଧରମାନେ ଦେଖିବେ ହରିଣ ସମ୍ବର କିପ୍ରକାର ଜନ୍ତୁ, ବାଘଟା କିମିତି ଜନ୍ତୁ ।

Digitized by srujanika@gmail.com

ତହୁଁ, ଶିକାର ଗଳ୍ପ ଆଉ ଆଦର ପାଇବନି ବର୍ତ୍ତମାନର ସମାଜରେ । ହେଲେ ମଣିଷ ଜୀବନରେ ଗୋଟେ ସମୟ ଆସେ ଠିକ୍ ଯୁବା ଅବସ୍ଥା ଆଗରୁ– ଦୁଃସାହସିକ କଥା ଶୁଣିବାକୁ କି ପଢ଼ିବାକୁ ଦରକାରପଡ଼େ । ସେଇ ଅବସ୍ଥା ପାଇଁ ଏଇ କେତେଟା ଅଙ୍ଗେ ନିଭାଇବା କଥା ଲେଖିଚି । ବହିଟିକୁ ଶିକାର ଗପ ନ କହି ''ପାରିଧି'' ବୋଲି କହିଲେ ବୋଧହୁଏ ଚଳିବ । ଏଇ ଗପରେ ମୁଁ ମାମୁଁମାନଙ୍କ କଥା ଲେଖିଚି । ଜଣେ ହେଲେ ପୁଲିସର ଶ୍ରୀଯୁକ୍ତ ରାମଚନ୍ଦ୍ର ଦାଶ ଆଇ.ପି.ଏସ. । ସେ ଓଡ଼ିଶା ପୁଲିସର ଆଇ.ଜି. ପଦରୁ ଅବସର ନେଇଥିଲେ ୧୯୫୯ ସାଲରେ । ଆଉ ଯଉ ମାମୁଁ ଥିଲେ ତ୍ରିପୁରା ରାଜ୍ୟର ଛୋଟଲାଟ (ଚିଫ୍ କମିଶନର) ସେ ହେଲେ ଶ୍ରୀଯୁକ୍ତ ନାଗରୀ ମୋହନ ପଟ୍ଟନାୟକ ଆଇ.ଏ.ଏସ. । ସେ ଓଡ଼ିଶାରେ ମାଇନିଂ କର୍‌ପୋରେଶନ୍‌ର ଚେୟାରମେନ୍ ପଦରୁ ଅବସର ନେଇଥିଲେ ।

ମୋତେ ଓଡ଼ିଶାର ଜଙ୍ଗଲ ବିଭାଗ ଗୋଟେ ଛାଡ଼ ଦେଉଥିଲେ ଓଡ଼ିଶାର ସବୁ ଜଙ୍ଗଲରେ ଶିକାର କରିବାପାଇଁ । ସେଥିପାଇଁ ମୋତେ ଖୁବ୍ ସୁବିଧା ହେଉଥିଲା ଜଙ୍ଗଲରେ ବୁଲାବୁଲି କରିବାକୁ ଆଉ ସୁବିଧା ସୁଯୋଗ ଦେଖି ଗୋଟେ ଅଧେ ଜନ୍ତୁ ଶିକାର କରିବାକୁ । ସେଇଥିରୁ କେତେଟା ଅଙ୍ଗେ ନିଭାଇବା କଥା ଲେଖିଚି ପିଲାଙ୍କ ପାଇଁ । ଓଡ଼ିଶା ବାହାର ଜଙ୍ଗଲକୁ ଯାଇନାହିଁ, କେବଳ ତ୍ରିପୁରାକୁ ଯାଇଥିଲି ସେଠି ମାମୁଁ ଛୋଟଲାଟ ଥିଲେ ବୋଲି । ସେଠାର ଅନୁଭୂତି ଆଜିବି ମନେପଡ଼ିଲେ ଖୁସି ଲାଗେ ।

ପାରିଧି ବେଳେ ମାରଣା ହାତୀଟିଏ ଯେବେ ମାଡ଼ିଆସେ ଉପରକୁ– ପାହାଡ଼ଟାଏ ଉପରକୁ ଆସିଗଲା ପରିକା ଲାଗେ । ସେତେବେଳର ରୁମଟାକୁରା ଶିହରଣକୁ ବନେଇ ଚୁନେଇ କହିବା ଭଳି ଭାଷାତ ମୋତେ ଜଣାନାହିଁ– ତହୁଁ ପଢ଼ିବା ଲୋକଙ୍କର ଭାବନା ଉପରେ ସେଇଟା ରହିଲା ।

ଅନନ୍ତ ପ୍ରସାଦ ମହାନ୍ତି

୩ ଜୁନ୍ ୨୦୦୪, କଟକ

Digitized by srujanika@gmail.com

ସୂଚୀପତ୍ର

୧ ।	ଛାମୁଣ୍ଡିଆ ଛୋଟା	୧
୨ ।	ପଥରଖୁମ୍ବ ହାୟକଲା	୬
୩ ।	ଢେଙ୍କାନାଳ କପିଳାସ ରାସ୍ତାରେ ପଞ୍ଝ	୨୦
୪ ।	ବାରଙ୍ଗର ଭାଲୁ	୨୮
୫ ।	ଅଧଘଣ୍ଟିଆ ଶିକାର	୩୪
୬ ।	ଡାଲିଯୋଡ଼ା ବାଘ	୩୭
୭ ।	ତ୍ରିପୁରାରାଜ୍ୟର ହାତୀ	୪୮
୮ ।	ଚନ୍ଦକା ଚଡ଼କ	୬୯
୯ ।	କାକଟପୁରର କାଳ	୮୨
୧୦ ।	ଦୁର୍ଗାପୁର ବଣରେ ଦିନେ	୮୯
୧୧ ।	ବଲଙ୍ଗର ବାଘ	୯୭
୧୨ ।	ପନ୍ତା ଶିକାର	୧୦୬
୧୩ ।	ବାଣୁଆ କିମିତି ହେଲି	୧୧୪
୧୪ ।	କୃଷ୍ଣପୁର ବଣରେ ଓଳିଏ	୧୩୪
୧୫ ।	ଗଛ ଉପରେ ବାଘ	୧୩୯
୧୬ ।	ନଳି କଥା	୧୪୭
୧୭ ।	କଳାହାଣ୍ଡି ବାଟରେ	୧୫୩
୧୮ ।	ପଟିଆର କୁଢାହାତୀ	୧୬୫
୧୯ ।	ଉଷାକୁଠିର ହାତୀ	୧୭୯
୨୦ ।	ଶିକାରୀ ହବାକୁ ମନ	୧୯୩

Digitized by srujanika@gmail.com

ମୋର ଶିକାର ଗପ

Digitized by srujanika@gmail.com

ଛାମୁଣ୍ଡିଆ ଛୋଟା

''ନାଁରେ ବାପା, ଖାଲି ମନକଲେ ମଣିଷ ସବୁକଥାରେ ପାରଙ୍ଗମ ହୋଇପାରେନା– ଅଧ୍ୟବସାୟ ଦରକାର ।''

ବାବୁଲି, ଲିଲି, ଝୁଲୁ ଆଉ ଅନୁ ମୋତେ ଘେରି ବସିଥାନ୍ତି । ମୋର ପିଲାବେଳର କଥା, ମୋର ଚାକିରି କଥା ପଡୁ ପଡୁ ଶିକାର କଥା ପଡ଼ିଲା । ଝୁଲୁ କହିଲା, ତା'ର ସାଙ୍ଗମାନେ ରାତିରେ ଜିପ୍ ଧରି ଯାଆନ୍ତି, ହରିଣ ମାରି ଆଣନ୍ତି । କହୁଁ କହୁଁ ଲିଲି ଲଗେଇଲା ତାକୁ ଶିକାର ଗପ– ଯାହା ଅଙ୍ଗେ ନିଭେଇଚି ସେମିତି କାହାଣୀ କହିବାକୁ ।

କହିଲି, ''ଶୁଣ ତେବେ–''

ଛାଇନିଦଟା ଭାଙ୍ଗିଗଲା ସେମାନଙ୍କ କଥାବାର୍ତ୍ତାରେ । ଆଖିଖୋଲି ଦେଖେ ତ ପାଞ୍ଚଜଣ ଲୋକ ଶିରାଜ୍ ସାଙ୍ଗରେ କଣ କଥାହେଉଛନ୍ତି, ବାରନ୍ଦାତଳକୁ । ମୁଁ ସେଦିନ ସକାଳଟାଯାକ ଜଙ୍ଗଲରେ ବୁଲି ବୁଲି ଫେରିଥାଏ ଦି'ପହର ବେଳକୁ । ମାମୁଙ୍କ ସାଙ୍ଗରେ ଗଣ୍ଡେ ଖାଇସାରି ଦୁହେଁ ବସି ବାରଣ୍ଡାରେ ଗପ କରୁଁ କରୁଁ ନିଦ ଲାଗିଯାଇଥିଲା । ନୀଳମଣି, କୁଶ ଓ ଲବ ସକାଳୁ ଟିକରପଡ଼ା ରାସ୍ତାରେ ଯାଇଥିଲେ, ଫେରିନାହାନ୍ତି । ଆମେ ସେଦିନ ଛାମୁଣ୍ଡିଆ ବଙ୍ଗଳାରେ ଡେରାକରିଥାଉ । ଦୁଇଦିନ ସେଠି ରହି ଶିକାର କରିବାର ଉଦ୍ଦେଶ୍ୟ ଥିଲା । ବରମୂଳଠୁଁ ପ୍ରାୟ ପାଞ୍ଚ ଛଅମାଇଲ ପୂର୍ବକୁ ଛାମୁଣ୍ଡିଆ ବଙ୍ଗଳା । ବରମୂଳଠୁଁ ମହାନଦୀର ଦକ୍ଷିଣ କୂଳରେ ଗୋଟିଏ ସରୁ ରାସ୍ତା ନଦୀ କୂଳେ କୂଳେ ଗଣିଆ ବାଟ ଦେଇ ଖଣ୍ଡପଡ଼ାଆଡ଼େ ଯାଇଚି । ଗଣିଆଠୁଁ ଦକ୍ଷିଣମୁହାଁ ଗଲେ ଦଶପଲ୍ଲା ।

ସେ ଶିକାର କେମ୍ପରେ ଆମେ ଥାଉ ପାଞ୍ଚଜଣ– ମାମୁ, ଲବ, କୁଶ, ନୀଳମଣି ଓ ମୁଁ । ମୁଁ ଆଖିଖୋଲି ଦେଖେ ତ ମାମୁ ବି ପାଖରେ ଆରାମଚୌକିରେ ଶୋଇଯାଇଛନ୍ତି । ଧୀରେ ମୁଁ ଚୌକିରୁ ଉଠି ବାରନ୍ଦାତଳକୁ ଗଲି– ସେ ଲୋକଙ୍କୁ ପଚାରିଲି କଥା କ'ଣ ? ସେମାନେ କହିଲେ ଯେ ତାଙ୍କ ଗାଁର ପିଲା-ମାଇପେ ଦୁଇଦିନ ହବ ନଈକି ପାଣି ପାଇଁ ଯାଇପାରୁନାହାନ୍ତି । ନଈକୂଳରେ ଯେଉଁ ବୁଦୁବୁଦିଆ ଜଙ୍ଗଲଟା ଅଛି ସେଠି ଗୋଟିଏ ପେଣ୍ଡ୍ରା କଲରାପତରିଆ ବାଘ ଦୁଇଦିନ ହେଲା ରହିଚି ଯେ ସେପାଖ ଦେଇ ଯେ ଯାଉଚି ତାକୁ ଗୋଡ଼େଇଆସୁଚି । ଗାଁରେ ତାଙ୍କର କୂଅ ନାହିଁ– ପାଣି ପାଇଁ ସମସ୍ତେ ଏଇ ନଈକୁ ଆଶ୍ରା କରିଚନ୍ତି । ଦୁଇଦିନ ହେଲା ମରଦଲୋକେ ଲାଠିହେରିକା ଧରି ବାଟରେ ଯାଇ

Digitized by srujanika@gmail.com

ଢଗିଲେ, ମାଇପେ ପାଣି ଗରାରେ ଧରି ଆସନ୍ତି । ଏ ବିପଦ କେତେଦିନ ରହିବ ଜଣାନାହିଁ । ଆମକୁ ନେହୁରା ହେବାକୁ ଏଇ ପାଞ୍ଚଜଣଙ୍କୁ ଗାଁବାଲା ପଠେଇଚନ୍ତି– ଯେମିତି ହେଉ ସେ ବାଘଟାର କଥା ବୁଝିବାକୁ । ବହୁତ ପଚାରିବାରେ କହିଲେ ଯେ ଆମେ ସେ ଅଞ୍ଚଳକୁ ଆସିବାର ଦୁଇଦିନ ଆଗରୁ ଗୋଟିଏ ଗାଡ଼ିରେ ଦଳେ ଟୋକା ଆସିଥିଲେ ଶୁକ୍ରବାର ରାତିରେ । ସେଇ ଗାଁ ପାଖ ରାସ୍ତାକଡ଼ରେ କଣ ଗୋଟାଏ ଦେଖିଥିଲେ ଯେ ଢୋ-ଢୋ ନଳି ଫୁଟାଇଥିଲେ । ସେଇଥିରେ ଘାଉଲା ହୋଇ ବାଘଟା ବୋଧହୁଏ ସେ ବୁଦୁବୁଦିଆ ଜଙ୍ଗଲରେ ଆଶ୍ରା ନେଇଚି ।

ଏହିପରି କଥାବାର୍ତ୍ତା ହେଉ ହେଉ ମାମୁ ବି ଉଠିଲେ– ଲବ, କୁଶ ଓ ନୀଳମଣି ବି ଆସି ପହଞ୍ଚିଲେ । ମୁଁ ସମସ୍ତଙ୍କୁ କହିଲି ବାଘ କଥା । କୁଶହେରିକା ଖାଇସାରିଲା ବେଳକୁ ଦିନ ତିନିଟା ବାଜିଲା । ଆମେସବୁ ବାହାରିଲୁ ମାଇଲିଏ ଦୂରର ସେଇ ଗାଁପାଖ ଜଙ୍ଗଲକୁ ବାଘ ମାରିବାକୁ ।

ଛାମୁଣ୍ଡିଆ ବଙ୍ଗଳାରୁ ବାହାରିଲେ ଗୋଟିଏ ମାଟିରାସ୍ତା ପୂର୍ବକୁ ଯାଇଛି ଗଣିଆ ଆଡ଼େ । ସେହି ରାସ୍ତାରେ ଦେଢ଼ମାଇଲ ଗଲେ ଏଇ ଗାଁ– ସଡ଼କରୁ ଟିକେ ଛାଡ଼ିକି ନଈକତା ଉପରେ । ସେଇ ନଈକତାଟା ଲଟିବୁଦାରେ ଢାଙ୍କିଯାଇଥାଏ– ମଝିରେ ସରୁ ରାସ୍ତା ଅଙ୍କାବଙ୍କା ହେଇ ଗାଁଆଡ଼େ ଯାଇଚି । ସେଇ ରାସ୍ତାର ଦୁଇପାଖରେ ବଇଁଚକୋଳି ଲଟା ଖୁବ୍ ଘଞ୍ଚ ହୋଇ କୋଡ଼ିଏ ପଚିଶ ଏକର ଜମି ମାଡ଼ିବସିଥାଏ । ତା'ରି ଭିତରେ ସେ କଲରାପତରିଆ ବାଘଟା ଦୁଇଦିନ ହେଲା ରହିଥାଏ । ଆମେ ବଇଁଚ ବଣଠି ପହଞ୍ଚି ଚାରିପାଖ ଘେରାଏ ବୁଲିଲୁ । ସେ ଲଟିର ପତର ଗହଳି ଭିତର ଦେଇ ଖରା କ'ଣ, ପବନ ବି ବୋଧହୁଏ ଯାଇପାରୁ ନଥିବ– ଆଉ ବଇଁଚକଣ୍ଟାର ଡରରେ ମଣିଷ କଣ, ବିରାଡ଼ି ପିଲାଟିଏ ବି ପଶିବାକୁ ଦି'ଥର ଭାବୁଥିବ । ସେ ବାଘ ପ୍ରାଣ ଭୟରେ ସିନା ପଶିଚି– ଘାଉଲା ହେଲା ପରେ ।

ମାମୁଙ୍କର କଥା ମାନି ଆମେସବୁ ଧାଡ଼ିବାନ୍ଧି ସଡ଼କ କାନିଠେଇଁ ଠିଆହେଲୁ– ବନ୍ଧୁକରେ ଟୋଟା ପୂରେଇ । ଆର ପାଖରୁ ଗାଁର ଦଶଜଣ ଟୋକା ଟିଣ, କାଠ ଓ ଢୋଲରେ ଢୋ-ଢୋ ଡପ୍ ଶବ୍ଦକରି ସେ ବଇଁଚ ବଣକୁ ପନ୍ତା କରିବାର କଥା ହେଲା । ଗାଁଲୋକେ ଢେର୍ ଜମା ହେଲେ– ଡପ୍-ଡପ୍ ଶବ୍ଦରେ ସେ ବଣ ଉଠିଲା ପଡ଼ିଲା । ହୋ-ହୋ କରି ପିଲାଏ, ଟୋକାଏ ବଇଁଚ ବଣର କରରେ ଗଛବୁଦାକୁ ବଡ଼ ବଡ଼ ପଥର ପକେଇଲେ । ଦଶ ପନ୍ଦର ମିନିଟ୍ ଏହିପରି ହଲ୍ଲା କରାଗଲା, ହେଲେ ବାଘର ଦେଖାମିଳିଲାନି କି ସେ ବାଘଟା ଟୁଁ ଟାଁ ବି ଶବ୍ଦ କଲାନି । ଗାଁଲୋକେ ସବୁ ବଣ ବାହାରେ ରହି ଏହିପରି ଚେଷ୍ଟା କରୁଥାନ୍ତି ବାଘଟାକୁ ଆମ ଆଡ଼କୁ ତଡ଼ିବାକୁ । ଯେତେବେଳେ ବାଘର କିଛି ସୁରାକ ନମିଳିଲା ଆମେ ଭାବିଲୁ ମିଛୁଟାରେ ବେହେରାପୁଅ ଆମକୁ ସେଠିକି ଡାକିଆଣିଲା । ତାକୁ ଡାକି ବହେ ପାଟିକଲେ ମାମୁ । ସେ ତ ହଲପ ମାରି କହିଲା ଯେ ସେ ନିଜେ ଦେଖିଚି ବାଘଟା ସେ ବଇଁଚ ଲଟି ଭିତରେ ଅଛି । ବାଘ ନଥିବାର ପ୍ରମାଣ ହେଲେ ସେ ତା ପୁଅମୁଣ୍ଡ ଖାଇବ ।

Digitized by srujanika@gmail.com

ପୁଅରାଣ ପକାଇଲାରୁ ଆମେ ତା କଥା ସତ ମଣିଲୁ । ବଇଁଚ ଲଟିରେ ତ ପନ୍ତାଳିଆ ପଶିପାରିଲେନି– ବାହାରୁ ପାଟିତୁଣ୍ଡ କଲେ ଘାଉଲା ବାଘ ଚୁପ୍‌ଚାପ୍ ଘାଲେଇପଡ଼ି ରହୁଚି । କ'ଣ କରାଯାଏ ? ଗାଁରୁ ଦି'ହଳ ମଇଁଷି ଧରିଆଣିଲା ମହନୀ । ସେ ମଇଁଷିସବୁ ଦୁଇଗଜ ଖଣ୍ଡେ ସେ କଣ୍ଟାରେ ପଶିଲେ; ଆଉ ପାରିଲେନାହିଁ– ହେଲେ ମୁଣ୍ଡ ତଳକୁ କରି, କାନ ଠିଆକରି, ଲାଞ୍ଜ ସିଧାକରି ସେ ଲଟି ତଳକୁ ଏକ ଧ୍ୟାନରେ ଅନେଇଥା'ନ୍ତି, ଆଉ ଆଗ ଗୋଡ଼ ଖୁରାକୁ ମାଟିରେ ଠପ୍ ଠପ୍ କରି ମାଟି ଉଖାରୁଥା'ନ୍ତି । ଏହା ଦେଖି ମୋର ବିଶ୍ୱାସ ହେଲା ଯେ ବାଘ ନିଶ୍ଚୟ ସେଠି ଅଛି । ମଇଁଷିମାନଙ୍କର ଏଇପରି ହାବଭାବ ଦେଖି କି କଣ, ଭିତରୁ ଗର୍ ଗର୍ ଶବ୍ଦ ଶୁଭିଲା । ଶୁଣିଲି ଯେପରି, ଦୌଡ଼ିଲି ସେପଟରେ ରାସ୍ତାକାନିରେ ମାମୁହେରିକାଙ୍କୁ କହିବାକୁ ଯେ ବାଘଟା ସେ ବଣରେ ଅଛି । ମାମୁ କହିଲେ– କି ବିପଦ ! ତାକୁ ମାରିବା କେମିତି ? ବାହାରକୁ ତ ବାହାରୁନି ବାଘ– ତା ଭିତରକୁ ପଶିବାର ଯୁ ନାହିଁ । ଏଣେ ଗାଁବାଲା କ'ଣ ଭାବିବେ ? ମାମୁ ପରା ସେ ଜିଲ୍ଲାର ପୁଲିସ ସାହେବ– ସେ ଯଦି ଗାଁବାଲାଙ୍କୁ ଏ ବିପଦରୁ ରକ୍ଷା ନକଲେ ତେବେ ଚୋରଡାକୁଙ୍କ ଦାଉରୁ କ'ଣ ରଖିପାରିବେ ?

ମୋର ତ ସେତେବେଳେ ଟୋକା ବେଳ । ହାଲରେ ଯୁଦ୍ଧରୁ ଫେରି ଓଡ଼ିଶା ସରକାରଙ୍କ ଚାକିରିରେ ଭର୍ତ୍ତିହୋଇଥାଏ । ଦେହର ରକ୍ତ ଗରମ, ମୁଣ୍ଡରେ ବିପଦ-ଆପଦର କିଛି ଶଙ୍କା ପଶୁନଥାଏ । କହିଲି, "ମାମୁ, ମୁଁ ଯାଉଛି ବାଘ ପାଖକୁ । ସେ ଯଦି ଆମ ପାଖକୁ ନଆସୁଚି– ଆମକୁ ଯିବାକୁ ହବ ତା' ପାଖକୁ । ମହମ୍ମଦ କ'ଣ ପର୍ବତ ପାଖକୁ ଯାଇଥିଲେ ପରା ?"

ମାମୁ ତ ଆଖିତରାଟି କହିଲେ– ନା-ନା, ସେକଥା ହବନି– ପିଲାଲୋକ, ସେ ପୁଣି ବଇଁଚ କଣ୍ଟା, ମଇଁଷିପରିକା ଜନ୍ତୁ ତା' ଭିତରେ ପଶୁନାହାନ୍ତି; ସେ ଭିତରକୁ ମୋର ପଶିବା କଥା ତ ହବନି । ତା' ଛଡ଼ା ଘାଉଲା ବାଘ ପାଖକୁ କିଏ ବୁଦ୍ଧିଆଲୋକ ଯାଏ ? ଆହୁରି ସେ ଲଟି ଭିତରେ ଖରା ପବନ ପଶୁନି ଯେ ଲଟିଗହଳିଟା ଅନ୍ଧାର ହୋଇଛି । ମଣଷ ଆଖିକି କିଛି ଦିଶିବନି । ବାଘର ତ ଅଭ୍ୟାସ ଅନ୍ଧାରରେ, ଖୁବ୍ କମ୍ ଆଲୁଅରେ ଦେଖିବା । ନା, ନା, ସେକଥା ହବନି । ଏମିତି ନାସ୍ତିବାଣୀ ଶୁଣି ମୁଁ ବି ତ ଟିକେ ଡରିଗଲି ।

ହେଲେ ଗାଁର ଲୋକେ ଜମିଯାଇଥାନ୍ତି ଆମ ପାଖରେ । ଆମକୁ ଅନାଇ ଚୁପ୍‌ଚାପ୍ କଥା ହଉଥାନ୍ତି । ମୁଁ ଭାବିଲି ଶିକାରୀ ବୋଲି ନଳିଟିମାନ ଧରି ବଣକୁ ଆସିଚେ – ଏଇ ଗାଉଁଲି ଲୋକଙ୍କ ନଜରରେ ମାନ ଆମର ମହାନଦୀ ପାଣିରେ ଭାସିଯିବ ? ଖୁବ୍ ହଲପ୍ ମାରି କହିଲି ଯେ ଗଲା ଯୁଦ୍ଧର ଅଭ୍ୟାସରେ ମୁଁ ଲଟି କଣ୍ଟାତଳେ ଗୁରୁଣ୍ଡି, ଗୁରୁଣ୍ଡି, ପେଟେଇ ପେଟେଇ ମାଇଲିଏ ବାଟ ଯାଇପାରିବି– ଆଉ ଶୋଇକି ବି ମୁଁ ବନ୍ଧୁକ ଚଳେଇପାରିବି ଲାଖ କରି– କିଛି ଭାବନା କରିବାର ନାହିଁ । ତା'ପର ସେତେବେଳକୁ ପାଞ୍ଚଟା ବାଜିଲାଣି, ଟିକେ ପରେ ରାତିହେବ । ଘାଉଲା ବାଘ ଯଦି ମଣିଷ କାହାକୁ ଧରେ ସେ ମଣିଷର ଖୁଣ୍ ଆମରି ହାତରେ ଲାଗିବନି କି ?

Digitized by srujanika@gmail.com

ସେଇଠୁଁ ଠିକ୍ ହେଲା ଯେ ସେଇ ଲଟିର ଉତ୍ତର ପଟେ ନଈକତା ଉପରେ ଗାଁ ଲୋକେ ମଇଁଷି ଧରି ଲଟି କାଛରେ ପାଟି ତୁଣ୍ଡ କରୁଥିବେ– ଆଉ ମୁଁ ଏପଟୁ (ସଡ଼କ ପଟୁ) ଗୁରୁଣ୍ଡି ଗୁରୁଣ୍ଡି ଲଟିରେ ପଶିବି ଧୀରେ ଧୀରେ, ବାଘ ଯେଉଁଠି ଶୋଇଚି ତା'ରି ପାଖକୁ – ଦେଖିଲାମାତ୍ରକେ ନଳି ଫୁଟାଇବି । ମୁଁ ମୋର ରାଇଫଲ୍‌ଟା ନୀଳମଣି ହାତକୁ ଦେଲି; ଆଉ ତା'ର ବାରଗଜ୍‌ର ଦୁଇନଳିଆ ବନ୍ଧୁକକୁ ନେଲି । ସେ ବନ୍ଧୁକଟା ବିଲାତରୁ ମଗେଇଥିଲା, ନଳି ଛବିଶ ଇଞ୍ଚ ଆଉ ଦୁଇଟାଯାକ ଚୋକ୍ ବେରେଲ୍ । ସେଥିରେ ଛର୍‌ରା ଦୂରକୁ ମାରିହେବ– ଆଉ ଇଜେକ୍‌ଟାରବାଲା ବନ୍ଧୁକ, ଜଲ୍‌ଦି ଟୋଟା ପୂରାଇହବ । ସେଇ ଦୁଇନଳିଆ ବନ୍ଧୁକରେ ଦୁଇଟା ଚାରିନମ୍ବର ଛର୍‌ରା ପୂରାଇଲି । ଆଉ ଦୁଇଟା କାର୍ତୁସ୍– ସେଇ ଚାରିନମ୍ବର ଆଲଫାମାକ୍ସ ପକେଟରେ ପୂରାଇଲି ଓ ଗୁରୁଣ୍ଡି ଗୁରୁଣ୍ଡି ଲଟିରେ ପଶିଲି । ବୁଦା ତଳଟା ମାଟିକୁ ଲାଗି ଚାଖଣ୍ଡେ ଖଣ୍ଡେ ପ୍ରାୟ ପତର ଗହଳି ଜମା ନଥାଏ । କଣ୍ଟାଖୁଞ୍ଚା ବି କାଁ ଭାଁ, ବେଶି ନଥାଏ । ପେଟେଇ ପେଟେଇ ଫୁଟେ ଦୁଇଫୁଟ ଗଲି ଲଟି ଭିତରକୁ । ସେଠି ଏତେ ବେଶି ଅନ୍ଧାର ନଥାଏ । ଦଶ ବାରଗଜ ଦୂରକୁ ଦିଶୁଥାଏ ଭଲ ରକମ । ଏଇପରିକା ପେଟେଇକି ଦୁଇଗଜ ଯାଏ; ସେଇଠି ଚୁପ୍‌ଚାପ୍ ରହିକି ସବୁ ବୁଦାମୂଳକୁ ନିରିଖି ଅନାଏ ପାଞ୍ଚ ମିନିଟ ଯାକେ – ବାଘର ସୋର୍‌ଶବ୍ଦ ନାହିଁ । ଫେର୍ ଯାଏ ପାଞ୍ଚଗଜ; ବୁଦା ଆଡ଼େଇ ଆଡ଼େଇ ଫେର୍ ଦେଖେ– ଏହିପରି ଛଅ ଦଫା ହେଲା ପରେ ଆଗର ଅନ୍ଧାରୁଆ ଲଟିତଳୁ ଗର୍‌ର ଗର୍‌ର ଶବ୍ଦ ହେଲା । ଏବେ ବାଘର ଠାବ ହେଲା । ସେଇ ଦିଗରେ ଫେର୍ ଗଜେ ଗଲି– ଦେଖିପାରିଲିନି କିଛି । ଗର୍‌ର ଗର୍‌ର ଶବ୍ଦ ଟିକେ ବେଶି ଜୋର୍ ହେଲା । ଦଣ୍ଡେ ରହି ଦମ୍ ନେଲି, ଫେର୍ ଗଜେ ଆଗେଇଲି । ସେତେବେଳକୁ ବନ୍ଧୁକର ନଳିମୁହଁ ସାମନାକୁ କରି ରଖିଥାଏ, ଆଉ ଘୋଡ଼ା ଉପରେ ଆଙ୍ଗୁଠି ଥାଏ । ଗର୍‌ର ଗର୍‌ର ଶବ୍ଦ ଏବେ ଘର୍‌ରର .... ହେଲାଣି, ସ୍ୱର ଯାଇ ପଞ୍ଚମରେ ଉଠିଲାଣି । ମୋତେ ଦିଶିଲା କୋଡ଼ିଏ ଗଜ ଦୂର ହବ ଗୋଟିଏ ବାଉଁଶବୁଦା ଭିତରେ ବାଘର କାନ ଦୁଇଟା । ଏତେ ଦୂରରୁ ମାରିଲେ ଛର୍‌ରାରେ ବାଘ ମରିବନି । ସେଇଠି ରହି ମୁଁ ବି ହୋ-ହୋ ପାଟିକରି ବାଘ ମୋତେ ଗୋଡ଼େଇ ଆସିବାକୁ ଡାକିଲି– ହେଲେ ସେ ବାଘ ସେଇ ବାଉଁଶ ଉହାଡ଼ରେ ରହି ଘର୍‌ର ଘର୍‌ର୍ କରୁଥାଏ – ଆଉ ବାହାରିଲାନି ।

ସେତେବେଳକୁ ମୋର କହୁଣିରୁ ରକ୍ତ ବୋହିଲାଣି । ମାଟିରେ ପେଟେଇ ପେଟେଇ କହୁଣିରେ ଭରା ଦେଇ ପଚାଶ ଗଜ ଗୁରୁଣ୍ଡି ସାରିଲିଣି । ବନ୍ଧୁକ ନଳିମୁହଁରେ କାଳେ ମାଟି କି କାଠିକୁଟା ପତର ପଶିବ– ଗୁଳି ଫୁଟିଲାବେଳେ ନଳି ଫାଟିଯିବ– ଏଇ ଭୟରେ ନଳିମୁହଁକୁ ସମ୍ଭାଳି ହୁସିଆର୍‌ରେ ଆଗେଇବାକୁ ହେଲା । କହୁଣିରେ ବେଶି ଭାର ହେଲାରୁ ସେ ମାଟି ଗୋଡ଼ି କଣ୍ଟା ଲାଗି ଦୁଇଟିଯାକ କହୁଣିରୁ ରକ୍ତବୋହୁଥାଏ । ଏଣେ ସଞ୍ଜ ହୋଇଆସୁଛି – ଜଲ୍‌ଦି କାମ ଶେଷ ନକଲେ ଅନ୍ଧାରରେ ବାଘମୁହଁରୁ ବର୍ତ୍ତି ସେ ଲଟିରୁ ବାହାରିପାରିବା ସମ୍ଭବ ନୁହେଁ । ଆଉ ଦୁଇଗଜ ବାଟ ଆଗେଇଲି, ଖଣ୍ଡେ ପଥର ଧରି

Digitized by srujanika@gmail.com

ବାଘ ଉପରକୁ ଯେମିତି ପକେଇ ଦେଇଚି– ଉହୁଁକି ଆଇଲା ତ ବାଘ; ଆଖିପିଛୁଳାକେ ଆସି ମୋ ମୁଣ୍ଡ ଉପରେ । ବନ୍ଧୁକର ଦୁଇଟାଯାକ ଘୋଡ଼ା ଟିପିଚି– ଢୋ-ଢୋ ଦୁଇଟା ଶବ୍ଦ ଏକାଠି ହେଲାପରିକା ହେଲା । ବାଘର ରକ୍ତରେ ମୋର ମୁଣ୍ଡବାଳ ଆଉ କାନ୍ଧ ପାଖର ଜାମା ଓଦାହେଇଗଲା । ବାଘଟା ମୋତେ ଛୁଇଁକି ପଡ଼ିଲା, କାଠପରିକା ନିଥର ।

ବାହାରୁ ମାମୁ ପାଟିକଲେ ''ଅନନ୍ତ ! କ'ଣ ହେଲା ଜବାବ ଦିଅ ।'' .... ମୁଁ ଟିକେ ରହିଗଲି ଚୁପ୍ କରି । ବାହାରେ ସମସ୍ତେ ବଡ଼ ବ୍ୟସ୍ତ ହୋଇପଡ଼ିଲେ ବୋଧହୁଏ । ପାଟିତୁଣ୍ଡ ଖୁବ୍ ହେଲା । ଜଣେ ଦୁଇଜଣ କିନାରାର ଗଛବୁଦାକୁ ହାଣିପକେଇଲେ । ସେଇଠୁ ମୁଁ ବଡ଼ପାଟି କରି କହିଲି ଯେ ବାଘ ମରିଚି ।

କଷ୍ଟେମଷ୍ଟେ ସେ କଲରାପତରିଆ ବାଘର ଲାସକୁ ଲଟିରୁ ବାହାରକଲୁ । ସେ ବାଘର ଚମଡ଼ା ପରୀକ୍ଷା କରି ଦେଖିଲୁ ଯେ ତାର ପେଟ ପାଖର ଚମଡ଼ା ଛିଡ଼ି ଘା'ଟିଏ ଆଉ ପଛର ଡାହାଣ ଗୋଡ଼ରେ ବି ଦୁଇଜାଗାରେ ସେମିତି ଘା– ଦୁଇ ତିନିଦିନ ଆଗରୁ ଖଣ୍ଡିଆ ହୋଇଥିଲା ବୋଧହୁଏ । ଛୋଟା ହୋଇ ଘନ ଜଙ୍ଗଲରେ ତା'ର ଡେରାକୁ ଫେରିପାରିନି– ଏଇଠି ରହି ଘା'କୁ ଚାଟି ଚାଟି ଭଲକରିବାର ଚେଷ୍ଟା କରୁଥିଲା ।

ସେ ଗାଁର ଲୋକେ ସେଦିନ ଭାରି ଖୁସି ହୋଇ ଆମକୁ ବଣରେ ଘାଟି ଜାଗାମାନ ଦେଖେଇଦେବାକୁ ରାଜି ହେଲେ .... ଆମ ଶିକାର ପାଇଁ ।

Digitized by srujanika@gmail.com

ପଥରଖୁମ୍ବ ହାୟକଲା

ମେଁ ମାସର ଉଦୁଉଦିଆ ଦିପହର । ମୁଣ୍ଡଫଟା ଖରା ଗାଁଗଣ୍ଡା, ବନ୍ଧପୋଖରୀ, ପଡ଼ିଆ, ଗଡ଼ିଆ, ବିଲବାଡ଼ି ଉପରେ ଧୁ ଧୁ ବରଷୁଥାଏ । ଆଗର ଆମ୍ବଗଛର ଡାଳେ ଡାଳେ ଝିଙ୍କାରି ପୋକସବୁ– କାହାଣେ ଖଣ୍ଡେ ହବ ପରା– ତାଙ୍କର ଡେଣା ସବୁ ଘଷୁଥାନ୍ତି ଯେ, ବଡ଼ ଟାଣ ଶବ୍ଦ ଟାଏଁ ଟାଏଁ ହେଇ କାନଅତଡ଼ା କରୁଥାଏ । ସାମନାର ସ୍କୁଲଘରେ ସକାଳୁଆ ପଢ଼ା ଶେଷ ହେଲାରୁ ଢଂ ଢଂ ଘଣ୍ଟା ବାଜିଲା । ବର୍ଷାଦିନେ ଝିଡ଼ିପୋକ ଯେମିତି ହୁଙ୍କା ବିଲରୁ ବାହାରନ୍ତି ପିଲାମାନେ ସେମିତି ସ୍କୁଲଘରୁ ବାହାରି ଦୌଡ଼ିଲେ– କିଏ ନିଜ ଘରମୁହାଁ ତ କିଏ ପାଖର ପୋଖରୀ ହୁଡ଼ାକୁ । ମୁଁ ଦେହରୁ ଜାମାଟା କାଢ଼ି ଖାଲି ଦେହରେ ପୁଲିସ ଫାଣ୍ଡିର ବାରନ୍ଦାରେ ବସିଥାଏ– କାଳେ ଟିକେ ପବନ ହେବ ଆଶାରେ ।

ତୁମସିଙ୍ଗା ଗାଁର ଗୋଟିଏ ମୁଣ୍ଡରେ ଫାଣ୍ଡିଘର– ଝାଟିମାଟିରେ ତିଆରି । ଦେଢ଼ହାତ ଓସାରର ବାରନ୍ଦା ଯେ ଖରାର ଧାସ ଦିହରେ ଲାଗୁଥାଏ । ଜଣେ ବୁଢ଼ା, ଅଣ୍ଟାରେ ତାର କେବଳ ଗୋଟିଏ ଛୋଟ ଲୁଗା, ସାରା ଦେହଟା ଖରାରେ ଚିକ୍ ଚିକ୍ ଦିଶୁଥାଏ । ସେଇ ଖରାରେ ଦାଣ୍ଡ ଗୋହିରିରେ ଆସି ଫାଣ୍ଡିର ବାରନ୍ଦାକୁ ଉଠିଲା– ମୋ ପାଖରେ ଆସି ବସିଲା । ଦଣ୍ଡେ ଦମ୍ ନେଇ– ଅଣ୍ଟିରୁ ଶାଳପତର ପୁଡ଼ିଆଟିଏ କାଢ଼ିଲା– ପତର ଖୋଲି ଟିପେ ଦୋକତା ନେଇ ଡାହାଣ କଳରେ ଗୁଞ୍ଜିଦେଲା । ଟିକେ ରହି ମେଞ୍ଚେ ପିକ ପକାଇଦେଲା । ତା'ପରେ ମୋ ମୁହଁକୁ ଚାହିଁ କହିଲା, ''ବାବୁ, ବଦମାସ୍ ହାତୀ ମୁହଁରେ ରଘୁଆଟା ବଡ଼ କଲବଲ ହୋଇ ମଲା ।'' ରହି ରହି ଫେର୍ କହିଲା, ''ଏଇ ଯେଉଁ ମୁଣ୍ଡିଆଟା ଆଗରେ ଦେଖୁଚ ନା ବାବୁ, ସେଇ ମୁଣ୍ଡିଆର ପଶ୍ଚିମକୁ ଓ ସେଇ ଯେଉଁ ଆମ୍ବତୋଟା ଦେଖୁଚ, ତା'ରି ପାଖରେ ଶଗଡ଼ଗୁଳା । ସେଇ ଶଗଡ଼ଗୁଳାରେ ଖଣ୍ଡେ ବାଟ ଗଲେ ଗୋଟିଏ ବରଗଛ, ସେଇଠି ରଘୁଆ ମଲା ।''

ତା'ର ଗାଉଁଲି ଭାଷାରେ ସେ କହିଚାଲିଥାଏ । ଗଲା ଛବିଶ ଏପ୍ରିଲ ଦିନ ବଡ଼ିଭୋରରୁ ଉଠି ରଘୁଆ, ବାସୁଆ ଓ କୁନା ସାଙ୍ଗହୋଇ ଏଇ ଆଗ ଜଙ୍ଗଲକୁ ଯାଇଥିଲେ, ଟୋଲ ମଞ୍ଜି ଆଉ ଝାଟି ପାଇଁ । ସେଇ ଯେଉଁ ସାନ ପାହାଡ଼ଟା ଦେଖାଯାଉଛି, ତାରି ପଶ୍ଚିମପଟକୁ ଗୋଟିଏ ସରୁ ଶଗଡ଼ ରାସ୍ତା ଅଛି । ସେଇ ରାସ୍ତା କଡ଼େ କଡ଼େ ତିନିଜଣଯାକ ଯାଉଥିଲେ ।

Digitized by srujanika@gmail.com

ସେଇ ଯେଉଁ ବରଗଛଟା ଅଛି ବାଙ୍କ ଉପରେ, ତାରି ପାଖରେ ପହଞ୍ଚିଲା ବେଳକୁ ରଘୁଆ ଆଗରେ ଥିଲା । ହଠାତ୍ ଲମ୍ବା ସାପପରିକା ଶୁଣ୍ଢଟା ଗଛ ଗହଳିରୁ ଖସିଆସିଲା ରଘୁଆ ଉପରକୁ । ଅଣ୍ଟା ପାଖରେ ଗୁରେଇ ହୋଇଗଲା । ରଘୁଆ ଛାନିଆ ହୋଇ ଏଡ଼େ ପାଟିକଲା, ''ମରିଗଲି ଲୋ !! ହାତୀ ଖାଇଗଲା ରେ ବାସୁଆ !!

କୁନା ଧାଇଁଲା ଗାଁକୁ । ବାସୁଆ ଯାଇଁ ଖଣ୍ଡେ ଦୂରରେ କରଞ୍ଜ ଗଛ ଉହାଡ଼ରେ ରହି ଦେଖୁଥାଏ । ହାତୀର ବାଁ ପାଖ ଦାନ୍ତଟା ଅଧାରୁ ଭାଙ୍ଗିଯାଇଛି, ଆଉ ଡାହାଣ ପାଖର ଦାନ୍ତଟା ଥୁଣ୍ଟା । ମୁଣ୍ଡରେ ଧଳା ଛଉ ଝୋଟିଦେଲାପରିକା ହୋଇଥାଏ । ରଘୁଆକୁ ଥରେ ଦିଥର ଏପାଖ ସେପାଖ ଝୁଲେଇ, ତଳେ କଚିଦେଇ, ହାତୀଟା ଜଙ୍ଗଲମୁହାଁ ହୋଇ ପଳେଇଲା ।

ବାସୁଆ ଧୀରେ ଧୀରେ ଆସି ରଘୁଆକୁ ଉଠେଇବାର ଚେଷ୍ଟାକଲା । ରଘୁଆକୁ ଖୁବ୍ କଷ୍ଟ ହେଲା । ସେ ମନାକଲା ତାକୁ ହଲଚଲ କରିବାକୁ । ବାସୁଆ ବସିପଡ଼ି ରଘୁଆର ମୁଣ୍ଡକୁ ତା ଜଙ୍ଘରେ ରଖି ଆସ୍ତେ ଆସ୍ତେ ତା ଦେହ ଆଉଁସୁଥାଏ ।

ଏଣେ କୁନା ଗାଁ ମୁଣ୍ଡରେ ପହଞ୍ଚି ରଡ଼ିଛାଡ଼ିଲା ଯେ, ''ରଘୁଆକୁ ହାତୀ ମାରିପକେଇଲା ହୋ, ଧାଇଁଆସ ।'' ଏତକ କହିଛି କି ନାହିଁ ତା'ର ଚେତା ବୁଡ଼ିଗଲା । ରଘୁଆପୁଅ ତା ଘର ବାରିପଟେ କାଠ ହାଣୁଥାଏ । କୁନାର ଡାକରା ଶୁଣି, ସେ ବି ରଡ଼ି ଛାଡ଼ିଲା, ''ବାପାକୁ ହାତୀ ମାରିପକେଇଲା ଲୋ ।'' ପାଟି କରି କରି ବାରଣ୍ଡାରୁ କୁଞ୍ଜାରେ ପାଣି ଧରି ଧାଇଁଲା ତା ବାପା ପାଖକୁ । ସେ ରଘୁଆ ପାଖରେ ପହଞ୍ଚି, ମୁହଁରେ ମୁନ୍ଦିଏ ପାଣି ଦେଉ ଦେଉ ରଘୁଆ ମରିଗଲା ।

''ଏଇ ବଦମାସ୍ ଖଣ୍ଡିଆ ଦନ୍ତାକୁ ମାରିଦିଅ ବାବୁ ! ତା ଡରରେ ଆମେ ଆଉ ଘରୁ ବାହାରିପାରୁନୁ ।'' ବୁଢ଼ା ବଡ଼ କାକୁତିମିନତି ହୋଇ ବିକଳରେ କହିଗଲା ମୋ ଆଗରେ । ପୁଣି ଟିକିଏ ନିଶ୍ୱାସମାରି କହିଲା ଯେ, ସେ ଯେମିତି ଥାନାବାବୁଙ୍କଠାରୁ ଶୁଣିଲା କଟକରୁ ବାବୁ ଆସିଛନ୍ତି ହାତୀ ମାରିବାକୁ, ସେ ଗାଁର ଦଶଜଣ ଭେଣ୍ଡିଆଙ୍କୁ ଜଙ୍ଗଲକୁ ପଠେଇଛି ସେ ଖଣ୍ଡିଆ ଦନ୍ତାର ଓର ନେବାକୁ । ସେମାନେ ତାକୁ ଠାବକରି ଫେରିଲେ ତମେ ବାବୁ, ତାକୁ ମାରିଦିଅ ।

ସେତେବେଳକୁ ଗାଁର ବହୁତଲୋକ ଆସି ଜମିଯାଇଥାନ୍ତି ଆମ୍ବଗଛ ତଳେ । ଭେଣ୍ଡିଆ ଭେଣ୍ଡିଆ ସାତ ଆଠଜଣ ଟୋକା ମୋ ଚାରିପଟେ ଘେରିଯାଇଥାନ୍ତି । ତା ଭିତରୁ ଦଳେଇ ହଲପଦେଇ କହିଲା, ''ଆଜି ଛାଇନେଉଟାବେଳ ଆଗରୁ ହାତୀ ମାଡ଼ ଖାଇବ ବାବୁ ! ଏଇଠି ତ ଥିବ, ଯିବ ଆଉ କୁଆଡ଼େ ? ଏଇ ଯେଉଁ ପାହାଡ଼ମାଳଟା ଦେଖୁଛ, ସେଇଠି ଚାରିଟା ଖୋଲ ଅଛି – ବାକି ଜଙ୍ଗଲଟାଯାକ ତ ପଦା । ଛାଇ କେବଳ ସେଇ ଖୋଲଠି । ଏଇ ଖରାରେ 'ଭଙ୍ଗାଦାନ୍ତିଆ' ସେଇ ଖୋଲଠି ବରଗଛ ତଳେ ତ ଦୋହଲୁଥିବ ।'' ମଲିକ ବାହାରିପଡ଼ି କହିଲା, ''ହଁ ବାବୁ ! ମୁଁ ତ ଭଙ୍ଗାଦାନ୍ତିଆକୁ କାଲି କଦଳୀଖୋଲଠି ଦେଖିଥିଲି ।''

Digitized by srujanika@gmail.com

ଏମିତି କଥା ହେଉ ହେଉ ଚାରିଟା ବାଜିଗଲା । ଯେଉଁ ଭେଣ୍ଡିଆମାନେ ଯାଇଥିଲେ ହାତୀର ଓର ନେବାକୁ, ସମସ୍ତେ ଗୋଟି ଗୋଟି ହୋଇ ଫେରିଲେ । ସେମାନଙ୍କଠୁଁ ଯାହା ଖବର ମିଳିଲା, ଖୁବ୍ ସମ୍ଭବ ଭଙ୍ଗାଦାନ୍ତିଆ ଖଜୁରିଖୋଲରେ ଅଛି । ବିଚାରରେ ଠିକ୍ ହେଲା ଯେ, କଦଳୀପାଳ ଫରେଷ୍ଟ ଗାର୍ଡ଼ର ଘର ନିକଟକୁ ଆମର ଆସ୍ଥାନ ଉଠେଇନେବା ନିହାତି ଦରକାର, କାରଣ ସେଇଠୁ ଖଜୁରିଖୋଲଟା ପାଖ । ସୁନ୍ଦରା ବ୍ଲକ୍ ପାହାଡ଼ମାଳାର ପଶ୍ଚିମ ପଟକୁ କେବଳ ଚାରିଟା ଖୋଲ, କଦଳୀପାଳ ଫରେଷ୍ଟ ବିଟ୍ ଘରଠୁଁ ସବୁ ଖୋଲକୁ ପାଖ ବାଟ, ଏଇ କୋଶେ କି ଦି'କୋଶ ହେବ ।

ତୁମସିଙ୍ଗା ଗାଁଟା ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରୁ ପ୍ରାୟ ଦଶ କିଲୋମିଟର ହେବ, ରାସ୍ତାରେ ପ୍ରାୟ ଚାରି କିଲୋମିଟର ଯାଏ ମୁରୁମ୍ ପଡ଼ିଛି । ସେଇଠି କଦଳୀପାଳ ଫରେଷ୍ଟ ଗାର୍ଡ଼ର ବିଟ୍ ଘର । ସେଠୁ ତୁମସିଙ୍ଗା ଫାଣ୍ଡି ପ୍ରାୟ ଛଅ କିଲୋମିଟର ହେବ । ଶୁଖିଲା ପାଗରେ ସେ ରାସ୍ତାରେ କେବଳ ଜିପ୍ ଯାଇପାରିବ ।

ସେଦିନ ଢେଙ୍କାନାଳ ଡି.ଏସ୍.ପି. କଣ ଗୋଟାଏ ତଦନ୍ତ କାମରେ ତୁମସିଙ୍ଗା ଫାଣ୍ଡିକୁ ଆସିଥିଲେ ଜିପ୍‌ରେ । ତାଙ୍କ ସାଙ୍ଗରେ ମୁଁ ବି ଯାଇଥାଏ ଖବର ନେବାକୁ 'ଭଙ୍ଗାଦାନ୍ତିଆ' ହାତୀର । 'ସେ ଗଲା ଏପ୍ରିଲ ମାସ ଛବିଶ ତାରିଖ ଦିନ ରଘୁଆକୁ ମାରିଦେଇଥାଏ ।' ଏଇ ଖବରଟା ମୁଁ ମେ ମାସ ତିନି ତାରିଖ ଦିନ ଢେଙ୍କାନାଳ ଏସ୍.ପି.ଙ୍କଠୁଁ ପାଇଥାଏ ।

ଠିକ୍‌ହେଲା କଦଳୀପାଳକୁ ଆସ୍ଥାନଟା ଉଠେଇନେବାକୁ । ଡି.ଏସ୍.ପି.ଙ୍କ ଜିପ୍‌ରେ ମୁଁ ମୋର ବନ୍ଧୁକ, ଦୂରବୀଣ, ପାଣିବୋତଲ ଓ ବିଛଣା ଧରି ବାହାରିଲି । ସାଙ୍ଗରେ ଗେହ୍ଲା, ବାସୁଆ, ହରିଆ ଏମିତି ଆଠ ଦଶଜଣ ଟୋକା ବାହାରିଲେ ମୋତେ ସେଠି ସାହାଯ୍ୟ କରିବାକୁ । ବେଳ ଆଉ ଦୁଇଘଡ଼ି ଥାଏ, ଆମେ ବିଟ୍‌ଘର ନିକଟରେ ପହଞ୍ଚିଗଲୁ ।

ସେଠିକାର ଫରେଷ୍ଟ ଗାର୍ଡ଼ ରାମ ଆମମାନଙ୍କୁ ଦେଖି, ଅସ୍ତବ୍ୟସ୍ତ ହୋଇ ଘରୁ ନିଜର ଶୋଇବା କାଠ ଖଟଟା ପଦାକୁ ବାହାରକରି ଆଣି ଗୋଟାଏ କମ୍ବଳ ପକେଇଦେଲା ବସିବାପାଇଁ । ବେଳ ତ ଆଉ ବେଶି ନଥାଏ । ସେଠି ଆଉ ବେଶି ଡେରି ନକରି ରାମକୁ ସାଙ୍ଗରେ ଧରି ବାହାରିବା କଥା ଖଜୁରିଖୋଲରେ ଭଙ୍ଗାଦାନ୍ତିଆକୁ ଭେଟିବାକୁ ।

ବିଟ୍‌ଘରଠାରୁ ଖଜୁରିଖୋଲ ଦେଢ଼କୋଶ ବାଟ । ଚାଲିକରି ଗଲେ ତ ସଞ୍ଜ ହୋଇଯିବ । ତା'ଛଡ଼ା ମୋର ତ ଚାଲିବାର ଅଭ୍ୟାସ ନଥାଏ । ଗଲା ଦଶବର୍ଷ ହେଲା ଚଉକିରେ ବସି ବସି ହାତଗୋଡ଼ର ପେଶି ସବୁ କୋହଳ ହୋଇଯାଇଛି । ଛଅସେର ଓଜନର ଦୁଇନଳିଆ ରାଇଫଲ୍‌ଟା କାନ୍ଧରେ ଧରି ଦେଢ଼କୋଶ ବାଟ ଚାଲିବି ବା କେମିତି ? କଷ୍ଟେମଷ୍ଟେ ଚାଲିକରି ଗଲେ ବି 'ଭଙ୍ଗାଦାନ୍ତିଆ' ଯଦି ହାବୁଡ଼ରେ ପଡ଼ିଯାଏ, ତା ହେଲେ କ'ଣ ହାତମୁଠାରେ ବଳ ଥିବ ଏଇ ଓଜନଦାର ରାଇଫଲ୍‌କୁ ବ୍ୟବହାରରେ

Digitized by srujanika@gmail.com

ଲଗେଇବାକୁ ? ତା'ଛଡ଼ା 'ଭଙ୍ଗାଦାନ୍ତିଆ'ର ହାବଭାବ ଯାହା ଶୁଣିଲି, ସେ ତ ବଡ଼ ଛାନିଆ ହୋଇଯିବାର କଥା । ମଣିଷଗନ୍ଧ ପାଇଲେ କାଳେ ସେ ଗୋଡ଼ଉଛି ମାରିବାକୁ । ଦେଢ଼କୋଶ ବାଟ ଚାଲି ଚାଲି ଗଲାପରେ ଦେହରେ କଣ ଦମ୍ଥିବ ଯେ ବନ୍ଧୁକକୁ ଲାଖକରି ଧରିହବ ? ନାଃ, ଏଭଳି ବିପଦରେ ଜାଣିଶୁଣି ଝାସ ଦେବାଟା ଠିକ୍ ହେବନି । ଏଇସବୁ କଥା ମୋ ମନଭିତରେ ଗୋଳେଇଘାଣ୍ଟି ହେଲା ଦଶମିଟଟ୍‌ଯାକେ । ବଡ଼ ଦମ୍ଭରେ ତ ଆସିଥିଲି ପାଟିବାନ୍ଧି ଶିକାରକୁ – ଏବେ ମୁହଁ ହରେଇ ଫେରୁଛି ବା କେମିତି ?

ବାସୁଆକୁ କହିଲି, ''ସଞ୍ଜହେବା ଉପରେ, ଆଉ ଜଙ୍ଗଲକୁ ଯିବାରେ ଲାଭନାହିଁ । ତା'ଛଡ଼ା ଢେଙ୍କାନାଳର କଲେକ୍ଟର ତ ହାତୀ ମାରିବା ପାଇଁ ପର୍‌ମିଟ୍‌ଟା ମୋତେ ଏ ପର୍ଯ୍ୟନ୍ତ ଦେଇନାହାନ୍ତି ।''

ଗଲା ୧୯୬୮ ମସିହା ଡିସେମ୍ବର ମାସରେ ସେଠା କାମାକ୍ଷାନଗର ଏସ୍.ଡି.ଓ.ଙ୍କ ସୁପାରିସରେ କଲେକ୍ଟର ସାହେବ ଘୋଷଣା କରିଥିଲେ ଯେ, ଦୁଇଟା ଦନ୍ତାହାତୀ ମଣିଷ ମାରିଛନ୍ତି ସୁନ୍ଦରା ବ୍ଲକ୍ ଜଙ୍ଗଲରେ । ଯିଏ ସେହି ହାତୀଦିଟାକୁ ମାରିଦେବ ତାକୁ ଦୁଇଶହ ଟଙ୍କା କରି ପୁରସ୍କାର ମିଳିବ ।

ଏଇ ଘୋଷଣା ପରେ ମଧ୍ୟ କେହି ଆଉ ସାହସ କରି ଆସିଲେନି ହାତୀ ମାରିବାକୁ । ସମ୍ବଲପୁରର କମିଶନର ସାହେବ ସରକାରଙ୍କୁ ସୁପାରିସ କଲେ ଯେ ମୋତେ ସେଠିକି ପଠେଇଲେ ସେଇ ଦୁଷ୍ଟ ହାତୀ ଦୁଇଟାକୁ ମାରିହେବ । ସରକାରଙ୍କଠୁଁ ଆଦେଶ ପାଇ, ମୁଁ କମିଶନର ସାହେବଙ୍କୁ ଲେଖିଥିଲି ଯେ ପୁରସ୍କାର ଟଙ୍କା ତ ମୁଁ ନେଇପାରିବିନି, କାରଣ ମୁଁ ଜଣେ ସୌଖୀନ ଶିକାରୀ– ସେଟା ମୋର ପେଶା ନୁହେଁ । ଶିକାର ପାଇଁ ମଜୁରି ନେବାଟା ଶିକାରୀର ଅପମାନହେବ । ସେ ଯଦି ହାତୀର ଦାନ୍ତ ଇତ୍ୟାଦି ନେବା ପାଇଁ ମୋତେ ଅନୁମତି ଦିଅନ୍ତି ତା ହେଲେ ମୁଁ ଚେଷ୍ଟାକରିବି । କମିଶନର ସାହେବ ମୋ ପ୍ରସ୍ତାବରେ ରାଜିହୋଇଗଲେ ସିନା, ହେଲେ କଲେକ୍ଟର ସାହେବ ପରମିଟ୍‌ଟା ଦେଇନଥାନ୍ତି ।

ହାତୀ ମାରିବା ପାଇଁ ପରମିଟ୍ ନାହିଁ । ପରେ ପରମିଟ୍ ନେଇ ସପ୍ତାହକ ବାଦ୍ ଆସିବି ବୋଲି କହି, ସେଦିନ କଦଳୀପାଳରୁ ଖସିଆସିବି ବୋଲି ଭାବିଲି । ହେଲେ, ବାସୁଆହେରିକା ମୋତେ ଯେମିତି ଥଟ୍ଟାଳିଆ ଚାହାଣିରେ ଚାହିଁଲେ, ମୋର ଭରସା ହେଲାନି ନାସ୍ତିକରିବାକୁ । ବାସୁଆ କହିଲା, ''ଖଣ୍ଡେ ଦୂରକୁ ତ ଜିପ୍‌ଟା ଯିବ । ଖଜୁରିଖୋଲରେ ପହଞ୍ଚିଲାବେଳକୁ ବେଳ ଢେର୍ ଥିବ । ଭଙ୍ଗାଦାନ୍ତିଆ ସେଠି ଥିବ ନିଶ୍ଚୟ ।''

ଫରେଷ୍ଟ ଗାର୍ଡ଼ ରାମ ଆମକୁ ବାଟ କଢ଼େଇନେଲା । ଜିପ୍‌ରେ ଆମେ ପ୍ରାୟ ତିନି କିଲୋମିଟର ଯାଏ ଗଲୁ । ସେଇଠୁଁ ଚାଲିବାକୁ ପଡ଼ିଲା । ରାମ ଆଗରେ, ତା ପଛରେ ମୁଁ ବନ୍ଧୁକରେ ଟୋଟା ପୂରାଇ ଚାଲୁଥାଏ । ମୋ ପଛକୁ ବାସୁଆ ଆଉ କାର୍ତ୍ତିକା ।

Digitized by srujanika@gmail.com

ସିଧାସଳଖ ଖୋଲ ଆଡ଼କୁ ଯିବାଟା ଆମର ଉଚିତ ହବନି ବୋଲି ଭାବିଲି; କାରଣ ସେତେବେଳେ ପବନଟା ଆମ ଆଡୁ ଖୋଲ ଆଡ଼କୁ ବହୁଥାଏ । ହାତୀ ତ ଆମ ଗନ୍ଧ ପାଇଯିବ ତାକେ ବାଟରୁ । ହୁଏତ ସେ ଚୁପ୍‌ଚାପ୍ ଲୁଚିରହି ଆମକୁ ଧରିବାକୁ ଚେଷ୍ଟା କରିବ, ନହେଲେ ପଳେଇବ ।

ରାମକୁ ଇସରା ଦେଇ କହିଲି, ଡାହାଣପଟେ ଖଣ୍ଡେ ଦୂର ଯାଇ, ଖୋଲ ନିକଟକୁ ପଶ୍ଚିମପଟରୁ ଆସିବା ପାଇଁ, ତାହେଲେ ହାତୀ ଆମ ଗନ୍ଧ ପାଇବନି । ରାମ ମୁଣ୍ଡଟୁଙ୍ଗାରି ହଁଭରିଲା ଓ ଡାହାଣପଟ ଶଗଡ଼ଗୁଳାରେ ଚାଲିବାକୁ ଆରମ୍ଭ କଲା ।

ଆମେସବୁ ପାଦ ଚିପି ଚିପି, କାଠି-କୁଟା, ଶୁଖିଲା ପତର ଉପରେ ପାଦ ନ ପକେଇ ଧୀରେ ଧୀରେ ଚାଲିଲୁ । ପ୍ରାୟ ଅଧଘଣ୍ଟାଏ ଖଣ୍ଡେ ଚାଲିଲୁ ଏଇମିତି । ମୋତେ ଲାଗୁଥାଏ, ବେଳକୁ ବେଳ ମୋ ରାଇଫଲ୍‌ଟା ଭାରି ଭାରି ହୋଇଯାଉଛି କି ? ଆଉ ଆମେ ଯେମିତି ଘଣ୍ଟା-ଘଣ୍ଟା ଧରି ବାଟ ଚାଲିଛୁ, ଦେହର ଝାଳ ଆସି ତଳିପାର ମୋଜାକୁ ଭିଜେଇଦେଲାଣି । ହଠାତ୍ ହଳେ ମିରିଗ ଖଜୁରିଖୋଲ ଆଡୁ ଦଉଡ଼ି ଦଉଡ଼ି ଆସି ଆମ ଆଗରେ ଠିଆହୋଇଗଲେ । ଆମେ ମିରିଗ ଆସିବାର ଶବ୍ଦ ଶୁଣି ତ କାଠଭଳି ଠିଆହୋଇଯାଇଥିଲୁ– ହାତୀ ଆସିଗଲା ପରା !

ମିରିଗ ହଳଟା ଆସି ଆମ ଆଗରେ ଧପ୍‌କିନା ଠିଆହୋଇଗଲେ । ଏଣେତେଣେ ଚାହିଁଲେ । ଆମେ ତାଙ୍କ ସାମନାରେ ଦଶଗଜ ଦୂରରେ ଠିଆହୋଇଥାଉ । ଦେଖି ନଦେଖିଲା ପରି ହେଲେ ଆମକୁ । ମୋ ପଛରେ ତ ବାସୁଆ ଥିଲା, ମୋତେ ଠାରିଲା ମାରିବାକୁ । ସେହି ଠାରିବା ସମୟ ଭିତରେ ସେ ଯେଉଁ ହଲଚଲ ହୋଇଗଲା, ସେଇଥିରୁ ମିରିଗମାନେ ଆମକୁ ଠଉରେଇ ନେଲେ– ଏକାକୁଦାକେ ଉଭେଇଗଲେ ବଣ ଲଟି ଭିତରେ ।

ମୁଁ ତ ସେତେବେଳକୁ ଏକଦମ୍ ଥକିଯାଇଥାଏ । ରାମକୁ ଯାଇ ଖୋଲ ପାଖ ପାଣି ଜାଗା ଦେଖିଆସିବାକୁ କହିଲି ଓ ମୁଁ ସେଇଠି ବସି ଟିକିଏ ନିଶ୍ୱାସମାରିଲି x x x । ସେମାନେ ସବୁ ଖଜୁରିଖୋଲ ଦେଖି ଫେରିଲାବେଳକୁ ବେଳ ରତରତ ହେଉଥାଏ । ହାତୀର ଶୁଖିଲା ଲଣ୍ଡିଗଦାରୁ ଜଣାଗଲା ଯେ, 'ଭଙ୍ଗାଦାନ୍ତିଆ' ଦୁଇଦିନ ଆଗରୁ ସେହି ଖୋଲରେ ଥିଲା । ନିରାଶ ହୋଇ ଫେରିଲି କଦଳୀପାଳ ବିଟ୍‌ଘରକୁ । ସେଠି ବସିଲା ଗୋଟାଏ ସଭା । ସମସ୍ତେ ମସୁଧାକଲେ ସେଦିନ ରାତିରେ ମୋତେ ସେଇଠି ରହିବାକୁ ହବ । ତା'ପରଦିନ ଯେମିତି ହେଲେ ଭଙ୍ଗାଦାନ୍ତିଆକୁ ଠାବ କରିବାକୁ ହେବ ।

ମୁଁ ସେଠାର ଥାନାବାବୁଙ୍କୁ କହିଲି, ହାତୀର ଓର୍ ମିଳିଲେ ପାରାପୋଷ୍ଟରେ ମୋତେ ଖବରଦେବାକୁ । ଢେଙ୍କାନାଳ, ସେଠୁ ୱାରଲେସ୍‌ରେ ଖବର ପାଇବାକୁ ମୋତେ ଦୁଇମିନିଟ୍ ଲାଗିବ । ଖବରପାଇଲେ କଟକରୁ କଦଳୀପାଳ ପହଞ୍ଚିବାକୁ ଦୁଇଘଣ୍ଟା ଲାଗିବ । ରାମ, ବାସୁଆ ଆଦି ଏଇଥିରେ ରାଜିହୋଇଗଲେ । ମୁଁ ସେଠାରୁ ଫେରିଆସି ଢେଙ୍କାନାଳ ଏସ୍.ପି.ଙ୍କୁ କହିଆସିଲି, କଲେକ୍ଟରଙ୍କଠାରୁ ପରମିଟ୍‌ଟା ଆଣି ଶୀଘ୍ର ପଠେଇଦେବାକୁ ।

Digitized by srujanika@gmail.com

ଦୁଇସପ୍ତାହ ବିତିଗଲା – କଲେକ୍ଟରଙ୍କଠୁଁ ପରମିଟ୍ ଆସିଲାନି । ଉଣେଇଶ୍ବ ତାରିଖରେ ମୋତେ ଖବର ମିଳିଲା ଯେ 'ଭଙ୍ଗାଦାନ୍ତିଆ' ପୁଣି ମଣିଷ, ଶଗଡ଼କୁ ଗୋଡ଼ଉଛି. ଶୀଘ୍ର ଯିବାପାଇଁ ହବ ବୋଲି ତୁମସିଙ୍ଗା ଲୋକେ କହିଛନ୍ତି । ସକାଳ ଦଶଟା ବେଳେ ଯାଇ ଢେଙ୍କାନାଳଠି ଦେଖେ ଯେ କଲେକ୍ଟର ସାହେବ ଟୁର୍‌ରେ । ଏଣେ ମୋତେ ପରମିଟ୍ ଦେବାରେ 'କିନ୍ତୁ'ଟିଏ ଅଛି । ସେଇଠୁଁ ଫୋନ୍ କଲି କଟକର ରେଭିନ୍ୟୁବୋର୍ଡ଼ କର୍ତ୍ତାଙ୍କ ପାଖକୁ । ରାମନାଥନ୍ ସାହେବ ଫୋନ୍‌ରେ ଆଦେଶ ଦେଲେ– ପରମିଟ୍ ପାଇଁ ଅପେକ୍ଷା ନକରି 'ଭଙ୍ଗାଦାନ୍ତିଆ'କୁ ମାରିବାକୁ ।

ସେଦିନ ମୋ ସାଙ୍ଗରେ ମୋର ସାନଭାଇ ଗୁରୁପ୍ରସାଦ ଯାଇଥାଏ ମୋତେ ସାହାଯ୍ୟ କରିବାକୁ । ସଞ୍ଜ ପାଞ୍ଚଟାରେ ଆମେ ଯାଇ ଖଟୁଆହତା ବଙ୍ଗଳାରେ ଶ୍ୟାମକୁ ଆଉ ଜିନିଷପତ୍ର ଓହ୍ଲେଇଦେଇ, ସିଧା ଗଲୁ କଦଳୀପାଳ ବିଟ୍‌ଘରକୁ । ରାମ ଆମକୁ ଅପେକ୍ଷା କରିଥିଲା । ସେ ଖବରଦେଲା ଯେ, କିଆପତନି ଗାଁରେ ପଶି 'ଭଙ୍ଗାଦାନ୍ତିଆ' ପଅରଦିନ ରାତିରେ ବାଡ଼ିରୁ କଦଳୀ ଖାଉଥିଲା । ଠିକ୍ ହେଲା ଯେ, ତା ପରଦିନ ବଡ଼ିସକାଳୁ ଆମେ ସେଠିକି ଗଲେ ହାତୀ ଖୋଜ ଦେଖି ତାକୁ ଖୋଜିବାକୁ ପଡ଼ିବ । ଗାଁର ଦେହୁରୀ ଆସି କହିଲା, ଗୋଟିଏ କଳା କୁକୁଡ଼ା ଠାକୁରାଣୀଙ୍କଠେଇଁ ଭୋଗଲଗେଇଲେ ଯଶ ମିଳିବ ଆମକୁ । ଗାଉଁଲି ବିଶ୍ୱାସରେ ମୋର ଆସ୍ଥା କମ୍, ହେଲେ ବି ଏ ପ୍ରସ୍ତାବଟା ମୋ ମନକୁ ପାଇଲା । ଠାକୁରାଣୀଙ୍କ ଭୋଗ ତ ଆମେ ଖାଇବା– ଦେହୁରୀକୁ ଟଙ୍କା ଦେଲି ପୂଜା କରିବାକୁ । ଆଉ ଆମେ ଆସି ଖଟୁଆହତା ବଙ୍ଗଳାରେ ଖାଇପିଇ ଶୋଇଲୁ ।

କୋଡ଼ିଏ ତାରିଖ । ବଡ଼ିଭୋରରୁ ଉଠି କଦଳୀପାଳ ଗଲୁ । ବିଟ୍ ଘରଠେଇ କାର୍‌ଟା ଛାଡ଼ି, ବନ୍ଧୁକ, ଦୂରବୀଣ ପାଣିବୋତଲ ଇତ୍ୟାଦି ଧରି ଚାଲିଲୁ କିଆପତନି ଗାଁ ଆଡ଼େ । ଜଙ୍ଗଲ ରାସ୍ତା । ଖରା କ୍ରମେ କ୍ରମେ ଟାଣହେବାକୁ ଲାଗିଲା । ଚାଲି ଚାଲି ହାଲିଆ ହୋଇଗଲୁ ସେଇ ଆଠ ନଅ କିଲୋମିଟର ରାସ୍ତାରେ । କିଆପତନି ଗାଁଟା ଗୋଟାଏ ପାହାଡ଼ କାଛରେ । ଗାଁମୁଣ୍ଡରେ ଗୋଟିଏ ଛୋଟ କଟା,* ସେଥିରେ ପାଣି ଚାଖଣ୍ଡେ ଖଣ୍ଡେ । ତା ହୁଡ଼ାରେ ଗୋଟିଏ କଇଁଆ ଗଛ । ସେଇ କଇଁଆ ଗଛମୂଳରେ ଦୁଇଟା ଦଉଡ଼ିଆ ଖଟିଆ ପଡ଼ିଥାଏ ଆମ ପାଇଁ । କୁନା ବାରିକ, ଆଉ ଫରେଷ୍ଟ ଗାର୍ଡ଼ ରାମ, ଡାଳେଲେଖେ ପାଣିଧରି ଆମକୁ ଅପେକ୍ଷା କରିଥିଲେ । ସେମାନେ କହିଲେ, ଦୁଇଦଳ ଭେଣ୍ଡିଆ ବଡ଼ିସକାଳୁ ସୁନ୍ଦରା ବ୍ଲକ୍ ପାହାଡ଼ର ପଶ୍ଚିମପଟେ ଯାଇଛନ୍ତି ତଲାସ କରିବାକୁ । ସେମାନେ ଶୀଘ୍ର ଫେରିଲେ ଆମେ ଯିବା ହାତୀ ପାଖକୁ ।

ମୁହଁରେ ଥଣ୍ଡାପାଣି ଛିଟା ମାରିବାରୁ ଟିକିଏ ଆରାମ ଲାଗିଲା– ଆମେ ଚାରିକାତ ମେଲେଇ ଖଟ ଉପରେ ପଡିଗଲୁ । କୁନା ବାରିକଟା ବଡ଼ ଡହରା । ଗପିଚାଲିଥାଏ, ଭଙ୍ଗାଦାନ୍ତିଆ କେମିତି କିଆପତନି ଗାଁର ଅନିଷ୍ଟ କରିଛି । ନା, ମଣିଷ ମାରିନି ଏଠି, ହେଲେ ଭୁଟାଟା ଅଳପକେ ବଞ୍ଚିଗଲା ନା, ସେଦିନ .... ଏମିତି କେତେ କଣ ।

* କଟା – ଛୋଟ ଜଳାଶୟକୁ ସେଠାର ଭାଷାରେ କଟା କହନ୍ତି ।

Digitized by srujanika@gmail.com

କୁନାର କଥାବାର୍ତ୍ତା ଭିତରୁ 'ଭଙ୍ଗାଦାନ୍ତିଆ' ଜୀବନର କରୁଣ କାହାଣୀ ଶୁଣିଲି– ମନଟା କେମିତି ହୋଇଗଲା । ତାକୁ ମାରିଦେବାଟା କେତେଦୂର ଠିକ୍ ହେବ ଏଇ ବିଚାର କେବଳ ମନ ଭିତରେ ଗୋଳେଇଘାଣ୍ଟି ହେଲା । କୁନା କହିଲା– "ବେଶିଦିନ ନୁହେଁ, ଏଇ ଦଶ ବାରବର୍ଷ ତଳର କଥା । ଏଇ ସୁନ୍ଦରା ବ୍ଲକ୍ ପାହାଡ଼ ଚାରିପଟ ଘେରି ଘନ ଜଙ୍ଗଲ ଥିଲା । ବ୍ରାହ୍ମଣୀ ନଦୀର ଉତ୍ତର କୂଳରେ କମଗରା ଗାଁଠୁଁ ଆରମ୍ଭ କରି ଘଞ୍ଚ ଜଙ୍ଗଲ ଥିଲା । କମଗରାଠୁଁ ଉତ୍ତରକୁ କାମାକ୍ଷାନଗର ପାରିହୋଇ ଅନନ୍ତପୁର ପାହାଡ଼ମାଳା ସହିତ ଏ ଜଙ୍ଗଲ ମିଶିଯାଇଥିଲା । ଏଣେ ପୂର୍ବ ଦିଗକୁ ମଧ୍ୟ ଏହି ଅଖଣ୍ଡ ବଣ ଲାଗିଥିଲା, ସରସିଆପଦା ପାରିହୋଇ କଟକର ଡାଲିଯୋଡ଼ା ଯାଏ । ଶାଳ, ପିଆଶାଳ, ବିଜା, କଷି, ମହୁଲ, ଶିଶୁ ଇତ୍ୟାଦି ଗଛ ଦେହକୁଦେହ ଲଗାଲଗି ହୋଇ ଏ ବଣକୁ ଅଗନାଅଗନି କରିଥିଲେ । କୁଆର ଥଣ୍ଟ କି କୋଇଲିର ବେଣ୍ଟ ନଥିଲା । ରଜାପୁଅ କି କଟୁଆଳପୁଅ ପାରିଧିକି ଆସିଲେ, ଏଇ ଅଗନାଅଗନି ବନସ୍ତରେ ପଶିନପାରି, ବଣର କରେ କରେ କମଗରା ଗାଁ ପାଖରୁ ଫେରିଯାଉଥିଲେ ।

"ବଣରେ ପ୍ରଚୁର ଖାଦ୍ୟ ଥିଲା ଜନ୍ତୁଜୁନ୍ତାଙ୍କ ପାଇଁ । ଆଉ ଜନ୍ତୁ ? ପଲ ପଲ ହାତୀ, ହଳ ହଳ ବାଘ– ଗୟଳ, ମିରିଗ, ସମ୍ବର, କୁଟୁରା, ବାରହା ଅସୁମାରି । ସେମାନଙ୍କ ପାଇଁ ଅସରନ୍ତି ଖାଦ୍ୟଭଣ୍ଡାର ଥିଲା ଏଇ ବଣ ଭିତରେ । ଜନ୍ତୁଜୁନ୍ତା କେବେ ବଣ ବାହାରକୁ ଆସି ଆହାର ଖୋଜିବାର ଶୁଣାନଥିଲା ।

"ଏଇ କେଇବର୍ଷ ଭିତରେ, ଦେଶ ଆମର ସ୍ୱାଧୀନ ହେବା ପରଠୁଁ, ରଜାର ରାଜୁତି ଚାଲିଯିବା ପରଠୁଁ, ହେ ବଡ଼ ବଡ଼ ମଟରଗାଡ଼ି ନେଇ ଆସିଲେ ସହରର ବାବୁଭାୟାମାନେ । ସାଙ୍ଗରେ ଆଣିଲେ କରତକଳ । ଗଛବୃଚ୍ଛ ଶୋଇଗଲେ ଲମ୍ବ ଲମ୍ବ ହୋଇ, ଝଡ଼ବତାସ ପରେ ଯେମିତି ଆମ ଗାଁର କଦଳୀବାଡ଼ି ଦେଖାଯାଏ, ଏ ବଣଟାଯାକ ଦିଶିଲା ସେଇମିତିକା । ତା ସାଙ୍ଗକୁ ପୁଣି ତହସିଲଦାରବାବୁଙ୍କୁ ଧରି ଜଗା, ମାଧିଆହେରିକା ଶହ ଶହ ମାଣ ତଇଳା ପଟା ନେଇ ଜଙ୍ଗଲ କାଟି ସଫା କରି ଖସା, ସୋରିଷ ବୁଣିଦେଲେ । ରାତି-ବିରାତି ଜିପ୍ ଗଣ୍ଡା ଗଣ୍ଡା ବୁଲିଲା ବଣଟାଯାକ । ବାହାଘର ଆତସବାଜି ପରିକା ବନ୍ଧୁକ ଢୋ-ଢୋ କରି ଫୁଟିଲା ରାତିତମାମ୍ । ସକାଳ ହେଉ ନହେଉଣୁ ଦଶକୋଡ଼ିଏ ଖଣ୍ଡ ଗାଁର ଲୋକେ ବଣକୁ ଧାଇଁଲେ ଘାଉଲା ମିରିଗ, ସମ୍ବର ଖୋଜିବାକୁ । ବହୁତ ଜନ୍ତୁ ମାଉଁସ ଖାଇଛୁ ବାବୁ ! ଏଇନେ ଯେଉଁ ଜଙ୍ଗଲ ଦେଖୁଛ, ଗୋଟିଏ ବି ଚାରିଫୁଟିଆ ଗଛ ନାହିଁ । ଖାଲି ଏଇ ସୁନ୍ଦରା ପାହାଡ଼ ତଳ ଆଖପାଖ କେଇ ମାଣ ଜମି ପଥୁରିଆ ଯୋଗୁ ତଇଳା ହୋଇପାରିନି । ସେଇତକରେ କାଁଭାଁ ବଣବୁଦା ଅଛି । ଏଇ ଭଙ୍ଗାଦାନ୍ତିଆ ସେତେବେଳେ ଯବାନ ଥିଲା । ମନସୁଖରେ ବୁଲୁଥିଲା ପଲ ପଲ ହାତୀ ସଙ୍ଗରେ । କେତେ ଯେ ସୁଖରେ ସେ ଥିଲା ସେତେବେଳେ !

"ଜଙ୍ଗଲ କଟା ହୋଇଯିବା ପରେ ପରେ ଦଳ ଦଳ ହୋଇ ହାତୀ ପଳେଇଲେ ଏ ଜଙ୍ଗଲଛାଡ଼ି । ଏଇ 'ଭଙ୍ଗାଦାନ୍ତିଆ' ହୁଏତ ଏ ସୁନ୍ଦରା ପାହାଡ଼ ମୋହ ଛାଡ଼ି

Digitized by srujanika@gmail.com

ଯାଇପାରିନି । ଏଇଠି ପରା ତା ଯବାନ ବେଳର କେତେ ଯେ ପୀରତି ହେଇଯାଇଛି, ତାର ହିସାବ ରଖିଛି କିଏ ? ହୁଏତ ତା ବୟସ ଗଡ଼ିଯିବାରୁ ଟୋକାଟାକଳିଆ ଗଛା ଗଜା ଦନ୍ତାଏ ୟା ସହିତ ଲଢ଼ି ଲଢ଼ି ଯା'ର ଦାନ୍ତ ଭାଙ୍ଗିଦେଇ, ଦଳରୁ ନିକାଳିଦେଲେ । ଏଇ ଭୟରେ ବୋଧେ ଏ 'ଭଙ୍ଗାଦାନ୍ତିଆ' ଆଉ ଅନନ୍ତପୁର ପାହାଡ଼ ଆଡ଼େ ଯିବାକୁ ସାହସ କଲାନି ।

''ସୁନ୍ଦରା ପାହାଡ଼ ତ ଲଣ୍ଡା ହୋଇଗଲାଣି । ତା ଖାଇବା ପାଇଁ ଏଇ ଦଶକୋଡ଼ିଏଟା ବରଗଛ, ପାଞ୍ଚଦଶଟା ଆମ୍ବ ତୋଟା– ମହୁଲ, କେନ୍ଦୁ ହୋଇ ଆଉ ଗଛ କେତେଟା ବା ଅଛି । ସେଇଥିଯୋଗୁଁ ରାତି ହେଲେ ସେ ମୁହେଁଇଲା ବିଜାସାହିର ରଘୁ ସାହୁର ପାଳଗଦାକୁ କି ପଥରଖୁମ୍ବର ଆଖୁ କିଆରିକୁ । ଏକୁଟିଆଟା ବି ରହିରହିକା ତାର ମେଜାଜ ଟେଙ୍କରାଗୁଆ ହୋଇଯାଇଛି । ତାଛଡ଼ା, ଶାମାଟାଙ୍ଗିର ବାଣୁଆ, କିଆପତନିର ପଧାନ ବେଳେ ବେଳେ ଖୁନ୍ଦା ବନ୍ଧୁକରେ ଛର୍‌ରା ମାରିଛନ୍ତି ତାକୁ । ସେବେଠୁଁ ତ ମଣିଷ ଗନ୍ଧ ପାଇଲେ ଚିହିଁକିଆସୁଛି ବାବୁ, ତା ହାବୁଡ଼ରେ ଯିଏ ପଡ଼ିଗଲା, ତାର ଆଉ ଠିକ୍-ଠିକଣା ରଖୁନି । ବିଜାସାହିର ଟୁଣିଆମା'କୁ ବଡ଼ିଭୋରଟାରୁ ପରା ମାଉଁସ ପେଣ୍ଡୁଳଟାଏ କରିଦେଲା । ଏଇ ଗଲା କେଇଦିନ ତଳେ ତୁମସିଙ୍ଗା ରଘୁଆକୁ .... ତାକୁ ମାରିଦିଅ ବାବୁ ! ତମର ଧରମ ହେବ । ଆମର ଏଠି ଚଳପ୍ରଚଳ କରିବାକୁ ଦିନକୁଦିନ କଷ୍ଟହୋଇଯାଉଛି ।''

କୁନାର କଥାରୁ ଆହୁରି ଜାଣିଲି ଯେ, ସୁନ୍ଦରା ପର୍ବତମାଳାରେ ଦଶକୋଡ଼ିଏଟା ପାଣିଖଦା ଅଛି – ଯେଉଁଠିକି ମଳିକ, ଗୁଣିଆହେରିକା ତାଙ୍କ ଖୁନ୍ଦାନଳି ସବୁ ନେଇ ସଞ୍ଜକୁ ଜଗନ୍ତି ବାର୍‌ହା, କୁଟୁରା, ମିରିଗ ମାରିବା ପାଇଁ । ବରଷକରୁ ଉପର ହବ, ଏଇ 'ଭଙ୍ଗାଦାନ୍ତିଆ' ବିଜାସାହିର ଟୁଣିଆମା'କୁ ମାରିଲା ପରଠୁଁ ମଳିକ, ଗୁଣିଆ ଆଉ ଆଖପାଖ ଗାଁର ବାଣୁଆସବୁ ପାଣିଖଦାଠିକି ଯିବାକୁ ଭରସା କରୁନାହାନ୍ତି ।

ଭାବିଲି, ଯାହା ହେଉ 'ଭଙ୍ଗାଦାନ୍ତିଆ' ତ ବଡ଼ ଟାଣୁଆ ଜଙ୍ଗଲ-ଗାର୍ଡ଼ । ଜଙ୍ଗଲ ଅଫିସର ଜଗିଲା ପରି ବଣକୁ ଜଗି ରହିଛି । ଏଠିକାର ବାର୍‌ହା, ମିରିଗମାନେ ବାଣୁଆ ଦାଉରୁ ବଞ୍ଚିଯାଇଛନ୍ତି ବର୍ଷେ ହେବ । ଏଇମିତି କିଛିଦିନ ଯଦି ଜଗାରଖା ହୁଅନ୍ତା ହୁଏତ ଆମ ବଣର ଜନ୍ତୁଜନ୍ତା ଫେରେ ଆଗପରିକା ବଂଶ ବଢ଼େଇ ପାରନ୍ତେ .... ।

କୁନାର କଥା ଶୁଣି ଶୁଣି ପ୍ରଥମେ 'ଭଙ୍ଗାଦାନ୍ତିଆର' ବ୍ୟକ୍ତିତ୍ୱ ପ୍ରତି ମୋର ଗୋଟିଏ ଖୁବ୍ ଶ୍ରଦ୍ଧା ହୋଇଆସିଥିଲା, ଭାବୁଥିଲି ସେଇଠୁଁ ଫେରିଯିବା ପାଇଁ । କିନ୍ତୁ କଇଁଆ ଗଛର ପତର ଗହଳି ଭିତରୁ ତୁମସିଙ୍ଗାର ସେଇ ବୁଢ଼ାର ଆଖିଦୁଇଟା ମୋତେ ଯେମିତି ତରାଟି କହିଲା, ''ରଘୁଆକୁ ଯିଏ ମାରିଛି ତମେ ତାକୁ ଛାଡ଼ନା ବାବୁ ! ସେ ଯେ ଆହୁରି ଏମିତି କେତେ ରଘୁଆକୁ ମାରିନପକେଇବ, କିଏ କହିବ ! ଖୁଣିକୁ ଛାଡ଼ନା ବାବୁ !''

ଘଡ଼ି ଦେଖିଲି – ସେତେବେଳକୁ ଦିନ ଏଗାରଟା । ଗୋଟି ଗୋଟି ହୋଇ ଟୋକାଏ ସବୁ ବଣରୁ ଲେଉଟିଲେ । ସମସ୍ତେ ଖବରଦେଲେ 'ଭଙ୍ଗାଦାନ୍ତିଆ' ଗଲା ରାତିରେ ପଥରଖୁମ୍ବରେ ଆଖୁବାଡ଼ି ଖାଇଯାଇଛି । ପଥରଖୁମ୍ବ ସେଠୁ ଚାରିକୋଶ ବାଟ । ସମସ୍ତେ

Digitized by srujanika@gmail.com

କହିଲେ ସେଠିକି ଯିବା । ରାତିଟା ରହିବା ସେଠି । ଭଙ୍ଗାଦାନ୍ତିଆ ତ ବେଳ ବୁଡ଼ୁବୁଡ଼ୁ ଆସିଯିବ ।

ଏଇ ଖରାଦିନେ ଚାରିକୋଶ ବାଟ ଚାଲି ଚାଲି ଯିବା କଥା ଶୁଣି ତ ମୋ ହଂସା ଉଡ଼ିବା ଉପରେ । ରାମକୁ ମୋ ମନକଥା କହିଲି । ସେ ମୋ କଥା ଶୁଣି କହିଲା ଯେ କାମାକ୍ଷାନଗର ବାଟେ ପଥରଖୁମ୍ବକୁ ଜିପ୍ ଯିବା ଭଳିଆ ରାସ୍ତା ଅଛି, ଜିପ୍‌ରେ ସେ ବାଟେ ଯାଇହବ । ବେଶ୍, ସେଇଆ ଠିକ୍ ହେଲା । ଆମେ ଫେରିଯିବୁ ଖଟୁଆହତା ବଙ୍ଗଳାକୁ । ସେଠୁ ଖାଇପିଇ ସାରି ଯିବୁ ପଥରଖୁମ୍ବ ଗାଡ଼ି ନେଇ ସଡ଼କ ରାସ୍ତାରେ ।

କିଆପତନିଠୁଁ କଦଳୀପାଳ ବିଟ୍‌ଘର ନଅ କିଲୋମିଟର ଦୂର । ପଥର ବିଛା ହୁଡ଼ା ବାଟ– ନାଳ, ତଇଲା ପାରହୋଇ ଯିବାକୁ ବେଶ୍ ଟିକିଏ କଷ୍ଟହେଲା । ଧୁମ୍ ଅସରାଏ ବୈଶାଖୀ ଝଡ଼ରେ ଜୁଡୁବୁଡୁ ହୋଇ ଶେଷରେ ବିଟ୍‌ଘରଠି ପହଞ୍ଚିଲୁ । ପିଇବାପାଣି ତ ବହୁତ ଆଗରୁ ସରିଯାଇଥାଏ । କଦଳୀପାଳ ବିଟ୍‌ଘରଠି ପହଞ୍ଚି ଟିକିଏ ନିଶ୍ୱାସ ମାରିଚୁ କି ନାହିଁ, ଜଣେ ଲୋକ ଦୌଡ଼ି ଦୌଡ଼ି ଆସି କହିଲା ଯେ 'ଭଙ୍ଗାଦାନ୍ତିଆ' ସେଦିନ ସକାଳଟାରୁ ତାଙ୍କ ଗାଁ ଶାମାଟାଙ୍ଗିର ଜଣେ ଲୋକକୁ ତଡ଼ିଆଣିଥିଲା ।

ମୁଁ ମୋର ସାନଭାଇ ଗୁରୁ ମୁହଁକୁ ଅନେଇଲି । ସେ ହଁଭରିଲା । କାହିଁ ବଡ଼ିଭୋରରୁ ଗୋଟିଏ ଗୋଟିଏ ରୁଟି ଆଉ ସିଝା ଅଣ୍ଡାଟିଏ ଲେଖା ଖାଇଥିଲୁ । ଯା ଭିତରେ ପ୍ରାୟ ଦଶକୋଶ ବାଟ ଚାଲିଲୁଣି । ପେଟ ଯାଇ ପିଠିରେ ଲାଗିଲାଣି । ଗୋଡ଼ହାତ ଅବଶ ହୋଇଯାଉଛି ବଣ ବାଟରେ ଦଶକୋଶ ଆସି । ବର୍ଷାରେ ଲୁଗାପଟା ଜୁଡୁବୁଡୁ । ମେଘ ତଥାପି ଝୁପୁଝୁପୁ ବରଷୁଛି । ଆଉ ଏମିତି ଅନ୍ଧାର ହୋଇଛି ଯେ ଦୂରକୁ ମଧ୍ୟ ଭଲ ଦେଖାଯାଉନି । 'ଭଙ୍ଗାଦାନ୍ତିଆ' ପରି ଟିଙ୍କରାଗୁଆ ହାତୀର ପିଛା କରିବାଟା ଆଉ ଆତ୍ମହତ୍ୟା ହବନି ତ ?

ଶାମାଟାଙ୍ଗିର ଲୋକଟିର ନାଁ ପୀତବାସ । ତାକୁ ସାଙ୍ଗରେ ସାକୁଲାସାକୁଲି କରି ଗାଡ଼ିରେ ଧରି ଗଲୁ ଖଟୁଆହତାକୁ । ଛଅ କିଲୋମିଟର ବାଟ । ସେଠି ଶ୍ୟାମଚରଣ ଗରମ ଗରମ ପରଟା, ତରକାରି ପରସିଦେଲା । ଖାଇସାରି ଦଶଟା ନିଶ୍ୱାସ ମାରିଛୁ କି ନାହିଁ, ଜାମା ପେଣ୍ଟସବୁ ଶୁଖିଲାପରିକା ହୋଇଯାଇଥାଏ । ଦିନ ତିନିଟା ବେଳକୁ ବାହାରିଲୁ କାମାକ୍ଷାନଗର ରାସ୍ତାରେ ବିଜାସାହି ଯାଏ । ଠିକ୍ ବାହାରିଛୁ, କାମାକ୍ଷାନଗରର କେନ୍ଦୁପତ୍ର ବ୍ୟବସାୟୀ ପ୍ରଫୁଲ୍ଲବାବୁ ତାଙ୍କ ଜିପ୍‌ରେ ଆସି ପହଞ୍ଚିଲେ ସେଠି । ସେ ସେଠିକାର ଇନ୍‌ସପେକ୍ଟର ପଟ୍ଟନାୟକବାବୁଙ୍କୁ ସାଙ୍ଗରେ ଧରି ବାହାରିଥା'ନ୍ତି କ'ଣ ଗୋଟାଏ ତଦନ୍ତରେ । ବିଜାସାହିଠୁଁ ପ୍ରାୟ ଛଅ କିଲୋମିଟର ଆମକୁ ଚାଲିବାକୁ ହେବ ଶାମାଟାଙ୍ଗି ଗାଁମୁଣ୍ଡକୁ । ଜିପ୍ ମାଲିକ ଦୟାକରି ଆମକୁ ଶାମାଟାଙ୍ଗି ପର୍ଯ୍ୟନ୍ତ ପହଞ୍ଚାଇଦେବାକୁ ରାଜିହେଲେ ।

ଜିପ୍‌ରେ ଶାମାଟାଙ୍ଗିରେ ପହଞ୍ଚିବାକୁ ଦିନ ଚାରିଟା ହୋଇଗଲା । ଗାଁ ମୁଣ୍ଡରୁ ପୀତବାସ ଜଣେ ସାଙ୍ଗକୁ ସାଙ୍ଗରେ ଆଣି ଆମକୁ ବାଟ କଢ଼େଇନେଲା ସୁନ୍ଦରା ପାହାଡ଼ର

Digitized by srujanika@gmail.com

ଉତ୍ତର-ପୂର୍ବ ପାଖ ଖୋଲ ଆଡ଼େ । ପ୍ରାୟ ତିନି କିଲୋମିଟର ପରେ ଜଙ୍ଗଲର ଓଦା ମାଟିରେ 'ଭଙ୍ଗାଦାନ୍ତିଆ'ର ଖୋଜ ଦେଖିବାକୁ ପାଇଲୁ । ପରିଷ୍କାର ଦେଖାଯାଉଥାଏ । ହାତୀ ପ୍ରାୟ ଅଧଘଣ୍ଟା ଆଗରୁ ପଶ୍ଚିମମୁହାଁ ହୋଇ ଚାଲିଯାଇଛି । ଖୋଜରୁ ଅନୁମାନ କଲି ହାତୀଟା ପ୍ରାୟ ସାଢ଼େ ଆଠଫୁଟ କି ନଅଫୁଟ ଉଚ୍ଚା ହେବ ଓ ବୟସ ପଚାଶରୁ ଉପର । ଦେଖିଲୁ ଗଳାବାଟରେ ଭଙ୍ଗାଦାନ୍ତିଆ ତାଳପତ୍ର ଖାଇବା ପାଇଁ ଅଟକିନାହିଁ କେଉଁଠି– କଣ ଗୋଟାଏ ଉଦ୍ଦେଶ୍ୟରେ ସିଧାସଳଖ ଚାଲିଛି । ତାରି ଖୋଜେ ଖୋଜେ ଗଲୁ ପ୍ରାୟ ଆହୁରି ତିନି କିଲୋମିଟର– ଗଉଡ଼ତଇଲା ଯାଏ । ସେତେବେଳକୁ ବେଳ ରତରତ । ଆମ ପାଦ ଆଉ ଚାଲୁନଥାଏ । ଥକ୍କା ହୋଇ ବସିପଡ଼ିଲୁ ସେଇ ତଇଲାଠେଇ । ମଙ୍ଗୁଲୁ ଥାଇ କହିଲା, ସଇତାନଟା ସିଧାସଳଖ ମୁହେଁଇଛି ପଥରଖୁମ୍ବ ଆଖୁବାଡ଼ିକି । ସଞ୍ଜ ଯାଏ ଏଇ ପାହାଡ଼ କାନ୍ଥରେ କେଉଁଠି ଥିବ । ପୀତବାସକୁ ପଠେଇଲି ଆଉ ଖଣ୍ଡେଦୂର ଖୋଜ ବାରି ବାରି ଯିବାକୁ – ଯଦି ସେ ହାତୀର ସୁରାକ୍ ପାଇବ ତ ଆମକୁ ଡାକିଦବ ।

ଅଧଘଣ୍ଟାଏ ବସିଲା ପରେ, ବେଳ ଯେତେବେଳେ ବୁଡ଼ିଆସୁଥାଏ ଆମେ କୁହାଟିଲୁ ପୀତବାସକୁ । ସେ ଜବାବ ଦେଲା ଏବଂ ଖୁବ୍ ଶୀଘ୍ର ଫେରିଆସି କହିଲା, ଭଙ୍ଗାଦାନ୍ତିଆ ସେ ପାଖର ପଟିଆରେ (ଛୋଟ ପାଣି ଜାଗା) ପାଣି ପିଇ ଗୋଟିଏ କେନ୍ଦୁଗଛରେ ଘଷିହୋଇଛି ଓ ପଥରଖୁମ୍ବ ମୁହାଁ ହୋଇ ଚାଲିଛି ଆଗେଇ ।

ପ୍ରସ୍ତାବ ହେଲା ପଥରଖୁମ୍ବକୁ ଗଲେ ରାତିରେ ଆଖୁକିଆରିରେ ଭଙ୍ଗାଦାନ୍ତିଆକୁ ପାଇବା । ମୁଁ ମନାକଲି । ରାତିରେ ଟର୍ଚ୍ଚ ଆଲୁଅରେ ମତେ ବନ୍ଧୁକର ମାଛି ଭଲ ଦେଖାଯିବନି । ଦୂରରୁ ଟର୍ଚ୍ଚ ଆଲୁଅ ପଡ଼ିବା ମାତ୍ରେ ହାତୀ ବୁଲିପଡ଼ିବ, ଆଉ ହାତୀର ପିଚାପଟକୁ ଗୁଳିକଲେ ହାତୀ ଶୀଘ୍ର ମରିବନି । ତା ଛଡ଼ା ଦିନଟାଯାକ ଏତେ ଦୂର ଚାଲିଲା ପରେ, ପୁଣି ଛଅ-ସାତ କିଲୋମିଟର ସଞ୍ଜଟାରେ ଯିବାଟା ଅସମ୍ଭବ । ''ପଥରଖୁମ୍ବକୁ କାମାକ୍ଷାନଗର ବାଟେ ପରା ମଟର ଯିବା ରାସ୍ତା ଅଛି ।'' ପୀତବାସ ଥଟ୍ଟାଳିଆ ସ୍ୱରରେ କହିଲା, ''ସହରିଆବାବୁଙ୍କର ହାତୀ ପିଛାଧରି ଚାଲିବାର ବଳ କାହିଁ ?''

ସେମାନଙ୍କ ନଜରରେ ଆମର ସମ୍ମାନ ଖୁବ୍ ତଳକୁ ତଳକୁ ଖସିଯାଉଥିବା ପରି ଜଣାଗଲା– ହେଲେ ଆଉ ଉପାୟ ନାହିଁ । ଗୋଟିଏ ଗୋଟିଏ ହୋଇ ଫେରିଲୁ ଶାମାଟାଙ୍ଗି । ସେଇ ପାଞ୍ଚ କିଲୋମିଟର ବାଟ, ଲାଗିଲା ଯେମିତି ଶହେ ଦୁଇଶହ କୋଶ ଦୂର !! ଗୋଡ଼ ତ ଉଠୁନଥାଏ– ଶୋଷରେ ହଂସାଉଡ଼ିଯାଉଥାଏ– ପେଣ୍ଟ ଜାମା ଦେହ ଝାଳରେ ସୁତୁବୁତୁ ହୋଇ ଦେହରେ ଲାଗିଯାଇଥାଏ । ଗାଁଠି ପହଞ୍ଚିଲାବେଳକୁ ଗାଈ ନେଉଟିଲେଣି– ତୁଳସୀମୂଳେ ସଞ୍ଜ ଦିଆହେଲାଣି ।

ପାଣି ଟୋପାଏ ମାଗିଲି ଯେ କେହି ଦେଲେନି । ସେମାନଙ୍କର ଧାରଣା, କଟକର ବାବୁମାନେ କଣ କଂସାବେଲାରେ ପାଣି ପିଇବେ ? ଚାଲି ଚାଲି ଗଲୁ ଗାଁ ସେମୁଣ୍ଡର ସ୍କୁଲଘରଠିକି । ଡେଣ୍ଟାରେ ବାଲ୍ଟିଏ ପାଣି ଉଠେଇ ପୀତବାସ ଆଣି ଥୋଇଦେଲା ଆମ

Digitized by srujanika@gmail.com

ପାଖରେ । ଆଉ ସ୍କୁଲର ମାଷ୍ଟରଙ୍କଠାରୁ ଗୋଟିଏ କଂସାଢ଼ାଳ ଆଣିଲା । ଆଗ ଦି ଢାଳ ଲେଖା ପାଣି ପିଇଗଲୁ । ମୁହଁହାତ ଧୋଇ, ସେଇ ପଡ଼ିଆର ଘାସଗାଲିଚା ଉପରେ ଚାରିକାତ ମେଲେଇ ପଡ଼ିଗଲୁ ଦଣ୍ଡେ ।

ପୀତବାସ ଗଲା ତା ଘରଣୀକୁ କହିଆସିବାକୁ ଯେ, ସେ ରାତିରେ ଆମ ପାଖେ ରହିବ ଆଉ ତା ପରଦିନ ପଥରଖୁମ୍ବକୁ ଯିବ ହାତୀ ମାରିବାକୁ । ଗାଁର ଗ୍ରାମରକ୍ଷୀ କୁଞ୍ଜ ନାଏକ ଆମକୁ ସାଙ୍ଗ ଦବ ଶାମାଚାଙ୍ଗିଠୁ ବିଜାସାହିକୁ ଯିବା ପାଇଁ । ରାସ୍ତାଟା ତ ବଣୁଆ ବାଟ– କିଏ ଜାଣେ, ବାଟରେ ବାଘ କି ଭାଲୁ ଆମକୁ ନହାବୁଡ଼ିବେ । X X X

କେମିତି ଯେ ଆମେ ସେଦିନ ବିଜାସାହିଯାଏ ଆସିଥିଲୁ, ଭାବିଲେ ବର୍ତ୍ତମାନ ବି ଦେହ ଶୀତେଇଉଠେ । ହିଡ଼, ବିଲ, ପଥର, କଣ୍ଟାବଣ ଭିତର ଦେଇ ରାସ୍ତାଟା ରାତିରେ ବଡ଼ ଭୟଙ୍କର । ଗାଁର ଲୋକେ କହନ୍ତି, ସେ ଗାଁମୁଣ୍ଡର ଚିର୍‌ଗୁଣୀ ଢିଅନ୍ତା ଖାଇଯାଏ ଲୋକଙ୍କୁ । ହେଲେ ଆମକୁ ଚିର୍‌ଗୁଣୀ ଖାଇବା କଥା ନଥିଲା ଯେ, ପାଦଟାମାନ ଚାଲି ଚାଲି ଫୁଲି ଯାଇଥାଏ– କ୍ୟାନ୍‌ଭିସ୍ ଜୋତା ଫାଟିବା ଉପରେ । ଆଉ ବୋଲ ମାନୁନଥାଏ ପାଦ । ଯେତେ ଖୁଣ୍ଟା ପଥର ବାଟରେ ଥିଲେ, ସବୁଥିରେ ବାଜୁଥିଲା ବୁଢ଼ା ଆଙ୍ଗୁଠିର ନଖ । ବିଜାସାହି ଗାଁମୁଣ୍ଡ ଢେଙ୍କାନାଳ ସଡ଼କଠେଇ ଆମ ଫିଆଟ୍ ଗାଡ଼ିଟା ଥିଲା । ସେଥିରେ ବସି ସିଧା ଗଲୁ ଖଟୁଆହତା ।

ତା ପରଦିନ ବଡ଼ିଭୋର– କୁକୁଡ଼ା-ଡାକୁଆ ବେଳ, ବାହାରିଲୁ ଫେର୍ ପଥର ଖୁମ୍ବ । କାମାକ୍ଷାନଗରଠୁ ଗୋଟିଏ ନୂଆ ସଡ଼କ ତିଆରିହେଉଛି ତାଳଚେର ଯାଏ । ସେହି ରାସ୍ତାରେ ନଅ କିଲୋମିଟର ଗଲେ ଗୋଟିଏ ରେଭିନିଉ ରାସ୍ତା ଅଛି । ପ୍ରାୟ ଚାରି କିଲୋମିଟର ପଥରଖୁମ୍ବ ଗାଁକୁ । ସେଠି ପହଞ୍ଚିଲାବେଳକୁ ଦିନ ହେଲାଣି ଆଠଟା । ଗାଁ ଗୋହିରୀ ରାସ୍ତାରେ ସହରର ଫିଆଟ୍ କାର୍ ଯିବାର ଦେଖି ଗାଁର ସବୁ ପିଲେ, ମାଇପେ ଧାଇଁଲେ ପିଛା ଧରି ସ୍କୁଲଘରଯାଏ । ସେଇଠି କାର୍‌ଟା ରଖିଦେଇ ପୀତବାସ ଓ କୁଞ୍ଜ ବେହେରାକୁ ସାଙ୍ଗରେ ଧରି ବାହାରିଲୁ ଜଙ୍ଗଲକୁ । ସେ ଗାଁର ବି ଦଳେ ଟୋକା ଆମ ସାଙ୍ଗରେ ଚାଲିଲେ ଦେଖିବାକୁ ।

ପୀତବାସ ଆଖୁକିଆରି ମୁଣ୍ଡରୁ ହାତୀ-ଖୋଜ ଧରି ଧରି ଚାଲିଲା । ଆମେ ଗାଁର୍ ପୋଖରୀ ତୁଠ ଦେଇ ରାସ୍ତାରେ ଗଲୁ ସେପାଖ ବଣକୁ । ଅଧଘଣ୍ଟାକ ପରେ, ଆମ୍ବତୋଟା ପାରିହେଲା ବେଳକୁ ଆମ ଦଳରେ କଂଗ୍ରେସ ଆସି ମିଶିଲା । କଂଗ୍ରେସ ହେଉଛି ବାଇଶ ବରଷର ଭେଣ୍ଡିଆ ଟୋକା । କାନ୍ଧରେ ଗୋଟାଏ ବାଉଁଶ ପାଛିଆ, ଡାହାଣ ହାତରେ ଆଙ୍କୁସିଲଗା ଗୋଟିଏ ଦଶଫୁଟିଆ ନଗି । ସେଥିରେ ସେ ଟୋଲଫଳ ପାରୁଥିଲା ବଣରୁ, ଯୋଉ ବାଟ ଦେଇ ଭଙ୍ଗାଦାନ୍ତିଆ ସକାଳୁ ସକାଳୁ ଯାଇଥିଲା ସେଇ ବାଟର ବଣରେ ।

ସେ ଆସି ଆମକୁ ବାଟ କଢ଼େଇନେଲା କେନ୍ଦୁ ଗଛ ମୂଳକୁ । ସେଇଠି ହାତୀ ଗୁଡ଼ାଏ କେନ୍ଦୁ ଖାଇଥାଏ; ଆଉ ଗଦାଏ ଲଣ୍ଡି ଗଦେଇଦେଇ ଯାଇଥାଏ । ଖୁବ୍ ଅଳ୍ପ ସମୟ ଆଗରୁ ଭଙ୍ଗାଦାନ୍ତିଆ ପୋଖରୀପାଣି ଯାଇଛି ବୋଧହୁଏ, ତା ପରିସ୍ରାରେ ଭୂଇଁଟା

Digitized by srujanika@gmail.com

ଏବେ ବି ଓଦା ରହିଛି । ଚାଲ, ଚାଲ ଏଇ ପାଖରେ କେଉଁଠି ଥିବ ନିଶ୍ଚୟ । ପୀତବାସକୁ କୁହାଟମାରି ଡକାଗଲା ଫେରିଆସିବାକୁ ।

କଂଗ୍ରେସ ଟୋକାଟା ବଡ଼ ଚାଲାକ– ଯୋଉ ବରଷ କଂଗ୍ରେସ ସରକାର ଆମ ଦେଶକୁ ହାତକୁ ନେଲା, ସେଇ ବରଷ ସେ ଜନ୍ମହୋଇଥିବାରୁ, ତା ମା' ନାଁ ଦେଇଥିଲା ତାର କଂଗ୍ରେସ ବୋଲି । ସେ ବଣ-ଜଙ୍ଗଲରେ ଖୁବ୍ ଘୂରେ । ଭଙ୍ଗା ଲଟିପତର କି ଓଲଟିପଡ଼ିଥିବା ଘାସଟିଏ ଦେଖି ସେ କହିଦେବ, କେତେ ଆଗରୁ କି ଜନ୍ତୁ ସେବାଟେ ଯାଇଥିଲା । ସେ ହାତୀ ମୂତରେ ଭିଜା ମାଟିକୁ ଛୁଇଁ ଏଇ ତ ଗଲା ବୋଲି ଠାରିଦେଲା । ସେ କାଳେ କମ୍ କଥା କହେ । ଯଦି ଆମ ଦେଶରେ ଏଇପରିକା କର୍ମୀ ଥାଆନ୍ତେ, ଯେଉଁମାନେ କଥା କମ୍‌କହି କାମ କରିଯାଆନ୍ତେ, ତେବେ ଏ ଦେଶରେ ସୁନା ଫଳନ୍ତା !!

ଟିକିଏ ପରେ ପୀତବାସ ଫେରିଲା । ଚାଲିଲୁ ଖୋଜ ଦେଖି ଦେଖି । ଖଣ୍ଡେଦୂର ଯାଇଛୁ କି ନାହିଁ, ଶୁଖିଲା ପଥର ଭୂଇଁରେ ଖୋଜ ଆଉ ଦିଶିଲାନି । ହେଲେ କିନ୍ତୁ କଂଗ୍ରେସ ସିଧା ସିଧା ଚାଲିଥାଏ, ସେଇ ବାଉଁଶ-ପାଛିଆ ତାର କାନ୍ଧରେ, ଆଉ ସେଇ ନଗି ତା ହାତରେ । କୋଉଠି ପଥରଟା ଟିକିଏ ଚିହିଁକି ଯାଇଛି ତ କୋଉଠି ଘାସ ବୁଦାଟା ଚିପିହୋଇଯାଇଛି । କୋଉଠି ଡାଳଟା ଟିକିଏନାଁକୁ ନଇଁଯାଇଛି, ଏମିତିକା ଛୋଟ ଛୋଟ ଚିହ୍ନ ଦେଖି, କଂଗ୍ରେସ ଓ ପୀତବାସ ଆଗେଇଥା'ନ୍ତି । ଆମେ ତାଙ୍କ ପଛେ ପଛେ ଚାଲିଥାଉ ବନ୍ଧୁକ ଧରି ।

ଆମକୁ ଲଙ୍ଗଡ଼େଇ ଥାଏ ଅର୍ଜୁନ । ସେ ପଥରଖୁମ୍ବ ଗାଁର 'ଦୋକାନୀପୁଅ ।' ତାର ଛ'ଗୁଣ୍ଠ ଜମିରେ ଆଖୁ ହୋଇଥିଲା ଯେ ଶଳା ଭଙ୍ଗାଦାନ୍ତିଆ ଖାଇଦେଇଛି ପଅରିଦିନ ରାତିରେ । ରାଗରେ ଗରଗର– ଇଚ୍ଛା ପାଞ୍ଚଣରେ ପାହାରେ ଦବ ଭଙ୍ଗାଦାନ୍ତିଆକୁ – ବାବୁମାନେ ଗୁଳି କଲା ପରେ ଅବଶ୍ୟ ! ଆଉ ସୁକୁଟା, ବକଟା ଦିହେଁ ଗାଈ, ମଇଁଷି ସବୁ କନିକାକୁ ଜିମା କରିଦେଇ ଦଉଡ଼ିଛନ୍ତି ଆମ ପଛରେ । ଜଣେ ଦୂରବୀଣଟା, ଜଣେ ପାଣିବୋତଲ ଧରି ଚାଲିଛନ୍ତି ପଛରେ । ଆମେ ଏତେଗୁଡ଼ାଏ ଲୋକ ଚାଲୁଥାଉ, ହେଲେ ଆମ ଦୁଇଜଣଙ୍କର କ୍ୟାନ୍‌ଭିସ୍ ଜୋତାର ସର୍‌ର ଶବ୍ଦ ଛଡ଼ା ଆଉ କିଛି ଶବ୍ଦ ହେଉନଥାଏ । ବଣ ଲଟିରେ ଘୂରାଘୂରି କରିବାରେ ଦେଖିଲି ସମସ୍ତେ ଅଭ୍ୟସ୍ତ – ବିରାଡ଼ି ପରି ବିନା ଶବ୍ଦରେ ଯା'ଆସ କରନ୍ତି ସେମାନେ ।

ହାତୀଖୋଜ ଦେଖି ଦେଖି ଅନୁସରଣ କରିବାଟା ଶିକାରୀର ସବୁଠୁଁ ବଡ଼ ରୋମଟାଙ୍କୁରା କାମ । ଏଇ ଗଛ ଉହାଡ଼ରେ କାଳେ ଥିବ ଆମକୁ ଛକିକି ? ସେ ବାଙ୍କରେ ଯୋଉ ବଡ଼ କଳା ଭଳି ଜିନିଷଟା ଦେଖାଯାଉଛି, ସେଇଟା ଆଉ ତା ପେଟ ନୁହେଁ ତ ? ଛକି ଛକି ପାଖକୁ ଯାଇ ଦେଖେ ତ ସେଇଟା ପଥରଟାଏ ।

ସେତେବେଳେ ଦେହର ସବୁ ଶିରା-ପ୍ରଶିରାରେ ରକ୍ତର ସୁଅ ଛୁଟିଥାଏ, ନିଶ୍ୱାସ ଖୁବ୍ ଜୋର୍‌ରେ ଚାଲିଥାଏ, ଆଉ କାନ'ଠିଆ ଠିଆ । କୋଉଠି ଖୁଡ଼୍‌କରି ଶବ୍ଦଟେ ହେଲେ, ବନ୍ଧୁକ କାନ୍ଧରେ ତ– ଆଖି ବନ୍ଧୁକର ମାଛିକି ଅନିଶା ।

Digitized by srujanika@gmail.com

ଏଇପରିକା ଧୀରେ ଧୀରେ ଚାଲିଲୁ ପ୍ରାୟ ସାତ କିଲୋମିଟର ବାଟ । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲାଣି– ତାତିଲା କରେଇରେ ଭାଜିଲାଭଳି ଆମକୁ ସେକିଦେଉଥାଏ । ଆମେ ଯାଇ ପହଞ୍ଚିଲୁ ସୁନ୍ଦରାଖୋଲ ପାଖ ମଳିକ ତଇଳାଠେଇ । ପାଟି ଶୁଖି ଆଫା-ଆଫା ହେଲାଣି । ସାଢ଼େ ପାଞ୍ଚସେରିଆ ବନ୍ଧୁକଟାକୁ ବୋହି ବୋହି ହାତ ଘୋଳେଇହେଲାଣି ।

ଆମେ ବସିଲୁ ତଇଳା ମଝିରେ ଯୋଉ ଶାଳଗଛଟିଏ ଅଛି ତାର ଛାଇରେ । ମୁନ୍ଦିଏ ମୁନ୍ଦିଏ ପାଣି ପିଇଲୁ । ପୀତବାସ ଆଉ କଂଗ୍ରେସ ଗଲେ ଖୋଲଟା ଦେଖିଆସିବାକୁ । ହାତୀ ତ ଶୋଇଥିବ । ଦଶଟା ବାଜିଲାଣି, ଖରା ଟାଣ ହୋଇଛି, ସେ ତ ବର୍ତ୍ତମାନ ପାଣି ପାଖରେ ଥଣ୍ଡା ଜାଗା ଦେଖି ନିଦଯାଉଥିବ । ଖଣ୍ଡେ ଦୂରରୁ ତାର ଘୁଙ୍ଘୁଡ଼ି ଶୁଭିବନି କି ?

ଅଧଘଣ୍ଟା ପରେ ପୀତବାସ ଦଉଡ଼ି ଦଉଡ଼ି ତଇଳା କାଛକୁ ଆସି ଆମକୁ ଠାରିଲା – 'ଜଲ୍‌ଦି ଆସ ।' ଦୌଡ଼ିଲୁ ଆମେ । ଜଙ୍ଗଲ କାନିରେ ପୀତବାସ ଠାରିଦେଲା, ଏଇ ଆଗରେ ଭଙ୍ଗାଦାନ୍ତିଆ ଡ଼ାଳଭାଙ୍ଗୁଛି । ପାଦ ଚିପି ଚିପି, ଶୁଖିଲା ପତର, କାଠି ଏଡ଼େଇ ଏଡ଼େଇ ଚାଲିଲୁ ତା ପଛରେ । ପଚାଶ ମିଟର ଯାଇଛୁ କି ନାହିଁ, ପୀତବାସ ଠିଆହୋଇ ଗୋଟାଏ ବୁଦା ଗହଳି ଆଡ଼କୁ ଠାରିଲା । କାହିଁ, କିଛି ତ ନାହିଁ । ସୁର୍-ଶବ୍ଦ କିଛି ନାହିଁ– କଥା କ'ଣ ? ମୁଠାଏ ଧୂଳି ଧରି ଉଚ୍ଚରୁ ଛାଡ଼ିଦେଲି, ଦେଖିଲି ପବନଟା ଆମ ଆଡୁ ସେଇ ବୁଦାଆଡ଼କୁ ବହୁଛି । ଅନୁମାନ କରିନେଲି ଯେ, ଭଙ୍ଗାଦାନ୍ତିଆ ଆମର ଗନ୍ଧ ପାଇଛି ଓ ଚୁପ୍‌ଚାପ୍ ଛପିକରିରହିଛି – ପାଖକୁ ଗଲେ ସେ ଆମ କଥା ବୁଝିବ । ଦେହଟାଯାକର ରୋମସବୁ ଟାଙ୍କୁରିଉଠିଲା । ଛାତି ଧପ୍ ଧପ୍ କଲା । ଗୁରୁକୁ ଠାରି କହିଲି, ଧୀରେ ଧୀରେ ଟିକିଏ ବାଁକୁ ଘୁଞ୍ଚିଯିବା ଯେ ଆମର ଗନ୍ଧଟା ସେ ଆଉ ପାଇବନି । ଫେର୍ କୋଡ଼ିଏ କଦମ୍ ବାଁକୁ ଗଲୁ । ଗୋଟିଏ ଛୋଟ ଶାଳଗଛ କଡ଼କୁ ଆମେ ଚୁପ୍‌ଚାପ୍ ଠିଆହୋଇ ରହିଲୁ । ବନ୍ଧୁକ କାନ୍ଧରେ – ଆଖି ବନ୍ଧୁକ ନଳି ଉପର ମାଛି ଉପରେ, ଆଉ ସେଇ ଝଙ୍କାଳିଆ ଲଟି ଉପରେ ।

ଏକ, ଦୁଇ, ତିନି, ଚାରିମିନିଟ୍ ଗଲା, ସୁର୍-ଶବ୍ଦ ନାହିଁ । ଝିଙ୍କାରୀଗୁଡ଼ାକଙ୍କର ଝିଁ-ଝିଁ ରାବ ନୀରବ ହୋଇଗଲା– ପବନ ବି ଧୀର । ବଣଟାଯାକ ନୀରବରେ ନିଶ୍ୱାସ ବନ୍ଦ କରି ଯେମିତି ଚାହିଁ ରହିଛନ୍ତି କଣ ଗୋଟାଏ ଘଟିବ – କଟକର ଏଇ ବାବୁମାନେ ଏଇ 'ଭଙ୍ଗାଦାନ୍ତିଆ' ଦାନ୍ତର ଶିକାର ହେବେ କି ଏଠିକାର ଏକଚ୍ଛତ୍ର ରାଜା ଏଇ ଭଙ୍ଗାଦାନ୍ତିଆ ଆଜି ଶିକାରୀ ଗୁଳିରେ ମରିବ !

ପାଞ୍ଚ, ଛଅ, ସାତମିନିଟ୍ ଗଲା । ହାତଦୁଇଟା କ୍ରମେ କ୍ରମେ ଅବଶ ହୋଇଯାଉଥାଏ । ବନ୍ଧୁକଟାର ଓଜନ ସାଢ଼େପାଞ୍ଚ ଜାଗାରେ କୋଡ଼ିଏ ସେର ହେଲା ଭଳି ଲାଗୁଥାଏ । ହଠାତ୍ ଲଟି ଭିତରୁ 'ଗୋଟିଏ ଦାନ୍ତ' ଚିକ୍ ଚିକ୍ କରିଉଠିଲା । ଶୁଣ୍ଢଟା ସାପପରିକା ଆଗ ଗଛର ଡାଳଟାରେ ଗୁରେଇହୋଇଗଲା । ଛୋଟ ମିଟିମିଟିକା ଆଖିଟା ଆମ ଆଡ଼କୁ ଚାହୁଁଥାଏ ।

କାଳେ ଆମକୁ ଦେଖିପକେଇବ, କାଳେ ବୁଲିପଡ଼ିବ ପରା ! ଆଖି ଆଉ କାନ

Digitized by srujanika@gmail.com

ମଝିକି ଅନିସାକରି ଗୁଳି ଟିପିଲି । ହାତ ତ ସେତେବେଳକୁ ଘୋଳେଇଲାଣି – ତରବରରେ ମାରିବାରୁ ଗୁଳିଟା ବାଜିଲା ଥୋମଣିରେ । ହାତୀଟା ଘୂରିପଡ଼ି ଆମର ବାଁ ପାଖ ଦେଇ ଦଉଡ଼ିଲା । ଫେର୍ ଦ୍ୱିତୀୟ ନଳିର ଗୁଳିଟା ତା'ର ପିଞ୍ଜରା ମଝିକୁ ଦେଖି ମାଇଲି । ଗୁରୁପ୍ରସାଦର ବି ଦୁଇଟି ଗୁଳି ଫୁଟିଲା । ବଣ-ଜଙ୍ଗଲ ସେ ଶବ୍ଦରେ କମ୍ପିଉଠିଲା । 'ଭଙ୍ଗାଦାନ୍ତିଆ' କାହାଳିଲା । ଓହୋ – କି ଭୟଙ୍କର ସେ ଶବ୍ଦଟା – ଶୁଣିଲେ ରକ୍ତ ପାଣି ହେବାର କଥା ।

ହାତୀଟା ଦଉଡ଼ି ଦଉଡ଼ି ନାଳ ସେପାଖକୁ ଗଲା । ଗୁରୁ ଚାହିଁଲା ମୋ ମୁହଁକୁ– ମୁଁ ଚାହିଁଲି ତାକୁ । ପୀତବାସକୁ ଦଉଡ଼ିବାକୁ କହିଲି ତଇଲାକୁ, ବାକି ଗୁଳିତକ ନେଇଆସିବାକୁ । ମୁଁ ତ ଭାବିଥିଲି ଗୋଟିଏ ଗୁଳିରେ କାମ ଖତମ ହୋଇଯିବ ବୋଲି – ହାତରେ ଦୁଇଟା କାର୍ତ୍ତୁସ୍ ଧରି ଆସିଥିଲି ପୀତବାସ ପଛେ ପଛେ । ସେଇ ଦୁଇଟା ଗୁଳି ଭରିଲି । ଦଶ ପାଦ ଯାଇ ଦେଖେ ତ ରକ୍ତ ପଡ଼ିଛି ଖୁବ୍ ବେଶି । ଆଉ ଦଶ ପାହୁଣ୍ଡ ପରେ ହାତୀ ହଗିଛି ଓ ବାନ୍ତି କରିଛି । ଜାଣିଲି ଗୁଳି ହାତୀର ହୃତ୍‌ପିଣ୍ଡରେ ଲାଗିଛି, ସେ ଆଉ ବେଶି ଦୂର ଯାଇପାରିବନି ।

କଂଗ୍ରେସ କିନ୍ତୁ ଛାଇଭଳି ହାତୀର ପିଛା କରିଥିଲା । ଚାଳିଶ, ପଚାଶକଦମ୍ ଦୂରର ଗଛଗହଳିରୁ ଆମକୁ ଠାରିଲା । ଯାଇ ଦେଖିଲି ଭଙ୍ଗାଦାନ୍ତିଆ ଠିଆହୋଇଛି, ଆଉ ଝୁମୁଛି । କାଳେ କଣ ହେବ ଭାବି ଫେର୍ ଗୋଟାଏ ଗୁଳି ମାରିଲି । ଗୁରୁପ୍ରସାଦ ବି ମାରିଲା ଆଉ ଗୋଟାଏ ଗୁଳି ! 'ଭଙ୍ଗାଦାନ୍ତିଆ'ର ବିରାଟ ବପୁଟା ଟଳିପଡ଼ିଲା ମହୁଲଗଛ ତଳେ । ପାଖକୁ ଦଉଡ଼ିଯାଇ ଦେଖେ ତ ଅର୍ଜୁନ ଗୋଟାଏ ପାଞ୍ଚଣ ଧରି ତା ବିରାଟ ପେଟରେ ପିଟିଚାଲିଛି । 'ଭଙ୍ଗାଦାନ୍ତିଆ'ର ପାଟିଟା ମେଲାହୋଇଗଲା । ଗୋଟାଏ ଝଡ଼ ଭଳି ବତାସ ବାହାରିଆସିଲା ସେ ମୁହଁ-ଗୁହାରୁ – ସବୁ ସ୍ଥିର ହୋଇଗଲା ତା ପରେ ।

ବନ୍ଧୁକ ଶବ୍ଦରେ ପାଖଆଖ ବସ୍ତିର ଲୋକେ ଦୌଡ଼ି ଦୌଡ଼ି ଆସିଥିଲେ ସେ ବଣକୁ । ଆମେ ତ ଅନେକ ବାଟ ଆସିଥିଲୁ । କେମିତି ପଥରଖୁମ୍ବରେ ଖବର ପହଞ୍ଚିଲା କେଜାଣି – ପଞ୍ଚାଏ ଲୋକ ଆସି ଠୁଳହେଲେ । ବଣଟାଯାକ ହାଟପରିକା ହେଲା । ସମସ୍ତେ ଆନନ୍ଦରେ କହିଲେ– ଏଥର ଆଖୁବାରିରୁ କିଛି ଆମଦାନୀ ହବ । ଗାଁଟା ଯେମିତି ସ୍ୱସ୍ତିର ନିଶ୍ୱାସ ମାରିଲା ।

Digitized by srujanika@gmail.com

ଢେଙ୍କାନାଳ-କପିଳାସ ରାସ୍ତାରେ ସଞ୍ଜ

ରାଇଟ୍-ନେଭିଲ ସାହେବ ମୋତେ ଫୋନ୍‌ରେ କହିଲେ, ଢେଙ୍କାନାଳର ଏସ୍.ପି. ତାଙ୍କୁ ତାର-ଖବର ଦେଇଛନ୍ତି ଯେ ସେଠି ଗୋଟାଏ ବାଘ ଦୁଇଟା ମଈଁଷି ମାରିଛି, ଆଇ.ଜି. ସାହେବଙ୍କୁ ଶୀଘ୍ର ଢେଙ୍କାନାଳ ଯିବା ପାଇଁ ଅନୁରୋଧ ହେଇଚି । ସେଦିନ ଦୁର୍ଯୋଗକୁ ଆଇ.ଜି. ସାହେବଙ୍କର ଦେହ ଭଲନଥିଲା – ଯାଇପାରିଲେନାହିଁ । ତେବେ ସେ ଆଇ.ଜି. ସାହେବଙ୍କର ନାମ-ଡାକ ଖୁବ୍ ଥିଲା – ଭଲ ଶିକାରୀ ବୋଲି । ତାଙ୍କର ଓଡ଼ିଶା ଚାକିରିକାଳରେ ସେ ଅନେକ ମଣିଷଖିଆ ବାଘ ମାରିଛନ୍ତି । ଆଉ ଯେବେ କେହି ଆସି ତାଙ୍କର ସାହାଯ୍ୟ ମାଗେ ବଦମାସ୍ ବାଘଟିଏ ମାରିବାକୁ ସେ ସଙ୍ଗେ ସଙ୍ଗେ ତାର ବ୍ୟବସ୍ଥାକରନ୍ତି । ଢେଙ୍କାନାଳ ଏସ୍.ପି.ଙ୍କଠାରୁ ତାର-ଖବର ପାଇ ସେ ଭାରି ବ୍ୟସ୍ତହେଲେ । ନିଜେ ତ ଯାଇପାରୁନାହାନ୍ତି – ଏଣେ ବାଘ ମଈଁଷି ମାରିଚି । ତାକୁ ନମାରିଲେ ଫେର୍ ଆଉ କାହାର ମଈଁଷି ମାରିବ ତ । ମୋତେ ସେଇଠୁ ଫୋନ୍‌ରେ ଆଦେଶ ଦେଲେ ଯେ ଶୀଘ୍ର ଢେଙ୍କାନାଳକୁ ଯିବାକୁ, ଆଉ ସେ ମଈଁଷିଖିଆ ବାଘକୁ ମାରିବାକୁ । ଏଇ ଆଦେଶଟା ମଲୁକୁ ବଇଦ ବତେଇଲା ପରିକା ହେଲା । ମୁଁ ତ ସେତେବେଳେ ନୂଆନୂଆ ଶିକାରକରୁଥାଏ । ହାଲରେ ଗୋଟିଏ .୩୭୫ ରାଇଫଲ୍ ବି କିଣିଥାଏ– ଚାଳିଶ ପଚାଶଟା ଗୁଳିରେ ଚାନ୍ଦମାରି କରିଥାଏ । ମନ ସକ୍ ସକ୍ ହେଉଥାଏ କିମିତି ନିଶାଣ ପରଖ ହେବ ବଣଜନ୍ତୁ ଉପରେ ।

ଚାରି ବାଜୁବାକୁ ଯାଇ ଢେଙ୍କାନାଳ ଏସ୍.ପି.ଙ୍କ ଘରେ ପହଞ୍ଚିଲି । ପଚାରିବାରେ ଏସ୍.ପି. କହିଲେ, ସେ ତାର କରିଥିଲେ ସତ; କିନ୍ତୁ ବାଘ ଖବର କିଛି ନାହିଁ । ସେ କେବଳ ଆଇ.ଜି.ଙ୍କୁ ସେଠିକି ଡାକିବାପାଇଁ ଏପରି ତାରକରିଥିଲେ ।

ଏସ୍.ପି.ଙ୍କ ଘରକୁ ଲାଗି ଡି.ଏଫ୍.ଓ.ଙ୍କ ଘର । ସେତେବେଳେ ମୋର ସାନଭାଇ ଅମ୍ବିକା ସେଠିକାର ଡି.ଏଫ୍.ଓ. । ତାଙ୍କ ଘରକୁ ଗଲି – ସେଠି ଚାହା ଖାଉ ଖାଉ ଏସ୍.ପି.ଙ୍କର ତାରକଥା କହିଲି । ସେ ବାଘର କିଛି ଖବର ଜାଣିନାହାନ୍ତି ବୋଲି କହିଲାରୁ ମୋର ମୁହଁ ତ ଏତେ ଟିକେ ହୋଇଗଲା । ମୋର ଏପରି ଅବସ୍ଥା ଦେଖି ଅମ୍ବିକା ମନକୁ ମୋର ବୋଧଦବାକୁ କହିଲା ଯେ ସେଦିନ ତାର ସରଷିଆପଦାଆଡ଼େ ଯିବାର ଅଛି ଜଙ୍ଗଲ କପିସ୍ ଦେଖିବାକୁ – ଆଉ ସେପଟେ ବାଘ, ପେଣ୍ଡା (କଲରାପତରିଆ ବାଘକୁ

Digitized by srujanika@gmail.com

ସେଠି ପେଣ୍ଡ୍ରା କହନ୍ତି) ବଡ଼ ମାତିଛନ୍ତି ବୋଲି ଖବର ଆସିଥିଲା – ସାଙ୍ଗରେ ଯାଇପାରନ୍ତେ ତ ଖବର ନବାପାଇଁ ।

ସେଇ କଥା ହେଲା । ମୁଁ ବି ସରିଷିଆପଦାକୁ କେବେ ଯାଇନଥିଲି । ଲୋକଙ୍କଠୁ ଶୁଣିଥିଲି ସେଆଡ଼ର ଜଙ୍ଗଲରେ ବାଘ ଭାଲୁ ପଲ ପଲ, ହାତୀ ଦଳ ଦଳ; ଆଉ ମିରିଗ ସମ୍ବର ଅସୁମାରୀ । ଦିନ ପ୍ରାୟ ସାଢ଼େ ଚାରିଟା ସରିକି ଆମେ ବାହାରିଲୁ । ସଙ୍ଗରେ ହରିବାବୁ – ସେଠାର ଏଗ୍ରିକଲ୍‌ଚର ଅଫିସର୍ ବାହାରିଲେ । ମୋ ସଙ୍ଗେ ଯାଉଥାଏ ନରେନ୍ଦ୍ରମୋହନ ଦେଓ । ସରିଷିଆପଦା ରାସ୍ତାରେ କାର୍ ଯିବା କଷ୍ଟ । ତହୁଁ ଗୋଟିଏ ଜିପ୍ ମାଗିଲୁ ଜଣେ ବନ୍ଧୁଙ୍କଠୁ । ବାଟରେ ଠାଏ ଠାଏ ଜଙ୍ଗଲ କଟା ଚାଲିଥାଏ । ସେଇଠି ଅମ୍ବିକାର କାମ ସରୁ ସରୁ ପ୍ରାୟ ସଞ୍ଜ ।

କପିସ୍ ଜଙ୍ଗଲରେ ବୁଲିବାକୁ ଅମ୍ବିକାର ଅଧଘଣ୍ଟେ ଖଣ୍ଟେ ଲାଗିବାର କଥା । ତେଣୁ ମୁଁ ମୋର ଛୋଟ .୩୫୫ ରାଇଫଲ୍‌ଟି ଧରି ସଡ଼କ ସେପାଖ ବଣରେ ପଶିଲି । ପାଖରେ ତ ମୋଟରେ ତିନୋଟି ଗୁଳି ଥାଏ – ମଇଁଷି ମଢ଼ ନିକଟରେ ଥିବା ମଞ୍ଚା ଉପରେ ବସି ବାଘକୁ ମାରିବାର କଥା ଥିଲା । ସେଥିପାଇଁ କଟକରୁ ବାହାରିଲା ବେଳେ ତିନୋଟି ଗୁଳି ଧରି ବାହାରିଥିଲି । ପ୍ରତ୍ୟେକ ଶିକାରୀର ଏଇପରି ଗୋଟିଏ ଅଧେ ବିଶ୍ୱାସ ଥାଏ – ମୋର ସେମିତି ତିନିଟା କି ପାଞ୍ଚଟା ଗୁଳିରେ ଖୁବ୍ ବିଶ୍ୱାସ ଥିଲା ।

ସେତେବେଳକୁ ସୂର୍ଯ୍ୟ ଖୁବ୍ ତଳକୁ ଖସିଲେଣି – ଶାଳଗଛର ତଳଟା ଅନ୍ଧାରୁଆ ହୋଇଆସିଲାଣି । ଦୂରରେ କୁକୁଡ଼ା ପାଣି ପିଇ ରାତି ପାଇଁ ଯେ ଯାହାର ଡାଳକୁ ଫେରିବାର ବାଟରେ କେଁ-କଟର ହୋଇ ଦିନତମାମ୍ ‌କଣ କଣ ହେଲା କୁହାକୁହି ହେଉଥାନ୍ତି ବୋଧହୁଏ । ମୟୂର ଯାଇ ଉଚ୍ଚା ଡାଳରେ ବସା ଧରିଲାଣି – ମଝିରେ ମଝିରେ 'କିଏ ହୋ', 'କିଏ ହୋ' ବୋଲି ଡାକିଦଉଚି ଯେ ବଣଟା କମ୍ପିଉଠୁଛି । ପାଏ ବାଟ ହେବ, ଆଗରେ ପାଣିଖଦାଟିଏ ଥିଲା ବୋଧହୁଏ – କାରଣ ସେଇଆଡୁ ଏହିସବୁ ଶବ୍ଦ ଆସୁଥାଏ । ମୁଁ ଗୋଟିଏ ଗୋଟିଏ ସେଇଆଡ଼େ ଚାଲିଲି । ଖଣ୍ଡେବାଟ ଯାଇଛି, ଦେଖେ ଯେ ଗୋଟିଏ ଛାଇ ବାଁ ପାଖ ବୁଦାମୂଳରୁ ଡାହାଣ ପାଖ ଅଟାଣ୍ଡି ଲଟା ଭିତରେ ପଶିଗଲା । ଛାତିଟା ଦାଉଁକିନା ହେଲା – ବେକ ପାଖର ରୁମସବୁ ଠିଆହେଲା – ବାଘଟା ନା ପେଣ୍ଡ୍ରାଟାଏ ହେବ ବୋଧହୁଏ । ମୁଁ ତ କିଛି ଶବ୍ଦ ନକରି ପାଦ ଟେକି ଟେକି ଚାଲୁଥିଲି – ଏ ଜନ୍ତୁଟା ଛପିଥିଲା କିଆଁ ? ଏ ଅଞ୍ଚଳରେ ତ ମଣିଷଖିଆ ବାଘର ଖବର ନଥିଲା । ମୋତେ ଛକି ବସିଥିଲେ ତ ଏତେ ଧୀରେ ବାହାରି ଆଗର ଅଟାଣ୍ଡି ଲଟାକୁ ଯାଇନଥାନ୍ତା । ନାଃ, ଭାବିଲି ଆଉ କଣ ଜନ୍ତୁଜନ୍ତା ପାଣି ପାଇଁ ଯାଇଚି ଆଗକୁ; ଏ ବାଘଟା ତାକୁଇ ଅନୁସରଣ କରି କରି ଚାଲିଚି ବୋଧହୁଏ । ପାଦେ ପାଦେ ଫେର୍ ଆଗେଇଲି । ଅଟାଣ୍ଡି ଲଟିଠେଇଁ ଚୁପ୍‌କି ଠିଆହେଲି – ବନ୍ଧୁକକୁ ଉଠାଇ ଧରିଥାଏ । ସାମନାରେ ଖସ୍ ଖସ୍ ଆଓ୍ୱାଜ୍ ହେଲା; ଦେଖେ ତ ଚାରିଟା ମାଈ ହରିଣ ସେଇ ଅଟାଣ୍ଡି ଲଟିକୁ ଅନେଇଁଛନ୍ତି – କାନଟିମାନ ତାଙ୍କର ଠିଆ-ଠିଆ – ଟିକେ ପଛରେ ଗୋଟାଏ ଶିଙ୍ଗାଳ, ଧୀରସ୍ଥିର କାଠପରିକା

Digitized by srujanika@gmail.com

ଠିଆହୋଇଥାଏ । ନିଶାଣ କଲି ତାର ଠିକ୍ ବେକ ମଝିକୁ ଓ ଘୋଡ଼ା ଚିପିଦେଲି । 'ଢୋଓ' ଶବ୍ଦରେ ଜଙ୍ଗଲଟା ଘୋ ଘୋ ହେଲା । ସେଇ ଅଧସେକେଣ୍ଡ ଭିତରେ ଢେର୍‌ଗୁଡ଼ିଏ ଘଟଣା ଘଟିଗଲା । ମିରିଗ ଚାରିଟା ଯାହା ଦେଖିଥିଲି ସେଠି ଦୁଇ-ଚାରିଗଣ୍ଡା ମିରିଗ ଥିଲେ; ସବୁ ଫକ୍‌ଫକ୍ ଡେଇଁ ପଳେଇଲେ । ବାଁ ପାଖ ଲଟି ଗହଳିରେ ଆହୁରି ବଡ଼ ବଡ଼ ଶିଙ୍ଗାଳ ଦୁଇଟା ବି ଗଲେ କୁଆଡ଼େ – ଏଣେ ମୋର ଟିକେ ଡାହାଣ କରରେ ଯେଉଁ ଅତାଣ୍ଡି ଲଟିଟି ଥିଲା, ତାରି ଭିତରୁ ଗୋଟିଏ କଲରାପତରିଆ ବାଘ ବାହାରି ଧପ୍‌ଧପ୍ ହୋଇ ପଳେଇଲା ଡାହାଣ ପାଖ ବଣ ଭିତରକୁ । ସେପଟରେ ଗୋଟିଏ କୁଟୁରା ରଡ଼ି ଆରମ୍ଭ କରିଦେଲା । ମୟୂର, କୁକୁଡ଼ା କାହାଣେ ହବ ସେ ପାଖଆଖ ଗଛ-ଲଟିରେ ଥିଲେ – ସବୁ ଏକାଥରେ ରାବିଲେ । ଚାରି ପାଞ୍ଚ ମିନିଟ୍‌ଯାଏ ଯେମିତି ଗୋଟା ବଣଟା ମୋତେ ପାଟିକରି ଗାଳିଦଉଛି । ହେଲେ ସେତେବେଳକା ବୟସରେ ମୋତେ ଏସବୁ କିଛି ଲାଗିନଥିଲା । ଟୋକା ବୟସରେ ଖାଲି ଲକ୍ଷ୍ୟ ଥିଲା ଗୁଳିଟା ମୋର କଉଠି ବାଜିଲା – ଜନ୍ତୁ ମଲା କି ନାହିଁ । ଦୌଡ଼ିଯାଇ ଦେଖେ ତ ମିରିଗ ଶିଙ୍ଗାଳଟା ମରିଯାଇଛି – ଗୁଳିଟା ଠିକ୍ ବେକ ମଝିରେ ବସିଛି । ଏଇ ଜନ୍ତୁଟା କିନ୍ତୁ ଛୋଟ – ଶିଙ୍ଗ ବି ସାନ ସାନ । ଯେଉଁ ଦୁଇଟା ପଳାଇଗଲେ ସେଗୁଡ଼ାକ ବିରାଟ ଆକାରର ଶିଙ୍ଗାଳ ଥିଲେ । ବନସି ସୂତା ଛିଡ଼ାଇ ଯେଉଁ ମାଛଟା ପଳାଏ ସେଇଟା ଯିମିତି ବଡ଼ ଏ ତ ସେମିତି ।

ବନ୍ଧୁକ-ଶବ୍ଦ ଶୁଣି ଅମ୍ବିକା, ହରିବାବୁ ଓ ଦେଓ ଆସି ପହଞ୍ଚିଲେ ମୋ ପାଖରେ । ଶିଙ୍ଗାଳ ମିରିଗଟିଏ ଦେଖି ଖୁବ୍ ଖୁସିହେଲେ । ଧରାଧରି କରି ନେଲୁ ସେ ମଲା ଜନ୍ତୁଟାକୁ ଜିପ୍ ପାଖକୁ । ଗାଡ଼ିରେ ଲଦିଲୁ । ସେତେବେଳକୁ ଅନ୍ଧାର ହେଲାଣି ପ୍ରାୟ । ଅମ୍ବିକା ଓ ହରିବାବୁଙ୍କର ତର୍କ ଚାଲିଥାଏ ସେ କଲରାପତରିଆ ବାଘଟା ତ ଛକିଥିଲା ମିରିଗପଞ୍ଝାକୁ – ମୁଁ କିଆଁ ତାର ଆହାର ଛଡ଼ାଇ ଆଣିଲି ? ମୋର ତ ନିଘା ଥିଲା ସେଇ ହରିଣ ଶିଙ୍ଗାଳ ଉପରେ – ଏଣେ ଯଦି ଏଇ କଲରାପତରିଆ ବାଘ ମୋତେ ଧରିଥାଆନ୍ତା – କି ବିପଦ ନହୋଇଥାନ୍ତା କହିଲ ? ଅମ୍ବିକା ତ ଢେର୍ ବଣ ବୁଲିଛି । ସେ କହିଲା, ଏଠାରେ କଲରାପତରିଆ ବାଘ, କି ବାଘ ମଣିଷ ଖାଇବାର ନଜିର ନାହିଁ । ବାଘ ଯଦି ମଣିଷ ନଖାଇଛି ସେ ମଣିଷର କିଛି କରିବନି । ତା'ଛଡ଼ା ତାର ନିଘା ଯିମିତି ମିରିଗପଞ୍ଝାଙ୍କ ଉପରେ ଥିଲା – ହେଲେ ଦୂରରେ ଥିଲେ ବୋଲି ସେ ଡେଇଁକି ଧରିବାକୁ ଗଲାନି । ମୋର ରାଇଫଲ୍ ବୋଲି ସିନା ମୁଁ ମାରିପାରିଲି, ନହେଲେ ସେ ମିରିଗପଞ୍ଝାଟାକୁ ଧରିବାକୁ ସେଇ ପେଣ୍ଡ୍ରାର ବହୁତ ସମୟ, ବହୁତ କଷ୍ଟ ହୋଇଥାଆନ୍ତାନି କି ? ଏଇମିତି କଥାବାର୍ତ୍ତା ଚାଲିଥାଏ – ଦେଓ ମୁନ୍ଦିଏ ମୁନ୍ଦିଏ ଚା' ସମସ୍ତଙ୍କୁ ଦେଲାରୁ ଖାଇଲୁ ଆମେ – ଫ୍ଲାସ୍କ, ଗ୍ଲାସ୍‌ହେରିକା ସାଇତା ସଇଲା – ଫେର୍ ବାହାରିଲୁ ସରିଷିଆପଦା ଆଡ଼କୁ । ରାସ୍ତାଟା ସେତେବେଳକୁ ଖାଲି ମାଟି ରାସ୍ତା – ଶଗଡ଼ଗୁଳାପରିକା ହୋଇଥାଏ । ବାହାରିକି ପାଏ ବାଟ ଯାଇନୁ କି ନାହିଁ ଆଲୁଅ ଜାଳିବା ଦରକାର ହେଲା । ଯେମିତି ଆଲୁଅ ଜଳିଚି ଦୂରରେ ଦେଖିଲୁ ରାସ୍ତା ମଝିରେ ଗୋଟିଏ କାଠଗଡ଼ ପଡ଼ିଚି ଯେ ତା'ର ଶେଷ ଭାଗଟା

Digitized by srujanika@gmail.com

ଆମକୁ ଦିଶୁଛି । ଅମ୍ବିକା କହିଲା, "କୁଉପ୍ ତ ପଛରେ ରହିଲା, ଏଠି କାଠଗଡ଼ ରାସ୍ତା ମଝିରେ କିଏ ପକାଇଛି ।" ତା କଥା ଶେଷହୋଇଚି କି ନାହିଁ କାଠଗଡ଼ଟା ଯେମିତି ହଲିଲା, ଦେଓ ପାଟିକରି ଉଠିଲା 'ବାଘ ବାଘ' ଓ ଧଡ଼କିନା ଗାଡ଼ିର ବ୍ରେକ୍ ଦେଲା । ସେଇ ଧକ୍କାରେ ହଉ କି ମୋର ବେଶି ଆଗ୍ରହ ଯୋଗୁ ହେଉ ମୁଁ ଗାଡ଼ିର ସିଟରୁ ଯାଇ ଏକବାର ଗାଡ଼ି ଆଗରେ ହେଡ୍ ଲାଇଟ୍ ପାଖରେ ପଡ଼ିଲା ପରିକା । ଗାଡ଼ିର ଆଲୁଅରେ ବାଘର ପିଚାଟା, ଲାଞ୍ଜଟା ସେତେବେଳକୁ ଭଲ ଦିଶିଲାଣି । ରାଇଫଲ୍‌ଟା ନିଶାଣ କରିବାର – ଗାଡ଼ିର ଆଲୁଅର ତରାସରେ – ଚେଷ୍ଟା କରୁଥାଏ, ସେ ବାଘଟା ମାଇଲା ଡିଆଁ ଯେ ପାଞ୍ଚ ଛଅଫୁଟ ଉପରକୁ – ସେଇ ଶୂନ୍ୟରେ ଥାଇ ପକ୍ଷୀ ପରିକା ଲେଉଟି ପଡ଼ିଲା ଡାହାଣ ପାଖର ବଣ ଭିତରକୁ । ସେଇ ଯେ ଶୂନ୍ୟରେ ଲେଉଟିଲା ସେତିକିବେଳେ ମୋର ବନ୍ଧୁକ ଫୁଟିଲା – ଦେଖିଲି ବାଘଟା ବାଘ ନୁହେଁ – ଗୋଟାଏ ବିରାଟ କଲରାପତରିଆ ବାଘ । ସେଟାକୁ ସେ ଅଞ୍ଚଳରେ ପେଣ୍ଡ୍ରା ବାଘ କହନ୍ତି ।

ଗୁଳି ତ ଫୁଟିଲା – ହେଲେ କଲରାପତରିଆ ବାଘଟି ବଣକୁ ଡେଇଁ ପଳାଇଲା । ହରିବାବୁ କହିଲେ, "ଆହାଃ, ବାଘଟା ପଳେଇଲା ।" ମୋର ମନଟା ବଡ଼ ଖରାପ ହେଲା । ଏତେଦିନର ଚାନ୍ଦମାରି ଅଭ୍ୟାସ ଅକାରଣ ହେଲା ! ହେଲେ ଦେଖିବା ସେଠି କଣ ହେଇଛି – ମନେହେଲା ଗୁଳି ଲାଗିଛି ବୋଲି । ମନକଥା ମୋର କହିଲି – ବାକି ତିନିଜଣଯାକ କହିଲେ, ବାଜିନାହିଁ; କାରଣ ଜନ୍ତୁଟା ଡେଇଁଲା କେଡ଼େ ସହଜରେ – ଦେଖିବାକୁ ଖୁବ୍ ସୁନ୍ଦର ଦିଶିଲା । ଗୁଳି ବାଜିଥିଲେ ଟିକେ ହେଲେ ଗର୍ଜିଥା'ନ୍ତା କି ଦେହଟା ତାର ଚିହିଁକିଥାନ୍ତାନି ?

ଯଦି ବି ବାଜିଚି – ଘାଉଲା ହେଇଚି । ଏଇ ଅନ୍ଧାରରେ କେବଳ ଗୋଟିଏ ଦୁଇ-ସେଲିଆ ଟର୍ଚ୍ଚ ନେଇ ବଣକୁ ପଶିବା ଘାଉଲା ବାଘ ଖୋଜି ? ନାଃ, ସେକଥା ହେବନି । ଯେଉଁ ଜାଗାରେ ପେଣ୍ଡ୍ରାଟା ଶୋଇଥିଲା ସେଠିକି ଯାଇ ଗାଡ଼ିର ଆଲୁଅରେ ସେଠାର ଭୂଇଁଟା ଭଲକରି ଦେଖିଲି । ଗୋଛାଏ ରୁମ ପାଇଲି । ସେଥିରେ ରକ୍ତ ଲାଗିଥାଏ, ଆଉ ଗରମ ଲାଗୁଥାଏ ରକ୍ତଟା । ସେତିକିବେଳେ ବାଘର ମଲାବେଳର ଶେଷ 'ଆଃ, ଆଃ' ଶବ୍ଦ ବି ଶୁଣିଲାପରିକା ଲାଗିଲା । ସେକଥା କହିଲାରୁ ହରିବାବୁ ହସିଲେ – କହିଲେ, "ଶିକାରୀର ଏମିତି ବାଉଳା ହେବାର ନଜିର କମ୍ ନାହିଁ ତ ।"

ମୁଁ ତାଙ୍କୁ ସେ ରକ୍ତଭିଜା ଓଦା ରୁମ ଦେଖେଇଲି । ସେଇ ତ ପ୍ରମାଣ ଯେ ଗୁଳିଟା ବାଜିଚି । ହରିବାବୁ କହିଲେ, "ତାହାହେଲେ ଚଟ୍‌କରି ବସିପଡ଼ି ଗାଡ଼ିରେ ଏଠୁ ଦୂରକୁ ଯିବା – ଘାଉଲା ପେଣ୍ଡ୍ରା ପାଖରେ ରହିବା ଠିକ୍ ନୁହେଁ – କାଲି ସକାଳୁ ଆସି ଦେଖିବା ।" ସେଇ କଥା ହେଲା । ଗୋଟିଏ ଶାଳୁଆ ଡାଳ ଆଣି ସେଇ ରାସ୍ତା ଉପରେ ପକେଇଦେଇ ଆମେ ଚାଲିଲୁ ସରିଷିଆପଦାକୁ ।

ଶଗଡ଼ଗୁଳା ପରି ସରୁ ମାଟି ରାସ୍ତାରେ ଜିପ୍ ଚାଲିଥାଏ । ତା'ରି ହେଡ୍‌ଲାଇଟ୍‌ରେ ଦୁଇ ପାଖର ବଣକାନ୍ଥରେ ଜୁଳୁଜୁଳୁ ଆଖିସବୁ ଦିଶୁଥାଏ । ନେଉଳ, ଶାଳିଆପତନି,

Digitized by srujanika@gmail.com

ଠେକୁଆହେରିକା ନାନାପ୍ରକାର ଛୋଟ ଛୋଟ ଜନ୍ତୁଜୁନ୍ତା ଘୋ-ଘୋ ଶବ୍ଦ କରି କଣ ଗୋଟିଏ ଆସୁଛି ବୋଲି ଟିକେ ଚମକି ରହିଯାନ୍ତି – ଫେର୍ ପ୍ରାଣବିକଳରେ ଲୁଚିଯା'ନ୍ତି ବୁଦାତଳେ । ଆକାଶଛୁଆଁ ଲମ୍ବା ଶାଳଗଛ ରାସ୍ତାର ଦୁଇପାଖରେ – ଲାଗୁଥାଏ ଯେମିତି ଆମେ ଗୋଟାଏ ପତରଗହଳି ସୁଡ଼ଙ୍ଗ ଭିତରଦେଇ ଯାଉଛୁ । ଅତାଣ୍ଡିଲତାସବୁ ସରୁଆ ସରୁଆ ଡଙ୍କ ମେଲେଇଥା'ନ୍ତି ରାସ୍ତା ଉପରକୁ – ସେଇ ଡାଳଗୁଡ଼ାକ ଆମ ମୁହଁ-ଆଖିରେ ବାଜୁଥାଏ ବୋଲି ଗାଡ଼ି ଧୀରେ ଧୀରେ ଚଳାଇବାକୁ ପଡ଼ିଥିଲା । ଦୁଇଟା କୁଟୁରା ବଣକାନ୍ଥରେ ଆମକୁ ଅନେଇ ଠିଆହୋଇଥିଲେ – ହରିବାବୁ ଦେଓକୁ କହିଲେ ଗାଡ଼ି ରଖିବାକୁ । ଗାଡ଼ି ରଖୁ ରଖୁ ଟିକେ ଆଗକୁ ଚାଲିଗଲା ଯେ ହେଡ୍‌ଲାଇଟ୍‌ର ତରାସ ଆଉ କୁଟୁରା ଉପରେ ପଡ଼ିଲାନାହିଁ – ଦୁଇସେଲିଆ ଟର୍ଚ୍ଚରେ ଭଲ ଦିଶିଲାନି ଆମକୁ; ହେଲେ ସେମାନେ ଆମ ଗନ୍ଧ ପାଇଗଲେ ପରା – 'ହେଉ ହେଉ' ରଡ଼ି ଛାଡ଼ି ଏକା କୁଦାକେ ଉଭେଇଗଲେ । ବଣଟାଯାକ ଅଧଘଣ୍ଟା ଖଣ୍ଡେ କୁଟୁରାର ଡାକ ଶୁଣାଯାଉଥାଏ । ସରିକ୍ଷିଆପଦା ପାଖ ହେଲାରୁ ଦୁଇପାଖ ଜଙ୍ଗଲ ଘୁଞ୍ଚିଗଲା – ପଦା ତଇଲା ଦୁଇପାଖରେ ବାଙ୍କ ଉପରେ ବୁଲିଲାବେଳେ ଗାଡ଼ିର ଆଲୁଅରେ ଦେଖିଲୁ ଜୁଳୁଜୁଳୁ ଆଖି କାହାଣେ ଖଣ୍ଡେ – ଦିଆଲିରେ ଦୀପମାଳା ଜଳିଲାପରିକା – ଏତେ ମିରିଗ ଏକାଠି କେବେ ଦେଖିନଥିଲି । ସେତେବେଳକୁ ତ ଅନ୍ଧାର ରାତି – ବିନା ଆଲୁଅରେ ବନ୍ଧୁକ ଲାଖ କରିହବନି । ଆଲୁଅ ପକେଇ ହରିଣ, ସମ୍ବର ମାରିବାଟା ମନା । ରିଜର୍ଭ ଫରେଷ୍ଟ ଆଇନ ଅନୁସାରେ ଆଲୁଅ ପକେଇ ହରିଣ, ସମ୍ବର, କୁଟୁରାହେରିକା ନିରୀହ ଜନ୍ତୁଜୁନ୍ତା ମାରିବା ମନାଅଛି । ଗାଡ଼ିରେ ବସିକି ଗୁଳିକରିବା ବି ବେଆଇନ୍ । ସେଥିପାଇଁ ସେ ହରିଣପଲ ଭିତରେ ଯଦିଓ ବଡ଼ ବଡ଼ ଶିଙ୍ଗାଳ ଥିଲେ, ମାରିଲୁନି । ତା ପରେ ମୋ ପାଖରେ ସେତେବେଳେ ଜମାରୁ ଗୋଟିଏ ବୋଲି ଗୁଳି ଥାଏ – ଏତେ ବାଟ ଫେରିବାକୁ ତ ପଡ଼ିବ – ବାଟରେ ଫେର୍ ବାଘ-ଫାଘ କଣ ଯଦି ଭେଟିବୁ ? ପାଞ୍ଚ ମିନିଟ୍ କାଳ ସେଇଠି ଜିପ୍ ଏପାଖ ସେପାଖ କରି ଦେଖିଲୁ କେତେ ମିରିଗ ମନଖୁସିରେ ତଇଳାରେ ବୁଲୁଛନ୍ତି – ମନ ହେଲେ କଣ ଟିକେ ମୁହଁରେ ଦେଉଛନ୍ତି ତ ପୁଣି ଫେରି ଆମକୁ ଅନେଇଁ ଦେଉଛନ୍ତି – ଆମକୁ ଅନେଇଲା ବେଳେ ଆଖିଟିମାନ ଜଳଜଳ ହୋଇ ସବୁଜ ରଙ୍ଗର ଆଲୁଅପରିକା ଦିଶୁଥାଏ । ସାନ ସାନ ବଚା ମିରିଗଛୁଆଟିମାନ ମା' ପେଟ ପାଖରେ ରହି ଜୁଳୁଜୁଳୁ ଅନେଇଁଥାନ୍ତି – ବେକକୁ ଟୁଙ୍ଗାରୁଥାନ୍ତି ।

ଏତେ ସୁନ୍ଦର ଦେଖାଯାଉଥାଏ ଯେ କୁହାନଯାଏ । ସେ ହେଲା କୋଡ଼ିଏ ବର୍ଷ ଆଗ କଥା । ଏବେ ଓଡ଼ିଶାର କେଉଁ ଜଙ୍ଗଲରେ ଏକାଠି ଏତେ ମିରିଗ ଦେଖାଯାଆନ୍ତିନି । କେଉଁଠି ହଲେ କି ତିନୋଟି ଯଦି ଦେଖିଲ ତ ଭାଗ୍ୟ ଭଲ ବୋଲିବାକୁ ହବ । ଶୁଣିଲି, କାଳେ ବହୁତ ଲୋକ ଏବେ ଶିକାରକୁ ବାହାରନ୍ତି ଜିପ୍‌ରେ ବସି – ରାତି ରାତି ବଣ-ପାହାଡ଼ରେ ପଇଁତରା ମାରନ୍ତି ବଡ଼ ବଡ଼ ସ୍ପଟ୍ ଲାଇଟ୍ ନେଇ । ମିରିଗ ସମ୍ବର ବଡ଼ ନିରୀହ ଜନ୍ତୁ । ଆଲୁଅ ଦେଖିଲେ ଠିଆହୋଇ ଅନାନ୍ତି – ବଡ଼ ସ୍ପଟ୍ ଲାଇଟ୍ ଆଲୁଅରେ

Digitized by srujanika@gmail.com

ଜଳକା ବନିଯାନ୍ତି; ଆଉ ଯାଇପାରନ୍ତିନି । ଶିକାରୀମାନେ ଏଣେ ୧୨ ଗଜ୍ ଦୁଇ ନଳିଆରେ ଛର୍‌ରା ପକାଇ ଫୁଟାନ୍ତି । ଛର୍‌ରା ଓ.ଏଲ.ଜି.ର ଛୋଟ ଛୋଟ ସିସା କେତେଗୁଡ଼ିଏ ଜନ୍ତୁ ଦେହରେ ବାଜେ – ପାଖଆଖରେ ଯେତେ ଜନ୍ତୁ ଥାଆନ୍ତି ସବୁ ଘାଇଲା ହୁଅନ୍ତି । କିଏ ମରେ, କିଏ ବା ଘାଇଲା ହୋଇ ପଳାଏ – ପେଣ୍ଡାର କି ବିଲୁଆର ସହଜ ଶିକାର ହୁଏ । ସବୁଠୁଁ ବେଶି ମରନ୍ତି ପାଣି ପାଖରେ । ଏବକୁ ଗାଁ-ଗାଁକେ ବନ୍ଧୁକ ଅଛି । କେଉଁଠି ଖୁନ୍ଦା ବନ୍ଧୁକ ତ କେଉଁଠି କାର୍ତ୍ତୁସ୍ ବନ୍ଧୁକ । ସମସ୍ତଙ୍କୁ ଲାଇସେନ୍‌ସ ମିଳିଛି ଫସଲ ରକ୍ଷା କରିବାକୁ । ଜଙ୍ଗଲ ପାଖ ଗାଁଗଣ୍ଡାରେ ଲୋକେ ଖୁବ୍ ବେଶି କ୍ଷତି ସହନ୍ତି ଏଇ ବଣୁଆ ଜନ୍ତୁମୁହଁରେ । ମିରିଗ, ସମ୍ବର, କୁଟୁରା, ବାର୍‌ହା ସବୁପ୍ରକାର ଫସଲ ଖାଇଯାଆନ୍ତି – ନଷ୍ଟ ବି କରନ୍ତି । ସେଇ ଫସଲ ଜଗିବା ପାଇଁ ପ୍ରତି ଗାଁରେ ବନ୍ଧୁକ ଲାଇସେନ୍‌ସ ଦିଆଯାଇଛି । ହେଲେ ସେ ବନ୍ଧୁକସବୁ – ପ୍ରାୟ ଅଧିକାଂଶ ବ୍ୟବହାର ହୁଏ ଖରାଦିନେ ପାଣିଖଦାଠେଇ – ରିଜର୍ଭ ଜଙ୍ଗଲ ଭିତରେ ଖଳିମାଟିଠେଇ ଓ ପାଣିଖଦାଠେଇ । କୋଡ଼ିଏବର୍ଷ ଆଗରୁ ଏତେ ବନ୍ଧୁକ ନଥିଲା କି ପାଣିଖଦା, ଖଳିମାଟିଠି ବାଣୁଆ ଜଗିବସିବା ଶୁଣାନଥିଲା । ସେଇଟା ବେଆଇନ ଥିଲା । ଏବେ ବି ବେଆଇନ ଯେ, ଲୋକ ଧରାପଡୁନାହାନ୍ତି । ଏଣେ ଜଙ୍ଗଲସବୁ କ୍ରମେ କ୍ରମେ କମିଯାଉଛି – ବେଶି ମଣିଷ ଜଙ୍ଗଲକୁ ପଶୁଛନ୍ତି – କିଏ କାଠ ପାଇଁ ତ କିଏ କେନ୍ଦୁପତ୍ର ପାଇଁ, ପୁଣି କିଏ ଶାଳମଞ୍ଜି ପାଇଁ । ଏତେ ଲୋକଗହଳିରେ ଜନ୍ତୁଜୁନ୍ତା ଶାନ୍ତିରେ ପରିବାର ବଢ଼ାଉଛନ୍ତି କିମିତି ଆଉ ? ଏଇ ପ୍ରକାର ଅନେକ କାରଣରୁ ଜନ୍ତୁଜୁନ୍ତା କମିଗଲେଣି ଆମ ବଣ-ଜଙ୍ଗଲରୁ । ଏମିତି ବି ହୋଇପାରେ ଯେ ଆଉ ଦଶବରଷ ପରେ ମିରିଗ କଣ, କିମିତିକା ଜନ୍ତୁ, ଆମ ଓଡ଼ିଶାବାସୀ କହିପାରିବେନି । କୋଲକତା ଚିଡ଼ିଆଖାନାରେ କିମ୍ବା ବାରଙ୍ଗର ନନ୍ଦନକାନନରେ ଆସି ଦେଖିବେ ତ ଜାଣିବେ; ନହେଲେ ନାହିଁ । ଆମର ସମ୍ବଲପୁର ଜଙ୍ଗଲରେ ବାରାଶିଙ୍ଗା ଥିଲେ ପଚିଶ ତିରିଶ ବର୍ଷ ଆଗରୁ – ବର୍ତ୍ତମାନ ଯାଇ କାନା ସେଂକ୍‌ଚ୍ୟୁରିର ଜବଲପୁର ପାଖରେ ଦେଖିବାକୁ ମିଳିବ । ସେମିତି ବଣମଇଁଷିଟିଏ ଓଡ଼ିଶା ଜଙ୍ଗଲରେ ନାହିଁ । କିଛିଦିନ ଆଗରୁ ଖଡ଼ିଆଳ ଜଙ୍ଗଲରେ, ମାଲକାନ୍‌ଗିରି ଜଙ୍ଗଲରେ ପଲ ପଲ ଥିଲେ । ପନ୍ଦରବର୍ଷ ଆଗରେ ଆମର ଏଇଠି ଦଶମାଇଲ ଦୂର ଚନ୍ଦକା ବଣରେ ବାଘ ଦିଶୁଥିଲେ ସଞ୍ଜବୁଡ଼କୁ -- ଦିନରେ ମିରିଗ ଆସି ଚନ୍ଦକା ବଙ୍ଗଳା ହତାରେ ବରକୋଳି ଖାଇବାକୁ କନ୍ କନ୍ ହେଉଥିଲେ । ସେମିତି ମନଭୁଲାଣିଆ ଦୃଶ୍ୟ ତ ଆଉ ଦେଖିବାକୁ ମିଳୁନି ଓଡ଼ିଶା ଦେଶରେ । ଆଉ କୋଡ଼ିଏବର୍ଷ ପରେ ହୁଏତ ଆମର ପିଲାମାନେ ବୁଢ଼ୀ-ମା'ର ଗପରୁ ଜଙ୍ଗଲ କଥା ଶୁଣି ଟାଟକା ହେବେ – ଅଗନାଅଗନି ବନସ୍ତ କିମିତିକା, 'କୁଆ-କୋଇଲିର ଥଣ୍ଟ ନାହିଁ' ମାନେ କଣ ପଚାରିବେ ? x x x ସୁଲୁସୁଲିଆ ପବନ ବହିଲା ଯେ, ଆମ ଦେହର ଗନ୍ଧ ମିରିଗ ପଞ୍ଝାଟା ପାଇଗଲେ – ଫକ୍ ଫକ୍ ଫକର୍ ହୋଇ ଯୋଉ କୁଦାମାରି ବଣରେ ପଶିଲେ, ଦେଖି ଆମେ ହସି ହସି ବେଦମ୍ । ହରିବାବୁ ତ ଗୁଣ୍ଡି ପାନଟିଏ ପାଟିରେ ପୂରାଇଥିଲେ– ହସର ଲହସରେ ଢୋକେ ଗୁଣ୍ଡିମିଶା ଲାଳ ଗଳାରେ ପଶିଲା କି କଣ, ଭାରି କାଶହେଲା ।

Digitized by srujanika@gmail.com

ପାଣି ଢୋକେ ପିଇ ସାଷ୍ଟମ ହେଲାରୁ ଆମେ ଯାଇ ଗାଁମୁଣ୍ଡ ଫରେଷ୍ଟ ଗାର୍ଡ଼ ଘରଠେଇ ରହିଲୁ । ଅମ୍ପିକା ତା'ର କଣ କଥା ହେଲା – ଆମେ ଗାଁର ଲୋକଠୁ ବୁଝିଲୁ ବାଘ ସେ ଅଞ୍ଚଳରେ ଗୋରୁଗାଈ ମାରୁଚି କି ? ସେମାନେ କହିଲେ ଯେ, ହାଲ୍‌ରେ ସେମିତି କିଛି ଖବର ନାହିଁ – ହେଲେ ହାତୀ ପଲଟେ ଖୁବ୍ ନଷ୍ଟ କରୁଥାନ୍ତି ଫସଲ ।

ରାତି ସାତଟା ବେଳକୁ ଫେରିଲୁ ଢେଙ୍କାନାଳ ରାସ୍ତାରେ । ଯେଉଁଠି ଶାଳଗଛର ଡାଳଟିଏ ପକେଇଥିଲି ସେଠି ପହଞ୍ଚି ଜିପ୍‌କୁ ଜଙ୍ଗଲ ଭିତରକୁ ପୂରେଇଦେଲୁ । ପ୍ରାୟ କୋଡ଼ିଏ କଦମ୍ ଦୂରରେ – ଗୋଟିଏ ବାଉଁଶବୁଦା ମୂଳରେ ଦେଖିଲୁ, ସେ କଲରାପତରିଆ ବାଘଟି ମରି ଶୋଇଛି । ଗୁଳିଟି ଠିକ୍ ଦ୍ୱିତୀୟ ପଞ୍ଜରା ମଝିରେ ପଶି ହୃତ୍‌ପିଣ୍ଡଟିକୁ ଛତୁକରିଦେଇଛି । ଯେଉଁ ବାଟରେ ଗୁଳିଟା ପଶିଥିଲା ସେଇଠି ମେଞ୍ଚାଏ ଚର୍ବି ଠିପିପରିକା ଲାଗିଯାଇଛି । ରକ୍ତ ଟୋପାଏ ବି କେଉଁଠି ପଡ଼ିନଥିଲା । ପ୍ରାୟ ସତୁରି ଗଜ ଦୂରରୁ ଗୁଳି ମାରିଥିଲି ତ – ତାପରେ ସେଟା 'ନରମମୁହାଁ' (Soft-nose) କାର୍ତ୍ତୁସ୍ ଥିଲା – ସେ ଗୁଳିଟା ଦେହରେ ପଶି ଫାଟିଯାଇଥାଏ ଯେ ଆଉ ଦେହରୁ ବାହାରିପାରିନଥାଏ । ମାପିକି ଦେଖେ ତ ସେଇଟା ସାତଫୁଟ ଦୁଇଇଞ୍ଚ (ସେତେବେଳେ ଦଶମିକ ମାପକାଠି ହୋଇନଥିଲା) । ହେଲେ ଜନ୍ତୁଟା ଖୁବ୍ ଓଜନଦାର ଥିଲା । ଆଉ ଦେହର ଲୋମ ଖୁବ୍ ଚିକ୍‌କଣ । ମୁଣ୍ଡଟା ବାଘମୁଣ୍ଡପରିକା ବଡ଼ – ଅଣ୍ଡିରା କଲରାପତରିଆ ବାଘ । ଚାରିଜଣଯାକକୁ ଖୁବ୍ କଷ୍ଟ କରିବାକୁ ହେଲା ଜିପ୍‌ଉପରକୁ ଟେକିବାକୁ । ମୋ ମନଟା ତ କୁଣ୍ଢେମୋଟ ହେଲା । ଚାନ୍ଦମାରି କରିବାଟା ବୃଥା ହେଇନି । ତା'ପରେ ହରିବାବୁଙ୍କ ପ୍ରଶଂସା ଏତେ ରସାଳିଆ ଯେ, ଯିଏ ପାରେ ସେ ଉସ୍‌କିଥାନ୍ତା ସେତେବେଳେ । ମୁଁ ତ ଏକାବେଳକେ ଅଣନିଶ୍ୱାସୀ ହୋଇଗଲି – ତାଙ୍କୁ ସେ ଚମଡ଼ା ଦେବି ବୋଲି ରାଜିହୋଇଗଲି । ପରେ ଅବଶ୍ୟ ସେ ଚମଡ଼ାଟା ତାଙ୍କୁ ଦେଇନି, କାହିଁକିନା ଇମିତି ସୁନ୍ଦର ଚିତାବାଘ ଚମଡ଼ା ଆଉ ମୁଁ ପାଇନି । ମହୀଶୂର ଭେନିଗନ୍ କମ୍ପାନି ତାକୁ ଯତ୍ନରେ କିଓର୍ କରିଦେଇଛନ୍ତି ।

ଖୁସିରେ ଗପସପ ହୋଇ ବାହାରିଲୁ । ଜିପ୍‌ରେ ଗୋଟିଏ ବିରାଟ କଲରାପତରିଆ ବାଘ ଆଉ ଗୋଟିଏ ମିରିଗ ଶିଙ୍ଗାଳ ଲଦାହୋଇଛି । ଘରେ ପହଞ୍ଚିଲେ ମାଂସର କବାବ୍ ହବ – ଏଣେ ଆଇ.ଜି. ସାହେବଙ୍କୁ ଦେଖେଇହେବ ବାଘଟିଏ – କଲରାପତରିଆ ହେଲେ କଣ ହେବ, ବାଘ ତ ? ଜିପ୍ ଚାଲିଥାଏ – କଥା ନହସରେ ମୋର ଆଉ ରାସ୍ତା ଉପରକୁ ନଜର ନଥାଏ – ଦେଓବାବୁ ଗାଡ଼ି ଚଳାଉଥା'ନ୍ତି । ଚାରିମାଇଲ ଖଣ୍ଡେ ଆସିଲା ପରେ ହଠାତ୍ ଜିପ୍‌ଟା ଧପ୍‌କିନା ରହିଗଲା । ଦେଓବାବୁ ମୋ ଡାହାଣ ହାତକୁ ଚିପିଧରି କହୁଥାନ୍ତି, ''ମାରନ୍ତୁ ସାର୍ !'' କିରେ କଥା କ'ଣ ? – କ'ଣ ମାରିବାକୁ ହେବ ? ବନ୍ଧୁକରେ ଗୋଟିଏ ନାଁକୁ ଗୁଳି ଅଛି ଯେ ! ସେ ସେଠୁ ଡାହାଣ ପାଖ ନୟନଯୋଡ଼ିରେ ଗୋଟିଏ ଜନ୍ତୁକୁ ଦେଖାଇଦେଲେ । ସେଇଟା ଗୋଟିଏ ବଡ଼ ବିଲେଇପରିକା ବସିଥାଏ – ଆଖି ବୁଜିକି । ଆଉ ଗୋଟିଏ କଲରାପତରିଆ ବାଘ – ହେଲେ ବହୁତ ସାନ ଦିଶୁଥାଏ ଶୁଖିଲା ଶାଳପତର ଗଦା ପାଖରେ । ଗାଡ଼ିରୁ ଓହ୍ଲାଇ ହେଡ୍‌ଲାଇଟ୍ ପାଖରେ ବସିପଡ଼ିଲାରୁ

Digitized by srujanika@gmail.com

ବନ୍ଧୁକ ନଳିରେ ଆଉ ମାଛିରେ ଆଲୁଅ ଟରାସ ପଡ଼ିଲା । ଭଲକରି ଲାଖ କରି ଟା ବେକକୁ ମାଇଲି । ସେ ଜନ୍ତୁଟା ଆଉ ଆଖି ଖୋଲିନି କି ଜାଣିପାରିନି କଣ ହେଲା । ଏଥର ହରିବାବୁ ଆସି ମୋ ପିଠିରେ ଜାବୁଡ଼ାଟା ଦେଇ କହିଲେ – ''ସାବାସ୍ ।''

ମୋର ସେଦିନ ଭାରି ଖୁସି । ତିନିଟା ଗୁଳି ଧରି ଜଙ୍ଗଲକୁ ଗଲେ – ଦୁଇଟା ଚିତା ବାଘ, ଗୋଟିଏ ହରିଣ । ଚିତାବାଘ ଚମଡ଼ା ଲୋକଙ୍କୁ ଦେଖାଇବାକୁ ହେବ – ନିଜର ଶିକାରୀପଣିଆ ଜାହିର କରିବାକୁ; ଆଉ ମିରିଗ ମାଂସ ଦୁଇଦିନ ଖାଇବାକୁ ହେବ । ଯା'ଠୁଁ ଆନନ୍ଦ ଆଉ ବେଶି ନୂଆ ଶିକାରୀଜୀବନରେ କଣ ହେବ ? ହେଲେ ଢେଙ୍କାନାଳ ଫେରି ତା' ପରଦିନ ସକାଳୁ ଯାହା ଦେଖିଲି ମନଟା ଆମ୍ଳିଳା ହେଲା – ଅବଶୋଷ ଢେର୍ ହେଲା ।

ଏବେ ଯେଉଁଠି ଢେଙ୍କାନାଳ କଲେଜ ହେଇଚି – ତାରି ସାମନାରେ ରେଲଲାଇନ୍ ସେପାଖରେ ଗୋଟିଏ ପାହାଡ଼ ଅଛି – ସେହିଠି ଦୁଇଟା ମଇଁଷିକୁ ବାଘ ମାରିଥିଲା ଦି'ଦିନ ଆଗରୁ – ଆମେ ସରିଷିଆପଦା ଗଲାଠୁ ସେ ସାହିର ଲୋକେ ମଇଁଷିର ମାଂସ ନେଇ ଆସିଲେ – ବାଘ ତା'ର ଭୋକରେ ଅନ୍ୟ କୁଉଠି କଣ ମାରିବାକୁ ଗଲା । ଆହାଃ – କେଡ଼େ ସୁଯୋଗଟା ଚାଲିଗଲା !! ବଡ଼ ବାଘଟାଏ ମାରିଲେ ଶିକାରୀ-ପାଞ୍ଜିରେ ନାଁଟା ରହିଥାନ୍ତା । ଢେଙ୍କାନାଳ ସହର ପାଖରେ – କେଡ଼େ ସୁବିଧାରେ ମାରିହୋଇଥାନ୍ତା ପରା !! କିଏ ଜାଣେ, କେତେଦିନ ପରେ କଉଠି କେମିତି ବାଘଟିଏ ମାରିବାକୁ ମୋ କପାଳରେ ଜୁଟିବ ? ବାଘ-ଶିକାରଟା ପରା ରାଜାର ରାଜୁଡ଼ା ପାରିଧି ? ଯେ ବାଘ ନମାରିଚି ସେ ଲୋକଙ୍କ ଆଖିରେ କି ଶିକାରୀ ହେ .... ?

Digitized by srujanika@gmail.com

ତାରଙ୍ଗର ଭାଲୁ

ବାମଡ଼ାଟା ଗୋଟିଏ କରଦ ରାଜ୍ୟ ଥିଲା ଆଗରୁ । ବାମଡ଼ାର ରାଜବଂଶରେ କବି ଲେଖକ ଢେର୍ ଥିଲେ – ରାଜ୍ୟକୁ ବାମଣ୍ଡା ବୋଲି କହୁଥିଲେ । ବାମଣ୍ଡାର ଦକ୍ଷିଣକୁ ରେଢାଖୋଲ୍ ଷ୍ଟେଟ୍ । ସେକାଳରେ ବାମଣ୍ଡାର ରାଜଧାନୀ ଦେଓଗଡ଼ଠୁ ରେଢାଖୋଲର ରାଜଧାନୀ ରାମପୁର ଯାଏ ଗୋଟିଏ ସଡ଼କ ଥିଲା । ବାଟରେ ଦୁଇଟା ନଈ ଥିଲା ଯେ ପୋଲ ହେଇନଥାଏ । ୧୯୪୮ରେ ବାମଡ଼ା ରାଜ୍ୟ ଓଡ଼ିଶାରେ ମିଶିଲା । ସମ୍ବଲପୁର ଜିଲ୍ଲାର ଗୋଟିଏ ସବ୍‌ଡ଼ିଭିଜନ୍ ହେଲା ବାମଡ଼ା । ସମ୍ବଲପୁରରୁ ଦେଓଗଡ଼କୁ ଗୋଟିଏ ସୁନ୍ଦର ସଡ଼କ – ମରାମତି ରୀତିମତ ହୁଏ – ସବୁଦିନେ ମଟର ଯାଏ । ରାମପୁରଠୁ ଦେଓଗଡ଼ ଯିବାକୁ ସଡ଼କଟା ନାକଟିଦେଉଳ ଦେଇ ନଈନାଳ ପାରହୋଇ ପାହାଡ଼-ବଣ ଭିତରେ ପଶି ଯାଇଚି – ମରାମତି ଅଭାବରୁ ସଡ଼କଟା ଅନେକ ଜାଗାରେ ଶଗଡ଼ଗୁଳାପରି ହୋଇଥାଏ ସେ ସମୟରେ । ଦୁଇଜଣ ବନ୍ଧୁଙ୍କ ସାଙ୍ଗରେ ମୁଁ ବାହାରିଥାଏ – ବାଟରେ ଶିକାର ହେବ । ଆମେ ତିନିଜଣଯାକ ଗୋଟିଏ ଫୋର୍ଡ଼ ଗାଡ଼ିରେ ଗଲୁ । ରାମପୁରଠୁଁ ସମ୍ବଲପୁର ବୟାଳିଶ ମାଇଲ – ସେଠୁ ଦେଓଗଡ଼ ପଅଁଷଠି ମାଇଲ । ଠିକ୍ କଲୁ ଯେ ଶହେମାଇଲ ବାଟ ନଯାଇ ରାମପୁରଠୁ ନାକଟିଦେଉଳ ବାଟେ ଦେଓଗଡ଼କୁ ଯିବା ପଚାଶ ଷାଠିଏମାଇଲ ରାସ୍ତା କମ୍ ହେବ । ଆଉ ବାଟରେ ଶୁଣିଥିଲି ଯେ କାଳେ ବଡିଆ ଜଙ୍ଗଲ ସେ ରାସ୍ତାରେ – ଶିକାର ଢେର୍ । ଟୋକାବେଳ ତ; ଶିକାର କଥା ଶୁଣିଲେ ରକ୍ତ ଗରମ ହୋଇ ଟକ୍ ଟକ୍ ଫୁଟୁଥିଲା ସେତେବେଳେ ।

ସକାଳୁ ରାମପୁରରୁ ବାହାରିଲୁ । ଫୋର୍ଡ଼ ଗାଡ଼ି ଚାଲିଥାଏ ବଣ ରାସ୍ତା, ଶଗଡ଼ଗୁଳାରେ । ହେଲେ ଦୁଇଟା ବଡ଼ ନାଳ, ନଈ କହିଲେ ବି ହେବ – ପାରିହେବାକୁ ଦିନ ଏଗାରଟା ହେଲା । ବାଲିରେ ଆଉ ଝିରି ଝିରି ପାଣିରେ ମଟର ଠେଲି ଠେଲି ଟିକିଏ ହାଲିଆ ବି ହୋଇଥାଉଁ ସବୁ । ଗୋଟିଏ ଗଛମୂଳେ ଗାଡ଼ି ରଖି ଚା' ବିସ୍କୁଟ୍ ଖାଉଚୁ – ଦେଖିଲୁ ଚାରିଟା ଭେଣ୍ଡିଆ ଆମ ଡାହାଣକର ବଣରୁ ବାହାରିଲେ । ହାତରେ ତାଙ୍କର ଗୋଟିଏ ଗୋଟିଏ ସାରୀ ଚଢେଇ । ଡାକିଲୁ ତାଙ୍କୁ ପଚାରିବାକୁ ସେ ଅଞ୍ଚଳରେ ଶିକାର କଥା । ପଚାରିବା ଦରକାର ହେଲାନି । ମନକୁ ସେମାନେ କହିଲେ – ''ତୁମେ ବାବୁ ଶିକାର କରିବ କି ? – ଏଇ ଯେ କୋଶେ ଦୂରରେ ସଡ଼କ ଉପରେ ଗାଁଟା ଦେଖୁଚ –

Digitized by srujanika@gmail.com

ସେଇଟା ଆମରି ଗାଁ – ଟାରଙ୍ଗ – ସେଇଠି ଗାଁକୁ ଲାଗିଛି ବଣ; ଆଉ ସେହି ପାହାଡ଼ଟା ଦେଖୁଚନା – ସେଠି ବାଘ୍‌ହା, ସମ୍ବର ଢେର୍ ଅଛନ୍ତି – ଆମ ସଙ୍ଗେ ଆସ, ଆମେ ଜଙ୍ଗଲ ଆଡ଼ି କରିବୁ – ତୁମେ ଗୋଟାଏ ଯୋଡ଼ାଏ ସମ୍ବର ମାରିଦବ – ଆମ ଗାଁରେ ଭୋଜି କରିବା ....'' ଇତ୍ୟାଦି ଇତ୍ୟାଦି ।

ଚାରିଜଣଯାକଙ୍କୁ ଗାଡ଼ିରେ ବସେଇଲୁ ଆଉ ଗଲୁ ଗାଁଠିକୁ । ସେଠି ଗାଁମୁଣ୍ଡରେ ଗାଡ଼ି ରଖିଲୁ – ସେମାନେ ଓହ୍ଲେଇଛନ୍ତି କି ନାହିଁ ରଡ଼ିଛାଡ଼ିଲେ ଗାଁକୁ ଉଦ୍ଦେଶ୍ୟ କରି– ''ଆସବୋ ଶିକାର ଯିମା ।'' ଗାଡ଼ିରୁ ଓହ୍ଲାଇ ସେମାନେ ଦୌଡ଼ିଲେ ଜଣେ ତଳସାହିକି ଆଉ ଜଣେ ଉପରସାହିକି ଲୋକ ଆଣିବାକୁ – ବଣରେ ପନ୍ତା ଶିକାର ହେବ । ଆମେ ସେଠାର ବଉଳଗଛ ମୂଳେ ବସିଲୁ । ଗାଁର ଜଣେ ବୁଢା ଆସି ଆମର ଗାଡ଼ିଟା ପରଖ କରିବାକୁ ନିରିଖି ଅନାଉଥାଏ – ପଞ୍ଚାଏ ପିଲା ଆସି ଘେରିଥାନ୍ତି ଆମକୁ ଓ ଗାଡ଼ିକି – କିଏ ଠାରିକି ମୋର ଟୋପିଟା ଦେଖାଉଥାଏ ତା'ର ସାଙ୍ଗକୁ – କିଏ ବା ହାଁ-କରି ଚାହିଁଥାଏ ବଳରାମର ଦୋକତା ପାଇପ୍‌କୁ । ସେ ବୁଢା ଜଣକ ଆସି ଆମକୁ ପଚାରିଲା ଯେ ଆମର କଣ ସେଠାର ଜଙ୍ଗଲରେ ଶିକାର କରିବାର ଇଚ୍ଛା ? ସେ ଆମକୁ ମୁଣ୍ଡ ହଲେଇ ବାରଣକଲା । ତା କହିବା ଅନୁସାରେ – ସେ ଜଙ୍ଗଲଟା ବଡ଼ ଭୟଙ୍କର । ବଡ଼ ବଡ଼ ଭାଲୁ ସେଠି ଅଛନ୍ତି – ଗାଁର କେତେ କେତେ ଲୋକଙ୍କୁ ଖଣ୍ଡିଆ-ଖାବରା କଲେଣି । ସେ ଗାଁ ବାଣୁଆର ଗୋଟାଏ ବେଏଁ ଲମ୍ବର ନଳି ଅଛି ଯେ ସେଥିରେ ବି ସେ ସେଠାର ଭାଲୁକୁ ମାରିପାରୁନି – ସେ ତ ଭୟରେ ବଣକାନ୍ଥକୁ ବି ଯାଉନାହିଁ ଏଇ କେତେଦିନ ହେବ । ଆଉ ଆମେ ସବୁ ସହରିଆ ବାବୁ – ଆମର ବଣ କଣ୍ଟା ଲଟୀରେ ପଶିବା ଠିକ୍ ନୁହେଁ – ସେଠି ବଡ଼ ବଡ଼ ଭାଲୁସବୁ ଅଛନ୍ତି – ମଣିଷ ଦେଖିଲେ ଚିହିଁକି ଆସୁଛନ୍ତି – ତା'ପରେ ଏଇ ଯେଉଁ ବନ୍ଧୁକଟା ଅଛି ଗାଡ଼ିରେ – ଏତେ ଛୋଟ ବନ୍ଧୁକ ଯେ ସେଥିରେ ଠେକୁଆ ବି ମାରିହବନି । ଏଇଆକୁ ଧରି ସେଠାର ଜଙ୍ଗଲକୁ ଯିବା ପାଗଳାମି ହେବ । ତାଙ୍କ ଗାଁର ମଳିକପୁଅ ଏତେ ବଡ଼ ନଳି ନେଇକି ଯାଏ ଯେ, ସେଥିରେ ଭାଲୁର କିଛି ହୁଏନାହିଁ । ଏଇପରିକା କେତେ କଥା କହିଗଲା – ତାର ଗାଉଁଲି ଭାଷାରେ । ଆମେ କଟକିଆବାବୁ, ଆମର କଅଁଳ ଦେହରେ କଣ୍ଟା ବାଜିବ – ଆଉ ସବୁଠୁ ବେଶି ଯେ ଆମର ବନ୍ଧୁକଟିମାନ ଛୋଟ – ଅତି ଛୋଟ – ସେ ଜଙ୍ଗଲର ଭାଲୁକୁ ଏ ବନ୍ଧୁକ ନୁହେଁ । ''ନରମା ଶିକାରୀ-ଖେଳନା ନଳି'' ଏହି କଥାକୁ ଦୋହରେଇ ତିହିରେଇ କହିଚାଲିଥାଏ ବୁଢା । ଆମେ ଯେମିତି ତା କଥାରେ କାନ ନଦେଲା ଭଳି ହେଲୁ ସେ ରୁଣ୍ଡହେଉଥିବା ଭେଣ୍ଡିଆମାନଙ୍କୁ କହିଲା, ଦିନ ବାରଟା ଖରାରେ ଆମପରି ନରମା ଶିକାରୀଙ୍କୁ ଧରି ବୁଲିବାଟା ଅକାରଣ ହେବ ।

ସେତେବେଳକୁ ଏଗାର ବାରଜଣ ଟୋକାଟାକଳିଆ ଲୋକ ଜମିଗଲେଣି । ଆମେ ଆମର ବନ୍ଧୁକଟିମାନ ଧରି ଚାଲିଲୁ । ମୋର .୩୫୫ ରାଇଫଲ୍‌ଟା ୨୪ ଇଞ୍ଚ ନଳି – ସେଇଟାକୁ ଦେଖି ବୁଢାର ଏମିତି ହେଜାସିଆ କଥା – ମୋ ସାଙ୍ଗମାନଙ୍କର ୧୨ **ଗଜ୍**

Digitized by srujanika@gmail.com

– ଜଣଙ୍କର ଦୁଇନଳିଆ, ଆଉ ଜଣଙ୍କର ଏକନଳିଆ ଯେ ରିପିଟାର ରେମିଙ୍ଗ୍‌ଟାନ୍ ସେଥିରେ ପାଞ୍ଚଟା କାର୍ତୁସ୍ ଭର୍ତ୍ତିକରିହେବ, ଗୋଟେ ପରେ ଗୋଟେ ଫୁଟାଇହବ – ଲୋଡ୍ କରିବାଟା ମନକୁ ହୁଏ ।

ଜଙ୍ଗଲଟା ଗାଁକୁ ଲାଗିଚି । ବଣବାଟରେ ପାଏ ବାଟ ଯାଇଚୁ, ପନ୍ତା କରିବା ଲୋକଙ୍କ ଭିତରୁ ଜଣେ ଜାଣିବାର ଲୋକ କହିଲା, ''ସେଇଠି ଜଣେ ବାଣୁଆ ବସିବାକୁ – ମଇନୁଦ୍ଦିନ୍ ସେଠି ରହିବାର ହେଲା – ତାପରେ ଖଣ୍ଡେ ଦୂର ଯାଇ ବଳରାମ ଆଉ ଖଣ୍ଡେ ବାଟ ଗଲାରୁ ପାହାଡ଼ ସେପାଖରେ ମୁଁ ରହିଲି । ସବୁ ଭୁଇଁରେ ବୁଦାମୂଳ ଦେଖି ଛପିକି ବସିଲୁ । ମୁଁ ଯେଉଁଠିରହିଲି ସେଠି ଛୋଟ ଛୋଟ ବୁଦା ଖୁବ୍ କମ୍ – ବୁଦା ପଛରେ ରହିଲେ ଆଗକୁ ପରିଷ୍କାର ଦିଶିବନି ବୋଲି ମୁଁ ଗୋଟିଏ ବଡ଼ ଶାଳବୁଦା ସାମନାରେ ଗୋଟିଏ କାଠଗଡ଼ ଉପରେ ବସିଲି । ଖାକି ପେଣ୍ଟ ଓ ଜଙ୍ଗଲି-ସବୁଜ କନାର ଶାର୍ଟ ପିନ୍ଧିଥାଏ – ମୁଣ୍ଡରେ ଥାଏ ଗୋଟାଏ ଖାକି-ସବୁଜମିଶା ରଙ୍ଗର ଗୁର୍ଖା ଟୋପି । ଟୋପିର କନାପଟି ଉପରେ ଦୁଇଚାରିଟା ଛୋଟ ଡାଳ ଭାଙ୍ଗି ଗୁଞ୍ଜିଦେଲି; ଟୋପିରେ ଖଞ୍ଜା ଡାଳପତର ଠିକ୍ ପଛ ପାଖରେ ଥିବା ବୁଦାଟିର ପତର ସଙ୍ଗରେ ମିଶିଲାପରିକା । ଏଇପରି ଚାରିପାଖର ଗଛର ପତର ସାଙ୍ଗରେ ମିଶିଯିବାପରିକା ନିଜକୁ ସଜାଇବାଟା ମୁଁ ଯୁଦ୍ଧବେଳେ ଶିଖିଥିଲି । ସେମିତିକା ବେଶଭୂଷା ହେଇ ନିଶ୍ଚଳ ହୋଇ ଜଣେ ଯଦି ରହେ, ତେବେ ଦୂରରୁ ଜଣାପଡ଼େନି ଯେ ଜଣେ ମଣିଷ ସେଠି ଅଛି ବୋଲି ।

ଆମକୁ ବସାଇଦେଇ କାନିଆ ଜଣକ ଯାଇ ପନ୍ତା କରିବା ଲୋକଙ୍କୁ ଇସାରା କରିଦେଲା । ପାଞ୍ଚମିନିଟ୍ ହେଇଚି କି ନାହିଁ ଗୋଟିଏ ବଡ଼ ସମ୍ବର ଧୀରେ ଧୀରେ ପାହାଡ଼ରୁ ଓହ୍ଲାଇ ମୋରି ଆଡ଼େ ଆସିଲା । ଦଶ କି ବାର କଦମ ଆସେ, ଟିକେ ଛିଡ଼ା ହୁଏ – କାନ ଦିଟା ଠିଆକରି ଏଣେତେଣେ ବୁଲାଏ – ପବନଟାକୁ ଶୁଂଘିଶୁଂଘିକା ପଛକୁ ଅନାଏ – ଫେର୍ ଦଶପାଦ ଚାଲେ । ଏମିତି ହେଇ ହେଇ ମୋ ପାଖକୁ ଆସିଲା । ପାଞ୍ଚଗଜ ଦୂରରେ – ମୋର ଠିକ୍ ବାଁକଡ଼ ସାମନାରେ ଠିଆହେଇ ଫେର୍ ପଛକୁ ଚାହିଁଲା – ଗୋଟିଏ ଗୋଟିଏ କରି ବାଁକର ଦେଇ ପଛ ଶାଳ ବଣକୁ ଗଲା । ମାଇ ସମ୍ବରଟା ତ; ମାରିବାର ନୁହେଁ – ମାରିଲିନି । ମୋତେ ଦେଖିପାରିଲାନି ସମ୍ବରଟା, ଯଦିଓ ମୁଁ ଖୋଲାଟାରେ ବସିଥିଲି । ମନଟା ବେଶ୍ ଖୁସିହେଲା ଯେ ମୋର ଜଙ୍ଗଲ-ବେଶ ଆଉ ଧୀର ହୋଇ ବସିବାଟା ନିଖୁଣ ହେଇଚି । ପଛପଟକୁ ଦଶଗଜ ଯାଇଛି କି ନାହିଁ ସମ୍ବରଟା ମୋର ଗନ୍ଧ ପାଇଗଲା – ଏକାକୁଦାକେ ଉଭେଇଗଲା ଶାଳବଣ ଭିତରେ ।

ମୁଁ ତ ଖୁବ୍ ଆଶାକରି ବସିଚି ଯେ ମାଇ ସମ୍ବର ଗୋଟିଏ ଗଲା – ଆଉରି ହଳେ ଦିହଳ ମାଇ ସମ୍ବର ଯିବେ – ତା ପରେ ସିଙ୍ଗାଳ ବାହାରିବ । ସମ୍ବରଗୁଡ଼ାକ ମିରିଗ ପରିକା ଦଳ ଦଳ ହୋଇ ରହନ୍ତି – ଚରନ୍ତି ବି ସାଙ୍ଗରେ । ଏଇ ଆଶାରେ ବସିଚି ଦେଖିଲି ଜଣେ ଲୋକ – ପନ୍ତାର କାନିଆ – ଆସି ମୋ ପାଖରେ । ସେ ପଚାରିଲା, ମୁଁ କିଆଁ ସେ ସମ୍ବରଟା ମାରିଲିନାହିଁ । ମୁଁ ଯଉଖୁଣୁ କହିଲି ଯେ ମାଇ ସମ୍ବର ମାରିବା କଥା ନୁହେଁ

Digitized by srujanika@gmail.com

– ସେ ହସିଲା – ମନକୁ କହିଲାଭଳି କହିଲା, ''ବୁଢା ଠିକ୍ କହୁଥିଲାବୋ – ଏ ନଳିଟା କିଛି ନାଇ ପାରମା ।''

ଠିକ୍ ଏତକ କହିଛି କି ନାହିଁ ପାହାଡ଼ ଉପରୁ ପନ୍ତାଳିଆ ପାଟିକଲେ – 'ଭାଲୁ ଭାଲୁ' । ଏତକ ଶୁଣିଚି କି ନାହିଁ ମୋ ପାଖରେ ଯେଉଁ ଲୋକଟି ଥିଲା ସୁଦ୍ ସୁଦ୍ କରି ଶାଳଗଛରେ ଚଢିଗଲା – ଏକଦମ୍ ଅଗ ଡାଳକୁ । ସେଇଠୁ ପାଟିକରୁଥାଏ ମୋତେ ଗଛରେ ଚଢିବାକୁ; ଭାଲୁ ନହେଲେ ଖାଇଯିବ । ମୁଁ ବଡ଼ ଖୁସିଟାଏ ହେଇଗଲି ଯେ ଆମର ଶିକାରୀପଣ ଟିକେ ୟାଙ୍କୁ ଦେଖାଇବାର ବାଟ ମିଳିଲା । ଭାଲୁଟାଏ ଆସିଲେ ମୁଁ ମାରିପାରିବି ବୋଲି ଖୁବ୍ ଦମ୍ଭ ମନରେ ଥାଏ ତ । ଥିର ହୋଇ ବସିରହିଲି – ଭାଲୁ ଆସିବା ବାଟକୁ ନିଘା ରଖିଥାଏ । ସଡ୍‌ସଡ୍ ଧଡ୍‌ଧଡ୍ ଧପାସ୍ ଶବ୍ଦ କରି ଭାଲୁ ମାଡ଼ି ଆସିଲା ମୋ ଆଡ଼କୁ । ଷାଠିଏ, ସତୁରିଗଜ ଦୂରରୁ ଦେଖିଲି ଯେ ଗୋଟାଏ ନୁହେଁ ତିନି-ତିନିଟା ବିରାଟକାୟ ଭାଲୁ ଆସୁଛନ୍ତି ସଡ୍‌ସଡ୍ ଆୱାଜ କରି । ମୁଁ ସିନା ଗୋଟିଏ ଭାଲୁ ଭାବି ସାହସ କରି ବସିଥିଲି – ତିନିଟା ଭାଲୁ ପାଇଁ ତିଆରି ହେଇନି । ମୋ ରାଇଫଲ୍‌ଟା ଗୋଟିଏ ନଳି – ଛୋଟ ବୋର୍‌ର – ଭାଲୁର ଠିକ୍ ମର୍ମଥାନରେ ନ ବାଜିଲେ ମରିବନି ତ – ଲାଖକରି ମାରିଲେ ଗୋଟିଏ ସିନା ସେଇଠି ପଡ଼ିବ – ବାକି ଦୁଇଟା ତ ମୋତେ ଗୋଡ଼େଇବେ । ଦଉଡ଼ିଲା ଭାଲୁକୁ ଲାଖକରି ମାରିବା କଷ୍ଟ । ଲମ୍ବା ଲମ୍ବା ଲୋମ ଯୋଗୁରୁ ଛାତିର ମରମଥାନକୁ ଲାଖ କରିବା ତ ପ୍ରାୟ ଅସମ୍ଭବ । ତେଣୁ ଭାବିଲି ଯେ ଆପଣାର ଜୀବନକୁ ବଞ୍ଚାଇକି ଚୁପ୍‌ଚାପ୍ ଗଛ ଉପରକୁ ଉଠିଯିବା ଦରକାର । ମନର ଅହମିକା କିନ୍ତୁ ଆଗରେ ଅଗୁଳିଲା – ବୁଢାର 'ନରମା ଶିକାରୀ – ଖେଳନା ନଳି' ମୋ କାନରେ ବାଜିଲା ପରି ହେଲା ।

ଏତକ ଭାବନା ମନରେ ହେବାକୁ ଅଧସେକେଣ୍ଡରୁ କମ୍ ବେଳ ଲାଗିଥିବ ସେତେବେଳେ । ଠିକ୍ କରିନେଲି ମାନମହତ ଏ ତାରଙ୍ଗ ଗାଁରେ ହରେଇବିନି – ଭାଲୁ ହାତରେ ଅନ୍ତବୁଝୁଳା ବାହାରୁ ପଛକେ । ନିଶ୍ୱାସ ବନ୍ଦକରି ଖୁବ୍ ଲାଖକରି ପ୍ରଥମ ଭାଲୁର ମୁଣ୍ଡକୁ ଗୁଳି କଲି । ସେଇଟା ସେଇଠି ଟଳିପଡ଼ିଲାରୁ ଛାତି ଟାଣ ହୋଇଗଲା – ଉଠି ଠିଆହେଲି । ମୋ ବନ୍ଧୁକ ଶବ୍‌ଦରେ ପଛର ଦି'ଟାଯାକ ଭାଲୁ ରୁନ୍ଧି ଆସିଲେ ମୋ ଆଡ଼କୁ । ଦଶଗଜ ଦୂରକୁ ଆସି ଆଗର ଭାଲୁଟା ଛିଡ଼ାହୋଇଗଲା – ହୋ-ହୋ କରି ମଣିଷପରିକା ସାମନା ଗୋଡ଼ ଦିଇଟା ମୋ ଆଡ଼କୁ ବଢେଇ ମାଡ଼ିଆସିଲା । ଠିଆ ହେଲାରୁ ତା ଛାତିଟା ପରିଷ୍କାର ଦିଶିଲା – ଛାତିରେ ଗୋଟିଏ ଇଂରାଜୀ 'ଭି' ଅକ୍ଷର ପରି ଧଳା ଗାର ଅଛି । ଭାଲୁର ସେଇ ଧଳା ଗାର ସନ୍ଧିକି ଲାଖକରି ଗୁଳିକଲି । ସେ ଭାଲୁଟା ଏତେ ପାଖରେ ଥିଲା ଯେ ଗୁଳିଟା ଏପଟେ ପଶି ପିଠିପଟେ ବାହାରିଗଲା – ଭାଲୁ ମଲାନି ହେଲେ ନଳି ମୁହଁରୁ ଯଉ ନିଆଁ ବାହାରିଲା ସେଇଟା ଦେଖି ସେ ପଛକୁ ଫେରି ଚାରିଗୋଡ଼ରେ ଦୌଡ଼ି ପଳେଇଲା ।

ଆଗରେ ଥିବା ଭାଲୁର ଏ ଦଶା ଦେଖି ପଛର ଭାଲୁଟା ବି ରହିଗଲା । କେତେଟା

Digitized by srujanika@gmail.com

ସେକେଣ୍ଡ । ସେତିକିବେଳ ଯେ ମିଳିଲା, ସେଥିରେ ଫେରେ ବନ୍ଧୁକରେ କାର୍ତ୍ତୁସ୍ ପୂରାଇଦେଲି; ପଛଭାଲୁର ପିଠିକୁ ଗୁଳି କଲି । ଗୁଳିଟା କିନ୍ତୁ ଠିକ୍ ମେରୁଦଣ୍ଡରେ ବାଜିଲାନି – ଛାତିରେ ବାଜିଲା । ମେରୁଦଣ୍ଡରେ ବାଜିଥିଲେ ସେଇଟା ସେଇଠି ପଡ଼ିଥାନ୍ତା । ଆଉ ଭାଲୁଟା ପୁଣି ଓଲଟିପଡ଼ି ମୋ ଆଡ଼କୁ ମାଡ଼ିଆସିଲା । ଫେରେ ଗୋଟାଏ ଗୁଳି ମାଇଲି । ଆଉ ତ ଲାଖ କରିବାର ବେଳ ନଥିଲା – ତା ଦେହକୁ ମାରିଥିଲି । ତା ପରେ ଆଉ ଭାଲୁକୁ ଗୋଟିଏ ଇମିତି ଆଠଟା ଗୁଳି ମାଇଲି – ପ୍ରାୟ ଅଧମିନିଟ କି ମିନିଟକ ଭିତରେ । ଭାଗ୍ୟକୁ ସବୁ ଗୁଳି ଭାଲୁଙ୍କ ଦିହରେ ବାଜିଲା । ଦୁଇଟାଯାକ ଭାଲୁ ମଲେ – ଗୋଟେ ମୋ ବାଁ ପଟେ, ଗୋଟେ ମୋ ଡାହାଣ ପଟେ । ପ୍ରଥମ ଭାଲୁଟା ତ ଆଗରୁ ମରିଯାଇଥାଏ – ତିନିଟାଯାକ ମଲା ଭାଲୁ ମଝିରେ ମୁଁ – ମୋ ରାଇଫଲ୍ ନଳି ଗରମ ହୋଇଯାଇଥାଏ – ମୋର ନିଶ୍ୱାସ ସୋଁ-ସୋଁ ହୋଇ ବହୁଥାଏ – ଦେହରୁ ଝାଳ ବୋହି ଜାମା ପେଣ୍ଟ ଦେହରେ ଲାଗିଯାଇଥାଏ । ଡ଼ରେ ମୋର କମ୍ପ ହେଲାପରିକା ହେଇ ଥରୁଥାଏ ପାଦ ଝୁଲି ଓ ଆଣ୍ଠୁ ।

ଯେଉଁ ଲୋକଟି ଗଛରେ ବସି ଏସବୁ କାଣ୍ଡ ଦେଖୁଥାଏ ସେ ତଳକୁ ଆସି ମୋ ପାଦର ଧୂଳି ନେଲା । ମୋର ସାଙ୍ଗମାନେ ଦୌଡ଼ି ଦୌଡ଼ି ଆସିଲେ – କହିଲେ, କଣ ବିପଦରେ ପଡ଼ି ମୁଁ ମିସିନ୍‌ଗନ୍ ମାଇଲା ପରି ଗୁଳି କଲି ? ଯେମିତି ତିନିଟା ଭାଲୁର ଅବସ୍ଥା ଦେଖିଲେ ଦୁହେଁ ଆସି ମୋତେ କୁଣ୍ଢେଇପକାଇଲେ । ସେତେବେଳକୁ ମୋର ଆଣ୍ଠୁ ଥରିବା ବନ୍ଦହେଲା – ମନଟା ଖୁବ୍ ଖୁସି ହେଲା । ପନ୍ତା କରୁଥିବା ଲୋକେ ସବୁ ଜମା ହେଲେଣି ଆମକୁ ଘେରି । ସମସ୍ତେ ଆସି "ବାଃ ବାଃ କେନ୍ତା ହେଲା" କହିଲେ – ଖୁବ୍ ଖୁସିହେଲେ । ଦଶମିନିଟ୍ କାଳ ବିତିଲା ସେଇଠି । ସମସ୍ତେ ଭାଲୁମାନଙ୍କୁ ଟିକିନିଖି କରି ଦେଖୁଥାନ୍ତି – କେତେଟା ଗୁଳି ବାଜିଛି ଗଣୁଥାନ୍ତି – ଏକାଥରକେ ସମସ୍ତେ କଥା କହୁଥାନ୍ତି – ଜଙ୍ଗଲଟା ଘୋ ଘୋ କରୁଥାଏ ସେ ହଲ୍ଲା ଆନନ୍ଦରେ ।

ଉତ୍ତେଜନା କମିଲାରୁ ପନ୍ତାବାଲା କହିଲେ, ଆଉ ଗୋଟିଏ ଛୋଟ ପନ୍ତା କରିବେ – ଅନ୍ତତଃ ଗୋଟିଏ ସମ୍ବର ମାରିଦେବାକୁ ନେହୁରା ହେଲେ । ଗାଁରେ ଅନେକ ଦିନ ହେଲା ମାଉଁସ ପାଟିରେ ଲାଗିନାହିଁ । ଦିନ ସେତେବେଳକୁ ବାରଟା; ଭୋକରେ ଶୋଷରେ ଆମର ପାଟି ଆଫା-ଆଫା । ଗାଁର ଲୋକେ ମନକରିଚନ୍ତି; ତାଙ୍କୁ ନିରାଶ କରିବା ଠିକ୍ ହେବନାହିଁ ବୋଲି ହଁଭରିଲୁ ଆମେ । ଫେରେ ଅଧମାଇଲିଏ ବାଟ ଗଲୁ ବଣ ଭିତରେ – ଗୋଟିଏ ପାହାଡ଼ର କାଛିରେ ଆମେ ରହିଲୁ । ପନ୍ତାର ଲୋକେ ଗଲେ ପାହାଡ଼ ସେପାଖରୁ ଘଉଡ଼ି ଆଣିବାକୁ ଜନ୍ତୁଜନ୍ତା ।

ପାଞ୍ଚ ମିନିଟ୍ ଖଣ୍ଡେ ବସିଚୁ କି ନାହିଁ ବଳରାମ ଆଡୁ ଶୁଭିଲା 'ଢୋ' । ଯାଇ ଦେଖେ ତ ଗୋଟିଏ ସମ୍ବର ଶିଙ୍ଗାଳ ପଡ଼ିଛି । ସେ କହିଲା, ସେଠି ଚାରୋଟି ସମ୍ବର ବାହାରିଲେ – ଦୁଇଟି ମାଈ ଦୁଇଟି ଶିଙ୍ଗାଳ – ସେଥିରୁ ଏଇ ଶିଙ୍ଗାଳଟିକୁ ସେ ଗୁଳି କଲାରୁ ବାକିତକ ନେଉଟିଗଲେ ପର୍ବତ ଉପରକୁ । ସାଙ୍ଗେ ସାଙ୍ଗେ ଲୋକଙ୍କୁ ସବୁ ଡାକିଲୁ

Digitized by srujanika@gmail.com

– ସିଟିମାରି ସମସ୍ତେ ଏକଜୁଟ ହେଲାରୁ ଆମେ କହିଲୁ ଚାଲ ଗାଁଠିକି – ପାଣି ପିଇବା । ସେମାନେ ଆଉରି ଗୋଟେ ଯୋଡ଼େ ପନ୍ତା କରିବାକୁ ଭାବିଥିଲେ – ଆମେ ନାହିଁକଲାରୁ ସମ୍ବରକୁ କାନ୍ଧେଇ ଚାଲିଲେ ଗାଁକୁ ।

ବାଟଯାକ ଆମେ କଥାବାର୍ତ୍ତା ହୋଇ ଚାଲିଥାଉଁ । ମଇନୁଦ୍ଦିନ୍ କହିଲେ, ଗୋଟିଏ ବିରାଟ ଦନ୍ତା ବାର୍‌ହା ତାଙ୍କ ପାଖ ଦେଇ ଗଲା – ପ୍ରଥମ ପନ୍ତାରେ । ବାର୍‌ହା ତ ସେ ମାରନ୍ତିନି – ମାରିଲେ ନାହିଁ । ଆମ ମତରେ ସେପରି ଭାବରେ ନିପୁଣ ପନ୍ତା କରିବାରେ ଏଇ ତାରଙ୍ଗ ଗାଁର ଲୋକ ଖୁବ୍ ପାରିବାର । କେହି ବେଶି ଶବ୍ଦ କରିନାହାନ୍ତି – ଧୀରେ ଧୀରେ ଜଙ୍ଗଲରେ ଖାଲି ଗୋଟିଏ ଗୋଟିଏ ଚାଲି ଚାଲି ଆସିଲେ । ଏତେ ବଡ଼ ପର୍ବତକୁ ମୋଟେ ଏଗାରଜଣ ଲୋକ ହକାଳିଦେଲେ – ଯେମିତି ଜନ୍ତୁ ଶିକାରୀ ପାଖରେ ବାହାରିବ – ଆଉ ଘୋଡ଼ାଦୌଡ଼ ପରି ଜୋର୍‌ରେ ନଯାଇ ଆସ୍ତେ ଆସ୍ତେ ଚାଲିକି ଯିବ, ଯେମିତି ବାଣୁଆର ସୁବିଧା ହବ ମାରିବା ପାଇଁ । ସେମାନେ ବାମଣ୍ଡା ରାଜାଙ୍କର ଶିକାର ପାଇଁ ଆଡ଼ିକରି କରି ଶିଖିଚନ୍ତି ।

ଗାଁର ବାରିପଟୁ ଆମେ ପଶିଲୁ ଗାଁକୁ – ସିଧା ଯାଇ ଭାଗବତଘରଠେଇ । ସେଠି ଦେଖିଲାବେଳକୁ ଗୋଟିଏ ଚଉତରାର ତିନି ଖୁଣ୍ଟିରେ ଭାଲୁମାନଙ୍କୁ ବନ୍ଧାହୋଇଛି – ଆଉ ଗାଁଯାକର ପିଲା ମାଇପେ ଆସି ଦେଖୁଚନ୍ତି । ଆମେ ସେଠି ପହଞ୍ଚିଲା ମାତ୍ରେ ଦଳେ ସ୍ତ୍ରୀଲୋକ ଫୁଲ, ବରକୋଳିପତ୍ର, ଅରୁଆଚାଉଳ, ଦୂବ ଥାଳିଆରେ ଆଣି ଆମକୁ ବନ୍ଦାଇଲେ – ମୋତେ ତ ଖୁବ୍ ଲାଜଲାଗିଲା । ଗୋଟିଏ କାନ୍ଧି ପାଚିଲା କଦଳୀ ଗୋଟିଏ ନଡ଼ିଆ ଆଉ ଗୌଣିଏ ଚୁଡ଼ା ଆଣି ଥୋଇଲେ ଆମ ପାଖରେ ଖାଇବାକୁ । ସେ ସାହିର ଭୀମ ଗଉଡ଼ ଗୋଟିଏ ସରାରେ ସରାଏ ଦହି ଆଣି ଦେଲା । ଆମେ ଗୋଟେ ଗୋଟେ କଦଳୀ ଖାଇ ସେଠୁ ପୁଳାଏ ସମ୍ବର ମାଉଁସ ଧରି ବିଦାହେଲୁ – ଦେଓଗଡ଼ ଯିବାକୁ । ଗାଁର ସବୁ ଲୋକେ କହିଲେ ପୁଣି ଥରେ ସେଠିକି ଯିବା ପାଇଁ; ଗୋଟିଏ ବଡ଼ ରକମ ରାଜୁଡ଼ା ଶିକାର ପାଇଁ ସବୁ ଯୋଗାଡ଼ ହେବ । ଏବେ କେତେ ବର୍ଷ ବିତିଗଲାଣି, ଆଉ ଆମେ ଏକାଠି ହେଇପାରିନୁ କି ସେ ଗାଁକୁ ଯାଇନୁ ।

Digitized by srujanika@gmail.com

ଅଧଘଣ୍ଟିଆ ଶିକାର

ବାମଣ୍ଡା ରାଜ୍ୟର ଲୋକେ, ଦେଖିଲି, ଏମିତି ପନ୍ତା ଶିକାର କରିବାରେ ଖୁବ୍ ପାରିବାର । ଦିନେ ମୋର କାମ ଥାଏ ଦେଓଗଡ଼ରେ – ମୁଁ ସକାଳୁ ସମ୍ବଲପୁରଠୁ ଜଳଖିଆ ଖାଇ ବାହାରିଲି । ସମ୍ବଲପୁରଠୁ ଆଠମାଇଲ ପରେ ଜଙ୍ଗଲପଡ଼େ । ସେତେବେଳେ ସଡ଼କଟା ମୋରମ୍ ରାସ୍ତା ଥାଏ – ଦୁଇପାଖରେ ସୁନ୍ଦର ଶାଳ ଜଙ୍ଗଲ । ବଡ଼ରମା ଘାଟି ପର୍ଯ୍ୟନ୍ତ ବାଉଁଶ ଜଙ୍ଗଲ ବି ଢେର୍ – ସେଠି ଗୟଳ ବହୁତ ଦିଶନ୍ତି ସଡ଼କ ଦୁଇପାଖରେ । ମୁଁ ବାହାରିବାରେ ଟିକେ ବେଶି ଡେରିହେଇଗଲା – ସେ ଘାଟିରେ କିଛି ଜନ୍ତୁ ଦିଶିଲେନି । ଘାଟି ପରେ ଠିକ୍ ଦୁଇପାଖ ଜଙ୍ଗଲରେ କେବଳ ଶାଳଗଛ – ଭୂଇଁଠୁ ପଚାଶ ଶହେଫୁଟ ସିଧାସଳଖ ଗଛ ସବୁ । ଜଙ୍ଗଲର ମାଟି ନାଲିଆ ବାଦାମି ରଙ୍ଗ – ଗଛଛାଇରେ ବେଶି ଅନାବନା ବୁଦା ଲଟି ନାହିଁ – କେବଳ ଠାଏ ଠାଏ ମାଟିକୁ ଲାଗିକି ଥାଏ ଛୋଟ ଛୋଟ ଫୁଲଗଛ – ଆଉ ଯେଉଁ ଲତା ଘାସ ସାହେବମାନେ ଗାଙ୍ଗୁଲାରେ ନେଇ ରଖନ୍ତି ଘର ବାରନ୍ଦା ସଜାଇବା ପାଇଁ ସେଇ ଗଛ । ଦିଶୁଥାଏ ଯେମିତି ବଣ ନୁହେଁ, ଗୋଟିଏ ବଗିଚା । ମାଇଲ ମାଇଲ ଧରି ସୁନ୍ଦର ନାଲି ରଙ୍ଗର ମୁରମ୍ ସଡ଼କ – ଦୁଇପାଖେ ଏହିପରି ବଣ । ଦେଖି ଦେଖି ପେଟପୂରିଯାଉଥାଏ । ଧୀରେ ଗାଡ଼ି ଚଳେଇ ଚାଲିଥାଏ – ବଡ଼ରମା ପାରିହୋଇ କେତେଗୁଡ଼ିଏ ବାଟ ଗଲାପରେ ଗୋଟିଏ ବଡ଼ ଧରଣର ଗାଁ ପଡ଼ିଲା । ଦେଖିଲି, ସଡ଼କ ଉପରେ ଢେର୍ ଲୋକ କାମକରୁଛନ୍ତି – ସଡ଼କ ମରାମତି କାମ । ଗାଡ଼ି ରଖି ଓହ୍ଲେଇଲି – ଜଣେ ଛାଟିଆକୁ ପଚାରି ବୁଝିଲି ଯେ ସେ ଗାଁର ନାଁ ଜାମୁଦ୍‌କେରା । ଦୁଇ ଚାରିଜଣ ଭେଣ୍ଡିଆ ବେଢ଼ିଯାଇଥାନ୍ତି ମୋତେ ଓ ମୋର ୧୯୩୩ ମଡ଼େଲ ଖୋଲା ଗାଡ଼ିକୁ । କଥା ହେଉ ହେଉ ପଚାରିଲି ସେ ପାଖରେ ତ ବଣଟା ସୁନ୍ଦର ଦିଶୁଛି, ଜନ୍ତୁଜୁନ୍ତା କେମିତି ଅଛନ୍ତି – ଶିକାର ପାଇଁ ଆସିଲେ ହବ କି ? ଜଣେ ମୋତେ ପଚାରିଲା କେତେ ସମୟ ପାଇଁ ମୁଁ ସେଠି ରହିପାରିବି ଶିକାର ପାଇଁ ? କାହିଁକି ସମୟ କଥା ପଚାରିଲା ବୋଲି ମୁଁ ଖୋଳେଇକରି ପଚାରିବାରେ ସେ କହିଲା ଯେ ସେ ଗାଁ ଆଖପାଖ ଜଙ୍ଗଲରେ ପନ୍ତା ଶିକାର ପାଇଁ ଭଲ ଥାନ ଅଛି – ତିନିଘଣ୍ଟିଆ ପନ୍ତାରେ ବାଘ, ଗୟଳ, ସମ୍ବର, ଭାଲୁହେରିକା ବାହାରିବେ – ଦୁଇଘଣ୍ଟିଆ ପନ୍ତାରେ ବାଘ, ଭାଲୁ, ସମ୍ବର – ଏକଘଣ୍ଟିଆ ପନ୍ତାରେ ବାଘ ନାହିଁ – ଅଧଘଣ୍ଟିଆ ପନ୍ତାରେ ଗୋଟେ ଅଧେ ସମ୍ବର ମିରିଗ ବାହାରିବେ । ଏତକ ଶୁଣି ମୋତେ ଖୁବ୍ କଉତୁକ ଲାଗିଲା – କହିଲି ଯେ ମୋର

Digitized by srujanika@gmail.com

ଦେଓଗଡ଼ରେ କାମ ଗୋଟାଏ ସରିକି ସରିବ । ମୁଁ ତିନିଟା ସୁଦ୍ଧା ତାଙ୍କ ଗାଁମୁଣ୍ଡରେ ପହଞ୍ଚିବି – ଘଣ୍ଟେ ପାଇଁ ରହିପାରିବି ଶିକାର ପାଇଁ – ପନ୍ତାଳିଆ ଯୋଗାଡ଼ କରି ରଖିବେ – ସେଇ ଗାଁମୁଣ୍ଡଠେଇ । ସବୁ ହଁ ଭରିଲେ – ମୋତେ ପାଣି ସରବତ ଖାଇବାକୁ ଦେଲେ – ମୁଁ ଗଲି ଦେଓଗଡ଼କୁ ।

ଠିକ୍ ତିନିଟା ବାଜିଲା ବେଳକୁ ମୁଁ ପହଞ୍ଚିଲି କଣ୍ଠଥାନଠି । ତିନିଜଣ ଲୋକ ମୋତେ ଅନେଇ ବସିଥିଲେ । ସୁକୁଟା ଉଠି କୁହାଟଟିଏ ଦେଲାରୁ ଆଉ ଆଠଜଣ ଭେଣ୍ଡିଆ ଆସି ଜୁଟିଲେ ସେଠି । ତରବର ହୋଇ ସବୁ ବଣରେ ପଶିଲେ – ସୁକୁଟା ମୋତେ ସାଙ୍ଗରେନେଇ ଗାଁର ପଶ୍ଚିମକୁ ଯେଉଁ ଡୁଙ୍ଗୁରିଟି (ଛୋଟ ପାହାଡ଼) ଦେଖାଯାଉଥିଲା, ତାରି ନାସି ଆଡ଼କୁ ଚାଲିଲା । ପ୍ରାୟ ଅଧମାଇଲ ଯାଇ ଗୋଟିଏ କେନ୍ଦୁଗଛମୂଳେ ପୁରୁଣା ଉଇହୁଙ୍କା ଉପରେ ଦୁଇଚାରିଟା ଛୋଟ ଶାଳଗଛର ଡାଳ ସୁକୁଟା ପାରିଦେଲା – ମୋତେ ସେଇଠି ବସିବାକୁ କହି ସେ ବଣରେ କୁଆଡ଼େ ପଶିଗଲା । ପାଞ୍ଚମିନିଟ୍ ଖଣ୍ଡେ ବସିଚି, ଦେଖିଲି ଗୋଟିଏ ସମ୍ବର ଶିଙ୍ଗାଳ ଆସି ମୋ ସାମନାରେ ପଚାଶ ଗଜ ଦୂରରେ ଠିଆହୋଇ ପଛକୁ ଫେରି ଅନାଇଲା । ବଡ଼ ସୁବିଧା ହେଲା ମୋତେ ଲାଖକରିବାକୁ । ତା ସାମନା ଗୋଡ଼ର ଚଟୁଆ ପଛକୁ ଲାଖକରି ଘୋଡ଼ା ଟିପିଲି । ଠିକ୍ ସେତିକିବେଳେ ସମ୍ବରଟା ଟିକେନାକୁ ଚମକିଉଠିଲା ପରି ହେଇ ମୋ ଆଡ଼କୁ ଡେଇଁପଡ଼ିଲା ଯେ ଗୁଳିଟା ଠିକ୍ ହୃତ୍‌ପିଣ୍ଡରେ ନଲାଗି ପଛକୁ ଲାଗିଲା । ଶିଙ୍ଗାଳଟା କୁଦାମାରି ମୋତେ ପାର ହୋଇ ପଛପଟ ବଣର ଲଟିରେ ପଶିଗଲା । ସେତେବେଳକୁ ସୁକୁଟା ତା ପାଖରୁ ବାହାରି ଟାଙ୍ଗିଆଟିଏ ଉଁଚାଇ ତା ପଛେ ପଛେ ଦୌଡ଼ିଗଲା । ଟିକେ ପରେ ବାକିସବୁ ପନ୍ତାଳିଆ ଆସି ମୋ ପାଖରେ ରୁଣ୍ଡହେଲେଣି । ପଛ ଲଟିରୁ ସୁକୁଟା ପାଟିକଲା ଯେ ଜନ୍ତୁଟା ସେଠି ପଡ଼ିଚି ବୋଲି । ସମସ୍ତେ ହୋ-ହୋ ହୋଇ ଦୌଡ଼ିଗଲେ ସେଠିକି । ମୁଁ ଯାଇ ଦେଖେ ତ ଜନ୍ତୁଟା ମରିଯାଇଚି ।

ମୋତେ ତାଜୁବ୍ ଲାଗିଲା ଯେ ସେ ଲୋକମାନେ ପନ୍ତାରେ ଏତେ ବଡ଼ ଡୁଙ୍ଗୁରିଟା କିଳି ଆଣିଲେ – ଗୋଟିଏ ଜନ୍ତୁ ଥିଲା ଯେ ତାକୁ ଆଣି ମୋ ଆଗରେ ପହଞ୍ଚାଇଦେଲେ – ହେଲେ ଏତେ ଟିକେ ସୋର୍-ଶବ୍ଦ କିଛି କରିନାହାନ୍ତି । ସୁକୁଟାର କୁହାଟରେ ଯେମିତି ଜାଣିଲେ ଜନ୍ତୁଟା ମରିପଡ଼ିଚି ସେଇଠୁ ଯାଇ ଖୁସିହୋଇ 'ହୋ-ହୋ' ପାଟିକଲେ । ବଡ଼ ଧୁରନ୍ଧର ସେଠାର ଲୋକମାନେ ଦେଖିଲି । ତାଙ୍କର ପାରିବାପଣ ଏତିକିରେ ସରିଲା ନାହିଁ ତ । ମୋତେ ସେ ଜଙ୍ଗଲରୁ ବାହାରି ଗାଡ଼ି ପାଖକୁ ଆସିବାକୁ ଆଉ ସେଠି ସୁରାଇରୁ ପାଣିମୁନ୍ଦେ ପିଇବାକୁ ହୁଏତ ଅଧଘଣ୍ଟେ ଲାଗିଥିବ କି ନାହିଁ – ତାରି ଭିତରେ ସେମାନେ ଜନ୍ତୁଟିକୁ ଛାଲିଦେଇ ଗୋଟିଏ ଫଡ଼ିଆ ଓ ଛାଲଟି ଆଣି ମୋ ଗାଡ଼ିରେ ଥୋଇଦେଲେ – ମୁଁ ସମ୍ବଲପୁରକୁ ବାହାରିଗଲି ।

Digitized by srujanika@gmail.com

ନାନାପ୍ରକାର କାମଧନ୍ଦାରେ ବ୍ୟସ୍ତ ରହି ମୁଁ ଆଉ ସେ ଗାଁକୁ ଯାଇପାରିନାହିଁ କି ତାଙ୍କର ଘଣ୍ଟିକିଆ, ଦିଘଣ୍ଟିଆ କି ତିନିଘଣ୍ଟିଆ ପନ୍ତା ଶିକାର ଦେଖିପାରିନାହିଁ । ଓଡ଼ିଶାର ଢେର୍ ବଣରେ ପନ୍ତା ଶିକାର କରିଚି – ଏମିତି ପାରିବାର ପନ୍ତାଳିଆ ମୋର ନଜରରେ ପଡ଼ିନାହାନ୍ତି କୋଉଠି ।

Digitized by srujanika@gmail.com

ଡାଲିଯୋଡ଼ା ବାଘ

ଡିସେମ୍ବରର ହାଡ଼ଥରା ଜାଡ଼ । ମେଲେରିଆ ଜ୍ୱରରେ କମ୍ପ ଆସିଲା ଭଳି ଦେହ କମ୍ପିଉଠିଲା ଶୀତରେ । ନିଦଭାଙ୍ଗିଗଲା । କନାର ଛୋଟ ଖଟିଆଟି ମୋର, ମାଟିରୁ ମୋଟେ ଚାଖଣ୍ଡେ ଉଚ୍ଚା । ଗଲା ଯୁଦ୍ଧରେ ଏଇଖଣ୍ଡିକ କିଣିଥିଲି ଲଢୁଆ ଗୋଇ (Trench)ରେ ଦରକାର ହେବ ବୋଲି । ସେହି ଚଉତା-ଖଟରେ (Folding bed) ଗୋଟିଏ କମ୍ବଳଦ୍ୱାରା ଶୀତକୁ ସମ୍ଭାଳି ହେଲାନି । ତା ଛଡ଼ା ତଳର ମାଟିଟା ଥିଲା ସନ୍ତସନ୍ତିଆ । ଉପରେ କେବଳ ତମ୍ବୁର କାନ୍‌ଭାସ୍‌ଟି । ତମ୍ବୁର ପତଳା କନା-କାନ୍ଥ, ମାଟିରେ ଛୁଏଁନଛୁଏଁ । ସେଇ ଫାଙ୍କ ଦେଇ ପାହାଡ଼ିଆ ଥଣ୍ଡା ପବନ ରାତିତମାମ ଦେହରେ କେବଳ ଲାଗିନଥାଏ ଯେ, ଦେହ ଭିତରର ହାଡ଼ଗୁଡ଼ାକୁ ଠକ୍‌ଠକ୍ କରି ନଚଉଥାଏ । ଆଉ ପାରିହେଲାନି । ରାତି ଆହୁରି ପହରେ ବାକି – ନିଦ ଭାଙ୍ଗିଗଲା ।

କମ୍ବଳଟାକୁ ଦେହରେ ଘୋଡ଼ିହୋଇ ତମ୍ବୁ ବାହାରକୁ ବାହାରିଆସିଲି । ତମ୍ବୁ ଆଗରେ ଯେଉଁ କରଞ୍ଜ ଗଛଟା ଅଛି, ତାରି ତଳେ ରାସ୍ତାକୁଲାଗି ଗୋଟାଏ ଧୁନି ଲାଗିଥିଲା ସଞ୍ଜବେଳେ । ନିଆଁ ଏବେ ବି ଅଛି, ଲିଭିନି । ସେଇଠି ଗୋଟାକେତେ ଖଣ୍ଡ ଶୁଖିଲା କାଠଗଡ଼ ପକେଇ ଉସ୍‌କେଇ ଦେଲି ନିଆଁକୁ; ଆଉ ସେଇ ନିଆଁକୁ ଆଶ୍ରା କରି ଦିମିନିଟ ବସିଛି କି ନାହିଁ – କୁଶ, ବୁଢ଼ା, ଲବ ଓ ପିଟର ହୁଗ୍‌ଲାର ଲ୍ୟାଣ୍ଡରୋଭରରେ ଫେରିଆସି ହାଜର ।

ଗାଡ଼ିଟାର ବ୍ରେକ୍ ଧରୁନଧରୁ କୁଶ କୁଦାମାରି ଆସି ମୋ ପାଖରେ ବସିପଡ଼ି ତା ହାତ ଦୁଇଟାକୁ ତରବରରେ ନିଆଁ ଭିତରକୁ ପଣିଦେଲା । ଜଲ୍‌ଦି ଗରମ ହୋଇଯିବ ବୋଲି ଏବଂ ପାଟି କରିଉଠିଲା ''ହେ, ଅନନ୍ତଭାଇ ! କେଡ଼େ ମଉକାଟା ହାତଛଡ଼ା ହୋଇଗଲା – ଏଡ଼େ ଏଡ଼େ ଦୁଇଟା ବାଘ ପଳେଇଲେ । ତମେ କଣ କଟକରେ ଶୋଇ ପାରିନଥାନ୍ତ, ଏଠିକି ଆସି କାହିଁକି ଶୋଇଗଲ ?'' ଏମିତି କେତେ ଯେ କଣ କହିଗଲା ମତେ, ଆଉ ଧିକ୍‌କାରି ଗଲା ତା କପାଳକୁ ଆଉ ସାଧାରଣ ଦୁନିଆଟାକୁ ସେଇ ମିନିଟ୍‌କ ଭିତରେ – କହିହବନି । ସେ ତାର ପିଲାଦିନୁ ସେମିତି ଗଡ଼ ଗଡ଼ କରି କଥା କହିଯାଏ ଓ ତା ହାତଗୋଡ଼ ମଧ୍ୟ କଥା କହିବାରେ ଅଭ୍ୟସ୍ତ ।

ତା କଥାରୁ ବୁଝିଲି ଯେ, ଆମେ ଶୋଇବା ପରେ ସେମାନେ – ବୁଢ଼ା, ଲବ,

Digitized by srujanika@gmail.com

ପିଟର ହୁଗ୍‌ଲାର୍‌, ମହେଶ ଓ ସେ ସମସ୍ତେ ଲ୍ୟାଣ୍ଡରୋଭରଟା ଧରି ବାହାରିଥିଲେ ସରସିଆପଦା ରାସ୍ତାରେ । ଖଣ୍ଡେ ବାଟ ଯାଇଛନ୍ତି କି ନାହିଁ ହାତୀ ହାବୁଡ଼ରେ ପଡ଼ି ଫେରିଆସିଲେ । ଫେରି ଆସୁ ଆସୁ ଆମ କ୍ୟାମ୍ପର ସେପାଖ ରାସ୍ତାରେ ସଡ଼କ ମଝିଟାରେ ହଳେ ବାଘ ଦେଖିଲେ; ମୁଣ୍ଡଟାମାନ କାଳେ ହେ – ଏଡ଼େ ବଡ଼ ବଡ଼ !! ଆଉ କେଶର ବି କାଳେ ସିଂହପରିକା ଅଛି । ସଡ଼କ ମଝିଟାରେ ସେଇ ବଡ଼ ବଡ଼ ଜନ୍ତୁ ଦି'ଟାକୁ ଦେଖି ତ ମନକୁ ଗାଡ଼ିଟା ଅଟକିଗଲା । କୁଶ ନିଜେ ଗାଡ଼ିଟା ଚଳଉଥିଲା । ତା କହିବା କଥା, ସେ ତରବର ହୋଇ 'ଗୋଟିଏ ବନ୍ଧୁକ ଦିଅ, ଗୋଟିଏ ବନ୍ଧୁକ ଦିଅ' ବୋଲି ନିକଟରେ ବସିଥିବା ଲୋକଙ୍କୁ କହୁଥାଏ । ଆଉ ସମସ୍ତେ ହାଁକରି ବାଘକୁ ଦେଖୁଥାନ୍ତି । ବାଘୁଣୀ ବାଁ ପାଖ ଝୋପରେ ପଶିଗଲା, ଆଉ ବାଘ ସଡ଼କ ମଝିରେ ବସିଗଲା ।

ହେଡ୍‌ ଲାଇଟ୍‌ରେ ପରିଷ୍କାର ଦେଖାଯାଉଥାଏ, ଦଶଗଜ ହେବ କି ନାହିଁ । ଦଣ୍ଡେ ବସି ବାଘ ଭଲକରି ଦେଖିଲା ଗାଡ଼ିଟାକୁ ଓ ଗାଡ଼ିର ସବାର ଛଅଜଣ ଭେଣ୍ଡିଆ ଟୋକାଙ୍କୁ । ଅଳସ ଭାଙ୍ଗିଲା – ହାଇମାରିଲା – ଧୀରେ ଧୀରେ ଡ଼ାହାଣ ପାଖ ଜଙ୍ଗଲ ଭିତରକୁ ଚାଲିଗଲା । ଖଣ୍ଡେ ବାଟ ଯାଇ ଫେର୍‌ ଫେରିଚାହିଁଲା । ସେତିକିବେଳେ ଗାଡ଼ି ପଛପଟୁ କିଏ ଜଣେ ବନ୍ଧୁକ ଫୋକରିଦେଲା । ସେ ଆବାଜ୍‌ରେ ଗାଡ଼ିଭିତରର ସବୁ ଟୋକାଏ ଚମକିଉଠିଲେ, ଆଉ ତରବର ହୋଇ ଯେଝା ବନ୍ଧୁକମାନ ଧରି ନିଶାଣ କଲାବେଳକୁ, ବାଉଁଶବୁଦା ଆଡୁଆଳରେ 'ମାମୁ' ଲୁଚିଗଲେ କେଉଁଠି ! ''ଆଃ ! କି ମଉକାଟା ଛାଡ଼ିଲ ଅନନ୍ତ ଭାଇ ! ତୁମେ ଥିଲେ ନା ....''

ଏମିତି କହିଚାଲିଥାଏ କୁଶ । ବାକି ସମସ୍ତେ ଆସି ଋଣ୍ଡ ହୋଇଗଲେ ଧୁନି ଚାରିପାଖରେ । ମାମୁ ଓ ନୀଳମଣି ବି ବିଛଣାରୁ ଉଠିଆସି କ୍ୟାନ୍‌ଭାସ୍‌ର ଚଉଡ଼ା ଚୌକିଟିମାନ ଆଣି ବସିଗଲେଣି ।

x x x x

୧୯୫୪ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ ସକାଳୁ କୁଶ, ଲବ ସାଙ୍ଗରେ ପିଟର୍‌ ହୁଗଲାର୍‌ ସାହେବଙ୍କୁ ଧରି ଆସି କଟକରେ ପହଞ୍ଚିଲେ । ଲବ, କୁଶ ତାଙ୍କ ବାପାଙ୍କ ନିକଟରେ ନେହୁରା ହେଲେ ଯେ ବର୍ଷ ଶେଷ – ଆଉ ନୂଆବର୍ଷ ପାଇଁ ତାଙ୍କୁ ଗୋଟିଏ ଶିକାର କ୍ୟାମ୍ପକୁ ନେବାକୁ ହେବ । ମାମୁ ମତେ ଖବରଦେଲେ ଏଇ ଶିକାର ବନ୍ଦୋବସ୍ତ କରିବାକୁ ।

ତା ପୂର୍ବ ସପ୍ତାହରେ ଡାଲିଯୋଡ଼ାର ଜଣେ ଚିହ୍ନାଲୋକ ଆସି ମତେ କଟକରେ କହିଯାଇଥାଏ ଯେ, ଡାଲିଯୋଡ଼ା ଜଙ୍ଗଲରେ ଗୋଟାଏ ବିରାଟ ବଡ଼ ବାଘ ଆସି ଆଖପାଖ ଗାଁଗଣ୍ଡାରୁ ବହୁତ ଗୋରୁ ମଇଁଷି ମାରିସାରିଲାଣି । ସେଇ ଡାଲିଯୋଡ଼ା ଜଙ୍ଗଲର ମାଲିକ – ପଞ୍ଚକୋଟର ରାଜାସାହେବ – ମାସେ ହେବ ସେ ତାଙ୍କର ଡାଲିଯୋଡ଼ା କୋଠିରେ ଆସି ରହୁଛନ୍ତି । ପ୍ରତି ରାତିରେ ସେ ତାଙ୍କ ସାଙ୍ଗସାଥୀଙ୍କୁ ସାଙ୍ଗରେ ଧରି ପାରିଧି ପାଇଁ

Digitized by srujanika@gmail.com

ଜଙ୍ଗଲରେ ରାତି କଟାନ୍ତି, ହେଲେ ବାଘଟାକୁ ମାରିପାରୁନାହାନ୍ତି । ଏଣେ ବାଘଟା ପ୍ରତି ସଞ୍ଜକୁ ଗୋଟାଏ କରି ଗୋରୁ କିମ୍ବା ମଇଁଷି ମାରୁଛି ।

ପଞ୍ଚକୋଟର ରାଜା ଶଙ୍କରିପ୍ରସାଦ ଜଣାଶୁଣା – ବନ୍ଧୁ କହିଲେ ବି ହେବ । ଡାଲିଯୋଡ଼ାର ପ୍ରାୟ ୫ ହଜାର ଏକର ଜଙ୍ଗଲ ତାଙ୍କର ନିଜର ସମ୍ପତ୍ତି । ଗଛପତ୍ର, ଜନ୍ତୁଜୁନ୍ତା ସବୁ ଉପରେ ତାଙ୍କର ମାଲିକାନା । ଜଙ୍ଗଲ ବିଭାଗର ହାକିମିରୁ ସେ ଜଙ୍ଗଲ ବାହାର । ରାଜାସାହେବ ବର୍ଷରେ ମାସେ ଦି'ମାସ କଟାନ୍ତି ଏଇ ଡାଲିଯୋଡ଼ା କୋଠିରେ । ପଥରର ଗୋଟିଏ ବିରାଟ ଘର ତୋଳେଇଛନ୍ତି ଜଙ୍ଗଲ କାନ୍ଥରେ । ଯାଙ୍କର ଜେଜେବାପା କାଳେ ଖୁବ୍ ସଉକିଆ ଲୋକ ଥିଲେ । ସେଇ ଟାଙ୍ଗିର ମଣ୍ଡଳ ଇଷ୍ଟେଟ୍‌ରୁ ଏଇ ଜଙ୍ଗଲ କିଣି ଶିକାରପାଇଁ ବେଶ୍ ସୁବିଧାକରିଥିଲେ । ତାଙ୍କ ଜଙ୍ଗଲର ଉତ୍ତରକୁ ଢେଙ୍କାନାଳ ଜିଲ୍ଲାର ସରିସାପଦା ରିଜର୍ଭ, ପଶ୍ଚିମକୁ ଆଠଗଡ଼ର ରିଜର୍ଭ ଓ ପୂର୍ବକୁ କଟକ ଜିଲ୍ଲାର କଳକଳା ରିଜର୍ଭ ଜଙ୍ଗଲ । ଏଇଭଳି ଦେସମାଳି ଜାଗାରେ ରାଜା ସାହେବଙ୍କର ୫ ହଜାର ଏକର ଜଙ୍ଗଲ । କଣ୍ଟାବାଉଁଶ, ଶାଳ ଆଉ ନାନା ଜାତିର ଗଛଲତାରେ ନିଘଞ୍ଚହୋଇଥାଏ । ମଝିରେ ଗୋଟିଏ ବେଶ୍ ବଡ଼ ପାହାଡ଼ । ପାହାଡ଼ର ପଶ୍ଚିମପଟରେ ବହିଯାଇଛି ଝରଣାଟିଏ । ବର୍ଷଯାକ ସେଥିରେ ପାଣି ଥାଏ । ସେହି ଝରଣାର ଖୋଲ ପାଖକୁ ରାଜାସାହେବ ଗୋଟିଏ ବାରଫୁଟିଆ ଘର ତୋଳେଇଥିଲେ । ସେହି ଘର ଭିତରେ ବସିଲେ, କାନ୍ଥର ଜଳା (Hole) ବାଟେ ଝରଣାଟି ପରିଷ୍କାର ଦେଖାଯାଏ ପ୍ରାୟ ଦଶପହଣ୍ଡ ଦୂରରେ । ବୁଢ଼ାରାଜା ସେଇଠି ବସି ଖରାଦିନେ ବାଘ ମାରୁଥିଲେ ।

ଖରାଦିନେ ସେହି ଅଞ୍ଚଳରେ କେବଳ ଏଇ ଝରଣାରେ ପାଣି ରହେ । ଜଙ୍ଗଲର ସବୁପ୍ରକାର ଜନ୍ତୁଜୁନ୍ତା ଆସି ପାଣି ପିଅନ୍ତି ସେଇଠି । ଗୟଳ, ହାତୀ, ବାଘ, ସମ୍ବର, ହରିଣ, ବାର୍‌ହା, ପେଣ୍ଡ୍ରା ଇତ୍ୟାଦି ବେଳଉଣ୍ଡି ଆସନ୍ତି ସେଠିକି ପାଣି ଆଶାରେ । ସେହି ପକ୍‌କା ପଥରଘରକୁ ଗାଡ଼ି ଯିବାଭଳିଆ ଗୋଟିଏ ଜଙ୍ଗଲ ରାସ୍ତା ରାଜାସାହେବ ତିଆରିକରିଥିଲେ । ରାସ୍ତାଟି ବୁଲି ବୁଲି ଜଙ୍ଗଲର ଚାରିଆଡ଼େ ଘୂରିଯାଇ ପୁଣି ଫେରିଆସିଚି ସେଇ ପଥର ନଅର ନିକଟକୁ । ନଅରଠୁ ଚଉଦୁଆର ଉଡ଼ାଜାହାଜ ଘାଟି ପ୍ରାୟ ପାଞ୍ଚମାଇଲ ।

ବୁଢ଼ାରାଜା ଥିଲାବେଳେ ପାରିଧିକୁ ବରାବର ଆସୁଥିଲେ । ସଉକ ବୁଢ଼ାର ଖୁବ୍ ଥିଲା । ବାଘ-ଫାଘର ଦାଉ ଆଖପାଖ ଗାଁଗଣ୍ଡାର ଲୋକେ ଭୋଗୁନଥିଲେ । ଏବେ, ଏ ଯେଉଁ ରାଜାସାହେବ ଶଙ୍କରିପ୍ରସାଦ ସେ ଟୋକା – ତାଙ୍କର ସଉକ ଅନ୍ୟ ପ୍ରକାର । ପାରିଧିକି ଯେ ସେ ନଯାଆନ୍ତି ତା ନୁହେଁ, ପ୍ରାୟ ସବୁଦିନ ରାତିରେ ତାଙ୍କର ପାରିଧି ହୁଏ; କିନ୍ତୁ ସେମିତି କିଛି ଗୋଟାଏ ମାରିବାର ଶୁଣାଯାଏନି । ବୁଢ଼ାରାଜା ଥିବା ସମୟରେ ଗୋଟିଏ ବଡ଼ ମଟରଗାଡ଼ିରେ, ତାରଜାଲ ଲଗେଇ ଘରପରିକା କରିଥିଲେ । ସେହି ଗାଡ଼ିର ଲୁହାତାର ଘେରା ଭିତରେ ଗଦି ଚଉକିରେ ବସି ଏ ଟୋକା-ରଜା ସାଙ୍ଗଫାଙ୍ଗ,

Digitized by srujanika@gmail.com

ବାଇଜୀ ଧରି ଶିକାର ପାଇଁ ବାହାରନ୍ତି । ମଟର ସାମନା ସିଟ୍ ପାଖକୁ ବଡ଼ ବଡ଼ ଆଲୁଅ ଲାଗିଛି ଯେ, ଜଙ୍ଗଲର ଲଟାବୁଦା ଭିତରୁ ମୂଷାଟିଏ ବି ବାହାରିଲେ ପରିଷ୍କାର ଦେଖାଯାଏ । ସେଇଥିରେ ବସି ରାଜାସାହେବ ଶଙ୍କରିପ୍ରସାଦ ସଞ୍ଜ ସକାଳ ଜଙ୍ଗଲରେ ଘୂରନ୍ତି – ଖୁବ୍ ଇଚ୍ଛା ଗୋଟାଏ ବାଘ ମାରିବାକୁ ।

ଅଳ୍ପ କେତେଦିନ ହେବ ତାଙ୍କ ସହିତ ମୋର ଜଣାଶୁଣା ହୋଇଥାଏ । ସେ ମତେ ନିମନ୍ତ୍ରଣ କରିଥାନ୍ତି ତାଙ୍କ ଜଙ୍ଗଲରେ ପାରିଧି କରିବାକୁ । ହେଲେ ଯା ବି କହୁଥାନ୍ତି ଯେ ସବୁ ଜନ୍ତୁ ମାରିପାରିବ, କେବଳ ବାଘଗୁଡ଼ିକୁ ଖୋଦ୍ ତାଙ୍କ ଶିକାର ପାଇଁ ଛାଡ଼ିଦେବାକୁ ହେବ । ମୁଁ ସେଇଥିଯୋଗୁ ମଙ୍ଗୁଲିକୁ କହିଥିଲି ଯେ, ରାଜାଙ୍କ ଜଙ୍ଗଲ ବାହାରେ ଯଦି କେବେ ମଢ଼ କରେ, ମତେ ଖବର ଦେବାକୁ । ସେଇ ଖବର ଆଶାରେ ଅପେକ୍ଷାକରିଥିଲି ।

ଯେତେବେଳେ ମାମୁ ଲବ କୁଶକୁ ସାଙ୍ଗରେନେଇ ଶିକାର ଯିବା କଥା କହିଲେ, ସେତେବେଳେ ମୋର ମନେପଡ଼ିଗଲା ଏଇ ଡାଲିଯୋଡ଼ା ଜଙ୍ଗଲ କଥା । କାରଣ ଅଳ୍ପ ସମୟ ଭିତରେ ବେଶି ଜନ୍ତୁ ଦେଖିବାକୁ ହେଲେ, ହୁଏ ତ ଟିକରପଡ଼ା ପାଖଆଖ ଜଙ୍ଗଲକୁ, ନହେଲେ ଏଇ ଡାଲିଯୋଡ଼ା ଜଙ୍ଗଲକୁ ଯିବା କଥା । ପଞ୍ଚକୋଟ ରାଜାସାହେବଙ୍କ ନିକଟକୁ ଖବର ପଠେଇଲି ଯେ, ଆମେ ଜଙ୍ଗଲ ଭିତରେ ବସା ଓ ତମ୍ବୁରେ ରହିବୁ ଦୁଇଦିନ । ସେତେବେଳେ ରାଜାସାହେବ ତାଙ୍କର ଡାଲିଯୋଡ଼ା ନଅରଠି ଥା'ନ୍ତି ।

ଡିସେମ୍ବର, ୩୦ ତାରିଖ ସକାଳୁ ଆମେସବୁ ଆସି ବଣରେ ଭୋଜି କରି ଦିନଟା କଟେଇଲୁ । ସଞ୍ଜ ହେବାର ଆଗରୁ ପାଖଆଖ ତଇଲାରେ ବୁଲି ଗୋଟିଏ କୁଟୁରା ମାରିଥାଉ ।

ସଞ୍ଜରେ ଗୋଟିଏ ଗାଡ଼ିରେ ସମସ୍ତେ ବାହାରିଲୁ ପିଟର୍ ହୁଗ୍‌ଲାରକୁ ଜନ୍ତୁଦେଖେଇବାକୁ । ଆମର ରହିବା ଜାଗାରୁ ଶହେ ଗଜ ଯାଇଛୁ କି ନାହିଁ ରାସ୍ତା ଉପରେ ଯୋଡ଼ିଏ ଠେକୁଆ ଦେଖିଲୁ । ହୁଗ୍‌ଲାର ସାହେବଙ୍କୁ ଗୋଟିଏ ୧୨ ଗଜ୍ ବନ୍ଧୁକ ଦେଇଥିଲି ବ୍ୟବହାର କରିବାକୁ । ସେ ସେଥିରେ ୪ ନମ୍ବର ଗୁଳି ପୂରେଇ, ଗାଡ଼ିରୁ ଡେଇଁପଡ଼ିଲେ ଓ ଠେକୁଆ ମାରିବାକୁ ବନ୍ଧୁକ ଉଚାଉ ଉଚାଉ ସେଗୁଡ଼ିକ ବୁଦା ଭିତରେ ଲୁଚିଗଲେ । ସାହେବ ବଡ଼ ବ୍ୟସ୍ତହୋଇ ଏପଟ ସେପଟ ଖୋଜିବାରେ ଲାଗିଥାଏ । ମତେ ଖୁବ୍ ହସମାଡ଼ିଲା ଯେ ଠେକୁଆ ତ ପଣ ପଣ ଦିଶିବେ, ଏଇ ଦିଇଟା ପାଇଁ ସାହେବର ଏତେ ଅସ୍ତବ୍ୟସ୍ତ କିଆଁ ? କିଛିସମୟ ପରେ ପିଟର୍ ଫେରିଆସି ବଡ଼ ଅବଶୋଷ କଲା । କହିଚାଲିଲା ତାଙ୍କ ଦେଶ ସୁଇଜରଲ୍ୟାଣ୍ଡ କଥା .... ସେଠି କାଳେ ଏଇପରିକା ଠେକୁଆ-ଶିକାରଟା ଖୁବ୍ ଗୋଟାଏ ବଡ଼ ଜନ୍ତୁ ଶିକାର । ସେ ଦେଶରେ ଆଉ ବଡ଼ ଜନ୍ତୁ ବୋଇଲେ ପାହାଡ଼ରେ କାଁ-ଭାଁ ଦୁଇ ଚାରିଟା ଜଙ୍ଗଲି ଛେଳି । ସେ ଦେଶଟା ଖୁବ୍ ସୁନ୍ଦର । ପାହାଡ଼ମାଳାର ଉପର ଭାଗ ବରଫ ଓ ତଳ ଭାଗ ଆଡ଼କୁ ସୁନ୍ଦର ସୁନ୍ଦର ଗଛଲତାରେ ଛାଇହୋଇଯାଇଥିବା ଖୋଲ ଅନେକ । ସେଇ ଗଛଗହଳିର ଭିତର ଦେଇ କୁଳୁକୁଳୁ କରି

Digitized by srujanika@gmail.com

ବହିଯାଉଛି ଝରଣା; ତା'ର ପାଣି ଖୁବ୍ ସଫା, କାଚପରିକା। ପାହାଡ଼ କାନ୍ଥମାନଙ୍କରେ ସେଠାର ବାସିନ୍ଦାସବୁ ସୁନ୍ଦର ସୁନ୍ଦର ଘରକରିଥାଆନ୍ତି। ନାନା ଦେଶର ଲୋକେ ସେଠାକୁ ବୁଲିବାକୁ ଆସନ୍ତି। ସେ ଦେଶର ସବୁଠୁ ବେଶି ରୋଜଗାରହୁଏ ଏଇ ବୁଲିଆସୁଥିବା ବିଦେଶୀମାନଙ୍କ ପାଇଁ।

ଦଳ ଦଳ ଲୋକ ଆସି ଜମା ହୁଅନ୍ତି ଏଇ ପାହାଡ଼ମାନଙ୍କରେ ବଣଛେଳି ଦେଖିବାକୁ। ପିଟର୍ କହିଲା, ତା'ର ପିଲାଦିନେ ଏମିତି ସବୁ ବିଦେଶୀ ଦେଖଣାହାରୀ ଦଳ ଆସିଲେ, ସେ ତାଙ୍କର ନିଜ ଭାଷାରେ ପାଟିକରି ଉଠେ "ମା, ଗୋ ! ଛେଳିଗୁଡ଼ାକ ଗୁହାଳରୁ ଛାଡ଼ି ଦେ। ଦେଖଣାହାରୀ ଢେର୍ ଆସିଲେଣି।"

ତାର ମା' ଘରର ଛେଳିଗୁଡ଼ିକୁ ବାରିପଟ ଜଙ୍ଗଲରେ ଛାଡ଼ିଦେଇ ଆସେ। ଏଣେ ପିଟର୍, ବିଦେଶୀ ଦେଖଣାହାରୀଙ୍କୁ ଏପଟେ ପାହାଡ଼ମାଳା ଦେଖାଉ ଦେଖାଉ ପାହାଡ଼ ଉପରେ ଛେଳି ଚରୁଥିବାର ଦୃଶ୍ୟ ଦେଖେଇ ପଇସା ରୋଜଗାର କରେ। ସେଠି ତ ଛେଳି ଶିକାର ମନା – ତେଣୁ ଡର ନଥାଏ ଯେ ତା ଛେଳିକୁ କେହି ଗୁଳି କରି ମାରିଦେବ।

ଏ ଗପ ଶୁଣି ଆମେ ବହେ ହସିଲୁ। ସମସ୍ତେ ଗାଡ଼ିରେ ବସିଲୁ। ଫେର୍ ଗାଡ଼ି ଚାଲିଲା। ଗୋଟିଏ ଫୋକ୍‌ସ୍ କଲାଭଳି ବଡ଼ ଆଲୁଅ ଗାଡ଼ିରେ ଲାଗିଥାଏ। କୃଷ ସେହି ଆଲୁଅଟିକି ବଣର ଏଣେତେଣେ ପକାଉଥାଏ। ଜନ୍ତୁଜାନ୍ତା ବୁଦାମୂଳରେ ଲୁଚିଥିଲେ ବି ଏଇ ଆଲୁଅରେ ତାଙ୍କ ଆଖିଟାମାନ ଜଳଜଳ ହୋଇ ଦିଶେ; ଆଉ ସାଧାରଣ ଜନ୍ତୁ ଜଳକା ହୋଇଯାଆନ୍ତି, ଯାଇପାରନ୍ତିନି କୁଆଡ଼େ, ଶିକାରୀ ମନଇଚ୍ଛା ବେଳ ନେଇ ଗୁଳିଚଳେଇପାରେ। ସେଇଥିପାଇଁ ଏପରି ଶିକାର କରିବା ଜଙ୍ଗଲ ଆଇନରେ ମନା। ଭଲ ଶିକାରୀ, ଖେଳବାଡ଼ ଶିକାରୀମାନେ କେବେହେଲେ ଗାଡ଼ିରେ ବସି ଶିକାର କରନ୍ତିନି। ସେଇଟା ରାଜା-ରାଜୁଡ଼ାଙ୍କର ଶିକାର ଖେଳିବା ପାଇଁ ସୁବିଧା; ଆଉ ଗଡ଼ଜାତର ଜଙ୍ଗଲରେ ପ୍ରାୟ ସେମିତି ଶିକାର ହେଉଥିଲା।

ଆମେ ସେଦିନ ଗାଡ଼ିରେ ବୁଲୁଥିଲୁ ଶିକାର ଆଶାରେ ନୁହେଁ, କେବଳ ପିଟର୍‌କୁ ଜନ୍ତୁଦେଖେଇବା ଉଦ୍ଦେଶ୍ୟରେ। ତା'ପରଦିନ ସେ କଲିକତା ଫେରିଯିବାର କଥା। ତାଛଡ଼ା ପଞ୍ଚକୋଟ ରାଜାଙ୍କର ନିଜର ଜଙ୍ଗଲରେ ରାତିରେ ବୁଲିବା ବେଆଇନ୍ ନୁହେଁ।

ଖଣ୍ଡେ ବାଟ ଆଗେଇଗଲାପରେ, ହଳେ ମିରିଗ ଦେଖାଗଲେ ବାଁପାଖ ଜଙ୍ଗଲ ଭିତରୁ। ଗାଡ଼ିଟା ଠିଆହେବା ଆଗରୁ ପିଟର୍ ଡେଇଁପଡ଼ି ବନ୍ଧୁକ ଧରି ଦଉଡ଼ିଲା ଜଙ୍ଗଲ ଭିତରକୁ। ମୁଁ ତ ମନାକରିଥାଏ ଗାଡ଼ି ଉପରୁ କୌଣସି ଜନ୍ତୁକୁ ଗୁଳି କରିବାକୁ; କାରଣ ସେଇଟା ଭଲ ସୌଖୀନ ଶିକାରୀର ଲକ୍ଷଣ ନୁହେଁ; ଯିଏ ପାରେ ସିଏ ତ ଗାଡ଼ିଉପରେ ବସି ବାଘକୁ ବି ଗୁଳିମାରିଦେଇପାରିବ।

ପିଟର୍‌ର ଧପ୍ ଧପ୍ ଧପାସ୍ ଶବ୍ଦରେ ମିରିଗହଳଟା ପଳେଇଲେ। ପିଟର୍ ବଡ଼ ଦୁଃଖରେ ମନମାରି ଫେରିଆସି ବସିଲା। ଗାଡ଼ି ପୁଣି ଚାଲିଲା। କିଛିଦୂର ଯାଇଛି କି ନଯାଇଛି ସୁ-ସୁ ଇସାରା ଶବ୍ଦରେ ଗାଡ଼ି ଠିଆହେଲା। ଦେଖାଗଲା, ବାଉଁଶବୁଦା ଗହଳି

Digitized by srujanika@gmail.com

ଭିତରୁ ଯୋଡ଼ିଏ ଆଖି । ଏଥର ମଧ୍ୟ ପିଟର୍ ଗାଡ଼ିରୁ ତଳକୁ ଡେଇଁପଡ଼ି ଦୌଡ଼ିଲାରୁ ଜନ୍ତୁ ପଳାଇଗଲେ । ଗଲାବେଳେ ଦେଖାଗଲା ସେଇଟା ଥିଲା ସମ୍ବର ଶିଙ୍ଗାଳଟିଏ । ତା ପରେ ଦେଖିବାକୁ ମିଳିଲେ ହଳେ ଭାଲୁ । ଆମ ଗାଡ଼ି ଦେଖି ଦୁହେଁ ଦଉଡୁଥାନ୍ତି ବୁଦାଭିତରକୁ । ଆମର ବୀର ଶିକାରୀ ପିଟର୍ ପୁନରାୟ ଦଉଡ଼ିବାକୁ ଆରମ୍ଭକଲାବେଳେ ମୁଁ ଧରିରଖିଲି ତାକୁ । ବାରଗଜ୍ ନଳିରେ କ'ଣ ଭାଲୁ ମାରିହୁଏ ? ଭାଲୁ ଘାଉଲା ହେଲେ ଭାରୀ ରାଗେ ଓ ତାର ଟିକେ ବି ଡର-ଭୟ ରହେନି – ମାଡ଼ି ଆସିବ, ଶିକାରୀ ଦେହରେ ହାତମାରିଲେ ତ ତାର ଅନ୍ତବୁଜୁଳା ବାହାରିପଡ଼ିବ ।

ସେତେବେଳକୁ ରାତି ପ୍ରାୟ ଦଶଟା ବାଜିଲାଣି । ଡିସେମ୍ବର ମାସ । ଜଙ୍ଗଲର ଥଣ୍ଡା ପବନରେ ଦେହର ଲୋମ ଟାଙ୍କୁରିଉଠିଲାଣି । ଦାନ୍ତ ପାଟି ଠକ୍‌ଠକ୍ ହେଲାଣି । ମୁଁ ତ ମୋଟା ମୋଟା ଦୁଇଟା ଉଲ୍ ସ୍ୱେଟର ପିନ୍ଧିଥାଏ – ତେବେ ବି ଏତେ ଶୀତ ! ଦେଖେ ତ ପିଟର୍ ହୁଗଲାର୍ ଦେହରେ କେବଳ କନାର ଖଣ୍ଡେ ଖାକି ସାର୍ଟ, ଗେଞ୍ଜି ନାହିଁ, ଏଣେ ଛାତିରେ ଦୁଇଟା ବୋତାମ ଖୋଲା । ମୁଁ ତ ତାର ଏ ବେଶ ଦେଖି ତାଟକା ! ଲୋକଟାକୁ ଶୀତହେଉନି କେମିତି ? କଥା କ'ଣ, ମୁଁ ତାକୁ କାରଣଟା ପଚାରିଲି । ସେ ହସିଲା, ତା ଦେଶ ସୁଇଜରଲ୍ୟାଣ୍ଡର କଥା କହିଲା । ସେଠିକାର ଥଣ୍ଡା କଳ୍ପନା କରିହବନି । ସେ ଦେଶର ଶୀତରେ ସେ ପିଲାଦିନୁ ବଢ଼ିଛି, ତେଣୁ ଆମ ଏଇ ଗରମ ଦେଶର ଶୀତ ତାକୁ ଜଣାପଡ଼େନି । ମଣିଷ ଦେହ, କ'ଣ ସହେ ଆଉ କ'ଣ ସହିପାରେନି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଶୀତଦାଉରେ ଆଉ ସମ୍ଭାଳି ହେଲାନି, କହିଲି, ''ଗାଡ଼ି ଫେରାଅ, କ୍ୟାମ୍ପକୁ ଯିବା ।''

ସେତେବେଳକୁ ଆମେ ଘାଟି ପାରହୋଇ ସରସିଆପଦାର ରିଜର୍ଭ ଜଙ୍ଗଲ ପାଖାପାଖି ହେଲୁଣି । ଗାଡ଼ି ଫେରିଲା । ଗୋଟାଏ ଫର୍ଲଙ୍ଗ ରାସ୍ତା ଯାଇଛୁ କି ନାହିଁ ଡାହାଣପାଖ ବଣରେ ଦେଖିଲୁ ଦଳେ ହାତୀ । ଫେର୍ ପିଟର୍ ହୁଗଲାର୍ ଡେଇଁପଡ଼ି ବାହାରିଥିଲା ପାଖକୁ ଯିବାକୁ । ମନାକଲାରୁ କହିଲା, ''ଜନ୍ତୁଗୁଡ଼ାକ ବଡ଼ ନିରୀହ ଦେଖାଯାଉଛନ୍ତି – ଟିକିଏ ସେମାନଙ୍କ ପାଖକୁ ଯାଇ ଭଲକରି ଦେଖିବାର କଥା । କିନ୍ତୁ ବଣୁଆ ହାତୀର ତୋଡ଼ କେତେ, ସେକଥା ତାକୁ ବୁଝେଇବାକୁ ମୋତେ ଢେର୍ ବେଳ ଲାଗିଲା । ସେତେବେଳକୁ ଆମେ ଆସି କ୍ୟାମ୍ପ ନିକଟରେ ପହଞ୍ଚିଗଲୁଣି ।

ସମସ୍ତେ ଗାଡ଼ିରୁ ଓହ୍ଲାଇ ମାମୁଙ୍କ ପାଖରେ ଗପିଗଲୁ କ'ଣ କ'ଣ ହେଇଗଲା । କୁଶର ତ ବଡ଼ପାଟି – ସେ କ'ଣ କାହାକୁ କିଛି କୁହାଇଦେଲା ? ତା ପାଟିରେ ଆଉ କାହାରି କଥା ଶୁଣିହେଲାନି । ପିଟର୍ ହୁଗ୍‌ଲାର୍ ତ ଏକଦମ୍ ଉତ୍ତାଳ ହୋଇଉଠିଥାଏ । କଥାବାର୍ତ୍ତା ଚାଲିଥାଏ । ଏଣେ ସୁରେଶ ଓ ହାଡ଼ିଆ ଦୁହେଁ ଆମର ଖାଇବା ବାଢ଼ିଦେଲେ । ଗଛମୂଳର ଧୁନି ଚାରିପାଖରେ ସମସ୍ତେ ବସି ଖାଇଲୁ । ଖାଇପିଇ ସାରି ମାମୁ, ଗୁରୁପ୍ରସାଦ, ନୀଳମଣି ଓ ମୁଁ ଶୋଇବାକୁ ଗଲୁ ଓ ବାକି ଟୋକାତକ ପିଟର୍ ହୁଗ୍‌ଲାର୍‌କୁ ବାଘଟିଏ ଦେଖେଇବାକୁ ଗାଡ଼ି ଧରି ପୁଣି ବାହାରିପଡ଼ିଲେ । ବୁଲି ବୁଲି ରାତି ପାହାନ୍ତାକୁ ପଶ୍ଚିମ

Digitized by srujanika@gmail.com

ପାଖରେ ରାସ୍ତା ଉପରେ ଯୋଡ଼ିଏ ବାଘ ଦେଖି ଫେରିଆସି କହିଚାଲିଥାନ୍ତି ଧୁନି ଚାରିପଟେ ବସି ମୋ ଆଗରେ ।

ଗାଡ଼ିର ହେଡ୍‌ଲାଇଟରେ ସେମାନେ ଦେଖିଲେ ଦୁଇଟା ବାଘ । ବାଘ ଓ ବାଘୁଣୀ ଗାଡ଼ିକୁ ପଛକରି ଚାଲିଥାନ୍ତି ରାସ୍ତା ମଝିରେ । ଗାଡ଼ିଟା ଯେମିତି ସେମାନଙ୍କ ନିକଟକୁ ଆଗେଇଗଲା, ପ୍ରାୟ ଦଶଗଜ ଦୂର ବାକି, ବାଘୁଣୀଟା ବାଁ ପାଖ ବାଉଁଶ ବଣକୁ ଚାଲିଗଲା । ଏମାନେ ଆଉ ତାକୁ ଦେଖିପାରିଲେନାହିଁ । କିନ୍ତୁ ବାଘଟା – ଯାହାର ମୁଣ୍ଡଟା 'ହେଁ, ଏତବେଡ଼ – କେଶର ସିଂହପରି ବାହାରିଛି' – ସେଇଟା ରାସ୍ତା ମଝିରେ ବସି ଗାଡ଼ିକୁ ଭଲକରି ଦେଖିଲା – ଅଳସ ଭାଙ୍ଗିଲା ବେଶ୍ – ଆପଣା ମନକୁ ଧୀରେ ଧୀରେ ଡାହାଣ ପାଖ ବାଉଁଶ ବଣକୁ ଚାଲିଗଲା । ଜଙ୍ଗଲ ଭିତରକୁ ସେ ଯେତେବେଳେ ପଛକୁ ଫେରି ଗାଡ଼ିଆଡ଼େ ନଜରଦେଲା, ବୁଢ଼ା ଢୋ-କରି ବନ୍ଧୁକ ଫୁଟେଇଥିଲା ।

କୁଶ କଥାରେ ଆମେ ସମସ୍ତେ ତ ମଜ୍ଜିଯାଇଥିଲୁ ଖିଆଲନାହିଁ କାହାର କେତେବେଳୁ ସିନ୍ଦୂରାଫାଟି ସକାଳ ହେଲାଣି । ସୂର୍ଯ୍ୟ ଉଠି ଦେଖାଦେଲେଣି ଆକାଶରେ । ସୁରେଶ ଆସି ସମସ୍ତଙ୍କୁ ଚାହା ଦେଇଗଲାଣି ନଜରନାହିଁ କାହାରି । କେହି କେହି କହିଉଠିଲେଣି ସିଧା ସେଇଠୁ ବାଘ ପିଛା କରିବାକୁ ।

ଶୀତଦିନ, କଅଁଳ ଖରାରେ ବାଘ-ବାଘୁଣୀ ଖରାଖାଉଥିବେ । ମାମୁ କହିବାକୁ ଆରମ୍ଭକଲେ, ''ବାଘ-ବାଘୁଣୀ ଏକାଠି ସାଙ୍ଗହୋଇ ବୁଲିବା ମାନେ ସେମାନଙ୍କ ଭିତରେ ଗୋଟାଏ ଭାବଲାଭ ବଢ଼ିଉଠିଛି; ଆଉ ଏଇ ସମୟରେ ସେମାନଙ୍କ ପାଖକୁ ଯିବାଟା ବଡ଼ ବିପଦ – ସେ ଖାଇଯିବଟି ।'' ଅମ୍ମୁ ଥାଇ ଥାଇ କହିଉଠିଲା, ''ହଁ, ବଡ଼ିସକାଳଟାରୁ ବର୍ତ୍ତମାନ ତ କାହାରି ନିତ୍ୟକର୍ମ ସରିନି – ଏଇ ଅବସ୍ଥାରେ ବାଘର ଚେହେରାଟା ଦେଖିପକେଇଲେ ନା ପୋଖରୀପାଣି ସଫାହୋଇଯିବ ।'' ସମସ୍ତେ ହୋ ହୋ ହୋଇ ହସିଉଠିଲେ, ପରିବେଶଟା ବେଶ୍ ଜମିଥିଲା ।

ତା ପରେ ସମସ୍ତେ ନିଜ ନିଜ କାମଧନ୍ଦା ବଢ଼େଇବାରେ ଲାଗିପଡ଼ିଲେ । ପିଟର୍ ହୁଗ୍‌ଲାର୍ ଓ କୁଶ ଦୁହେଁ କଟକ ଫେରିଆସିଲେ; କାରଣ ତାଙ୍କର ସେଦିନ କଲିକତା ଫେରିଯିବାର କଥା । ବାକି ଯେଉଁମାନେ ରହିଗଲେ, ସେମାନଙ୍କୁ ସବୁ ଦଳ ଦଳ କରି ପଠେଇଦେଲି ଶିକାର କରିବାକୁ । ଦୁଇ ଦୁଇଜଣ ହୋଇ ଚାଲି ଚାଲି ଯିବା କଥା ବଣ ଭିତରେ । ବାଘ ଦେଖିଲେ କେହି ମାରିବେନାହିଁ ବୋଲି ସେମାନଙ୍କୁ କୁହାଗଲା । ରାଜାସାହେବ ଆମକୁ କହିଥାନ୍ତି, ତାଙ୍କ ବଣର ବାଘ କେବଳ ସେ ନିଜେ ମାରିବେ । ତା ଛଡ଼ା ପିଲାଏସବୁ ନୂଆ ଶିକାର କରି ଶିଖିବାକୁ ବାହାରିଛନ୍ତି । ତଳେ ଠିଆହୋଇ ଛୋଟ ରାଇଫଲ୍ କିମ୍ବା ବାରଗଜ୍ ଦୁଇନଳିଆରେ ବାଘକୁ ମାରିଲେ ସେ ଘାଉଲା ହେବ ସିନା, ମରିବନାହିଁ । ବାଘ ଥରେ ଘାଉଲା ହେଲେ ସାଂଘାତିକ ବ୍ୟାପାର ।

ତା ଛଡ଼ା ରାଜାସାହେବ ଜଙ୍ଗଲର ପଶ୍ଚିମ ଭାଗରେ ଖଲା ଦୁଇ ସପ୍ତାହ ହେବ ଗୋଟାଏ ଦିଟା ଜାଗାରେ ମଇଁଷି ବାନ୍ଧୁଥାନ୍ତି ବାଘ ପାଇଁ । ସେପାଖ ଜଙ୍ଗଲ ବେଶି ଘଞ୍ଚ ।

Digitized by srujanika@gmail.com

ବାଉଁଶବଣ, ସାଗୁଆନ ଗଛ-ଗହଳିରେ ଖରା ତଳେ ପଡ଼େନି । ଆଉ ମଝିରେ ମଝିରେ ପାଣି ଥିବା ଭଲ ଥଣ୍ଡାଜାଗାସବୁ ଅଛି । ଆମେ ପୂର୍ବପଟର ଖୋଲା ଜଙ୍ଗଲରେ କ୍ୟାମ୍ପ କରିଥାଉ, ଆଉ ସେଇ ପାଖରେ ଶିକାର ପାଇଁ ବୁଲାବୁଲି କରୁଥାଉଁ । ବାଘ ଏ ତରଫକୁ ଆସିବାର କଥା ନୁହେଁ ।

ଟୋକାଟାକାଳିଆ ସବୁ ଶିକାର ପାଇଁ ତଇଲା ଆଡ଼େ ଚାଲିଯିବାରୁ ମୁଁ ଆଉ ମାମୁ ବସି ଗପିବାକୁ ଆରମ୍ଭ କରିଦେଲୁ ସେ ବାଘକଥା । ମୋର ମନେହେଲା – ବାଘର ନିଶ୍ଚୟ ଗୋଟାଏ ବିଶେଷତ୍ୱ ଅଛି ଯେ ତା ହାବୁଡ଼ରେ ପଡ଼ିଗଲେ ମଣିଷ ନିର୍ଜୀବ ଭଳି ହୋଇଯାଏ । ପିଟର୍ ହୁଗ୍‌ଲାର୍ କଥା ମନେପଡ଼ିଗଲା । ସେ ବିଦେଶୀ ଲୋକ । ବଣରେ କେବେ ବାଘ ଦେଖିନଥିବ; କାରଣ କୌଣସି ଗୋଟାଏ ଜନ୍ତୁ ତା ନଜରରେ ଯେବେ ପଡ଼ିଯାଇଥିଲା ସେ ଡ଼େଇଁପଡୁଥିଲା ବନ୍ଧୁକ ଧରି । ଏମିତିକି ହାତୀ, ଭାଲୁ ପାଖକୁ ଚାଲିଯିବାକୁ ମଧ ଡରୁନଥିଲା । ବାଘ ଦେଖି ତା ପାଟିରୁ ଟୁଉଁଟିଏ ବି ବାହାରିଲାନାହିଁ କି ସେ ଆଉ ଆଗ ଭଳି ଛନଛନ ହେଲାନି ।

ମାମୁଙ୍କର ମୋର ବସି ମସୁଧାକଲୁ କେମିତି ସେଠୁ ବାଘଟିଏ ମାରିବୁ – ରାଜାସାହେବ ଦୁଃଖକରିବେନି – ଏଣେ ଗାଁଗଣ୍ଡାରେ ଯୋଉ ବାଘଭୟ ହୋଇଛି ସେଇଟା ମଧ ଯିବ । ଡାଲିଯୋଡ଼ାର ସୁକୁଟା ଆମର କ୍ୟାମ୍ପ କଥା ଶୁଣି କାଲି ଆସିଥିଲା । ବହୁତ ନେହୁରା ହୋଇ କହିଲା, "ବାବୁ ! ସେ ରଜା ତ ଖିଆଲୀଲୋକ । ରାତି ରାତି ହୋଇ କେତେ ରାତି ବିତିଗଲାଣି, ହେଲେ ମାରିପାରୁନାହାନ୍ତି ବାଘକୁ । ଏଣେ ବାଘ ଆମ ଗାଁରୁ ରୋଜ ଗୋଟାଏ ଗୋଟାଏ କରି ଗୋରୁ ମଇଁଷି ମାରୁଛି । ରାଜାସାହେବ ମଇଁଷି କିଣି ବାଘ ପାଇଁ ବଣରେ ବାନ୍ଧୁଛନ୍ତି; ହେଲେ ବାଘ ତାକୁ ଖାଉନି, ଆମରି ଗାଁଗଣ୍ଡାର ଦୁହାଁଳୀ ଗାଈ, ମଇଁଷି, ଚାଷକଲା ପଣ୍ଡା, ବଳଦଙ୍କୁ ସବୁ ମାରିଖାଉଛି ବାବୁ ! ତମେ ହେଲେ ସେ ବାଘଟାକୁ ମାରିଦିଅ ।" କଥା କହୁ କହୁ ଆଖିରେ ଲୁହ ଜମିଆସୁଥିଲା ସୁକୁଟାର । ମଙ୍ଗୁଳି ବି ଏଥିରେ ହଁଭରିଲା ।

ଏମିତିକା ଅନେକ ଖବର-ଅନ୍ତର ଉପରେ ଗପ କରୁ କରୁ ବେଳ ଗଡ଼ିଯାଇଥାଏ । ବୁଢ଼ା, ଅମୁହେରିକା ଦଳ ଦଳ ହୋଇ ଜଙ୍ଗଲରୁ ଫେରିଲେ । କିଏ କହିଲା, "କୁଟୁରାଟା ମତେ ଦେଖି ପଳେଇଲା"; ଆଉ କିଏ କହିଲା, "ଠିକ୍ ବନ୍ଧୁକଟା ଉଠେଇଲା ବେଳକୁ ପବନଟା ଆମ ପଛରୁ ବହିଲା ଯେ ଗନ୍ଧ ବାଜିଗଲା ମିରିଗ ପଞ୍ଚାଙ୍କ ନାକରେ, ତାପରେ ଯାଃ, ଆଖିପିଛୁଳାକେ ସବୁ ଶୂନ୍‌ଶାନ୍ ।" – ଏଇମିତିକା ଅନେକ କଥା । ତଥାପି ଯାହାହେଉ ସଞ୍ଜକୁ ଖାଇବା ପାଇଁ ପୁଞ୍ଜାଏ ହରଡ଼ ଚଢ଼େଇ, ଆଉଗୋଟିଏ ବାର୍‌ହା ଆଣିଥା'ନ୍ତି ।

ସଞ୍ଜବେଳକୁ ରାଜାସାହେବ ତାଙ୍କ ସାଙ୍ଗସାଥୀ ଧରି ଆସି ଆମ କ୍ୟାମ୍ପରେ ହାଜର । ଆମେ ତାଙ୍କୁ ଚାହା ଆଉ ବାର୍‌ହା ମାଂସଭଜା ଦେଲୁ । ସେ ବସି ଗପ ଜମେଇ ଆମକୁ ଖୁବ୍ ହସେଇଲେ । ଯିବା ଆଗରୁ କହିଗଲେ – ସେ ଯୋଉଠି ବଣରେ ମଇଁଷି ବାନ୍ଧିଛନ୍ତି

Digitized by srujanika@gmail.com

ଆମେ ଯେମିତି କେହି ନଯାଉ ।

ସେ ଚାଲିଗଲେ ପରେ ଆମେ ଦୁଇଦଳ ହୋଇ ଗଲୁ । ମାମୁ, ଅମୁ ଓ ଲବକୁ ନେଇ ଗଲେ ପୂର୍ବ ପାଖର ତଇଳା ପାରହୋଇ ସାଫା ଆଡ଼େ । ଆଉ ମୁଁ, ଗୁରୁ, ବୁଢ଼ା ଓ ନୀଳମଣିକୁ ନେଇ ଡାଲିଯୋଡ଼ା ଗାଁ ପାଖର ବଣରୁ ବାହାରିଗଲି ଗୁରୁଡୁଝାଟିଆ ଆଡ଼େ ପଶ୍ଚିମ ପଟକୁ । ସଞ୍ଜ ପହରେ କୋଉଠି ବାଘଟା ଗାଁ ପାଖ ପଡ଼ିଆରେ ପଇଁତରା ମାରେ ବୋଲି ବାସୁଆ ଦେଖିଥିବାର କହୁଥିଲା ।

ଆମେ ରାଜାସାହେବଙ୍କ ନଅର ପଛପଟ ଶଗଡ଼ଗୁଳାରେ ପ୍ରାୟ ଦୁଇମାଇଲ ଯାଇଛୁ, ଗୋଟାଏ କୁପ୍ ପାଖକୁ ଆସିଗଲୁ । ସେଠିକାର ଗଛସବୁ କଟାହୋଇଥାଏ । ପଚାଶ କି ଶହେ ଏକର ଜଙ୍ଗଲ ପଦା । ସେଇ କପିସ୍ ବଣର ଚାରିପାଖରେ କୋଡ଼ିଏ ଫୁଟର ରିଜର୍ଭ ଲାଇନ୍, ସେଇଥିରେ ଆମ ଗାଡ଼ି ଚାଲିଥାଏ, ହଠାତ୍ ଦୂରରୁ ଯୋଡ଼ିଏ ମିଟିମିଟି ଆଖି ଦେଖାଗଲା । ଭାବିନେଲି ବୋଧହୁଏ କୁଟୁରାଟାଏ । ଗାଡ଼ି ରଖିଲୁଁ । ଗାଡ଼ିରୁ ଓହ୍ଲେଇ ଦୂରବୀକ୍ଷଣ ଦେଇ ଦେଖିଲି । ଛାତିଟା ତ ଦାଉଁକିନା ହୋଇଗଲା, ହାତରୁ ଦୂରବୀକ୍ଷଣଟା ଖସିପଡ଼ିଲା ଭଳି ଜଣାପଡ଼ିଲା; ପାଟିରୁ ହଠାତ୍ ବାହାରିପଡ଼ିଲା 'ବାଘ' । ଗାଡ଼ିରେ ଥିଲେ ସାତଜଣ ଲୋକ । ସେଠିକାର ରେଞ୍ଜରବାବୁ ବି ଆମ ସାଙ୍ଗରେ ଥା'ନ୍ତି । ତାଙ୍କୁ ମଧ ଦୂରବୀକ୍ଷଣଟା ବଢ଼େଇଦେଲି, ସେ ଦେଖିଲେ ବାଘଟା କେମିତି ଆରାମରେ ଶୋଇଛି । ଆଖି ତାର ଅଧା ବନ୍ଦ ହୋଇଛି । ସେଇଥିଯୋଗୁ ବୋଧେ ଆମ ଆଲୁଅରେ ତା ଆଖି ଛୋଟ ଛୋଟ ଦେଖାଯାଉଥାଏ । ନୀଳମଣି ଦୂରବୀକ୍ଷଣଟା ନେଇ ଦି ମିନିଟ୍ ଦେଖିଲା ପରେ ଗୁରୁ, ବୁଢ଼ା, ମଙ୍ଗୁଳି ସବୁ ପାଳିକରି ଦେଖିଲେ । କଥା ଠିକ୍‌ହେଲା ମାରିବା – ଏଇ ବାଘଟା ଗାଁଗଣ୍ଡାର ଗୋରୁ ମଇଁଷି ମାରି ଖାଉଛି । ରେଞ୍ଜରବାବୁ ତ ଜାଣିଥାନ୍ତି ରାଜାସାହେବଙ୍କ କଥା, ସେ କହିଲେ– ଏଇ ଜାଗାଟା ରାଜାସାହେବଙ୍କ ଜଙ୍ଗଲ ବାହାରେ । ସେଇଟା ଆଠଗଡ଼ ଡିଭିଜନର ରିଜର୍ଭ ଜଙ୍ଗଲ, ଆଉ ମୋର ତ ରିଜର୍ଭ ଜଙ୍ଗଲରେ ପାରିଧି କରିବା ପାଇଁ ବର୍ଷିକିଆ ଛାଡ଼ (Permit) ଥିଲା, ତା ବଳରେ ଏ ବାଘ ଶିକାର ମୁଁ କରିପାରେ । ନୀଳମଣି ଆମର ସେଠି ଅତିଥି, ମୁଁ ତାକୁଇ କହିଲି ମାରିବାକୁ । ତାଙ୍କର ଗୋଟିଏ ଛୋଟ ରାଇଫଲ୍ ଥାଏ ୨୬୫ ମଉଜାର । ସେ ନାହିଁକଲେ; କାରଣ ଏତେ ଦୂରରୁ ସେଭଳି ରାଇଫଲ୍ ଭଲ କାମ ଦେବନି । ଶେଷରେ ମୋରି ଉପରେ ସମସ୍ତଙ୍କର ନଜର; ମତେହିଁ ମାରିବା ପାଇଁ ସମସ୍ତେ କହିଲେ ।

ଗାଡ଼ିତଳେ ଠିଆହୋଇ ଦେଖିଲି ସାମନାରେ ପଡ଼ିଥିବା କଟାଗଛ ଯୋଗୁ ବାଘଟା ଭଲରକମ ଦେଖାଯାଉନି । ଲ୍ୟାଣ୍ଡରୋଭର୍‌ର ବନେଟ୍ ଉପରେ ଠିଆହେଲାରୁ ଟିକିଏ ଭଲ ଦେଖାଗଲା – ହେଲେ ମାରିବାକୁ ଡରଲାଗୁଥାଏ । ମାଟି ଉପରୁ ତ ମୁଁ ଜମା ତିନି ଫୁଟ ଉଚ୍ଚରେ, ବାକି ଅନ୍ୟ ସମସ୍ତେ ଗାଡ଼ି ଚାରିପାଖରେ ତଳେ ଛିଡ଼ାହୋଇଛନ୍ତି । ମୋର ରାଇଫଲ୍ .୩୫୫ ମଉଜାର । ଠିକ୍ ସନ୍ଧି ଜାଗାରେ ଯଦି ଗୁଳି ନବାଜିବ ତା ହେଲେ ଘାଉଲା ବାଘ ଚିହିଁକି ଆସିବ ଆମ ଉପରକୁ । ଜହ୍ନ ରାତିଟା ସିନା ଦିନପରିକା

Digitized by srujanika@gmail.com

ଦିଶୁଛି, ହେଲେ ବାଘ ମାଡ଼ିଆସିଲାବେଳେ କ'ଣ ,ପାଖରୁ ତାର ମୁଣ୍ଡକୁ ମାରିହେବ ? ଯଦିବା ବାଘ ଆମ ଉପରକୁ ନଆସେ, ତାହେଲେ ତ ପଛପଟର ବଣ ଭିତରକୁ ପଶିଯିବ । ସେପଟେ ତ ରାଜାସାହେବଙ୍କ ଜଙ୍ଗଲ । ସେ ବଣ ଭିତରକୁ ବାଘ ମାରିଯିବିନି ବୋଲି କଥା ଦେଇଛି । ତାଛଡ଼ା ରାଜାସାହେବ ତ ବର୍ତ୍ତମାନ ତାଙ୍କ ବନ୍ଧା ମଇଁଷିକି ଜଗି ପାଖାପାଖି କଉଠି ଗାଡ଼ିରେ ବସିଥିବେ । ଯଦି ଘାଉଲା ବାଘ ତାଙ୍କ ଉପରକୁ ଡେଇଁଲା ରାଗରେ ?

ଏମିତି ସବୁ ଅନେକ ଚିନ୍ତା ମୁଣ୍ଡ ଭିତରେ ଖେଳିଗଲା । ଏଣେ ନୀଳମଣି, ଗୁରୁ, ବୁଢ଼ା ଓ ରେଞ୍ଜରବାବୁ ଲଗେଇଥା'ନ୍ତି ଗୁଳି ଚଳେଇବାକୁ । ମନ ଭିତରର ଡର କଥାଗୁଡ଼ାକ କେମିତି କହନ୍ତି ତାଙ୍କୁ ! ସମସ୍ତଙ୍କ କଥାର ଗୋଟିଏ ଜବାବ୍ ଦେଇ କହିଲି – 'ହଉ' ।

ବାଘଟା ପ୍ରାୟ ଶହେଗଜ ଦୂରରେ ପଦାଟାରେ କରମାଡ଼ି ଶୋଇଥାଏ । ମୁଣ୍ଡଟା ଗୋଟାଏ ଗଉଣିପରିକା ବିରାଟ ବଡ଼; ଆଉ ବେକଟା ଖୁବ୍ ମୋଟା । ଦୂରବୀକ୍ଷଣରେ ଭଲକରି ଦେଖିଲି ଯେ ମୁଣ୍ଡକୁ ଲାଖ କଲେ ଠିକ୍ ହେବନି; କାରଣ ତାର ଥୋମଣିଟା ଆମଆଡ଼େ ଥାଏ । ଦେହରେ କଲିଜାକୁ ମାଇଲେ ବାଘ ନିଶ୍ଚୟ ଖଣ୍ଡେ ଦୂରକୁ ପଳାଇବ । ରାତିରେ ତାକୁ ଖୋଜି ବାହାରକରିବା କଷ୍ଟକର । ତେବେ ରାଜାସାହେବଙ୍କର ଗାଡ଼ିରେ ଦଳେ ଲୋକ ବଣ ଭିତରେ – କାହାକୁ ହୁଏତ ଖାଇବ । ଭାବିଲି, ବେକରେ ଗୁଳି ମାଇଲେ ବାଘର ଉଠିବାର ବଳ ରହିବନି । 'ସବୁ ଶିରଯାକ ବେକରେ ବନ୍ଧା' – ସବୁ ଶିରା-ପ୍ରଶିରା ଛିଡ଼ିଯିବ ।

ବୁଢ଼ାର କାନ୍ଧରେ କହୁଣି ରଖିଲି ଓ ତାକୁ କହିଲି ଟର୍ଚ୍ଚଟା ଠିକ୍ ରାଇଫଲ ନଳି ଉପରେ ପକେଇବାକୁ । ନିଶାଣ ନେଇ, ନିଶ୍ୱାସ ବନ୍ଦକରି ଗୁଳି ଟିପିଲି । ଢୋକରି ଆବାଜ ହେଲାମାତ୍ରେ ବାଘର ଆଖିଦୁଇଟା ଦପ୍ କରି ଜଳିଉଠିଲା – ଯେମିତି ବିଜୁଳି ଦି'ଟା, ଆଉ ମୁଣ୍ଡଟା ତାର ଏପାଖ ସେପାଖ ହେଲା । ନୀଳମଣି ଦୂରବୀକ୍ଷଣରେ ଦେଖି କହିଉଠିଲେ, "ବାଜିଚି ବେକରେ – ମାର, ମାର – ଆଉ ଗୋଟାଏ ମାର ।" ଫେର୍ ମୋ ବନ୍ଧୁକ ଆଉଥରେ ଗର୍ଜିଉଠିଲା । ବାଘର ମୁଣ୍ଡଟା କେବଳ ଏକଡ଼ସେକଡ଼ ହେଉଥାଏ । ନୀଳମଣି ତାଙ୍କର ୨୭୫ ରାଇଫଲ୍‌ଟା ମୋ ହାତକୁ ବଢ଼େଇଦେଇ କହିଲେ, "କ୍ୟାପ୍‌ଟେନ୍ ! ଏଇଥିରେ ଗୋଟାଏ ମାର ତ ଦେଖି ।" ତାଙ୍କ କଥା ରଖି ଫେର୍ ସେଥିରେ ଗୋଟାଏ ମାରି ଦେଖିଲି ବାଘ ନୀରବ ହୋଇ ପଡ଼ିଗଲା ଚାରିକାତ ମେଲେଇ ।

ଟର୍ଚ୍ଚ ଖଣ୍ଡେ ଧରି ବାହାରିଲି ତା ପାଖକୁ । ମୁଁ ଆଗେ ଆଗେ, ରେଞ୍ଜରବାବୁ ଟର୍ଚ୍ଚ ଦେଖାଉଥାନ୍ତି ମୋ କାନ୍ଧ ପାଖରେ; ଆଉ ସମସ୍ତେ ପଛରେ । ସେଇ ଶହେଗଜ ବାଟ ଧୀରେ ଧୀରେ ଯିବାକୁ ଲାଗିଗଲା ପ୍ରାୟ ଘଣ୍ଟାଏ । ଯାଇ ଦେଖିଲୁ ବାଘ ମରିଯାଇଛି । ଦେହଟା ତା'ର ଗରମ ଥାଏ – ରେଞ୍ଜରବାବୁ ଧାଇଁଯାଇ ବାଘ ମୁହଁର ନିଶରେ ହାତ ଦୁଇଟା ବୁଲାଇଆଣିଲେ । ପଚାରିଲାରୁ କହିଲେ – ବାଘ ମୁହଁରେ ହାତ ବୁଲେଇ ପାରିଲେ

Digitized by srujanika@gmail.com

କାଳେ ହାତର ଖୁବ୍ ଯଶ ବଢ଼େ – ତରକାରି ରାନ୍ଧିଲେ ସେ ତରକାରି ଖୁବ୍ ମିଠା ହେବ । ମଙ୍ଗୁଳି ବାଘର ନିଶ ଉପାଡ଼ିବାକୁ ହାତ ବଢ଼େଇଲାରୁ ମୁଁ ମନାକଲି । ଏତେବଡ଼ ମୁଣ୍ଡଟା – ସାମନା ଗୋଡ଼ ଦି'ଟା ହାତୀ ଗୋଡ଼ପରିକା ମୋଟ ମୋଟ – ମୁଁ ତ ମନେମନେ ଠିକ୍‌କରିନେଲି ଯେ ମହୀଶୂରର ଭେନିଙ୍ଗନ୍ ପାଖକୁ ପଠେଇ ବାଘର ସାମନା ଅଧାଟା ମାଉଣ୍ଟ କରି ଆଣିବି – ନିଶ କମିଗଲେ ବାଘଟାକୁ ଅସୁନ୍ଦର ହେବ । ଖୁସିରେ ଆଗେ ଆମେ ସବୁ ବହେ ଡେଇଁଲୁ ସେଠି । ତା ପରେ ବାଘଟା ଧରି ଗାଡ଼ିକୁ ଉଠେଇବାର କଥା ହେଲା । ସାତଜଣ ଲୋକ ଆମେ ଉଠେଇପାରିଲୁନି । ବୁଲେଇକି ଗାଡ଼ିଟା ସେଠିକି ଆଣିବାକୁ ପଡ଼ିଲା – ତାପରେ ତଡ଼ା ଲଗେଇ ବାଘଟାକୁ ଉଠେଇଲୁ ବଡ଼ କଷ୍ଟରେ ।

Digitized by srujanika@gmail.com

ତ୍ରିପୁରା ରାଜ୍ୟର ହାତୀ

ରାତି ଘଡ଼ିଏ ଥାଏ "କଅଟ୍ .... କଅଟ୍ .... କଅଟ୍" ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ଶବ୍ଦଟା ଖୁବ୍ ଉଚ୍ଚ ପର୍ଦାରେ ହେଲା ମିନିଟ ଦୁଇ – ଘର ଗୋଟାକଯାକ ଝାଏଁ ଝାଏଁ ହୋଇଗଲା । ଇମିତି ଶବ୍ଦ ତ ମୁଁ କେବେ ଶୁଣିନଥିଲି । ଗୋଟିଏ ବଡ଼ କାଠର କଡ଼ି ଭାରା ସହିନପାରି ଭାଙ୍ଗିଲେ ଯେମିତି କଟ୍ କଟ୍ ଶବ୍ଦ କରିବ, ଠିକ୍ ସେଇପରିକା ଶବ୍ଦ; ଯେ ଆଉରି ବେଶି ଜୋର୍ ସେ ଶବ୍ଦଟା । ନିଦ ଭାଙ୍ଗିଗଲା – କଉଠି ଶୋଇଚି ଭାବି ଠିକ୍ କରିବାକୁ ଟିକେ ବେଳହେଲା ।

ପୁରୁଣାକାଳିଆ ଘର ସେଇଟା । ଘର କହିଲେ ଠିକ୍ ହବନି, ସେଇଟା କୁଞ୍ଜବନ ରାଜବାଟୀ । ଅନେକବର୍ଷ ଆଗରୁ ଆଗରତଳାର କୁଞ୍ଜବନରେ ତ୍ରିପୁରା ମହାରାଜା ସେ କୋଠା ତିଆରିକରାଇଥିଲେ କବି ରବୀନ୍ଦ୍ରନାଥ ଠାକୁରଙ୍କର ରହିବା ପାଇଁ । ସେ ଯୁଗରେ ସିମିଟ୍-ଢଳେଇ ଛାତ ଏତେ ବେଶି ଚାଲୁନଥିଲା; ବଡ଼ ବଡ଼ କାଠର କଡ଼ିସବୁ (ବିମ୍) ଦେଇ ଛାତ ହୋଇଥାଏ । ଭାବିଲି ସେଇ କାଠ ବିମ୍ କ'ଣ ଭାଙ୍ଗିବକି ? ଏଇପରି ମନେ ମନେ ଭାବୁଥାଏ, ଫେର୍ ଥରେ ସେଇପରିକା ଆୱାଜ ହେଲା । କିଛି ବୁଝିପାରିଲିନି କଣ । ମଶାରି ଭିତରେ ଚଦରରେ ମୁଣ୍ଡ କାନ ଢାଙ୍କି ଶୋଇବାର ଚେଷ୍ଟା କରୁଥାଏ – ନିଦ ତ ହେଲାନି – ପୂର୍ବ ଦୁଇଦିନର ଘଟଣା ସବୁ ମନକୁ ଆସିଲା ।

ମାମୁ ମାଇଁଙ୍କର ଡାକରାରେ ମୁଁ ଯାଇଥାଏ ତ୍ରିପୁରା ରାଜ୍ୟର ରାଜଧାନୀ ଆଗରତଳା । ସେଠି ମାମୁ ଥିଲେ ଚିଫ୍ କମିଶନର – ଆଗ କାଳର କଥାରେ ଛୋଟଲାଟ୍ । ସେ ରାଜ୍ୟରେ କାଳେ ପୂର୍ବ-ପାକିସ୍ତାନର ବାସହରା ଲୋକଙ୍କୁ ବସବାସ କରିବାକୁ ଯୋଉ ଜାଗାକୁ ଆବାଦକରୁଥା'ନ୍ତି, ସେଠି ହାତୀପଲ ଆସି ଘରଦୁଆର ଭାଙ୍ଗୁଥା'ନ୍ତି । ସରକାର ଠିକ୍ କରିଥା'ନ୍ତି ଯେ ହାତୀପଲରୁ କିଛି ମାରିଦେବା ଦରକାର ।

ରାଜାଙ୍କ ଅମଳରେ ତ ହାତୀ ଧରାହେଉଥିଲା – ଅନେକ ହାତୀ ଧରାହଉଥିଲେ – ହାଟରେ ହାତୀ ବିକାହେଉଥିଲେ । ରାଜ୍ୟରେ ରାସ୍ତାଘାଟର ସୁବିଧା ନଥିଲା । ସେଠାରେ କଣ୍ଟ୍ରାକ୍ଟରମାନେ ହାତୀ ରଖୁଥିଲେ ଜଙ୍ଗଲରୁ କାଠ ଆଣିବାକୁ । ତ୍ରିପୁରା, ଆସାମ, ମଣିପୁର – ଏଇସବୁ ଜାଗାରେ ହାତୀ ବହୁତ ବ୍ୟବହାର ହେଉଥିଲା । ଏବେ ବିଜ୍ଞାନ ଏତେ ସୁବିଧା କରିଦେଲା ଓ ରାସ୍ତାଘାଟର ଏତେ ଉନ୍ନତି ହେଲା ଯେ ହାତୀ ପୋଷିବାଟା ଆଉ

Digitized by srujanika@gmail.com

ସୁବିଧା ହେଉନାହିଁ । ହାଟରେ ବାଟରେ ଯେ ହାତୀ ବିକାହେଉଥିଲା ସେଇଟା ଖୁବ୍ କମିଗଲା । ହାତୀ ବିକ୍ରି ନହେଲାରୁ ସରକାରଙ୍କୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡ଼ିଲା ହାତୀ ଧରିବାକୁ । ଏବେ ତ କେବଳ ସାଧୁସନ୍ୟାସୀମାନେ ହାତୀ ନେଇ ମଠରେ ରଖୁଛନ୍ତି ମେଳା କି ଯାନିଯାତ୍ରାରେ ପଟୁଆର କରିବାପାଇଁ । ହାତୀଧରା ବନ୍ଦହେବାରେ ବଣରେ ହାତୀପଲ ଖୁବ୍ ବଢ଼ିଛନ୍ତି – ଏଣେ ଜଙ୍ଗଲ କମିଯିବାରୁ ହାତୀଙ୍କର ଖୋରାକ ପାଇଁ ଗଛପତ୍ର କମିଗଲା – ପଲ ପଲ ହାତୀ ଆସି ଚାଷଜମିରେ ପଡୁଛନ୍ତି, ଧାନ କ୍ଷେତରୁ ଖାଉଛନ୍ତି ଯେତେ ମାଡ଼ି ଚକଟି ତାଠୁ ଢେର୍ ବେଶି ନଷ୍ଟକରୁଛନ୍ତି । ଏଇପରିକା ପରିସ୍ଥିତିରେ ତ୍ରିପୁରା ସରକାର କାଗଜରେ ବିଜ୍ଞାପନ ଦେଇଥା'ନ୍ତି ଯେ ଶିକାରୀମାନେ ଯାଇ ହାତୀ ଶିକାର କରନ୍ତୁ – ତାଙ୍କୁ ପୁରସ୍କାର ଦିଆଯିବ ।

ସେଇ ବିଜ୍ଞାପନ ପଢ଼ିଲା ପରେ ଲେଖିଥାଏଁ ମାମୁଙ୍କୁ ଯେ ମୁଁ ଯାଇ କିଛିଦିନ ଶିକାର କରିବି ସେ ଜଙ୍ଗଲରେ । ମାମୁଙ୍କର ଅନେକ ଦିନରୁ ତ ନିମନ୍ତ୍ରଣ ଥିଲା ଯିବାପାଇଁ, ମୁଁ ଯାଇପାରୁନଥିଲି ନାନା କାରଣରୁ । ଏଣେ ଛୁଟି ମିଳିବାର ସୁବିଧା ହେଉ ନଥାଏ – ଫେର୍ ଆଗରତଳାକୁ ଯିବାକୁ ବଡ଼ ଅସୁବିଧା । ଦମ୍‌ଦମ୍ ବିମାନଘାଟିରୁ ଉଡ଼ାଜାହାଜରେ ଯିବାକୁ ହେବ । ସେ ଉଡ଼ାଜାହାଜ ପୁଣି ପାକିସ୍ତାନ ଉପରେ ଉଡ଼ିକରି ଯିବ – ଏଇ କଥା ଭାବିଲାବେଳକୁ ମୋର ତ ମନ ଦବିଯାଉଥାଏ ।

ସେଥର କିନ୍ତୁ ଏଇ ଶିକାର ଲୋଭରେ ମନକୁ ଦମ୍ଭକରି କଲିକତା ଗଲି । ମାମୁ ବୋଧହୁଏ ମୋର ମନର କୁନ୍ଥକୁନ୍ଥିଆ ଭାବ ଠଉରେଇଥିଲେ । ସେ ତାଙ୍କର ଜଣେ ଅଫିସରଙ୍କୁ କଲିକତା ପଠେଇଥା'ନ୍ତି – ମୋତେ ସାଙ୍ଗରେ ନେଇ ଉଡ଼ାଜାହାଜରେ ବସେଇଦବାକୁ । ରାୟବାବୁ ମୋତେ ହାବୁଡ଼ା ଷ୍ଟେସନ୍‌ଠି ଭେଟିଲାବେଳକୁ କହିଥା'ନ୍ତି ଯେ ଡେକୋଟା ହେଲେ କ'ଣ ହେବ, ସେ ଉଡ଼ାଜାହାଜଟାରେ ଖୁବ୍ ଆରାମ ମିଳେ । ସେ ସମୟରେ ତ ଆମର ଏୟାରଲାଇନ୍ସରେ ଭଲ ଯାତ୍ରୀବାହୀ ଜାହାଜ ଫ୍ରେଣ୍ଡସିପ୍ କି ଭାଇକାଉଣ୍ଟ ଭଳି ଜାହାଜ ନଥିଲା – ସବୁ ଡେକୋଟା – ଗଲା ଯୁଦ୍ଧରୁ ସବୁ ବଳକା ହେବାରୁ ଏଇଥିରେ ଲାଗିଥିଲା । ରାୟବାବୁଙ୍କୁ କହିଲି ଯେ ମୁଁ ଗଲା ଯୁଦ୍ଧରେ ଫୌଜରେ ଥିଲି, ଆଉ ଡେକୋଟା ଉଡ଼ାଜାହାଜ କଥା ଭଲ ଜାଣେ ।

ରାୟବାବୁ ମୋତେ ଡାକିଲେ ଯାଇ ତାଙ୍କ ରାଜ୍ୟର ବଙ୍ଗଳାରେ ରହିବାକୁ । କଲିକତାରେ ତାଙ୍କର ଗୋଟିଏ ଅତିଥିଶାଳା ଥାଏ । ମୁଁ ତ ଆଗରୁ ଠିକଣା କରିଥାଏ ମୋର ବନ୍ଧୁ ରବି ବୋଷଙ୍କ ଘରେ ରହିବାକୁ । ରାୟବାବୁଙ୍କୁ କହିଲି ସେକଥା – ସେ କିନ୍ତୁ ନଛୋଡ଼ବନ୍ଧା । କହିଲେ, ସେ ଦିନଟାଯାକ ମୋତେ ନେଇ ବୁଲେଇବେ କଲିକତା ସାରା । ମୋର ତ ସେଦିନ କଲିକତାରେ ରହିବାର ଥିଲା – ହାତୀ ଶିକାର ପାଇଁ ବଡ଼ ରାଇଫଲ୍ ସେତେବେଳେ ମୋର ନଥାଏ । ବନ୍ଧୁ ରବି ବୋଷ କହିଥା'ନ୍ତି ତାଙ୍କର .୪୬୫ର ଦି'ନଳିଆ ରାଇଫଲ୍‌ଟା ଦେବେ ବୋଲି । ସେଦିନ ମୋତେ କଲିକତା ପୁଲିସ କମିଶନ୍‌ର ସାହେବଙ୍କଠୁ ମୋ ନାଁ'ରେ ଗୋଟିଏ ଅଳ୍ପଦିନିଆ ଲାଇସେନ୍‌ସ ନବାର କଥା ଥିଲା । ବିନା

Digitized by srujanika@gmail.com

ଲାଇସେନ୍‌ସରେ ତ ବନ୍ଧୁକ ରଖିବା କି ବ୍ୟବହାର କରିବାଟା ଆଇନରେ ନାହିଁ । ଦିନଟାଯାକ ଏଇ ସବୁ କାମରେ ବୁଲାବୁଲି କରିବାପାଇଁ ରାୟବାବୁଙ୍କର ମୋଟରଗାଡ଼ି ମିଳିବ ଶୁଣି ଖୁବ୍ ଖୁସିରେ ତାଙ୍କୁ ଧନ୍ୟବାଦଦେଲି । ଜିନିଷପତ୍ର ମୋର ବେଶି କିଛି ନଥାଏ – ଉଡ଼ାଜାହାଜରେ ଯିବାକୁ ହେଲେ ପ୍ରତ୍ୟେକ ଅଧସେର ଅଧିକା ଜିନିଷକୁ ଭଡ଼ା କାଳେ ଅଢ଼େଇ କି ତିନିଟଙ୍କା ।

ଛୋଟ ଗୋଟିଏ ସୁଟକେଶ୍ ଆଉ ଗୋଟିଏ ଶେଷମିନିଟ ଥଳି* । ତାକୁ ରାୟବାବୁଙ୍କ ଗାଡ଼ିରେ ରଖି ହାବଡ଼ା ଷ୍ଟେସନର ଜଳଖିଆ ଦୋକାନକୁ ଗଲୁ – ଚା' କପେ ପାଇଁ । ସେଠି ଚା' ଆଉ ଟୋଷ୍ଟ ଖାଉଁ ଖାଉଁ ଜଣେ ବୁଢ଼ା ଭଦ୍ରଲୋକ ଆସି ରାୟବାବୁଙ୍କୁ ନମସ୍କାରକଲେ; ଆଉ ବସିଲେ ଆମ ପାଖରେ । ରାୟବାବୁ ତାଙ୍କୁ ଚିହ୍ନାଇ ଦେଲେ – ତ୍ରିପୁରା ମହାରାଜାଙ୍କର କକା । ଭଦ୍ରଲୋକ ଯଉଖୁଣୁ ଶୁଣିଲେ ଯେ ମୁଁ ଆଗରତଳାକୁ ଯାଉଛି ଆଉ ମୁଁ ସେଠାର ଛୋଟଲାଟଙ୍କର ଭଣଜା, ମୋତେ ଖୁବ୍ ଆଦରକଲେ – ସଞ୍ଜକୁ ତାଙ୍କ କୋଠିକି ଯିବାକୁ ବହୁତ ଅନୁରୋଧକଲେ । ଭଦ୍ରଲୋକଙ୍କୁ ଷାଠିଏ ବର୍ଷ ହବ ପରା – ଧୀରେ ଧୀରେ ରହି ରହି କଥା କହନ୍ତି – ବଙ୍ଗଳା ଭାଷା ସାଙ୍ଗରେ ତ୍ରିପୁରା ରାଜ୍ୟର ଦେଶୁଆ ଶବ୍ଦ ଯୋଡ଼ି ଯୋଡ଼ି କହନ୍ତି ଯେ କାନକୁ ଖୁବ୍ ମିଠା ଶୁଭୁଥାଏ । ପିଲାଦିନରୁ ମୋର ଖୁବ୍ ଗୋଟାଏ ଆଶା ଥାଏ ଯେ ରାଜା-ମହାରାଜାଙ୍କ ଘରର ଚାଲିଚଳଣ କିମିତି ଦେଖିବାକୁ । ଆମର ମୟୂରଭଞ୍ଜର ମହାରାଜାଙ୍କୁ ତ କେବଳ ବାହାରେ ଦେଖିଥିଲି – କେତେବେଳେ ହାତୀପିଠିରେ ବସି ରଥ ଟଣା ତଦାରଖ କରୁଥା'ନ୍ତି ତ କେତେବେଳେ ଲକ୍ଷେ ଟଙ୍କାର ରୋଲ୍‌ସ ଗାଡ଼ିରେ ବସି ସଞ୍ଜରେ ହାଓ୍ୱା ଖାଇବାକୁ ବାହାରିଥା'ନ୍ତି – ଆଉ ଖୁବ୍ କମ୍ ସମୟରେ ତାଙ୍କୁ ଦେଖିଥିଲି ଅଫିସରେ ବସି ଦେଓ୍ୱାନ୍ ସାହେବ ସାଙ୍ଗରେ ଶାସନ-ପ୍ରଶାସନ କଥା ହେଉଥା'ନ୍ତି । ଘରେ – ରାଜବାଟିରେ – କିମିତି ଚଳପ୍ରଚଳ ହୁଅନ୍ତି – ସାଙ୍ଗସାଥୀ ସାଙ୍ଗରେ କିମିତି ଖେଳକୌତୁକ କରନ୍ତି ଜାଣିନଥିଲି । ପିଲାଦିନେ ଆମେ ଗାଁରେ ତ ଅନୁମାନ କରୁଥିଲେ ଯେ ରଜାପୁଅମାନେ ସୁନାର ସରାରେ ଚାଉଳ ଭଜା ଖାଉଥିବେ ! ଆମେ ସିନା ନଡିଆ ସରାରେ ବୁଟ ଚାଉଳ ଭଜା ଖାଇ ଖାଇ ବାଗୁଡ଼ି ଖେଳିବାକୁ ଗାଁମୁଣ୍ଡର ମଶାଣିପଦାକୁ ଯାଉଥିଲୁ – ରଜାପୁଅ ନିଶ୍ଚୟ ସୁନାର ସରାରେ କାବୁଲି ବୁଟଭଜା ଖାଉଥିବେ – ଆମପରିକା ବାଗୁଡ଼ି, ବୋହୂଚୋରି ନଖେଳି ସାଧବପୁଅ, ମନ୍ତ୍ରୀପୁଅ ଗହଣରେ ଯାଉଥିବେ ପାରିଧି କରି କିମ୍ବା ସେ ଦେଶର ରଜାଝିଅର ମୁଣ୍ଡବାଳ ଯେଉଁ ଫରୁଆରେ ଭାସିଆସିଥିଲା ବଳଙ୍ଗ ନଈରେ ସେଇ ଫରୁଆରୁ ବାରହାତ ଲମ୍ବର ବାଳ ଧରି ଝୁରିହେଉଥିବ ଆଉ ବଳଙ୍ଗ ନଈ କୂଳେ କୂଳେ ଘୋଡ଼ା ଦୌଡ଼େଇଥିବ ବରେହିପାଣି ଜଳପ୍ରପାତ ପାରହେଇ ସେ ଦେଶର – ପରି-ରାଇଜର ରାଜଜେମାକୁ ଖୋଜିବାକୁ ।

ଏଇମିତିକା କେତେପ୍ରକାର ଗପରୁ, ପିଲାବେଳର ଭାବପ୍ରବଣ ମନ ମୋର ରାଜା-

---

* Last minute bag

Digitized by srujanika@gmail.com

ମହାରାଜାଙ୍କ କଥାରେ ବିଭୋର ହେଉଥିଲାବେଳେ ଖୁବ୍ ଇଚ୍ଛାହୋଇଥିଲା ଯେ ଦିନେ ନା ଦିନେ ଦୁନିଆରେ ବଡ଼ହେଲେ ଯାଇ ମହାରାଜାଙ୍କ ଘରେ ରହିବାକୁ ହେବ । ତାଙ୍କର ଘରୋଇ ଚାଲିଚଳଣ କେମିତି ଦେଖିବାକୁ ହେବ – ଆଶା ଥାଏ ।

ଭଦ୍ରଲୋକ ଯେ ତ୍ରିପୁରା ମହାରାଜାଙ୍କର କକା ଆଉ ମତେ ଡାକୁଥିଲେ ତାଙ୍କ କୋଠିରେ ଯାଇ ରହିବାକୁ – ସଞ୍ଜବେଳେ ନିହାତିପକ୍ଷେ ଯାଇ ଘଣ୍ଟେଖଣ୍ଡେ ବସି ଗଳ୍ପ କରିବାକୁ ଅନୁରୋଧ କରୁଥିଲେ । ମନେ ମନେ ଭାବିଲି – ଜାଣିଲି ଯେ ଭଗବାନ୍ କାହାରି ମନୋବାଞ୍ଛା ଅପୂରଣ ରଖନ୍ତିନି କେବେ – କଉ ବାଳୁତବେଳର ଆଶା ମୋର ଏବେ ପୂରଣ ହେବାକୁ ଯାଉଚି ଏଇପରିକା ।

ଏଇ ତ କେଇବର୍ଷ ଆଗରୁ ମୁଁ ଯୁଦ୍ଧରେ ଯାଇଥିଲି । ସେଠି ଯାଇ କିଙ୍ଗ୍‌ସ କମିସନ୍ ପାଇ ଉଚ୍ଚ ପାହ୍ୟାକୁ ଯାଇପାରିଥିଲି । ଦେଶ ସ୍ୱାଧୀନ ହୋଇଯିବା ପରେ ସିନା କରଦ ରାଜ୍ୟଗୁଡ଼ାକ ସବୁ ମିଶିଗଲା, ଆମ ଦେଶର ରାଜାରାଜୁଡ଼ା ସବୁ ହେଇଗଲେ ସାଧାରଣ ଦେଶୁଆ ଲୋକ । ଯଦି କରଦ ରାଜ୍ୟ ଥା'ନ୍ତା – ଆଉ ଯେମିତି ଶାସନ ପ୍ରଣାଳୀ ଥିଲା ସେମିତି ଥା'ନ୍ତା, କିଏ କହିପାରେ ଯେ ମୁଁ ଦିନେ ପଲିଟିକାଲ ଏଜେଣ୍ଟ ହେଇ କରଦ ରାଜ୍ୟମାନଙ୍କର ଗୋଷ୍ଠୀରେ ହାକିମି କରିନଥାନ୍ତି ? ଫୌଜରେ ଥିଲାବେଳେ ରାଜା ମହାରାଜାମାନେ ବି ଆମପରିକା ଅଫିସର ହୋଇଥିଲେ – ସେତେବେଳକୁ ତାଙ୍କମାନଙ୍କ ସାଙ୍ଗରେ ବସି ହଇ-ହଲ୍ଲା କଲାବେଳେ କିନ୍ତୁ ପିଲାବେଳର ସେଇ ଆଶା କଥା ମନେପଡ଼ିନଥିଲା । ଏଇ ହାବଡ଼ା ଷ୍ଟେସନ୍‌ର ଖାଇବାଘରେ ବସି କାହିଁକି କେଜାଣି ବାଳୁତବେଳର କଥା ଖୁବ୍ ମନେପଡ଼ିଲା – ହସମାଡ଼ିଲା ।

ଦିନଟାଯାକ କଟିଲା ମୋର କଲିକତାର ଏମୁଣ୍ଡରୁ ସେମୁଣ୍ଡ ଯିବାଆସିବାରେ । ଚିଫ୍ କମିଶନର ସାହେବ ମୋର ଲାଇସେନ୍‌ସ ଦେଲେ – ଆଉ କପେ ଚା' ବି ଦେଲେ । ସେଠୁ ଗଲୁ ଆର.ବି. ରଡ଼ା ଦୋକାନରୁ ସେ ରାଇଫଲ୍‌ର କାର୍ତ୍ତୁସ୍ ପାଇଁ । ହାତୀ, ବାଘ ଶିକାର ପାଇଁ ଜଙ୍ଗଲକୁ ଗଲେ ସାଙ୍ଗରେ ଏକବାରେ ଟଟକା କାର୍ତ୍ତୁସ୍ ନବା ଦରକାର । ଯଦି ପୁରୁଣା କାର୍ତ୍ତୁସ୍ ନବ ଆଉ ଠିକ୍ ବଖତବେଳେ କାର୍ତ୍ତୁସ୍ ନଫୁଟେ, ପ୍ରାଣଟା ସେଇଠି ଯିବ ସିନା ! ଟଟକା କାର୍ତ୍ତୁସ୍ ଦଶଟା କିଣିଲି – ରାଇଫଲ୍‌ର କଳକବ୍‌ଜା ଠିକ୍‌ଠାକ୍ ଅଛି କି ନାହିଁ ପରଖିନେଲେ ତାଙ୍କର ମିସ୍ତ୍ରୀମାନେ । ରାଇଫଲ୍ ବାକ୍ସ ସାଙ୍ଗରେ ଓଜନ କରି କହିଲେ ଯେ ବାକ୍ସଟା ନନେଲେ ସାଙ୍ଗରେ ଉଡ଼ାଜାହାଜ ଭଡ଼ା କମ୍ ହେବ । ସେଇଆ ହେଲା – ଖାଲି କନା ଖୋଳଟିଏ ନେଲି ସାଙ୍ଗରେ ।

ଏଇପରିକା ଶିକାର ସରଞ୍ଜାମ ଯୋଗାଡ଼ କରୁ କରୁ ଦିନଟା କଟିଗଲା । ସଞ୍ଜ ହେଉଁ ହେଉଁ ଯାଇ ତ୍ରିପୁରା ମହାରାଜାଙ୍କ କକାଙ୍କ ଘରଠେଇ । ସେଠି ଦେଖିଲି, ସାଧାରଣ ବାବୁଭାୟାଙ୍କ ଘରପରିକା ତାଙ୍କ ଘର – ଆସ୍‌ବାବପତ୍ର ବି ସେଇପରିକା – ରହନ୍ତି ବି ସେମିତି ଆମରି ପରି ଧୋତି କୁର୍ତ୍ତା ପିନ୍ଧି । ପହଞ୍ଚିଲାମାତ୍ରେ ସେ ଭଦ୍ରଲୋକ ସରବତ ଚା' ଯାଚିଲେ – ମୁଁ ଚା ମାଗିଲି । ଚା'ଖିଆ ସରିଚି କି ନାହିଁ ଲାଲସାହେବଙ୍କର ଜଣେ

Digitized by srujanika@gmail.com

ବନ୍ଧୁ ଆସି ପହଞ୍ଚିଲେ – ବୟସ ପଚାଶ ପାଖାପାଖି – ସାହେବି ପୋଷାକ୍ – ଖୁବ୍ ଦାମିକା କନାରେ ଦାମିକା ଦର୍ଜି ତାକୁ ତିଆରି କରିଥିବା ପରି ଜଣାପଡୁଥାଏ – ଦି ଓଠ କଣରେ ଡାହାଣ କରକୁ ଗୋଟିଏ ପାଇପ୍ । ସେ ଭଦ୍ରଲୋକ ଘରେ ପଶିବାକ୍ଷଣି କଡ଼ା ଦୋକତା ଗନ୍ଧ ସାଙ୍ଗରେ ଗୋଟାଏ ବଢ଼ିଆ ଖୁସ୍‌ବୁ ମନମତାଣିଆ ଅତର ବାସନାରେ ଘରଟା ପୂରିଉଠିଲା । ଲାଲସାହେବ ଚଉକିରୁ ଉଠି ଆମକୁ ସବୁ ବିଲାତି କାଇଦାରେ ପରିଚୟ କରାଇଦେଲେ । ତାଙ୍କ ନାଁ ମିଷ୍ଟର ସିନା ବୋଲି କହିଲେ । ବଙ୍ଗଳା ଭାଷାରେ ସିଂହକୁ ବିଲାତି ଢାଞ୍ଚାରେ 'ସିନା' ବୋଲି ଉଚ୍ଚାରଣ କରନ୍ତି ପରା !

ମିଷ୍ଟର ସିନା ଯେମିତି ଶୁଣିଲେ ଯେ ମୋର ଘର ଓଡ଼ିଶା ଆଉ ମୁଁ ଶିକାର ଉଦ୍ଦେଶ୍ୟରେ ବାହାରିଚି – ମୁଁ ଫୌଜରେ ଅଫିସର ଥିଲି – ମୁଁ ତ୍ରିପୁରା ଛୋଟଲାଟଙ୍କର ଭଣଜା ଇତ୍ୟାଦି ସେ ତ ଏକବାରେ ଗଦ୍‌ଗଦ ହେଇଗଲେ । ତାଙ୍କର ବନ୍ଧୁ ଲାଲସାହେବଙ୍କୁ ଧିକ୍କାରି କହିଲେ ଯେ, ଜଣେ ଆର୍ମି ଅଫିସର, ଆଉ ଫେର୍ ଜଣେ ହାତୀଶିକାରୀଙ୍କୁ ଘରେ ବସାଇ ଚା'ଜଳଖିଆ ଦେବାଟା ଖୁବ୍ ଅସଭ୍ୟତା ହେଇଚି – କଲିକତା କ୍ଲବ୍‌କୁ ଯିବା ଦରକାର । ସେଠି କେତେ ଶିକାରୀ ବନ୍ଧୁ ମିଳିବେ ଗପ କରିବାକୁ – ସେଠାରେ ବାର୍‌ରେ ବି ମିଳିବ ଷ୍ଟଚ୍-ହୁଇସ୍କି, ଯେଉଁଥିରେ କି ଶିକାରୀର ଜିଭଟା ହାଲୁକା ହେଇଯିବ ଆଉ ଶିକାର କାହାଣୀ ରଙ୍ଗିନ୍ ହୋଇ ସୁଅ ଛୁଟିବ ମୁହଁରୁ । ଏଇ ସବୁକଥା ମିଷ୍ଟର ସିନା ଇଂରାଜୀ ଭାଷାରେ କହିଲେ । ଇଂରାଜୀରେ ଏ କଥାଗୁଡ଼ାକ ଖୁବ୍ ସୁନ୍ଦର ଶୁଭୁଥାଏ; ଆଉ ମଜା କଥା ପରି ଲାଗୁଥାଏ । ଇଂରାଜୀ ଭାଷାଟା ଏତେ ମିଠା ଯେ ଧିକ୍କାର ବା ଗାଳିଗୁଲଜଟା ବି ସାକୁଲା କଥା ପରି ଜଣାପଡ଼େ ।

ଲାଲସାହେବ ସଙ୍ଗେ ସଙ୍ଗେ ହଁଭରିଲେ, ଆଉ ଘର ଭିତରକୁ ଗଲେ ବେଶ ବଦଳାଇବାକୁ । କଲିକତା କ୍ଲବ୍‌ଟା ସବୁ ବଡ଼ବଡ଼ିଆ, ଧନୀଲୋକଙ୍କର କ୍ଲବ୍ । ସେଠିକି ସଞ୍ଜବେଳେ ଯିବାକୁ ହେଲେ ବିଲାତି ଧରଣର ହେଉ ବା ଦେଶୀ ହେଉ ଖୁବ୍ ଭଲ ପୋଷାକ ହେଲେ ଯାଇହେବ; ନହେଲେ ଦ୍ୱାରରୁ ଫେରିଆସିବାକୁ ହେବ । ସିନା ସାହେବ କାଳେ ଆଗରୁ ବହୁତ ବର୍ଷ ଆଗରୁ ଓଡ଼ିଶାକୁ ଶିକାର କରିବାକୁ ଆସିଥିଲେ – ସେ ମୋତେ ଅନେକ କଥା ପଚାରିଲେ । ତାଙ୍କର ମୁଣ୍ଡରେ ବାଳ ବିଲ୍‌କୁଲ୍ ନଥାଏ – ଗୋରାତକତକ ଖପୁରିରେ ଆଲୁଅଟା ଆଇନାରେ ପ୍ରତିଫଳିତ ହେଲା ପରି ଦିଶୁଥାଏ । ଆଉ କଥା କହିବାବେଳେ ତାଙ୍କର ଆଖି ଭୂରୁ ଯୋଡ଼ାକ ଉପରକୁ ଉଠିଯାଉଥାଏ – କେତେବେଳୁ ଲାଲସାହେବ ପୋଷାକ ପିନ୍ଧି ଆସି ଅପେକ୍ଷା କରିଥାନ୍ତି ଆମକୁ କ୍ଲବ୍‌କୁ ନେବା ପାଇଁ ।

ତାଙ୍କ କୋଠିରୁ ପାଞ୍ଚମିନିଟ୍‌ର ବାଟ କ୍ଲବ୍ ଘରଟା – ଗୋଟାଏ ବିରାଟ କୋଠା – ଚୌରଙ୍ଗି ଲୋଅର୍ ସାର୍କୁଲାର୍ ରୋଡ୍ ଛକଠୁ ମୋଟେ ପଚିଶ ତିରିଶ ଗଜ ବାଟ । ଗାଡ଼ି ଯାଇ ରହିଲା ଗାଡ଼ି ବାରନ୍ଦା ପାଖରେ – ପୋଷାକପିନ୍ଧା ବେହେରା ଜଣେ ଆସି ମିଲିଟାରୀ କାୟଦାରେ ସଲାମକରି ମୋଟରଗାଡ଼ି ଦୁଆର ଖୋଲିଦେଲା – ଆମେ ଓହ୍ଲେଇଗଲୁଁ –

Digitized by srujanika@gmail.com

ଡ୍ରାଇଭର ଗାଡ଼ି ନେଇ ଗଲା ସେକଡ଼ କାନ୍ଥ ପାଖକୁ ଧାଡ଼ିବାନ୍ଧି ରଖିବାକୁ । ସିନା ସାହେବ ପାଞ୍ଚଟା ପାହାଚ ଏକାଥରକେ ଚଢ଼ିଗଲାପରିକା ଦିଶିଲା – ଉପରକୁ ଉଠି ବାଁପାଖ କାଉଣ୍ଟରରେ ମୋର ନାଁ ଲେଖିଦେଲେ – ମୁଁ ସେଦିନ ତାଙ୍କର ଅତିଥି ହିସାବରେ କ୍ଲବ୍‌ର ସଭ୍ୟମାନଙ୍କ ସାଙ୍ଗରେ ବସିପାରିବି ।

ଗାଡ଼ି ବାରନ୍ଦା (Portico)ରୁ ପାଞ୍ଚଟା ପାହାଚ ଉଠିଲେ ଦୁଇଟା ବିରାଟ ଦୁଆର । ଦୁଆରବନ୍ଧ ଦଶଫୁଟ ଉଚ୍ଚା, ଆଉ ଶାଗୁଆନ କାଠର ଯାଉଁଳି କବାଟ ଲାଗିଚି । ଦୁଆରରେ ପଶିଲେ ବାଁପାଖରେ ଛୋଟ ଗୋଟିଏ ଦୁଆର, ପାଖରେ ଲେଖାଅଛି 'ଜେଣ୍ଟ୍‌ସ୍ କ୍ଲୋକ୍ ରୁମ୍' – ଭିତରକୁ ଗୋଟିଏ ଘରେ ଭଦ୍ରଲୋକଙ୍କର ଟୋପି, ଛଡ଼ି ଓ କୋଟ୍ ରଖିବାର ଜାଗା, ଆଉରି ଭିତରକୁ ଗାଧୁଆ ଘର । ସବୁ ସାହେବୀ ଢଙ୍ଗରେ ସଜାହୋଇଚି । ସେଇ 'କ୍ଲୋକ୍ ରୁମ୍' ଦୁଆରେ ଗୋଟିଏ କାଉଣ୍ଟର ପାଖରେ ଜଣେ କିରାଣିବାବୁ ବସିଚି – ପାଖରେ ଟେଲିଫୋନ୍ ଆଉ ସାମନାରେ ଗୋଟିଏ ମୋଟା ରେଜିଷ୍ଟାର । ସେ ରେଜିଷ୍ଟାରରେ ସବୁ ଅତିଥିମାନଙ୍କର ନାଁ, ଗାଁ ଲେଖାଯାଏ । ସେ ବାବୁଟି ସମସ୍ତଙ୍କୁ 'ଗୁଡ୍ ଇଭିନିଂ ସାର୍' କହୁଥାନ୍ତି । ସେଠୁ ପାରିହୋଇଗଲେ ଗୋଟାଏ ଖୁବ୍ ବଡ଼ ହଲ୍ ଘର । ସେ ଘରେ ଠାଏ ଠାଏ ଗୋଟିଏ ଗୋଟିଏ ଛୋଟ ଗୋଲ୍ ଟେବୁଲ – ପାଖରେ ଗଦିଦିଆ ଚାରୋଟି ଆରାମ ଚେୟାର । ସବୁ ଚେୟାରରେ ପ୍ରାୟ ଲୋକବାକ ବସିଥା'ନ୍ତି – ଭଦ୍ରଲୋକମାନେ ସାହେବୀ ପୋଷାକରେ ଆଉ ମହିଳାମାନେ ନାନା ଢଙ୍ଗରେ ଶାଢ଼ି ପିନ୍ଧିଥା'ନ୍ତି । ମୁଣ୍ଡରେ ଗଭା ସେମାନଙ୍କର କେତେ ପ୍ରକାର ଯେ କହିହବନି – କଉଟା ଚଢ଼େଇବସା ଓ କଉଟା ମନ୍ଦିରଚୂଡ଼ାପରିକା – କିଏ ଫୁଲମାଳଟିଏ ବାନ୍ଧିଛି ତ କିଏ ଲକ୍ଷେ ଟଙ୍କାର ମୁକ୍ତାମାଳଟେ ବାନ୍ଧିଚି ଯତ୍ନ କରି । ଆମେ ସେମାନଙ୍କର ପାଖଦେଇ ଗଲୁ ବାଁପାଖର କୋଠରିକି – ରାସ୍ତାରେ ବେହେରାମାନେ ସବୁ ଧଳା ପେଣ୍ଟ, କୋଟ୍ ପିନ୍ଧି ଆମକୁ ମିଲିଟାରୀ ଢଙ୍ଗରେ ସଲାମ ଠୁକୁଥା'ନ୍ତି । କେହି କେହି ବାଦଶାହୀ ଢଙ୍ଗରେ କୁର୍ଣ୍ଣିସ୍ ବି କଲେ ।

ଯେଉଁ କୋଠରିରେ ଆମେ ପଶିଲୁ ସେଇଠି ଦୁଇଚାରିଟା ଛୋଟ ଟେବୁଲ ଆଉ ତାସ ଦୁଇମୁଠା ଲେଖେଁ ଥାଏ । ଚାରିଜଣ ତାସ ଖେଳୁଥିଲେ ଯେ ଆମକୁ ସେ ଘରେ ପଶିବାର ଦେଖିପାରିଲେନାହିଁ ବୋଲି ମନେହେଲା । ସେ ଘରର ବାଁପାଖ କାନ୍ଥରେ ଗୋଟିଏ ଦୁଆର ଫିଟାଇ ସିନାସାହେବ ମୋତେ ଆଗ ଯିବା ପାଇଁ ଇସାରାକଲେ – ଅଣ୍ଟାରୁ ଟିକେ ନଇଁ କହିଲେ, ଆଫଟାର୍ ଇଉ । ଏଇସବୁ ଆଦବ୍ କାଇଦାରୁ ଜଣେ ବାହାର ଲୋକ ବୁଝିବ ଯେ ମୁଁ ଗୋଟେ କ'ଣ ବଡ଼ଲୋକ ବୋଲି । ମୋତେ ସେତେବେଳକୁ ବେଶ୍ ଟିକେ ଲାଜଲାଗୁଥାଏ । ମୋର ପିନ୍ଧା ଜାମା ପେଣ୍ଟ ସବୁ ମଝିଆରି ଧରଣର, ଆଉ ସେଠାର ଲୋକମାନଙ୍କର ଖୁବ୍ ଦାମିକା ବିଲାତି ସୁଟ୍ ।

ଆମେ ଯେଉଁ ଘରେ ପଶିଲୁ ସେଠି ପ୍ରାୟ ଦଶ-ବାରଜଣ ମହିଳା ବସିଥିଲେ – ରୂପରେ ଏକ ଆରକୁ ଜିଣି । ସମସ୍ତେ ଆମକୁ ଅନେଇଲେ – କଥାବାର୍ତ୍ତା

Digitized by srujanika@gmail.com

ସବୁ ବନ୍ଦହୋଇଯାଇଥାଏ । ସିନାସାହେବ ଓ ଲାଲସାହେବ ତାଙ୍କୁ ସବୁ ଗୁଡ଼୍‌ଇଭିନିଂ ମିସେସ୍ ସେନ୍, ମିସେସ୍ ଭଟ୍ଟାଚାର୍ଯ୍ୟ, ମିସ୍ ବୋଷ .... କହିସାରି ମୋର ପରିଚୟ ଦେଲେ ଯେ, ''ଓଡ଼ିଶାର ଏଲିଫାଣ୍ଟ-ହଣ୍ଟର୍ କେପ୍‌ଟେନ୍ ମହାନ୍ତି ।'' ମୁଁ ସମସ୍ତଙ୍କୁ ନମସ୍କାରକଲି । ସବୁ ମହିଳା ତ ଆସି ମୋତେ ଘେରିଗଲେ, ଆଉ ଏକାସାଙ୍ଗରେ ସମସ୍ତେ କହିଲେ ଯେ – ''ଓ ଆପଣ ସେଇ କେପ୍‌ଟେନ୍ ମହାନ୍ତି; ଯେ କି କରଲାପାଟଠେଇ ହରିଣ ମାଂସର କବାବ୍ କରିଥିଲେ ? ଆମକୁ ତାର ନିଦାନଟା ଦିଅନ୍ତୁ ନା କେପ୍‌ଟେନ୍ ମହାନ୍ତି ।'' ସେମାନେ କାଳେ ମୋ ବିଷୟରେ ଢେର୍ କଥା ଶୁଣିସାରିଛନ୍ତି – ସବୁଠୁ ବେଶି ଜାଣିଛନ୍ତି ଯେ କାଳେ ମୁଁ ଜଣେ ଭାରି ବଢ଼ିଆ ରାନ୍ଧୁଣିଆ । କିଏ ମୋ ପାଇଁ ସରବତ ଗିଲାସେ ତ କିଏ ମୋତେ ଆଣି ସିଗାରେଟ୍ ଦଉଥାଏ । ମୋର ସାଙ୍ଗମାନେ ଲାଲସାହେବ ଓ ସିନାସାହେବ ତ ସେତେବେଳକୁ ଯାଇ କାନ୍ଥକୁ ଆଉଜି ଚୁପ୍‌ଚାପ୍ ଛିଡ଼ାହୋଇଥାନ୍ତି ।

ସିନାସାହେବ କହିଲେ, ''ଆରେ ଆରେ, ଆପଣ ଏଠି ଏଡ଼େ ଜନପ୍ରିୟ ଲୋକ ବୋଲି ତ ଆମକୁ କହିନଥିଲେ କେପ୍‌ଟେନ୍ ମହାନ୍ତି ।'' ମିସ୍ ବୋଷ କହିଲେ ଯେ, ସେ ତାଙ୍କର ବନ୍ଧୁ ମିସେସ୍ ଭଟ୍ଟାଚାର୍ଯ୍ୟଠୁ ମୋ ବିଷୟରେ ସବୁ ଶୁଣିଛନ୍ତି – କିମିତି କଳାହାଣ୍ଡିର କରଲାପାଟଠେଇ କେମ୍ପରେ ମୁଁ ମିରିଗ ମାଂସର କବାବ୍ କରିଥିଲି ସେଇ କଥା ।

ସେ ଅନେକ ଦିନର କଥା, ପାଞ୍ଚବର୍ଷ ଆଗର କଥା । ମୋର ବନ୍ଧୁ ଭଟ୍ଟାଚାର୍ଯ୍ୟ ସାହେବ ଓ ସିନାସାହେବ – ସୁରେଶଚନ୍ଦ୍ର ସିନା – ଆଉ ମିସେସ୍.ଭଟ୍ଟାଚାର୍ଯ୍ୟ ଯାଇଥିଲେ ବାଘ ଶିକାର ଉଦ୍ଦେଶ୍ୟରେ । ମୁଁ ସେମାନଙ୍କୁ ନେଇ ଯାଇଥାଏ କଳାହାଣ୍ଡି ଜିଲ୍ଲାକୁ । ସେଠି ସେତେବେଳେ ବହୁତ ମଣିଷଖିଆ ବାଘ ଥିଲେ । ସକାଳୁ କଳାହାଣ୍ଡିର ଭବାନିପାଟଣାଠେଇ ପହଞ୍ଚିଲୁ – ସେଠି ହାଫିଜ୍ ସାହେବ ଥିଲେ ଏସ୍.ପି. । ଆମକୁ ଦିପହରେ ଖୁବ୍ ଆଡ଼ମ୍ବରରେ ଖୋଇପେଇ ସଞ୍ଜକୁ କରଲାପାଟ ବାଟରେ ଛାଡ଼ିଦେଲେ । ଭବାନିପାଟଣାଠୁ କରଲାପାଟ ପ୍ରାୟ ଚାଳିଶ ମାଇଲ ବାଟ – ଖୁବ୍ ଘନ ଜଙ୍ଗଲ ଭିତରଦେଇ ପାହାଡ଼ ପର୍ବତ ଡେଇଁ ସେ ରାସ୍ତା ଯାଇଛି । ସାତମାଇଲ ପରେ ଆମେ ଜଙ୍ଗଲ ଭିତରେ ପଶୁ ପଶୁ ମିରିଗ ଶିଙ୍ଗାଳଟିଏ ଆସି ସଡ଼କରେ ଆମ ବାଟ ଓଗାଳି ଛିଡ଼ା ହେଲା । ବନ୍ଧୁ ଭଟ୍ଟାଚାର୍ଯ୍ୟ ଶିଙ୍ଗାଳକୁ ମାରିଆଣି ଗାଡ଼ିରେ ଲଦିଲେ । ଆମେ ଯାଇ କରଲାପାଟଠି ପହଞ୍ଚିଲାବେଳକୁ ସଞ୍ଜହେଲାଣି । ସେଠି ରହିବାପାଇଁ କେବଳ ଗୋଟିଏ କୋଠରି ଥିବା ଗୋଟିଏ ରେଭିନ୍ୟୁ ସେଡ୍ ଥିଲା ଯେ ସେଇ ଗୋଟିକ କୋଠରିରେ ନା ଥିଲା ଦୁଆରରେ କବାଟ, ନା ଥିଲା ଝରକାରେ କବାଟ । ସେଇ ସେଡ୍‌ର ପଛକୁ କୋଡ଼ିଏ ଗଜ ଦୂରରୁ ଜଙ୍ଗଲ ଆରମ୍ଭ – ଆଉ ସେଇ ବଣରେ ମଣିଷଖିଆ ବାଘ ବହୁତ । ସେଇଠି ରହିଲେ ବାଘର ସନ୍ଧାନ ଶୀଘ୍ର ମିଳିବ ବୋଲି ଆମେ ରହିଥିଲୁ ସେ ରେଷ୍ଟ ସେଡ୍‌ରେ । ପହଞ୍ଚିସାରି ରାତିହେବାରୁ ଆଉ ମିରିଗଟିକୁ କଟାକଟି କରିପାରିଲୁନି – କାଳେ ରାତିରେ ବାଘ ନେଇ ଯିବ ବୋଲି ଭାବି ପାଖରେ ଆମ୍ବ ଗଛ ଉପରେ ତାକୁ ଦଉଡ଼ି ଦେଇ ଝୁଲେଇଦେଲୁ –

Digitized by srujanika@gmail.com

ପାଞ୍ଚଗଜ ଦୂରରେ ବାର଼ନ୍ଦାରେ ମୁଁ ଶୋଇଲି ।

ତା ପରଦିନ ସକାଳୁ ଉଠି ମିରିଗଟିକୁ କଟାକଟିକଲୁ । ବନ୍ଧୁ ଭଟ୍ଟାଚାର୍ଯ୍ୟ କଲିକତାରୁ ନାନା ପ୍ରକାର ସରଞ୍ଜାମ ଧରି ଆସିଥା'ନ୍ତି ସୁବିଧାରେ ରାନ୍ଧିବେ ବୋଲି । ସେ ସମୟରେ ପ୍ରେସାରକୁକ୍‌କର ନୂଆ ନୂଆ ବାହାରିଥାଏ – କଲିକତାରେ । ବନ୍ଧୁ କହିଲେ ଯେ ସେ ପ୍ରେସାରକୁକ୍‌ର୍‌ରେ ମାଂସ ରାନ୍ଧିବେ, ଆମକୁ ଭଲକରି ଖୁଆଇବେ । ପ୍ରେସାରକୁକ୍‌କର୍ ବିଷୟରେ ଢେର୍ କଥା କହିଲେ । ମତେ କାହିଁକି କଥାଟା ଅଡୁଆ ଲାଗିଲା – ମିରିଗ ମାଂସକୁ ଶୁଖିଲା ନରାନ୍ଧିଲେ ଗନ୍ଧ ଖୁବ୍ ହୁଏ । ପ୍ରେସାରକୁକ୍‌କର୍‌ରେ ତ ଶୁଖିଲା ରନ୍ଧା ହୋଇପାରିବନି – ସେଥିରେ ସିନା ପାଣି ନପକାଇ ମାଂସ ସିଝାଇହେବ – ମାଂସର ପାଣି ମାରିହବ ତ ନାହିଁ । ମୁଁ ସେଇଠୁ କହିଲି, ''ଯେ ଦେଶ ଯାଇ ସେ ଫଳ ଖାଇ'' ହିସାବରେ ହରିଣମାଂସ କି ଶିକାରମାଂସ ସହରିଆ ଢଙ୍ଗରେ ନରାନ୍ଧି ଜଙ୍ଗଲି ଢଙ୍ଗରେ ରାନ୍ଧିବା ଦରକାର । କାଳେ ବନ୍ଧୁ ମୋର ଦୁଃଖପାଇବେ ସେଇ ଯୋଗୁ ତାଙ୍କୁ ସେରେ ହେବ ଭଲ ବେଅଁ ମାଉଁସ ଦେଲି, ତାଙ୍କର ଯନ୍ତ୍ରରେ ରାନ୍ଧିବାକୁ । ଆଉ ମୁଁ ଗୋଟିଏ ଫଡ଼ିଆରେ ଆମର ବଣୁଆ ଢଙ୍ଗରେ ଟିକେ ତେଲ-ଲୁଣ-ଅଦା ଦେଇ ରଡ଼ ନିଆଁରେ ପୋଡ଼ିଦେଲି ।

ଖାଇବସିଲୁ ବାରନ୍ଦାରେ । ସାଙ୍ଗ ଭଟ୍ଟାଚାର୍ଯ୍ୟ ବସିଲେ – ତାଙ୍କର ପ୍ରେସରକୁକ୍‌କର୍‌କୁ ଆଣି ପାଖରେ ଥୋଇଥା'ନ୍ତି । ଭାତହେରିକା ପରଷି ସାରିଲା ପରେ ସେ ଖୁବ୍ ଆଡ଼ମ୍ବର କରି, ଯେମିତି ଆମର ଏଠାର ମାଟିଆବାବୁ ହାତଟିକୁ ପବନରେ ଏଣେତେଣେ ବୁଲାଇ ଗୋଟାଏ ଟୋପିରୁ ଜିଅନ୍ତା ଠେକୁଆଟିଏ କାଢ଼ନ୍ତି, ସେମିତି ସାଙ୍ଗ ମୋର ପ୍ରେସର୍-କୁକ୍‌କର୍ ଢାଙ୍କୁଣୀ ଖୋଲିଦେଲେ । ଢାଙ୍କୁଣୀ ଖୋଲାହେଲାଠୁ ଗୋଟିଏ ଫୁରୁକୁଟିଆ ଗନ୍ଧ ବାହାରିଲା – ପଚା ମାଂସପରିକା । ସୁରେଶବାବୁ, ମିସେସ୍ ଭଟ୍ଟାଚାର୍ଯ୍ୟ ଓ ମୁଁ ତ ନାକରେ ହାତଦେଲୁ – ଖାଇବୁ କ'ଣ ? ସାଙ୍ଗ ଭଟ୍ଟାଚାର୍ଯ୍ୟ ମୁହଁକୁ ସିଧା ରଖି ସେ ମାଂସରୁ ପୁଳାଏ ନେଇ ପାଟିରେ ଦେଲେ – ହେଲେ ଖାଇପାରିଲେନି । ସେଠୁ ମୁଁ ଯାଇ ନିଆଁରୁ ପୋଡ଼ା ମାଉଁସ ପେଣ୍ଡାଟା ଆଣି ରଖିଲି – ଖଣ୍ଡେ ଖଣ୍ଡେ କାଟି ସମସ୍ତଙ୍କ ଥାଳିରେ ଦେଲି । ସାଙ୍ଗମାନେ ଖାଇଲେ ଆଉ ଖୁବ୍ ଖୁସିହେଲେ । ମିରିଗ-ମାଂସ ଏତେ ସୁଆଦିଆ ହୋଇପାରେ ବୋଲି ସୁରେଶବାବୁଙ୍କର ଧାରଣାନଥିଲା । ସେଠି ଆମେ ରହିଲୁ ପାଞ୍ଚଦିନ – ସବୁବେଳେ ସେଇପରିକା ପୋଡ଼ା ମାଉଁସ ଖାଇକି । ସେ ଦିନଗୁଡ଼ାକ ବେଶ୍ ଆନନ୍ଦରେ କଟିଥିଲା । x x x ସେଇଠୁ ଫେରିକି ସୁରେଶବାବୁ ଆଉ ମିସେସ୍ ଭଟ୍ଟାଚାର୍ଯ୍ୟ କଲିକତା କ୍ଲବ୍‌ରେ କହିଛନ୍ତି ବୋଧେ ସେ ରାନ୍ଧିବାକଥା ।

ମିସେସ୍ ସେନ୍ ବଡ଼ ବ୍ୟସ୍ତକଲେ ତାଙ୍କୁ ସେ ରାନ୍ଧଣାଟା ବତାଇଦେବାପାଇଁ । ମୁଁ ତ ଭାରି ହଇରାଣରେ ପଡ଼ିଲି । ମୁଁ କ'ଣ ରନ୍ଧାରନ୍ଧି ଜାଣେ ଯେ କହିପାରିବି କି ସେରେ ମାଂସକୁ ଏତେ ଅଦା, ଏତେ ଲୁଣ ? କହିଲି, ''ମାଂସ ଉପରେ ପିଆଜ, ରସୁଣ, ଅଦାବଟା ଖୁବ୍ ଦଳି ଦଳି ମଖେଇବ । ହଁ, ତା ଆଗରୁ ଭିନ୍‌ଗାର୍ ଦେଇ ମାଂସକୁ ଦୁଇଘଣ୍ଟା

Digitized by srujanika@gmail.com

ରଖିଥିବ – ହଁ, ଲୁଣଟା ବି ଦବାର କଥା ତ । ତା'ପରେ ଖୁବ୍ ମୁଲାଏମ୍ କାଠ-କୋଇଲାର ଗଡ଼ରେ ସେ ମାଂସକୁ ସେକିବ ଦୁଇ ଘଣ୍ଟା ।''

ଏଇସବୁ ଶୁଣି ମିସେସ୍ ସେନ୍ କହିଲେ ଯେ ହେଲାନି, ଆଉ କ'ଣ ଦବାକୁହେବ ମାଂସଟା ସୁଆଦ କରିବାକୁ । କହିଲି, ''ହଁ ଗୋ ହଁ, ବାଢ଼ିଲାବେଳେ ସେ ମାଂସ ସାଙ୍ଗରେ ଟିକେ 'ଭାଲୋବାସା' ମାନେ ସ୍ନେହ ଗୋଳେଇକି ବାଢ଼ିବ ।''

ସମସ୍ତେ ଖୁବ୍ ହସିଲେ । ଯେତେ ମାଇପେ ଥିଲେ ସେଠି ସମସ୍ତେ ଲଗେଇଲେ ଥରେ ତାଙ୍କୁ ବଣକୁ ନେଇ ଶିକାରଦେଖାଇବାକୁ ଆଉ ଶିକାର-ମାଂସ ଖୋଇବାକୁ । ମୁଁ ତ ଛାନିଆ – ଏ ଜଞ୍ଜାଳ କିଏ ମୁଣ୍ଡାଇବ ? କୌଣସି ପ୍ରକାର ତାଙ୍କଠୁ ମୁକ୍ତି ପାଇ ଘରକୁ ଫେରୁ ଫେରୁ ରାତି ଦଶହେଲା । ତା ପରଦିନ ବଡ଼ିଭୋରରୁ ଦମ୍‌ଦମ୍ ଘାଟିରେ ଉଡ଼ାଜାହାଜ ଧରିବାକୁ ହେବ ପରା !

X X X ସେଦିନ ସକାଳୁ ଉଡ଼ାଜାହାଜରେ ଆସିଲାବେଳେ ସେଇ ଦେଢ଼ଘଣ୍ଟା କାଳ କେତେ କଥା ମନରେ ହେଇଥିଲା । ଆଗରତଳା ପହଞ୍ଚିବା ସମୟଠୁ ରାତିଯାକେ ବସି ମାଈଁଙ୍କଠୁ ତ୍ରିପୁରା ରାଜ୍ୟ କଥା ଶୁଣିଛି । କୁଞ୍ଜବନ ପ୍ରାସାଦର ବଗିଚାରେ ବୁଲି ବୁଲି ଫୁଲଫଳ ଦେଖି ମନ ବିଭୋରହେଇଚି – ରବି ଠାକୁର କେମିତି ସେ ପ୍ରାସାଦରେ ରହିଥିଲେ, କ'ଣ କବିତାସବୁ ଲେଖିଥିଲେ, ସେଠି ମାଈଁଙ୍କଠୁ ଶୁଣିଥିଲି ସେଦିନ । ମୋଟାମୋଟି ସେଠି ସେ ଦିନଭିତରେ କେତେ ଯେ ଆନନ୍ଦ ପାଇଚି, କେତେ ଯେ ଆଉରି ସୁଖର ବେଳ ଆସିବ ବୋଲି ଆଶାକରିଥିଲି କୁହାନଯାଏ । ହେଲେ ଏଇ ଭୋରଟାରୁ କଟ୍ କଟ୍ କଟ୍ ଶବ୍ଦରେ ମୋର ସବୁ ସ୍ୱପ୍ନ ଯେମିତି ଭାଙ୍ଗିଯିବାକୁ ବସିଲା । ଏକଡ଼ ସେକଡ଼ ହେଇ ହେଇ ଗଲା ଦୁଇ ଦିନର କଥାସବୁ ମନେପକେଇ ପକେଇ ରାତି ପାହିଗଲା । ସିନ୍ଦୂରାଫାଟିବାକ୍ଷଣି ଦାସୁ ଚା ସରଞ୍ଜାମ ଆଣି ଥୋଇଲା ମୋ ପାଖରେ । ଠିକ୍ ସେତିକିବେଳେ ପୁଣି 'କଟ୍ କଟ୍' ଶବ୍ଦ ହେଲା । ତାକୁ ପଚାରିବାରେ ସେ କହିଲା – ଏଇଟା 'ଖେକୋ' । ତା'ର ଅଧା ବଙ୍ଗଳା ଭାଷାରେ କହିଲା – ଏଇଟା ଗୋଟେ ବଡ଼ ଆକାରର ଝିଟିପିଟି – ତାକୁ ସେଠି ଖେକୋ କହନ୍ତି ।

ମୁଁ ତ ନିଜକୁ ଖୁବ୍ ଧିକ୍‌କାରିଲି – ଏତେବେଳଯାଏ ବୁଝିପାରିନଥିଲି କିମିତି ! ଶବ୍ଦଟା ଠିକ୍ ଝିଟିପିଟିର ଶବ୍ଦ ପରି ଚଡ଼ା ଆୱାଜ; ଏକାଥରକେ ଶହେଟା ଝିଟିପିଟି ଶବ୍ଦ କଲେ ଯେମିତି ଶୁଭିବ, ସେମିତି । ମନଟା ଟିକେ ହାଲୁକା ହେଲା ଯେ ବିମ୍‌ଟା ତାହେଲେ ମୋ ଉପରେ ଭାଙ୍ଗିପଡୁନି !!

ତା'ପରେ ଉଠି ନଅରଯାକ ବୁଲିଆସିଲି । ସାମନା ଆଡ଼କୁ ଯେଉଁ ଗୋଲାପ ମନ୍ଦାଟା ହେଇଚି ସେଇଥିରେ ତ ମୋର ମନ ଲାଗିଥାଏ । ଗଛଗୁଡ଼ାକ ଖୁବ୍ ସୁନ୍ଦର ଆଉ ଫୁଲଟିମାନ ସାଧାରଣଠୁ ଦୁଇଗୁଣ ବଡ଼ ଆଉ ବାସନା ତ ମନମତାଣିଆ । ସେଇଠି ମଝିରେ ଠିଆହେଇ ମୁଁ ତ ଏକଦମ୍ ବିଭୋର ହେଇଯାଇଥିଲି । କେତେବେଳୁ ଆସି ମାଈଁ ମୋତେ ଡାକୁଥାନ୍ତି ଯେ ହୁବ୍ ନଥାଏ । ଦାସୁ ଆସିକି ମୋତେ ହଲାଇଦେଇ କହିଲା, 'ଗୋଲ କାମରାକୁ'

Digitized by srujanika@gmail.com

ଯିବାକୁ, ସେଠି ଫେର୍ ଦଫାଏ ଚା'ହେବ ।

ଚା' ଖାଉଁ ଖାଉଁ ତ୍ରିପୁରା ରାଜ୍ୟର ମାନଚିତ୍ର ଦେଖାହେଲା । ମାମୁ କହିଲେ ଯେ, ସେଇଦିନ ଆମେ ବାହାରିଯାଇପାରିଲେ ଭଲହୁଅନ୍ତା – ହେଲେ ସାଙ୍ଗରେ ମୋର ଯେଉଁ ଅଫିସରଙ୍କର ଯିବାର କଥା ସେ ସେଇଦିନ ଫେରିବା କଥା ଗସ୍ତରୁ । ତାଙ୍କ ସାଙ୍ଗରେ ସବୁ ବନ୍ଦୋବସ୍ତ ନକଲେ ତ ହେବନି । ଏଣେ କଲେକ୍ଟର ସାହେବ – ଭୁଟାଲିଆ ସାହେବ – ଖବରଦେଇଥା'ନ୍ତି ଯେ କଲିକତାର ଆଉ ଜଣକେତେ ଶିକାରୀ ଜଙ୍ଗଲରେ ଘୁରୁଛନ୍ତି ହାତୀ ପାଇଁ – ସେମାନଙ୍କର ରାସ୍ତାରେ ମୋର ଯିବାଟା ତ ସୁନ୍ଦର ହବନି । ସେ ସବୁ ଖବରାଖବର ସେଇଦିନ ସଞ୍ଜ ସୁଦ୍ଧା ଆସିବାର ଆଶା । ଖବର ସବୁ ଆଣିଲେ ଫଣିବାବୁ – ଶ୍ରୀ ଫଣି ମଜୁମ୍‌ଦାର । ତାଙ୍କର ପୁନର୍ବସତି ଅଫିସର – ଠିକ୍ ଠିକ୍ ଗୋଟିଏ ମସୁଧା କରିପାରିବେ । ସେଇ ଫଣିବାବୁ ମୋତେ ନେଇକି ଜଙ୍ଗଲରେ ଛାଡ଼ିବାର କଥା ଥିଲା । ସେଇ କୁଞ୍ଜବନ ନଅରରେ ମୋର ତ ବେଶ୍ ଆନନ୍ଦରେ ବେଳ କଟୁଥାଏ – ଗୋଲାପ ଫୁଲ, ଜାରବେରା, ଡାଲିଆ, ଗେଣ୍ଡୁ ଫୁଲ, ସବୁର ଆକାର ସାଧାରଣଠୁ ବେଶ୍ ବଡ଼ । 'ହଁ'ଭରିଲି ତାଙ୍କରି କଥାରେ । ଆଉ ଦିଦିନ ଖଣ୍ଡେ ଡେରି ହେଲେ ବି କ୍ଷତିନାହିଁ ବୋଲି କହିଲି । ମୋର ତ ଛୁଟି ଥାଏ ଦଶ-ବାର ଦିନ ବାକି । ସେତିକିବେଳେ ମାଇଁଙ୍କୁ କହିଲି ରାତିପାହାନ୍ତି କଟ୍ କଟ୍ ଶବ୍ଦ କଥା । ମାଇଁ ହସିଲେ, କହିଲେ – ମୁଁ ଡରିଲି କି ? ସେଇଟା ଗୋଟେ ଅତିକାୟ ଝିଟିପିଟି – ଭଲ ନାଁ ହେଉଛି ତକ୍ଷକ । ଆଗ କାଳରେ କାଳେ ପରିକ୍ଷିତ ମହାରାଜାଙ୍କୁ ସେଇ ତକ୍ଷକ ଦଂଶିଥିଲା ।

ସେଦିନ ସକାଳଟାଯାକ ମୁଁ ସେ କୁଞ୍ଜବନ ନଅରରେ ଏପଟ-ସେପଟ ଛପି ଛପି ବୁଲିଲି ଏଇ ତକ୍ଷକକୁ ଦେଖିବାକୁ, ଦିନ ଦଶଟାକୁ ତାର ଦେଖାମିଳିଲା । ଗୋଟିଏ ଗୋଧି ଭଳିଆ ଚେହେରା; କିନ୍ତୁ ଝିଟିପିଟିପରିକା କାନ୍ଥରେ କାନ୍ଥରେ ବୁଲେ । ପୋକ-ଜୋକ ଖାଏ । ବିଷ ଅଛି କି ନା ଜାଣିପାରିଲିନାହିଁ । ନୋଟ୍ ବହିରେ ଲେଖିରଖିଲି– କଟକ ଫେରିଲେ ଆମର ଜୁଲଜିର ପ୍ରଫେସର ଡକ୍ଟର ବସନ୍ତବେହୁରାଙ୍କୁ ପଚାରିବି ବୋଲି । ସାଙ୍ଗରେ କେମେରା ନଥିଲା, ଫଟୋ ନେଇପାରିଲିନାହିଁ, ଅବଶୋଷ୍ ରହିଗଲା ଢେର୍ । ସେଦିନ ଏଇ ତକ୍ଷକର ପିଛା ବୁଲିବାବେଳକୁ ଆଉ ଗୋଟିଏ ଅଦ୍ଭୁତ ଜନ୍ତୁ ଦେଖିଲି । ସେଠାରେ ଗୁଣ୍ଡୁଚିମୂଷା ସବୁ ବାଦାମୀ ରଙ୍ଗର । ଆଉ ଆମର ଏ ଆଡ଼ର ଗୁଣ୍ଡୁଚିମୂଷାଠୁ ବଡ଼ – ପ୍ରାୟ ଦେଢ଼ା ଆକାର ହେବ । ତାଙ୍କ ଦେହରେ କଳା ଧଳା ଗାର ବି ନାହିଁ । ଭାବିଲି ଏଠାରେ ଗୁଣ୍ଡୁଚିମୂଷାମାନେ ରାମେଶ୍ୱରକୁ ଯାଇପାରି ନଥିଲେ ବୋଧହୁଏ । ରାମ-ଲକ୍ଷ୍ମଣ ଯେବେ ଲଙ୍କା ଦ୍ୱୀପକୁ ସେତୁ ବାନ୍ଧୁଥିଲେ ସେତେବେଳେ ଗୁଣ୍ଡୁଚିମୂଷାଟିଏ ଯାଇ ବାଲିପକାଉଥିଲା ବୋଲି ରାମ ତାକୁ ଆଉଁସିଥିଲେ ଯେ ତାଙ୍କର ଆଙ୍ଗୁଠି-ଚିହ୍ନ ଗୁଣ୍ଡୁଚିମୂଷା ଦେହରେ କଳା ଧଳା ଆକାରରେ ରହିଯାଇଚି । ଏଠାର ଗୁଣ୍ଡୁଚିମୂଷା ଆଗରତଳାରୁ ରାମେଶ୍ୱରଯାକେ ଯାଇପାରି ନଥିଲେ ବୋଧହୁଏ, ସେଇଥିପାଇଁ ଦେହରେ ଶ୍ରୀରାମଙ୍କର ଆଙ୍ଗୁଠି-ଚିହ୍ନ ରହିପାରିନାହିଁ । ଏଇ କଥା ଆସି ମାଇଁଙ୍କୁ ପଚାରିବାରେ ସେ ବି କହିଲେ

Digitized by srujanika@gmail.com

ଯେ, ତାଙ୍କର ରହଣି କାଳରେ ସେ ଗୁଣ୍ଡୁଚିମୂଷା ଦେଖିନଥିଲେ । ସେ ତ ଆମ ଆଡ଼ର ଧଳା କଳା ରଙ୍ଗର ଗୁଣ୍ଡୁଚିମୂଷା ଖୋଜିଥିବେ, ଏଇ ମଇଳା ବାଦାମୀ ରଙ୍ଗର ଗୁଣ୍ଡୁଚିମୂଷାଙ୍କୁ ନିଜର କରିପାରିନାହାନ୍ତି ବୋଧହୁଏ ।

ଫଣିବାବୁ ଉପରଓଳି ଆସିଲେ । ତାଙ୍କର ଯାହା ଖବର ଥିଲା ସବୁ କହିଲେ । ତାଙ୍କ ମତରେ, ଆମେ ଗଣ୍ଡାଛରାଠେଇ ପୁନର୍ବସତି ବିଭାଗର ନୂଆ ଛାଉଣୀରେ ରହିବା – ସେଇଠୁ ଜଙ୍ଗଲରେ ହାତୀ ଖୋଜିବା ସୁବିଧାହେବ । ଭଦ୍ରଲୋକଙ୍କ ବୟସ ପଚାଶ ଉପରେ – କଥାବାର୍ତ୍ତା କରିବାର ଢଙ୍ଗ ତାଙ୍କର ଖୁବ୍ କୁହାଳିଆ । ଖୁବ୍ ହସକଥାଟା ବି କହନ୍ତି ମୁହଁକୁ ଗମ୍ଭୀର କରି । ତାଙ୍କର ଘର କାଳେ ଢାକା ପାଖରେ ଥିଲା – ସେଠାର ପୂର୍ବ-ବଙ୍ଗୀୟ ଭାଷା ତାଙ୍କର ମାତୃଭାଷା । ସେ ଭାଷାଟା ଶୁଣିବାକୁ କେତେଟା ଆମର ଦେଶୁଆ ଓଡ଼ିଆପରିକା – କାନକୁ ଖୁବ୍ ମିଠା ଶୁଭେ । 'ଚ' ଶବ୍ଦଟା ତାଙ୍କ ପାଟିରେ 'ସସ୍' ଶୁଭେ । ମୁଁ ମନେ ମନେ ଖୁସିହେଲି ଯେ ଶିକାର ହେଉ ବା ନହେଉ – ତ୍ରିପୁରା ସରକାରଙ୍କ ହାତୀଦଳନ ଯୋଜନା ସଫଳ ହେଉ ବା ନହେଉ ମୋର ବୁଲାବୁଲିଟା ଫଣିବାବୁଙ୍କ ସାଙ୍ଗରେ ଖୁବ୍ ସୁଖକର ହେବ । ଫଣିବାବୁ ପ୍ରତ୍ୟେକ କଥାରେ ଗୋଟିଏ ନା ଗୋଟିଏ ଟିପ୍‌ପଣୀ କରନ୍ତି – ଯଉ ଟିପ୍‌ପଣୀଟା ଶୁଣିଲେ ଜଣେ ଅତି କଡ଼ା ମିଜାସ୍‌ର ଲୋକର ବଦନରେ ହସର ରେଖା ଉକୁଟିବ । ଯେଉଁ ଘରେ ଆମେ ବସି କଥାବାର୍ତ୍ତା ହେଉଥିଲୁ ସେଇଠି ନଡ଼ିଆ ଖୋଳପାରେ ତିଆରି ଗୋଟିଏ ବୁଢ଼ାର ମୁଣ୍ଡ ଥିଲା – ଆଉ କାନ୍ଥରେ ଷ୍ଟାଲିନ୍‌ର ଗୋଟିଏ ଫଟୋ ବି ଥିଲା – ଫଣିବାବୁଙ୍କର ଟୀକା ଶୁଣି ଶୁଣି ସେ ଦୁଇଟା ମୁହଁରେ ବି ଆମୋଦର ରେଖା ଉକୁଟିଲା ।

ମାମୁ ମାଇଁ ତୁହାଇ ତୁହାଇ ପଚାରିଲେ, "ଗଣ୍ଡାଛେରା ଡେରାରେ ସବୁପ୍ରକାର ଖାଇବାର ମିଳିବ ତ ? ରହିବା, ଗାଧୋଇବା, ଶୋଇବା ପାଇଁ ସବୁପ୍ରକାର ସୁବିଧା ଅଛି ତ ?" ଏସବୁ ପ୍ରଶ୍ନର ଉତ୍ତରରେ ଫଣିବାବୁ କହିଲେ, "ସାହେବର କିସ୍‌ସୁ ଅସୁବିଦେ ହବେନା ସାର୍, ଆମି ଥାକସ୍‌ସି ତୋ ସଙ୍ଗେ ।" ତେବେ ହଁ – ସେଠି ତ ଆଉ କୁଞ୍ଜବନ ଉଆସପରିକା ମାର୍ବଲ୍ ପଥରଖଞ୍ଜା ଗାଧୁଆଘର ନାହିଁ କି ଉଆସ ଚାରିପାଖରେ ଯେମିତି ବାଗ୍-ବଗିଚା – ଯେମିତି ଚନ୍ଦ୍ରଉଦିଆ ଫୁଲ – ସେମିତି ତ ଆଉ ବଣରେ ମିଳିବନି !

ଠିକ୍ ହେଲା ତା ପରଦିନ ବଡ଼ିଭୋରରୁ ଗୋଟିଏ ଜିପ୍‌ରେ ଆମେ ବାହାରିବୁ । ଜିପ୍‌ରେ ଗୋଟିଏ ଟ୍ରେଲର୍ ଖଞ୍ଜାହେବ – ସେଥିରେ ବିଛଣାପଟା, ରନ୍ଧାସରଞ୍ଜାମ ହେରିକା ଲଦାହେବ । ସାଙ୍ଗରେ ଜଣେ ଫରେଷ୍ଟ ଅଫିସରଙ୍କୁ ବି ନବାର କଥା ହେଲା । ଆମକୁ ପ୍ରାୟ ନବେ ମାଇଲ ଯିବାକୁ ଥାଏ । ଷାଠିଏ ମାଇଲ ଭଲ ପକ୍‌କା ସଡ଼କ ଅଛି – ବାକି ରାସ୍ତାଟା ଜଙ୍ଗଲି ରାସ୍ତା – ମାଟି ରାସ୍ତା । ବାଟରେ ଗୋଟିଏ ଲମ୍ବା ଘାଟି ବି ଅଛି ପରା । ମୋଟାମୋଟି କଥା ଯେ ରାସ୍ତା ସିନା ନବେ ମାଇଲ – ଲାଗିବ ଯେମିତି ଶହେ ପଚାଶ ମାଇଲ – ସେଇଥିପାଇଁ ଯେତେ ସକାଳୁ ଯାଇପାରୁ ସେତେ ଭଲହେବ । ଦାସୁଙ୍କୁ ତ ବରାଦ ହେଲା କୁକୁଡ଼ା-ଡାକରୁ – ସେଠି କୁକୁଡ଼ା-ଡାକରୁ ନକହି ମୁଁ ଭାବିଲି ଖେକୋ

Digitized by srujanika@gmail.com

ଡାକକୁ କହିଲେ ଭଲ ହୁଅନ୍ତା; କାହିଁକି ନା, ସେ ତକ୍ଷକ ଓରଫ୍ ଖେକୋ ତ ଠିକ୍ ରାତିପାହାନ୍ତା କଟ୍ କଟ୍ କରି ଡାକିଦବ ମୋତେ – ଦାସୁ ମୋତେ ଉଠେଇବ, ଚାହା ଜଳଖିଆ ଦବ ଖାଇବାକୁ, ଆଉ ବାଟକୁ ନବାକୁ ଖାଇବାର ପୁଡ଼ିଆଟେ ବାନ୍ଧିକି ଦବ । ଫଣିବାବୁ ଉଠିଲେ ପରଦିନର ସଫର୍ ପାଇଁ ସବୁ ଯୋଗାଡ଼ଯନ୍ତ୍ର କରିବାକୁ । ଆମେ ବସି ଗପ ଆରମ୍ଭକଲୁ ଆଗରତଳାର ଲୋକବାକଙ୍କ କଥା – ତାଙ୍କର ଚାଲିଚଳନ କଥା – କେମିତି ସେମାନେ ଖୁବ୍ ସରଳ ନିରୀହ ଲୋକ, କେମିତି ସୁନ୍ଦର ସୁନ୍ଦର ହାତକାମ ସବୁ କରନ୍ତି – ବାଉଁଶରେ, କପା ସୂତାରେ । ସେମାନଙ୍କର ଘରଦୁଆର ସବୁ କିମିତି କେବଳ ବାଉଁଶରେ ହୁଏ, ଆଉ ସାଧାରଣ ଲୋକ କିମିତି ଗୀତ-ବାଦ୍ୟପ୍ରିୟ ।

ତା ପରଦିନ ବଡ଼ିଭୋରରୁ ଦାସୁ ଚା' ଆଣି ମୋତେ ଡାକିବା ଆଗରୁ ସେଠାର ଖେକୋ ମୋତେ ଉଠେଇଦେଇଥାଏ । ଶୀଘ୍ର ଶୀଘ୍ର ଦାନ୍ତପତ୍ର ଘଷି ଗାଧୁଆ-ପାଧୁଆ ସାରି ଜଳଖିଆ ପେଟେ ଖାଇ – କିଛି ଖାଇବାର ବାନ୍ଧି ବାହାରିପଡ଼ିଲି । ଫଣିବାବୁ ଜିପ୍ ଓ ଟ୍ରେଲାର୍ ନେଇଆସି ପହଞ୍ଚିଲେ ଛଅଟା ସୁଦ୍ଧା । ମୁଁ ମାଇଁ-ମାମୁଙ୍କର ଆଶୀର୍ବାଦ ଓ ଫଣିବାବୁ ମାମୁଙ୍କଠୁ ମୋର ହେପାଜତ୍ କରିବାକୁ ତାଗିଦ୍ ପାଇ ବାହାରିପଡ଼ିଲୁ ଗଣ୍ଡାଛରା ରାସ୍ତାରେ ।

କୁଞ୍ଜବନ ଉଆସରୁ ବାହାରି ମାଇଲିଏ ଖଣ୍ଡେ ରାସ୍ତା ପରେ ଆଗରତଳା ସହର । ସହରଟା ପାରିହୋଇ ପୂର୍ବକୁ ଗୋଟିଏ ପକ୍କା ରାସ୍ତା ଯାଇଚି କୈଳାସର ପର୍ଯ୍ୟନ୍ତ – ସେଇ ରାସ୍ତାରେ ଆମେ ଗଲୁ । ସେଠାର ସଡ଼କଟା ମାଟି ଓ ଇଟାରେ ତିଆରି – ଇଟା ଉପରେ ଅଳ୍ପ ଗେଟି ବିଛାଯାଇ ଆଲକାତରା ଦିଆହେଇଛି । ସେ ରାଜ୍ୟରେ ପଥର ବଡ଼ ଅଭାବ । ପନ୍ଦର ମାଇଲ ପରେ ଗୋଟିଏ ବଡ଼ଧରଣର ଗାଁ ପଡ଼ିଲା – ଜିରାନିଆ – ସଡ଼କ ଦୁଇକରରେ ଦୋକାନ-ବଜାର ଢେର୍ । ଫଣିବାବୁ ଗାଡ଼ି ଅଟକେଇଲେ ତାଙ୍କର ପୁନର୍ବସତି ବିଭାଗର ଅଫିସ ଆଗରେ । ସେଠାର ଅଫିସର ସାଙ୍ଗରେ କଥାବାର୍ତ୍ତା ହେଇ ବୁଝିଲେ ଯେ ତାଙ୍କର କହିବା ଅନୁସାରେ ବନ୍ଦୋବସ୍ତ ସବୁ ଠିକ୍-ଠାକ୍ । ଫେର୍ ପନ୍ଦରମାଇଲ ପରେ ପଡ଼ିଲା ଗୋଟିଏ ଘାଟି । ତେଲିଆମୁରା ଗାଁ ପରେ ଅଠରମୁରା ପାହାଡ଼ର ଘାଟି ରାସ୍ତା । ପାହାଡ଼ଟାରେ ପଥର ମୋଟେ ନାହିଁ କହିଲେ ଚଳେ; ଖାଲି ମାଟି । ସେଇ ମାଟିଗଦାର ପାହାଡ଼ କାନ୍ଧକୁ କାଟି ରାସ୍ତା ତିଆରିହେଇଚି – ଟିକେ ଜୋର୍ ବର୍ଷା ହେଲେ ଗଦାଏ ମାଟି ଧସିଆସି ସଡ଼କ ବନ୍ଦହୁଏ । ଘାଟି ପାରହେଲେ ଦଶ ବାରମାଇଲ ପରେ ଦୋଲବାରି ଗାଁ । ସେ ଜାଗାଟାକୁ ଆମ୍ବାଶା ବୋଲି ବି କହନ୍ତି ।

ଆମ୍ବାଶଠେଇ ଆମେ ଦି'ପହରିଆ ଖିଆ ଖାଇଲୁ । ଆଉ ବେଳ ନେଉଟିଲା ବେଳକୁ ବାହାରିଲୁ ଜଙ୍ଗଲ ବିଭାଗର ରାସ୍ତାରେ ଗଣ୍ଡାଛରାକୁ । ସେଇ ରାସ୍ତାଟା ନୂଆ ତିଆରି ହଉଥାଏ । ପାହାଡ଼ କାଟି ଜଙ୍ଗଲ ଭିତର ଦେଇ ସେ ରାସ୍ତା ଯାଇଛି । ଅଣଓସାର ପାହାଡ଼ିଆ ଘାଟି-ରାସ୍ତା – ଟ୍ରେଲାରଲଗା ଜିପ୍‌କୁ ଧୀରେ ଧୀରେ ଚଳାଇବା ଦରକାର ହେଲା । ଆଠ ଦଶମାଇଲ ପରେ ବୋଲଂବାସାଠେଇ କେତେଗୁଡ଼ିଏ ସରକାରୀ ଘର ଅଫିସ୍

Digitized by srujanika@gmail.com

ଥିଲା । ସେଠି ଗାଡ଼ି ରଖି ଖବରନବାରେ ଜଣାଗଲା ଯେ ହାତୀ ସେ ଜଙ୍ଗଲରେ ଭାରି ଗଣ୍ଡଗୋଳ କରୁଥା'ନ୍ତି । କଲିକତାର ବାଇରନ୍ ସାହେବ ସେଠି ଶିକାର କରିବାକୁ ଆସି ରହିଛନ୍ତି । ତା'ପୂର୍ବ ରାତିରେ ଗୋଟିଏ ହାତୀ ଗାଁ ଭିତରେ ପଶିଥିଲା ଯେ ତାକୁ ମାରିଥିଲେ ସେ ବାଇରନ୍ ସାହେବ ।

ଆହୁରି ପଲେ ହାତୀ ପଛରେ ସେଦିନ ସେ ଭଦ୍ରଲୋକ ଜଙ୍ଗଲକୁ ଯାଇଛନ୍ତି । ଆମେ ତ ଆଉ ତାଙ୍କ ସାଙ୍ଗରେ ଦେଖାକରିପାରିଲୁନାହିଁ । ଏଣେ ସଞ୍ଜ ହୋଇଯାଉଥାଏ ବୋଲି ତରତର ହୋଇ ଗାଡ଼ି ଛାଡ଼ିଲୁ ଗଣ୍ଡାଛରା ରାସ୍ତାରେ । ପାହାଡ଼ ପର୍ବତ କାଛରେ ବାଙ୍କି ବାଙ୍କି ସେ ସବୁ ରାସ୍ତାଟାରେ ଧୀରେ ଧୀରେ ଯିବାକୁ ଖୁବ୍ ଭଲଲାଗୁଥାଏ । ସେଠାର ଜଙ୍ଗଲରେ ବେଶି ଭାଗ ବାଉଁଶ — ଆମ ଏ ଆଡ଼ର ବାଉଁଶପରିକା ନୁହେଁ । ସେ ବାଉଁଶ ଖୁବ୍ ସରୁଆ । ସେଥିରେ ଛତାବେଣ୍ଟ ଆଉ ବଇଁଶି ତିଆରି ହୁଏ । ଗଛଗୁଡ଼ାକ ବାରଫୁଟ କି ପନ୍ଦରଫୁଟ ଉଚ୍ଚା ହୁଏ — ସରୁ ସରୁ ପତର । ଗୋଟିଏ ନୂଆ କଥା ଦେଖିଲି ସେଠି — ପ୍ରାୟ ସବୁ ବାଉଁଶଗଛରେ ଫଳ ଫଳିଥାଏ । ମୁଁ ତ ଆଗରୁ ବାଉଁଶ ଗଛରେ ଫଳ ହେବାର ଦେଖିନଥିଲି, ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ଭାବିଲି ଏ ଜାତିର ବାଉଁଶରେ ଫଳ ହୁଏ ବୋଧହୁଏ !

ପରେ ଆସି ଅମିକାକୁ ପଚାରି ବୁଝିଲି ଯେ ସବୁ ବାଉଁଶ ଗଛରେ ଫୁଲ-ଫଳ ହୁଏ — କୋଡ଼ିଏ ପଚିଶବର୍ଷରେ ଥରେ । ଫୁଲ ହେଲେ ସେ ବୁଦାଟା ମରିଯାଏ — ପୁଣି ନୂଆ ଗଛ ନହେବାଯାଏ ସେ ଜଙ୍ଗଲରେ ବାଉଁଶ ଆଉ ନମିଳେ । ତେବେ ଏ ଆଡ଼ର ବାଉଁଶରେ ଛୋଟ ଛୋଟ ଫୁଲ ଆଉ ଫଳ ବି ଧାନ ଆକାରର । ତ୍ରିପୁରାର ଗଛରେ ଯଉ ଫଳ ଦେଖିଲି, ସେଗୁଡ଼ାକ ଗୋଟିଏ ଗୋଟିଏ ପିଜୁଳିପରିକା । ବାଉଁଶର ସରୁ ଡାଳରୁ ତଳକୁ ଓହଳିଯାଏ ଯେ ଦେଖିବାକୁ ସୁନ୍ଦରଦିଶୁଥାଏ ।

ସଞ୍ଜ ରତରତ ହେଉଥାଏ, ଆମେ ଯାଇ ଗଣ୍ଡାଛରାଠେଇ ପହଞ୍ଚିଲୁ । ସେଠି ପୁନର୍ବସତି ବିଭାଗର ଗୋଟିଏ ଛାଉଣୀ ଥାଏ । ଅନେକ ଲୋକବାକ ଥା'ନ୍ତି । ସେଇଠି ରହିଲୁ ଗୋଟିଏ ବସାଘରେ । ସେ ଘରଟା ତିଆରିହୋଇଥାଏ ବାଉଁଶରେ । କାନ୍ଥଟା ବାଉଁଶରେ — ଛାତ ବି ବାଉଁଶରେ; ଆଉ ମାଟିରେ ବି ବାଉଁଶ ବିଛାହେଇଥାଏ । ବାଉଁଶର ଭାଡ଼ି ହୋଇଥାଏ ଖଟପରିକା ବ୍ୟବହାର ହେବା ପାଇଁ । ସେଦିନ ରାତିଟା ସେଇଠି କଟିଲା । ସଞ୍ଜଟାଯାକ ପାଖଆଖ ଗାଁ-ବସ୍ତିର ଲୋକ ଆସି ଖବରଦେଲେ ଯେ ତାଙ୍କ ଗାଁ ପାଖର ଜଙ୍ଗଲରୁ ଆଗେ ହାତୀ ମାରିବା ଦରକାର ।

କୁକୁଡ଼ା ଡାକରୁ ଉଠି କିଛି ଜଳଖିଆ ପରେ ମୁଁ ବାହାରିପଡ଼ିଲି ହାତୀ ଖୋଜିବାକୁ ଜଙ୍ଗଲରେ । ସାଙ୍ଗରେ ଜଣେ ଫରେଷ୍ଟ ଅଫିସର ଗଲେ । ୪୬୫—୫୦୦ ଦି'ନଳିଆ ରାଇଫଲ୍‌ଟା ସାଢ଼େ ୫ ସେର; ଆଉ ତାର ଦଶଟା ଗୁଳି ଅଧସେରେ ହେବ । ବୋହିବାକୁ କଷ୍ଟ ହେବ ବୋଲି ସେ ପଡ଼ାର ଜଣେ ଚାଖମାକୁ ସାଙ୍ଗରେ ନେଲୁ । ପିଇବାପାଣି ଗୋଟିଏ ଲୁହା ବୋତଲରେ ଧରି କାନ୍ଧରେ ଝୁଲାଇ ଚାଲିଲୁ । ପ୍ରଥମ ଆଠ ଦଶମାଇଲ ବାଟ ତ

Digitized by srujanika@gmail.com

ସମତଳ ରାସ୍ତା – ଜଙ୍ଗଲ ବି ଖୁବ୍ ପତଳା । କାଁ-ଭାଁ ଗୋଟିଏ ଯୋଡ଼ିଏ ଛୋଟ ଛୋଟ ଟିଲା । ସେ ଦେଶରେ ଛୋଟ ମୁଣ୍ଡିଆକୁ ଟିଲା କହନ୍ତି । ଟିଲାଗୁଡ଼ାକ ଗୋଟାଏ ଗୋଟାଏ ବିରାଟ ମାଟିଗଦା – ଯେମିତି କଟକର ବାରବାଟୀ କିଲ୍ଲା ଭିତରେ ଗୋଟିଏ ମାଟିଗଦା ଅଛି ସେମିତି – ତା' ଚାରିପାଖଯାକ ବାଉଁଶ ବଣ । ଅଧିକାଂଶ ଟିଲାର ବାଉଁଶବଣକୁ କାଟିଦେଇ ସେଥିରେ ନିଆଁ ଲଗେଇ ପୋଡ଼ିଦିଅନ୍ତି । ସଫା ହେଇଗଲେ ସେଇ ଟିଲାଟାଯାକ ଫୁଟେ ଗହୀର ଓ ଚାରି ଆଙ୍ଗୁଳି ବ୍ୟାସର ଗାତ ଖୋଳି ସେଥିରେ କପାମଞ୍ଜି, ଧାନ, ମକ୍କା, କଖାରୁମଞ୍ଜି ଆଉ ଗେଣ୍ଡୁଫୁଲ ମଞ୍ଜି ପୋତିଦିଅନ୍ତି ସେଠାର ଚାଖ୍‌ମାମାନେ । ଟିଲାର ମଝାମଝି ଜାଗାରେ ଗୋଟିଏ ବାଉଁଶର ଘର କରି ଜଗନ୍ତି । ଯଉ ଗଛର ଯେତେବେଳେ ଅଙ୍କୁରିବା କଥା ସେ ତା'ର ସେତେବେଳେ ହୁଏ – ଫଳ ଫଳିଲେ ଚାଖ୍‌ମାଟି ତାର ଆମଦାନି କରିପକାଏ, ଆଉ ସେଇ ବାଉଁଶ ଘର ବାରନ୍ଦାରେ ବସି ହୁକା ଟାଣୁଥାଏ । ଗୋଟିଏ ଟିଲାରେ ଗୋଟିଏ ଘର । ଆମର ଏଣେ କୋରାପୁଟ ଜିଲ୍ଲାରେ ଯେମିତି ପୋଡୁଚାଷ ହୁଏ ସେଇପରିକା ଢଙ୍ଗ – ଯଉ ଟିଲା ଯେ ଆବାଦକଲା ସେଟା ତା'ର ହେଇଗଲା । ଏଇପରିକା ଟିଲା କେତେ ଆଉ ଛରା କେତେ ପାରହୋଇ ଚାଲିଥାଉ । ସେ ଦେଶରେ ଛୋଟ ନଈନାଳକୁ ଛରା କହନ୍ତି । ଦଶ ବାରମାଇଲ ବାଟ ଯାଉ ଯାଉ ଦିନ ଦଶଟା ବାଜିଲା । ଶୋଷରେ ଜିଭ ଶୁଖିବାପରିକା ହଉଥାଏ । ପାଖରେ ପାଣି ବୋତଲ ତ ଥାଏ – ଟିକିଏନାକୁ ପାଣି ପିଇଦଲେ ଫେର୍ ଦିନଯାକ ବଣରେ କଣ କରିବା ଭାବି ଆଉ ସେ ପାଣି ଖର୍ଚ୍ଚ କଲୁନାହିଁ । ପ୍ରଧାନ ଚନ୍ଦ୍ର ଦଳପତି ପାରା ବୋଲି ଗୋଟିଏ ଗାଁରେ ଯାଇ ସେଠାରେ ପଧାନ ଘରେ କୁଣିଆ ହେଲୁ । ସେ ତ ଭାରି ଖୁସି ହେଲା ଯେ ଲାଟସାହେବଙ୍କ ଭଣଜା ତା ଘରେ ଯାଇ ବସିଲେ ବୋଲି । ସାଙ୍ଗେ ସାଙ୍ଗେ ଦୁଧ ଦୁହିଁ ପିଇବାକୁଦେଲା । ଆମକୁ ଖୁବ୍ ବଳେଇଲା ସେଇଠି ଦି'ପହର ଖିଆଟା ସାରିବାକୁ । ଆମେ ତ ଛାନିଆହେଉଥାଉ କେମିତି ରାଇମାଶର୍ମା ପାହାଡ଼ମାଳକୁ ଯିବୁ – ସେଠି ପରା ହାତୀ ପଲ ପଲ । ପଧାନକୁ ଢେର୍ ଧନ୍ୟବାଦ ଦେଇ ସେଠୁ ବାହାରିପଡ଼ିଲୁ । ଗୋବିନ୍ଦବାରି, ଯତନବାରି ଗାଁସବୁ ପାରହୋଇ ଯାଇ ରାଇମାଶର୍ମା ପର୍ବତମାଳର ଜଙ୍ଗଲରେ ପଶିଲା ବେଳକୁ ଦିନ ଦି'ପହର । ଗୋଟେ ପରେ ଗୋଟେ ଟିଲା ପାରହୋଇ ଗୋଟିଏ ଘଞ୍ଚ ଜଙ୍ଗଲରେ ପହଞ୍ଚିଲୁ । ସେଠି ବାଉଁଶଗଛ ଏତେ ଘଞ୍ଚ ହୋଇଥାଏ ଯେ ଦଶପାହୁଣ୍ଡ ଦୂରକୁ ଦେଖାଯାଉନଥାଏ । ହାତୀ ପଲ ଚରୁଥାଆନ୍ତି ତାରି ଭିତରେ – ଦୂରରୁ ବାଉଁଶ ଭାଙ୍ଗିବାର ଶବ୍ଦ ଶୁଭୁଥାଏ । ସାଙ୍ଗରେ ବେଶି ଲୋକ ଗଲେ ତ ଶବ୍ଦ ବେଶି ହେବ – ସେଥିପାଇଁ ମୁଁ ଫରେଷ୍ଟ ଅଫିସରଙ୍କୁ କହିଲି ଯେ ପାଖର ଚାଖ୍‌ମା ବସ୍ତିରେ ରହନ୍ତୁ; ମୁଁ ସେଇ ବସ୍ତିର ଜଣେ ଟୋକାକୁ ସାଙ୍ଗରେ ଧରି ବଣକୁ ଯିବି । ସ୍ନେହକୁମାର ଚାଖ୍‌ମାର ସେ ଅଞ୍ଚଳରେ ଖୁବ୍ ନାମ-ଡାକ ଯେ ସେ ବାଳେ ଖୁବ୍ ସାହସୀ ଲୋକ – କେବେ ସେ ତା ଜମିରୁ ହାତୀକୁ ଠେଙ୍ଗାରେ ବାଡ଼େଇ ଖେଦିଦେଇଥିଲା । ସେ ତ ମୋତେ କହିଲା ଏକବାରେ ନେଇ ହାତୀପଲ ମଝିରେ ପହଞ୍ଚେଇଦେବ ।

Digitized by srujanika@gmail.com

ସ୍ନେହକୁମାର ଚାଖ୍‌ମା ଯାହା କହିଲା ସେଇଆ କଲା । ମୋତେ ବଣ ଲଟିରେ ନେଇ ଗୋଟିଏ ଜାଗାରେ ପହଞ୍ଚାଇଦେଲା – ସାମନାରେ ବାଉଁଶବୁଦା ଟିକେ ପତଳା ଥାଏ – ବଡ଼ ବଡ଼ ଘାସବୁଦା ଥାଏ । ସେ ଘାସକୁ ହାତୀ ଘାସ (Elephant grass) କହନ୍ତି । ସେଗୁଡ଼ାକ ଆଠ-ଦଶଫୁଟ ଉଚ୍ଚା ହେଇଥାଏ, ଆମର ଏପଟ କାଶି (କାଶତଣ୍ଡି) ପରିକା । ସେଇଠି ଗୋଟିଏ ବାଉଁଶବୁଦା ଉହାଡ଼ରେ ମୋତେ ଠିଆହେବାକୁ କହି ସେ ଫେର୍ ଛାଇପରିକା କୁଆଡ଼େ ଉଭେଇଗଲା ।

ବାଉଁଶବୁଦା ପଛପଟେ ଛିଡ଼ାହୋଇ ଦେଖିଲି ଆଗର ହାତୀଘାସର ଛୋଟ ପଡ଼ିଆ । ଆରପାଖର ସବୁ ବାଉଁଶ ଗଛ ପାଖରେ ଗୋଟିଏ ଯୋଡ଼ିଏ ହାତୀ ଡ଼ାଳ ଭାଙ୍ଗି ଖାଉଚନ୍ତି । ଦଶ କି ବାର ଘର ହାତୀ ସେଠି ଚରୁଥାନ୍ତି – ମୋତେ ତ କେବଳ ବାଉଁଶ ଡାଳ ଭାଙ୍ଗିବାର ଶବ୍ଦ ଶୁଭୁଥାଏ – ହାତୀମାନଙ୍କର ଶୁଣ୍ଢଟିମାନ ବେଳେ ବେଳେ ହାତୀଘାସ ଉପରକୁ ଦିଶୁଥାଏ – ଆଉ ସେମାନଙ୍କର ପେଟର ଗର୍ଜନ ଶୁଭୁଥାଏ – କାନର ଠପ୍ ଠପ୍ ଆୱାଜ୍ ଶୁଭୁଥାଏ । କେତେବେଳେ ଫଁ ଫଁ ହେଉଥା'ନ୍ତି ଯେ ସେଇଟା ଶୁଭୁଥାଏ । ପରିଷ୍କାରଭାବେ ଦେଖିଲେ ସିନା ଜାଣନ୍ତି ଯେ କଉଟା ଦନ୍ତାହାତୀ, କଉଟା ମାଈହାତୀ । ମୋର ତ ମାଈହାତୀ ମାରିବାର ଇଚ୍ଛା ନଥାଏ ମୋଟେ – ମାଈହାତୀର ଦାନ୍ତ ନଥାଏ । ଆଫ୍ରିକାର ସବୁହାତୀମାନଙ୍କର ସିନା ଦାନ୍ତ ଥାଏ, ଭାରତୀୟ ହାତୀ-ଜାତିରେ ମାଈମାନଙ୍କର ଦାନ୍ତ ନଥାଏ । ମାଈହାତୀ ବି ମାରିଥିଲେ ହୁଏତ ତ୍ରିପୁରା ସରକାରଙ୍କର ହାତୀଦଳନ ଯୋଜନାକୁ ସାହାଯ୍ୟ ହେଇଥା'ନ୍ତା – ମୋର କିଛି ଲାଭହୁଅନ୍ତାନି । ଓଜନିଆ ଦାନ୍ତ ଯୋଡ଼ାଏ ପାଇଲେ ତ ଯାଇ ଦେଖେଇବି ସାଙ୍ଗମାନଙ୍କୁ – ନହେଲେ ଏତେବଡ଼ ଜନ୍ତୁଟାକୁ ମାରି ମିଛୁଟାରେ ମନଖରାପ କାହିଁକି କରନ୍ତି ?

ବହୁତ ଚେଷ୍ଟାକଲି ଭଲକରି ଦେଖିବାକୁ ଯେ ଆଉ ହେଇପାରିଲାନି । ହାତୀପଲ ଭିତରୁ ଆହୁରି ଆହୁରି ଶୁଣିଲି ବାଳୁତ ହାତୀମାନଙ୍କର କଳରୋଳ । ମୋର ତ ସେତକ ଶୁଣି ଛାତି ଦାଉଁ ଦାଉଁ ହେଲା । ମାଈହାତୀ ପାଖରେ ଛୁଆ – ସେ ଫେର୍ ଗୋଟେ ନୁହେଁ – ପଞ୍ଚାଏ ଛୁଆ – ସେଗୁଡ଼ାକର ତ କିଛି ଠିକ୍‌ଠିକଣା ନାହିଁ । ଖେଳୁ ଖେଳୁ ଖେଳ ନହସରେ ମୋ ପଟକୁ ଯଦି ଚାଲିଆସନ୍ତି ତ ମା'ମାନେ ବି ପଛେ ପଛେ ଆସିବେ ଆଉ ପାଖରେ ଯଦି ମଣିଷ-ଗନ୍ଧ ତାଙ୍କ ନାକରେ ବାଜିଚି ନା ପ୍ରଳୟ କାଣ୍ଡ ହବ – ମୋର ହାତଗୋଡ଼ ଗଣ୍ଡିମୁଣ୍ଡ ସବୁ ହାତୀ ଗୋଡ଼ ତଳେ ପିଣ୍ଡୁଳା ହୋଇଯିବ । ଗୋଟିକିଆ ମା'ହାତୀଠୁ ବା ଦୌଡ଼ିକି ପଳେଇଯାଇହବ; ଦଳେ ମା'ହାତୀ ପାଖରୁ ପଳେଇବାର ତ ବାଟ ମିଳିବନି । ଏଇପରିକା ଚିନ୍ତା ମନଟାକୁ ଗୋଳେଇ-ଘାଣ୍ଟି ପକଉଥାଏ । ହାତରେ ଦି'ନଳିଆ ରାଇଫଲ୍‌ଟା ହାତକୁ ଖୁବ୍ ଓଜନିଆ ହେଲାଣି – ଖରାଯାଇ ମୁଣ୍ଡ ଉପରେ ହେଲାଣି ଯେ ଶୋଷରେ ତାଳୁ ଶୁଖିଗଲାଣି । ବାଉଁଶ ପତରସନ୍ଧିରେ ଆଗକୁ ଅନିଶା କରି କରି ବେକଟା ବି ବଥେଇଲାଣି । ଢେର୍ ବେଳ ପରେ ସ୍ନେହକୁମାର ଚାଖ୍‌ମା ପାଦ ଟିପିଟିପି ମୋ ପାଖକୁ ଆସି କହିଲା ଯେ ସେ ପଲରେ ଦନ୍ତାହାତୀ ନାହିଁ – ଖାଲି

Digitized by srujanika@gmail.com

ଦଶଘର ମାଇ ଆଉ ଯୋଡ଼ିଏ ଛୁଆହାତୀ । ଚୁପି ଚୁପି ପାଦ ଚିପିଚିପି ଆମେ ସେ ବଣରୁ ବାହାରିଆସିଲୁ । ପଦାରେ ପହଞ୍ଚିବା ବେଳକୁ ଦିନ ଦେଢ଼ଟା । ଆମର ଫରେଷ୍ଟ ଅଫିସର ବନ୍ଧୁଟି ତଳନେ କୁକୁଡ଼ାଅଣ୍ଡା ସିଝାଇ ଆଣିଥା'ନ୍ତି ଆଉ ଗରାରେ ଗରାଏ ପାଣି । ସେଥିରୁ ଗଣ୍ଡାଏ ଖାଇ ପାଣି ପିଇ ଦଶ ନିଶ୍ୱାସ ମାରିବାକୁ ଗଛ ଛାଇରେ ଟିକେ ଗଡ଼ିପଡ଼ିଲି । ସ୍ନେହକୁମାର ଆଉ ଜଣେ ସାଙ୍ଗକୁ ଧରି ଗଲା ବଣକୁ ଦନ୍ତାହାତୀର ଓର୍ ଖୋଜିବାକୁ ।

ପାଖରେ ଗାଁର ବୁଢ଼ା ଜଣେ ଆସି ବସିଲା । ଭାରି ଜିଗର କଲା ଗୋଟାଏ ଯୋଡ଼ାଏ – ମାଇ ହେଉ ପଛେ – ହାତୀ ମାରିଦବାକୁ । ସେମାନେ ଅନେକ ଦିନ ହବ ମାଂସ ଖାଇନାହାନ୍ତି । ସେଠାର ଆଦିବାସୀମାନେ ହାତୀମାଂସ ଖୁବ୍ ଭଲପାଆନ୍ତି । ମୁଁ ନାସ୍ତି କଲି – ଦନ୍ତାହାତୀ, ଖଟଡ଼ ହାତୀ ନହେଲେ ମାରିବିନାହିଁ । ବୁଢ଼ାର ମନ ଭାରି ଖରାପହେଲା ବୋଧହୁଏ ।

ଅଧଘଣ୍ଟେ ପରେ ସ୍ନେହକୁମାର ଚାଖିମା ଆସି ମୋତେ ଡାକିଲା । ମାଇଲିଏ ଦୂରର ସେଇ ପାହାଡ଼ ଉପରେ ଦନ୍ତାହାତୀ । ବଡ଼ ଆଗ୍ରହରେ ଚାଲିଲି । ସେଠା ପାହାଡ଼ ସବୁ ତ ମାଟିର – ଗଛ-ବୃଛ ଖୁବ୍ କମ୍ – ପୋଡୁଚାଷ ଯୋଗୁ ପାହାଡ଼ମାନଙ୍କ ଉପରେ ବଡ଼ ଗଛ କିଛି ନାହିଁ କହିଲେ ଚଳେ । ଗୋଟିଏ ପାହାଡ଼ର ଚୂଳିରେ ଛିଡ଼ାହେଲେ ତା ଆଖପାଖ ପାହାଡ଼ଗୁଡ଼ାକ ସବୁ ଦିଶେ ଢେର୍ ଦୂର ଯାଏ । ଆମେ ଯାଇ ସେମିତି ଗୋଟିଏ ଟିଲାଠି ଛିଡ଼ାହୋଇ ଦେଖିଲୁ ପୂର୍ବଆଡ଼କୁ ଗୋଟିଏ ଟିଲା ଉପରେ ଆଠଦଶଟି ହାତୀ ଘାସ ଖାଉଥା'ନ୍ତି । ସେ ଦଳରେ ଗୋଟିଏ ହାତୀର ଆକାର ଦେଖି ତ ମୋର ନିଶ୍ୱାସ ବନ୍ଦ ହେବା ଉପରେ ହୋଇଥିଲା । ତା'ର ଆକାରଟା ଗୋଟିଏ ପାହାଡ଼ ପରି ବିରାଟ । ସେ ଦଳର ଆର ହାତୀଗୁଡ଼ାକ ତା ପାଖରେ ଛୁଆପରି ଦିଶୁଥା'ନ୍ତି । ଏ ଦୃଶ୍ୟ ଦେଖିଲୁ ଆମେ ପ୍ରାୟ ଅଧମାଇଲ ଦୂରରୁ । ସେଠିକି ପହଞ୍ଚିବାକୁ ହେଲେ ଆମକୁ ତିନିଟା ପାହାଡ଼ ଉଠିବାକୁ ହବ ଆଉ ଯୋଡ଼ିଏ ଛରା – ଆମ ଆଡ଼ର ନାଳ – ପାରିହେବାକୁ ହେବ । ଆଉ ତର ସହିଲାନି । ଦୌଡ଼ିଲାପରିକା ହେଇ ବାହାରିଲୁ ଅନିଶା ଥାଏ ସେଇ ଟିଲାଠେଇ, ସେଇ ପାହାଡ଼ ପ୍ରକାର ହାତୀଠେଇ । ଝୁଣ୍ଟିଲି ଢେର୍ ଥର ବାଟରେ । ଟିଲା, ଛରାସବୁ ପାରହେଇ ସେଠି ପହଞ୍ଚିଲାବେଳକୁ ଦିନ ଚାରି ବାଜିଲାଣି । ସେ ଟିଲାଟାର ଏମୁଣ୍ଡ ସେମୁଣ୍ଡ ଖୋଜିଲୁ – ହାତୀର ସୁରାକ ନାହିଁ । ଏତେ ବଡ଼ ବଡ଼ ପାହୁଲ ଚିହ୍ନ ଦେଖି ମୁଁ ଅନୁମାନ କଲି ସେ ହାତୀଟା ଖୁବ୍ କମ୍‌ରେ ଏଗାର ଫୁଟ ଉଚା ହେଇଥିବ ପରା – ଠାଏ ଠାଏ ତା'ର ଦାନ୍ତ ମାଟିରେ ଘୁଷୁରିଚି ଯେ ଦାଗ ପଡ଼ିଚି । ସ୍ନେହକୁମାର ଲଗେଇଥାଏ ଆମେ ସେ ହାତୀ ଖୋଜ ଧରିକି ତହରିବା ତା ପଛରେ । ସାଙ୍ଗର ଫରେଷ୍ଟ ଅଫିସର ବାରଣକଲେ – କହିଲେ ସେଇ ଟିଲାଟା ପାକିସ୍ତାନର ସୀମା – ଆଉ ଆଗକୁ ଗଲେ ତ ଆମେ ପାକିସ୍ତାନର ରାଜ୍ୟକୁ ଯିବା । ମନମାରି ବସିପଡ଼ିଲି ସେଠାର ଗୋଟିଏ ଢିପଠେଇ । ଗୋଡ଼ହାତ ଭାରି ଘୋଳେଇଲାଣି ତ ସେତେବେଳକୁ । କ'ଣ କରିବା – ହାତୀମାନଙ୍କର ତ ପାସପୋର୍ଟ ଧନ୍ଦା ନାହିଁ, ସେ ମନଖୁସିରେ ହିନ୍ଦୁସ୍ଥାନ, ପାକିସ୍ତାନ ଯାଇପାରୁଛନ୍ତି – ଆମେ ତ ଆଉ

Digitized by srujanika@gmail.com

ଗୋଡ଼େଇକି ପାକିସ୍ତାନରେ ପଶିପାରିଲେନି ।

ଦୁଇଶହ ଗଜ ଦୂରରେ ଦେଖିଲୁ ସେ ହାତୀଟି ଆଉ ଗୋଟିଏ ଟିଲା ଚଢୁଥିଲା – ବିରାଟକାୟ – ତା ପଛକୁ ଚାଳିଶ କି ପଚାଶ ହାତୀ – ମାଈ, ଦନ୍ତା, ଛୁଆ – ମେଣ୍ଢାପଲପରିକା ଚାଲିଥା'ନ୍ତି ଟିଲା ଉପରଦେଇ । ସୂର୍ଯ୍ୟ ପଶ୍ଚିମ ଆକାଶରେ ଏକଦମ୍ ସେଇ ଟିଲାର ଆରପାଖର ବଣରେ ପଶିଲାପରିକା – ନାଲିଆ ହଳଦିଆ ରଙ୍ଗରେ ଆକାଶ ଖୁବ୍ ତୋଫାଦିଶୁଥାଏ । ସେଇ ତୋଫା ଆକାଶରେ ଟିଲାଟା ଦିଶୁଥାଏ ମେରୁପରିକା – ଆଉ ତାରି ଉପରେ କାହାଣେ ଖଣ୍ଡେ ହବ ପଲେହାତୀ । ସେ ଦୃଶ୍ୟ ଏଡ଼େ ସୁନ୍ଦର ଦିଶୁଥିଲା ଯେ ଯିଏ ନଦେଖିଚି ତାକୁ କହି ବୁଝାଇବା କଷ୍ଟ । କେଜାଣି ଅବା ରମେଶବାବୁ ଚିତ୍ର କରି ଦେଖେଇଦେବେ ତୁମକୁ । x x x

ସଞ୍ଜ ହେଲାରୁ ଗୋଟିଏ ଗୋଟିଏ ଫେରିଲୁ ସ୍ନେହକୁମାର ଚାଖ୍‌ମାର ବସ୍ତିକୁ । ସେଦିନ ତ ଆଉ ଫେରିପାରିଲିନି ଆମର ଗଣ୍ଡାଛରାର ବସାକୁ । ସ୍ନେହକୁମାର କହିଲା, ତାରି ଘରେ ସେଦିନ ରାତିଟା ରହିବାକୁ । ମୋର ତ ସେତେବେଳେ ଗୋଡ଼ହାତ ଭାରି ପରାଣ ହେଲାଣି – ଦିନଟାଯାକ ଚାଲିଚି – ପ୍ରାୟ କୋଡ଼ିଏ କି ପଚିଶ ମାଇଲ – ଟିଲା ଚଢ଼ିଚି, ଛରା ପାରିହେଇଚି କାହିଁରେ କେତେ – ବଡ଼ ଆଗ୍ରହରେ ହଁଭରିଲି ତାଙ୍କ ଘରେ ରହିବାକୁ ।

ସ୍ନେହକୁମାର ଚାଖ୍‌ମାର ଘରଟା ବାଉଁଶରେ ତିଆରି । ବାଉଁଶର ଗୋଟିଏ ଭାଡ଼ି ହେଇଚି ଯେ ଚାଳିଶଫୁଟ ଲମ୍ବା ଆଉ ତିରିଶଫୁଟ ଓସାର । ମାଟିରୁ ସାତଫୁଟ ଉପରେ ଭାଡ଼ି । ସେଇ ଭାଡ଼ିଟା ଘର । ତିନି ପାଖରେ ଆଠଫୁଟ ଓସାରର ବାରନ୍ଦାପରିକା; ବାକି ଜାଗାଟା ବାଉଁଶବାଡ଼ ଦେଇ କାନ୍ଥ ହେଇଚି । ଆଉ ଉପରେ ବାଉଁଶର ଚାଳ । ସେଠାର ଆଦିବାସୀମାନେ ହେଲେ ରିଆଙ୍ଗଜାତି ଓ ଚାଖ୍‌ମା ଜାତିର ଲୋକ । ସମସ୍ତଙ୍କର ଘର ଏଇପରିକା । ଭାଡ଼ିତଳେ ସେମାନେ ମେଣ୍ଢା, ଘୁଷୁରି, ଗୋରୁ, ମଇଁଷିହେରିକା ରଖନ୍ତି ଆଉ ତା'ଉପର ଘରେ ନିଜେ ଶୁଅନ୍ତି । ବାରନ୍ଦାରେ ରନ୍ଧାରନ୍ଧି ହୁଏ । ଲୁଗା ବୁଣିବାର ତନ୍ତଟିଏ ଥାଏ ଆଉ ଅତିଥି ଅଭ୍ୟାଗତ ଚର୍ଚ୍ଚା ହୁଏ । ତାଙ୍କର ମାଇପିମାନେ ଖରିଦକରା ଲୁଗା ପିନ୍ଧନ୍ତିନି – ନିଜେ ବୁଣିଥିବାର ଲୁଗା ପିନ୍ଧନ୍ତି । ସେମାନେ ତ ଲୁଙ୍ଗିପରିକା ଛୋଟ ଲୁଗାଟିଏ ପିନ୍ଧନ୍ତି – ସାଧାରଣରେ ଅଣ୍ଟା ଉପରକୁ କିଛି ପିନ୍ଧନ୍ତିନି । ଜାନିଯାତ୍ରାରେ କି ଗାଁ ବାହାରକୁ ହାଟ-ବଜାରକୁ ଗଲେ ଗୋଟିଏ ଛଅଇଞ୍ଚ ଓସାରର ଚିତ୍ର-ବିଚିତ୍ର ଲୁଗା ଛାତିରେ ଗୁଡ଼େଇଦିଅନ୍ତି । ଚାଖ୍‌ମାମାନେ ଦେଖିବାକୁ ଗୋରା । ରିଆଙ୍ଗମାନେ ବି ପ୍ରାୟ ଗୋରା ଯେ ଚାଖ୍‌ମାଙ୍କପରିକା ସାହେବୀ ଗୋରା ନୁହନ୍ତି । ଚାଖ୍‌ମାମାନେ କାଳେ ପର୍ତ୍ତୁଗୀଜ ବଣିକମାନଙ୍କର ବଂଶଧର ।

ସ୍ନେହକୁମାର ଚାଖ୍‌ମା ଘରେ ସେ ରାତିଟା ବଡ଼ ଆନନ୍ଦରେ କଟିଲା । ପାଖଆଖ ପଡ଼ାର ଯେତେ ଲୋକବାକ ଥିଲେ ସବୁ ସେଠିକି ଆସିଲେ – ଲାଟସାହେବଙ୍କର ଭଣଜାଙ୍କୁ ସମ୍ମାନ ଦବାକୁ । ସଞ୍ଜବତି ଲାଗୁ ଲାଗୁ ସ୍ନେହକୁମାର ଘର ଚାରିପାଖେ ଶହେଖଣ୍ଡେ ପୁରୁଷ-ମାଇପେ-ପିଲେ ଜମାହେଇଗଲେ । ବାଉଁଶର ଭାଡ଼ିଘରକୁ ଏତେ ଲୋକ ଉଠିଲେ

Digitized by srujanika@gmail.com

ସେଇଟା ଖସିପଡ଼ିବ – ବୁଢ଼ା ବୁଢ଼ା ଆଠ-ଦଶଜଣ ଆସିଲେ ଆଉ ସେ ଗାଁର ସବୁଠୁ ବୟସ୍କା ବୁଢ଼ୀଟିଏ ଗୋଟିଏ ବୋତଲରେ ବୋତଲେ ତାଙ୍କ ଘରତିଆରି ମଦ ଧରି ଆସିଲା । ସେଇ ବୋତଲଟା ମୋତେ ଆଗ ଦିଆହେଲା । ସ୍ନେହକୁମାର କହିଲା ନଖାଇଲେ ବି ପାଟି ପାଖରେ ଟିକେ ଲଗେଇଲେହବ । ଦିଅଁଙ୍କଠେଇ ଭୋଗଲାଗିଲା ପରା – ମୁଁ ସେ ବୋତଲ ଟିକେ ମୁହଁରେ ଲଗେଇ ତା ହାତକୁ ବଢ଼େଇ ଦେଲାରୁ ସମସ୍ତେ ସେଇଥିରୁ ଢୋକେ ଢୋକେ ପିଇଲେ । ବାରନ୍ଦାରେ ଗୋଟିଏ ନୂଆ ତୁଳାର ନୂଆ ରେଜାଇ ପାରିଦେଲେ – ନୂଆ ତକିଆ ଦୁଇଟା ପଡ଼ିଲା । ମୁଁ ସେଇଠି ବସିଲାରୁ ସାମନା ମାଟିରେ ନାଚହେଲା ଘଣ୍ଟେ ଖଣ୍ଡେ ।

ସ୍ନେହକୁମାରର ସ୍ତ୍ରୀ ଭାତ ବାଢ଼ିବ କି ପଚାରିଲାରୁ ଆଗ୍ରହରେ ହଁଭରିଲି – ଭୋକ ତ ଖୁବ୍ ହେଉଥିଲା । ବାଉଁଶର ଗୋଟିଏ ଛୋଟ ଟେବୁଲ – ଫୁଟେ ଉଚ୍ଚା ହେବ – ମୋ ଆଗରେ ଥୁଆହେଲା । ତା' ଉପରେ କଦଳୀପତ୍ରରେ ମାଣେ ଚାଉଳର ଭାତ ବଢ଼ାହେଲା । ମୁଁ ତ କାବା, ଏତେଗୁଡ଼ାଏ ଭାତ ଖାଇପାରିବିନି ! ବହୁତ ଜିଗର୍‌କଲାରୁ ଭାତ କମାଗଲା – ତା' ଉପରେ କୁକୁଡ଼ା ତରକାରି ବେଲାଏ ଢଳାଗଲା । ସ୍ନେହକୁମାରକୁ ତ ପୂରା ମାଣେ ଚାଉଳର ଭାତ ଲାଗିଲା – ସେ ତା'ର ଏଲୁମିନିୟମ୍ ଥାଳିରେ ଖାଇଲା । ମାଂସରନ୍ଧାରେ କେବଳ ଲୁଣ ଆଉ ପିଆଜ ପଡ଼ିଥାଏ – ଖାଇବାକୁ ଖୁବ୍ ସୁଆଦ ହୋଇଥାଏ । ଭାତ ଏତେ କମ୍ ଖାଇବା ଦେଖି ଚାଖ୍‌ମାଣୀ ଅନବରତ ଟିପ୍‌ପଣୀ କରୁଥାଏ ଯେ ଅଧେ ମୁଁ ବୁଝିପାରୁନଥାଏ – ପଚାରିଲେ ଭଙ୍ଗା ବଙ୍ଗଳାରେ ସେ ହସି ହସି ପଚାରେ ସ୍ନେହକୁ "କି କୟେ ସାହେବ ?"

X X X X

ତା' ପରଦିନ ସକାଳୁ ପୁଣି ବହେ ଜଙ୍ଗଲ ଘୂରିଲୁ, ହାତୀର ଆଉ ଦେଖା ମିଳିଲାନି । ହେଲେ ଗୋଟିଏ ବିରାଟ ବାଘ ପାଇଲି । ଛୋଟ ଛୋଟ ଘାସବଣ, ସେଠି ଗୋଟିଏ ମଇଁଷି ମଢ଼ରେ ସେ ଖାଉଥିଲା । ଆମେ ଯାଇ ତ ଏକବାରେ ହାବୁଡ଼ିଗଲୁ । ସେ ବାଘ ତା'ର ଖିଆ ବନ୍ଦକରି ତରାଟିଲା ମୋତେ – ମୁଁ ତ ଏକଦମ ଛାନିଆ – ରାଇଫଲ୍‌ରେ ହାତୀ ପାଇଁ ସଲିଡ୍ ଗୁଳି ପୂରେଇଚି – ତା ଛଡ଼ା ଦଶହାତ ଦୂରରେ ବାଘ; ଏତେ ଟିକେ ହଲଚଲ ହେଲେ ଖାଲି ପ୍ରାଣଭୟରେ ସେ ମୋ ଉପରକୁ କୁଦିପଡ଼ିବ । ମୁଁ ବି ତାକୁ ତରାଟିରହିଲି । ମିନିଟ୍‌କ ପରେ ସେ ଆପଣାଛାଏଁ ଉଠିଲା, ଘାଉଁକରି ବିରକ୍ତିର ରଢ଼ିଟିଏକରି ପଛର ବୁଦାରେ ପଶିଗଲା । ଆମେ ନିଶ୍ୱାସମାରି ଆପଣାର ବାଟ ଧରିଲୁ ।

ବୁଲି ବୁଲି ରାଇମାଶର୍ମା ପର୍ବତମାଳଟାଯାକ ଖୋଜି ଦେଖିଲୁ ଯେ ପଲହାତୀ ସବୁ ପାକିସ୍ତାନର ଚିଟ୍ଟାଗଙ୍ଗ ଅଞ୍ଚଳକୁ ଚାଲିଗଲେ । ମାଇଛୁଆ ଘରେ ଦୁଇଘର କାଁଡ଼ାଁ ରହିଯାଇଚନ୍ତି । ଫେରିଲୁ ସେଦିନ ସଞ୍ଜକୁ ଗଣ୍ଡାଛରା ବସାକୁ । ସେଠି ଫେରିକି ଫଣିବାବୁଙ୍କୁ ଏକଥା କହିବାରୁ ସେ ତ ମୁଣ୍ଡରେ ହାତଦେଇ ବସିଗଲେ । କହିଲେ, କମିଶନର ସାହେବଙ୍କୁ ଜବାବ ଦେଇ ଆସିଥିଲେ ଯେ ସେଠାରୁ ଗୋଟାଏ ଯୋଡ଼ାଏ ହାତୀ ମରାଇଦେବେ –

Digitized by srujanika@gmail.com

ଏବେ ଫେରିକି କଣ କହିବେ ତାଙ୍କୁ ? ମନୁ ପାଖରେ ଗୋଟାଏ ଯୋଡ଼ାଏ ଦନ୍ତା ଅଛନ୍ତି ଯେ ସେଗୁଡ଼ାକ ବାୟାହାତୀ – ସାହେବଙ୍କ ଆଦରର ଭଣଜାଙ୍କୁ କ'ଣ ଆଉ ବାୟାହାତୀ ପାଖକୁ ନବାଟା କଉ ବୁଦ୍ଧିଆ କର୍ମଚାରୀର କାମ ? ସେଇ ଯୋଗୁରୁ ତ ସେ ରାଇମାଶର୍ମା ଅଞ୍ଚଳକୁ ଆସିଥିଲେ – ପଲ ପଲ ହାତୀ ଭିତରୁ ବାଛିବାଛିକି କମିଶନର ସାହେବଙ୍କ ଭଣଜା ମାରିଥା'ନ୍ତେ – ମନ ମାନିଥାନ୍ତା – ଏଣେ ଭୟ କରିବାର କାରଣ ନଥାନ୍ତା କିଛି । ଦନ୍ତୁଆ ହାତୀ ସାହସ କରି ଶିକାରୀକି ଗୋଡ଼ାନ୍ତିନି ପ୍ରାୟ । ଏକାଣିଆ ବାୟାହାତୀ ଗୋଡ଼େଇ ଗୋଡ଼େଇ ଲୋକ ମାରନ୍ତି ।

ଏଇପରି ଚିନ୍ତାରେ ଫଣିବାବୁ ବିହ୍ୱଳ ହେବାର ଦେଖି ମୁଁ କହିଲି ଯେ ମନୁଠିକି ଯିବା । ବାୟାହାତୀ ଯଦି ସେଠି ମଣିଷ ମାରୁଚି, ସେଇଠି ଆଗ ତା'ରି ମୁକାବିଲା କରିବା ଆମର ଉଚିତ ଥିଲା । ମିଛରେ ମୋତେ କହିବାକୁ ହେଲା ଯେ ମୁଁ ତା ଆଗରୁ ଢେର୍ ଢେର୍ ବାୟାହାତୀ ମାରିଛି ବୋଲି । ଅନେକ ବାୟାହାତୀ ମାରିଚି ଶୁଣି ଫଣିବାବୁ ଟିକିଏ ଦମ୍ଭଧରିଲେ ପରା । ସେ ରାତିଟା ଗଣ୍ଡାଛରାଠି କଟିଲା ।

ତା'ପରଦିନ ସକାଳ ଦଶଟାରେ ବାହାରିଲୁ ଫେରନ୍ତା ଆମ୍ବଶାଯାକେ । ସେଇଠୁ ଉତ୍ତରକୁ କୋଡିଏ ମାଇଲ ବାଟ କୈଳାସର ରାସ୍ତାରେ ଗଲେ ମନୁ ବୋଲି ଗୋଟିଏ ଜାଗା ପଡ଼ିବ – ସେଠି ଗୋଟିଏ ଭଲ ସରକାରୀ ଡାକବଙ୍ଗଳା ଅଛି । ସେଇ ବଙ୍ଗଳାଠାରୁ ଦୁଇମାଇଲ ଭିତରେ ଗୋଟିଏ ଛୋଟ ବସ୍ତିରେ ଗୋଟିଏ ଦନ୍ତାହାତୀ ପଶି ଘରଦୁଆର ଭାଙ୍ଗିଥାଏ ଆଉ ଗୋଟିଏ ବୁଢ଼ୀକୁ ମାରିଥାଏ । ସେ ହାତୀଟା ଲଙ୍ଗଥୁରାଇ ପର୍ବତମାଳାରୁ ଆସିଚି ବୋଲି ଅନୁମାନ । ଫଣିବାବୁଙ୍କର ଇଚ୍ଛା ନଥିଲା ସେଠିକି ଯିବାପାଇଁ; କାରଣ ସେ ଡରୁଥିଲେ କାଳେ ସେ ବାୟାହାତୀ ପଛରେ ଯାଇ ଯଦି ମୋର କିଛି କ୍ଷତିହୁଏ ତେବେ କମିଶନର ସାହେବ ତ ତାଙ୍କୁ ଦୋଷଦେବେ ।

ଉପରବେଳା ଚାରିଟା ସୁଦ୍ଧା ମନୁ ବଙ୍ଗଳାଠେଇ ପହଞ୍ଚିଲୁ । ଚା' ଖାଉ ଖାଉ ସେ ବସ୍ତିର ଜଣେ ଲୋକ – ପ୍ରେମକୁମାର ଚାଖ୍ମା – ଆସି ଖବରଦେଲା ଯେ ସେ ବାୟାହାତୀ ଗାଁ ପାଖ ଟିଲାରେ ରହୁଚି, ସାଙ୍ଗରେ ଗଲେ ସେଇଲାଗେ ଦେଖେଇଦବ । ସଞ୍ଜ ହେବାକୁ ଆଉ ବେଶି ଡେରିନଥାଏ । ପ୍ରେମକୁମାର ତା'ପରଦିନ କୁକୁଡ଼ା ଡାକରୁ ଆସିବାକୁ କହିଲି । ସେଇ ରାତିଟା ଫଣିବାବୁଙ୍କର କୁହାଳିଆ ଭାଷାରେ ଗପ ଶୁଣି ଶୁଣି କଟିଲା । x x x

ସିନ୍ଦୂରାଫାଟିବା ଆଗରୁ ପ୍ରେମକୁମାର ଆସି ପାଖରେ ହାଜରହେଲା । ତରବରରେ ଦାନ୍ତପତ୍ର ଘଷି କପେ ଚା' ଓ ଗୋଟିଏ ଅଣ୍ଡାସିଝା ଖାଇ ବାହାରିପଡ଼ିଲି । ଫଣିବାବୁ ଶୋଇଥିଲେ । ଜିପ୍‌ରେ ଦେଢ଼ମାଇଲ ଗଲୁ । ସେଇଠୁ ଚାଲିକି ଟିଲାରେ ଚଢ଼ିଲୁ । ବସ୍ତିଠୁ ସେ ଟିଲା ଅଧମାଇଲରୁ ଟିକେ କମ୍ ହେବ । ଦୁଇଟା ଛୋଟ ଛୋଟ ମୁଣ୍ଡିଆ – ଲମ୍ବାଳିଆ ପୂର୍ବରୁ ପଶ୍ଚିମକୁ – ପୂର୍ବପଟେ ଦୁଇଟାଯାକ ମୁଣ୍ଡିଆ ମିଶିଛି । ମୁଣ୍ଡିଆଗୁଡ଼ାର ତାଳୁଅଂଶରେ ବର୍ଷାପାଣି ବୋହି ଗୋଟିଏ ବିରାଟ ଖାଲ ହୋଇଥାଏ । ଗୋଟା ମୁଣ୍ଡିଆଟା ଖାଲି ହାତୀ-ଘାସରେ ଭର୍ତ୍ତି । ଉତ୍ତର ପାଖ ମୁଣ୍ଡିଆର କାନ୍ଧରେ ଗୋଟିଏ ମାଙ୍କଡ଼ ପିଛଳା ଗଛ; ଆଉ

Digitized by srujanika@gmail.com

ପାଖରେ ଗୋଟାଏ ବାଉଁଶବୁଦା ।

ସେଇ ବାଉଁଶବୁଦା ପାଖରୁ ଘାସବଣରେ ପଶିବାର ସୁଡୁସୁଡ଼ିଆ ରାସ୍ତାଟିଏ – ସେଇ ବାଟେ ହାତୀ ବୋଧହୁଏ ଯାଇଚି । ପ୍ରେମକୁମାର ଓ ମୁଁ ସେଇ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ସେଇ ପାହାଡ଼ ତଳକୁ ଖସିଲୁ । ଦୁଇଶହ ଗଜ ବାଟ ଯିବାକୁ ଆମକୁ ଅଧଘଣ୍ଟେ ଲାଗିଲା । ସେ ଗଳିବାଟରୁ ତ କୁଆଡ଼େ କିଛି ଦିଶୁନଥାଏ – ଦୁଇ ପାହୁଣ୍ଡ ଯାଉ – ମିନିଟିଏ ଚୁପ୍‌ଚାପ୍ ରହିକି କାନଡ଼େରି ଶୁଣୁ – ପବନର ଗତି ପରୀକ୍ଷାକରୁ । ସେଠି ତ ଶୁଖିଲା ବାଲି ପାଇଲୁନି ପବନର ଗତି ପରଖ କରିବାକୁ – ଗାଲରେ କିମ୍ବା ହାତର ପାପୁଲି ପଛପଟେ ଟିକେ ଛେପ ଲଗେଇକି ପରୀକ୍ଷା କରୁ କଉଆଡ଼େ ଦେଖେଇଲେ ଥଣ୍ଡା ଲାଗୁଚି । ହାତୀ ଶିକାରରେ ପବନର ଗତି ପରୀକ୍ଷା କରିବାର ଆଉ ଏତେ ସୁଦ୍‌ସାଦ୍ ଶବ୍ଦ ବାରିପାରିବାର ଶକ୍ତି ଉପରେ ଶିକାରୀର ପ୍ରାଣ ନିର୍ଭରକରେ । ହାତୀକି ସିନା ଭଲ ଦିଶେନି – ତା'ର କାନ ଓ ଶୁଙ୍ଘିବା ଶକ୍ତି ଖୁବ୍ ତେଜ । ହାତୀ ଶିକାରୀର ଖବର ପାଇବା ଆଗରୁ ଶିକାରୀ ହାତୀକୁ ଠାବ କରିବା ଦରକାର ।

ଆମେ ତ କିଛି ସୁରାକ୍ ପାଇଲୁନି ହାତୀର । ପୂର୍ବଆଡୁ କ୍ରମେ ଆଲୁଅ ବେଶି ବେଶି ହଉଥାଏ – ସୂର୍ଯ୍ୟ ଉଠିଲେଣି ସେଇ ଟିଲା ଉପରକୁ – ଆମେ କିନ୍ତୁ ଘାସବଣରେ ଜାଙ୍ଗୁଲୁ-ଜୁଙ୍ଗୁଲୁ ଅନ୍ଧାରରେ ଗୁରୁଣ୍ଡୁଥାଉ । ଦୁଇଶହ ଗଜ ଇମିତି ଗଲା ପରେ ହାତୀର ବିଛଣାଟା ଦେଖିଲୁ । ଘାସବୁଦା ସବୁକୁ ମାଡ଼ି ମାଟିରେ ଶୋଇଯାଇଛି – ଦଶ ପନ୍ଦର ଫୁଟ ଓସାରର ଗୋଟିଏ ଗଦି ପରିକା ହେଇଛି । ଗୋଟିଏ କରରେ ହାତୀର ଲଣ୍ଡି ଦି ଚାରି ଗଉଣୀ ହବ । ସେଇଠି ଟିକେ ଫାଙ୍କ ବୋଲି ସକାଳୁଆ ଥଣ୍ଡା ପବନ ଦିହରେ ଲାଗିଲା । ହାତ ମୁହଁ ସବୁ ପୋଡ଼ିଲା ହାଉ ହାଉ । ଦେଖିଲାବେଳକୁ ହାତରେ ଆଉ ମୁହଁରେ ଅସଂଖ୍ୟ ଆଁଚୁଡ଼ା ଦାଗ – ଗୁରୁଣ୍ଡି ଗୁରୁଣ୍ଡି ଆସିଲା ବେଳେ ହାତୀ ଘାସର ଆଁଶରେ ହାତର ଓ ମୁହଁର ଚମଡ଼ା କଟିଚି । ଦେହରେ ଶାର୍ଟ ଥିଲା ବୋଲି ଦେହଟାରେ କିଛି ହେଇପାରିନଥିଲା x x x ପବନଟା ସେତେବେଳେ ଦୁଇମୁଣ୍ଡିଆ ମଝିର ନାଳର ତଳ ଆଡୁ ବୋହୁଥାଏ । ଆମ ଚାରିପାଖରେ ତ ବାରଫୁଟିଆ ଘାସର ପାଚିରି – କିଛି ଦିଶୁନଥାଏ – ଚୁପ୍‌ଚାପ୍ ଠିଆହେଲୁ । ମୁଁ ଠିକ୍ କରିଥାଏ ଯେ ଖରା ଆଉ ଟିକିଏ ଉପରକୁ ଉଠିଲେ ହାତୀ ଆସିବ ସେଇ ଦେଡ଼ଫୁଟ ବହଳର ଘାସଗଦିରେ ଶୋଇବାକୁ – ଭେଟ ସେଇଠି ତା'ରି ଘରେ ହେବ । ହେଲେ ସେ ଆସିବା ଆଗରୁ ଆମକୁ ଖବର ମିଳିବା ଦରକାର; ନହେଲେ ଆମକୁ ବି ସେ ଘାସଗଦିର ତୁଳାପରିକା ହେବାକୁ ହବ ।

ପନ୍ଦର କୋଡ଼ିଏ ମିନିଟ୍ ସେଇଠି ଆମେ ଠିଆହେଇଥାଉଁ – ହାତର ଓ ମୁହଁର ଖଣ୍ଡିଆରେ ଟିକେ ଟିକେ ଛେପ ଲଗେଇଥାଉଁ – ଥଣ୍ଡା ପବନରେ ଟିକେ ଶୁଖିବାପାଇଁ । ନାଳର ତଳପଟୁ ଶୁଭିଲା ବାଉଁଶ ଭାଙ୍ଗିବା ଶବ୍ଦ । ଧୀରେ ଧୀରେ ସେ ତା'ର ଖାଇ-ଖାଇକି ବିଛଣା ଆଡ଼କୁ ଆସୁଥାଏ । ଏଣେ ମୋର ଛାତି ଧଡ଼ଧଡ୍ ହେଉଥାଏ – କେମିତି ଦଶଗଜ ଦୂରରୁ ତା' ମୁଣ୍ଡଟା ଦିଶିବ ଯଦି ସିନା ମାରିବି – ନହେଲେ ତ ନିଜେ ସେଇଠି

Digitized by srujanika@gmail.com

ହାତୀର ଶିକାର ହେବି । ଇମିତି ଇମିତି ଯୁଗେ ବିତିଲାପରିକା ହେଲା । ହଠାତ୍ ଶୁଣିଲି, ହାତୀ ଆସୁ ଆସୁ ଚୁପ୍‌କରି ଠିଆହୋଇଗଲା । ଏ ତ ଭଲ ଲକ୍ଷଣ ନୁହେଁ । ପବନ ଗତି ପରୀକ୍ଷା କରି ଦେଖେ ତ ପବନ ସେତେବେଳେ ଗତି ବଦଳେଇ ଆମଆଡୁ ହାତୀଆଡ଼କୁ ବହୁଚି । ହାତୀ ଜାଣିପାରିଲାଣି ଯେ ତା'ର ବିଛଣାଆଡ଼େ ମଣିଷ ଅଛି । ଭାବୁଥାଏ ହାତୀ କଣ କରିବ – ଚୁପି ଚୁପି ଆସି ଶୁଣ୍ଢରେ ମୋତେ ଆଗ ନା ପ୍ରେମକୁମାରକୁ ଆଗ ଧରିବ – ନା ଫେରିକି ଆଉ କଉ ବସାକୁ ଯିବ ?

ଦି'ମିନିଟ ନିଶବ୍ଦ ରହିଲା ହାତୀ । ଥୋଡ଼ ଟେକି ପବନ ବାରୁଥିଲା ବୋଧହୁଏ । ତା'ପରେ ଆମର ବାଁପାଖ ଟିଲା ଉପରକୁ ଚଢ଼ିଲା । ପ୍ରେମକୁମାର ଇସାରାରେ କହିଲା ଯେ ହାତୀ ମୁହେଁଇଲାଣି ସେ ଟିଲା ପାରହୋଇ ଆର ପାଖରେ ଇମିତିକା ଗୋଟିଏ ଥଣ୍ଡା ଖୋଲ ଅଛି ସେଇଠିକି । ଆମେ ଫେର୍ ସେଇ ସୁଡ଼ଙ୍ଗରାସ୍ତାରେ ଗଳି ଗଳି ବାହାରିଲୁ ଟିଲାର କାନ୍ଧରେ ମାଙ୍କଡ଼ ପିଛଳା ଗଛମୂଳକୁ । ପ୍ରେମକୁମାର ସେଇ ଗଛରେଚଢ଼ି ଦେଖିଲା ହାତୀର ବାଟକୁ – ହାତୀ ତ ଘାସବଣରେ ଦିଶୁନଥାଏ; ହେଲେ ସେ ଚାଲିଲାବେଳକୁ ଘାସ ଦୋହଲୁଥାଏ ଯେ ଉପରୁ ଦିଶୁଥାଏ ।

ମୋତେ ପ୍ରେମକୁମାର କହିଲା ବାଁପଟେ ବୁଲି, ସେଇ ଟିଲାର ମଥାରେ ମଥାରେ ବୁଲି ଆରପାଖ ଟିଲାର ମଥାନକୁ ଯିବାକୁ – ହାତୀ ସେଇଆଡ଼େ ମୁହେଁଇଚି । ଧାଇଁକି ଗଲି ସେପାଖ ଟିଲା ମଥାକୁ । ପାଖରୁ ସଦ୍-ସଦ୍ ସସ୍-ସସ୍ ଫାଁ ଶୁଭୁଥାଏ । ମଝିରେ ମଝିରେ ପେଟ ଗର୍ଜନ ବି ଶୁଭୁଥାଏ – ହେଲେ ଦେଖିପାରୁନଥାଏ ହାତୀକି । ଘାସବୁଦାର ଏପଟେ ଉଁକିମାରିବାକୁ ଗଲାଠୁ – ହାତୀ ମୋର ଗନ୍ଧ ପାଇଗଲା । କାହାଳିଲା ଖୁବ୍ ଜୋରରେ; ଆଉ ଦଉଡ଼ି ଆସିଲା ଶୁଣ୍ଢକୁ ଉଚ୍ଚାକରି । ଶୁଣ୍ଢଟାର ଆଗଟା ଘାସ ବାଉଁଶବୁଦା ଉପରକୁ ଦିଶିଲା ମୋଠୁ ଦଶଗଜ ଦୂରରେ – ହେଲେ ଶୁଣ୍ଢକୁ ଗୁଳିକଲେ ଲାଭ କ'ଣ ? ପଛେଇଗଲି ପାଞ୍ଚପାହୁଣ୍ଡଯାକେ – ଖୋଲାଜାଗାକୁ । ସେଇ ମୁଣ୍ଡିଆର ମଥାନ ଦେଇ ଗୋଟିଏ ଶଗଡ଼ଗୁଳା ଥାଏ – ମାଟି ପାହାଡ଼ ତ । ଶଗଡ଼ ଚାଲି ଚାଲି ମାଟି କାଟିଥାଏ ଯେ ଘାସବଣର ମାଟିଠୁ ଦୁଇଫୁଟ ଗାଡ଼ ହୋଇଥାଏ । ହାତୀ ଦଉଡ଼ି ଆସିଲା ତ ସେଇ ଦୁଇଫୁଟ ଗାତଠେଇ ଏଇ ଟିକେନାକୁ ଥମକି ରହିଗଲା – ମୋ ପାଖରୁ ପାଞ୍ଚଗଜ ଦୂରରେ । ମୁଁ ସେତେବେଳକୁ ବନ୍ଧୁକ ମାଛିକି ଅନିସା କରିଥାଏ – ଯେମିତି ହାତୀର ବାଁ କାନମୂଳ ଘାସବଣରୁ ବାହାରିଚି ଢୋ-ଢୋ ଦୁଇଟାଯାକ ଗୁଳି ଫୁଟେଇଦେଲି । ଦନ୍ତାହାତୀ ସେଇଠି ଟଳିପଡ଼ିଲା – ଥୋଡ଼ଟା ତା'ର ଆସି ମୋ ଆଣ୍ଠୁଠେଇ ।

ପ୍ରେମକୁମାର ଧାଇଁ ଧାଇଁ ଆସିଲା – କୁହାଟମାଇଲା ଯେ ବସ୍ତିର ସବୁଲୋକ ଜମାହେଲେ । ଫଣିବାକୁ ବି ଜିପ୍‌ରେ ମୋ ପାଇଁ ଜଳଖିଆ ଚା' ନେଇକି ଆସିଲେ । ପ୍ରେମକୁମାରଠୁ ସବୁ ବୃତ୍ତାନ୍ତ ଶୁଣି ମୋତେ ବହେ ବକ୍ତୃତା ଦେଲେ – ''ଅତ ରିସ୍କ ନେଓ୍ୱା ଉଚିତ ଛିଲ ଆପନାର୍ ?'' ଇତ୍ୟାଦି ଇତ୍ୟାଦି ।

Digitized by srujanika@gmail.com

ଚନ୍ଦକା ଚଡ଼କ

ଭୁବନେଶ୍ୱର-ଖଣ୍ଡଗିରିଠୁ ଆରମ୍ଭକରି ପଶ୍ଚିମକୁ ଡମପଡ଼ା ଯାଏ ଯଉ ବଣଟା ଅଛି, ସେଥିରେ ଢେର୍ ଢେର୍ ଜନ୍ତୁ ଥିଲେ । ବଣଟା ବି ଖୁବ୍ ଘଞ୍ଚ ଥିଲା । ମୁଁ ଯେବେ ପ୍ରଥମ ଶିକାରନିଶାରେ ଘାରିହୁଏ, ସେତେବେଳେ କଟକରୁ ଭୁବନେଶ୍ୱର ଯିବାକୁ ହେଲେ କାଠଯୋଡ଼ି ନଦୀରେ ଖରାଦିନଆ ରାସ୍ତାରେ ଯାଇ ବାରଙ୍ଗ-ଚନ୍ଦକା ବାଟଦେଇ ଖଣ୍ଡଗିରି ପାଖଦେଇ ଭୁବନେଶ୍ୱରକୁ ଯାଉଥିଲି । ବାରଙ୍ଗ ପାଖରୁ ଜଙ୍ଗଲ ଆରମ୍ଭ — ଅନାବନା ଗଛ ଆଉ ଲଟିରେ ବଣଟା ଖୁବ୍ ଘଞ୍ଚହେଇଥାଏ । ସେ ଜଙ୍ଗଲ ପୂର୍ବରେ ଭୁବନେଶ୍ୱର ଆଉ ପଶ୍ଚିମରେ ଡମପଡ଼ା ଯାଏ ଲାଗିଥିଲା । ମିରିଗ, ସମ୍ବର, କୁଟ୍ରା ତ ମେଳା ମେଳା — ବାଘ ବି ଥିଲେ ଅନେକ । ଗୋଟିଏ ସଞ୍ଜରେ ଆମେ ତ ପାଞ୍ଚଥର ବାଘ ହାବୁଡ଼ରେ ପଡ଼ିଥିଲୁ । ମୁଁ, ବଳରାମ ଓ ମଇଉଦ୍ଦିନ ସେଦିନ ଗୋଟେ ଭୋଜିଖାଇବାକୁ ଭୁବନେଶ୍ୱର ଯାଇଥିଲୁ । ଭାଗ୍ୟକୁ ଆମେସବୁ ଗୋଟେ ମଟର ଗାଡ଼ିରେ ଥିଲୁ । ବାଘ ଦେଖିଲୁ ରାସ୍ତା ଉପରେ, ରାସ୍ତାକଡ଼ର ବଣ-ବୁଦାରେ — ଗାଡ଼ି ଭିତରେ ଥିଲୁ ବୋଲି ଡରଲାଗିଲାନି ।

ସେଇ ଜଙ୍ଗଲରେ ବୁଲିବାକୁ ହେଲା କୋଡ଼ିଏବର୍ଷ ପରେ ୧୯୭୦ ସାଲ ଏପ୍ରିଲ ମାସର ପ୍ରଥମ ସପ୍ତାହରେ । ମନ ଭାରୀ ଦୁଃଖ ହେଲା ଦେଖିକି ଯେ ଆମେ ଆମର ଜଙ୍ଗଲ-ସମ୍ପତ୍ତିଟିକୁ ନଷ୍ଟକରିଦେଲୁଣି ଏଇ କେଇବର୍ଷ ଭିତରେ ।

ସତୁରି ସାଲରେ ମୁଁ ଆଉ ମୋର ସାନଭାଇ ଗୁରୁପ୍ରସାଦ ଦିନେ ସନ୍ତୋଷବାବୁଙ୍କ ସାଙ୍ଗରେ ଯାଇଥିଲୁ ଚନ୍ଦକା ଅଞ୍ଚଳର ବଣଟା ଦେଖିବାକୁ । ଗଲା ଦୁଇବର୍ଷ ହେଲା ସେ ଅଞ୍ଚଳରେ ହାତୀ ଉପଦ୍ରବ କାଳେ ଖୁବ୍ ବଢ଼ିଥାଏ । ଯୋଡ଼ିଏ ଦନ୍ତାହାତୀ କାଳେ ଗାଁଗଣ୍ଡାରେ ପଶୁଥାନ୍ତି — ଲୋକବାକ ସଡ଼କରେ ତାଙ୍କ ହାବୁଡ଼ରେ ପଡ଼ି ମରୁଚନ୍ତି । ବଳଦଗାଡ଼ି ବଣରୁ ଫେରୁଥିବାବେଳେ ହାତୀ କାଳେ ତାକୁ ଓଲଟାଇଦଉଥାନ୍ତି । ପୁରୀର ଜିଲ୍ଲାପାଳ ହୁଲିଆ ଜାରି କରିଥାନ୍ତି ଯେ ଦୁଇଟା ଦନ୍ତାହାତୀକି ଯେ ମାରିଦବ ସେ କିଛି କିଛି ଟଙ୍କା ଇନାମ ପାଇବ । ଆଠ ଦଶମାସ କାଳ ସେ ହୁଲିଆ ଜାରିହବା ପରେ ଦିନେ ମୋତେ ଜିଲ୍ଲାପାଳ ଚିଠି ଲେଖିଲେ ଯେ ଚନ୍ଦକା ଅଞ୍ଚଳରେ ଚଡ଼କ ପଡ଼ିଚି — ହାତୀ ଢେର୍ ଲୋକ ମାରିଲାଣି; ଶୀଘ୍ର ଯାଇକି କିଛି ଉପାୟ କରି ସେ ମାରଣା ହାତୀଯୋଡ଼ାକ ମାରିଦବାକୁ । ହୁଲିଆ ଜାରିହବା ପରଠୁ କାଳେ ସାତ ଆଠଜଣ ବାଣୁଆ ଯାଇକି ତାଙ୍କଠୁ ଛାଡ଼ —

Digitized by srujanika@gmail.com

ପରମିଟ୍ ଆଣିଲେଣି; ହେଲେ କେହି ଆଉ ସେ ମାରଣା ହାତୀକି ମାରିପାରିନି । ମୁଁ ତ ଏକଥା ଶୁଣି ନାସ୍ତିକରିଦେଲି ଯେ ଇନାମ ପାଇଁ ମୁଁ ଶିକାର କରିବାକୁ ଯିବିନି । ସେଇଟା ତ ଶିକାରୀ ମହଲରେ ମୋର ବଦ୍‌ନାମ ହବ – ହଁ, ଯଦି ଇନାମ୍ କଥାଟା ଉଠେଇଦିଆଯାଏ ମୁଁ ଯାଇ ଚେଷ୍ଟା କରିବି । ଏଇ କଥାରେ ରାଜିହେଇ ମୁଁ ଛାଡ଼ଟା ଆଣିଥାଏ । ଚନ୍ଦକା ଅଞ୍ଚଳରେ ଯାଇ ଡେରା ପକେଇବା ଆଗରୁ ମୁଁ ଓ ଗୁରୁ ଦୁହେଁ ସନ୍ତୋଷବାବୁଙ୍କ ସାଙ୍ଗରେ ଯାଇଥାଉଁ ସେ ଅଞ୍ଚଳଟା ବୁଲିକି ଦେଖିବାକୁ; ଆଉ କଉଠି ଡେରା କଲେ ସୁବିଧା ହବ ବାଛିବାକୁ । ସନ୍ତୋଷବାବୁଙ୍କର ତ ସେ ବଣଟାଯାକରେ କାଠକଟା କାମ ଲାଗିଥାଏ – ଠାଏ ଠାଏ ଜଙ୍ଗଲ ଭିତରେ ଝାଟିମାଟି ଘର କରି ତାଙ୍କର ଲୋକବାକ ଥା'ନ୍ତି । ସେଇମାନେ ତ ଦିନରାତି ବଣରେ ଆତଯାତ ହେଉଛନ୍ତି । ହାତୀର ଖବର ତାଙ୍କୁ ଭଲରକମ ଜଣାଥିବା କଥା । ଏଇ ଆଶାରେ ଯାଇଥିଲୁ ତ; ହେଲେ ସେମାନଙ୍କୁ ହାତୀକଥା କିଛି ଜଣାନଥିଲା ।

ପ୍ରଥମେ ଯାଇ ଚନ୍ଦକା ରେଞ୍ଜରବାବୁଙ୍କ ଅଫିସରେ ପହଞ୍ଚିଲୁ । କୁଳମଣିବାବୁ ସେଠାର ରେଞ୍ଜର ଥିଲେ । ସେ ତ ମୂଳରୁ ଆକାଶରୁ ପଡ଼ିଲା ପରି ହେଲେ । ତାଙ୍କର କାଗଜପତ୍ରରୁ ସେ କାଳେ ଜାଣିଥିଲେ ଯେ ଦୁଇଟା ହାତୀକୁ 'ମାରଣା' ବୋଲି ହୁଲିଆ ହେଇଥିଲା – ସେ ଅନେକ ଦିନ ଆଗର କଥା । ସେ ହୁଲିଆ ତ ଛଅ ମାସ ପରେ ତମାଦି ହେବ । ମୁଁ ତାଙ୍କୁ ଜିଲ୍ଲାପାଳଙ୍କ ଚିଠିଟି ଦେଖେଇଲି । କୁଳମଣିବାବୁ ସେ ଚିଠି ଓ ଛାଡ଼ର ନକଲ ଗୋଟେ ତାଙ୍କ ବସ୍ତାନିରେ ରଖିଲେ । ତା'ପର ସେଠାର ଥାନାବାବୁଙ୍କୁ ଖବରଦେଲେ । ଥାନାରେ ସେତେବେଳେ ବାହିନିପତିବାବୁ ଥାନ୍ତି । ସେ ସାଙ୍ଗେ ସାଙ୍ଗେ ଆସିଲେ, ତାଙ୍କର ନଥିପତ୍ରରେ ଖବର ଯାହା ଥିଲା କହିଲେ । ହାଲରେ ଅନ୍ଧାରୁଆ ଗାଁଠେଇ ହାତୀ ବାହାରୁଚି କହିଲେ । ସେଇଠି କାଳେ ଗୋଟେ ଲୋକ ଏବେ ଅଳ୍ପ ଦିନ ତଳେ ମରିଚି ।

ଏକଥା ଶୁଣି ଆମେ ସିଧା ଗଲୁ ଅନ୍ଧାରୁଆ ଗାଁଆଡ଼କୁ । କୁଳମଣିବାବୁ ଆମ ସାଙ୍ଗରେ ଜଣେ ଲୋକ ଦେଇଥାନ୍ତି ବାଟ ଦେଖେଇବାକୁ । ଚନ୍ଦକାଠୁ ଖଣ୍ଡଗିରି ସଡ଼କରେ ପାଞ୍ଚ କି ଛଅ କିଲୋମିଟର ବାଟ ଗଲେ ଡାହାଣପଟକୁ ଗୋଟେ କଚା ରାସ୍ତା ଅଛି – ସେଇଟା ସିଧା ଅନ୍ଧାରୁଆ ଗାଁକୁ ଯାଇଚି । ଆମ ଜିପ୍ ଯାଇ ଗାଁମୁଣ୍ଡଠି ହେଲାବେଳକୁ ଦଳେ ପିଲା ମଟରଗାଡ଼ି ପଛରେ ଲାଗିଥାନ୍ତି । ଦଶ ପନ୍ଦରଜଣ ଟୋକା-ବୁଢ଼ା ବି ଆସି ଜମିଗଲେ । ହାତୀ କଥା ପଚାରିବାରେ ସେମାନେ କହିଲେ କିମିତି ସେ ଦନ୍ତା ମାରଣା ହାତୀହଳଟା ତାଙ୍କ ଗାଁରେ ପଶି ଉତ୍ପାତ କରିଛନ୍ତି । ତାଙ୍କ କଥାରୁ ଜଣାଗଲା ଯେ ଗୋଟେ ନୁହେଁ, ଯୋଡ଼ିଏ ହାତୀ ସେ ଅଞ୍ଚଳର ଲୋକଙ୍କୁ ଭାରୀ ହଇରାଣ କରୁଛନ୍ତି ମାସେ ହବ । ଦିନକର ବଡ଼ିଭୋରରୁ ପାଣୁ ମଙ୍ଗରାଜ ତା'ର ଜଣେ ସାଙ୍ଗକୁ ନେଇ ବାହାରିଥାଏ ମଳିପଡ଼ା ଗାଁକୁ । ପାଣୁ ତ ଗରିବ ଲୋକ; ବଣରୁ କାଠ ଆଣି ବିକ୍ରିବଟା କରି ପେଟ ପୋଷେ । ବଣରେ କାଠୁରିଆ ଧନ୍ଦା କରି କରି ତା'ର ତ ଉମରଟା ବିତିଥିଲା – ମଲାବେଳକୁ

Digitized by srujanika@gmail.com

ବଅସ ତିନିକୋଡ଼ି କି ଚାରିକୋଡ଼ି ହବ । ବୟସ ହେଲେ କଣ ହବ, ଖୁବ୍ ଲମ୍ବା ଚଉଡ଼ା ମରଦଟା କିନ୍ତୁ । ବଡ଼ିଭୋରରୁ ସେଦିନ ଗାଁରୁ ବାହାରି, ସେ ଗୋହିର ପାଖରେ ଯୁଠି ପାଣିଟିକେ ଅଛି ସେଇଠି – ବୁଢ଼ା ବସିଲା ଦାନ୍ତ ଘଷିବାକୁ । ଝାଙ୍କୁଲୁ-ଝୁଙ୍କୁଲୁ ଅନ୍ଧାର ଥାଏ ସେତେବେଳେ । ପାଣିକୂଳରେ ବସି ଦାନ୍ତଘଷୁଥାଏ ଆଉ ସାଙ୍ଗକୁ କହୁଥାଏ ସେ ଦିନଟାରେ କଣ ସବୁ କରିବ – କେମିତି ସେପାଖ ଭରତପୁର କୁପ୍‌କୁ ଯାଇ କାଠ ଆଣିବ, ସୁନିଆମା'ଠୁ ଯଉ ଚାଉଳ ଧାର ଆଣିଥିଲା ତାକୁ ଫେରେଇଦବ – ଇମିତି ଇମିତି କେତେ କଥା । ଏତିକିବେଳେ ତ ହାତୀ ଆସି ବୁଢ଼ା ପାଖରେ ଏକଦମ୍ । ତା'ସାଙ୍ଗ ତ ଦେଖିପକେଇକି ଚିରଚିରେଇଉଠିଲା – "ହାଉଲୋ – ମାଇଲା ଲୋ" .... କହି କହି ସେ ପ୍ରାଣବିକଳରେ ଦଉଡ଼ିଲା ଗାଁ ଭିତରକୁ । ବୁଢ଼ା ମଙ୍ଗରାଜ ତା'ର ବିରାଟ ବପୁକୁ ନେଇ ଆଉ ଦୌଡ଼ିପାରିଲାନି – ହାତୀ ଧରିପକେଇକି ପେଣ୍ଡୁପରିକା ଗଡ଼େଇ ଗଡ଼େଇ ବୁଢ଼ାକୁ ଖଣ୍ଡେ ଦୂରକୁ ନେଲା କି – ଆଗ ଗୋଡ଼ ବୁଢ଼ାର ପେଟ ଆଉ ଛାତିରେ ମାଡ଼ିଦେଲା । ପାଣୁ ବୁଢ଼ା କେଁକିନି ଶବ୍ଦକଲା – ତା'ର ଅନ୍ତବୁଳୁଳା ବାହାରିପଡ଼ିଲା । ହାତୀ ତାକୁ ଛାଡ଼ିକି ପାଣିରେ ପଶିଲା, ପାଣି ପିଇଲା – ପେଁକାର ରଡ଼ିକରି ଦୋହଲି ଦୋହଲି ବଣକୁ ଗଲା । ଏଇବାଟେ ଯାଇ ସେ ଭରତପୁର ରିଜର୍ଭରେ ରହିଲା । ହଁ ବାବୁ, ସେ ହାତୀ ବରାବର ଏ ଗାଁପାଖକୁ ଆସୁଚି – ସେଦିନ ପରା ସେ ସାହୁଘର ବାରିରେ ଯଉ ପାଳଗଦା ନାହିଁ, ସେଇଠି ଯାଇ ପାଳବିଡ଼ା ଖାଇଲା । ଆମେ ଯେତେ ପାଟିତୁଣ୍ଡ କଲୁ କଣ ଖାତର କଲା କି ? ପାଳବିଡ଼ା ଖାଇ ଖାଇ ମନବୋଧ ହେଲାରୁ ଦୋହଲି ଦୋହଲି ବଣକୁ ଗଲା ।

ଏତିକିବେଳେ ଦାମା କହିଲା, "ଗୋଟେ ଦନ୍ତା ଟିକେ କୁଜାପରିକା ଚାଲେ – ଆରଟା କିନ୍ତୁ ଖୁବ୍ ବଡ଼ – ଏଡ଼େବଡ଼ ତା'ର ମୁଣ୍ଡଟା ହବ । ଦାନ୍ତ ନା ! ହଁ ବାବୁ, ଏଡ଼େ ଏଡେ ଦାନ୍ତ ।" ହାତ ଲମ୍ବେଇକି ଦାମା ଦେଖେଇଦେଲା ବେଁ ଲମ୍ବ ଦାନ୍ତ ଆଉ କୁଣ୍ଢେମୋଟ ଗୋଟିଏ ଗୋଟିଏ ଦାନ୍ତ । ତା କଥାରୁ ମନେହେଲା ଯେମିତି ହାତୀଦୁଇଟା ଅସୁରହାତୀ ।

ଅନ୍ଧାରୁଆର ଲୋକମାନେ ଆମକୁ ବଡ଼ ଆଦରରେ ଡାକିନେଲେ ଗାଁ ଗୋହିରକୁ । ସେଇଠି ଖଟଖଣ୍ଡେ ଆଣି ବସିବାକୁ କହିଲେ । କଥା ହଉଁ ହଉଁ ମୋ ହାତରୁ ଗୋଟେ କାର୍ଟ୍ରୁସ୍ ଖସିପଡ଼ି ଜିପ୍‌ର ସିଟ୍ ତଳକୁ ଚାଲିଯାଇଥାଏ; ସେଇଟା ଖୋଜିକି ସନ୍ଧିରୁ କାଢ଼ିବାକୁ ସମୟ ଲାଗିଲା । ଖଟରେ ମୁଁ ବସିଥାଏ – ଗାଁର ବାଣୁଆ ଆସିଲେ । ସେ କହିଲେକି ତାଙ୍କ ଦିହଟା ଟିକେ ଭଲଥିଲେ ସେ ମୋତେ ସାଙ୍ଗରେନେଇ ହାତୀକି ଦେଖେଇଥାଆନ୍ତେ । ସେତେବେଳେ ତ ତାଙ୍କୁ ଜ୍ୱର ଖୁବ୍ ଆଉ ଅନ୍ତକୋଷରେ ଭାରୀ ପରାଣ୍ । କହିଲେ – ଗଲା ହପ୍ତାରେ ସେ ଯଉ ରାଜାପୁଅ ଆସିଥିଲେ – ଆଉ ସେ ସ୍କୁଲଘରେ ଦି'ଦିନ ରହିନଥିଲେ – ତାଙ୍କୁ ପରା ସେ ଏକଦମ୍ ହାତୀର ସାମନାସାମନି କରିଦେଇଥିଲା – ହେଲେ ସେ ମାରିପାରିଲେ କୁଉଠି ? ସେ ଆମକୁ ନିମତା କଲେ ଆଉ ଦିନାକେତେ ଛାଡ଼ିକି ଆସିଲେ – ତାଙ୍କର ଜ୍ୱରଟା ଟିକେ କମିଲେ ସେ ଆମକୁ

Digitized by srujanika@gmail.com

ନେଇଯିବେ ସାଙ୍ଗରେ ହାତୀ ରହିବା ଜାଗାକୁ । ଆମର ରହିବାର ସବୁ ବନ୍ଦୋବସ୍ତ କରିଦେଲେ ଗାଁ ସ୍କୁଲଘରେ – ନହେଲେ ଭାଗବତ ଘରେ ରହିଯିବେ । ଆଉରି ବି କହିଲେ ଯେ, ହାତୀ ତ ବର୍ତ୍ତମାନ ଯାଇ ଧୋବାବନ୍ଧ ଆଡ଼େ ଅଛି – ଦି'ଦିନ ହବ ଖବର ପାଇଥିଲେ ଯେ ହାତୀ କାଲେ ଚୁଡ଼ଙ୍ଗ ଆଡ଼େ ବାହାରିଥିଲା । ସେ ଯଉଠି ଥାଉ, ଦିହଟା ଟିକେ ଭଲଥିଲେ ଏଇକ୍ଷଣି ଯାଇ ତାକୁ ବାହାରକରନ୍ତେନିକି ! ଦାମା, ରାମା, ଶାମା ସବୁ ତାଙ୍କ କଥାରେ ମୁଣ୍ଡ ଟୁଙ୍ଗାରୁଥାନ୍ତି । ହେଲେ ଆମର ତ ଭାଗ୍ୟ ଖରାପ, ଆମ୍ଭୁକୁ ଜଣେ ଇମିତି ପାରିବାର ବାହାଦୂର ଶିକାରୀର ସାହାଯ୍ୟ ମିଳିଲାନି ସେତେବେଳେ ! ଅଲକ୍ଷଣା ଜରଟା ତ ଲାଗିରହିଚି !

ଆମେ ମନମାରିକି ଆସିଲୁ – ଆସିଲାବେଳେ ମୁଁ କହିଆସିଲି ଯେ ଦିନାକେତେ ପରେ ମୁଁ ଫେରିବି ସେ ଗାଁକୁ; ହାତୀ ମାରିବାକୁ ଚେଷ୍ଟାକରିବି । ଚନ୍ଦକାରେ ରେଞ୍ଜର୍‌ବାବୁ କହିଲେ ଦାଳୁଆ ଗାଁକୁ ଯିବାକୁ । ସେଠି ଜଣେ ଖୁବ୍ ପାରଙ୍ଗମ ଲୋକ ଅଛି; ତା'ରିଠୁଁ ସବୁ ଖବର ମିଳିବ । ସେ ମନକଲେ ନେଇକି ଆମକୁ ହାତୀ ପାଖରେ ପହୁଞ୍ଚେଇ ଦେଇପାରିବ । ରେଞ୍ଜର୍‌ବାବୁଙ୍କୁ ସାଙ୍ଗରେ ଧରି ଗଲୁ ଖୋର୍ଦ୍ଧା ସଡ଼କରେ ପ୍ରାୟ ପାଞ୍ଚ କିଲୋମିଟର । ସେଇଠି ଡାହାଣ କରକୁ ଗୋଟେ ଜଙ୍ଗଲ ବିଭାଗର ସଡ଼କ – ବଣ ଭିତରକୁ ପଶିଚି । ପାଖରେ ଗୋଟେ ସ୍କୁଲଘର – ଟିକେ ଭିତରକୁ ଗାଁଟା – ପଚାଶଟା ଖଣ୍ଡେ କୁଡ଼ିଆଘର । ସଡ଼କ କଡ଼ର ବରଗଛମୂଳେ ଜିପ୍ ରଖିଲାକ୍ଷଣି ପିଲା ବୁଢ଼ାକି ପନ୍ଦର କୋଡ଼ିଏ ଲୋକ ଜମିଗଲେ ଆମ ଚାରିପାଖରେ । ରେଞ୍ଜର୍‌ବାବୁଙ୍କର ଲୋକ ନଟବର ଜଟର ଆଉ ଦେଖାମିଳିଲାନି । ଲୋକେ କେହିଲେ ଯେ ସେ ତ ଚନ୍ଦକା ବଜାରକୁ ଯାଇଥିବ ଦୁଧ ବିକି – ଏଇ ସାଙ୍ଗେ ସାଙ୍ଗେ ଆସିବନିକି ।

ନଟବର ଜଟର ବାଟ ଚାହିଁକି ଆମେ ବସିଲୁ ସେଇଠି ଅଧଘଣ୍ଟେ । ସେଇ ସମୟଟା ବିତିଲା ଗାଁବାଲାଙ୍କଠୁଁ ଶିକାର କାହାଣୀ ଶୁଣିବାରେ । କିମିତି ଦିନେ ଡଡ୍‌ସୱାର୍ଥ ସାହେବ ସେ ଖୋର୍ଦ୍ଧାର ଫରେଷ୍ଟ ଅଫିସର୍ ଥିଲେ – ଆଉ ରାଇଟ୍ ନେଭିଲ୍ ସାହେବ – ସେ ଓଡ଼ିଶାର ଆଇ.ଜି. ସାହେବ – ଦୁହେଁ ସାଙ୍ଗହେଇ ଏମିତି ଗୋଟିଏ ମାରଣା ଦନ୍ତା ହାତୀ ମାରିବାକୁ ଆସିଥିଲେ । ସେ ଅନେକ ଦିନ୍ ଆଗ କଥା । ଏଇ ଦାଳୁଆ ଗାଁମୁଣ୍ଡରେ ହାତୀ କିମିତି ତାଙ୍କୁ ତଡ଼ିଥିଲା – ସାହେବମାନେ ଏଇ ବରଗଛମୂଳରୁ ଗୁଳି କରିଥିଲେ – ଦିଆଲି ରାତିରେ ବାଣ ଫୁଟିଲାପରିକା ବନ୍ଧୁକ ଫୁଟିଲା ଆଉ ହାତୀ କିମିତି ଗଁ-ଗଁ କଲା .... ଇତ୍ୟାଦି ।

ଏଇମିତି କଥାବାର୍ତ୍ତା ହେଉଥାଉଁ ନଟବର ଜଟ ଆସି ଆମ୍ଭୁକୁ, ରେଞ୍ଜର୍‌ବାବାଙ୍କୁ ସଙ୍ଖୁଳିଲା । ହାତୀର ସନ୍ଧାନରେ ଆମେ ଆସିଚୁ ଶୁଣି ଖୁବ୍ ଖୁସିହେଲା । କହିଲା ଯେ ଡେରି ହେଇଗଲା ଢେର୍ – ହାତୀ ତ ସେପାଖ ବଣରେ ଆଉ ରହୁନାହିଁ, ଚୁଡ଼ଙ୍ଗଆଡ଼େ କି ଡମପଡ଼ାଆଡ଼େ ଯାଇଥିବ । ହେଲେ ସେ ତ ଶିକାରୀମାନଙ୍କୁ 'ବୋରାବୋରି' ହାତୀ ପାଖକୁ ନେଇଯାଇପାରିବ । ନଟବର ଜଟର କଥା କହିବାର ଭଙ୍ଗି ଭାରୀ ବଢ଼ିଆ । ପ୍ରତି

Digitized by srujanika@gmail.com

କଥାରେ 'ବୋରାବୋରି' ଦୁଇ ଚାରିଥର କହେ । ଲୋକଟା ଦେଖିବାକୁ ବେଶ୍ ଲମ୍ବା; ଦେହ ପାତଳ ହେଲେ ବି ବେଶ୍ ଟାଗଡ଼ା, ହାତ ଆଉ ପାଦ ସାଧାରଣଠୁ ବଡ଼ । ଆମକୁ ହାତୀ ବିଷୟରେ ଢେର୍ କଥା କହିଲା । ମାସକ ଆଗରୁ କିମିତି ସେ ହାତୀ ତାଙ୍କ ଗାଁ ପାଖକୁ ଆସିଥିଲା – କିମିତି ବୋରାବୋରି ହରିଆକୁ ଥୋଡ଼ରେ ଧରି ଫୋପାଡ଼ିଥିଲା – ସବୁ କହିଗଲା । ହାତ ହଲେଇ, ଭଙ୍ଗିକରି ଦେଖାଇଦେଲା ସବୁ । ତା'ସାଙ୍ଗରେ ଠିକ୍ କଲୁ ଯେ ଆର ହପ୍ତାକୁ ଆସି ଆମେ ସେଇଠି ଡେରା କରିବୁ; ଆଉ ସେ ଆମକୁ ହାତୀ ଦେଖେଇବ ।

ଚନ୍ଦକାକୁ ଫେରି ରେଞ୍ଜର୍‌ବାବୁଙ୍କ ଘର ବାରନ୍ଦାରେ ବସି ବିଚାରକଲୁ କଣ କରାଯିବ । ଗାଁଗଣ୍ଡାର ଲୋକ ତ ନାନା କଥା କହୁଛନ୍ତି । କିଏ କହୁଚି ହାତୀ ଭରତପୁର କୁପ୍‌ରେ, କିଏ କହୁଚି ଚୁଡ଼ଙ୍ଗ ବଣରେ, ଆଉ କିଏ କହୁଚି ଧୋବାବନ୍ଧ ବଣରେ – କାହା କଥା ବିଶ୍ୱାସ କରିବ ? କୁଳମଣିବାବୁଙ୍କ ଘରର ଚା' ଆଉ ଅଣ୍ଡାସିଝା ଖାଉ ଖାଉ ଠିକ୍‌କଲୁ ଯେ ଆସନ୍ତା ଦି'ଦିନ ଭିତରେ ରେଞ୍ଜର୍‌ବାବୁ ତାଙ୍କର ଗାର୍ଡ଼ମାନଙ୍କୁ ପଠେଇବେ ଡମପଡ଼ାଠୁ ଆରମ୍ଭ କରି ଏପଟେ ଭୁବନେଶ୍ୱର ପଟିଆ ପର୍ଯ୍ୟନ୍ତ । ସେଇମାନେ ବଣ ଭିତରର ସବୁ ପାଣିଖନ୍ଦା ବି ତନଖି କରି ଦେଖିବେ ହାତୀ କଉଠି ପାଣି ପିଉଚି । ଦି'ଦିନ ପରେ ଆମେ ଆସି ଚନ୍ଦକା ବଙ୍ଗଳାରେ କି ନନ୍ଦନକାନନର ବଙ୍ଗଳାରେ ଡେରାକରିବୁ । ସେଇଠୁ ହାତୀ ଖୋଜିବୁ ରେଞ୍ଜର୍‌ବାବୁଙ୍କ ଲୋକ ସାଥିରେ ।

ସବୁକଥା ଯୋଗାଡ଼ଯନ୍ତ କରିବାକୁ ମୋତେ ହପ୍ତାଟେ ଲାଗିଗଲା । ନନ୍ଦନକାନନର ଅଫିସରଙ୍କଠୁ ହୁକୁମନାମା ନେଲି ଯେ ସେଠାର ବଙ୍ଗଳାରେ ରହିବି ବୋଲି । ମୋର .୪୭୦ ଦି'ନଳିଆ ରାଇଫଲ୍ ପାଇଁ ନୂଆ କାର୍ତ୍ତୁସ୍; ଗୁରୁ ପାଇଁ ଆଉ ଗୋଟେ .୪୭୦ ଦି'ନଳିଆ ରାଇଫଲ୍ । ସପ୍ତାହେଖଣ୍ଡେ ବଣରେ ରହିବାକୁ ହେଲେ ରସଦହେରିକା ସବୁ ସାଙ୍ଗରେ ଧରିବାକୁ ହେଲା । ଅଟା, ଘିଅ, ଆଳୁ, ପୋଟଳ, ଅଣ୍ଡା, ଟିଣଦୁଧ, ଚା, ଲୁଣ, ଲେମ୍ବୁହେରିକା ସବୁ ତ ସାଙ୍ଗରେ ନେଇଯିବାକୁ ହବ । ରନ୍ଧାରନ୍ଧି ଆଉ ଶିବିରକାମ ପାଇଁ ଶ୍ୟାମକୁ ସାଙ୍ଗରେ ନେଇ ଏପ୍ରିଲ୍ ପହିଲା ଦିନ ଉପରଓଳି ବାହାରିଲୁ କଟକରୁ ଭୁବନେଶ୍ୱର-ଖଣ୍ଡଗିରି ଦେଇ । ଚନ୍ଦକା-ରେଞ୍ଜର୍‌ବାବୁଙ୍କ ପାଖରେ ପହଞ୍ଚିବାକୁ ସଞ୍ଜ ପାଞ୍ଚଟା ହେଲା । କୁଳମଣିବାବୁ ଘରେ ନଥିଲେ; ଖୋର୍ଦ୍ଧା ଡି.ଏଫ୍.ଓ.ଙ୍କ ପାଖକୁ ଯାଇଥିଲେ, ସେଇ ସଞ୍ଜକୁ ଫେରିବେ ବୋଲି କହିଯାଇଥାନ୍ତି । ଆମେ ଯାଇ ନନ୍ଦନକାନନ ବଙ୍ଗଳାଠେଇଁ ପହଞ୍ଚି ଦେଖୁ ଯେ ବଙ୍ଗଳାରେ ରହିବା ଅପେକ୍ଷା ତାଙ୍କର ଯଉ ବାଟୋଇଘର – ଟ୍ରାଭଲର୍‌ସ ଲଜ୍ ସବୁ ଅଛି ସେଇଠି ରହିବା ବେଶି ସୁବିଧା । ସେଠି ରନ୍ଧାବଢ଼ା ପାଇଁ ବିଜୁଳି ଚୁଲି ଅଛି, ଆଉ ଘରଗୁଡ଼ାକ ବଣବୁଦା ଭିତରେ । ଭାରୀ ଭଲ ଲାଗିଲା ସେ ଜାଗା । ଶାମ ଚା କପେ ଆଉ ଦୁଧ କପେ କରିଦେଲା । ଆମେ ସେତକ ଆଉ କିଛି ବିସ୍କୁଟ ଖାଇ ଫେର୍ ଗାଡ଼ିଧରି ବାହାରିଲୁ ଚନ୍ଦକା କୁଳମଣିବାବୁଙ୍କୁ ଭେଟିବାକୁ । ସାଙ୍ଗରେ ନନ୍ଦନକାନନର ଜଣେ ଗାର୍ଡ଼କୁ ନେଲୁ ସଡ଼କ

Digitized by srujanika@gmail.com

ପାଖର ଗେଟ୍‌ର ଚାବି ଖୋଲିବାକୁ ।

କୁଳମଣିବାବୁ ଖୋର୍ଦ୍ଧାରୁ ଫେରିଥାନ୍ତି । ସେ ଖବରଦେଲେ ଯେ ଧୋବାବନ୍ଧ ପାଖରେ ଘୁଷୁରିଆପଦାରେ ଯଉ ଚଟିଘର ଅଛି ତା'ରି ପାଖେଆଖେ ହାତୀମାନେ ରହୁଛନ୍ତି । ଘୁଷୁରିଆପଦା ପାଖଦେଇ ଯଉ ନାଳଟା ଚନ୍ଦକାଆଡ଼େ ବହୁଚି, ସେଥିରେ ଠାଏ ଠାଏ ପାଣି ଅଛି ଯେ ସେଇଠି ହାତୀ ରାତିରେ ପାଣି ପିଏ । କାଲି ବଡ଼ିଭୋରରୁ ଆମେ ରେଞ୍ଜ ଅଫିସ୍‌କୁ ଆସିଲେ ସେଇଠି ଗାଡ଼ି ରଖିଦେଇ ଚାଲି ଚାଲି ଯିବୁ ଘୁଷୁରିଆପଦା । ସେଇଠୁ ହାତୀର ମଡ଼ା ପାଦଚିହ୍ନ ଦେଖି ଦେଖି ବଣକୁ ପଶିବା । ଚନ୍ଦକାଠୁ ଘୁଷୁରିଆପଦା ପ୍ରାୟ ଆଠ କିଲୋମିଟର – ଜିପ୍ ଯିବା ପାଇଁ ଶଗଡ଼ଗୁଳା ଅଛି । ଯଦି ଜଙ୍ଗଲ କଣ୍ଟ୍ରାକ୍ଟର କେହି ସକାଳୁ ସେଆଡ଼େ ଯାଆନ୍ତି ତ ଆମକୁ ସେତକ ବାଟ ଜିପ୍‌ରେ ନେଇଗଲେ ଭଲହୁଅନ୍ତା । କୁଳମଣିବାବୁ କହିଲେ ଯେ ଜଙ୍ଗଲ କର୍ପୋରେସନ୍‌ର ତ କାମ ଲାଗିଚି – ତାଙ୍କରି ଜିପ୍ ଖୁବ୍ ଦୌଡ଼ୁଚି ବଣରେ । ସେମାନେ କେହି ଆସିଲେ ତାକୁ ରେଞ୍ଜର୍‌ବାବୁ ଅଟକେଇବେ ଆମେ ଆସିବାଯାକେ । ଏତକ ଠିକ୍ ହେଲା – ଆମେ ଫେରିଲୁ ଡେରାକୁ । ସଅଳ ଖାଇପିଇ ଶୋଇପଡ଼ିଲୁ ।

ବଡ଼ିଭୋରରୁ ଉଠି ଦାନ୍ତପତ୍ର ଘଷି ଦୁଇଟା ଲେଖେଁ ସିଝାଅଣ୍ଡା ଆଉ ଚା-ବିସ୍କୁଟ୍ ଖାଇ ବାହାରିପଡ଼ିଲୁ । ଛଅଟା ବାଜୁ ବାଜୁ ଆମେ ଯାଇ ରେଞ୍ଜର୍‌ବାବୁଙ୍କ ପାଖରେ ପହଞ୍ଚିଗଲୁ । ରେଞ୍ଜର୍‌ବାବୁ ଚନ୍ଦକା ଗାଁର ଜଗନ୍ନାଥ ବେହେରା, ଲୋକନାଥ ବେହେରା ଆଉ ଧ୍ରୁବ ନାୟକଙ୍କୁ ଡକାଇଲେ । ସେଇମାନେ ମୋତେ ବାଟ କଢ଼େଇନେବେ ହାତୀର ଖୋଜ ଦେଖି ଦେଖି । ସେତେବେଳକୁ କର୍‌ପୋରେସନ୍‌ର ଜିପ୍ ଗୋଟେ ବି ଆସିଥାଏ ଧୋବାବନ୍ଧ ବାଟେ ବାଆଁରା ପର୍ଯ୍ୟନ୍ତ ଯିବାକୁ । କୁହାପୋଛା କଲାରୁ ତାଙ୍କ ଅଫିସର୍ ଆମକୁ ଘୁଷୁରିଆପଦା ଚଟିଘରକୁ ନେଇଯିବେ ବୋଲି ରାଜିହେଲେ । ଜିପ୍ ଚନ୍ଦକା ଗାଁର ଗୋହିରି ଦେଇ ଗଲାବେଳେ ଆଉ ଦୁଇ ଚାରିଜଣ ଟୋକା ଚଢ଼ିଲେ ଆମ ସାଙ୍ଗରେ ବଣ ବୁଲିବାକୁ । ଗାଁ ପାରହେଲେ ଗୋଟେ ଆମ୍ବତୋଟା । ସେ ତୋଟାରେ ଗୋଟେ କଣ କୀର୍ତ୍ତନ ଯୋଗାଡ଼ ଚାଲିଥାଏ – ଗୋଟେ ମଠ ଅଛି ନା କଣ ପାଖରେ । ଆମ୍ବତୋଟା ପାରିହେଲେ ବାଉଁଶବଣ । ସେବର୍ଷ ବାଉଁଶଗଛ ସବୁ ନଣ୍ଡା – ଫୁଲ ଧରିଥାଏ ଧାନ ହବ ବୋଲି । ଏମିତି ବାର ତେରବର୍ଷରେ ଥରେ ଫୁଲ ହୁଏ, ଧାନ ହୁଏ; ତା'ପରେ ବାଉଁଶଗଛ ମରିଯାଏ । ଆମେ ଦେଖିଲୁ ଗଛସବୁ ଶୁଖିଆସିଲାଣି – କଉ ଗଛରେ ଧାନ ହେଇସାରିଲାଣି ତ କଉ ଗଛରୁ ଧାନ ପଡ଼ିଲାଣି ଯେ ଗାଁ ମାଇପେ ପିଲାଏ ଧାନ ଠୁଳକରୁଥାନ୍ତି ପହଁରା ଧରି ।

କୌଣସି ବାଉଁଶଗଛରେ ପତର ନଥାଏ । ଭାବିଲି ହାତୀ ତା'ହେଲେ କଣ ଖାଉଥିବେ ? ରେଞ୍ଜର୍‌ବାବୁ କହିଲେ, ବଣଟାରେ ତ ଢେର୍ ଗଛପତର ଥିଲା ପୂର୍ବରେ – ଏବେ ଅନାବନା ଗଛସବୁ କାଟିଦେଇ ସାଗୁଆନ ଲଗାଯାଉଚି । ସାଗୁଆନ ପତର ତ କୌଣସି ଜନ୍ତୁ ଖାଆନ୍ତିନି, ସେଇଯୋଗୁ ହାତୀ ଏବେ ଗାଁଗଣ୍ଡାକୁ ଯାଇ ଖେତରୁ ଧାନ

Digitized by srujanika@gmail.com

ଆଉ ଘର ଖଳାରୁ କଳେଇବିଡ଼ା ଖାଉଚନ୍ତି – ପାଖରେ ମଣିଷ ପାଇଲେ ମାଡ଼ିଦଉଚନ୍ତି । ରେଞ୍ଜର୍‌ବାବୁଙ୍କର କଥା ଶୁଣିକି ମୋର ତ ହାତୀଟା ପାଇଁ ଖୁବ୍ ଦୟା ହେଲା । ପେଟବିକଳରେ ସିନା ଗାଁଗଣ୍ଡାର ଖେତ-ବାରିକି ହାତୀ ଯାଇଥିଲା ! ଖେତରେ ଧାନ ଖାଇଲା ବୋଲି, କି ଖଳାରୁ ପାଳବିଡ଼ା ଖାଇଲା ବୋଲି ରାଗରେ ମଣିଷ ଖୁନ୍ଦା ବନ୍ଧୁକରୁ କି ନଳିରୁ ଗୁଳି ଫୁଟେଇଲେ । ସେ ଗୁଳିସବୁ ହାତୀର ମୋଟା ଚମଡ଼ା ଭେଦକରି ବେଶି ବାଟ ନପଶି ଚମଡ଼ା ତଳକୁ ରହିଲା । ଘା ... ହେଇ ପରାଣ୍ ହେଲା ଯେ ହାତୀ ବାୟାପରି ହେଲା – ଯାହାକୁ ପାଇଲା ପାଖରେ ମାଇଲା । ହାତୀର ଦୋଷ ତ କିଛି ନାହିଁ !! ହେଲେ ଆମର ସମାଜର ରୀତି ହେଲା ଯେ ଯଦି କୌଣସି ଜନ୍ତୁ ମଣିଷ ଜୀବନ ନଷ୍ଟକରେ ସେ ଜନ୍ତୁକୁ ବିନାଶ କରିବାକୁ ହବ ।

ଚନ୍ଦକା ଅଞ୍ଚଳର ବଣଟା ଆକାରରେ ଛୋଟ । ସେଠି ବେଶି ହାତୀ ରହିପାରିବା ଭଳି ଗଛପତ୍ର ନାହିଁ । ଗୋଟିଏ ହାତୀ ପରା ଦିନକୁ ଦୁଇ ମହଣ ପତ୍ର ଖାଇବ । ହାତୀର ବଂଶ କିଛି କମେଇବା ଦରକାର । ଆଗକାଳରେ ରାଜାମହାରାଜାମାନେ ଖେଦାରେ ହାତୀ ଧରୁଥିଲେ । ସେ ହାତୀ ନିଜେ ନିଜେ ରଖୁଥିଲେ; ହାଟବାଟରେ ବିକୁଥିଲେ ବି । ଏବେ ତ ଆଉ ହାତୀ ବିକ୍ରି ହଉନାହାନ୍ତି କି ଖେଦାରେ ହାତୀ ଧରିବାକୁ କେହି ମନ କରୁନାହାନ୍ତି । ଏଇ କେଇ ବର୍ଷ ଆଗରୁ ମହୀଶୂର ସରକାର ଖେଦାକରି ସତୁରି ଘର ହାତୀ ଧରିଥିଲେ । ଖେଦା ଦେଖିବାପାଇଁ ଟିକଟ କରିଥିଲେ – ପ୍ରତି ଟିକଟ ପାଞ୍ଚଶ ଟଙ୍କା କରି । ଲକ୍ଷ ଲକ୍ଷ ଟଙ୍କା ପାଇଥିଲେ ଖର୍ଚ୍ଚବାର୍ଚ୍ଚ ବାଦେ । ଯଉ ହାତୀସବୁ ଖଦାରେ ପଡ଼ିଥିଲେ ସେମାନଙ୍କୁ ସବୁ ବିକିବାକୁ ବସିଲେ । ବଡ଼ ବଡ଼ ହାତୀଙ୍କି କାଠ କଣ୍ଟ୍ରାକ୍ଟର ନିଅନ୍ତି ଜଙ୍ଗଲରେ କାଠ ଟଣାଟଣି ପାଇଁ । ଏବେ ତ ମିସିନ୍ ହେଲାଣି – ଅଳ୍ପ ଖର୍ଚ୍ଚରେ କାଠ ଆସିପାରିବ – ହାତୀକୁ କିଏ ପୋଷେ ? ଛୋଟ ଛୋଟ ହାତୀଙ୍କି ସର୍କସବାଲାଏ ଆଉ ଚିଡ଼ିଆଖାନାମାନେ କିଣନ୍ତି । ଶୁଣିଲି ଯେ ମହୀଶୂରର ହାତୀମାନେ ବିକ୍ରି ହୋଇପାରିଲେନାହିଁ । ସରକାର ବର୍ଷେ ଦିବର୍ଷ ତାଙ୍କର ଖାଇବା ଯୋଗାଇବାକୁ ଯାଇ ସବୁ ଲାଭତକ ଖର୍ଚ୍ଚକରିଦେଲେ; ଫେର୍ ହାତୀଙ୍କୁ ନେଇ ବଣରେ ଛାଡ଼ିଦେଲେ । ଏଇ କଥା ଦେଖିଶୁଣି କିଏ ଆଉ ହାତୀଧରାରେ ମନ ବଳେଇବ ?

ଏଇରକମ ଭାବୁ ଭାବୁ ଆସି ଘୁଷୁରିଆପଦାଠି ପହଞ୍ଚିଗଲୁ । ସେଠି ଝାଟିମାଟିର ଚାରିପାଞ୍ଚ ବଖରାର ଘରଟିଏ ହେଇଚି । ଦୁଇ ଚାରିଜଣ ବନବିଭାଗର ଗାର୍ଡ଼ ରହନ୍ତି । ସେ ଅଞ୍ଚଳରେ କାଳେ କାଠ ଚୋରି ଖୁବ୍ ହୁଏ – ସେଇ ଚୋରି ରୋକିବାକୁ ଏଇ ବସାଘରଟା ହେଇଚି । ତାଙ୍କ ପାଇଁ କୂଅଟିଏ ନାହିଁ । ସେମାନେ ପାଖ ନାଳରୁ ପାଣି ଆଣନ୍ତି ଯେ ହାତୀ ରୋଜ ତାଙ୍କର ବାଲିଚୁଆଗୁଡ଼ାକ ଭାଙ୍ଗିଦଉଥାଏ । ସେଇ ପାଖେଆଖେ କାଳେ ଢେର୍ ହାତୀ ରହନ୍ତି । ସେଇଠି ଜିପ୍‌ରୁ ଓହ୍ଲେଇକି ଗଲୁ ବଣ ଭିତରର ନାଳକୁ ଯଉଠି ହାତୀ ପାଣି ପିଇଥିବ । ନାଳଟା ତ ଶୁଖିଯାଇଥାଏ – ଠାଏ ଠାଏ ଟିକେ ଟିକେ ପାଣି ଥାଏ । ପ୍ରାୟ ଦୁଇ କିଲୋମିଟର ତଳକୁ ଗୋଟିଏ ଗଣ୍ଡଭଳିଆ

Digitized by srujanika@gmail.com

ଅଛି ଯେ ସେଠି ଆଣ୍ଠୁଏ କି ଅଣ୍ଟାଏ ପାଣି ଅଛି । ସେଠିକି ଯାଇ ଦେଖୁ ତ ହାତୀର ଖୋଜ ଢେର୍ । ଛୋଟ ବଡ଼ ହେଇକି ପ୍ରାୟ ପନ୍ଦର କି କୋଡ଼ିଏଟି ହାତୀ ପାଣିକି ଆସିଥିଲେ । ସେ ଭିତରେ ଆମର ମାରଣା ଦନ୍ତାଟା ନାହିଁ ଜଣାଗଲା । ମାରଣା ହାତୀର ପାହୁଲ ଗୋଟିଏ ଗୋଟିଏ ଚଲାପରିକା ବଡ଼ ବଡ଼ କାଳେ । ସେଇ ନାଳର ବାଲି ପାଖରେ ଦେଖି ଦେଖି ଫେର୍ ଦୁଇ କିଲୋମିଟର ଗଲୁ । ଆଉ ଗୋଟେ ଖୋଲ ପରି ଜାଗା – ପାଣି ମୁନ୍ଦେ ବେଶିକି ଅଛି । ସେଇଠି ଦେଖିଲୁ ଗୋଟିଏ ଦନ୍ତାହାତୀର ଖୋଜ ପଡ଼ିଚି । ସତରେ ସେ ଖୋଜଗୁଡ଼ାକ ଖୁବ୍ ବଡ଼ ବଡ଼ । ହାତୀର ଖୋଜରୁ ମାପିକି ଦେଖିଲି ଯେ ହାତୀଟାର ଉଚ୍ଚତା ପ୍ରାୟ ଦଶଫୁଟ ଯାଏ ହବ । ସେଇ ମଡ଼ା ଦେଖି ଦେଖି ଗଲୁ – ଚାଲିଚୁ ତ ଚାଲିଚୁ – ଏପାଖ ବଣରୁ ସେପାଖ କୁପ୍ । ଫେର୍ ନାଳ ପାରହୋଇ ସେପାଖର ମୁଣ୍ଡିଆ – ଏମିତି ଘୂରିଲୁ ଦିନଟା ସାରା । ଖିଆ ନାହିଁ କି ପିଆ ନାହିଁ । ପାଖରେ ବୋତଲେଲେଖେ ପାଣି ଧରିଥିଲୁ; ସବୁ ଶେଷହେଲା । ବେଳବୁଡ଼ ହେଲାବେଳକୁ ଆଉ ପାଦ ଉଠିଲାନି । ସେଇଠୁ ଫେରିଲୁ ଚନ୍ଦକା – ଚନ୍ଦକାରୁ ଗାଡ଼ିନେଇ ନନ୍ଦନକାନନ ପହଞ୍ଚୁ ପହଞ୍ଚୁ ସଞ୍ଜ ହେଲା ।

ଗୋଡ଼ ହାତ ଦେହ ତ ପରାଶ ହୋଇଥାଏ ଖୁବ୍ । ଦିନଟାଯାକ ଓଜନିଆ ଦି'ନଳିଆ ରାଇଫଲ୍ କାନ୍ଧରେ ପକାଇ ହାତୀମଡ଼ା ଦେଖି ଦେଖି ବୁଲିଚୁ । ସକାଳୁ ଯାହା ଦିଖଣ୍ଡ ବିସ୍କୁଟ୍ ଆଉ ଦି'ଟା ସିଝାଅଣ୍ଡା – ଦିନ ସାରାରେ ବୋତଲେ ପାଣି । ପେଟ ଯାଇ ପିଠିରେ ଲାଗିଥାଏ ଆଉ ଜିଭଟାମାନ କୁକୁର-ଜିଭ ପରିକା ପାଟି ବାହାରକୁ ବାହାରିଥାଏ ଚନ୍ଦକାରେ ପହଞ୍ଚିଲାବେଳକୁ । ରେଞ୍ଜର୍‌ବାବୁଙ୍କ ଘରୁ ଡାଳେଲେଖେ ପାଣି ପିଇଲୁ, ତା'ପର ଯାଇ ବଳ ହେଲା ଗାଡ଼ି ଚଳେଇ ଡେରାକୁ ଯିବାକୁ ।

ଗରମ ପାଣିରେ ଲୁଣଟିକେ ପକେଇ ସେଇ ପାଣିରେ ଗୋଡ଼ ବୁଡ଼େଇ କିଛି ସମୟ ରଖିବାରେ ଯାଇ ଗୋଡ଼ର ପାଦର ପରାଶ୍ କମିଲା । ସଅଳ ଖିଆପିଆ ସାରି ଶୋଇବାକୁ ଯାଉଚୁ – ଗୁରୁପ୍ରସାଦ ବାହାରୁ ମୋତେ ଡାକିଲା । ସେଇ ଚଟିଘରଟା ତ ବଣଭିତରେ – ଚୁଡ଼ଙ୍ଗ ହ୍ରଦ କୂଳରେ ଏକଦମ୍ – ଘରୁ ପଦାକୁ ଆସି ଟର୍ଚ୍ଚ ପକେଇଲାରୁ ଦେଖେ ଯେ କୋଡ଼ିଏ କି ପଚିଶ ମିରିଗ ହ୍ରଦକୂଳରେ ଚରୁଛନ୍ତି । ଅଧଘଣ୍ଟେ ଖଣ୍ଟେ ବସିକି ଦେଖିଲୁ – ନିଦରେ ଆଖିପତା ଯେତେବେଳେ ଓଜନିଆ ହେଲା ଯାଇକି ଶୋଇପଡ଼ିଲୁ ।

ତା'ପର ଦିନ ସକାଳଟା ଖୁବ୍ ଥଣ୍ଡାହୋଇଥାଏ । ରାତିରେ ଝଡ଼ ହେଇଥାଏ ଆଉ ଖୁବ୍ ଅସରାଏ ବର୍ଷା ବି ହୋଇଥାଏ । ଇମିତିକା ପାଗରେ ବେଶି ବାଟ ଚାଲିବାକୁ କମ୍ କଷ୍ଟ ହୁଏ । ପୂର୍ବଦିନ ପରି ବେଳାବେଳି ଚା'ଜଳଖିଆ ଖାଇ ଚନ୍ଦକାରେ ରେଞ୍ଜର୍‌ବାବୁଙ୍କ ପାଖରେ ପହଞ୍ଚିଗଲୁ । ସେଦିନ ବି କର୍ପୋରେସନ୍ ଜିପ୍ ଖଣ୍ଡେଦୂର ଆମକୁ ନେଇଯିବାକୁ ରାଜିହେଇଥାଏ । ତାଙ୍କ ଅଫିସର୍ ବି ଏଇ ଶିକାରରେ ଖୁବ୍ ଆଗ୍ରହ ଦେଖେଇଥିଲେ । ହାତୀ ଯୋଗୁ ତାଙ୍କର କାମରେ ବି ବାଧା ହଉଥାଏ ପରା । ସେଦିନ ଚନ୍ଦକା ଗାଁଯାକ ଆସିଥାନ୍ତି ଆମକୁ ସାହାଯ୍ୟ କରିବାକୁ । ଥାନାବାବୁ, ବାହିନୀପତି, ରେଞ୍ଜର୍‌ବାବୁ

Digitized by srujanika@gmail.com

ଆଦି ସମସ୍ତେ ବାହାରିଲେ ଆମ ସାଙ୍ଗରେ ଯିବାକୁ । ସମସ୍ତିଙ୍କୁ ତ ଜିପ୍‌ରେ ଜାଗାହେଲାନି – ଥୋକେ ବାହାରିଲେ ଚାଲି ଚାଲି ବଣଟାଯାକ ଖୋଜିବାକୁ । ଆମେ ଜିପ୍‌ରେ ସିଧା ଗଲୁ ଘୁଷୁରିଆପଦା ଚଟିଘରଠିକୁ । ସେଇଠି ଖବର ମିଳିଲା ଯେ ତା ପୂର୍ବ ରାତିରେ ହାତୀ ଧୋବାବନ୍ଧଆଡ଼େ ଯାଇଚି । ସେଇଠୁ ପ୍ରାୟ ତିନିଚାରି କିଲୋମିଟର ପଶ୍ଚିମକୁ ଧୋବାବନ୍ଧ ଜଙ୍ଗଲ – ସେଇଠି ଗୋଟିଏ ପୋଖରୀ ଥିଲା ଜନ୍ତୁଜନ୍ତା ପାଣି ପିଇବାପାଇଁ । ସେ ପୋଖରୀ ତ ଶୁଖିଗଲାଣି – କାଦୁଅ ଖୋଳିଲେ ଟିକେ ଟିକେ ପାଣି ମିଳେ । ହାତୀ ସେମିତି ଖୋଳି ପାଣି ପିଇଥାଏ । ତା'ର ଖୋଜଚିହ୍ନ ପରିଷ୍କାର ପଡ଼ିଥାଏ । ପେଖରୀଠୁ ଦୁଇଶହ ମିଟର ପଛକୁ ଜିପ୍ ରଖି ଆମେ ଯାଇଥାଉ । ପୋଖରୀ ଚାରିପଟେ ସାଗୁଆନ ଜଙ୍ଗଲ । ଗଛଗୁଡ଼ାକ ଆଠ ଦଶବର୍ଷର– ଛୋଟ ଛୋଟ ଗଛ । ପୋଖରୀର ହୁଡ଼ା ପାରହୋଇ ହାତୀର ମଡ଼ା ଦେଖି ଦେଖି ସାଗୁଆନ ବଣରେ ପଶିଲୁ । ଦେଖିଲୁ ଯେ ଗୋଟେ ସାଗୁଆନ ଗଛକୁ ହାତୀ ଗଡ଼େଇଦେଇ ମାଡ଼ି ମକିଚି ଦେଇଚି । ସାଗୁଆନ ପତ୍ର କି ଡାଳ ତ ହାତୀ ଖାଏନି – ପତ୍ରଗୁଡ଼ାକ ଆଁସୁ ଭର୍ତ୍ତି, ଖସଖସିଆ – ଗଛଟା ଭାଙ୍ଗିଲା କିଆଁ ? ଏଇ ପ୍ରଶ୍ନଟା ପଚାରିଲି ରେଞ୍ଜର୍‌ବାବୁଙ୍କୁ – ଠାରିକି କଥାବର୍ତ୍ତା । ସେଠି ତ ଆଉ ପାଟିତୁଣ୍ଡ କରିହବନି – ହାତୀ ପାଖରେ କଉଠି ଥିବ । ହାତୀ ମଣିଷଗନ୍ଧ ପାଇଲେ ତଡ଼ିଆଣେ ।

କୁଳମଣିବାବୁ ବି ଠାରିକି ମୋତେ ଜବାବଦେଲେ ଯେ ହାତୀଟା ପାଗଳ ହେଇଚି କି କଣ । ଦଶକଦମ୍ ଦୂରରେ ଆଉ ଗୋଟେ ଗଜା ସାଗୁଆନ ଗଛ ସେମିତି ଶୋଇଚି । ଗଲା ରାତିର ବର୍ଷାରେ ମାଟିଟା ତ ବେଶ୍ ଓଦା ଆଉ ନରମ ହେଇଥାଏ – ହାତୀର ପାଦଚିହ୍ନ ପରିଷ୍କାର ଦେଖାଯାଉଥାଏ – ହେଲେ, ଆଉ ମଡ଼ା ଦେଖିବା ଦରକାର ପଡ଼ିଲାନି । ପ୍ରତି ଦଶପନ୍ଦର କଦମ୍‌ରେ ଗୋଟେଲେଖେ ସାଗୁଆନ ଗଛ ଭାଙ୍ଗିଥାଏ । ସେଇ ଭଙ୍ଗା ଗଛସବୁ ହାତୀର ଯିବା ବାଟ ଆମକୁ ପରିଷ୍କାର କରିଦେଲା । ସାଗୁଆନ ବଣ ପାରହେଇ ହାତୀ ଯାଇ ବାଉଁଶ ବଣରେ ପଶିଚି । ବାଉଁଶବଣରେ ତ ଧାନ ହେଇଥାଏ – ପତ୍ର ଗୋଟାଏ ବି ନଥାଏ । ହେଲେ ବି ବାଉଁଶବୁଦା ଆଉ ଲଟି ଏଡ଼େ ଗହଳି ହେଇଥାଏ ଯେ ମାତ୍ର ଦଶକଦମ୍ ଦୂରକୁ ଦେଖିହଉଥାଏ । ଶୁଣିଥାଏ ତ ହାତୀଟା ମଣିଷଗନ୍ଧ ପାଇଲେ ଗାଲେଇକି ଗଛ ଉହାଡ଼ରେ ଛପିଯାଏ – ପାଖକୁ ମଣିଷ ଆସିଲେ ଥୋଡ଼ପାହାରରେ ଧରି ପାଦରେ ଦଳିଦିଏ । ଏଇ କଥାସବୁ ହେଚ୍ଛିକି ସାବଧାନ ତ ଖୁବ୍ ହବାର କଥା – ହେଲେ ଛାତି ଭିତରଟା ଯେ ଦୁର୍‌ଦୁର୍ କରୁଥାଏ – ଧଡ଼କାଣିଟା ଦୂରକୁ ଶୁଭୁଥିବ ତ । ପବନ କଉ ଦିଗରୁ ବହୁଚି ଭଲରକମ ବାରିନେବା କଥା । ହାତୀଆଡୁ ଆମଆଡ଼କୁ ପବନ ବହୁଥିଲେ ସୁବିଧା – ଆମେ ହାତୀ ପାଖକୁ ଯାଇପାରିବା, ହାତୀ ଜାଣିପାରିବନି । ମାଟିଟା ତ ଓଦା, ଆମର ପାଦଶବ୍ଦ ଜମାରୁ ଶୁଭିବନି – ସାବଧାନରେ କାଠି କି ଖୁଣ୍ଟ ଦେହରେ ପାଦ ନପଡ଼ିଲେ ହେଲା । ହାତୀର ଶୁଣିବା-ଶକ୍ତି ଆଉ ଶୁଙ୍ଘିବା-ଶକ୍ତି ଖୁବ୍ ପ୍ରଖର କି ନା, ସେଇ ଦୁଇଟାକୁ ଜଗିବାକୁ ହେବ । ପବନ ବାରିବା ପାଇଁ ଶୁଖିଲା ଧୂଳି

Digitized by srujanika@gmail.com

ଟିକେ ଦରକାର । ଓଦା ମାଟିରେ ଶୁଖିଲା ଧୂଳି କଉଠି ପାଇବା । ଶୁଖିଲା ପତରରେ ବି କାମ ଚଳିଥାନ୍ତା – ତା' ବି ନାହିଁ । ଗାଲରେ ଟିକେ ପାଣି କି ଛେପ ମାରି ପରଖ କରିବାକୁ ହେଲା । ପବନଟା କିନ୍ତୁ ସ୍ଥିର ରହୁନଥାଏ । କେତେବେଳେ ଏପଟୁ ତ କେତେବେଳେ ସେପଟୁ ହେଲାପରିକା ମନେହେଲା । ଏ ଅବସ୍ଥାରେ ଆଗେଇବା କଷ୍ଟ । ପାଦେ ଯାଇ ଦଣ୍ଡେ ଶୁଣିବାକୁ ହେଲା । ଏଇମିତି ଅଧଘଣ୍ଟେ ବାଉଁଶବୁଦାରୁ ବାଉଁଶ ବୁଦା ଯାଇ ଦେଖିଲି – ମନେହେଲା ଯେ ହାତୀଟା ଖୁବ୍ ପାଖରେ କଉଠି ଅଛି । ଆଉରି ବି ମନେହେଲା ଯେ ହାତୀ ଜାଣିପାରିଚି ଯେ ଆମେ ପାଖରେ ଅଛୁବୋଲି – ଚୁପ୍‌ଚାପ୍ ଛିଡ଼ାହେଇକି ଆମକୁ ଅପେକ୍ଷା କରୁଚି । ନହେଲେ ତ ଡାଳପତ୍ର ଭାଙ୍ଗୁଥାନ୍ତା ଯେ ବହେ ବାଟକୁ ଶୁଭନ୍ତା । ତା'ଛଡ଼ା ହାତୀର ପେଟଟା ବି ଗର୍ଜନ କରନ୍ତା ଯେ ଆମେ ପଚାଶ ଶହେ କଦମ୍ ଦୂରରୁ ଶୁଣିପାରନ୍ତେ । ପେଟର ଗର୍ଜନଟା ହାତୀ ସହଜରେ ବନ୍ଦକରିପାରେ । ଖୁବ୍ ସାବଧାନ ହେଲେ – ଖୁବ୍ ତରକିଲେ ଯାଇ ପେଟଟା ତାର କିଛି ସମୟ ପାଇଁ ନିଶବ୍ଦ ହୁଏ । ଏଇଥିରୁ ମନେହେଲା ଯେ ଆମକୁ ଧରିବା ପାଇଁ ଛପିଚି ନିଶ୍ଚେ । ଭାରି ଡର ଲାଗିଲା । ମୋ ସାଙ୍ଗରେ ଥାଏ ମୋର ସାନଭାଇ ଗୁରୁ – ଆଉ କୁଳମଣିବାବୁ, ବାହିନୀପତିବାବୁ, ଜଗନ୍ନାଥ, ଲୋକନାଥହେରିକା – ସେମାନଙ୍କର ଜୀବନରକ୍ଷା ପାଇଁ ମୁଁ ଦାୟୀ । ଆଉ ମୋର ତ ଭରସା କେବଳ ଦି'ନଳିଆ .୪୭୦ ରାଇଫଲ୍ ଆଉ ଛାତିର ଦମ୍ଭ । ହେଲେ ଛାତିଟା ତ ଧଡ଼ଧଡ଼ ହେଲାଣି ସେତେବେଳେ । ଏଇ ଅବସ୍ଥାରେ ଶୁଣିଲି ଜିପ୍‌ର ହର୍ଣ୍ଣ – ତୁହାଇ ତୁହାଇ ହର୍ଣ୍ଣ ବାଜିଲା – ମନେହେଲା ଯେମିତି ଆମକୁ ବଡ଼ ବିକଳରେ ଡାକୁଚି । ହାତୀ ଆଉ ବୁଲିଯାଇ ଜିପ୍‌କୁ ଭାଙ୍ଗିଲା କି ? ଦୌଡ଼ିକି ଗଲୁ ଜିପ୍‌ପାଖକୁ । ସେଠି ଯାଇ ଦେଖୁ ତ ଡ୍ରାଇଭର୍ ପାଖରେ ଚାରିପାଞ୍ଚଜଣ ଲୋକ ଜମାହେଇଚନ୍ତି । ସେମାନେ କହିଲେ ଯେ ହାତୀ ଲୋକମାନଙ୍କୁ ତଡୁଚି ଘୁଷୁରିଆପଦା ସେପାଖ ରଗଡ଼ିରେ । କହିଲେ, ବାବା କେଡ଼େ କେଡ଼େ ଦାନ୍ତ ସେ ହାତୀର !! ଜିପ୍‌ରେ ବସିଲୁ । ସେପାଖ ବଣକୁ ଯାଇ ପହଞ୍ଚିଲାବେଳକୁ ସେଠି ଦଳେ ଲୋକ ଆମକୁ କହିଲେ ଯେ ମୁଣ୍ଡିଆ ଉପରକୁ ହାତୀ ଉଠିଯାଇଚି । ଜିପ୍‌କୁ ସେଇଠି ରହିବାକୁ କହି ଚାଲିଲୁ । ପବନ ପରୀକ୍ଷା କରି ଦେଖେ ତ ପବନ ଆମଆଡୁ ମୁଣ୍ଡିଆଆଡ଼କୁ ବହୁଚି । ଜଗନ୍ନାଥକୁ କହିଲି ସେ ବାଟ ବତଉ; ଯେମିତି ମୁଣ୍ଡିଆର ଆରପଟୁ ଆମେ ଆସିବା । ସେ କହିଲା ସେପଟ ତ ମୁଣ୍ଡିଆକୁ ଚଢ଼ିବାର ବାଟ ନାହିଁ; ଖାଲି ଡିମା ଡିମା ପଥର । ଚଢ଼ିବାକୁ କଷ୍ଟ ହଉ ପଛେ ସେଇପଟୁ ଆସିବାକୁ ହବ; ଏପଟୁ ପବନ ବହୁଚି – ଆମେ ପାଖରେ ପହଞ୍ଚି ହାତୀକି ଦେଖିବାର ଅନେକ ଆଗରୁ ସେ ଆମର ଗନ୍ଧ ପାଇଯିବ । ହୁଏତ ପଳେଇବ ନହେଲେ ଆମକୁ ଗୋଡ଼େଇକି ଧରିବାକୁ ଚେଷ୍ଟାକରିବ ।

ଜଗନ୍ନାଥ ଆଉ ଧ୍ରୁବ ବାଟକଢ଼େଇ ମୋତେ ଓ ଗୁରୁକୁ ନେଲେ । କୁଳମଣିବାବୁ ଆଉ ବାହିନୀପତିବାବୁ ମୁଣ୍ଡିଆ ତଳେ ଗଛମୂଳେ ବସିଲେ । ଆମର ପାଣିବୋତଲ, ଅଧିକା କାର୍ତ୍ତୁସ୍ ଡିବାସବୁ ତାଙ୍କ ପାଖରେ ଛାଡ଼ି ଆମେ ମୁଣ୍ଡିଆ ଚଢ଼ିଲୁ । ଗୋଟେ ପାଦ

Digitized by srujanika@gmail.com

ପକଉ ଟିକେ ଶୁଣୁ – ପବନ ବାରୁ – ଫେର୍ ଆଉ ଗୋଟେ ପାଦ ପକଉ ।

ଡିମା ପଥର ଉପରେ ଡିମା ପଥର; ପାଦ ରଖିବାକୁ ଏତେ ଟିକେନାଁକୁ ଜାଗା – ଧରିବାକୁ ସାହାରା କିଛି ନାହିଁ । ସିଧା କାନ୍ଥପରିକା ହେଇଚି – ତିନିମହଲା କୋଠା ସମାନ ଉଚ୍ଚା । ଭାଗ୍ୟକୁ ସେତେବେଳେ ଖରା ଟାଣ ହୋଇଗଲାଣି । ଶୁଖିଲା ପତର ପବନରେ ସଡ଼ସଡ଼ ଶବ୍ଦ କରୁଥାଏ ଯେ ଆମର ରବର ଜୋତାର ମସ୍-ମସ୍ ଶବ୍ଦଟା ଲୁଚିଯାଉଥାଏ । ପାଦ ତଳୁ ଯଉ ବାଲି ଖସିପଡୁଥାଏ, ସେଇ ଶବ୍ଦରେ ହାତୀ ଜାଣିପାରିଥାନ୍ତା ଆମେ କେଉଁଠି ଅଛୁବୋଲି । ଘଣ୍ଟାଟିଏ ଲାଗିଲା ସେତକ ପଥ ଚଢ଼ିବାକୁ । ଉପରକୁ ଉଠି ଦେଖେ ତ ଲଟି ଆଉ ଗଛପତ୍ରରେ ଉପରର ସମତୁଲ ଜାଗାଟା ବେଶ୍ ଖୁବ୍ ଘଞ୍ଚହେଇଥାଏ, ଏତେ ଘଞ୍ଚ ଯେ ପାଞ୍ଚକଦମ୍ ଦୂରକୁ ଦେଖିବା କଷ୍ଟ । ହାତୀ ଯେ ଆଗରେ ଗଛଗହଳିରେ କଉଠି ଅଛି ପରିଷ୍କାର ଜଣାପଡୁଛି । କାନ ଫଟ୍ ଫଟ୍ ଶୁଭୁଚି – ପେଟର ଗର୍ଜନ ବି ଶୁଭୁଚି । ଆମେ ଯଉ ପଥର ଚଟାଣ ଉପରେ ଛିଡ଼ାହେଇଥାଉ, ତା ଆଗକୁ ଗୋଟିଏ ଅତାଣ୍ଡି ଲଟି ମାଡ଼ିଥାଏ ଗଛଉପରକୁ । ସେଇ ଲଟି ତଳେ ପେଟେଇ ପେଟେଇ ଆଉ ଦୁଇ ପାଞ୍ଚକଦମ୍ ଆଗଭେଲୁ । ଶବ୍ଦରୁ ଜଣାଯାଉଥାଏ ଯେମିତି ସେଠି ଗୋଟାଏ ନୁହେଁ, ବେଶିଗୁଡ଼େ ହାତୀ ଅଛନ୍ତି ବୋଲି ଭାବିଲି, ଏ ଦଳଟା ମାଈହାତୀ ପଲ କି ଆଉ ! ମାରଣା ଦନ୍ତାଟା ତ ଏକୁଟିଆ ରହୁଛି – ହାତୀପଲ ଭିତରେ ମାରଣା ଦନ୍ତା ରହେନି । ଜଗନ୍ନାଥକୁ କହିଲି ଯେ ସେ ଟିକେ ପଛକୁ ବାଁପାଖକୁ ଯଉ ମାଙ୍କଡ଼ପିଛଳା ଗଛଟା ଅଛି, ସେଇଟାରେ ଚଢ଼ିକି ଭଲକରି ଅନିଶା କରୁ – ଆଗରେ କେତେଟା ହାତୀ ଅଛନ୍ତି । ସେ ଯାଇକି ଗଛରେ ଚଢୁଥାଏ; ଏଣେ ମୁଁ ଦେଖିଲି ଯେ ଗୋଟେ ହାତୀ ଆମ ଆଡ଼କୁ ଅନେଇ ଶୁଣ୍ଡଟା ଉପରକୁ ଟେକି ପବନ ବାରୁଚି – କାନକୁ ଠିଆକରି ଆମର ଶବ୍ଦ ଶୁଣିବାକୁ ଚେଷ୍ଟା କରୁଚି । ହାତୀଟା ବେଶ୍ ବଡ଼ – ବୁଢ଼ା ହେଲାଣି ବୋଧହୁଏ, ହେଲେ ଦାନ୍ତ ନାହିଁ – ବୁଢ଼ୀ ମାଈହାତୀ – ସେ ପଲଟାର ବୋଧହୁଏ ନେତା । ପଲର ଭଲ ମନ୍ଦ ବୁଝାବୁଝି କରେ – ବିପଦ-ଆପଦ କୁଆଡୁ ଆସିପାରେ ନଜର ରଖେ । ପାଖରେ ଆଉ କେତେଗୁଡ଼ିଏ ମାଈହାତୀ ଆଉ ଛୁଆ ନିଶ୍ଚୟ । ଆମେ ତ କାଲି ପାଣି ପାଖରେ ଦଳେ ମାଈହାତୀ ଆଉ ଛୁଆ ହାତୀର ଖୋଜ ଦେଖିଥିଲୁ – ସେଇ ପଲଟା ବୋଧହୁଏ । ଜଗନ୍ନାଥକୁ ଇସାରା କଲି ଓହ୍ଲେଇବା ପାଇଁ । ସେ ବି ଆସିକି କହିଲା ଯେ ସେ ଚାରି କି ଛଅଟି ମାଈହାତୀ ଓ କେତେଗୁଡ଼ା ଛୁଆହାତୀ ଦେଖିଲା ବୋଲି । ମୁଣ୍ଡିଆରୁ ଓହ୍ଲାଇଲାବେଳକୁ ଦିନ ବାର ହେଲାଣି । ଫେର୍ ଫେରିଲୁ ଧୋବାବନ୍ଧ ପୋଖରୀଠେଇକି । ଜଗନ୍ନାଥ ଆଉ ଧ୍ରୁବ ହାତୀର ମଡ଼ା ଦେଖି ଦେଖି ଆଗେଇଲେ । ମୁଁ ଓ ଗୁରୁ ପଛେ ପଛେ ଚାଲିଥାଉ । ବାହିନୀପତିବାବୁ ମୋର ଛୋଟ ରାଇଫଲ୍ କାନ୍ଧେଇକି ଟିକେ ପଛକୁ ଚାଲିଥାନ୍ତି । କୁଳମଣିବାବୁ କହିଲେ ଯେ ସେ ଆଉ ପାରୁନାହାନ୍ତି – ଜିପ୍‌ରେ ବସିରହିଲେ । ଏଇମିତି ଖୋଜ ଦେଖି ଚାଲିଥାଉ – ସାଗୁଆନ ବଣ – ବାଉଁଶ ବଣ – ନାଳ – କଣ୍ଟାଝଣ୍ଟା ଭିତର ଦେଇ ତମପଡ଼ା ଆଡ଼କୁ । ଦିନ ତିନିଟା ବେଳକୁ ଆଉ ବଳ ପାଉନଥାଏ

Digitized by srujanika@gmail.com

ଚାଲିବାକୁ । ରାଇଫଲ୍‌ଟା ତ ଯିମିତି ମହଣେ ଓଜନ ପରି ଲାଗୁଥାଏ । ଭାବୁଥାଏ ଏଥର ଲେଉଟିବା ପାଇଁ କହିବି ।

ଗୋଟେ ଗଛ ତଳେ ବସିପଡ଼ିଲି । ଜଗନ୍ନାଥକୁ ଡାକି ବିଚାରୁଥାଏ ଆମେ କେତେ ବାଟ ଆସିଲେଣି – ଏଇଭଳି ଚାଲିଲେ ସଞ୍ଜ କଉଠି ହବ । ସେତିକିବେଳେ ଶୁଭିଲା କଡ଼କାଡ଼ କରି ଗୋଟେ ଗଛ ଭାଙ୍ଗିବାର ଶବ୍ଦ – ଏଇ ପାଖରେ ଟିକେ ଆଗକୁ । ମୋର ତ ଛାତିଟା ଦାଉଁକିନାହେଲା । ଏତେ ପାଖରେ ହାତୀ ! ଯା'ହଉ ଆମର ସୁରାକ୍ ସେ ପାଇନି ନିଶ୍ଚୟ – ନହେଲେ ଗଛ ଭାଙ୍ଗିନଥାନ୍ତା । ଗଛ ଭାଙ୍ଗିଲା – ଡାଳପତ୍ର ତ ଖାଇବ ନିଶ୍ଚୟ – ଶବ୍ଦ ଖୁବ୍ ହବ । ପବନ ବାରି ଦେଖିଲି ଯେ ହାତୀଆଡୁ ଆମଆଡ଼କୁ ବହୁଚି ଧୀରେ ଧୀରେ । ଜଗନ୍ନାଥ ଆଉ ଧ୍ରୁବ କହିଲେ ଯେ ପାଖରେ ଗୋଟେ ଚଲାବାଟ ଅଛି – ସେଇ ପାଖରେ ଏଇ ଗଛଟା ଭାଙ୍ଗିଚି । ଚଲାବାଟରେ ଗଲେ ପବନ ଆମକୁ ସୁବିଧା ହବ । ଗଲୁ ପାଦ ଚିପିଚିପି ବନ୍ଧୁକର ସେଫ୍‌ଟି କେଚ୍‌ଟା ଖୋଲିକି । ଜଗନ୍ନାଥ, ମୁଁ ଓ ଗୁରୁ ଚଲାବାଟରେ ପ୍ରାୟ ପଚାଶକଦମ୍ ଯାଏ ଯାଇଚୁ – ଆଉ ସମସ୍ତେ ପଛକୁ ରହିଗଲେ – ଶୁଭିଲା ହାତୀ ଚାଲିଛି ପଶ୍ଚିମ ମୁହଁ କରି ।

ମୁଁ ଗୋଟେ ଗଛ ଉହାଡ଼ରେ ରହିଲି, ଗୁରୁ ଆଉ ଗୋଟେ ଶିଆଳି ଲଟା ପଛକୁ ରହିଲା, ଅନେଇଥାଉ । ଏଡ଼େ ବଡ଼ ବିରାଟ ମୁଣ୍ଡଟା ଦିଶିଲା – ହାତୀ ଦୋହଲି ଦୋହଲି ଚାଲିଚି ମୋ'ଠୁ ପ୍ରାୟ ତିରିଶ ମିଟର ଦୂରରେ । କାନମୂଳକୁ ଲାଖକରି ପ୍ରଥମ ଗୁଳି ଫୁଟେଇଲି – ସାଙ୍ଗେ ସାଙ୍ଗେ ଗୁରୁର ରାଇଫଲ୍ ବି ଗର୍ଜିଉଠିଲା । ହାତୀଟା ସେଇଠି ଠିଆହେଇଗଲା – ମୁଁ ଆଉ ଗୋଟେ ନଳି ବି ଲାଛିଲି । ହାତୀ ଆଉ ନଡ଼ଚଡ଼ ହେଇନି – ସେଇଠି ବସିଗଲା । ଗୋଟେ ଛୋଟ ଗଛକୁ ଆଉଜି ରହିଗଲା । ମୁଁ ଦଉଡ଼ିଗଲି ପାଖକୁ – ବାହିନୀପତିବାବୁ ମୋର ଛୋଟ ରାଇଫଲ୍‌ଟା ଆଣିଥାନ୍ତି । ସେଇଥିରେ ମୁଣ୍ଡର ମେରୁକୁ ଆଉ ଦୁଇଟା ଗୁଳି ମାଇଲି – ଯଦି ବି ଟିକେ ଜୀବନ ଥିବ ଶେଷ ହେଇଯିବ; କଷ୍ଟପାଇବନି ।

ଗୁଳିଶବ୍ଦ ଶୁଣି ରେଞ୍ଜରବାବୁ ଜିପ୍‌କୁ ବଣ କଣ୍ଟାରେ ପୂରେଇ ଆସି ପାଖରେ ପହଞ୍ଚିଗଲେ । ଆସିକି ଖୁବ୍ ବାଃ ବାଃ କଲେ । ଏଡେବଡ଼ ଜନ୍ତୁଟା ଯେ ପଡ଼ିଚି ନିର୍ଜୀବ ହେଇ – ଦେଖି ମୋତେ ଖୁବ୍ ଦୁଃଖ ଲାଗୁଥାଏ । ପାଣୁ ମଙ୍ଗରାଜର ଆତ୍ମା ଯେମିତି ଆସି ମୋତେ କହିଲା ଯେ ଠିକ୍ କରିଚ ଏ ହାତୀକୁ ମାରିଚ । ପରେ ଦାନ୍ତଗୁଡ଼ାକ କଟାହେଲାବେଳେ ଦେଖେ ଯେ ହାତୀର ପାଟି ଭିତରଟା ଘାହୋଇ ପୋକହେଇଚନ୍ତି – ହାତୀ ତ ଖାଇପାରୁନଥିବ । ମୁଣ୍ଡ, କାନ, ଗଳା ଆଉ ଦେହରେ ପଚା ଘା ମାନ ସବୁ ହେଇଚି – ଯେଉଁଠି କି ଗାଁବାଲାଙ୍କର ଖୁନ୍ଦା ବନ୍ଧୁକର ଗୁଳି ବାଜିଥିଲା । ହାତୀଟା ଘା ପୂଜ କଷ୍ଟରେ ବାୟାପରିକା ହଉଥିଲା; ନହେଲେ କି ସେ ମିଛଟାରେ ଚାଳିଶ କି ପଚାଶଟା ସାଗୁଆନଗଛ ଭାଙ୍ଗିଥାନ୍ତା ?

ଦାନ୍ତଗୁଡ଼ାକ କାଟି ଫେରିଲାବେଳକୁ ରାତି ବାର ହେଲା । ଘୁଷୁରିଆପଦା ଚଟିଘର

Digitized by srujanika@gmail.com

ପାରହେଲା ପରେ ପଲେ ହାତୀ ଭିତରେ ପଶିଗଲୁ – ମାଈହାତୀ ଆଉ ସାନ ପିଲା ହାତୀ – ସେତେବେଳେ ହାତୀଗୁଡ଼ାକ ଯେମିତି ପେଁକାର ରଡ଼ିକଲେ ଶୁଣିଲେ ଡର ଲାଗିବ । ଦଶ ପନ୍ଦରମିନିଟ୍ ଜିପ୍ ଚାରିପାଖରେ ଘୂରାଫେରା କରି ସେମାନେ ପାଣି ପାଖକୁ ଗଲେ – ଆମେ ପଳେଇଆସିଲୁ ।

X X X X

''ନେ' ତ ମା' ଲିଲି – ଅନୁ ମୋ ଉପରେ ଶୋଇଗଲାଣି – ତାକୁ ଶୋଇଦେ । ତୁମକୁ ବି ନିଦ ଲାଗିଲାଣି ଦେଖୁଚି – ଶୁଅ ଯା । ଆଉ ଦିନେ କହିବି ଶିକାରୀ କଥା, ଅସ୍ତ୍ରଶସ୍ତ୍ର, ସାଜସରଞ୍ଜାମ କଥା – ବଣରେ ରହିବାର ଚଳିବାର କୌଶଳ କଥା ଯାହାସବୁ ନ ଜାଣିଲେ ଶିକାରରୁ ମଉକା ମିଳେନି କି ସବୁଦିନ ପାଇଁ ଶିକାର ଖେଳର ସୁବିଧା ରହେନି ।''

Digitized by srujanika@gmail.com

କାକଟପୁରର କାଳ

ଏପ୍ରିଲ ମାସ ଅଠେଇଶ ତାରିଖ ସକାଳୁ ବେଶଭୂଷା ହେଇ ବାହାରିଥାଏ ପୁଲିସ କନ୍‌ଫରେନ୍‌ସକୁ । ପୂର୍ଣ୍ଣାନନ୍ଦ ଆଣିକି ବେତାରରେ ଆସିଥିବା ବାର୍ତ୍ତା ଗୋଟେ ତାରବାର୍ତ୍ତା ମୋ ହାତରେ ଦେଲା । ସେ ତାରଟା ପୁରୀର କିଲଟର ସାହେବ ଦେଇଥାନ୍ତି ଯେ କାକଟପୁର ଅଞ୍ଚଳରେ ଗୋଟେ ବଣୁଆହାତୀ ଭାରି ଉପଦ୍ରବ କରୁଚି – ଗୋଟେ ଲୋକ ମାରିସାରିଲାଣି – ଦଶଟା ଗାଁର ଲୋକଙ୍କୁ କୋକୁଆଭୟ ହେଲାଣି – ଜମିରୁ ପାଚିଲା ଧାନସବୁ ଖାଇ ଶେଷକଲାଣି – ଶୀଘ୍ର ସେଠାକୁ ଯାଇ ଏଇ ବଣୁଆହାତୀକୁ ମାରିଦେବାକୁ ହେବ । ତାରଟା ପଢ଼ିକି ମୋତେ ତ ଜମା ପରତେ ଗଲାନି । କାକଟପୁର ତ ସମୁଦ୍ର କୂଳ ପାଖରେ । ସେ ଅଞ୍ଚଳରେ ବଣ ବୋଲି ତ ଖାଲି ଝାଉଁବଣ । ସେଠିକି ହାତୀଟା କଉଁଠୁ ଆସିଲା ଯେ ? କନ୍‌ଫରେନ୍‌ସରେ ପୁରୀର ପୁଲିସ ସାହେବଙ୍କୁ ପଚାରିଲି ସେକଥା । ଚକ୍ରବର୍ତ୍ତୀ ସାହେବ କହିଲେ ଯେ, ବଣୁଆହାତୀ କଥା ସତ । କୁଉଠୁ ସେ ହାତୀ ଆସିଲା ଜଣାନାହିଁ – ସେ ଅଞ୍ଚଳରେ ଉତ୍‌ପାତ୍ ଖୁବ୍ କରୁଚି ।

ମୋର କିନ୍ତୁ ମନଟା ମାନୁନଥାଏ । କାକଟପୁର ପାଖ ଗାଁର ଲିଙ୍ଗରାଜ ମଲିକକୁ ଦିନେ ଛୁଟିଦେଇ ପଠେଇଲି ଯାଇକି କଥାଟା କଣ ଭଲଭାବରେ ବୁଝିଆସିବାକୁ । ଲିଙ୍ଗରାଜର ଗାଁ ଜୁଇନ୍ତି – କାକଟପୁରରୁ କୋଶେ ବାଟ । ସେ ଦି'ଦିନ ପରେ ଆସି ମତେ ଖବରଦେଲା ଯେ ହାତୀ କଥା ସତ । ସେ ହାତୀଟା କାଳେ ବିରାଟ ବଡ଼ ଜନ୍ତୁ, ଆଉ ଦାନ୍ତଗୁଡ଼ାକ କାଳେ ଗୋଟେ ଗୋଟେ ଗଛପରିକା ।

ଏସବୁ କଥା ଶୁଣି ଛଅତାରିଖ ରବିବାର ଦିନ ଗଲି ପୁରୀକୁ । ସେଠି କଲେକ୍ଟର ସାହେବଙ୍କଠୁ ଛାଡ଼ ନେଇ କାକଟପୁରକୁ ଗଲି । ସେଠି ପହଞ୍ଚିଲା ବେଳକୁ ସଞ୍ଜହେଲାଣି । ସେଠାର ବଙ୍ଗଳାରେ ରହିବା ବ୍ୟବସ୍ଥା ହେଇଥାଏ । ଧୁଆଧୋଇ ହେଇ ବାରନ୍ଦାରେ ବସିଥାଏ, କାକଟପୁର ଥାନାର ଥାନାବାବୁ ଦାଶରଥି ମହାରଣାଙ୍କୁ ସାଙ୍ଗରେ ଧରି ମୋ ପାଖକୁ ଅଇଲେ । ମହାରଣାଙ୍କ ଘର କାଳେ ଚିତ୍ରେଶ୍ୱର ଅଞ୍ଚଳରେ । ସେ ବାବୁ ବସି ମୋତେ ହାତୀର ସବୁ ବୃତ୍ତାନ୍ତ ବଖାଣିଲେ । ଗୋଲରାଗଡ଼ ବୋଲି ଗୋଟେ ବଣୁଆ ଗାଁ ଅଛି ଚିତ୍ରେଶ୍ୱର ପାଖରେ । ସେଠାର ପିଲାଛୁଆସବୁ ପାଖର ବଣରୁ ଖିରକୋଳି, ଲଙ୍କାଆମ୍ବହେରିକା ତୋଳିଆଣନ୍ତି – ତାକୁଇ ବିକାବିକି କରି ଖରାଦିନଟା ଚଳନ୍ତି । ମହାରଣାଙ୍କର କାଳେ ଏଇ ଖିରକୋଳି ଖାଇବାକୁ ଭାରି ଲୋଭ । ଏଇ କଥାଟାକୁ ଦୋହରେଇ ତେହେରେଇକି ମୋତେ ମହାରଣା କହିଲେ । ଏଇ ହାତୀ ଯୋଗୁରୁ ଆଉ

Digitized by srujanika@gmail.com

ପିଲା-ମାଇପେ ସେ ଜଙ୍ଗଲ ଭିତରକୁ ଯାଇପାରୁନାହାନ୍ତି – ଏ ସାଲ ଖିରକୋଳି ଦର ବଢ଼ିଯାଇଚି – ତେଣୁ ମହାରଣାଙ୍କର ଇଚ୍ଛା ସେ ହାତୀଟିକୁ ଶୀଘ୍ର ମାରିଦିଆଯାଉ । ସେ କହିଲେ, "ମୁଁ ନିଜେ ଆପଣଙ୍କ ସାଙ୍ଗରେ ଯାଇନଥାନ୍ତି କି, ଖାଲି ମୋର ଏଠି ଟିକେ ଅସୁବିଧା ହେଇଚି ନା । କୁଣିଆମାନେ କାଲି ବଢ଼ିଭୋରରୁ ଏଠିକି ଆସିବେ, ମୁଁ ତାଙ୍କୁସବୁ ନେଇ ପାଟପୁର ପାଖକୁ ଯିବି ।" ସେଠୁ ମହାରଣା ଗପିଚାଲିଲେ କିମିତି କୁଣିଆମାନେ ତାଙ୍କର ଝିଅ ଦେଖିବେ – ବାହାଘରରେ କଣ କଣ ସବୁ ଯୌତୁକ ଦେବେ – କେତେ ଟଙ୍କା ନହେଲେ ସେ ବାହାଘର ହବନି – ମଧ୍ୟସ୍ଥି କରିବା ପାଇଁ ମହରଣାଙ୍କ ଇଚ୍ଛାନାହିଁ – ମୋ ସାଙ୍ଗରେ ଗଲେ ପାଞ୍ଚଟା ଗାଁର ଭେଣ୍ଡିଆଙ୍କୁ ଧରିକି ଆଣିପାରିବେ – ହାତୀଟା ଯଉଠି ଥାଉ ବାହାରକରିଦେବ – ଏଣେ ମନ ମନେଇକି ବଣରେ ଖିରକୋଳି ଖାଇବେ । କିନ୍ତୁ ଏ କୁଣିଆ ସମସ୍ୟାଟା ଟିକେ ଗୋଳମାଳିଆ ଧରିଚି । ଇମିତି ଇମିତି କେତେ ଗପିଲେ କହିହବନି ।

ମୋଟାମୋଟି ମୁଁ ବୁଝିଲି ଯେ ଗଲା ମାସ ଦଶ ତାରିଖରେ ପାଟପୁର ଗାଁମୁଣ୍ଡରେ ଗୋଟଏ ଅଦ୍ଭୁତ ଜନ୍ତୁ ଦୁଶିଲା । ଗୋଟିଏ ଗାଈଜଗାଳି ପିଲା ତା' ଅଜାକୁ ପଚାରିଲା ଏଇ ଜନ୍ତୁଟା କଣ ବୋଲି । ଅଜା-ବୁଢ଼ା ଗଛଛାଇରେ ବସିଥିଲା ଯେ ସମୁଦ୍ର ହାୱାରେ ଆଖି ଲାଗିଯାଇଥିଲା । ଅଜା ଆଖିଖୋଲି ଦେଖେ ଯେ ପାଖରେ ଗୋଟିଏ ବିରାଟ ଜନ୍ତୁ । ପାଖରେ ଯଉ ବାଡ଼ିଟା ଥିଲା ସେଥିରେ ବୁଢ଼ା ଜନ୍ତୁର ଥୋଡ଼କୁ ପାହାରେ ପକେଇଲା । ଜନ୍ତୁଟା ଥୋଡ଼ରେ ବୁଢ଼ାକୁ ଟେକି କଚିଦେଲା, ଆଉ ତା' ପେଟରେ ଆଗ ଗୋଡ଼ଟା ଦାବିଦେଲା ଯେ ବୁଢ଼ାର ଗଣ୍ଡିଟା ଫଟ୍‌କିନି ଶବ୍ଦକରି ଫାଟିଗଲା । ଗାଈଜଗାଳି ପିଲା ସେଠୁ ପ୍ରାଣବିକଳରେ ହାଉଳିଖାଇ ଗାଁକୁ ଦୌଡ଼ିଲା । ପାଟି ଶୁଣି ଲୋକ ଜମାହେଲେ । ପାଞ୍ଚ କି ସାତଶହ ଲୋକ ସେ ଜନ୍ତୁକୁ ଘେରିପକେଇଲେ; ତେଣ୍ଟା ନିଆଁହୁଳା ଧରି ତଡ଼ିଲେ । ଜାଣିବାଶୁଣିବା ଲୋକ ଚିହ୍ନିଲେ ଯେ ଏଇଟା ଗୋଟେ ବଣୁଆହାତୀ ।

ପାଞ୍ଚ ଗାଁର ଲୋକ ରୁଣ୍ଡ ହେଲେ ସେଇଠି । ପୁରୁଖା ପୁରୁଖା ଲୋକମାନେ କହିଲେ –ହାତୀଟିକୁ ନେଇ ଗୋଲରା ଜଙ୍ଗଲରେ ପହୁଞ୍ଚେଇଦେବାକୁ । ହେଲେ ଜନ୍ତୁଟା କ'ଣ ମଇଁଷି ନା ଗୋରୁ ଯେ ତାକୁ ଅଡ଼େଇ ଅଡ଼େଇକି ନେଇହବ ? ଗାଁମାନଙ୍କରୁ ବହୁ ତେଣ୍ଟା ଆଉ ଲମ୍ବାବାଉଁଶର ଲଗି ଆସିଲା । ଲମ୍ବା ବାଉଁଶ ଅଗରେ କନା ଗୁରିଆହେଲା – କିରାସିନି ତେଲ ଢାଳି ସେ ମଶାଲରେ ନିଆଁ ଲାଗିଲା । ସେଇ ମଶାଲସବୁକୁ ହାତୀକି ଦେଖେଇଲାରୁ ହାତୀ ଦୌଡ଼ିଲା । ପାଞ୍ଚଶ' କି ହଜାରେ ଲୋକ ଏଇମିତି ହାତୀକି ଅଡ଼େଇ ଅଡ଼େଇ ନେଲେ, କାଦୁଆ ନଈ ପାରିକରିଦେଲେ । ନଈର ସେପଟେ ତ ଝାଉଁଗଛ ଗହଳ ଦିଶୁଥାଏ – ହାତୀ ମୁହେଁଇଲା ସେଇ ବଣକୁ । ସେଇ ଦିନଠୁ ହାତୀ ଏଇ ଗୋଲରା ବଣରେ ଅଛି । ସଞ୍ଜ ହଉଁ ହଉଁ ଗୋଲରାଗଡ଼ର ଆଖପାଖ ଗାଁରେ ଯାହା ଟାଇଚୁଙ୍ଗ ଧାନ ଆଉ ମାଣ୍ଡିଆ ହେଇଥିଲା ସେସବୁ ଖାଇ ଧ୍ୱଂସକରିଚି । ଯେବେ ପ୍ରଥମେ ଏ ଅଞ୍ଚଳକୁ ଆସିଲା – ଏପ୍ରିଲ ଦଶ ତାରିଖରେ – ସେ ଜନ୍ତୁଟା ହଡ଼ା ପରିକା ହେଇଥିଲା । ପଞ୍ଜରାହାଡ଼

Digitized by srujanika@gmail.com

ସବୁ ଦିଶୁଥିଲା । ଏଇ କେଇଟା ଦିନରେ ପାଚିଲାଧାନ, ମାଣ୍ଡିଆ ଖାଇକି ଏକଦମ୍ ଗୋଲଗାଲ ହେଲାଣି ।

କାକଟପୁର ବଙ୍ଗଳା ବାରନ୍ଦାରେ ବସି ମହାରଣାଠୁ ଏସବୁ ଘଟଣା ଶୁଣୁ ଶୁଣୁ ନିଦଲାଗିଯାଉଥାଏ । କେତେବେଳେ ମହାରଣା ଉଠିକି ଚାଲିଯାଇଥାନ୍ତି । ବଙ୍ଗଳା ପାଚିରି ସେପଟେ ମଙ୍ଗଳାଙ୍କ ସାମନାରେ କଣ ସବୁ ଯାତ୍ରା ହଉଥାଏ ଯେ ଡାକବାଜି ଯନ୍ତ୍ରରେ ଚଢ଼ାଗଳାରେ ଗୀତ ଶୁଭୁଥାଏ । ରାତିଟାଯାକ ଆଉ ନିଦ ହେଲାନି ଏଇ ଚଢ଼ାଗଳାରେ ଗୀତ ଛାନ୍ଦ ଯୋଗୁ । ସକାଳୁ ଉଠି ବାହାରିପଡ଼ିଲି ଚିତ୍ରେଶ୍ୱରକୁ । ଜିପ୍‌ରେ ସେଇ ଦଶ କିଲୋମିଟର ରାସ୍ତା ଘଣ୍ଟେ ଲାଗିଲା । ପ୍ରାଚୀ ନଈର କୂଳେ କୂଳେ ଖଣ୍ଡେଦୂର ଯାଇ ଅସୁମାରି ପାନବରଜ କରଦେଇ ଶଗଡ଼ଗୁଳାରେ ଜିପ୍ ଗଡ଼ିବାକୁ କଷ୍ଟ ହେଲା ଖୁବ୍ । ଦିନ ଆଠଟାକୁ ଯାଇ କଣିଆ ଗାଁଠେଇଁ କାଦୁଆ ନଈକୂଳେ ପହଞ୍ଚିଲୁ । ସମୁଦ୍ର ପବନ ଖୁବ୍ ବେଗରେ ବହୁଥାଏ – ଆଉ ଦୂରରେ ଦିଶୁଥାଏ ଝାଉଁବଣ । ନଈକୂଳରେ ଅପେକ୍ଷାକଲୁ । କାକଟପୁର ଥାନାର ଏ.ଏସ୍.ଆଇ.ବାବୁ ଗୋଟିଏ ହୁଲିଡ଼ଙ୍ଗାରେ ସେପଟକୁ ଗଲେ ଖବରନବାକୁ ହାତୀ କଉପଟେ ଅଛି ।

ଅଧଘଣ୍ଟେ ପରେ ଜମାଦାରବାବୁ ଜଣେ ଗ୍ରାମରକ୍ଷୀକି ପଠେଇଲେ ଆମକୁ ଡାକି ନବାକୁ – ହାତୀ କାଲେ ଏଇ ଗଲା ରାତିରେ ଗୋଲରାଠେଇ ବାହାରିଥିଲା – ସେଠି ପାଚିଲା ମାଣ୍ଡିଆ ଦୁଇ ଏକର ଜମିରୁ ଖାଇଚି ।

ଚିତ୍ରେଶ୍ୱରରେ ଗୋଟିଏ ସ୍କୁଲ ଘର ଅଛି ନଈକୂଳକୁ । ପିଲାଏ ଆଉ ପାଠ କଣ ପଢ଼ିବେ – ମାଷ୍ଟ୍ରେ ଆଉ ପିଲେ ସବୁ ଧଇଁସଇଁ ହେଇ ବାଲିରେ ଧାଇଁଆସିଲେ ନଈକୂଳକୁ ହାତୀ-ଶିକାରୀକୁ ଦେଖିବାକୁ । ସ୍କୁଲ ପାରହେଲେ ଗୋଟିଏ ଦୋକାନ ଘର, ଆଉ ଡାହାଣପଟେ ମନ୍ଦିରଟିଏ । ଖଣ୍ଡେଦୂରକୁ କଚିରି ଘର । ସେଇଠି ଏ ଅଞ୍ଚଳର ରେଭେନ୍ୟୁ ଇନିସ୍‌ପେକ୍ଟର ଅଫିସ କରନ୍ତି । ମୋତେ ସେଇଠିକି ବାଟ କଢ଼େଇ ନେଇଗଲେ । କଚିରି ଘରେ ଝରକାକୁ ଲାଗି ଗୋଟେ ଟେବୁଲ ଆଉ ଗୋଟିଏ କୁରୁଚି ଥାଏ । ମୋତେ ସେଇଠି ବସେଇଦେଇ ସ୍ୱାଇଁବାବୁ ଦୁଇ ଚାରିଜଣଲୋକ ଧରି ବାହାରିଗଲେ ଗୋଲରାଗଡ଼ ଗାଁକୁ । ଦୁଇ ତିନିଘଣ୍ଟା ଅପେକ୍ଷା କଲା ପରେ ସ୍ୱାଇଁବାବୁ ଫେରିକି ଖବରଦେଲେ ଯେ ହାତୀର ଓର କିଛି ମିଳିଲାନି । ସେଠାର ତହସିଲଦାର ଶଚିବାବୁ ପ୍ରସ୍ତାବ କଲେ ଯେ ଭାତ ରନ୍ଧାହେଉଚି – ଖାଇକି ଘଣ୍ଟେଖଣ୍ଡେ ବିଶ୍ରାମ କରି ବଣକୁ ଯିବା – ସଞ୍ଜ ହଉଁ ହଉଁ ହାତୀବାହାରିବନି କି ? ଏଇପରିକା ଆଲୋଚନା ହଉଥାଏ, ଦିନ ସେତେବେଳକୁ ଏଗାରଟା । ମୋ ମନ ତ ଭାରି ଖରାପହେଲା ଯେ ଏଇଠି ଏଇ ଅପନ୍ତରା ଥାନରେ ମୋତେ କେତେଦିନ ରହିବାକୁହେବ । ସେତିକିବେଳେ ନଡ଼ିଆମଠ ଗାଁର ମୁଖିଆ ମଙ୍ଗୁଳି ଢେନା ଆସି ପହଞ୍ଚିଲେ । ଆମ ପାଇଁ ଦହି ଦୁଧ କିଛି ଆଣିଥାନ୍ତି । ମଙ୍ଗୁଳିବାବୁ ଟୋକାଲୋକ, ଟେରିକଟ୍ ପେଣ୍ଟ୍ ହାଓ୍ୱାଇ ପିନ୍ଧିଥାନ୍ତି – କଥାବାର୍ତ୍ତା ଖୁବ୍ ଭଦ୍ର । ଆସି ନମସ୍କାରକରି ଜଣେଇଲେ ଯେ ହାତୀଟା ତାଙ୍କ ଗାଁ ପାଖ ମଟାଳ ବଣରେ ରହୁଚି । ତାଙ୍କ

Digitized by srujanika@gmail.com

ଗାଁଠେଇକି ଗଲେ ସାଙ୍ଗେ ସାଙ୍ଗେ ହାତୀକି ଦେଖେଇଦେବେ ଯେ । ଏଇମିତି କହି ଭଦ୍ରଲୋକ ମୁଣ୍ଡ କୁଣ୍ଡେଇଲେ – ମନେହେଲା ଯେମିତି ଆଉ କଣ କହିବାକୁ ଚାହୁଁଛନ୍ତି, କହିବାକୁ ଦୋ-ଦୋପାଞ୍ଚ ହଉଛନ୍ତି । କହିଲି, ଆଉ କଣ କହିବେ କି ? ସେ ଶଚିବାବୁଙ୍କୁ ଅନେଇଲେ । ଶଚିବାବୁ କହିଲେ ଯେ ମଙ୍ଗୁଳିବାବୁ କହୁଚନ୍ତି, ହାତୀଟାକୁ ନମାରିଲେ ଭଲହେବ । ତାଙ୍କ ଗାଁ ବଣରେ ତ ହାତୀ ରହନ୍ତିନି – ଏଇଟା କୁଉଠୁ ଆସିଯାଇଚି – ଥାଉ ।

ମୁଁ ତ ଏକଥା ଶୁଣି କାବାହେଇଗଲି । କିଓ, ହାତୀଟାକୁ ଯଦି ପୋଷିବାର କଥା କଲେକ୍ଟରଙ୍କ ପାଖକୁ ଦରଖାସ୍ତ କିଆଁ କରୁଥିଲ ହାତୀକୁ ମାରିଦବାକୁ ? ତା ଛଡ଼ା ଏ ଯଉ ବଣରେ ହାତୀଟା ରହୁଚି ଏଇଟା ଖୁବ୍ ଛୋଟ ଜଙ୍ଗଲ – ହାତୀର ଖାଇବା ପାଇଁ ବାଉଁଶ କି ମଇଗଛ ନାହିଁ – ଗାଁ ଗଣ୍ଡାରେ ପଶି ଧାନ ମାଣ୍ଡିଆ ସବୁ ଖାଇ ଧ୍ୱଂସ କଲାଣି । ଚାରିପାଖର ଗାଁଗୁଡ଼ାକର ପିଲାମାଇପେ ଦିନରାତି ବଣରେ ପଶୁଚନ୍ତି ଖ୍ରକୋଳି, ଲଙ୍କାଆମ୍ବହେରିକା ତୋଳିବାକୁ – ଯଦି ହାତୀ ଫେର୍ ମଣିଷ ମାରେ ମଙ୍ଗୁଳିବାବୁ ଦାୟୀ ହେବେ କି ? ଏଇମିତିଆ କଥାବାର୍ତ୍ତା ପରେ ମଙ୍ଗୁଳିବାବୁ କହିଲେ ଯେ, ହାତୀଟାକୁ ତା'ହେଲେ ମାରିବାର ବନ୍ଦୋବସ୍ତ ହଉ । ହାତୀଟା ମରିଗଲେ ସେ ଯାଇ ପ୍ରାୟଶ୍ଚିତ୍ତ କରିଦେବେ – ଆଉ କ'ଣ କରାଯିବ ?

ମଙ୍ଗୁଳିବାବୁ କହିଲେ ତାହେଲେ ଖିଆପିଆ କରି ଘଣ୍ଟେଖଣ୍ଡେ ଆରାମ କରାଯାଉ, ତା'ପରେ ଯିବା ବଣକୁ । ମୁଁ ସେଥିରେ ରାଜିହେଲିନାହିଁ । ଖିଆପିଆ ହଉଁ ହଉଁ ଦୁଇ ବାଜିବ । ଆରାମ କରିବାକୁ ତ ଆଉ ମୁଁ କୋଡ଼ିଏ ତିରିଶ କୋଶ ବାଟ ଆସିନି, କାମଟା ଆଗ ସାରିଲେ ଖିଆପିଆ କଥା ହବ । କଥା କହୁଁ କହୁଁ ମୁଁ ମୋର ଦି'ନଳିଆ ରାଇଫଲ୍‌ଟା ବାକ୍ସରୁ କାଢ଼ିଲି – ତା'ର ନଳିରେ କନା ପୂରାଇ ତେଲଦେଇ ସଫା କରିପକେଇକି ରାଇଫଲ୍‌ର ନଳିକୁ ବାଟ୍ ସାଙ୍ଗରେ ଯୋଡ଼ିପକେଇଲି । ମୁଁ ତିଆରି ହେଲାବେଳାକୁ ଦେଖେ ଯେ ଆଉ ସମସ୍ତେ କୁନ୍ଥ କୁନ୍ଥ ହଉଚନ୍ତି ବଣକୁ ଯିବାକୁ । ପଚାରିବାରେ କହିଲେ ଯେ ମୋର ଯିବା ଦରକାରନାହିଁ – ସେମାନେ ହାତୀକୁ ଠାବ କରି ଆସି ଖବରଦେଲେ ଯାଇ ମୁଁ ଯିବି – ମୋତେ ବେଶି ବାଟ ଖରାରେ ତତଲାବାଲିରେ ଚାଲିବାକୁ ହବନି । ମୋତେ ତ ହସଲାଗିଲା । ସେମାନେ କଣ ଭାବୁଚନ୍ତି ଯେ ହାତୀକୁ ଠାବକରି ତାକୁ ସେଇଠି ବାନ୍ଧିଦେଇ ଆସି ମୋତେ ଡାକିବେ, ନା ଭାବୁଚନ୍ତି ଯେ ମୁଁ ତ ସହରରେ ରହେ, ଅଫିସ କୁରୁଚିରେ ବସି ଦିନ କଟେ, ଚାଲିବାର ଅଭ୍ୟାସ ନଥିବ – ଏଣେ ବାଳ ପାଚିଲାଣି, ପଚାଶ ଉପରକୁ ବଅସ ହବ ବୋଧହୁଏ – ବାଲିରେ ଚାଲିକି କଣ ଯାଇପାରିବେ କୋଶେ ଦିକୋଶ ବାଟ ? ଆଉ କିଛି କଥା ନକହି ଗୁଳି ବାକ୍ସରୁ ଚାରିଟା ନୂଆ ଗୁଳି ବାଛିନେଲି, ଅଣ୍ଟାରେ କାର୍ତ୍ତୁସ୍ ପେଟି ବାନ୍ଧି ସେଇଥିରେ ଗୁଳିଗୁଡ଼ିକ ରଖିଲି, ଆଉ ବାହାରିପଡ଼ିଲି ବାରନ୍ଦା ତଳକୁ । ମଙ୍ଗୁଳିବାବୁ ଅସ୍ତବ୍ୟସ୍ତ ହେଇ ବାହାରିପଡ଼ିଲେ ଆଉ ସାଙ୍ଗରେ ଗାଁର ଦୁଇ ଚାରିଜଣ ଭେଣ୍ଡିଆ ପାଣିବୋତଲହେରିକା ଧରି ମୋ ପିଛା ଧଇଲେ ।

Digitized by srujanika@gmail.com

ମଙ୍ଗୁଳିବାବୁଙ୍କୁ ଆଗରେ ଚାଲିବାକୁ କହି ତାଙ୍କ ପଛରେ ମୁଁ ଚାଲିଲି । କାଦୁଆ ନଈର କୂଳେ କୂଳେ ଦୁଇ କିଲୋମିଟର ଗଲା ପରେ ନଡ଼ିଆମଠ ଗାଁର ସ୍କୁଲ ଘରର ଛପର ଦିଶିଲା । ଛ'ସାତଟା ଧାନକିଆରି ଡେଇଁ ଅଧପାଏ ବାଟ ଚାଲିଲା ପରେ ଚାହାଳି ଘରଠେଇଁ ପହଞ୍ଚିଲୁ । ମଙ୍ଗୁଳିବାବୁ ଆମକୁ ସେଇଠି ରହିବାକୁ କହି ଗାଁଦାଣ୍ଡରେ କୁଆଡ଼କୁ ଗଲେ । ଚାହାଳି ବାରନ୍ଦାରେ ଆମେ ବସିଲୁଁ । ତତଲା ବାଲିରେ ତ ଗୋଡ଼ତଳିପା ପୋଡୁଥାଏ – କେନ୍‌ଭିସ୍ ଜୋତା ମୋଜା ଖୋଲି ପାଦରେ ହାତ ବୁଲାଇଲାରୁ ଟିକେ ଆରାମ ଲାଗିଲା । ସମୁଦ୍ର ପବନରେ ବେଶ୍ ଟିକେ ସୁସ୍ଥ ଲାଗିଲା । ଅଳ୍ପ ସମୟ ପରେ ମଙ୍ଗୁଳିବାବୁ ଚାହାଳିଘର ଚାବିନେଥାଟା ଆଉ ଗୋଟେ କାଚ ଗିଲାସ ଧରିକି ଆସିଲେ । ଏଣେ ଘରର ବାରିପଟରୁ ଦୁଇ ଚାରିଜଣ ଲୋକ ଦିଗଣ୍ଡା ଖଣ୍ଡେ ପଇଡ଼ ଆଉ ହାତରେ କଟୁରି ଧରି ପହଞ୍ଚିଲେ । ମଙ୍ଗୁଳିବାବୁ କହିଲେ, ''ପରିଡ଼ ଖଣ୍ଡେ ଖାନ୍ତୁ ସାର୍ ।'' ପଇଡ଼କୁ ଶୁଦ୍ଧ ଭାଷାରେ ପରିଡ଼ କହନ୍ତି ପରା ସେ ଅଞ୍ଚଳରେ । ପଇଡ଼ର ପାଣିଟା ଗରମ ଥିଲା – ହେଲେ ଖୁବ୍ ମିଠା । ଗୋଟେ ପଇଡ଼ର ପାଣି ପିଇ ମୋ ପେଟ ପୂରିଗଲା ।

ଏଇ ସମୟ ଭିତରେ ଗାଁର ଭେଣ୍ଡିଆ, ପିଲାପିଚିକାସବୁ ଦଳ ଦଳ ହେଇ ଆସି ଆମକୁ ଘେରି ଠିଆହେଇଥାନ୍ତି । ସମସ୍ତେ କହୁଥାନ୍ତି, ବଡ଼ିଭୋରରୁ ସେ ହାତୀଟା ଏଇ ପାଖ ବାଟରେ ମଟାଳ ଜଙ୍ଗଲକୁ ଯାଇଚି ।

ଆମ ଦଳର ସମସ୍ତେ ପଇଡ଼ ପାଣି ପିଇ ସାଷ୍ଟମ ହେଲାରୁ ବାହାରିଲୁ ବଣକୁ । ସାଙ୍ଗରେ ସେ ଗାଁର ଦଶକୋଡ଼ିଏ ଟୋକା ଆଉ ପଞ୍ଚାଏ ପିଲା ବାହାରିଲେ । ବଡ଼-ବଡ଼ମାନେ ପିଲାଙ୍କୁ ମନାକରୁଥାନ୍ତି,ହେଲେ କେହି ତାଙ୍କ କଥାକୁ ପତରରେ ପକାଉ ନଥାନ୍ତି । ମୁଁ ମନେ ମନେ ଭାବୁଥାଏ, ଏ ହାତୀ-ଶିକାରଟା ତା'ହେଲେ ଗୋଟେ ଯାତ୍ରା ଦେଖିଲାପରିକା ହଉଚି । ମନଟା ବି ଟିକେ ଦବିଯାଉଥାଏ – ଏତେଗୁଡ଼ାଏ ପିଲାପିଚିକା ଜୀବନରକ୍ଷା କରିବାକୁ ମୋ ଉପରେ ଭାରରହିଲା । ବନ୍ଧୁକଟା ମୋର ଠିକ୍ ସମୟରେ କାମ ନକରେ ତ ହାତୀଟା କେତେଗୁଡ଼ାଏ ମଣିଷ ମାରିଦେବ ସିନା !!

ବସ୍ତି ପାରହୋଇ ବଣ ପାଖର ବିଲରେ ମୋତେ ସେମାନେ ଦେଖେଇଦେଲେ ହାତୀ କଉଠି ଧାନକିଆରିରେ ପଶିଥିଲା । ସେଠି ହାତୀର ଖୋଜଟା ଦେଖି ମନଟା ଖରାପହେଇଗଲା । ଖୋଜରୁ ମନେହେଲା ହାତୀଟା ଖୁବ୍ ସାନ ହାତୀ – ଛୋଟ ଛୋଟ ଖୋଜ । ଖୁବ୍ ହେଲେ ହାତୀଟା ଆଠଫୁଟ ଉଚ୍ଚା ହବ ପରା । ମାଗୁଣୀ ବେହେରା କହିଲା, ଅଳ୍ପ ସମୟ ଆଗରୁ ସେ ବଣରେ ବେତ କାଟୁଥିଲା । ହାତୀଟା ପାଖରେ ଫିଁକାରିଲା ଯେ ପ୍ରାଣବିକଳରେ ପଳେଇଆସିଚି । ଯେଉଁ ଜାଗାରେ ସେ ହାତୀର ଶବ୍ଦ ଶୁଣିଥିଲା ସେଇ ଥାନକୁ ଆମେ ଚାଲିଲୁ । ବଣ ଭିତରେ ପଶିଲାରୁ ଆମ ଦଳଟା ଦୁଇ ଭାଗ ହେଲା । ଦଳେ ଭେଣ୍ଡିଆ କହିଲେ ସେମାନେ ଡାହାଣପାଖ ଲଟି ଭିତରଦେଇ ଯିବେ, ଆଉ ମଙ୍ଗୁଳିବାବୁ ମୁଁ ଯାଇ ଆଗ ପଡ଼ିଆଠେଇ ଅପେକ୍ଷାକରିବା – ସେମାନେ ହାତୀ-ଖବର ନେଇ ଆମକୁ ସେଠି ଭେଟିବେ ।

Digitized by srujanika@gmail.com

ବଣ ଭିତରେ ଜନ୍ତୁ ଚାଲିବା ରାସ୍ତାରେ ବୁଦା ଲଟି ଆଡ଼େଇ ଆଡ଼େଇ ଯିବାକୁ ହେଲା । କରଞ୍ଜଗଛ କେନ୍ଦୁଗଛ ବେତବଣ କିଆ ଲଟିରେ ସେ ବଣଟା ଖୁବ୍ ଘଞ୍ଚ ହେଇଥାଏ ତ, ପାଦ ଚିପି ଚିପି କାନେଇ କାନେଇ ହୁସିଆରରେ ଯିବାକୁ ହେଲା । ହାତୀଟା ପାଖରେ କୁଉଠି ଥାଇପାରେ ତ । ପନ୍ଦର କୋଡ଼ିଏ ମିନିଟ୍ ଇମିତି ଯିବା ପରେ ଖୋଲା ଜାଗାଟିଏ ପଡ଼ିଲା । ମଙ୍ଗୁଳିବାବୁ କହିଲେ ସେଇଠି ଆମେ ଭେଣ୍ଡିଆଦଳକୁ ଅନେଇକି ବସିବା । ତମାଳଗଛର ଛାଇରେ ସମୁଦ୍ର ପବନ ଖୁବ୍ ଭଲ ଲାଗୁଥାଏ – ବସୁ ବସୁ ଆଖି ମାଡ଼ିପଡୁଥାଏ । ବସି ବସି ଦିନ ଯାଇ ଦେଢ଼ଟା ହେଲାଣି – କାହାରି କିଛି ଖବରନାହିଁ । ମଙ୍ଗୁଳିବାବୁ ପ୍ରସ୍ତାବକଲେ, ଜଣେ ଲୋକକୁ ପଠେଇଲେ ଚିତ୍ରେଶ୍ୱରଠୁ ଆମ ପାଇଁ ଭାତ ଆଣିବ । ମୁଁ ନାସ୍ତିକଲି । ଯିବା ଆସିବାକୁ ଦୁଇଘଣ୍ଟା ଲାଗିବ – ତା ଛଡ଼ା ହାତୀର ଖବର ଆସିଲେ ଆମେ ତ ଆଉ ସେଠି ବସିରହିନଥିବା । କହିଲି, ତାଙ୍କ ଗାଁରୁ କିଛି ଅଣ୍ଡା ସିଝେଇକି ନେଇଆସନ୍ତୁ ଯେ ଶୀଘ୍ର କିଛି ପେଟରେ ପଡ଼ିବ ।

ମଙ୍ଗୁଳିବାବୁ ଜଣେ ଦିଜଣ ଲୋକ ସାଙ୍ଗରେ ଧରିକି ଗଲେ । କ୍ରମେ କ୍ରମେ ଖରା କମୁଥାଏ । ଦିନ ଚାରିଟାସରିକି ଦି'ଜଣ ଲୋକ ଧଇଁସଇଁ ହେଇ ଆସି କହିଲେ ହାତୀଟା ପୋଖରୀ ଆଡ଼କୁ ଯାଉଚି । ଆମେ ଉଠିକି ଦୌଡ଼ିଲୁ ସେ ବାଟ ପାଖକୁ । ବଣର କଣ୍ଟା ଲଟି ଦେହରେ ବାଜି ରକ୍ତ ବୋହିବାକୁ ଆରମ୍ଭକଲାଣି । ପଛରେ କାହାଣେ ହବ ଭେଣ୍ଡିଆ ଆଉ ପଞ୍ଚାଏ ପିଲା – ହାତୀକୁ ଖୋଜିଲାବେଳେ ଖୁବ୍ ସାବଧାନରେ ଯିବାକୁ ହୁଏ । ପତରଟିଏ କି କାଠିଟିଏ ବି ଯେମିତି ପାଦରେ ଖୁଡ୍ ଶବ୍ଦ ନକରେ । ହାତୀର କାନଟା ପରା ଖୁବ୍ ପତଳା – ସେ ତ ବହେ ବାଟରୁ ମଣିଷର ନିଶ୍ୱାସ ଶବ୍ଦ ଆଉ ଦେହର ଗନ୍ଧ ବାରିପାରେ । ଏଥର କିନ୍ତୁ ଏ ହାତୀ-ଶିକାର ଗୋଟିଏ ଯାନିଯାତ୍ରାପରିକା । ଏତେଗୁଡ଼ାଏ ଲୋକ – ହାଟକୁ ଗଲାବେଳେ ଯେମିତି ଦଳ ଦଳ ଲୋକ ହସଖୁସିରେ କଥାବାର୍ତ୍ତା ହେଇ ଚାଲନ୍ତି, ସେମିତି । ଯେତେ ମନାକଲେ ବି ଶୁଣୁଚି କିଏ ! ସମସ୍ତେ ତ ଶିକାର ନିଶାରେ ମସ୍‌ଗୁଲ୍ । ମୁଁ ଭଗବାନ୍‌କୁ ଡାକୁଥାଏ ଯେମିତି ହାତୀଟା ଟିକେ ଦୂରରୁ ମୋତେ ସାଡ଼ା ଦଉ ଯେ ମୁଁ ଏମାନଙ୍କୁ ବସିବାକୁ କହି ଏକା ତା ପାଖକୁ ଯିବି ।

ଖଣ୍ଡେଦୂର ଗଲା ପରେ ଗୋଟେ ଜାମୁଗଛ ପାଖରେ ଖୋଲା ଜାଗାଟିଏ ପାଇଲୁ । ଡାହାଣପଟେ କିଆବଣଟିଏ । କସ୍ତୁରି ମଳିକ କହିଲା – ଏଇଠି ବସନ୍ତୁ ଆଜ୍ଞା ! ହାତୀ ଏଇ ବାଟରେ ଆସୁଚି । ସମସ୍ତଙ୍କୁ ଚୁପ୍ ରହିବାକୁ କହି ବସିଲି ସେଠି । ପାଞ୍ଚମିନିଟ୍ ଯାଇଚି କି ନାହିଁ ମଙ୍ଗୁଳିବାବୁ ପହଞ୍ଚିଲେ – ହାତରେ ଗୋଟିଏ ପୁଡ଼ିଆରେ ଆଠଦଶଟା ସିଝା ଅଣ୍ଡା ଆଉ ଲୁଣ । ସାଙ୍ଗରେ ଆଉ ଜଣେ ଡାଳେ ପାଣି ଧରିକି ଆସିଲେ । ସେତେବେଳକୁ ଭୋକ ହେଲାଣି ଖୁବ୍ – ପେଟ ଯାଇ ପିଠିରେ ଲାଗିଲାଣି । ଗୋଟିଏ ଅଣ୍ଡା ଖୋଳ ଛଡ଼େଇ ଖାଇଚି, ଆଉ ଗୋଟିଏ ଭାଙ୍ଗୁଚି, ତିନିଜଣ ଲୋକ ''ହାଇଲୋ, ମାଆଲୋ, ମାରିପକାଇଲା ଲୋ'' କହି କହି ଧଇଁସଇଁ ହୋଇ ଆସିଲେ; କହିଲେ – ''ହାତୀ ପଞ୍ଚୁଆକୁ ମାରିପକେଇଲା ବାବୁ, ଦଉଡ଼ିଆସ ।''

Digitized by srujanika@gmail.com

ଆଉ ଖାଇବି କଣ – ରାଇଫଲ୍ ଧରିକି ଦୌଡ଼ିଲି ସେ ଲୋକଙ୍କ ପଛରେ । ସେ ଦି'ଜଣଯାକ କାନ୍ଦ କାନ୍ଦ ହେଇ କହୁଥାନ୍ତି – ପଞ୍ଚୁଆକୁ ଆଜ୍ଞା ବଞ୍ଚାନ୍ତୁ – ହାତୀ ମାରିଦେଲା ପଞ୍ଚୁଆକୁ । ଗଛ ଲଟି କଣ୍ଟାଝଣ୍ଟା ଭିତର ଦେଇ ଆମେ ରୁନ୍ଧି ଚାଲିଲୁ । ପ୍ରାୟ ପାଏ ବାଟ ଗଲା ପରେ ଖୋଲା ଜାଗାଟିଏ ପଡ଼ିଲା । ସାମନାରେ କିଆବୁଦା ଗୋଟେ ପାଚିରିପରିକା ଥାଏ । ତା' ଉପର ଦେଇ ଦେଖେ ଯେ ଗୋଟେ ସରୁ କେନ୍ଦୁଗଛର ସବା ଉପର ଡାଳରେ ଜଣେ ଲୋକ ଡାଳକୁ ଜାବୁଡ଼ିଧରିଚି, ଆଉ ବତାସରେ ଗଛର ଅଗଟା ଯେମିତି ନଇଁଯାଏ ସେମିତି ସେ ଗଛ ବି ନଉଁଥାଏ – ଦୋହଲୁ ଥାଏ । ଗୋଟେ ଡାଳ ଭାଙ୍ଗିବାର ଶବ୍ଦ ହେଲା । ପଞ୍ଚୁଆ ତ ଚିରକାଳିଲା ଗଛ ଉପରୁ । ମୋର ଦେହର ରୁମ ସେତେବେଳକୁ ଟାଙ୍କୁରିଉଠୁଥାଏ । ଯଦି ନହକା ଗଛଟା ଭାଙ୍ଗିଯାଏ ? ଏଣେ ମୁଁ କିଆବାଡ଼ରେ ବାଟ ପାଉନଥାଏ ପାଖକୁ ଯିବାକୁ । କିମିତି ହାତୀକି ଦେଖିବି ଏଇ ଚିନ୍ତାରେ ଘାରିହେଉଥାଏ – ଦଳେ ଭେଣ୍ଡିଆ ମୋ ପାଖରେ ଆସି ପହଞ୍ଚିଲେ । ସେମାନେ ଦୌଡ଼ି ଦୌଡ଼ି ଆସିଥାନ୍ତି – ନିଶ୍ୱାସ ଫଁ ଫଁ ହଉଥାଏ, ଏଣେ ବଡ଼ପାଟିରେ କଥାହଉଥାନ୍ତି । ଏସବୁ ହାତୀକି ଶୁଭିଲା – ସେ ତ ତଡ଼ିଆସିଲା ଉପରକୁ । କିଆବାଡ଼ ମୋଠୁ ପ୍ରାୟ ପାଞ୍ଚହାତ ଦୂର ଥିଲା । ସେଇ କିଆବାଡ଼କୁ ପେଲି ମୁଣ୍ଡଟା ମୋ ଉପରକୁ ମାଡ଼ିଆସିଲା । ମୁଣ୍ଡ ଚିତାକୁ ଗୋଟେ ଗୁଳି ମାରିଲାରୁ ହାତୀ ଧମ୍‌କି ଠିଆହେଇଗଲା – ଡାହାଣ କରକୁ ମୋଡ଼ିହେଲା ଯେ ବାଁ ପାଖର ଚଟୁଆଟା ଦିଶିଲା – ଚଟୁଆକୁ ଲାଖକରି ଦ୍ୱିତୀୟ ଗୁଳିଟା ମାରିଲି । ହାତୀଟା ସେଇଠି ପଡ଼ିଗଲା ଘୁଷୁରି ଘୁଷୁରି ଆଉ ଦଶହାତ କଣ୍ଟାଲଟି ଭିତରକୁ ପଶିଗଲା – ଫଁ କି ଗୋଟେ ଲମ୍ବା ନିଃଶ୍ୱାସ ବାହାରିଗଲା ।

ସେତେବେଳେ ମୋର ଆଣ୍ଠୁ ତଳକୁ ଯେମିତି ପାଣିହୋଇଗଲା ପରି ଲାଗିଲା – ଆଉ ଠିଆହେଇପାରିଲିନି – ବସିପଡ଼ିଲି ଲଥ୍‌କିନା । ସବୁଲୋକ ଆସି ଜମା ହେଇଗଲେ ସେଇଠି । କିଏ ଜଣେ ଯାଇ ପଞ୍ଚୁଆକୁ ଧରାଧରି କରି ଗଛରୁ ଓହ୍ଲାଇ ଆଣିଲା – ଢାଳେ ପାଣି ତା ମୁଣ୍ଡରେ ମାରି ତାକୁ ସାଷ୍ଟମକଲେ ।

ପନ୍ଦରମିନିଟ୍ ପରେ ମୋର ଗୋଡ଼ ଥରିବା ବନ୍ଦହବାରୁ ଯାଇ ଦେଖିଲି ଯେ ହାତୀଟା ମରିଯାଇଚି । ସେଇଟା ଗୋଟେ ଛୋଟ ଭେଣ୍ଡିଆ-ହାତୀ । ଦାନ୍ତର ଲମ୍ବା ଦେଢ଼ ଫୁଟ ଖଣ୍ଡେ ହବ ପରା !

Digitized by srujanika@gmail.com

ଦୁର୍ଗାପୁର ବଣରେ ଦିନେ

ସକାଳୁ ଗୋଟେ ଆଡ଼ି ହେଇଥିଲା – ଗୋଟିଏ ମିରିଗ ଶିଙ୍ଗାଳ ମରାହେଇଥାଏ । ଆମେସବୁ ବଙ୍ଗଳାକୁ ଫେରି ଚା' ବରାଦ କରିଥାଉଁ । ବାରନ୍ଦାରେ ମାମୁ ବସିଥାନ୍ତି, ଆଉ ଆମେ ଟୋକାମାନେ ବନ୍ଧୁକ ସଫା କରୁଥାଉଁ । ଗଙ୍ଗା ଗାଁପଟୁ ଦୌଡ଼ି ଦୌଡ଼ି ମୋ ପାଖକୁ ଆସିଲା । ତାକୁ କାଲେ ସିରିଆ ବୁଢ଼ା ପଠେଇଚି 'ଭାଲୁମରା ସାହେବ'କୁ ଖବରଦବାକୁ ଯେ ବାଘଟିଏ ଝରଣାପଟେ ମଢ଼ କରିଚି । ଶୁକୁଟା ଗୋରୁ ନେଇ ସେପଟେ ଚରଉଥିଲା ସକାଳୁ । ସିରିଆ ବୁଢ଼ାର ପୋଢ଼ ଛୁଆଟାକୁ ବାଘ ମାରିଦେଇଚି । ଶୁକୁଟା ଆସିକି ତାକୁ ଖବରଦେଇଚି ଏଇ ଅଳ୍ପ ସମୟ ହେଲା । ସିରିଆ ବୁଢ଼ା କାଲେ ତାଗିଦ୍ କରିଚି ଯେ ବାଘ ମଢ଼ କଥା ଆଉ କାହାରିକି କହିବନି । ଆଉ ଯଉ ସାହେବସୁବା ଆସିଚନ୍ତି ସେ ଗାଁକୁ, କାହାରି ଉପରେ ବୁଢ଼ାର ଭରସା ନାହିଁ । ସେମାନେ ତ ଖାଲି ମିରିଗ ସମ୍ବର ମାରନ୍ତି – ଆଉ ତା ବି ଗାଡ଼ିରେ ବସି ବଣରାସ୍ତାରେ ବୁଲନ୍ତି – ଆଉ ସେଇ ଜିପ୍‌ରେ ଥାଇ ବନ୍ଧୁକ ମାରନ୍ତି । ବଣ ଭିତରକୁ ପ୍ରାୟ ପଶନ୍ତିନି । ସେମାନେ କଣ ଆଉ ବାଘ ମାରିବାକୁ କଣ୍ଟାଝଣ୍ଟାରେ ବଣରେ ପଶିବେ – ଖାଲି ମିଛୁଟାରେ ଗୁଡ଼େ ହଲ୍ଲାକରି ବାଘକୁ ହୁରୁଡ଼େଇଦେବେ । ଫେର୍ ଦିନାକେତେ ପରେ ସେ ବାଘ ଆମ ଗୋରୁଗାଈ ଗୋଠରେ ପଶିବ । ବୁଢ଼ା କାଲେ କହିଛି – ସେଇ ଭାଲୁମରା ସାହେବର ଛାତି ଅଛି; ମାଟିରେ ବସି ଦଶହାତ ଦୂରରୁ ଭାଲୁକୁ ମାରିଥିଲାଟି । ସେଇ ମାରିଲେ ମାରିପାରିବ ଏଇ ବାଘଟାକୁ । ଏତକ କଥା ଗଙ୍ଗା ମୋତେ ଫୁସ୍‌ଫୁସ୍‌କି କହିଦେଲା ଆମ୍ବଗଛ ମୂଳରେ ଠିଆହେଇ । ବଙ୍ଗଳା ବାରନ୍ଦାରେ ତ ମୁଁ ମୋର ରାଇଫଲ୍‌ଟା ସଫାକରୁଥିଲି – ଗଙ୍ଗା ମୋତେ ଆମ୍ବଗଛ ମୂଳକୁ ଡାକିନେଇଥିଲା ଏଇ କଥାତକ କହିବାକୁ । ଆଉରି କହିଲା, ସେ ମୋତେ ବାଟ କଢ଼ାଇ ନେଇଯିବ ମଢ଼ ପାଖକୁ ସାଙ୍ଗେ ସାଙ୍ଗେ ।

ଆମ୍ବଗଛମୂଳେ ଆମର ଏମିତି ଫୁସ୍‌ଫୁସ୍ କଥା ହବା ଦେଖି ମାମୁ ବାରନ୍ଦାରୁ ହୁରି କରୁଥାନ୍ତି । ଯା ଭିତରେ ସୁରେଶ ଚା' ଟ୍ରେରେ ବିସ୍କୁଟ ଚା' ଧରି ପହଞ୍ଚୁଥାଏ । ମୁଁ ଲବ କୁଶ ଆଉ ମାମୁ ବସିଲୁ ଚା' ଖାଇବାକୁ । ମୁଁ ସେଇଠି କହିଲି ଏଇ ବାଘମଢ଼ କଥା । ମୋ କଥା ସବୁ ନସରୁଣୁ ମାମୁ ଉଠିଲେ – ତାଙ୍କର .୩୦୩୦ ରାଇଫଲ୍‌ଟି କାନ୍ଧରେ ପକେଇ

Digitized by srujanika@gmail.com

ବାହାରିପଡ଼ିଲେ ମଢ଼ ଦେଖିବାକୁ – ଆଉ ବାଘ ମଢ଼ ଉପରେ ମଞ୍ଚା କିମିତି ବାନ୍ଧିବାକୁହବ ଆମୁକୁ ଶିଖେଇବାକୁ । ସେ ପରା ମୟୂରଭଞ୍ଜର ମହାରାଜାଙ୍କ ଗହଣରେ ଶିକାର କରିଛନ୍ତି ତାଙ୍କ ଜୀବନଯାକ – ମହାରାଜା, ପଲିଟିକାଲ ଏଜେଣ୍ଟମାନଙ୍କ ପାଇଁ ଶିକାର ବନ୍ଦୋବସ୍ତ କରିଛନ୍ତି ଅନେକ ଥର । ସେ ତ ମୟୂରଭଞ୍ଜର ପୁଲିସ ସାହେବ ଥିଲେ । ତାଙ୍କ ଚାକିରି ସମୟରେ ସେ ମହାରାଜାଙ୍କର କୋତରୁ ସବୁ ବନ୍ଧୁକ ରାଇଫଲ୍ ବ୍ୟବହାର କରୁଥିଲେ । ଶିକାର, ଖେଳ, କୁଦ, ସ୍କାଉଟିଂରେ ତାଙ୍କର ଖୁବ୍ ନାମ-ଡାକ ଥିଲା । ମୁଁ ତ ଖୁସିହେଲି ଯେ ଏମିତି ପାରଙ୍ଗମ ଶିକାରୀଙ୍କର ତଦାରଖରେ ବାଘମଞ୍ଚା ବାନ୍ଧିଲେ ବାଘର ଆଉ ବର୍ତ୍ତିବାର କଥା ନୁହେଁ । ଏଣେ ମନଟା ବି ଛିଙ୍କେଉଥାଏ ଯେ କାଳେ ଆମକୁ ଶିଖଉ ଶିଖଉ ବାଘଟାକୁ ମାରି ବି ଦେଇପାରନ୍ତି – ମୋର ଆଉ ବାଘମରା ହେଇପାରିବନି । ଏଇମିତି ଯଉଖୁଣୁ ମନଟା ଛିଙ୍କେଇଲା, ମୁଁ ମାମୁଙ୍କୁ କହିଲି ଯେ ତାଙ୍କର ଏଇ .୩୦୩୦ ରାଇଫଲ୍‌ଟା ତ ଖେଳଣା ରାଇଫଲ୍ – ସେଥିରେ ବାଘ ମରାଯାଏନି ତ ! ମୋ ପାଖରେ ସେତେବେଳେ ମୋର ୩୫୫ ମଉଜାର ରାଇଫଲ୍ ଥାଏ, ଆଉ ସ୍ପୋର୍ଟସ୍ ମେନ୍‌ସ କ୍ଲବ୍‌ର .୪୫୦/.୪୦୦ ଦି'ନଳିଆ ରାଇଫଲ୍‌ଟା ବି ଥାଏ ।

ବାଘଟା ତ ଖୁବ୍ ବଡ଼ ଜନ୍ତୁ; ଦୁଇଶହ କି ତିନିଶହ କିଲୋଗ୍ରାମ୍ ଓଜନର ଜନ୍ତୁ – ଆଉ ତା ଜୀବନ ବଡ଼ ଟାଣୁଆ । କହନ୍ତିନି, ବିଲେଇର ନଅଟା ଜୀବନ – ବାଘର ବି ସେମିତି । ସହଜରେ ତ ବାଘ ମରେନି । ଆଉ ତା ଉପରେ ପୁଣି ଜନ୍ତୁଟା ଖୁବ୍ ଭୟଙ୍କର – ଟିକିଏ ଜୀବନ ଥିବାଯାକେ ବିପଦ । ମଣିଷକୁ ପାଖରେ ପାଇଲେ ନା ଚୋବେଇଦବ ଏକଦମ୍ । ଏଇପରି ଭୟଙ୍କର ଜନ୍ତୁକୁ ମାରିବା ପାଇଁ ସେମିତି ଟାଣୁଆ ବନ୍ଧୁକ ବି ଦରକାର ।

ମୋ କଥା ଶୁଣି ମାମୁ ହସିଲେ; କହିଲେ – "କିଓ, ଆମ ନାମକରା ଶିକାରୀ ଜିମ୍‌କାର୍‌ବେଟ୍ ପରା .୨୭୫ ବୋର୍ ରାଇଫଲ୍‌ରେ ବାଘ ମାରିଥିଲେ । .୩୦୩୦ଟା ତ ତାଆଠୁ ବଡ଼ ବୋର୍ ।" ଭାବିଲି, ମାମୁ ତ ଢେର୍ ପ୍ରକାର ରାଇଫଲ୍ ବନ୍ଧୁକ ବ୍ୟବହାର କରିଛନ୍ତି । ରାଜାମହାରାଜା ଆଉ ବଡ଼ ବଡ଼ ନାମକରା ଶିକାରୀଙ୍କ ସାଙ୍ଗରେ ମିଶିଛନ୍ତି । ସେ କଣ ଆଉ ଥାଟି-ଥାଟି ଉଇନ୍‌ଚେଷ୍ଟର ଆଉ ଟୁସେଭେଣ୍ଟିଫାଇଭର ପ୍ରଭେଦ ଜାଣିନାହାନ୍ତି ଯେ ମୋତେ ପଚାରୁଛନ୍ତି । ପରଖ କରୁଛନ୍ତି ମୋତେ ! ମୁଁ ବନ୍ଧୁକ, ରାଇଫଲ୍, ଗୋଳାବାରୁଦ କଥା ଜାଣିଚି କି ନାହିଁ ବିଡୁଛନ୍ତି ।

ମୁଁ କହିଲି – "ହଁ, ନୀଳଗିରି ରାଜାସାହେବ ତ ଟୁ-ଟୁ ସେଭେନ୍‌ରେ ବାଘ ମାରିଚନ୍ତି – ସୁରୁଗୁଜାର ରାଜାସାହେବ ଟୁଫିପ୍‌ଟିସିକ୍ସରେ ବି ବାଘ ମାରିଚନ୍ତି । ଠିକ୍ ମୁଣ୍ଡର ମେରୁକୁ ବଜେଇପାରିଲେ ସରୁନଳିବାଲା ରାଇଫଲ୍‌ରେ ବି ବାଘ ମରିବ; କିନ୍ତୁ ସରୁନଳି ରାଇଫଲ ହାଇଭେଲ୍‌ସିଟି ଅର୍ଥ ଖୁବ୍ ପ୍ରଖର ବେଗବାଲା ଗୁଳି ହେଲେ ଯାଇ ବାଘ ମାରିହେବ । ତା ଛଡ଼ା ମଣିଷ ବାଧ୍ୟରେପଡ଼ି ଅନ୍ୟ ରାଇଫଲ୍ ପାଖରେ ନଥିଲେ ସିନା ଏମିତି ସରୁନଳି ରାଇଫଲ୍ ମାରେ । କର୍ବେଟ ସାହେବ ସେଦିନ ଗୋଟିଏ ହାତରେ ଚଢ଼େଇ ଅଣ୍ଡା ଆଉ ଆର ହାତରେ ଟୁ-ସେଭେଣ୍ଟିଫାଇଭ୍ (.୨୭୫) ମଉଜାର ରାଇଫଲ୍ ଧରି

Digitized by srujanika@gmail.com

ଯାଉଁ ଯାଉଁ ଗୋଟିଏ ପାହାଡ଼ିଆ ନାଳ ଭିତରେ ବାଘ ହାବୁଡ଼ରେ ପଡ଼ିଲେ । କରନ୍ତେ କଣ ଆଉ – ବାଧ୍ୟହେଇ ବାଘର ମଥାନକୁ ଗୁଳିକଲେ ସିନା । ସୁରୁଗୁଜା ରାଜାସାହେବଙ୍କର ତ ସଉକ ଥିଲା ସରୁନଳିବାଲା ରାଇଫଲ୍ । ସେ ଟୁ-ଫିଫ୍ଟିସିକ୍ସ (.୨୫୬) ମେନଲିକାର ରାଇଫଲ୍କୁ ପସନ୍ଦକରୁଥିଲେ । ହେଲେ ତାଙ୍କର ଆଖି ସେମିତି ତେଜ ଥିଲା – ତାଙ୍କର ଲାଖ କରିବା କଥା ଶୁଣିଲେ ଆଚମ୍ବିତ ହେବା କଥା । ଥରେ ସେ ବଣରେ ଗୋଟିଏ ଗୋରା ପେଣ୍ଡ୍ରା ଦେଖିଲେ । ତା'ର ଚମଡ଼ାଟା ଧଳା । ଏମିତି ଜନ୍ତୁଟିଏ ବଡ଼ ବିରଳ । ଗୁଳିକରି ମାରିଦେଲେ ତ ଚମଡ଼ାଟା କଣା ହେଇଯିବ । ଏଡ଼େ ସୁନ୍ଦର ଆଉ ବିରଳ ଚମଡ଼ାକୁ କଣାକଲେ ଚଳିବନି ତ । ସେଇଠୁ ରାଜାସାହେବ ପେଣ୍ଡ୍ରାର କାନବିନ୍ଧକୁ ଲାଖକରି ଗୁଳିକଲେ ଯେ ଜନ୍ତୁଟା ସେଇଠି ରହିଲା – ଚମଡ଼ାଟା କଉଠି ଖୁଣ ନଥିଲା । ଏକଥା ତ ଭେନ୍ଇନଗନ-ଭେନ୍ଇନଗନ ପାଖରେ ଲେଖାଅଛି ।

ଭେନ୍ଇନଗନ-ଭେନ୍ଇନଗନ ସେତେବେଳେ ଭାରତବର୍ଷର ଖୁବ୍ ନାମକରା ଦୋକାନ । ସେମାନେ ଶିକାର ଚମଡ଼ାକୁ ଟେନିଂକରନ୍ତି ଆଉ ଜନ୍ତୁଟା ଦେଖିବାକୁ ଯେମିତି ଥିଲା ଠିକ୍ ସେମିତି ତିଆରିକରିଦିଅନ୍ତି – ଶିକାରୀର ବରାଦ ମୁତାବକ । ସବୁ ଶିକାରୀ ତାଙ୍କରି ପାଖକୁ ଯାଆନ୍ତି ଶିକାରର ଚମଡ଼ା ଆଉ ମୁଣ୍ଡ ଧରିକି । ଇମିତି ଲାଖକରି ପାରିଲେ ସରୁ ନଳି ରାଇଫଲ୍ ବି ବ୍ୟବହାର କରିହବ ବଡ଼ ଜନ୍ତୁ ପାଇଁ । ବେଲ୍ ସାହେବ ବୋଲି ଜଣେ ଗୋରା ଶିକାରୀ ଆଫ୍ରିକାରେ ହାତୀ ଶିକାର କରୁଥିଲେ । ସେ ତ ଜୀବନସାରା ଟୁ-ଫିଫ୍ଟିସିକ୍ସ ରାଇଫଲ୍ରେ ହାତୀ ପରି ବିରାଟ ଜନ୍ତୁ ମାରୁଥିଲେ । ଆଫ୍ରିକାର ଗୋରା ଶିକାରୀମାନଙ୍କୁ ହ୍ୱାଇଟ୍ ହଣ୍ଟର ବୋଲି କହନ୍ତି । ସେମାନେ ହାତୀଦାନ୍ତରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ରାଜାମହାରାଜା କୋଟିପତିମାନଙ୍କୁ ଶିକାର କରିବାକୁ ନେଇ ଲକ୍ଷ ଲକ୍ଷ ଟଙ୍କା ପାଆନ୍ତି । ତେବେ ଆଫ୍ରିକାରେ ହାତୀ କି ଅନ୍ୟ ଜନ୍ତୁସବୁ ପଦାରେ ଚରାବୁଲା କରନ୍ତି ତ – ଦୂରରୁ ଦେଖି ଲାଖ କରିବାକୁ ସୁବିଧା ହୁଏ । ଆମ ବଣରେ ହାତୀ ତ ଘଞ୍ଚ ଜଙ୍ଗଲରେ ରହେ – ଦଶକଦମ ଦୂରରୁ ବି ପରିଷ୍କାର ଦିଶେନି । ଏତେ ପାଖରୁ ସରୁନଳି ରାଇଫଲ୍ ମାରିଲେ ହାତୀକୁ ପକେଇହବ କଉଠି ?

ମାମୁ ଏସବୁ କଥା ଶୁଣି ଖୁସିହେଲାପରିକା କହିଲେ ଯେ ଶିକାର-ଦୁନିଆରେ ଦିନେ କାଳେ ମୋତେ ସମସ୍ତେ ଚିହ୍ନିବେ । ମାମୁଙ୍କର ଡ୍ରାଇଭର୍ ସିରାଜ ପଚାରିଲା, ଟୁ-ଫିଫ୍ଟିସିକ୍ସ କଣ ? ମୁଁ ତାକୁ ବୁଝେଇଦେଲି ଯେ ରାଇଫଲ୍ର ନଳିର ବିନ୍ଧଟାର ମାପ । ଟୁ-ଫିଫ୍ଟିସିକ୍ସ ମାନେ ଦଶମିକ ଦୁଇ ପାଞ୍ଚ ଛଅଇଞ୍ଚ ଓସାରର ନଳିବିନ୍ଧବାଲା ରାଇଫଲ୍ । କର୍ବେଟ୍ ସାହେବଙ୍କ କଥା ତାଙ୍କ ବହିରୁ ପଢ଼ିଚି ଯେ ଜାଣିଚି, କିମିତି ଅକଲରେ ପଡ଼ି ସେ ସରୁନଳି ରାଇଫଲ୍ରେ ମାଇଲେ, ରାଜାସାହେବମାନେ କିମିତି ଭାବରେ ସରୁନଳି ରାଇଫଲ୍ରେ ବାଘ ମାଇଲେ । ରାଜାସାହେବମାନେ କିମିତି ଭାବରେ ସରୁନଳି ରାଇଫଲରେ ବାଘ ମାଇଲେ ଜାଣିନି, ତେବେ ଏଇଟା ନିଶ୍ଚୟ ଯେ ବାଘଟା କଉଠି ଥିରହେଇକି ବସିଥିବ – ରାଜାସାହେବଙ୍କୁ ଢେର୍ ସମୟ ଦେଇଥିବ ଲାଖକରିବାକୁ ।

Digitized by srujanika@gmail.com

ରାଜାମାନେ ବି ତ ପିଲାବୟସରୁ ରାଇଫଲ୍ ବ୍ୟବହାର କରନ୍ତି – ଚାନ୍ଦମାରୀ କରନ୍ତି । ଅସୁମାରି ଗୁଳି ଫୁଟାଇଥାନ୍ତି ଗେଲରେ ଚାନ୍ଦମାରୀ କରି କରି । ଲାଖକରି ରାଇଫଲ୍ ଫୁଟାଇବା ତାଙ୍କର କିଛି କଷ୍ଟ ହୁଏନା । ବାଘ ମୁଣ୍ଡର ମଥାନିକୁ କଣ, ଶହେ ମିଟର ଦୂରରୁ ପରା ଦିଆସିଲି କାଠିର ମୁଣ୍ଡକୁ ବଜେଇ ପାରନ୍ତି ସେମାନେ । ଆମକୁ ସିନା ଆଚମ୍ୱିତ ଲାଗୁଛି ଇମିତି ଲାଖକଥା ଶୁଣି । ଆମେ ତ ଆଉ ଶହେ ଦୁଇଶହ ଗୁଳି ଗେଲରେ ଚାନ୍ଦମାରୀ କରିପାରିବୁନି । ପ୍ରତିଟି ଗୁଳି ପରା ଏବେ ଆଠ ଦଶଟଙ୍କା ଦାମ୍ !

ଏଇପରି କଥାବାର୍ତ୍ତା ହଉଁ ହଉଁ ଆମେ ଆସି ବଣ ଭିତରେ ପଶିଲୁ । ସେଇଠୁ କଥାବାର୍ତ୍ତା ବନ୍ଦକରି ଚୁପ୍‌ଚାପ୍ ପଛକୁ ପଛ ହେଇ, ପାଦ ଚିପି ଚିପି ଚାଲିଲୁ । ଗଙ୍ଗା ବାଟ କଢ଼ଉଥାଏ । କଣ୍ଟା ଲଟା ଭିତରେ ଗଳି ଗଳି, ପାଦ ଚିପିଚିପି ଧୀରେ ଧୀରେ ଯିବାକୁ ପଡ଼ିଲା – ବାଘ କାଳେ ମଢ଼ ଉପରେ ଥିବ । ପାଏ ବାଟ ଗଲା ପରେ ଯୁଉଠି ବାଘ ପୋଢ଼କୁ ଧରିଥିଲା, ସେଇଠି ପହଞ୍ଚିଲୁ । ରକ୍ତରେ ମାଟିଟା ଭିଜିଥାଏ – ବଣବୁଦା ଚକଟାଚକଟି ହୋଇଥାଏ, କରକୁ ଘୋଷଡ଼ା ଚିହ୍ନ, ସେଇ ବାଟରେ ବାଘ ମଢ଼କୁ ଘୋଷାଡ଼ି ନେଇଚି । ଆମେ ବନ୍ଧୁକରେ କାର୍ତୁସ୍ ପୂରେଇ ପାଦେ ପାଦେ ସେଇ ଘୋଷରା ରାସ୍ତାରେ ଗଲୁ । ପଚାଶ କଦମ ଯାଇଛୁ କି ବୁଦା ଗହଳିରେ ମଇଁଷି ମଢ଼ଟା ପଡ଼ିଚି – ଦିଶିଲା । ଆମେ ଖୁବ୍ ସାବଧାନରେ ପାଖକୁ ଯାଇ ଦେଖିଲୁ ଯେ ମଢ଼ର ପିଚା ପାଖରୁ ତିନି ଚାରି କିଲୋ ମାଉଁସ ଖାଇଚି । ସେଥିରେ ଲାଗିଥିବା ବାଘ ପାଟିର ଲାଳ ସେତେବେଳକୁ ଓଦା ଥାଏ । ସେଇଥିରୁ ଆମେ ଜାଣିଲୁ ଯେ ବାଘ ମଢ଼ ଖାଉଥିଲା – ଆମର ଆସିବା ଶବ୍ଦ ପାଇଚି କି ଆମକୁ ଦେଖିପକେଇଚି – ଅଧାଖିଆ ହୋଇ ବାଘ ପଳେଇଚି । ସେତେବେଳକୁ ତ ଦିନ ଦଶଟା ହବ । ଦିନବେଳେ ବାଘ ମଢ଼କୁ ଛାଡ଼ିକି ପଳେଇଲେ, ବଡ଼ ଯତ୍ନରେ ମଢ଼କୁ ଘୋଡ଼େଇକି ରଖି ଯାଏ, ଯେମିତିକି ଶାଗୁଣାମାନେ ମଢ଼କୁ ଦେଖିନପାରନ୍ତି । ବାଘ ଏମିତି ଖାଉଁ ଖାଉଁ ଥରେ ଦୁଇଥର ମଢ଼କୁ ଛାଡ଼ିକି ଯାଏ ପାଣି ପିଇବାକୁ । ଖାଲି ମାଉଁସଗୁଡ଼େ ଖାଇଲେ ପାଣି ଦରକାର ହୁଏ ତ ହଜମ କରିବାକୁ । ଏଇ ଯଉ ମଢ଼ ଆମେ ଦେଖିଲୁ, ସେଇଟା ଘୋଡ଼ିଆ ହେଇନି । ସେଇଥିରୁ ଜାଣିପାରିଲୁ ଯେ ବାଘଟା ତରବର ହେଇ ପଳେଇଚି । ମଢ଼ ଦେହରେ ବାଘ ପାଟିର ଲାଳ ବି ତ ଚକ୍‌ଚକ୍ କରୁଥିଲା ଏଇ ଦି'ମିନିଟ୍ ହବ ବାଘ ପଳେଇଚି ।

ମାମୁ ସେଇଠୁ ସମସ୍ତିଙ୍କି କହିଲେ ବଡ଼ପାଟିରେ କଥାବାର୍ତ୍ତା ହବାକୁ – ଆଉ ଖଣ୍ଡେଦୂର ଆଗକୁ ଚାଲିଯିବାକୁ । ବାଘଟା ପାଖରେ କଉଠି ଲୁଚିକି ଆମକୁ ଅନିଷା କରିଥିବ ତ – ଆମେ ପାଟିତୁଣ୍ଡ କରି ଖଣ୍ଡେବାଟ ଚାଲିଗଲେ ସେ ଦୂରକୁ ହଟିଯିବ, ଆମକୁ ଦେଖିପାରିବନି କି ଆମେ କଣ କରୁଚୁ ଜାଣିପାରିବନି । ଆମେ ପରା ସେଇଠି ସାଙ୍ଗେ ସାଙ୍ଗେ ମଞ୍ଚା ବାନ୍ଧିବା । ଦୁଇଜଣ ଲୋକଙ୍କୁ ବରାତହେଲା ସେ ଝଟ୍‌ପଟ୍ ଗାଁକୁ ଯାଇ ଗୋଟିଏ ମଜବୁତିଆ ଦଉଡ଼ିଆଖଟ ଆଉ ବର୍‌ହେଇ ଦଉଡ଼ି ନେଇକି ଝଟ୍ ଆସିବେ । ଆଉ ଦୁଇ ଚାରିଜଣଙ୍କୁ ବରାତ ହେଲା, ସେମାନେ ପାଏ ବାଟ ଦୂରରୁ ଗୁଡ଼ାଏ ତାଳପତ୍ର

Digitized by srujanika@gmail.com

କାଟି ଆଣିବାକୁ । ସେଇ ମଢ଼ ପାଖରେ ଯେଉଁ ଜାତିର ଗଛ, ସେଇ ଗଛର ଡାଳ କେବଳ ଆଣିବେ । ଅଲଗା ପ୍ରକାର ପତର କି ଗଛଡ଼ାଳ ସେଠି ହେଲେ ତ ବାଘ ଜାଣିପାରିବ ଯେ କିଛି ଗୋଟାଏ ଅଡୁଆ ହେଉଚି ବୋଲି । ସେ ଲୋକମାନେ ଗଲା ପରେ ଆମେ ରହିଲୁ ଚାରିପାଞ୍ଚଜଣ । ବଡ଼ପାଟି କରି କଥାଭାଷା ହଉଥାଉଁ – ବାଘ ଯେମିତି ଅନେକ ଦୂରରୁ ଆମ କଥା ଶୁଣିପାରିବ ।

ମାମୁଙ୍କୁ ମୁଁ କହିଲି ଯେ ବାଘଟା ମନେହଉଚି ଖୁବ୍ ଟୋକା ବାଘ । ଯଉଁ ଗୋଟାଏ ଯୋଡ଼େ ଖୋଜ – ସେ ଅଞ୍ଚଳରେ କହନ୍ତି ବାଘମଡ଼ା – ଆମେ ଦେଖିଲୁ ମନେହେଲା ଏଇଟା ଗୋଟିଏ ଛୋଟ ବାଘ କି ବଡ଼ ରକମ ବୁଢ଼ା ପେଣ୍ଡ୍ରା । ତେବେ ପେଣ୍ଡ୍ରା ତ ମଢ଼ର ବେକ ପାଖରୁ ଆଗ ଖାଏ – କେତେବେଳେ କିମିତି ପେଟ ପାଖରୁ ଖାଏ । ବାଘ ସବୁବେଳେ ପ୍ରାୟ ପଛ ଫଡ଼ିଆଠୁ ଖାଇବା ଆରମ୍ଭକରେ । ଏଇଟା ତ ପଛ ଫଡ଼ିଆଠେଇ ଖାଇଚି । ଦାନ୍ତ ଦାଗରୁ ବି ଜଣାଯାଉଚି ବାଘଟା ଗଜା ଟୋକା ବାଘ । ବଡ଼ ବାଘ ହେଇଥିଲେ ଏଇ ପୋଢ଼ଟାକୁ ଶୂନ୍ୟରେ ଟେକିକି ନେଇଥାନ୍ତା । ଏଇଟା ତ ଟେକିପାରିନି, ଘୋଷାଡ଼ି ଘୋଷାଡ଼ି ଆଣିଚି ମାରିବା ଥାନଠୁ ଖାଇବା ଥାନଯାଏ ।

ବଣ ମଝିରେ ମଢ଼କୁ ପକେଇଚି । ସେଇଠୁ ରାସ୍ତା – ବଣ ବିଭାଗ ରାସ୍ତାଟା – ଅନେକ ଦୂର । ପାଖରେ ମଣିଷ ଚଳପ୍ରଚଳ ହବାର କିଛି ଭୟ ନାହିଁ । ବାଘଟା ଦିନ ଭିତରେ – ଖରାତେଜ ଥାଉଁ ଥାଉଁ – ଆସିବ ପୁଣି ଖାଇବାକୁ । ଖୁବ୍ ଶୀଘ୍ର ମଞ୍ଚାଟା ବାନ୍ଧିଦେଇ ବସିଯିବାକୁ ହବ । ସମସ୍ତଙ୍କର ମନ ତ ହକହକ ହଉଥାଏ ବାଘ ମଞ୍ଚାରେ ବସିବାକୁ – ସହଜରେ ବାଘ ମାରିବାକୁ । ବାଘଟିଏ ଯିଏ ନମାରିଚି ନା, ତା'ର ତ ଶିକାରୀ-ଜଗତରେ ଇଜ୍ଜତ ବୋଲି କିଛି ନାହିଁ । ସେତେବେଳର ଶିକାରୀ-ଦୁନିଆରେ ବାଘ ମାରିବା ଗୋଟେ ଖୁବ୍ ବାହାଦୁରୀ କଥା ଥିଲା । କିମିତି ଭାବରେ ମାରିଲ, କେହି ପଚାରନ୍ତିନି । କର୍ବେଟ୍ ସାହେବ ତାଙ୍କ ବହିରେ ଲେଖିଛନ୍ତି ବାଘଟାକୁ – ମଣିଷଖିଆ ବାଘଟାକୁ – ଗୋଟିଏ ନାଳର ଗହୀରରେ ଦେଖିଲେ । ଦେଖିଲାବେଳକୁ ବାଘ ତାଙ୍କଠୁ ପାଞ୍ଚହାତ ଦୂରରେ । କର୍ବେଟ୍ ସାହେବ ସେଇ ନାଳର ବାଲିରେ ଛିଡ଼ାହେଇ ଗୋଟିଏ ହାତରେ ରାଇଫଲ୍‌ଟା ବାଘ ମୁଣ୍ଡକୁ ଲଗେଇଲାପରିକା କରି ଗୁଳି ଫୁଟେଇଥିଲେ । ସେଇ ଯେ ଅସଲ ଶିକାରୀ – ଆଉ ଆମେ ପନ୍ଦରଫୁଟ ଉପରେ ମଞ୍ଚାରେ ବସିଥିବୁ – ବାଘ ଆସିବ ମଢ଼ ଖାଇବାକୁ, ସେଇଠୁ ବାଘ ଉପରକୁ ଗୁଳିକରିବୁ ! ଯଦି ବି ବାଘ ନମରୁଚି, ଆମକୁ ଭୟ କିଛିନାହିଁ । ପନ୍ଦରଫୁଟ ଉପରକୁ ତ କୁଦା ମାରିପାରିବନି ବାଘ – ଗଛକୁ ଚଢ଼ିବା ବି ବାଘକୁ ଭାରି କଷ୍ଟ । କେହି କେହି ରାତିରେ ଜିପ୍‌ରେ ବସି ଆଲୁଅ ପକେଇ ପକେଇ ବଣରାସ୍ତାରେ ଯାଉ ଯାଉ ବାଘଟିଏ ହାବୁଡ଼ିଲେ ତ ଦଶ କଦମ ଦୂରରୁ ଗୁଳି ମାରିଦେଇ ଜିପ୍‌ରେ ଖୁବ୍ ବେଗରେ ସେଠୁ ପଳାଇଯାନ୍ତି । ତା' ପରଦିନ ଆସି ଦେଖନ୍ତି ବାଘ ମରିଚି କି ନାହିଁ । ଯଦି ମରିପଡ଼ିଥାଏ ତ ଖୁବ୍ ବାହାବା ନେଲେ ।

ସେତେବେଳେ କିନ୍ତୁ ମୋର ଏତେ ବାଛବିଚାର ତ ନ ଥିଲା । ନୂଆ ନୂଆ ଶିକାର

Digitized by srujanika@gmail.com

କରୁଥାଏ – ବାଘ ମାରିବା ଭାଗ୍ୟ ତ ମୋର ହେଇନଥିଲା । ଏଇ ଯେ ମଉକା ମିଳିଚି ଏଇଟା ଛାଡ଼ିବାକୁ ମନହଉନଥାଏ; ଏଣେ ମାମୁଙ୍କର ବି ମନ ସକ୍‌ସକ୍ ହଉଥାଏ ବାଘ ମାରିବାକୁ । କୁଶ ବି କନକନ ହଉଥାଏ ସେଇ ବାଘଟାକୁ ମାରିବାକୁ । ହେଲେ କେହି ଆଉ କହୁନଥାନ୍ତି ମନଖୋଲିକି ଯେ 'ମୋତେ ଏ ମଉକାଟା ଦିଆଯାଉ' । ଏଣୁତେଣୁ ସବୁ କଥା କହୁଥାଉ – ଗାଁରୁ ଖଟ ଆଉ ଦଉଡ଼ି ଆସିଲା । ବଣରୁ ତାଳପତର ହଣା ହେଇକି ଆସିଲା । ମଢ଼ ପଡ଼ିଥିବା ଥାନରୁ ଗୋଟିଏ ପତର ବି ଏପାଖ ସେପାଖ କରିବାକୁ ନାସ୍ତିକଲୁ । ମୋଟା ଗଛ ସେଇଠି ନଥିଲା ତ, ସବୁ ଗଛ ଅନାବନା କାଠର – ଜାଳେଣି କାଠ । ଗଛଗୁଡ଼ାକ ସବୁ ପ୍ରାୟ ଛଅଇଞ୍ଚ କି ଫୁଟିକିଆ । ଉଚ୍ଚାରେ ବି ଖୁବ୍ ଛୋଟ । ତିନିଟା ଗଛ ପାଖାପାଖି ଥିବାର ଦେଖି ଠିକ୍ କଲୁ ସେଇଠି ମଞ୍ଚା ବାନ୍ଧିବା । ମଞ୍ଚାଟା କିନ୍ତୁ ଭୂଇଁରୁ ଡମାରୁ ଆଠ ନଅଫୁଟ ଉଚ୍ଚରେ ହବ । ତିନିଟା ଗଛରେ ତ ମଞ୍ଚା ହୋଇପାରିଲାନି । ଆଉଗୋଟେ ସେମିତି ଗଛ କାଟିଆଣି ଖୁଣ୍ଟପରିକା କରିବାକୁ ପଡ଼ିଲା । ଦଉଡ଼ିଆ ଖଟର ଖୁରାଗୁଡ଼ାକ ଓଲଟ କରି ସେ ଗଛରେ ବାନ୍ଧିଦେଲୁ – ଚାରିପଟେ ତାଳ ପତର ଭଲରକମ ସଜେଇକି ଦେଇଦେଲୁ – ଦୂରରୁ କଣ ପାଖରୁ ବି ମଞ୍ଚା ଦିଶିବନି । ମଞ୍ଚା ବନ୍ଧାସରିଲାରୁ ମଢ଼ଟାକୁ ଟାଣିନେଇ ମଞ୍ଚାର ସାମନା ପଟେ ସଫା ଥାନରେ ରଖିଲୁ – ଯେମିତି ମଞ୍ଚାରୁ ମଢ଼ଟା ଆଉ ତା'ର ଚାରିପାଖ ଜାଗା ପରିଷ୍କାର ଦିଶିବ । ମଢ଼ର ଖୁରା ଉପରକୁ ମଜବୁତ୍ ଦଉଡ଼ି ବାନ୍ଧିଦିଆଗଲା । ମାଟିରେ ସେମିତି ଦମ୍ଭ କିଲା ପୋତି ସେ ଖୁରାର ଦଉଡ଼ିକି ବାନ୍ଧି ଦିଆଗଲା, ଯେମିତିକି ବାଘ ସହଜରେ ମଢ଼କୁ ଘୋଷାରିକି ମଞ୍ଚାଠୁ ଦୂରକୁ ନେଇଯାଇପାରିବନି । ଏତେ ସବୁ କରିସାରିଲାବେଳକୁ ଦିନ ଗୋଟାଏ ହେଲା । ବଣଭିତରେ ମଢ଼ ଅଛି; ବାଘ ତ ସାଙ୍ଗେ ସାଙ୍ଗେ ଆସିବା କଥା । ମୁଁ ସେଇଠୁ କହିଲି ଯେ ମୁଁ ଏକୁଟିଆ ବସିଯିବି ମଞ୍ଚାରେ, ଆଉ ମାମୁ, କୁଶହେରିକା ଯାଇକି ବଙ୍ଗଳାରୁ ଖାଇଦେଇ ଆସନ୍ତୁ । ମାମୁ ମୋର ଏ ପ୍ରସ୍ତାବକୁ ତ ବାଁହାତରେ ଆଡ଼େଇଦେଲାପରିକା କହିଲେ, ସେକଥା ହବନି । ପିଲାଲୋକ, ଖାଲିପେଟରେ ବାଘ ମଞ୍ଚାରେ ବସିଲେ ଚଳିବନି । ସମସ୍ତେ ଯାଇ ବଙ୍ଗଳାରୁ ଖାଇକି ଆସିବା । ସେଇଠି ଗାଁର ଦୁଇଚାରିଜଣ ଲୋକ ବସିଥାନ୍ତୁ ବଡ଼ପାଟି କରି କଥାବାର୍ତ୍ତା ହେଉଥାନ୍ତୁ ଯେ ସେ ବାଘ ଦୂରରେ ରହିଥିବ ଆମେ ଫେରିବାଯାକେ । ଆମେ ଖିଆପିଆ କରି ଦିନ ତିନିଟା ସୁଦ୍ଧା ଆସି ମଞ୍ଚାରେ ବସିବା । ସେଇ କଥା ହେଲା ।

ବଙ୍ଗଳାରୁ ଖାଇସାରି ଯାଇ ମଞ୍ଚାଠେଇ ପହଞ୍ଚିବାକୁ ଦିନ ତିନିଟା ବାଜିନଥିଲା । ଯଉଁମାନେ ଜଗିଥିଲେ, ସେଠି ତାଙ୍କୁ କହିଲୁ ଯେ ପାଟିତୁଣ୍ଡ କରି ଡକାହକା ହେଇ ସମସ୍ତେ ଫେରିଯିବେ ଗାଁକୁ – ଆମେସବୁ ମଞ୍ଚା ଉପରେ ବସିସାରିଲା ପରେ । କଷ୍ଟେମଷ୍ଟେ ମଞ୍ଚାରେ ତିନିଜଣଯାକ ବସିଲୁ ମାମୁ, ମୁଁ ଓ କୁଶ । ମୁଁ ଧରିଥାଏ .୩୭୫ ମଉଜାର ରାଇଫଲ୍, ମାମୁଙ୍କ ହାତରେ .୪୫୦/.୪୦୦ ଦିନଳିଆ ରାଇଫଲ୍; ଆଉ କୁଶ ଧରିଥାଏ ଟୁଏଲ୍‌ଭ ବୋର୍ ଦିନଳିଆ ବନ୍ଧୁକ । ଛୋଟ ଖଟରେ ତ ମଞ୍ଚା ହୋଇଥାଏ – ଜାକିଜୁକି ବସିବାକୁ ପଡ଼ିଲା । ଅଧଘଣ୍ଟେ ବସିଚୁ ଗୋଡ଼ହାତ ପରାଣ କଲା ଖୁବ୍ । ଖୁନ୍ଦାଖୁନ୍ଦି ବସିଲାରୁ

Digitized by srujanika@gmail.com

ସମସ୍ତଙ୍କୁ ତ କଷ୍ଟ ହଉଥିଲା । ହଲଚଲ ହବାର ତ କଥା ନୁହଁ । ବାଘ-ମଞ୍ଚାରେ ବସି ହାତଗୋଡ଼ ହଲାଇଲେ ବାଘର ନଜର ପଡ଼ିଯିବ – ସେଥିପାଇଁ ଏକବାରେ ନିଶ୍ଚଳ ହେଇ ବସିବା କଥା । ଦେଖିଲି ଯେ ବାଘ ପାଇଁ ମଞ୍ଚାରେବସି ବାଘର ଅପେକ୍ଷା କରିବାଟା ଗୋଟାଏ କଷ୍ଟ କାମ । ମନେ ମନେ ଠିକ୍ କଲି ଯେ ଆଉ କେବେ ଏଥିରେ ମନଦେବିନି । ବାଘ ମାରିବାକୁ ବରଂ ପାଦରେ ଚାଲି ଚାଲି ବାଘ ପାଖକୁ ଯିବି – ଆଉ ମଞ୍ଚାରେ ବସିବାକୁ ଯିବିନି । ଏଇମିତି ମନେ ମନେ ଭାବୁଥାଏ – ମନ ଭୁଲେଇବା ପାଇଁ ବଣର ଚଢ଼େଇମାନଙ୍କୁ ଦେଖୁଥାଏ । ନାଲି ନେଳି ପର ଥାଇ କେତେପ୍ରକାର ଚଢ଼େଇ ସେ ଜଙ୍ଗଲରେ ଥିଲେ । ଦେଖୁ ଦେଖୁ ଚଢ଼େଇମାନେ ସବୁ ଚୁପ୍‌ଚାପ୍ ହେଇଗଲେ । ବଣଟା ଏକଦମ୍ ନିଶ୍ଚଳ ହେଇଗଲା – ଝାଇଁପୋକମାନେ ଯେ ପକ୍ଷୀ ଘଷି ଶବ୍ଦ କରୁଥିଲେ ସବୁ ବନ୍ଦହେଇଗଲା । ମୋର ମନେପଡ଼ିଲା ଗୋଟେ ଗାଉଁଲି କଥା ଯେ ବାଘ ବାହାରିଲେ ସବୁପ୍ରକାର ଶବ୍ଦ ବନ୍ଦହେଇଯାଏ । ଭାବିଲି ବାଘ ଆସିଗଲା କି ଆଉ । ଦେଖୁ ଦେଖୁ ବଡ଼ ବଡ଼ ଟୋପାରେ ବର୍ଷା ପଡ଼ିଲା । ମେଘ ତ ନଥିଲା ଜମା, ପାଣି କଉଠୁ ଆସିଲାବୋଲି ଉପରକୁ ଅନାଏ ତ ଗଛପତ୍ର ଗହଳରେ ଦିଶିଲା କଳାହାଣ୍ଡିଆ ମେଘ – ବର୍ଷା ହେଲା ଖୁବ୍ ଜୋର୍‌ରେ । ସେତେବେଳକୁ ଚାରିଟା ବାଜିଲାଣି । ପନ୍ଦର କୋଡ଼ିଏ ମିନିଟ୍‌ଯାଏ ବର୍ଷା ହେଲା ପରେ ହଠାତ୍ ମେଘ ସଫା ହେଇଗଲା – ଫେର୍ ଚଢ଼େଇମାନେ ବୋବେଇବା ଆରମ୍ଭକରିଦେଲେ ।

ଆମେ ତ ବର୍ଷା ପାଇଁ ତିଆରି ହେଇ ଆସିନଥାଉ । ଖଣ୍ଡେ ଖଣ୍ଡେ ଖାକି ପେଣ୍ଟ ଆଉ ପତଳା ଖାକି କମିଜ ଦେହରେ । ସେଟା ସେପ୍‌ଟେମ୍ବର ମାସର ଶେଷ ଭାଗ – ଗରମ ବେଶ୍ ହଉଥିଲା । ବର୍ଷାରେ ଏକବାରେ ସୁତୁବୁଡୁ ହେଇଗଲୁ ସମସ୍ତେ । ବର୍ଷା ପରେ ପରେ ବହିଲା ସୁଲୁସୁଲିଆ ପବନ । ସେଇ ପବନରେ ଆମେ ଥରିଲୁ ତ ପଡ଼ି । ହାଡ଼ ଭିତରରୁ କମ୍ପ ଉଠେଇଲାପରିକା ହେଲା । ଦାନ୍ତରେଦାନ୍ତ ବାଜିଲା । ଲୁଗାପଟା ତ ଦେହରେ ଜଡ଼ିଯାଇଥାଏ ଓଦାହେଇ । ସେତିକିବେଳେ ଶୁଭିଲା ସଁ ସଁ ଯେମିତି ଜଣେ ଦେହ କୁଣ୍ଡେଇହେଲେ ଶବ୍ଦ ହୁଏ, ଠିକ୍ ସେମିତି । ମାମୁ ଫିସ୍ ଫିସ୍ କରି କହିଲେ, "କିଓ ଅନନ୍ତ କୁଣ୍ଡେଇ ହଉଚ କି ?" ମୁଁ ତାଙ୍କ ହାତକୁ ଚିପିଦେଇ ମଞ୍ଚା ତଳକୁ ଠାରିଲି । ସେ ଟିକେନାକୁ ଘୁଞ୍ଚିଗଲେ ମଞ୍ଚାତଳକୁ ଅନେଇବାକୁ । ଛୋଟ ଦଉଡ଼ିଆ ଖଟ ଟ – ମଞ୍ଚା ବି ବନ୍ଧାହେଇଥିଲା ପତଳା ଗଛ ଦିହରେ – ମଞ୍ଚା ଆଉ ସେ ତିନିଟାଯାକ ଗଛ ଦୋହଲିଗଲା । ବର୍ଷାରେ ଯେତେ ପାଣି ସେ ଗଛପତ୍ରରେ ଜମିଥିଲା ସବୁ ଝରିଲା ମଞ୍ଚା ତଳକୁ । ମୁଁ ଦେଖିଲି ଯେ ବାଘଟା ଭିଜି ସୁତୁବୁଡୁ ହେଇ ପଳେଇଲା ବଣ ଭିତରକୁ – ଗଲାବେଳକୁ ମୋତେ ଅନେଇକି ଯେମିତି ହସିଲା ପରି ଦାନ୍ତ ଦେଖେଇଲା ।

ସେତେବେଳକୁ ସଞ୍ଜ ହେଇଆସୁଥାଏ । ଥଣ୍ଡା ପବନ ଆଉ ଓଦା ଲୁଗାପଟା ଯୋଗୁ ଦାନ୍ତପାଟି ଠକ୍ ଠକ୍ ହେଲାଣି । ପାଟିକରି ମାମୁଙ୍କୁ କହିଲି, "ଆଉ ସେ ମଞ୍ଚାରେ ବସିକି ଲାଭନାହିଁ – ବଙ୍ଗଳାକୁ ଫେରିଯିବା ।" ଫିସ୍ ଫିସ୍ କରି ମାମୁ କହିଲେ, "ବାଘ

Digitized by srujanika@gmail.com

ଆସିବାବେଳ – ପାଟିକରି କଥା କହିବା ଭୁଲ ହେଲା ।'' ବାଘ ଯେ ଆସି ଆମ ମଞ୍ଚା ତଳେ ଠିଆହେଇଥିଲା – ଆମୁକୁ ଅନେଇକି ଫଁ ଫଁ ନିଶ୍ୱାସ ମାରୁଥିଲା – ଗଛରୁ ପାଣି ପଡ଼ିବାରେ ଓଦା ହୋଇଗଲା, ଆଉ ମାମୁଙ୍କ କଥା ଶୁଣି ବାଘ ମଞ୍ଚାରେ ମଣିଷ ବସିଛନ୍ତି ବୋଲି ଜାଣିପାରି ପଳେଇଗଲାଣି – ଏତେ କଥା ମାମୁ ଜାଣିନଥିଲେ । ସେ ତ ମଡ଼ ଆଡ଼କୁ ମୁହଁକରି ବସିଥିଲେ; ବାଘଟା ତାଙ୍କ ପଛପଟେ ଗଲା, ସେ ଦେଖିପାରିନାହାନ୍ତି । କୁଶ ବି ଏକାଧାନରେ ମଡ଼କୁ ଅନେଇ ବସିଥାଏ । ମୁଁ ସେଇଠୁ ମାମୁଙ୍କୁ କହିଲି, ବାଘ କିମିତି ମଞ୍ଚା ତଳେ ବସିଥିଲା – ତାଙ୍କ କଥା ଶୁଣି ପଳାଇଲା । ମାମୁ ବହେ ହସିଲେ, ''କହିଲେ – ସଁ ସଁ ଶବ୍ଦଟା ତା'ହେଲେ ବାଘର ନିଃଶ୍ୱାସ ।'' ସେ ଭାବିଥିଲେ ମୁଁ କାଳେ ମଶାଦାଉରେ କୁଣ୍ଠେଇହଉଥିଲି । ମନ ତ ଖଟାହେଇଥାଏ ଯେ ବାଘଟା ପଳେଇଲା – ମଞ୍ଚାଟା ବି ଦେଖିଲା – ଆମୁକୁ ଦେଖିଲା । ଆଉ ସେ ନଆସେ ମଡ଼କୁ । ହେଲେ ମୁଁ ତ ବାଘଟାକୁ ଦେଖିଥାଏ । ଗଡା ଟୋକା ବାଘ, ମଞ୍ଚାରେ ମଣିଷ ବସିଲେ ବିପଦ ବୋଲି ହୁଏତ ସେ ଜାଣିନଥିବ – ପୁଣିଥରେ ଆସିପାରେ ତ । ଆମର କିନ୍ତୁ ଅବସ୍ଥା ନଥିଲା ସେଦିନଟା ଆଉ ମଞ୍ଚାରେ ବସିରହିବାକୁ । ରାଇଫଲ୍ ସବୁରୁ ଗୁଳି ବାହାରକରି ମଞ୍ଚାରୁ ଓହ୍ଲେଇଲୁ – ପାଦେ ପାଦେ ବଙ୍ଗଳାକୁ ଫେରିଆସିଲୁ ।

ମୋର ମନଟା ତ ଏକବାରେ ଚୂନାହେଇଗଲା । ଏତେ ସୁନ୍ଦର ମଉକାରେ ବାଘଟିଏ ମିଳିଥିଲା – ମାରିପାରିଥିଲେ କ୍ଲବ୍‌ରେ ଆସିକି ଟିକେ ବଖାଣିଥାନ୍ତି – ଶିକାରୀମାନଙ୍କ ସାଙ୍ଗରେ କାନ୍ଧ ମିଳେଇପାରିଥାନ୍ତି – ହେଇପାରିଲାନି ସେ ଭାଗ୍ୟ ମୋର । ଏଣେ ମୋର ଛୁଟି ସରିଗଲା । ତା' ପରଦିନ ସକାଳୁ ମୋତେ କଟକରେ ହାଜିରା ଦବାକୁ ହବ । ବିଲୁଆକୁ ଅଙ୍ଗୁର କୋଳି ଖଟା ଲାଗିଲାପରି ଭାବିଲି – ହଁ, ମଞ୍ଚାରେ ବସି ବାଘଟାକୁ ଟାଣୁଆ ବନ୍ଧୁକରେ ମାରିବାରେ କ'ଣ ପୌରୁଷ ଅଛି ଯେ ? ବଙ୍ଗଳାକୁ ଫେରି ଲୁଗାପଟା ବଦଳେଇ କଟକ ଫେରିଲି ।

ଦିନାକେତେ ପରେ ମାମୁଙ୍କ ପାଖକୁ ଫେରିଗଲି । ସମ୍ବଲପୁରରେ ସେ ଥାନ୍ତି – ସେତେବେଳେ ଡେପୁଟି ଇନ୍‌ସପେକ୍ଟର-ଜେନେରାଲ୍ ଅଫ୍ ପୁଲିସ । ସେଇଠି ମୋତେ କହିଲେ ଯେ ଦୁର୍ଗାପୁରକୁ ଗଲା ପରଦିନ ସେ ଓ କୁଶ ଦୁହେଁ ଯାଇ ପୁଣି ସେ ମଞ୍ଚାରେ ବସିଲେ – ବାଘ ପାଞ୍ଚଟା ସୁଦ୍ଧା ଆସିଗଲା – ମଞ୍ଚାକୁ ଅନେଇଲା; କିନ୍ତୁ ଏମାନଙ୍କୁ ଦେଖିପାରିଲାନି । କାଳେ – ମଡ଼କୁ ମୁହଁରେ ଧରିଲାବେଳକୁ ମାମୁଁ .୪୫୦/.୪୦୦ରେ ଗୁଳିକଲେ ଯେ ସେଇଠି ବାଘଟା ମାଟିକାମୁଡ଼ି ପଡ଼ିଲା ।

Digitized by srujanika@gmail.com

ବଲଙ୍ଗର ବାଘ

ବଳରାମ, ଗୁରୁପ୍ରସାଦ, ଦେବେନ୍ଦ୍ରହେରିକାଙ୍କୁ ସାଙ୍ଗକରି ମୁଁ ସେବର୍ଷ ଯାଇଥାଏ ବଲଙ୍ଗ । ପାଞ୍ଚଦିନର ଛୁଟି ନେଇ ଯାଇଥାଏ । ସଞ୍ଜ ଆଗରୁ ଲବଙ୍ଗିଠେଇଁ ପହଞ୍ଚିଲୁ । ମହୀ ଆଉ ବିଚିତ୍ରାକୁ କୁହାଟିକି ଡାକିଲୁ । ସେମାନେ ଆସି ଆମ ପାଇଁ ପାଣି କାଠହେରିକା ଯୋଗାଡ଼ କରିସାରିଲାରୁ ବସି ଗପ କଲେ । ଲବଙ୍ଗି ଗାଁର ସବୁ ହାଲଚାଲ – ପାଖଆଖ ବଣରେ ଜନ୍ତୁଜାନ୍ତାଙ୍କ କଥା । ଅନୁଗୁଳରୁ ଟିକରପଡ଼ା ରାସ୍ତାରେ ସତର ମାଇଲ ଗଲେ ପମ୍ପାସର ବୋଲି ଗାଁଟିଏ ଅଛି । ସେଇଠୁ ଟିକରପଡ଼ା ରାସ୍ତା ଛାଡ଼ି ବାଁକୁ ଗୋଟେ ଜଙ୍ଗଲ ବିଭାଗ ରାସ୍ତାରେ ଛଅ ସାତମାଇଲ ଗଲେ ବଣ ଭିତରେ ଗୋଟେ ଛୋଟ ମୁଣ୍ଡିଆ ଉପରେ ବଙ୍ଗଳାଟିଏ । ସେଇ ବଙ୍ଗଳାକୁ ଦେଖାଶୁଣା କରନ୍ତି ମହୀ ଆଉ ବିଚିତ୍ରା । ସେମାନେ ଖବରଦେଲେ – ବାବୁ, ବଣଟାଯାକରେ ଜନ୍ତୁଜାନ୍ତା ଅଛନ୍ତି, ତେବେ ତଳସିରା ଗାଁର ଲୋକଙ୍କୁ ଖବରଦେଲେ ସକାଳୁ ବଳଦମଡ଼ା ବଣଟାକୁ ପନ୍ତାକରିଦେଲେ ମିରିଗ, ସମ୍ବର, ବାର୍‌ହା ଢେର୍ ବାହାରିବେ ।

ରନ୍ଧାରନ୍ଧି ହେବାକୁ ତ ରାତି ହେବ – ସଞ୍ଜଟାରେ ବସିକି କଣ ଆଉ କରିବା ? ଯାଇ ତଳସିରା ଗାଁରେ ଖବରକରି ଆସିଲେ ହବ । ଚା ବିସ୍କୁଟ୍ କିଛି ଖାଇ ଜିପ୍ ଧରି ବାହାରିପଡ଼ିଲୁ । ବଙ୍ଗଳାରୁ ବାହାରି ସେ ମୁଣ୍ଡିଆଟା ଓହ୍ଲେଇଲେ ବଣ ଦୁଇ ପାଖରେ । ଅଳ୍ପ ଟିକେ ବାଟ ପାହାଡ଼ ଘାଟି ରାସ୍ତା ପାରହେଲେ ପଡ଼ିବ ତଇଳା – ସେଇଠି କୁଟୁରା କି ମିରିଗ ମିଳିପାରିବ । ହେଲେ ରାତି ହେଲାଣି, ଆଲୁଅ ପକେଇ ତ ଜନ୍ତୁ ମାରିବାନି ।

ମୋର ମନେପଡ଼ିଲା ପ୍ରଥମେ ଯେବେ ଲବଙ୍ଗି ବଙ୍ଗଳାକୁ ଯାଇଥିଲି । ସେକଥା କହିଲି ବଳରାମକୁ – ସେବର୍ଷ ଦୋଳଛୁଟି ସାଙ୍ଗରେ ଇଷ୍ଟର ଛୁଟି ବି ପଡ଼ିଥାଏ – ଚାରିଦିନ ଛୁଟି । ପିଲାମାନେ ମୋତେ ତ ଲଗେଇଥିଲେ ଅନେକଦିନୁ ବଣକୁ ଯିବାକୁ, ଜନ୍ତୁ ଦେଖିବାକୁ । ତାଙ୍କୁ ସବୁ ନେଇକି ଶିକାରକରି ଯିବା ପାଇଁ ଠିକଣା କରିଥାଏ । ଅମ୍ବିକା ସେତେବେଳେ ଅନୁଗୁଳ ଡ଼ିଭିଜନର ଫରେଷ୍ଟ ଅଫିସର ଥାଏ । ତାକୁ ଖବର ଦେଇଥାଏ ଗୋଟିଏ ଶିକାର ବ୍ଲକ୍ ମୋ ପାଇଁ ରିଜର୍ଭ କରିବାକୁ, ଆଉ ଟିକରପଡ଼ାଠେଇ ଯେଉଁ ବଙ୍ଗଳା ଅଛି ସେଇଟା ମୋ ନାମରେ ରିଜର୍ଭକରି ରଖିବାକୁ । ଛୁଟି ଆରମ୍ଭ ହବାର ପୂର୍ବଦିନ ଅଫିସ ବନ୍ଦହବା ପରେ ଆମେ ବାହାରିଲୁ କଟକରୁ । ମୋ ସାଙ୍ଗରେ ଗଲେ

Digitized by srujanika@gmail.com

ମୋର ସାନଭାଇ ଦେବେନ୍ଦ୍ର, ଭଉଣୀ ମାଳତୀ – ସେତେବେଳେ ସେ କଲେଜରେ ପଢୁଥାଏ, ଆଉ ଝୁଲୁ, ଲିଲି, କାବୁଲି ଆଉ ତାଙ୍କର ମା' । ଅନୁଗୁଳରେ ପହଞ୍ଚିଲାବେଳକୁ ରାତି ନ' । ଅମ୍ବିକାର ବସାଠେଇ ପହଞ୍ଚି ଦେଖୁ ତ ସେଠି ତାଙ୍କର ବଣବିଭାଗର ମନ୍ତ୍ରୀ ବସିଥାନ୍ତି । ତୀର୍ଥବାସୀବାବୁଙ୍କ ସାଙ୍ଗରେ ମୋର ପରିଚୟ ହେଇନଥାଏ । ସେଇଠି ଅମ୍ବିକା ଆମକୁ ପରିଚୟ କରାଇଦେଲା ପରେ କହିଲା ଯେ ମନ୍ତ୍ରୀ ଟିକରପଡ଼ାରେ କେମ୍ପକରିବେ ସେ ଛୁଟିରେ । ମୁଁ ତ ହତାଶ ହେଇଗଲି – ଆମର ଏ ଛୁଟିଟା ମାଡ଼ଖାଇଗଲା ତ । ମୋ ମୁହଁରେ ହତାଶ ଭାବ ଦେଖି ମନ୍ତ୍ରୀ ମହାଶୟ ଅମ୍ବିକାକୁ କହିଲେ ଗୋଟିଏ ଭଲ ବ୍ଲକ୍‌ରେ ମୋର ଶିକାର ବନ୍ଦୋବସ୍ତ କରିଦବାକୁ । କଥା ହେଲା ଯେ ଆମେ ଲବଙ୍ଗି ବ୍ଲକ୍‌ରେ ଶିକାର କରିବା । ରହିବାକୁ ଟିକେ କଷ୍ଟ ହବ ବୋଧହୁଏ । ଲବଙ୍ଗିର ବଙ୍ଗଳାଟା ଢେର୍ ଦିନ ହେଲା ମରାମତି ହେଇନି କି ସେଠିକାର ଆସବାବ୍‌ପତ୍ର ବଦଳି କରାଯାଇନି । ଆଉରି ବି ସେ ବଙ୍ଗଳାଟା ପାହାଡ଼ ଉପରେ – ପାଖରେ କୂଅ ନାହିଁ । କୂଅଟା ଯାଇ ପାଏ ବାଟ ଦୂରରେ ଗାଁ ପାଖରେ । ପାହାଡ଼ ତଳେ ଗୋଟେ ଝରଣା ଅଛି । ସେ ଝରଣା ପାଣିକୁ ଫୁଟେଇକି ପିଇବାକୁ ହବ । ଏସବୁ କଷ୍ଟ ତ ବଣକୁ ଗଲେ ସହିବାକୁ ହବ । ଗଙ୍ଗାକୁ ଆମ ସାଙ୍ଗରେ ଯିବାକୁ ହୁକୁମ୍ ହେଲା । ସେ ଜଙ୍ଗଲ ବିଭାଗର ଜଣେ ଗାର୍ଡ଼ । ସେଇ ଆମର ରହିବା ପାଇଁ ଯାବତୀୟ ସୁବିଧା କରିଦବ । ଏଇମିତି କଥାବାର୍ତ୍ତା ହଉଁ ହଉଁ ପିଲାମାନେ ଖାଇନେଲେ – ଆମେ ବି ଏକାଠି ବସି ଖାଇଲୁ । ଖାଇସାରି ମନ୍ତ୍ରୀ ମହାଶୟ ଗଲେ ସର୍କିଟ୍ ହାଉସ୍‌କୁ, ଆମେ ବାହାରିଗଲୁ ବଣକୁ । ଲବଙ୍ଗିର ରାସ୍ତାଘାଟ ଭଲନଥିବ ଭାବି ମୁଁ ସିଧା ଟିକରପଡ଼ାକୁ ଗଲି । ରାତିଟା ସେଇଠି କଟେଇ ତା'ପରଦିନ ସକାଳୁ ଲବଙ୍ଗିକୁ ଯିବାକୁ ଠିକ୍ କଲି ।

ତାପରଦିନ ସକାଳୁ ଲବଙ୍ଗିଠେଇଁ ପହଞ୍ଚିଲୁ । ଗଙ୍ଗା ଯାଇକି ଲୋକବାକ ଡାକି ଆଣିଲା । ମୁଁ ତ ସେତେବେଳକୁ ସେଠାରେ କାହାରିକି ଚିହ୍ନିନଥାଏ । ମହୀ ସେଠାର ବଙ୍ଗଳାର ଚୌକିଦାର । ସେ ଆସି ଘର ଖୋଲିଦେଲା । ସେ ଘରର ଅବସ୍ଥା ଦେଖି ତ ମନ ଖରାପ । ବଙ୍ଗଳାକୁ ଲାଗିକି ବଣଟା – ଏଣେ ସେ ବଙ୍ଗଳାର ଝରକା କବାଟ ସବୁ ଭଙ୍ଗା । ମହୀ କହିଲା ଯେ ବାରନ୍ଦାରେ ଯଉ ଆରାମ ଚୌକିଟା ପଡ଼ିଚି, ସେଇଟାରେ ଭାଲୁ ଆସିକି ବସେ । ବଙ୍ଗଳା ଘରକୁ ଛାଡ଼ିକି ପ୍ରାୟ ଦଶ କଦମ ଦୂରରେ ରୋଷେଇ ଘର ମଝିରେ ଗୋଟିଏ ମହୁଲ ଗଛ । ସେଇ ମହୁଲ ଖାଇବାକୁ ଭାଲୁ, ହରିଣ ସବୁ ଗଡ଼ନ୍ତି । ବଙ୍ଗଳା ସାମନାରେ ଗୋଟେ କରକୁ ଗୋଟେ ପଣସ ଗଛ । ପଣସକଠା ଖାଇବାକୁ ହାତୀମାନେ ବି ବଙ୍ଗଳାକୁ ଆସନ୍ତି । ଏ ବଙ୍ଗଳାଟା ତ ଅନେକଦିନୁ ମରାମତି ବିନା ଭାଙ୍ଗିରୁଜିଗଲାଣି । ପାଣିର ସୁବିଧା ନାହିଁ ବୋଲି ବାବୁଭାୟା ସବୁ ଯାଇ ରାୟଗୁଡ଼ା ବଙ୍ଗଳାରେ ରହନ୍ତି । ଇମିତି ଇମିତି କେତେକଥା ମହୀ କହିଚାଲିଥାଏ । ମୁଁ ତାକୁ ପଠେଇଲି ଗାଁରୁ ଦଶବାରଜଣ ଲୋକ ଡାକିଆଣିବାକୁ – ଛୋଟ ଗୋଟିଏ ଆଡ଼ି କରିବା । ମିରିଗ କି କୁଟ୍ରାଟିଏ ଆଣିଲେ ଭଲକି ଗଣ୍ଡେ ଖାଇବା ତ ।

Digitized by srujanika@gmail.com

ଅଧଘଣ୍ଟା ପରେ ଛଅଜଣ ଲୋକ ଆସିଲେ – କହିଲେ ବଙ୍ଗଳାର ପୂର୍ବକୁ ଯଉ ଛୋଟ ମୁଣ୍ଡିଆଟା ଅଛି ସେଇଟାକୁ କାଲି ଦେଲେ ମିରିଗ ଦି'ପଟକି କୁଟୁରା ହବୁଟେ ହେଲେ ମିଳିବେ । ମୋ ସାଙ୍ଗରେ ଅମିକା ଆସିବାର କଥା ଥିଲା – ସେ ତ ମନ୍ତ୍ରୀଙ୍କ ଗହଣରେ ଆଉ କୁଆଡ଼େ ଗଲା । ଆଉ ବାଣୁଆ ତ କେହି ନଥାନ୍ତି । ଦେବେନ୍ଦ୍ରକୁ କହିଲି ମୋର ବାର ବୋର୍‌ର ଦିନଳିଆ ବନ୍ଧୁକ ଧରି ଗୋଟେ ଜାଗାରେ ବସିବାକୁ, ଆଉ ମୁଁ ଗୋଟେ ୩୦-୦୬ ରାଇଫଲ୍ ଧରି ଆଉଗୋଟେ ଘାଟି ଜାଗାରେ ବସିଲି । ଦେବେନ୍ଦ୍ରକୁ କହିଥାଏ ଗୟଳ କି ବାଘ ଦେଖିଲେ ଚୁପ୍‌କିନି ଗଛଗଣ୍ଡିକି ଆଉଜି ବସିରହିବ – ସେ ତାଙ୍କର ବାଟରେ ଯିବେ । ହଲଚଲ ହବନି ଜମାରୁ । ବଣର ଜନ୍ତୁମାନେ ଦେଖିପାରନ୍ତିନି ଯଦି ମଣିଷ କାଠ-ଖୁଣ୍ଟାପରିକା ନିଶ୍ଚଳ ହେଇ ଛିଡ଼ାହୁଏ । ମୁଁ ତ ପିଲାଦିନେ ଦେଖିଚି ଘାଉଲା ନେଙ୍କଡ଼ାଟା ଘାଉଁ ଘାଉଁ କରି ତଡ଼ିଆସିଲା ଆମ ଉପରକୁ – ଆମେ କାଠପରି ଠିଆହେଇ ରହିଥାଉଁ । ଗୋଟିଏ ଗାଁବାଲା "ଖାଇଲା ଲୋ" କହି ଦଉଡ଼ିବାକୁ ଆରମ୍ଭ କଲାମାତ୍ରେ ସେ ନେଙ୍କଡ଼ା ଯାଇ ତାକୁଇ ଧଇଲା । ଦେବେନ୍ଦ୍ରକୁ ଏକଥା ଭଲକରି ବୁଝାଇଦେଲି । ଆଡିରେ ଜମାରୁ ପଟେ ଶିଙ୍ଗାଳ ହରିଣ ବାହାରିଲା – ଦେବେନ୍ଦ୍ର ପାଖଦେଇ ଦୌଡ଼ିକି ପଳେଇଲା ଯେ ଦେବେନ୍ଦ୍ର ମାରିପାରିଲାନାହିଁ । ଆଡ଼ି ସବୁ ସବୁ ଦିନ ଏଗାରଟା – ଖରାରେ ଗାଁପାଖ ବଣରେ ତ ଆଉ ଜନ୍ତୁ ନଥିବେ । ଆଡ଼ି ବନ୍ଦକରି ବଙ୍ଗଳାକୁ ଫେରିଆସିଲୁ । ମାଉଁସ ଅଭାବରେ ପଣସକଠାଟିଏ ତରକାରିହେଲା ।

ଦିପହରଟା ଖିଆପିଆ ସାରି ମୁଁ ଶୋଇପଡ଼ିଲି । ତିନିଟା ବେଳକୁ ଝୁଲୁ, ଲିଲିହେରିକା ପାଟିକରି ମୋତେ ଉଠେଇଲେ । ବଙ୍ଗଳା ବାରନ୍ଦାକୁ ଆସି ଦେଖେ ତ ଦୂରରେ ପାହାଡ଼ତଳ ଜମିରେ ଆଠ ଦଶଟା ମିରିଗ ମହୁଲ ଖାଉଥାନ୍ତି । ପିଲାମାନେ ଏ ଦୃଶ୍ୟ ଦେଖି ତ ଖୁବ୍ ଖୁସିରେ ନାଚୁଥାନ୍ତି – ବଙ୍ଗଳା ଆଗରେ ପଣସ ଗଛମୂଳେ ।

ଦୂରବୀକ୍ଷଣରେ ଭଲକରି ଦେଖିଲୁ ମିରିଗମାନଙ୍କର ଖେଳ । ବଡ଼ ଶିଙ୍ଗାଳ ତ ସେଥିରେ ନଥିଲା – ବୋଧହୁଏ ବଣର ବୁଦାଗହଳିରେ ଲୁଚିଥିଲା । ସେଇ ମିରିଗଗୋଠକୁ ଦେଖୁ ଦେଖୁ ସଞ୍ଜ ହେଲା – ଚା ବିସ୍କୁଟ ଖାଇସାରି ମୁଁ ବାହାରିଲି ବଣ ବୁଲି । ବୁଢ଼ା ବି ବାହାରିଲା । ଗାଁର ଦିଜଣ ଲୋକ ସାଙ୍ଗରେ ନେଲୁ ବାଟ ଦେଖାଇବାକୁ । ସେ ଦିଜଣ ଆମ ଜିପ୍‌ର ବେଟାରୀଟାକୁ ଭାରକରି ବହିଲେ – ସେଥିରୁ ସର୍ଟ୍ ଲାଇଟ ବି ବ୍ୟବହାର କରିହବ । ବିଚିତ୍ରା କହିଲା ଯେ ଅଧମାଇଲ ଦୂରରେ ସେ ଯେଉଁ ନାଳଟା ଅଛି ନା – ତା'ରି ପାଖରେ ବାର୍‌ହା ପଟ ପକଉଚନ୍ତି । ସେଇଥିରୁ ଗୋଟେ ମାରି ଆଣିଲେ ଆମର କେମ୍ପର ମାଉଁସ ଅଭାବ ମେଣ୍ଟିଯିବ – ଗାଁର ବି ସମସ୍ତିଙ୍କର ଟିକେ ଟିକେ ହବ । ବାର୍‌ହାଟା ତ ଗୋଟାଏ ଦୁଷ୍ଟ ଜନ୍ତୁ – ବଣର ବି କ୍ଷତିକରେ, ମଣିଷର ଫସଲ ବି ନଷ୍ଟକରେ । ତେଣୁ ଜଙ୍ଗଲବିଭାଗ ବାର୍‌ହା ମାରିବା ପାଇଁ ବେଳେ ବେଳେ ପୁରସ୍କାର ବି ଦଉଥିଲେ । ବଡ଼ ଆଶାରେ ଆମେ ବାହାରିଲୁ – ମୋ ହାତରେ ୩୦-୦୬ (ଥାଟି ଓ ସିକ୍ସ) ଉଇନ୍‌ଚେଷ୍ଟାର ରାଇଫଲ୍, ଆଉ ବୁଢ଼ା ଧରିଥାଏ ବାର ବୋର୍ ଦିନଳିଆ ବନ୍ଧୁକ । ସେଦିନ

Digitized by srujanika@gmail.com

ତ ପୂନେଇ ଜହ୍ନ ଖୁବ୍ ତୋଫା – ଦିନପରି ଗଛ ଗହଳି ଭିତରକୁ ପରିଷ୍କାର ଦିଶୁଥାଏ । ଆମେ ବଙ୍ଗଳାଠୁ ପ୍ରାୟ ପାଏ ବାଟ ଯାଇଚୁ କି ନାହିଁ, ରାସ୍ତା ଉପରେ ଜହ୍ନରେ ଦିଶୁଥାଏ ହଳେ ବଳଦ ଯେମିତି ରାସ୍ତା ମଝିରେ ଆମ ଆଡ଼କୁ ଆସୁଛନ୍ତି । ଆମେ ତ ଥିର ଥିର ଚାଲିଥାଉ । କୋଡ଼ିଏ କଦମ ହବ ଆମେ ସେ ବଳଦ ଯୋଡ଼ିକ ଉପରେ ଆଲୁଅ ପକେଇଦେଇଚୁ କି ମୋର ଛାତି ଧମ୍‌କିନା ହେଲା – ସେ ଦୁଇଟା ଜହ୍ନଆଲୁଅରେ ସିନା ବଳଦ ବୋଲି ଭାବୁଥିଲୁ, ସେ ଦୁଇଟା ବାଘ । ପାଦ ଦିଇଟା ମୋର ତ ମାଟିରେ ଲାଖିଗଲା ପରି ହେଲା – ପାଟି ଭିତରଟା ଶୁଖିଗଲା ଆଉ ଛାତି ଭିତରଟା ଧପ୍ ଧପ୍ ହେଲା । ମୁଁ ଆଗରେ ଥିଲି; ମୋ ପଛକୁ ବୁଢ଼ା – ତା ପଛକୁ ଗାଁର ସେ ଦି'ଜଣ – ମନୁ ଓ ବିନୁ । ବୁଢ଼ା ଟର୍ଚ୍ଚ୍ ଲାଇଟ୍‌ଟା ପକେଇଥାଏ ବାଘଙ୍କ ଉପରେ । ବାଘମାନେ ବି ବୋଧହୁଏ ଟିକେ ଚମକିଯାଇଥିଲେ କି କଣ – ସେଗୁଡ଼ା ଚୁପ୍‌ଚାପ୍ ସେମିତି ଠିଆହେଇ ଆମକୁ ଅନେଇଥାନ୍ତି । ଆମେ ବି ଅନେଇଥାଉ – ବୁଢ଼ା କହୁଥାଏ ଫିସ୍‌ଫିସ୍‌କି ମୋ କାନରେ ''ଭାଇ ମାର,'' ''ଭାଇ ମାର'' । ମୋ ହାତରେ ତ ଏକନଳିଆ ମେଗାଜିନ ରାଇଫଲ୍ – ସେ ଫେର୍ ଛୋଟ ବିନ୍ଧବାଲା ରାଇଫଲ୍ । ତା'ର ଗୁଳି ତ ଜମାରୁ ୨୨୦ ଗ୍ରେନ୍ ଓଜନର, ବାଘପରି ଓଜନଦାର ଜନ୍ତୁକୁ ପକେଇ ପାରିବନି । ଫେର୍ ସେଠି ଦୁଇଟା ବାଘ – ଗୋଟିଏକୁ ମାଇଲେ ଆରଟା ତ ସିଧା ଆମ ଉପରକୁ କୁଦିବ – କୋଡ଼ିଏ କଦମ ବାଟ, ଏକାକୁଦାକେ ଆସି ଆମ ଉପରେ ପଡ଼ିବ । ସେ ଅବସ୍ଥାରେ ଗୁଳି ଫୁଟେଇବାଟା ନିର୍ବୁଦ୍ଧିଆ କାମ ହବ । ଏଇଆ ମନେ ମନେ ଭାବୁଚି – ଆଉଗୋଟେ ବାଘ ଆମ ଡାହାଣ ପାଖର ବଣ ଭିତରୁ ଘାଉଁ ଘାଉଁ କଲା । ସେ ଶବ୍ଦ ହେଲାକ୍ଷଣି ଏଇ ଦୁଇଟା ବାଘ – ଯେ ସଡ଼କ ମଝିରେ ଆମ୍ଭକୁ ଚାହିଁ ଛିଡ଼ାହେଇଥିଲେ – ଭଲପିଲା ପରିକି ବାଁପଟ ବଣରେ ପଶିଗଲେ । ତା'ପରେ ତୃତୀୟ ବାଘଟା ସଡ଼କ ପାରହେଲା । ସେତେବେଳେ ଯାଇ ବୁଝିଲି ଯେ ପ୍ରଥମ ଦୁଇଟା ବାଘକୁ ତାଙ୍କ ମା' ଧରି ଶିକାର ଖୋଜି ବାହାରିଥିଲା । ଆମକୁ ଦେଖିଲା – ଜହ୍ନରାତିରେ ଚାରିଜଣ ମଣିଷ – ଏତେ ବଡ଼ ନିଆଁହୁଳାପରିକା ତୋଫା ଆଲୁଅ । ତାଙ୍କ ବାଘ ଭାଷାରେ ଟୋକା-ବାଘ ଦିଇଟାକୁ କହିଲା ସଡ଼କ ଛାଡ଼ି ବଣରେ ପଶିବାକୁ । ଟୋକା ବାଘ ଦିଇଟା ବଣ ଭିତରକୁ ଗଲାରୁ ମାଈ ବାଘୁଣୀ ସଡ଼କ ପାରହେଲା ।

ସେମାନେ ବଣ ଭିତରକୁ ପଶିଗଲେ – ଟର୍ଚ୍ଚ୍ ଲାଇଟରେ ଆଉ ଦିଶିଲେନି । ସେତେବେଳେ ମନୁଆ ଆଉ ବିନୁଆ କହିଲେ, ''ବାବୁ ବାଘ ।'' ମୁଁ କହିଲି, ''କିରେ ଏତେବେଳଯାଏ କଣ ପାଟି କବ୍‌ଜା ପଡ଼ିଯାଇଥିଲା କି ?'' ସମସ୍ତେ ହସିଲେ ।

ଏଇ କଥା ବଳରାମକୁ କହିଲି – ଯଉଁ ଗଡ଼ାଣିଠେଇ ବାଘ ଦେଖିଥିଲି ସେଇ ଜାଗାଟା ବି ଦେଖାଇଦେଲି । ମୁଁ ଆଉ ବୁଢ଼ା କଉଠି ଛିଡ଼ାହେଇଥିଲୁ ସେଇଟା ଦେଖି ବଳରାମ ତ ପରତେ ଗଲାନି ଯେ ଏତେ ପାଖରୁ ଆମେ ତିନି ତିନିଟା ବାଘ ଦେଖିଥିଲୁ ବୋଲି । ମନୁଆ ତ ଥିଲା ସାଙ୍ଗରେ, କହିଲା, ''ହଁ ବାବୁ, ଏଇଠି ତ ବାଘ ଆଉ ଏଇଠି ଆମେ । ତା'ପରେ ଆମେ ଯାଇ ତଳସିରା ଗାଁଠେଇ ଡାକିଲୁ ବାସୁଆକୁ । ସେ ଯାଇ

Digitized by srujanika@gmail.com

ଗାଁଯାକ ଖବର କରିଦେଲା – ସମସ୍ତେ କହିଲେ ତା'ପରଦିନ ସକାଳୁ – ବଡ଼ିଭୋର୍‌ରୁ ଆମକୁ ସଡ଼କ ପାଖ ଆମ୍ବତୋଟାଠେଇ ଜଗିଥିବେ । ଆମେ ଆସିଲେ ବଳଦମଡ଼ା ବଣଟାକୁ 'ହାଁକା' କରିବା । ଗାଁରେ ବସି ତାଙ୍କ ସାଙ୍ଗରେ ସୁଖଦୁଃଖ ଟିକେ ହେଇ ଫେରୁ ଫେରୁ ବଲଙ୍ଗ ବଙ୍ଗଳାରେ ଖିଆପିଆ ପାଇଁ ଯୋଗାଡ଼ ହେଇଥାଏ ।

ସକାଳୁ ବଡ଼ିଭୋରରୁ ଉଠି ଗଲୁ ତଳସିରା ଗାଁମୁଣ୍ଡର ଆମ୍ବତୋଟାଠେଇକି । ବାସୁ ସେଠାର ପନ୍ଦର କୋଡ଼ିଏ ଲୋକଙ୍କୁ ଧରି ଅପେକ୍ଷାକରିଥିଲା । କୀର୍ତ୍ତନିଆ କହିଲା, ''ହେଇ ଆଗର ଘାଟିଟା ପାରହେଲେ ତ ବଳଦମଡ଼ା ବଣ – ଆମେ ଏଇଠୁ ଝାଳିନବା । ବାସୁ, ଯା କି ବାବୁମାନଙ୍କୁ ସେ ପାହାଡ଼ କାନ୍ଥରେ ବସେଇଦବୁ ।'' ମଦନି ବୁଢ଼ା ମାତବର ଲୋକ, ଢେର ଢେର ସାହେବଙ୍କ ପାଇଁ ହାଁକା ବନ୍ଦୋବସ୍ତ କରିଚି ତା ଟୋକା ବେଳରୁ । ସମସ୍ତଙ୍କୁ ବତେଇଦେଲା କିମିତି କିଏ କାହା ପରେ କେତେ ଦୂରରେ ରହି ବଣରେ ଚାଲିବ, ବଡ଼ପାଟିରେ କଥା କହିବନି କେହି, ମଝିରେ ମଝିରେ ଗଛଗଣ୍ଡିରେ ଟାଙ୍ଗିଆ ହାଣିବା ଶବ୍ଦ କରିବ । ବେଶି ପାଟିତୁଣ୍ଡ ହେଲେ ଜନ୍ତୁ ତ ଭିଡ଼ିକିଯିବେ – ଏଣେତେଣେ ଫାଟିପଳେଇବେ ଆଉ ଶିକାରୀ କଣ ଦେଖିବ ନା ମାରିବ ? ଏଇମିତି ସମସ୍ତଙ୍କୁ ତାଗିଦ୍ କରିଦେଲା ମଦନି ବୁଢ଼ା । ମୁଁ ତାକୁ କଠେ ବିଡ଼ି ଦେଲି ସମସ୍ତଙ୍କୁ ବାଣ୍ଟିଦେବାକୁ । ବୁଢ଼ା ତ ଖୁସିରେ ଗଦ୍‌ଗଦ ଏକବାରକେ ।

ହାଁକାରେ ଗୋଟିଏ ଶିଙ୍ଗାଳ ମିରିଗ ବଳରାମ ପାଖରେ । ସେ ତ ବାରବୋର୍‌ର ଦିନଳିଆ ବନ୍ଧୁକ ଧରିଥିଲା, ସେଇଥିରେ ଏଲ୍‌ଜି ଲୋଡ଼ କରି ବସିଥିଲା । ଗୋଟିଏ ଗୁଳିରେ ଶିଙ୍ଗାଳଟା ପଡ଼ିଲା ଧାଡ୍ କିନା – ଏଣେ ଗାଁର ହାଁକାବାଲା ସବୁ ପନ୍ଥା ଛାଡ଼ି ଦୌଡ଼ିଆସିଲେ ସେଠିକି । ଆମେ ବି ଗଲୁ ବଳରାମ ବସିବା ଥାନକୁ । ସେ ଆମକୁ ନେଇ ଶିଙ୍ଗାଳଟା ଦେଖାଇବାକୁ ଗଲାରୁ ସେ ଶିଙ୍ଗାଳ ଉଠିଲାକି, ଆପଣାର ଝାଡ଼ିଝୁଡ଼ି ହେଇ ଦୌଡ଼ିଲା ପଛପଟର ପାହାଡ଼ ତଳକୁ । ସେତେବେଳକୁ ତ ଆମେମାନେ ବନ୍ଧୁକ ଅନ୍‌ଲୋଡ଼ କରିଦେଇଥାଉଁ – ଭେଲକା ହେଇ ଅନେଇ ରହିଥାଉ । ବୁଢ଼ା ହେଲେ ନା – ଦୌଡ଼ିଲା ତା ପିଛା । ବାସୁ ଆଉ ଦୁଇଜଣ ଗଲେ ତା' ପଛେ ପଛେ । ମୁଁ ବସିଲି ବଳରାମ ପାଖରେ ତାକୁ ବହଲେଇବାକୁ । ଏଲ୍‌ଜିରେ ଏଡ଼େ ବଡ଼ ଜନ୍ତୁକୁ କଣ ପକେଇହବ ? ଆଉ କେବେ ବାରବୋର୍ ବନ୍ଧୁକରେ ବଡ଼ ଜନ୍ତୁକୁ ମାରିବାର ଚେଷ୍ଟା କରିବାନି ବୋଲି ଠିକ୍ କଲୁ । ଏଇମିତି କଥାବାର୍ତ୍ତା ହଉଥାଉଁ, ଜଣେ ଧଇଁସଇଁ ହେଇ ଆମ ପାଖରେ ପହଞ୍ଚିଲା– କହିଲା, ସେ ବଲଙ୍ଗ ଗାଁରୁ ଆସିଚି । ସେଠାର ଲୋକେ ତାକୁ ପଠେଇଚନ୍ତି ଆମକୁ ସାଙ୍ଗରେ ନେଇଯିବାକୁ – ସକାଳୁଟାରେ ବାଘ ଗାଁ ପାଖରେ ଗାଈଗୋଠରୁ ପଧାନ ଘର ଦୁଧିଆଳୀ ଗାଈଟାକୁ ମାରିଦେଇଚି ।

ପଧାନ ଘର ତ ସେଦିନ ମନଦୁଃଖରେ ଖିଆପିଆ ବନ୍ଦ ହବା କଥା – ହେଲେ ସେ କଥା ଶୁଣି ଆମେ ଖୁସିହେଲୁ ଯେ ବଡ଼ ସୁବିଧାରେ ଗୋଟେ ବାଘ ମାରିବାର ବାଟ ଫିଟିଗଲା । ବଳରାମ ଆଉ ଗୁରୁପ୍ରସାଦ ହକହକ ହେଲେ ସାଙ୍ଗେ ସାଙ୍ଗେ ସେଠିକି ଯିବାକୁ ।

Digitized by srujanika@gmail.com

ମୁଁ ବାରଣ କଲି – ବୁଢ଼ା ପରା ମିରିଗ ପଛରେ ଯାଇଚି । ଘାଉଲା ଜନ୍ତୁକୁ ଛାଡ଼ିକି ଯିବାଟା ଶିକାରୀର ଉଚିତ ନୁହେଁ । ତା'ଛଡା ଆମେ ପରା ଦାନ୍ତପତ୍ର ଘଷିନୁ କି ଜଳଖିଆ ଖାଇନୁ – ବାଘକୁ ବାଟ ଚାହିଁ ବସିଲେ ତ ଆଉ ଖିଆପିଆ ହବନି – ସଞ୍ଜ ହବ କି ରାତିଟା ବି ବିତିବ, କିଏ ଜାଣେ । ଏଇମିତି ଆଗପଛ ବିଚାର ହଉଚୁ ଶୁଭିଲା ଢୋ-ଢୋ – ଦି'ଗୁଳି ଫୁଟିଲା । ଆମେ ଜାଣିଲୁ ବୁଢ଼ା ପାଇଚି ସେ ଶିଙ୍ଗାଳକୁ । ପାଞ୍ଚ ଛଅଜଣ ଟୋକା ଦୌଡ଼ିଲେ ବଣ ଭିତରକୁ କୁହାଟ ମାରି ମାରି ବାସୁକୁ । ଆମେ ବଲଙ୍ଗ ଗାଁର ସେ ଲୋକଠୁ ଟିକିନିଖି କରି ବୁଝିଲୁ ବାଘକୁ ଦେଖିଚି କି କେହି ଲୋକ ? କେତେ ବଡ଼ ବାଘ ସେଇଟା ? ମଢ଼ କଉଠି ପଡ଼ିଚି – ବଣ ଭିତରେ ନା ଗାଁମୁଣ୍ଡରେ । ତା' କଥାରୁ ବୁଝିଲୁ ଯେ ବାଘଟା ମସ୍ତବଡ଼ ବୁଢ଼ା ବାଘ । ଗାଁ ପାରହେଇ ଛୋଟ ପାହାଡ଼ଟିଏ ଡେଇଁ ଗଲେ ବଣ ଭିତରେ ଟିକେ ସମତଳ ଜାଗା ଅଛି । ସେଇଠି ପଣସ ବଗିଚା ହେଇଚି – ତା'ରି ଭିତରେ ମଢ଼ଟା ପଡ଼ିଚି । ଗାଈକୁ ଧରିଲାମାତ୍ରେ ମେଷ୍ଟା ତ ହୁରିକଲା । ଗାଁର ଲୋକସବୁ ଦଉଡ଼ିଗଲେ ସେ ପଣସ ବଗିଚାମୁହାଁ । ବାଘଟା ଗାଈକି ସେଇଠି ପକେଇଦେଇ ପଳେଇଚି । କାଲି ରାତିରେ ତ ବଲଙ୍ଗର ପଧାନ ଶୁଣିଯାଇଥିଲା ତଲସିରା ଗାଁରୁ ବାବୁମାନେ ପାରିଧିକି ଆସିଛନ୍ତି – ସେଇଥିପାଇଁ ବଟେଇଚି ବାବୁମାନଙ୍କୁ ଖବରଦବାକୁ ।'

ହାତ ହଲେଇ ପାଟିରେ ଦୁକ୍‌ତା ଜାକି ସେ ଲୋକସବୁ କହିଗଲା । ଆମେ ଗୋଟେ କାନ ତା କଥାରେ, ଆଉ ଗୋଟିଏ କାନ ବୁଢ଼ାର ବାଟକୁ ଡେରିଥାଉଁ । ବୁଢ଼ା ଫେରିକି ଆସିଲା । ଧଇଁସଇଁ ହେଇ କିଛି କହିପାରିଲାନି – ହେଲେ ମୁହଁର ହସ ଦେଖି ଆମେ ଠଉରେଇନେଲୁ ଯେ ଜନ୍ତୁଟା ପଡ଼ିଚି । ବଳରାମ ତ ଭାରୀ ଲଗେଇଥାଏ ବୁଢ଼ାକୁ ଯେ ମିରିଗଟା ଗୁଳି ଖାଇ ପଳେଇଲା କିମିତି । ବୁଢ଼ାର ତ ଶିକାରକୁ ଯିବା ଆରମ୍ଭ ହଉଥାଏ ଯେ କଣ ଆଉ କହିବ, ଖାଲି ମୁରୁକି ମୁରୁକି ହସୁଥାଏ । ବାସୁ ଆଉ ପାଞ୍ଚଜଣ ମିଶି ଶିଙ୍ଗାଳକୁ ବୋହିଆଣିଲେ । ବଳରାମ ଯାଇକି ତନଖି କରିବା ଆରମ୍ଭ କରିଦେଲା ଯେ ଗୁଳିଟା କୁଉଠି ବାଜିଲା । ବୁଢ଼ାର ଗୁଳି ତ ପାଖରୁ ବାଜିଚି – ବଡ଼ କଣା ହେଇଚି । ସେଇଥିରେ ଶିଙ୍ଗାଳର ଜୀବନ ଗଲା । ଭଲକରି ଦେଖି ଜାଣିଲେ ଯେ ପ୍ରଥମ ବଳରାମର ଗୁଳି – ଏଲ୍‌ଜିର ଛର୍‌ରା – ସାମନା ଗୋଡ଼ର ଚଟୁଆଠେଇ ବାଜିଚି । ସେଇଥିରେ ଶିଙ୍ଗାଳଟା ଦୁଲ୍‌କିନା କଚାଡ଼ି ପଡ଼ିଥିଲା । ଆମେସବୁ ଶିଖିଲୁ ଯେ ଖୁବ୍ ପାଖରୁ ନ ହେଲେ ବାଽବୋର୍ ବନ୍ଧୁକରେ ବଡ଼ ଜନ୍ତୁକୁ ମାରିବାଟା ଖରାପ – ଜନ୍ତୁକୁ କିଲବିଲ କରି ମାରିବାଟା ଶିକାରୀପଣିଆ ନୁହେଁ । ବାସୁକୁ ସେଇଠି ବରାଦ କରିଦେଲୁ କଉ ଫଡ଼ିଆ ଆଉ କଉ ଭଅଁ ମାଉଁସ ନେଇ ବଲଙ୍ଗ ବଙ୍ଗଳାରେ ଆମ ଡେରାରେ ଦେଇଦେବ । ଚମଡ଼ାଟା କିମିତି ଛାଲିବ, ଆଉ ମୁଣ୍ଡ ଶିଙ୍ଗ କିମିତି କାଟିବ । ଏଇସବୁ ବରାଦ କରିଦେଇ ଆମେ ଜିପ୍‌ରେ ବଲଙ୍ଗର ଲୋକକୁ ବସେଇ ବାହାରିଲୁ ବାଘ ମଢ଼ ଦେଖିବାକୁ । ବାସୁ ଗାଁର ଯେତେ ଲୋକ ପନ୍ତାକରିଥିଲେ, ସମସ୍ତଙ୍କୁ ପୁଳାଏ ପୁଳାଏ ମାଉଁସ ହେଇଗଲା – ଦି'କଠା ବିଡ଼ି ବି ତାଙ୍କୁ ସବୁ ଦେଲୁ ।

Digitized by srujanika@gmail.com

ତଳସିରା ଗାଁ ପାରହେଇ କୋଶେ ବାଟ ଗଲେ ପାହାଡ଼କାନ୍ଥରେ ବଲଙ୍ଗ ଗାଁ । ରାସ୍ତା ତ ନାହିଁ – ଶଗଡ଼ ଗୁଳାରେ ଯିବାକୁ ହେଲା । ପଥର ବଣରେ ଜିପ୍ ଚଳେଇବାକୁ ଖୁବ୍ କଷ୍ଟ ହେଲା । ଗାଁମୁଣ୍ଡରେ ପ୍ରାୟ ଦଶଟା ପୁରୁଣା ଆମ୍ବଗଛ । ତା'ପରେ ଖଣ୍ଡେ ଦୂର ଯାଏ ବୁଦ୍‌ବୁଦକିଆ ଜଙ୍ଗଲ । ସେ ଜଙ୍ଗଲ ପାରହେଲେ ଗୋଟେ ପାହାଡ଼ – ଗଛପତ୍ର ଢେର୍ । ଅଳ୍ପଦୂର ପାହାଡ଼ ଚଢ଼ିଲା ପରେ ଦେଖିଲୁ ଗୋଟିଏ ସମତଳ ଜାଗା – ପ୍ରାୟ ଦୁଇତିନି ହେକ୍ଟର । ଜାଗାଟାରେ ପଣସ ବଗିଚା ହେଇଚି ଯେ ଗଛଗୁଡ଼ାକ ସବୁ ସାନ ସାନ – ଦଶପନ୍ଦର ସେଣ୍ଟିମିଟର ମୋଟ । ସେଇ ବଗିଚାରେ ବାଘ ମଢ଼ କରିଥାଏ । ମଢ଼ଟା ତ ପଣସ ବଗିଚାରେ ପଡ଼ିଥାଏ । ପାଖରେ ତ ଆଉ ଗଛ ନାହିଁ ଯେ ମଞ୍ଚା କରିବା । ମଢ଼ଟାକୁ ଘୋଷାଡ଼ିକି ନେଇଗଲେ ଗଛମୂଳକୁ ବାଘର ସନ୍ଦେହ ହବ । ବାଘ ଯେମିତି ଏତେ ବଡ଼ ଗାଈକି ମାରିଚି – ଆଉ ସେ ଜାଗାରେ ଯେମିତି ଦାଗ ଅଛି, ସେଥିରୁ ମନେହଉଚି ଯେ ଏଇଟା ଖୁବ୍ ପୁରୁଣା ବୁଢ଼ା ବାଘ । ମଣିଷସବୁ କିମିତି ମଢ଼କୁ ଜଗନ୍ତି ସେ ବାଘକୁ ଜଣାଥିବ ନିଶ୍ଚୟ । ସେଠାରୁ ଆଉ ମଢ଼କୁ ଏପାଖ ସେପାଖ କରିବା କଥା ନୁହଁ । ସେଇଠି ପାଖରେ ଗଛବୃକ୍ଷ ନାହିଁ ମଞ୍ଚାପାଇଁ । ତଳେ ଭୂଇଁଟା ବି ତ ପଥର ଚଟାଣ – ସେଠି ଖୋଳିକି 'ମାଣ୍ଡୁ' କରିବାର ସୁବିଧା ନାହିଁ । ଗୋଟିଏ ବୁଦା ଉହାଡ଼ରେ ଲୁଚିକି ମାଟିରେ ବସିବା କଥା । ମୁଁ କହିଲି ଯେ ମୁଁ ଏକୁଟିଆ ବସିବି । ବଳରାମ ଓ ଗୁରୁ ଲଗେଇଲେ ଯେ ସେମାନେ ଏ ବାଘକୁ ଜଗିବେ । ତାଙ୍କର ତ ଏମିତି ଭାଗ୍ୟ ଆଗରୁ ହେଇନାହିଁ । ସେମାନଙ୍କର ଏତେ ଆଗ୍ରହ ଆଉ ଆଶା ଦେଖି ମୁଁ ଆଉ ବଳେଇଲିନି । ତେବେ ସେମାନେ ମାଟିରେ ବସି ବାଘକୁ ମାରିବାଟା ସୁବିଧା ହବନି । ପିଲାଲୋକ, ଭୟକରିପାରନ୍ତି – ଏକାଗୁଳିକେ ବାଘ ନପଡ଼ିଲା ତ ଏମାନଙ୍କର ଜୀବନକୁ ବିପଦ । ବହୁତ ଚିନ୍ତା କରି ଠିକ୍ କଲୁ ଯେ ଗଛ ଉପରେ ମଞ୍ଚା ବନ୍ଧାହେବ ।

କୋଡ଼ିଏ ପଚିଶିଟା ପଣସ ଗଛ ସେ ବଗିଚାରେ । ଚାରିପାଖେ ବଣ, ଜଙ୍ଗଲ, ପାହାଡ଼ । ବାଘ ଯେ କୁଆଡୁ ଆସିବ ଜଣାନାହିଁ – ଯେକୌଣସି ଦିଗରୁ ଗଡ଼ିପାରେ । ତେବେ ଖୁବ୍ ସମ୍ଭବ ଯଉ ବାଟରେ ଆମେ ଗାଁଆଡୁ ଆସିଲେ ସେଇ ବାଟ ଦେଇ ବାଘ ଆସିବନି । ଆଉ ସେଇ ଚଲାବାଟଠେଇ ଗୋଟିଏ ମୋଟା ଗଛ ଅଛି । ସେ ଗଛଟା ଶାଳଗଛ – ବେଶି ଘଞ୍ଚ ପତରଗହଳି ନାହିଁ କି ମଞ୍ଚା ପାଇଁ ସୁବିଧାରେ ବଡ଼ ମଜବୁତିଆ ଡାଳ ବି ନାହିଁ । ଗଛଟା ବି ତିରିଶ ମିଟର ଯାଏ ଦୂରକୁ ଅଛି ।

ତିରିଶ ମିଟର ଦୂରରୁ ରାଇଫଲ୍ ଭଲ ଲାଖ କରିହବ । ବଣ ଭିତରେ ମଢ଼ଟା ତ ଅଛି – ବାଘଟା ଦିନ ଥାଉଁ ଥାଉଁ ଆସିଯିବ । ଭୋକିଲା ଅଛି ନିଶ୍ଚୟ, ନହେଲେ ସକାଳଟାରେ କାହିଁକି ଗୋରୁଗୋଠରେ ପଶି ଗୋରୁ ମାରିଥାନ୍ତା ? ତା'ଛଡ଼ା ବଣରେ ତ ଜନ୍ତୁ ଢେର୍ ଅଛନ୍ତି । ଦିନଟାଯାକ କୁଟୁରା ମିରିଗର ଶବ୍ଦ ଶୁଣାଯାଉଚି – ବାଘ ତ ସେଇ ବଣରେ ତାର ଆହାର ପାଇଥାନ୍ତା ସହଜରେ – ଗାଁପାଖ ପଣସ ବଗିଚାକୁ ଗୋରୁ ମାରିବାକୁ କାହିଁକି ଆସିଥାନ୍ତା ? ଅନୁମାନକଲୁ ବାଘଟା ବୁଢ଼ା ହେଇଯାଇଚି ବୋଧହୁଏ,

Digitized by srujanika@gmail.com

ବଣର ଜନ୍ତୁଜାନ୍ତାଙ୍କୁ ଧରିପାରୁନାହିଁ । ଖୁବ୍ ଭୋକ କରୁଚି – ପେଟବିକଳରେ ସେ ଆଉ ଉପାୟ ନପାଇ ମଣିଷବସ୍ତି ପାଖକୁ ଆସିଚି । ଗୋରୁକୁ ମାରିବାକୁ ବାଘକୁ କଷ୍ଟ କରିବାକୁ ହୁଏନା, ସେଥିପାଇଁ ସେ ବାଘ ଦିନ ଥାଉଁ ଥାଉଁ ଖାଇବାକୁ ଆସିବ । ଦୂରହେଲେ ବି ରାଇଫଲ୍‌ରେ ଦିନବେଳେ ମାରିବାକୁ କଷ୍ଟହବନି । ଏଇସବୁ କଥା ବିଚାରକରି ଠିକଣାକଲୁଁ ଯେ ସେଇ ଶାଳଗଛରେ ମଞ୍ଚାବାନ୍ଧିବା । ଗାଁରୁ ଗୋଟିଏ ଦଉଡ଼ିଆ ଖଟ ଅଣାହେଲା । ମୋଟା ମୋଟା ବର୍ହେଇ ଦୁଇଟାରେ ସେ ଖଟଟା ଭଲକରି ବାନ୍ଧିଦେଲୁ – ତା ଚାରିପାଖ ତାଳପତ୍ର ଦେଇ ଘୋଡ଼େଇଦେଇ ସେଇଠି ବଳରାମ ଓ ଗୁରୁକୁ ବସେଇ ଦେଲୁ । ଦୁଇବୋତଲ ପାଣି – ଆଉ ଖାଇବା ପାଇଁ ବିସ୍କୁଟ, ସିଝା ଅଣ୍ଡାହେରିକା ଦେଇଦେଲୁ । ମୁଁ ଆଉ ଦେବେନ୍ଦ୍ର ବଲଙ୍ଗ ଗାଁକୁ ଫେରି ଆସିଲୁ । ସେଠି ସେ ଆମ୍ବ ଗଛମୂଳେ ଖଟ ଦୁଇଟା ପକେଇକି ଅପେକ୍ଷା କରିଥାଉଁ । ଆଉ ଗୋଟେ ଗଛମୂଳେ ରନ୍ଧାରନ୍ଧି କରିବାର ଯୋଗାଡ଼ ହେଲା ।

ବସି ବସି ସଞ୍ଜ ହେଲା – ଶିକାରୀମାନଙ୍କର ନଳି ଫୁଟିଲାନି । ସଞ୍ଜ ପରେ ରାତି ହେଲାରୁ ଆମେ କୁହାଟ ମାରିଲୁ । ଶିକାରୀମାନେ କିଛି ଜବାବ୍ ଦେଲେନି । ମୁଁ ଭାବିଲି ବାଘ ବୋଧହୁଏ ପାଖରେ ଅଛି, ସେଥିପାଇଁ ଶିକାରୀମାନେ ଶବ୍ଦ ନକରି ଚୁପ୍ ରହିଗଲେ । ହେଲା, ଅପେକ୍ଷା କରିବା । ରାତି ଯେମିତି ବେଶି ହେଲା, ଆମେ ଆଉ ସେଠି ଅପେକ୍ଷା ନକରି ବଙ୍ଗଳାକୁ ଚାଲୁ, ଶୋଇଲୁ । ବଡ଼ିଭୋର୍‌ରୁ ଉଠି ଫ୍ଲାସ୍କରେ ଚା' ଆଉ ଗରମ ଦୁଧ, ବିସ୍କୁଟ୍‌ହେରିକା ଧରି ଆମେ ଗଲୁ ବଲଙ୍ଗକୁ । ସେଠି ପହଞ୍ଚିଲାବେଳକୁ ସିନ୍ଦୂରାଫାଟିଲାଣି । ଗାଁର ଦୁଇଚାରିଜଣ ଭେଣ୍ଡିଆଙ୍କୁଧରି ଗଲୁ ମଡ଼ ପାଖକୁ । ଦୂରରୁ ଫେର୍ କୁହାଟ ମାରିଲୁ । ଏଥର ଜବାବ ଆସିଲା – ଆମକୁ ଯିବାକୁ ଡାକ ଛାଡ଼ିଛନ୍ତି ଶିକାରୀମାନେ । ଗଲୁ – ଯାଇକି ଦେଖୁ ତ ଦୁହେଁଯାକ ମଞ୍ଚାରେ ବସି କମ୍ପୁଛନ୍ତି । ପଚାରିଲି – କିରେ କଥା କ'ଣ ? ବାଘକୁ ଦେଖିକି କମ୍ପ ହଉଚି କି ? ଗୁରୁ କହିଲା – ନା, ଶୀତରେ । ଧରାଧରି କରି ତାଙ୍କୁ ମଞ୍ଚାରୁ ଓହ୍ଲାଇଆଣିଲୁ । ରାତିଯାକ ଉଜାଗର ରହିଚନ୍ତି; ଛୋଟ ଖଟ ଉପରେ ଗୋଡ଼ ଲମ୍ବେଇବାର ଜାଗାନାହିଁ – ଏଣେ କାଳେ ବାଘ ଆସିବ ବୋଲି ହଲଚଲ ହେଇପାରୁନାହାନ୍ତି – ରାତିଅଧକୁ ପାହାଡ଼ିଆ ଶୀତଳ ପବନରେ କାଠ ପାଲଟିଯାଇଛନ୍ତି ଦିହେଁଯାକ । ଓହ୍ଲେଇକି ଗରମ ଦୁଧ ଓ ଚା' ବିସ୍କୁଟ ଖାଇ ସାଷ୍ଟମ ହବାକୁ ଘଡ଼ିଏ ଲାଗିଲା । ତା'ପରେ ସେମାନେ ଆମକୁ କହିଲେ ଯେ, ବାଘଟା ଆସିକି ସେମାନଙ୍କୁ ଦେଖିପକେଇଲା । ବାଘର ମୁଣ୍ଡଟା କାଳେ ଗୋଟେ ବଡ ଧାନପୁଡ଼ା – ଧାନଓଳିଆପରିକା – ଆଉ ସେ ଜନ୍ତୁଟା ନା – ଗୋଟେ ବଡ଼ ମଇଁଷି ପରିକା । ଓଃ, ଏତେ ବଡ଼ ବାଘ ନା ! ଦେଖିଲେ ପିଳେହି ପାଣିହବା କଥା । ଦିନ ପାଞ୍ଚଟାକୁ – ଖରା ପଡ଼ିଥାଏ – ସେ ତ ବାହାରିପଡ଼ିଲା ବାଁ ପାଖ ବଣରୁ – ବାହାରିପଡ଼ି ଠିଆହେଇଗଲା – ଅନେଇଲା ସିଧା । ଗୁରୁହେରିକା ଭାବିଲେ ତାଙ୍କୁ ଦେଖିନି ବୋଧହୁଏ – ପୁଣି ଆସିବ ତ, ସେଇ ଆଶାରେ ଦୁହେଁ କାଠପରିକା ହଲଚଲ ନହେଇ ବସିରହିଲେ ସକାଳ ଯାଏ । ମୁଁ ଯାଇ ଦେଖିଲି ଯେ [illegible]ରେ ବାଘଟା

Digitized by srujanika@gmail.com

ଦିଶିଥିଲା, ମାପିକି ଦେଖିଲି ଯେ ମଞ୍ଚାଠୁ ସେ ଥାନଟା ପଚାଶ କଦମ ଯାଏ ହବ । ରାଇଫଲ୍‌ରେ ମାରିହେଇଥାନ୍ତା ଭଲଭାବରେ । ଗୁରୁ ହାତରେ ତ ୪୭୦ ରିଗ୍‌ବିର ଦି'ନଳିଆ ରାଇଫଲ୍ ଥିଲା – କିଆଁ ମାରିଲାନି ? ଗୁରୁ ଭାବିଲା, ବାଘ ମଢ଼ ପାଖକୁ ଆସିଲେ – ମଢ଼କୁ ଖାଇବାକୁ ଆରମ୍ଭକଲେ ଢେର୍ ସମୟ ମିଳିବ ଲାଖ କରିବାକୁ, ସେଇଥିପାଇଁ ଆଉ ସେତେବେଳେ ଚେଷ୍ଟା କରିନି । ତା'ପରେ ବାଘକୁ ଦେଖିଲାବେଳକୁ ସେ ଅନେଇଚି ମଞ୍ଚା ଆଡ଼କୁ । ଆଉ ତ ହଲଚଲ ହେଇହେଲାନି କି ରାଇଫଲ୍‌କୁ କାନ୍ଧକୁ ଉଠାଇହେଲାନି ।

ସେଥିରୁ ଜଣାଗଲା ଯେ ବାଘଟା ଖୁବ୍ ବୁଢ଼ା ବାଘ – ଢେର୍ ଥର ମଞ୍ଚାରୁ ଗୁଳି ଫୁଟିବା ଦେଖିଚି ନିଶ୍ଚୟ । ଆଉ ଏଥର ସେ ଦେଖିନେଲାଣି ଯେ ମଞ୍ଚାଟିଏ ହେଇଚି – ସେଥିରେ ମଣିଷ ଅଛନ୍ତି ବୋଲି ଆଉ ସେ ମଢ଼ପାଖକୁ ନଆସେ । ତାକୁ ଜଗିବା ବୃଥା ହବ । ଏଇଆ ଭାବି ସେଥର ଆଉ ତାପାଇଁ ସେଠି ନରହି ଫେରିଆସିଲୁଁ । ସେଠାର ଲୋକଙ୍କୁ କହିଆସିଲୁ ଯଦି ବାଘଟା ଆଉ ଉତ୍ପାତ କରେ ଖବରଦେବେ, ଆମେ ଯିବା । ଗୋଟେ ପୋଷ୍ଟକାର୍ଡ଼ରେ ଠିକଣା ଲେଖି ତାଙ୍କୁ ଦେଇଆସିଚି । ଆଜିଯାଏ ଆଉ ଖବର ଆସିନି । ପରେ ଶୁଣିଲି ଯେ ବଳରାମପୁର ରାଜାସାହେବ କୋଉ ସାହେବଙ୍କୁ ସେ ବାଘଟା ମାରିବାର ସୁବିଧାକଲେ ।

Digitized by srujanika@gmail.com

ପନ୍ତା ଶିକାର

ଭୋର୍ ସାଢ଼େ ଛ'ଟାବେଳେ ଆମକୁ ତାଳଚେର ରାଜବାଡ଼ିରେ ପହଞ୍ଚିବାକୁ କୁହାହୋଇଥିଲା । ସକାଳଟାରୁ ଉଠି ଦାନ୍ତପତର ଘଷି ବାହାରିବାରେ ଟିକେ ଡେରିହେଲା – ରାଜବାଡ଼ିଠି ପହଞ୍ଚିବାକୁ ଅଧଘଣ୍ଟା ଡେରିହେଲା । ସାତଟାରେ ପହଞ୍ଚି ଦେଖୁ ଯେ ଆମକୁ ନବାପାଇଁ ଶ୍ରୀ ମେହେର ବର୍ମନ ସେପର୍ଯ୍ୟନ୍ତ ପହଞ୍ଚିନାହାନ୍ତି କି ରାଜବାଡ଼ିରେ କେହି ପହୁଡ଼ରୁ ଉଠିନାହାନ୍ତି । ଆମକୁ ସାଙ୍ଗଦେବାକୁ ସାଆନ୍ତ ସାହେବ ସେଠି ଥିଲେ । ମୋତେ ଓ ଗୁରୁପ୍ରସାଦକୁ ନେଇ ଦରବାରଘରେ ବସେଇଲେ, ଆଉ ଯାଇ ଫୋନ୍‌ରେ ଡାକିଲେ ସ୍କଟ୍‌ଲେଣ୍ଡକୁ । ରାଜାସାହେବ ବଳରାମପୁରଙ୍କ ଯେଉଁ ଘର ସେଇଟାକୁ ସ୍କଟ୍‌ଲେଣ୍ଡ ବୋଲି ତାଳଚେରରେ ସମସ୍ତଙ୍କୁ ଜଣା । ଫୋନ୍‌ରେ ଖବର ହେଲା ଯେ, ''ଏଇ ବାହାରୁଛନ୍ତି ।''

ଦରବାରଘରର ବଡ଼ ବଡ଼ ଆରାମ ଚେୟାର୍‌ରେ ବସି କେତେଆଡୁ କେତେ କଥା ମନକୁ ଆସୁଥାଏ । ଆମର ସେଦିନ କଣିହା ବୋଲି ଗୋଟିଏ ଗାଁକୁ ଯିବା କଥା । ସେଠୁ ଟିକରା ନଈଯାକେ ଯାଇ ସେଇଠି ଗାଡ଼ି ରଖିବା କଥା, ଆଉ ଟିକରା ପାରହୋଇ ସେପାଖର ପର୍ବତରେ ଆଡ଼ି କରିବା କଥା । ସାଆନ୍ତସାହେବ ଗପକଲେ ସେଇ ଅଞ୍ଚଳର କଥା – ସେ ବଣରେ ଆଜିକାଲି କେବଳ ବାର୍‌ହା ଆଉ ହୁଏତ ହଜେ ଦି'ହଳ ସମ୍ବର ଥିବେ । ଆଗକାଳରେ – ଏଇ ସେଦିନ ପରି ଲାଗୁଚି – ରାଜାସାହେବଙ୍କ ରାଜୁତିକାଳରେ କଣିହାଠେଇ ସାଆନ୍ତେ ଥିଲେ ରେଭିନ୍ୟୁ ଅଫିସର । ବେଳ ରତ ରତ ହେଲାବେଳକୁ ଗୋଟିଏ ବାଘ ଭାରୀ ଜୋର୍‌ରେ ରଡ଼ିକଲା । ସାଆନ୍ତଙ୍କର ଥିଲା ଗୋଟିଏ ବାରବୋର୍ ବନ୍ଧୁକ । ତା'ରି ଦିହରେ ଦୁଇଟା ଗୁଳି ଭର୍ତ୍ତିକରି ଜଗାକୁ ଡାକିଲେ ଟର୍ଚ୍ଚ ଧରିବାକୁ । ବାଘର ରଡ଼ିକୁ ଅନୁମାନ କରି ବଣରେ ପଶିଲେ । ବଣ ତ ଲାଗିଥାଏ ଘର ପଛ ବାରିଯାଏ । ପାଏ ବାଟ ବି ହବନି ଯାଇଚନ୍ତି, ଦେଖିଲେ ବାଘଟା ବସି ଅନେଇଚି ତାଙ୍କର ଟର୍ଚ୍ଚ ଆଡ଼କୁ । ସାଆନ୍ତେ ସେଇଠୁ ତା ଛାତିକୁ ଗୁଳିକଲେ ଯେ ବାଘଟା ସେଇଠି ମାଟି କାମୁଡ଼ିଲା । ବହୁତ ଅଳ୍ପ କଥାରେ ସାଆନ୍ତେ ଏଇତକ ଆମକୁ କହିଲେ । ଭାବିଲି ଏଇ ସିନା ଶିକାର – ଶିକାରୀପଣିଆ ଏଇଠି ସିନା ପାଇବ । ଆଉ ଦଶବାର ଫୁଟ ଉଚ୍ଚାରେ ମଞ୍ଚାରେ ବସି ବାଘ ତା'ର ପାଣି ପିଇବାକୁ କି ମଡ଼ରୁ ଆହାର ଖାଇବାକୁ ଆସିଲେ, ତାକୁ ଗୁଳିକରି

Digitized by srujanika@gmail.com

ମାରିବା କଣ ପୌରୁଷି ? ମାଇପେ ବି ତ ସେମିତି ନିରାପଦ ଥାନରେ ରହି ବାଘ ଉପରକୁ ଗୁଳି କରିପାରିବେ !

ସାଆନ୍ତଙ୍କର ଏଇ ବୀରପଣିଆ – ସଞ୍ଜୁଟାରେ ବଣରେ ପଶି, ଚାଲି ଚାଲି ବାଘ ପାଖକୁ ଯାଇ ତାକୁ ଗୁଳିକରି ମାରିବା କମ୍ କଥା ନୁହେଁ – ସେ ଫେର୍ ବାରବୋର୍ ବନ୍ଧୁକରେ । ସେ ବନ୍ଧୁକର ପାଲିସ୍‌କରା ନଳି କି ନା – ଗୁଳିଟା ବେଶି ବାଟଯାଏ କାଟୁ କରିବନି । ପାଖରୁ ନମାରିଲେ, ସେ ଗୁଳିର ତାକତ ନଥାଏ ମିରିଗ ମାରିବାକୁ ବି । ସାଆନ୍ତେ ତା ହେଲେ କୋଡ଼ିଏ କଦମ ଦୂରରୁ ବାଘକୁ ମାରିଥିବେ । କୋଡ଼ିଏ କଦମ ବାଟକୁ ବାଘ ଏକାକୁଦାକେ ପାରହେଇ ତାଙ୍କୁ ଧରିପକେଇଥାଆନ୍ତା । ଏତେ ସାହସ – ଏତେ ବୀରପଣିଆ ଯାହାର, ସେଇ ସାଆନ୍ତେ କଥାଟାକୁ ଏତେ ଅଳ୍ପକେ କହିଲେ ଦେଖି ମୋତେ ଆଚମ୍ବିତ ଲାଗିଲା । ଆମ ଏକାଳର ଟୋକାଏ ଜିପ୍‌ରୁ ବସି ମିରିଗ ବୋଲି ଭାବି ଗୁଳି କଲାରୁ ବାଘଟା ଯଦି ମଲା ନା – ସେଇ କଥାକୁ ବନେଇ ଚୂନେଇ ଇମିତି ବଖାଣିବସିବେ ଯେ ଶୁଣିଲେ ଜଣେ ଭାବିବ କେଡ଼େ ବୀରପଣିଆ ବୋଲି ।

ସେକାଳରେ ତ ବୁଢ଼ା ରାଜାଙ୍କର ହୁକୁମ ଥିଲା କେହି ବାଘ ମାରିପାରିବେନି – ବାଘଟା ପରା ରାଜୁଡ଼ା ଶିକାରପାଇଁ ! ବାଘ କଥା ଛାଡ଼, ଆଉ କୌଣସି ଜନ୍ତୁ ମାରିବା ମନା ଥିଲା । ଯଦି ବା କାହାରି ଫସଲ ନଷ୍ଟହେଇଥାଏ ବଣର ମିରିଗ ସମ୍ବର ମୁହଁରେ ସେଇ କେବଳ ତା'ରି ଜମିରେ ମିରିଗଟିଏ ମାରିପାରିବ – ମାରିଦେଲେ ଫେର୍ ଟ ୭୫ ଆଣି ସାଙ୍ଗେ ସାଙ୍ଗେ ବଣ ବିଭାଗର ଫରେଷ୍ଟର ପାଖରେ ଜମାଦବ । ଏଇରକମ କଟକଣା ଥିଲା ବୋଲି ସିନା ବଣଟା ବଣପରିକା ଥିଲା । ଏବକା କଥା କ'ଣ ହେଲାଣି ଭାବିଲେ ମନଟା ଦବିଯାଏ ।

ସା'ନ୍ତେ ସିନା ବାଘଟା ମାରିଦେଲେ, ଏଣେ ରାଜାସାହେବ ସେକଥା ଶୁଣି ଖପ୍‌ପା । ଛାମୁଠୁ ଆସିଲା ଡକରା । କୈଫିୟତ୍ ଦବାକୁ ହେଲା – ପଦେ ଦି'ପଦ କଡ଼ା କଥା ଶୁଣିବାକୁ ହେଲା । ସା'ନ୍ତେ ରାଜାସାହେବଙ୍କର କୁଟୁମ୍ବର ଲୋକ ବୋଲି ଏତିକିରେ ନିସ୍ତାରପାଇଲେ, ଆନ କେହି ହେଇଥିଲେ ତା'ର ଦଫା ରଫା ହେଇନଥାନ୍ତା ?

ଏଇପରିକା କଥା କହିଚାଲିଥାନ୍ତି ସା'ନ୍ତେ । ଆମେ ମନେ ମନେ ଭାବୁଥାଉ ଯେଉଁ ଜଙ୍ଗଲରେ ଇମିତି ସବୁ ଜନ୍ତୁ ହାଉଯାଉ ହଉଥିଲେ ସେଇଠିକି ଯାଉଚେ ପାରିଧି – କିଛି ନହେଲେ ଗଣ୍ଡେ କି ଦି'ଗଣ୍ଡା ବାର୍‌ହା ବାହାରିବେ ଆମ ସାମନାରେ – ବାଛି ବାଛି ବଡ଼ ଦନ୍ତା ଦେଖି ମାରିବା ।

x x x ଗଲା କାଲି ତାଙ୍କର ତାଳଚେର ରାଇଫଲ୍ କ୍ଲବ୍‌ର ଛ'ବର୍ଷିଆ ଉତ୍ସବ ହେଇଥିଲା । ସେଇଥିରେ ରାଇଫଲ୍ ଚାନ୍ଦମାରିକୁ ଖୋଲିବାକୁ ତାଙ୍କର ସେକ୍ରେଟାରୀ ବଳରାମପୁର ରାଜାସାହେବ ମୋତେ ନିମତା କରିଥିଲେ ।

ମୁଁ କଟକରୁ ଯାଇଥାଏ – ସାଙ୍ଗରେ ମୋର ସାନଭାଇ ଗୁରୁପ୍ରସାଦ ବି ଯାଇଥାଏ । ସକାଳ ନଅଟାକୁ ତାଙ୍କର ଚାନ୍ଦମାରି ଆରମ୍ଭ ହବାର କଥା । ଠିକ୍ ନଅଟାକୁ ସେଠି

Digitized by srujanika@gmail.com

ପହଞ୍ଚିଲାଠୁ ବଳରାମପୁର ରାଜାସାହେବ ମୋତେ କହିଲେ ଯେ ସେଠାରେ କିଶୋର କ୍ଲବ୍ ତରଫରୁ ଯେଉଁ ଖେଳକସରତ ହବାର କଥା ସେଇଟାକୁ 'ଉଦ୍‌ଘାଟନ' କରିଦବାକୁ । ପିଲାପିଚିକାଙ୍କର ଦୌଡ଼, ଖେଳକୌତୁକ ଦେଖିବାକୁ ତ ମୋତେ ସୁଖ ଲାଗେ, ଖୁସିରେ ଗଲି ରାଣୀପାର୍କ ପାଖର ପଡ଼ିଆକୁ । ସେଠି ଜମାହେଇଥାନ୍ତି ଢେର୍ ପିଲା । ଗୋଟିଏ ଫିତା କଟାହେଲା ପରେ ତାଙ୍କର ସମ୍ପାଦକ ମୋତେ କହିଲେ ଦି'ପଦ କହିବାକୁ । ଏକଥା ତ ମୋତେ ଆଗରୁ କହିନଥାନ୍ତି – ଦଳେ ଲୋକ ଆଗରେ ଭାଷଣ ଦବାଟା ମୋତେ ଠିକ୍ ଛେଳିକି ପାଣିକି ନବାପରିକା । ବଡ଼ ଅଡୁଆରେ ତ ପଡ଼ିଗଲି । ଏଣେ ସେଠାର ଲୋକମାନେ କାଳେ ମୋର 'ବାଣୁଆ' ବହିଟି ପଢ଼ି ଖୁବ୍ ପସନ୍ଦକରିଚନ୍ତି, ଆଉ ଆଁକରି ବସିଚନ୍ତି ମୋରି ମୁହଁରୁ ଖେଳାଳିପଣିଆ – ଶିକାରୀପଣିଆ କଥା ଶୁଣିବାକୁ । କହିବାକୁ ହବ କିଛି ।

ପିଲାଙ୍କୁ ପଦୁଟିଏ କହିଲି – ଖେଳାଳି କିଏ ? ତା'ପର ଆସିଲୁ ଚାନ୍ଦମାରିଠେଇକି । ସେତେବେଳକୁ ଢେ଼ର୍ ଲୋକ ଜମାହେଲେଣି । ଲୋକଙ୍କର ଆଗ୍ରହ ଦେଖି ତ ମୁଁ ତାଜୁବ୍ । ଏଠିକା ବାସିନ୍ଦାମାନଙ୍କର ଖୁବ୍ ସଉକ୍ ବନ୍ଧୁକ ପ୍ରତି । ସମସ୍ତେ ଟଙ୍କେଲେଖେଁ ଦେଇ ପ୍ରତିଯୋଗିତାରେ ଭାଗନେଲେ – ପ୍ରାୟ ଚାଳିଶଜଣ ହେବେ । ପିଲାଠୁ ବୁଢ଼ାଯାକେ ସମସ୍ତେ ଉତ୍ସାହୀ ଦେଖିଲି ।

ପ୍ରଥମେ ୨୨ ରାଇଫଲ୍‌ରେ ଛିଡ଼ାହେଇ ପାଞ୍ଚଟା ଗୁଳି ମାରିବା କଥା । ପଚାଶ ମିଟର ଦୂରରେ ଗୋଟିଏ କାଠର ଚୌକାଠରେ ଧଳା ରଙ୍ଗର କାଗଜପଟାଟିଏ ଯୋଖିଥାନ୍ତି । ସେଇ କାଗଜପଟାକୁ ଟାର୍‌ଗେଟ୍ କହନ୍ତି । ତା ଦିହରେ ସେଣ୍ଟିମିଟର ଅନ୍ଦାଜର କଳା ଦାଗ – ସେ ଦାଗଠୁ ଗୋଟିଏ ସେଣ୍ଟିମିଟର ଛାଡ଼ି ଗୋଟିଏ ବୃତ୍ତ – ଏଇପରି ପର ପର ନଅଟା ବୃତ୍ତ । ମଝି କଳାରେ ଗୁଳି ଲାଗିଲେ ଦଶନମ୍ବର ମିଳିବ, ତା ପର ବୃତ୍ତଠେଇ ନଅନମ୍ବର, ତା' ପରଟା ହଉଚି ଆଠନମ୍ବର – ଇମିତି ଏକ ନମ୍ବର ଯାକେ ଦାଗ ଅଛି । ପ୍ରତି ଜଣକୁ ପାଞ୍ଚଟା ଗୁଳି ଦିଆଯାଏ – ସେଥିରେ ସେ ଯେତେ ନମ୍ବର ପାଇବ ସେଇ ଅନୁସାରେ ପୁରସ୍କାର ପାଇବ । ଟୋକାଏ ଯେମିତି, ବୁଢ଼ା ବୁଢ଼ା ବି ସେମିତି ଆଗ୍ରହୀ ଦେଖି ମୋତେ ତ ଖୁବ୍ ସୁଖଲାଗିଲା ।

ବନ୍ଧୁକ ଧରି ଶିକାରକୁ ବାହାରିଲେ ପ୍ରତ୍ୟେକ ବାଣୁଆର ଲକ୍ଷ୍ୟହବା ଦରକାର, ଯେମିତି ଗୁଳିଟା ଠିକ୍ କଳିଜାଠି କିମ୍ବା ମଥାର ଗେରୁରେ ବାଜିବ, ଯେମିତି ଜନ୍ତୁଟା ସାଙ୍ଗେ ସାଙ୍ଗେ ବିନାକଷ୍ଟରେ ମରିଯିବ । ଗୁଳିରେ ଘାଉଲା ହେଇ ଜନ୍ତୁଟା ଯଦି କଷ୍ଟପାଏ, ତା'ହେଲେ ଶିକାରୀର ଶିକାରୀପଣିଆ ଆଉ ରହିଲା କୁଉଠି ? ସେଇଥିଯୋଗୁ ତ ଲାଖବିନ୍ଧା କ୍ଲବ୍, କି ଚାନ୍ଦମାରି କ୍ଲବ୍, ସବୁ ହୁଏ । ଏଇ ଲାଖବିନ୍ଧାରେ ପାରଙ୍ଗମ ହେଲେ ଯାଇ ବାଣୁଆ ବଣକୁ ଯିବାକଥା ।

ଲାଖବିନ୍ଧା ସଇଲା ଦୁଇଟାବେଳକୁ । ସଞ୍ଜକୁ ରାଜବାଟିରେ ହେଲା ସଭା । ସେଠି ତାଳଚେରର ରାଇଫଲ୍ କ୍ଲବ୍‌ର ସେକ୍ରେଟାରୀ ମୋର ପରିଚୟ କରିଦେଲେ । କହୁଁ କହୁଁ

Digitized by srujanika@gmail.com

କହିଲେ ଯେ ମୁଁ କାଳେ ଯୁବକ-ଶିକାରୀ । କଥାଟା ଶୁଣିବାକୁ ଭଲଲାଗିଲା ସତ, ହେଲେ ମୋର ତ ଆଉ ଏ ବୟସରେ ଲୁ ନାହିଁ ଶିକାରୀପରିକା ପର୍ବତ ଚଢ଼ିବାକୁ କି ମିରିଗ ସମ୍ଭର ପଛରେ କୋଶ କୋଶ ବାଟ ଚାଲିବାକୁ । ଏଇଲେ ଯୁବକରୁ ଯୁ'ଟା ଗଲାରୁ ରହିଚି 'ବକ' ଶିକାରୀ । ସେଇଟା ଠିକ୍ ହୋଇପାରେ – ଗୋଟିଏ ଜାଗାରେ ବଗପରିକା ଜନ୍ତୁଟାର ବାଟକୁ ଚାହିଁ ବସିଥିବ, ଘଣ୍ଟା ଘଣ୍ଟା ନିଶ୍ଚଳ ହେଇ ବସିଲା ପରେ ଜନ୍ତୁ ଯଦି ଆସେ ସେ ବାଟେ ମାରିପାରିବ ।

X X X X

ଏଇ କଥାସବୁ ଭାବୁଥାଏ, ଏଣେ ବେଳ ଯାଇ ଆଠୁଟା । ବର୍ମନ ସାହେବ ଜିପ୍ ଗାଡ଼ି ଧରି ପହଞ୍ଚିଲେ । ଆମେ ବାହାରିପଡ଼ିଲୁ କଣିହା ଗାଁକୁ । ସେଠି ପହଞ୍ଚିଲାବେଳକୁ ଦିନ ଦଶଟା ହବ ।

ଟିକରା ନଈରେ ବନ୍ୟା ଆସିଥାଏ – ଅଣ୍ଟାଏଲେଖେ ପାଣି । କୂଳରେ ଗୋଟିଏ ବରଗଛ – ପାଖରେ ଦୁଇଟା ଆମ୍ବଗଛ । ସେଇ ଆମ୍ବଗଛ ଛାଇରେ ବଳରାମପୁର ରାଜାସାହେବଙ୍କ ଲୋକେ ନିଆଁ ଜାଳି ଚାହାପାଇଁ ପାଣି ଫୁଟେଇଲେ । ସମସ୍ତେ ଗିଲାସେ ଲେଖେ ଚା' ଖାଇ ବାହାରିପଡ଼ିଲୁ ଟିକରା ନଈ ସେପାଖର ଯଉ ମୁଣ୍ଡିଆ ଅଛି, ସେଠିକି । ନଈ ପାରହେବାକୁ ଗୋଟିଏ ଛୋଟିଆ ଡଙ୍ଗା ଥାଏ । ସେଇଥିରେ ଟଳମଳ ହେଇ ପାରହେଲୁ ।

ପନ୍ତା କରିବାକୁ ଦୁଇଟା ଗାଁର ଲୋକ ଜମାହେଇଥାନ୍ତି ସେପଟେ । ବଳରାମପୁର ରାଜାସାହେବ ତାଙ୍କୁ ସବୁ ଅଳ୍ପକଥାରେ କହିଦେଲେ ସେଥରପରିକା ଏଇ ଆଗର ମୁଣ୍ଡିଆକୁ କାଳିଦବ; ତା'ପର ସେପଟର ସେ ମୁଣ୍ଡିଆରେ ଇମିତି ତିନିଟା ଆଡ଼ି ହବ । ବଣୁଆମାନଙ୍କୁ ବାଟ କଢ଼େଇ ନେଇ ଘାଟିଜାଗାରେ ବସେଇବା ପାଇଁ ଦୁଇଜଣ ଭେଣ୍ଡିଆ ବାହାରିପଡ଼ିଲେ । ଯଉ ବଣଟାକୁ କାଳିବାକୁ ହବ, ସେହି ବଣ ଭିତରେ ତ ଆଉ ଆମେ ଚାଲିକି ଗଲେ ଜନ୍ତୁ ରହିବେନି – ବୁଲିକି ଯିବାକୁ ହବ । ଏମିତିକା ଆଡ଼ିର ଗୋଟିଏ ବାଗ ଅଛି । ଛୋଟ ଜଙ୍ଗଲ କି ପଦାପାଖର ବଣକୁ ଆଡ଼ି କରିବ । ପଦାପଟୁ ବଡ଼ ଜଙ୍ଗଲ ଆଡ଼କୁ ଯେମିତି ଜନ୍ତୁ ଆସ୍ତେ ଆସ୍ତେ ଚାଲି ଚାଲି ଯିବ, ଜନ୍ତୁର ଚଲାବାଟରେ ଘନ ଜଙ୍ଗଲ ଆଡ଼କୁ । ସେଇଠି ଘାଟିଜାଗାରେ ବାଣୁଆ ଛକିକି ବସିଥିବ । ଜଙ୍ଗଲରେ ଜନ୍ତୁଜୁନ୍ତା ଯଉ ରାସ୍ତାରେ ଚଲାଫେରା କରନ୍ତି ତାକୁ ଟ୍ରେକ୍ କହନ୍ତି । ଭୂଇଁକୁ ଯଉ ଶିକାରୀ ଦେଖି ଜାଣିପାରିବ କଉଟା ଜନ୍ତୁର ଟ୍ରେକ୍ ସେଇ ସିନା ଭଲ ପୋଖତ ଶିକାରୀ । ଆମକୁ ସେଇ ଭେଣ୍ଡିଆ ଦି'ଜଣ କୋଶେ ବାଟ ବୁଲେଇ ବୁଲେଇ ନେଇ ଗୋଟିଏ ପାହାଡ଼ର ଗଡ଼ନ୍ତିରେ ଠାଏ ଠାଏ ବସେଇଦେଲେ, ଘାଟିଜାଗା ଦେଖି ଯୋଉବାଟେ ବାଘ୍ୱହା ଗଡିବେ ।

ମୋ ପାଖରେ ଥାଏ ୪୭୦ ବୋର୍ ଦିନଳିଆ ରାଇଫଲ୍ । ରାଇଫଲଟା ବେଶ୍ ଓଜନିଆ, ପାଞ୍ଚକିଲୋ ହବ । ସେଇଟା କାନ୍ଧରେ ବୋହିକି କୋଶେରୁ ଅଧିକ ବାଟ ଖରାଟାରେ ଚାଲି ଚାଲି ବଡ଼ ହାଲିଆଲାଗୁଥାଏ । ଶୀତଳ ପବନରେ ଶାଳ ଗଛର ଛାଇରେ

Digitized by srujanika@gmail.com

ଦି'ମିନିଟ୍ ବସିବାରେ ନିଦଲାଗିଆସୁଥାଏ । ଏଣେ ଦନ୍ତା ବାର୍‌ହା ବାହାରିବ ବୋଲି ଆଶାକରିଥାଏ । ଚାହିଁ ଚାହିଁ ଘଣ୍ଟେ ଗଲା – କିଛି ନାହିଁ । ଯୋଡ଼ିଏ କୁକୁଡ଼ା କେବଳ ପାଖଦେଇ ଚାଲିଗଲେ । ଭାବିଲି ବାରବୋର୍ ଛର୍‌ରା ବନ୍ଧୁକ ଥିଲେ କୁକୁଡ଼ା ଦିଇଟା ହେଲେ ମାରିପାରିଥାନ୍ତି ତ – ରାଇଫଲ୍‌ରେ ତ ଆଉ କୁକୁଡ଼ା ମରାଯାଏ ନାହିଁ । ଇମିତି ଇମିତି ଭାବୁଥାଏ ଆଡ଼ି ସରିଗଲା । ଦୁଇଟା ଆଡ଼ି ପରେ ଆଉ ବଳ ଅଣ୍ଟିଲାନାହିଁ । ସେତେବେଳକୁ ଦିନ ଦେଢ଼ଟା ହବ । ଫେରିଲୁ ନଈକୂଳକୁ; ଯେଉଁଠି ଆମ ପାଇଁ ରନ୍ଧାବଢ଼ା ହେଉଥାଏ । ନଈକୂଳ ଗଛମୂଳ ଜାଗାଟା ଖୁବ୍ ସୁନ୍ଦର । ସେଇଠି ଗୋଟିଏ ବରଗଛ ବି ଥିଲା । ସେଥିରେ ବରକୋଳି ପାଚି ଲାଲଦିଶୁଥାଏ । ବଣ ପାଖ ତ, ହରଡ଼ଚଢ଼େଇ ଝାଙ୍କେ ଝାଙ୍କେ ଆସି ବସୁଥିଲେ ପାଚିଲା ବରଫଳ ଖାଇବାକୁ । ଦ୍ଵଳରାମପୁର ରାଜାସାହେବଙ୍କର ଗୋଟିଏ ଟୁ ଟୁ ରାଇଫଲ୍ ଥିଲା – ସେଥିରେ ଟେଲିସ୍କୋପ୍ ଲାଗିଥାଏ । ତିରିଶ ଚାଳିଶ ମିଟର ଦୂରରୁ ହରଡ଼ ଚଢ଼େଇର ମୁଣ୍ଡଟାକୁ ଲାଖକରିହଉଥାଏ । ସେହିଥିରେ ଗଣ୍ଡେଯାଏ ଚଢ଼େଇ ମରାହେଲା, ଆଉ ସାଙ୍ଗେ ସାଙ୍ଗେ ରନ୍ଧାହେଲା । ଦିନ ଦୁଇଟା ପରେ ରାଜାସାହେବ ଆଉ ନରୋତ୍ତମବାବୁ ଫେରିଲେ । କହିଲେ – ବାର୍‌ହାଟାଏ ବାହାରିଲା ନରୋତ୍ତମବାବୁଙ୍କ ପାଖରେ ଯେ ତାଙ୍କର ୪୨୩ ରାଇଫଲ୍ ଫୁଟିଲାନାହିଁ । ଜନ୍ତୁ ପେଲଇଲାବେଳକୁ ଆଉ ଜଣେ ବାଣୁଆର ବାରବୋର୍ ବନ୍ଧୁକ ଫୁଟିଥିଲା – ହେଲେ ଗୁଳିଟା ଫିଟିଗଲା, ଜନ୍ତୁ ଦିହରେ ବାଜିଲାନାହିଁ । ମୁଁ ସେହିଠୁ ପଚାରିଲି ଆମେ ଯେ ଚାରିଛଅଟା ଶବ୍ଦ ଶୁଣିଲେ କ'ଣ ସେ ? ସେ କହିଲେ ଯେ, ଆସୁଁ ଆସୁଁ ବାଟରେ ବିଲୁଆ ଉପରକୁ ଲାଖକରାହଉଥିଲା । ଏଇମିତି ଶିକାର ହୁଏ । କେବେ କେବେ ବଣରେ ପଶୁ ପଶୁ ଜନ୍ତୁ ହାବୁଡ଼ରେ ପଡ଼େ – ଆଉ କେବେ ବଣରେ ବୁଲି ବୁଲି ହାଲିଆ ହବ କିଛି ଦିଶିବେନି ।

ଆଉ ଗୋଟିଏ ଇମିତିକା ପନ୍ତା ଶିକାର ମୋର ମନେପଡୁଥିଲା ସେତେବେଳେ । ମାମୁ ସେତେବେଳେ ପୁରୀଜିଲ୍ଲାର ଏସ୍.ପି. ଥିଲେ । ତାଙ୍କର ଗସ୍ତ ଯିବାର କଥା ନୂଆପଡ଼ାକୁ । ନୂଆପଡ଼ା ଚିଲିକା ହ୍ରଦର ସମୁଦ୍ରକୂଳିଆ ଗାଁଟିଏ । ଯିବାପାଇଁ ବାଟ ବଡ଼ ଅସୁବିଧା । ବାଲୁଗାଁ ପାଖରେ ଡଙ୍ଗାଧରି ପନ୍ଦରକୋଡ଼ିଏ ମାଇଲ ସେ ଚିଲିକା ପାଣିରେ ଯିବାକୁ ହୁଏ ।

ଶୀତଦିନ ହେଇଥାଏ । ଚିଲିକାରେ ନାନା ଜାତିର ବତକ ସେତେବେଳକୁ ଆସିଲେଣି । ସାଇବିରିଆରୁ ରାଜହଂସ ବି ଆସିଥାନ୍ତି ଢେର୍ । ଯୁଆଡ଼େ ଯିବ ଦେଖିବ ଚିଲିକା ପାଣିରେ ଶହ, ହଜାର କରି ବତକ ଭାସୁଛନ୍ତି । ବତକ ଶିକାର ଗୋଟିଏ ଭାରି ମଉଜିଆ କଥା । ଭଲ ଶିକାରୀ ନହେଲେ ବତକ ମାରିବା କଷ୍ଟ । ଚଢ଼େଇଟିଏ ବସିଥିଲାବେଳେ କି ପାଣିରେ ଭାସୁଥିଲାବେଳେ ମାରିବା ମନା । ସେମିତି ମାରିଲେ ଶିକାରୀ-ଦୁନିଆରେ ନାମ ଖରାପ ହୁଏ । ବତକ ଉଡୁଥିଲାବେଳେ ମାରିବ – ସେଇ ହେଲା ଶିକାରୀର ଶିକାର । ତା'ର ଗୋଟିଏ ଭଲ କାରଣ ବି ଅଛି । ବତକର ଡେଣାର

Digitized by srujanika@gmail.com

ପରଗୁଡ଼ାକ ଖୁବ୍ ଟାଣ । ସେଥିରେ ଛର୍‌ରାର ଛୋଟ ଛୋଟ ସୀସା ଗୁଳି ବାଜିଲେ ବତକଟା ମରିବନି – ଛୋଟା ହବ କି ଡେଣାଟା ଜଖମ ହବ । ପାଣିରେ ବୁଡ଼ିଯିବ – ତାକୁ ଖୋଜି ବାହାର କରିବା କଷ୍ଟ । ବିଚରା ବଡ଼ କଲବଲ ହେଇ ମରେ ଅନେକ ଦିନ ପରେ । ଉଡୁଥିଲାବେଳ ବତକ ତ ଡ଼େଣା ମେଲେଇଥାଏ – ତା'ର ପେଟର ପରଗୁଡ଼ାକ ଖୁବ୍ ନରମ – ଛୋଟ ଛୋଟ ସୀସା ମରମ ଥାନରେ ବାଜିବ – ସେ ମରିକି ପଡ଼ିବ । ସେଇଯୋଗୁରୁ ବତକକୁ ଉଡ଼େଇଦେଇ ପରେ ଛର୍‌ରା ଫୁଟାନ୍ତି । ଉଡୁଥିବା ଚଢ଼େଇକୁ ବନ୍ଧୁକ ମାରି ଖସେଇବା ପାଇଁ ଶିକାରୀକୁ ଅନେକ ଅଭ୍ୟାସ କରିବାକୁ ହୁଏ । ସବୁ ଲୋକ ଏକଥା କରିପାରିବେନି । ଆଜିକାଲିକା ବାଣୁଆସବୁ ବସିଥିବା ଚଢ଼େଇକି ମାରୁଛନ୍ତି, ଆଉ ବାହାବା ନଉଚନ୍ତି ସେଇଥିରେ ଯେ ଲାଖ କେମିତି ହେଲା !

ମାମୁ ଠିକଣା କରିଥାନ୍ତି ଯେ ଆମେସବୁ ବାଲୁଗାଁରୁ ମାଛ ବିଭାଗର ଗୋଟିଏ ମୋଟରଲଗା ହୁଲି ଡଙ୍ଗା ନବୁ । ସେଇ ମୋଟରଲଗା ଡଙ୍ଗାଟା ଗୋଟିଏ ବଡ଼ଘର ଥିବା ଡ଼ଙ୍ଗାକୁ ଟାଣିବ । ସେ ଘରଡ଼ଙ୍ଗାଟା ନା 'ଲେଡ଼ିମଡ୍'; ଯୋଉଥିରେ କି ଗୋଟିଏ କୋଠରି ଅଛି, ରନ୍ଧାରନ୍ଧି କରିବାର ଥାନ ଅଛି, ଆଉ ଗାଧୁଆ ଘର ବି ଅଛି । ଆମେସବୁ ଠିକ୍ କରିଥାଉଁ ସେଇ 'ଲେଡ଼ିମଡ଼'ରେ ଶୋଇବୁ – ରାତିତମାମ ବୋଟ୍ ଚାଲିବ । ସକାଳୁ ଭୋର୍‌ହେଲାବେଳକୁ ନୂଆପଡ଼ା ପାଖରେ ବୋଟ୍ ନଙ୍ଗର ପକେଇଦେଲେ ଆମେ ସେଠୁ ଯାଇ ବଣରେ ହରିଣ ଶିକାରକରିବୁ । ଯାହାର ଇଚ୍ଛା ହବ ସେ ରାତି ଥାଉଁ ଉଠିକି ଛୋଟ ଡଙ୍ଗାରେ ଯାଇ ବତକ ମାରିବା ପାଇଁ ଚେଷ୍ଟା କରିବ । ଚିଲିକାରେ ତ ଜଣେ ଦୁଇଜଣରେ ବତକ ଶିକାର ହବନାହିଁ । ଚାରିପାଞ୍ଚଟା ଡଙ୍ଗା ଚାରିପାଖରୁ ଧୀରେ ଧୀରେ ବତକଦଳ ପାଖକୁ ଆଗେଇଲେ ସେମାନେ ଉଡ଼ିକି ଗୋଟେ ନା ଗୋଟେ ଡଙ୍ଗା ଉପରଦେଇ ଯିବେ – ସେତିକିବେଳେ ମାରିବା କଥା । ଗୋଟିଏ ଡଙ୍ଗା ଗଲେ ସେମାନେ ଉଡ଼ିକି ଆଗକୁ ଆଗକୁ ଯିବେ – ଉପରକୁ ଆସିଲେ ସିନା ଗୁଳି କାଟୁ କରିବ ।

ମୁଁ ତ ନାହିଁକରିଦେଲି । ରାତିଟାଯାକ ଶୋଇବା ଯେ ସକାଳୁ କାଦୁଅ ପଙ୍କ ଡେଇଁ କଣ୍ଟାବଣରେ ପଶି ମିରିଗ ଶିକାର ପାଇଁ ଦେହରେ ବଳ ଥିବ । ମସୁଧା ସିନା ହେଲା – ଶୋଇହେଲା କୁଉଠି ? ସଞ୍ଜ ପରେ ତ ଆମେ ନଙ୍ଗର ଉଠେଇଲୁ । ରାତିରେ ଡଙ୍ଗାରେ ରନ୍ଧାରନ୍ଧି ପାଇଁ ଗୋଟିଏ ବଡ଼ କିରାସିନି ପମ୍ପଲାଇଟ୍ ଜାଳିଥିଲୁ । ସେଇ ଆଲୁଅ ଧରି ବୋଟ୍ ଚାଲିଥାଏ – ଏଣେ ମାଛସବୁ ଆଲୁଅକୁ ଦେଖି ଡେଇଁଲେ ଡଙ୍ଗା ଆଡ଼କୁ । କେତେ ଡଙ୍ଗା ଭିତରେ ପଶିଲେ; ଆଉ କେତେ ଏପାଖ ସେପାଖ ହେଲେ ।

ଏତେ ସହଜରେ ଆମର ତରକାରି ଗୁଜୁରାଣ ମେଣ୍ଟିଯିବାର ଦେଖି ମୁଁ ତ ତାଟକା ହେଇଗଲି । ତା'ପରେ ପାଣିରୁ ମାଛ ଡେଇଁବାର ଦେଖିଲେ ଆଉ ନିଦ ଆସିବ କିମିତି ? ''ହେଇରେ ବଡ଼ଟାଏ ପଡ଼ିଚି'' – ''ହେଇ ଗଲା ଗଲା'' ଏଇମିତି ତ ସମସ୍ତେ ହୁରି କରୁଥାନ୍ତି ମାଛମାନଙ୍କୁ ଦେଖି । ଏଇମିତି ହଇହୁଲା କରି କରି ରାତିଯାକ ବୋଟ ଚାଲିଥାଏ । ସକାଳୁ ନଙ୍ଗର ପଡ଼ିଲା । ଆମେ କପେ କପେ ଚା ଖାଇ ବାହାରିପଡ଼ିଲୁ । ମିରିଗ ଶିକାର ।

Digitized by srujanika@gmail.com

ସେଠାର ଗାଁବାଲାଙ୍କୁ ଖବର ଦିଆହେଇଥିଲା ଆଗରୁ । ଦଶପନ୍ଦର ଜଣ ଲୋକ ଆମକୁ ଅପେକ୍ଷାକରିଥିଲେ କୂଳରେ । ଟିକେ ଦୂରକୁ ବଣଟା ଦିଶୁଥାଏ । ସେ ବଣଟା ସମୁଦ୍ରକୂଳର କଣ୍ଟାବଣ, ହେନ୍ତାଳବଣ । ଛୋଟ ଛୋଟ ଗଛ ହେଲେ ମଧ ଏତେ ଘଞ୍ଚ ଯେ ଦୁଇପାଦ ଆଗକୁ କିଛି ଦିଶୁନଥାଏ । ସେଇ ବଣରେ କାଳେ ଢେର୍ ମିରିଗ ରହନ୍ତି ।

ଆଉ ତର ସହିଲାନାହିଁ ପାଟିରେ ଗୁଣ୍ଡିଏ ଗୁଣ୍ଡିଏ ଜଳଖିଆ ଗୁଞ୍ଜିବାକୁ ଏଇ କେଇ ପଦ କଥା ଶୁଣି । ବାହାରିପଡ଼ିଲୁ ସମସ୍ତେ । ବଣ ପାଖରେ ପହଞ୍ଚି ଦେଖୁଁ ତ ତା'ଭିତରେ ପଶିବାକୁ କେବଳ ଗୋଟିଏ ବାଟ । ଯେଉଁ ରାସ୍ତାରେ ମଣିଷ, ଗୋରୁ ଯା'ଆସ କରନ୍ତି, ସେଇ ରାସ୍ତା । ହାତେ ଦେଢ଼ହାତ ଓସାରରେ ହେନ୍ତାଳ କାଟି ଚଲାବାଟଟିଏ ହେଇଛି । ସେଇ ରାସ୍ତାରେ ଠିଆହେଲେ ଦୁଇପାଖରେ ଆଉ କିଛି ଦିଶୁନାହିଁ – ଖାଲି ପତରବଣ । ସେଥିରେ ମିରିଗକୁ ଲାଖକରି ଗୁଳିମାରିବ କିମିତି ? ଏଇଆ ମୁଁ ଭାବୁଥାଏ, ସେଇ ଗଳିଆ ବାଟରେ ଯାଉ ଯାଉ ଖଣ୍ଡେ ଦୂର ଗଲାରୁ ଗୋଟିଏ ଖୋଲା ଜାଗା ପଡ଼ିଲା – ପ୍ରାୟ ଅଧ ଏକର ହବ । ଚାରିପାଖ କାନ୍ଥପରିକା ହେନ୍ତାଳବଣ । ସେଇଠି ଗୋଟିଏ କରରେ ଠିଆହେଲେ ବାରଚଉଦ ପାହୁଣ୍ଡଯାଏ ଖୋଲା ଜାଗା – ମିରିଗ ବାହାରିଲେ ମାରିବାକୁ ସୁବିଧା ହବ ପରା । ସେଇଠି ରହିଲେ ମାମୁ ।

ମୁଁ ସେଇ ଗଳିବାଟରେ ଆଉ ପାଏ ବାଟ ଗଲି – ଆଶାକରିଥାଏ ଆଉ ଗୋଟେ ସେମିତି ଖୋଲା ଥାନ ପାଇଲେ ଛକିକି ବସିବି ବୋଲି । ହେନ୍ତାଳବଣ କ୍ରମେ ବେଶି ଘନ ହେଇଗଲା । ଖୋଲାଜାଗା ତ ଆଉ ମିଳିଲାନାହିଁ । ସେଇଠୁ ମୁଁ ଅନିଷା କଲି ଜନ୍ତୁର ଚଲାବାଟ କୁଉଠି ଥିବ । ସେମିତି ଗୋଟିଏ ବାଟ – ଜନ୍ତୁ ଚଲାବାଟ – ପାଇଲି; ଲଟି ଭିତରେ ଆଙ୍କିବାଙ୍କି ଯାଇଚି । ସେଇ ବାଟରେ ଗଲି ଗଲି ଦଶପାହୁଣ୍ଡ ଆଗେଇଲି । ମଣିଷଚଲା ବାଟଟା ପଛରେ ରହିଲା । ଖଣ୍ଡେ ଦୂରରେ ଗୋଟିଏ ଉଇହୁଙ୍କା । ତା'ର ଚାରିପାଖ ଗଛ ତଳେ ଭୂଇଁଟା ପରିଷ୍କାର । ଖଣ୍ଟାଝଣ୍ଟା ନାହିଁ – ଗୋଟେ ପାଖକୁ ମିରିଗଲଣ୍ଡି ଢେର୍ ପଡ଼ିଥାଏ – ଶୁଖିଲା ଲଣ୍ଡି ଆଉ ଖୁବ୍ ଟଟକା ବି । ଭାବିଲି, ଏଇଠି ମିରିଗମାନେ ବସାଉଠା କରନ୍ତି ପରା । ଜାଗାଟା ବେଶ୍ ଶୀତଳ । ଖରା ବେଶି ହେଲେ ଏଇଠି ମିରିଗମାନେ ଆସି ଶୋଉଥିବେ । ଏଇଲାଗେ ତେଣେ ଆଡ଼ି ଆରମ୍ଭ ହେଲେ ମିରିଗ ତରକିଯାଇ ଏଇଠିକି ନିଶ୍ଚେ ଆସିବେ । ଏଇଆ ଭାବି ମୁଁ ଠିକ୍ କଲି ସେଇଠି ଜଗିବି । ହେଲେ ସେ ଥାନଟା ତ ମଣିଷ-ଚଲାବାଟର ଆଗକୁ ଡାହାଣ ପାଖକୁ । ମୋ ପଛକୁ ଦୁଇଜଣ ବାଣୁଆ ବସିଚନ୍ତି ଚଲାବାଟରେ – ବନ୍ଧୁକ ଫୁଟିଲେ ତ ମୋରି ଆଡ଼କୁ ଗୁଳି ଆସିପାରେ । ଉଇହୁଙ୍କାର କରକୁ ଶୋଇରହିଲେ ସେ ବିପଦରୁ ରକ୍ଷାମିଳିବ । ଏଇପରି ଭାବିକି ମୁଁ ସେ ଉଇହୁଙ୍କା କରକୁ ପେଟେଇକି ମିରିଗମାନଙ୍କ ବାଟ ଚାହିଁରହିଲି । ଦୁଇମିନିଟ୍ ଯାଇଚି କି ନାହିଁ, ଗୋଟିଏ ଶିଙ୍ଗାଳ ଆଉ ତିନୋଟି ମାଈ ହରିଣ ଆସି ସେଇ ହୁଙ୍କାକୁ ପଛକରି ଛିଡ଼ାହେଲେ – ମୋ ପାଖରେ – ହାତ ବଢ଼େଇଦେଲେ ଛୁଇଁହବ ମିରିଗ ଶିଙ୍ଗାଳଟାକୁ । ଗଛର ଡାଳପତ୍ର ଭୂଇଁକି ଛୁଏଁ ନଛୁଏଁ । ମୁଁ ତ ସେଇ ପତର ଗହଳି ଭିତରେ

Digitized by srujanika@gmail.com

ଉଇହୁଙ୍କା ପଛରେ – ମିରିଗମାନେ ମୋତେ ଦେଖିନାହାନ୍ତି । ପବନ ବି ତ ଓଲଟା – ଆଡ଼ିଆଙ୍କ ଆଡୁ ଆମ ଆଡ଼କୁ ବହୁଥାଏ । ମୋ ବାସନା ବି ମିରିଗମାନେ ପାଇନାହାନ୍ତି । ସେମାନେ କିନ୍ତୁ ଆଡ଼ି କରୁଥିବା ଲୋକଙ୍କ ବାସନା ପାଇଥାନ୍ତି । ସେଇଆଡ଼କୁ ଅନେଇ କାନଟିମାନ ଏପାଖ ସେପାଖ କରୁଥାନ୍ତି – କନକନ ହେଇ ଅନଉଥାନ୍ତି ଆଉ ଥୋମଣି ଉପରକୁ କରି ପବନ ଶୁଙ୍ଘୁଥାନ୍ତି । ନିଃଶ୍ୱାସ ଜୋର୍‌ଜୋର୍‌ରେ ନେଉଥାନ୍ତି ଯେ ପେଟ ପାଖଟା ବେଙ୍ଗପରିକା ଫୁଲୁଥାଏ, ପଡୁଥାଏ । ମୁଁ ଦି'ନଳିଆ ବାରବୋର୍ ବନ୍ଧୁକକୁ ଆଉ କାନ୍ଧକୁ ଟେକିପାରିଲିନି – ଏତେ ପାଖରେ; କାଳେ ତାଙ୍କ ଦିହରେ ବାଜିବ । ସେଇମିତି ଗୁଳି ଫୁଟେଇଲି ଯେ ଶିଙ୍ଗାଳଟା ସେଇଠି ଟିଳିପଡ଼ିଲା । ଛାତିପଟେ ଗୋଟେ ଶାବଳ ପଶିବାପରିକା କଣା ହେଇଥାଏ ଏପଟରୁ ସେପଟ । ମାଇହରିଣ ତିନିଟା କୁଉ-କୁଉ କରି ପଳେଇଲେ ସେ ବଣଭିତରକୁ ।

ଏଇପରି ପନ୍ତା ଶିକାର କମ୍‌ଲୋକରେ ହୁଏ । ଆଡ଼ି ପାଇଁ – ପନ୍ତା ପାଇଁ ମୋଟ ବାରଜଣ ଲୋକ ଥିଲେ ସେଦିନ । ସେ ଲୋକମାନଙ୍କୁ ଆଡ଼ିଆ କହନ୍ତି । ଆଡ଼ିଆମାନେ ବଣରେ ପଶନ୍ତି ବେଶି ପାଟିତୁଣ୍ଡ ନକରି । ଜଣକଠୁ ଆରଜଣକ ପ୍ରାୟ କୋଡ଼ିଏ ହାତ ଦୂରରେ – ଧାଡ଼ି ବାନ୍ଧିଲାପରି ଚାଲନ୍ତି – ଟିକେ କାଶ, ଟିକେ କାଠ ଠକ୍‌ଠକ୍ କରନ୍ତି । ଜନ୍ତୁଜୁନ୍ତା ଭାବିବେ କାଠୁରିଆ କି ଗୋରୁଜଗାଳିମାନେ ଆସିଲେ ବୋଲି – ସେମାନେ ଆଉ ଛାନିଆ ହେବେନି କି ତରକିବେନାହିଁ । ଗୋଟେ ଗୋଟେ ଚାଲିକି ଆପଣାର ଗଛବୁଦା ଉହାଡ଼ରେ ଆଶ୍ରା ନେବେ । ଧୀରେ ଧୀରେ ଚାଲିଚାଲିକି ଯିବାବେଳେ ଏଣେ ଶିକାରୀ ଲୁଚିକି ବସିଥିବ । ଲାଖକରି ନଳି ଲାଛିବାକୁ ସମୟ ଢେର୍ ପାଇବ; ବାଛି ବାଛି ଜନ୍ତୁ ବି ମାରିପାରିବ ।

ସେଠାର ପନ୍ତାରେ ଆଉ କେହି ଜନ୍ତୁ ମାରିପାରିଲେନି । ହେନ୍ତାଳବଣ ତ ଖୁବ୍ ଘଞ୍ଚ; କୁଉଠି ମିରିଗସବୁ ଲୁଚିଗଲେ ଜାଣିବା କଷ୍ଟହୋଇଥିଲା ।

Digitized by srujanika@gmail.com

ବାଣୁଆ କିମିତି ହେଲି

ଆଠଗଡ଼ ରୋଡ଼ ଷ୍ଟେସନର ଉତ୍ତରକୁ ବଣଟା ଖୁବ୍ ଘଞ୍ଚ ଥିଲା ସେତେବେଳେ । ରେଳ ଲାଇନ୍ ପାରହେଇ ଶଗଡ଼ଗୁଳାରେ ଚାରି କିଲୋମିଟର ଗଲେ କୃଷ୍ଣପୁର ଗାଁ । ରେଳ ଲାଇନ୍‌ଠୁ ବଣ ଲାଗିଚି । ଅତାଣ୍ଡି ଲଟି ଆଉ ଅନାବନା ଗଛରେ ବଣଟା ଭରିଚି । ଭରିଚି କହିଲେ ଠିକ୍ ହବନି – ଭରିଥିଲା । ମୁଁ ଯଉ ସମୟର କଥା କହୁଚି, ସେତେବେଳେ ଆମ ରାଜ୍ୟର ବଣ ଗଛପତ୍ର, ଜନ୍ତୁଜୁନ୍ତାରେ ପୂରିରହିଥିଲା । ଭାରତ ସ୍ୱାଧୀନ ହବାର ବର୍ଷଟା ଭିତରେ ଏଠାର ଗଡ଼ଜାତଗୁଡ଼ାକ ସବୁ ରାଜ୍ୟରେ ମିଶିଲା । ସେଇ ସମୟର କଥା । ସେତେବେଳେ ଦିନଟାରେ ବି ବଣକୁ ପଶିବାକୁ ଡରଲାଗୁଥିଲା । ଗପୁଡ଼ି ବୁଢ଼ୀର କାହାଣୀରେ ରଜାପୁଅ ସାଧବପୁଅ ଯଉ ବଣରେ ବାଟ ହୁଡ଼ିଥିଲେ – ଯେଉଁ ''ଅଗ୍‌ନା ଅଗ୍‌ନି ବଣରେ କୁଆର ଥଣ୍ଟ ନାହିଁ କି କୋଇଲିର ବେଣ୍ଟ ନାହିଁ'' – ସେଇପରି ଅଗ୍ନାଗ୍ନି ବଣ ଦେଖିବାକୁ ମିଳୁଥିଲା ସେତେବେଳେ । ଆଜିକାଲି ତ ଆଉ ସେମିତି ନିଘଞ୍ଚ ବଣ ନାହିଁ – ଗଛପତ୍ର କାଟି ବଣଭୂଇଁ ପଦାହେଇଗଲାଣି । ଜନ୍ତୁଜୁନ୍ତା ରହିବାକୁ ଥାନ.ପାଉନାହାନ୍ତି କି ଚରିବୁଲିବାକୁ କଅଁଳ ପତ୍ର ସେତେ ହଉନି । ଏଣେ ଗାଁଗାଁକେ ନଳି ବନ୍ଧୁକ ଅଛି । ଅସୁମାରି ବାଣୁଆ ନଳି ବନ୍ଧୁକ ଧରି ବଣରେ ଦିନ ଦିନ ରହି ଜନ୍ତୁ ମାରୁଚନ୍ତି । ଏଇମିତି ସବୁଗଛ କଟାକଟି ଆଉ ଜନ୍ତୁ ମାରିବାରେ ଏବେ ଆଉ ବଣକୁ ଯିବାକୁ ଭଲଲାଗୁନି ।

କ'ଣ କହୁଁ କହୁଁ କଥାନହସରେ କଣ ସବୁ କହିଲିଣି । ହଁ, ସେଦିନ ସଞ୍ଜପହରେ ଆମେ ତିନିଜଣ କୃଷ୍ଣପୁର ଜଙ୍ଗଲରେ ଘେରାଏ ବୁଲିସାରି ଥକିଥାଉଁ । ଦୁଇଜଣ ମୋର ସାଙ୍ଗ ଶିକାରୀ, ଆଉ ମୁଁ ଥାଏ ତାଙ୍କର ଶିବିର-ସହକାରୀ । ମୋର କାମ ହେଲା ଗାଡ଼ି ଚଳେଇବା ଆଉ ଜନ୍ତୁଟିଏ ମରିଲେ ତାକୁ ଧରି ଗାଡ଼ିକି ଉଠେଇବା । ଯୁଦ୍ଧକୁ ସେନାମାନେ ଗଲେ ଯଉଠି ତମ୍ବୁ ପକେଇ ରହନ୍ତି ସେଇ ଜାଗାଟାକୁ ଶିବିର କହନ୍ତି । ସେଇ ଶିବିରଠେଇ ଧୋବା, ଭଣ୍ଡାରୀ ଆଉ ପୂଜାରୀ ଚାକରଙ୍କୁ ଶିବିର-ସହକାରୀ କହନ୍ତି । ସେତେବେଳେ ଆମର ଶିକାର-ଶିବିରର ମୁଁ ଥାଏ ସହକାରୀ ।

ମୁଁ ତ ଅଳ୍ପଦିନ ଆଗରୁ ଫୌଜ ଚାକିରି ଛାଡ଼ି ଏଠିକି ଆସିଥାଏଁ । ଶିକାର-ବିକାରରେ ମୋର ସେତେ ଆଗ୍ରହ ବି ନଥିଲା । ମିରିଗଟିଏ ବଡ଼ ନିରୀହ ଜନ୍ତୁ, ତାକୁ ମାରିଦବାଟା ମୋତେ ଭଲଲାଗୁନଥିଲା । ସେଥିରେ ତ ପୁରୁଷପଣିଆ କିଛି ନଥାଏ । ତା ଛଡ଼ା ଶିକାର

Digitized by srujanika@gmail.com

ବିଷୟରେ କିଛି ଜଣାନଥିଲା ତ – ସାଙ୍ଗମାନଙ୍କ ସାଙ୍ଗରେ କେବେ କିମିତି ଯାଇଚି । ସେମାନେ ଗୋଟିଏ ଗୋଟିଏ ବାରବୋର୍‌ର ଦି'ନଳିଆ ବନ୍ଧୁକ ଧରି ବାହାରନ୍ତି । ଗୋଟିଏ ଜିପ୍ ଗାଡ଼ିରେ ଦୁଇଟା ସଟ୍‌ଲାଇଟ୍ ଖଞ୍ଜାଯାଏ । ଗାଡ଼ିର ବେଟାରିରୁ ତାର ଲଗେଇ ସେ ସଟ୍ ଲାଇଟ୍ ବଣକୁ ପକାନ୍ତି । ଜିପ୍ ଧୀରେ ଧୀରେ ଗଡୁଥାଏ ସାଇକେଲ୍ ଯିବା ବେଗରେ । ଆଉ ଦୁଇଜଣ ଜିପ୍‌ର ଡାଲାରେ ଛିଡ଼ାହେଇ ଦୁଇ ପାଖର ବଣବୁଦାକୁ ଆଲୁଅ ପକାନ୍ତି । ସଟ୍ ଲାଇଟ୍ – ମଟର ଗାଡ଼ିର ସାମନା ଆଲୁଅପରିକା ତୋଫା – ଦୂରକୁ ପରିଷ୍କାର ଦିଶେ । ବଣବୁଦାରେ ଜନ୍ତୁଜୁନ୍ତା କଅଁଳ ପତର କି ଘାସ ଖାଉଥାନ୍ତି, ଘର୍‌ଘର୍ ଶବ୍ଦରେ ଅନାନ୍ତି ଜିପ୍ ଆଡ଼କୁ । ଆଖିରେ ସଟ୍ ଲାଇଟ୍‌ର ତୋଫା ଆଲୁଅ ପଡ଼େ ଯେ ସେମାନେ ଜଳକା ପାଲଟି ଥିରହେଇ ଛିଡ଼ାହୁଅନ୍ତି । ଆମ ଆଖିରେ ଟର୍ଚ୍ଚ ଆଲୁଅ ପଡ଼ିଲେ କି ମଟରର ଆଲୁଅ ପଡ଼ିଲେ ଯେମିତି ଆଖିକୁ ଆଉ କିଛି ଦିଶେନି – ସେମିତି ଜନ୍ତୁ ବି ଭେଳକା ହେଇଯାଆନ୍ତି ସେ ଆଲୁଅ ପଡ଼ିଲେ । ତହୁଁ ଶିକାରୀମାନେ ଦି'ନଳିଆ ବନ୍ଧୁକରୁ ଛର୍‌ରା ଫୁଟାନ୍ତି ଯେ ଗୁଳି ଯାଇ କିନ୍ତୁ ଦେହରେ କି ବେକରେ ବାଜେ ।

ବେକରେ କି ମୁଣ୍ଡରେ କାନମୂଳିଆ ଗୁଳି ବସିଲେ ତ ଜନ୍ତୁଟା ସେଇଠି ପଡ଼ିଲା – ନହେଲେ ଦିହରେ କୁଉଠି ବାଜିଲେ ପ୍ରାଣବିକଳରେ ସେଇଟା ପଳେଇଲା । ଦିହରେ ଯଉଠି ଗୁଳି ବାଜିଚି ସେଠୁ ରକ୍ତ ପଡ଼ି-ପଡ଼ିକା ଗଲା । ସେଇ ବନି ଶୁଙ୍ଘି ଶୁଙ୍ଘି ବଣର କୁକୁର ପଞ୍ଝାଟାଏ ତା' ପଛରେ ଗୋଡ଼େଇଲେ । ଜୀଅନ୍ତା ଜନ୍ତୁଟାକୁ ପାଇଲେ ତା' ଦିହରୁ ପୁଳାଏ ପୁଳାଏ ମାଉଁସ ଖାଇଲେ କୁକୁରମାନେ । ଏଇମିତି କଷ୍ଟରେ ତହଳବିକଳ ହେଇ ବିଚରା ଘାଉଲା ଜନ୍ତୁଟି ମରିବ । ବଣର କୁକୁରମାନଙ୍କୁ ବଳିଆ କୁକୁର କହନ୍ତି । ସେମାନେ ଦଳ ଦଳ ହେଇ ବଣରେ ବୁଲନ୍ତି – ଜନ୍ତୁ ଶିକାର କରନ୍ତି । ବଳିଆ ଦଳଟେ ଯଉ ବଣରେ ଥା'ନ୍ତି, ସେଠୁ ବାଘପରିକା ସାହସିଆ ଜନ୍ତୁ ବି ପଳାଏ । ବଳିଆ କୁକୁର ଜନ୍ତୁର ଗନ୍ଧ ବାରି ବାରି ତାକୁ ଠାବକରନ୍ତି । ପ୍ରାଣବିକଳରେ ଜନ୍ତୁ – ମିରିଗ କି ସମ୍ବର କି ଆଉ ଜନ୍ତୁ ଦଉଡ଼ନ୍ତି; ଏଣେ ପଲେ ବଳିଆ ତା ପିଛା ଧରନ୍ତି, ପଛ ଗୋଡ଼ କି ଫଡ଼ିଆରୁ ପୁଳେ ପୁଳେ କାମୁଡ଼ି ନିଅନ୍ତି । ବଳିଆ କିନ୍ତୁ ମଣିଷକୁ ଭାରି ଡରେ । ଘରର ପୋଷାକୁକୁର ଭୟ କଲେ କି କାହାକୁ ଗୋଡ଼ାଇଗଲେ ଭୁକନ୍ତି – ବଳିଆ କୁକୁର ସେମିତି ଭୁକନ୍ତିନାହିଁ । ଘାଉଲା ହେଲେ ସିଟି ବାଜିଲା ପରି ଶବ୍ଦ କରନ୍ତି । ଦେଖିବାକୁ ଠିକ୍ ଡାହାଳ କୁକୁର ପରି । ଦିହଟାଯାକ ରୁମ ଭର୍ତ୍ତି, ଲାଲ୍‌ଚିଆ ରଙ୍ଗ, ଲାଞ୍ଜଟା ଏକବାରକେ କଳା । ସେଗୁଡ଼ାକ ମଣିଷର ପୋଷା ମାନନ୍ତିନି । ଢେର୍ ଚେଷ୍ଟା କରିଛନ୍ତି ଲୋକେ ପୋଷିବା ପାଇଁ ।

ଶିକାର କଥା କହୁଁ କହୁଁ ବଳିଆ କୁକୁର କଥା ଆସିଗଲା ପରା । ଜିପ୍ ଗାଡ଼ିରୁ ଇମିତି ଆଲୁଅ ପକେଇ ଶିକାର କରିବା ମୁଁ ଦେଖିଲି । ଶୁଣିଥିଲି, ଆଗର ରାଜାମାନେ ଏଇପରି ହରିଣ ସମ୍ବର ଶିକାର କରନ୍ତି । ବଡ଼ ରକମ ଶିକାର କରିବାକୁ ହେଲେ, ରାଜାରାଜୁଡ଼ାମାନେ ଶହେ ଗାଁର ଲୋକମାନଙ୍କୁ ଧରି ବଣରେ ଯାଇ ପନ୍ତା କରନ୍ତି । ପନ୍ତା ଶିକାର କଥା ତ ଉଣାଅଧିକେ କହିଚି ଆଗରୁ ।

Digitized by srujanika@gmail.com

ସାଙ୍ଗମାନଙ୍କ ସାଙ୍ଗରେ ପାଞ୍ଚଦଶ ଥର ଯାଇଚି – ଏମିତି ଜିପ୍ ଗାଡ଼ିରେ ବସି ଶିକାର ଦେଖିଚି । ମନେହେଲା ଯେ ଏ ରକମ ଶିକାରଟା ତ ଖୁବ୍ ସହଜ । ସଞ୍ଜ ପରେ ଆରାମରେ ଗାଡ଼ିର ଗଦି ଅଣ୍ଟା ଚେୟାରରେ ବସି ବଣର ରାସ୍ତାରେ ବୁଲିବ । ଖୁବ୍ ତୋଫା ସ୍ପଟ୍ ଲାଇଟ୍‌ରେ ଜଳକା ହେଲେ ମିରିଗକୁ ଗୁଳିକରି ମାରିଦବ । ସାନପିଲାମାନେ ବି ଏମିତି ଶିକାର କରିପାରିବେ – ମାଇପେ ବି ତ ସେମିତି ଶିକାରକରୁଛନ୍ତି – ପୁରୁଷପଣିଆ ରହିଲା କୁଉଠି ? ଭୂଇଁରେ ଛିଡ଼ାହେଇ ବାଘ କିମ୍ବା ବାୟା ହାତୀର ମୁକାବିଲା କରିପାରନ୍ତ କି ଶିକାରୀପଣିଆ ଜଣାପଡ଼ନ୍ତା । ଏଇଆ ଭାବିକି ମୁଁ ଆଉ ଶିକାରବିକାର ପାଇଁ ମନଦଉନଥାଏ । ଏଣେ ସାଙ୍ଗମାନେ ଡାକୁଥାନ୍ତି ସାଙ୍ଗରେ ଯିବାକୁ – ଉପରୋଧ ଏଡ଼େଇ ନପାରି ଯାଏଁ ।

ସେଦିନ ସଞ୍ଜଟା ସେମିତି କୃଷ୍ଣପୁର ଗାଁର ଚାରିପାଖଟା ହନ୍ତାଳିଲେ । କିଛି ତ ଦିଶିଲାନି – ଖାଲି ଠେକୁଆ ମେଳା ମେଳା । ସାଙ୍ଗମାନେ ସେଇଠୁ ଠିକ୍ କଲେ ଯେ ଠେକୁଆଟା ବଡ଼ ଅଶୁଭ ଜନ୍ତୁ । ବଣରେ ପଶିବାବେଳକୁ ପରା ଗୋଟିଏ ଠେକୁଆ ରାସ୍ତାର ଏପାଖରୁ ସେପାଖକୁ ଗଲା – ଆଉ ଜନ୍ତୁ ଦିଶିବ କିମିତି ? ଶିକାରୀ ସାଙ୍ଗମାନେ ଠିକ୍‌କଲେ ଯେ ଠେକୁଆ ଗୋଟାଏ ଯୋଡ଼େ ମାରିଦେଲେ ସେ ଅଶୁଭ ରିଷ୍ଟଟା କଟିଯିବ । ଏକଥା ଠିକ୍ କଲା ପରେ ଆଉ ଠେକୁଆ ନଦିଶନ୍ତି । ବୁଲି ବୁଲି ଭାରି ବ୍ୟସ୍ତଲାଗୁଥାଏ । ଦୂରରୁ ଦୁଇଟା ଆଖି ଜୁଳୁଜୁଳୁକରି ଦିଶିଲା ଶଗଡ଼ଗୁଳା ଉପରେ । ମୁଁ ତ ଚଳଉଥିଲି ଗାଡ଼ି; ବେଗ ବଢ଼େଇଦେଲି । ସେଇଠି ପହଞ୍ଚିଲାଠୁ ଆଉ କିଛି ଦିଶିଲାନି । ସେଇଠୁ ଶିକାର-ପାଗଳ ବନ୍ଧୁଟି କହିଲେ, ''ଏଇ ଡାହାଣ ପାଖ ବଣ ଭିତରକୁ ଗାଡ଼ିଟା ନିଅ ।'' କଥାଗୁଡ଼ାକ ଫିସ୍ ଫିସ୍ କରି ମୋ କାନ ପାଖରେ କହିଲେ । ମୁଁ ଡାହାଣ ପାଖ ବଣ ଭିତରକୁ ଗାଡ଼ିଟା ବୁଲେଇଲି । ଛୋଟ ଛୋଟ ବୁଦ୍‌ବୁଦିକିଆ ବଣ ତ – ବୁଦା ଲଟି ମାଡ଼ି ଗାଡ଼ିଟା ପଶିଲା । ଦଶବାର ମିଟର ଗଲା ପରେ ଗୋଟିଏ ଖୋଲା ପଡ଼ିଆ – ଧର ଅଧ ହେକ୍ଟର । ପଡ଼ିଆର ଘାସ ଭିତରେ ଦେଖିଲୁ ଦୁଇଟା ଠେକୁଆ – କାନଟିମାନ ଉପରକୁ ଶିଙ୍ଗପରିକା ଦିଶୁଚି । ଆଖିଦୁଇଟା ଜୁଳୁଜୁଳୁ ରଡ଼ ଅଙ୍ଗାରପରିକା ଦିଶୁଚି ସେ ସ୍ପଷ୍ଟ ଲାଇଟ୍‌ର ତୋଫା ଆଲୁଅରେ । ମୋ ସାଙ୍ଗ ଫେର୍ ମୋ କାନ ପାଖରେ ଫିସ୍ ଫିସ୍ କରି କହିଲେ, ''ଗାଡ଼ି ରଖ ।'' ବ୍ରେକ୍ ଦେଇ ଗିଅର ନ୍ୟୁଟ୍ରେଲ କଲି । ଏଣେ ମୋ ସାଙ୍ଗଟି ତାଙ୍କ ଦି'ନଳିଆ ବନ୍ଧୁକଟି ମୋ ହାତକୁ ବଢ଼େଇଦେଲେ । କାନରେ କହିଲେ ''ମାର'' ।

ଆଗରୁ ମୁଁ ଦି'ନଳିଆ ବନ୍ଧୁକ ଥରେ ଫୁଟେଇଥିଲି – ସେ ଅନେକ ଆଗର କଥା । ମୁଁ ତ ଜାଣିଥାଏ ଯେ, ଦି'ନଳିଆ ବାରବୋର୍ ବନ୍ଧୁକର ନଳିଟିମାନ ପାଲିସକରା ଫୁଙ୍କନଳିପରିକା । ସେଥିରେ ଗୋଳାଗୁଳି ମାରିଲେ ଗୁଲଲ୍‌ପରିକା ବେଶି ବାଟକୁ ଲାଖ କରି ହୁଏନାହିଁ । ଫୌଜ ଚାକିରିରେ ଥିଲାବେଳେ ମୁଁ ରାଇଫଲ୍ ମାରିଥାଏ – ଶହେରୁ ତିନିଶହ ଗଜକୁ ରାଇଫଲ୍ । ଚାନ୍ଦମାରି କରିଚି । ପିଲାଦିନେ ସ୍କୁଲ୍‌ରେ ପଢୁଥିଲାବେଳେ·

Digitized by srujanika@gmail.com

ଥରେ ତହସିଲଦାର ବାବୁଙ୍କର ଦି'ନଳିଆ ବାରବୋର୍ ବନ୍ଧୁକ ଫୁଟେଇଥିଲି ଯେ ଦଶହାତ ଦୂରରେ ଗୋଟିଏ ଢମଣା ସାପ ମରିଥିଲା ।

ସେଇଟା ଗୋଟେ ମଉଜିଆ କଥା । ମୁଁ ତ ସେତେବେଳେ ପନ୍ଦରବର୍ଷର ଟୋକା । ଆମ ଘରପାଖ ବସାରେ ମିଶ୍ରବାବୁ ଥା'ନ୍ତି । ସେ ମୋ ବୋଉକୁ ଅପା ବୋଲି ଡାକୁଥାନ୍ତି – ମୁଁ ତାଙ୍କୁ ମାମୁ ବୋଲି ଡାକେ । ବାପା ହେଲେ ତାଙ୍କୁ ଖୁସିରେ ଶଳା ବୋଲି ଡାକୁଥାନ୍ତି । ସେ ଭଦ୍ରଲୋକର ସଉକ ଢେର୍ ଥାଏ । ବନ୍‌ଶୀ ପକେଇବାଠୁ ଆରମ୍ଭ କରି ବନ୍ଧୁକ ଧରି ଚଢ଼େଇ ଶିକାର, ବର୍ଷାଦିନେ ତାସ, ପଶା ସବୁ ଚାଲେ ଥାନା ବାରନ୍ଦାରେ । ମାମୁଙ୍କର ଗୋଟିଏ କଳଲଗା ସାଇକଲ୍ ବି ଥାଏ । ସେତେବେଳେ ନୂଆ ହେଇ କଳଲଗା ସାଇକଲ୍ ଆମ ଆଡ଼େ ଆସିଥାଏ । ସମସ୍ତେ ଭାରି ଲାଳେଇଥାନ୍ତି କିମିତି ଥରେ ଅଧେ ସେ ସାଇକେଲ୍‌ରେ ବସନ୍ତେ । ମୁଁ ବି ସେଇ ଲୋଭରେ ମାମୁଙ୍କର ପିଛା ଲାଗିଥାଏ – ସାହସ କରି କହିନଥାଏ ସାଇକଲ୍ କଥା । ସେ ବନ୍‌ଶୀ ଖେଳରୁ ଫେରିଲେ ତାଙ୍କର କଣ୍ଟା, ସୂତା, ବନ୍‌ଶୀ-ଖଡ଼ା ସବୁ ଯତ୍ନରେ ସଫାକରି ରଖେ । ଦିନେ ସେ ଚଢ଼େଇ ଶିକାରକୁ ଯାଇଥିଲେ – ଗୁଳି ଢେର୍ ଫୁଟାଇଥିଲେ – ହେଲେ ଚଢ଼େଇ କିଛି ମାରିନଥାନ୍ତି । ମନଦୁଃଖରେ ଫେରିଥାନ୍ତି । ମୁଁ ହାତରୁ ବନ୍ଧୁକଟା ନେଇ ପାଣି ଫୁଟେଇ ତାର ନଳି ଦୁଇଟା ଖୁବ୍ ଭଲ ଭାବରେ ସଫା କରିଦେଲି । ସେ ଖୁବ୍ ଆଚମ୍ବିତ ହେଲେ ଯେ, ବନ୍ଧୁକ ନଳି ସଫା କରିବାର ହୁନ୍ଦର ଜାଣିଲି କିମିତି ବୋଲି । ମୁଁ ସେଇଠୁ କହିଲି ଥାନାର ସିପାହିମାନେ ଚାନ୍ଦମାରୀରୁ ଫେରି ସଫାକରନ୍ତି ତ ତାଙ୍କ ରାଇଫଲ୍‌ରେ – ମୁଁ ଏସବୁ ଦେଖିଚି । ସେ ଖୁସିହେଇ କହିଲେ, ବାରିପଟେ ବଣରେ କପୋତା ଚଢ଼େଇ ଡାକୁଥାନ୍ତି, ଯାଇ ଗୁଡ଼ିଏ ମାରିଆଣିବାକୁ । ମୋ ହାତକୁ ବନ୍ଧୁକ ଆଉ ଚାରୋଟି ଛର୍‌ରା – ଆଠନମ୍ବର ଛର୍‌ରା ଦେଲେ । ମୁଁ ବଣରେ ପଶି ଦେଖେ ତ ଗୋଟିଏ ଛୋଟ ସାହାଡ଼ା ଗଛକୁ ଘେରି କୋଡ଼ିଏ କି ପଚିଶଟି ବଣି କେଁ-କଟର କେଁ-କଟର ବୋବେଇ ବୋବେଇ ଉଡୁଥାନ୍ତି । ମନେହେଲା କ'ଣ ଗୋଟିଏ ଜୀବ ଦେଖି ସେମାନେ ଖୁବ୍ ଛାନିଆ ହେଇଚନ୍ତି । ପାଖକୁ ଯାଇ ଦେଖେ ତ ଗୋଟିଏ ହେଁ-ବଡ଼ ଢେମଣା ସାପ ଗଛକୁ ଚଢୁଚି । ସେ ଗଛରେ ବଣିଟିଏ ବସାକରି ଅଣ୍ଡା ଦେଇଚି ବୋଧହୁଏ – ତାକୁଇ ଖାଇବାକୁ ସାପଟା ଉଠୁଚି । ମୁଁ ସେଇଠୁ ବନ୍ଧୁକ ତା ମୁଣ୍ଡକୁ ଲାଖ କରି ଫୁଟେଇଲି ଦଶହାତ ଦୂରରୁ; ନଥିକିନା ସାପଟା ପଡ଼ିଲା ତଳେ । ପଞ୍ଚାଏ ବଣି ଉଡ଼ିଆସି ଖୁମ୍ପୁଥାନ୍ତି ସାପଟାକୁ । ମୁଁ ତ ଆନନ୍ଦରେ ବିଭୋର । ପ୍ରଥମ ଥରପାଇଁ ବନ୍ଧୁକ ଧରିଚି – ପ୍ରଥମ ଗୁଳିରେ ଶିକାର ପଡ଼ିଚି । ଢେମଣା ସାପଟାକୁ ତ ଆମ ବାରିପାଖର ଡମରା ଆଉ ତା ମାଇପ ଦିହେଁ ଆନନ୍ଦରେ ଖାଇବେ । ଆଉ ଏ ନିରୀହ କପ୍‌ତାମାନଙ୍କୁ ମାରିବାକୁ କିଏ ଯାଏ । ସେଇଠୁ ଫେରିଲି ମାମୁଙ୍କ ପାଖକୁ – ମିସିନ୍‌ଲଗା ସାଇକଲ୍ ମାଗିବାକୁ । ଏଥର ଆଉ ମାମୁ ମନାକଲେନି ତ । ଦେଖିଲେ ଯେ ଭଣଜା ତାଙ୍କର ପାରିବାର ହେଲାଣି ।

ସେଇକଥା ମନେପଡ଼ିଗଲା ମୋର ଠେକୁଆ ମାରିବାକୁ ଯାଇ । ଦଶ ହାତକୁ ଗଲେ

Digitized by srujanika@gmail.com

ବନ୍ଧୁକ ଫୁଟେଇବି ବୋଲି ଚାଲି ଚାଲି ଠେକୁଆ ହଳୁଟା ପାଖକୁ ଯାଉଥାଏ । ସାଙ୍ଗ ମୋର ଗାଡ଼ିରେ ବସି ସ୍ପଟ୍ ଲାଇଟ୍‌ଟା ଠେକୁଆ ହଳ ଉପରେ ପକେଇଥାନ୍ତି – ଆଉ ଫିସ୍-ଫିସ୍ କରି କହୁଥାନ୍ତି, "ଆରେ ମାର୍ ମାର୍ ..." ଏଣେ ମୁଁ ପାଦେ ଆଗକୁ ଗଲାବେଳକୁ ଠେକୁଆ ଦୁଇଟାଯାକ ଫକ୍-ଫକ୍-ଫକର୍ କରି ପାଞ୍ଚ ପାଦ ଆଗକୁ ଚିଲାମାରୁଥାନ୍ତି । ଏମିତି କିଛି ବେଳଯାଏ ହେଲି – ଶେଷରେ ସେ ଦିଇଟା ଆପଣାର ଡେଇଁଡ଼େଇଁକି ବୁଦା ପଛର ବଣରେ ପଶିଗଲେ । ମୁଁ ଫେରିଲି ଗାଡ଼ି ପାଖକୁ । ବନ୍ଧୁଟି ମୋର ବହେ ହସିଲେ । ହସର ଲହଡ଼ି ସରିବାକୁ ନାହିଁ । ଆଉଜଣକ ଶିକାରୀ ଯେ ଥିଲେ ସେ ଆମଠୁ ବଅସରେ ବଡ଼ । ସେ ମୁରୁକି ମୁରୁକି ହସିଲେ, କହିଲେ, "ବନ୍ଧୁକରେ କଣ ସଙ୍ଗିନ୍ ଅଛି କି ଯେ ସଙ୍ଗିନ୍ ଭୁଷିବାକୁ ଠେକୁଆମାନଙ୍କୁ ଗୋଡ଼ାଉଥିଲ ?" ଲାଜରେ ମୋର କାନମୂଳ ଗରମ ହୋଇଗଲା । ମୁହଁଟା ଲାଲ୍‌ଚା ହୋଇଯାଇଥାଏ । ଭାଗ୍ୟ ଭଲ ଯେ ସ୍ପଟ୍‌ଲାଇଟ୍‌ରେ ତରାସଟା ମୋ ମୁହଁରେ ପଡିନଥିଲା । ବନ୍ଧୁମାନେ ଦେଖିପାରିଲେନି ମୁହଁଟା ମୋର କିମିତି ଲାଲ୍‌ଚା ହୋଇଥାଏ । ପଛକୁ ଭାବିଲି ଯେ ଆଲୁଅ ଥିଲେ ବି କ'ଣ ମୋର ରଙ୍ଗ ଭେଦି ସେ ଲାଲ୍‌ଚାଟା ଦିଶିଥାନ୍ତା କି ? ସେଇଠି, ସେଇ ପଡ଼ିଆରେ, ସେଦିନ ରାତିରେ ମନେ ମନେ ଠିକ୍ କଲି ଶିକାର ଶିଖିବାକୁ ହବ, ଆଉ ଶିକାରୀପରି – ମରଦପରି ଶିକାର କରିବାକୁ ହବ – ଯେମିତି ଦିନେ ଶିକାରୀ-ଦୁନିଆରେ ମୋତେ ଲୋକେ ଚିହ୍ନିବେ ।

ପୁରାକାଳରେ ପାରିଧିକୁ ଯାଉଥିଲେ ତୀର-ଧନୁ ଧରି । ସେତେବେଳେ ବନ୍ଧୁକ କି ଗୋଳା-ବାରୁଦ କଥା ଜଣାନଥିଲା । ଏବେ ତ ଆଉ ତୀର-ଧନୁର ଚାଲ୍ ନାହିଁ । ମୋତେ ଗୋଟିଏ ଦି'ନଳିଆ ବାରବୋର୍‌ର ବନ୍ଧୁକ କିଣିବାକୁ ପଡ଼ିଲା । ବନ୍ଧୁକ କିଣିଲା ପରେ କାର୍ତ୍ତୁସ୍ ଦରକାରହେଲା । ସେଇଠୁ ଜାଣିଲି ଯେ କାର୍ତ୍ତୁସ୍ କେତେପ୍ରକାର । କିଛି ଏଲ୍-ଜି ଆଉ ଚାରିନମ୍ବର ଛର୍‌ରା କିଣିପକେଇଲି । ବନ୍ଧୁମାନଙ୍କୁ ଲଗେଇଥାଏ ଶିକାର ଯିବାକୁ । ଗଲୁ – ଅନେକ ଥର । ସଞ୍ଜବେଳରେ ଆଲୁଅ ପକେଇ ପକେଇ ଅନେକ ବଣ-ଜଙ୍ଗଲ ବୁଲିଲୁ । ଚନ୍ଦକାଠେଇଁ ଦିନକର ସଞ୍ଜରେ ତିନିଟା ବାଘ ଦେଖିଥିଲୁ । ହରିଣ, ସମ୍ବର, କୁଟୁରା ଆଉ ବାର୍‌ହା ଅସୁମାରି; ହେଲେ ମାରିପାରୁନଥାଉଁ ।

ବନ୍ଧୁକ କିଣିଲା ପରେ – ନୂଆ ଡାଆଣୀପରିକା ମନ ତ ଖାଲି କନ କନ ହେଲା କିମିତି ଜନ୍ତୁଟିଏ ମାରିବାକୁ ହବ । ରାତି-ରାତି, କେତେ ରାତି ଯେ ବିତିଛି ବଣରାସ୍ତା ବୁଲି ବୁଲି ହିସାବନାହିଁ । ଜନ୍ତୁ ତ ଦିଶିଲେ ଅସୁମାରି । ସେତେବେଳେ ଏତେ ବେଶି ଜନ୍ତୁ ଥିଲେ ଯେ ଏଇ ଚଉଦୁଆର ପାରହେଲେ ନୂଆପାଟଣା ବଙ୍ଗଳା ପରଠଉଁ ବନ୍ଧୁକ ଫୁଟୁଥିଲା !! ଫୁଟୁଥିଲା ଠିକ୍, କିନ୍ତୁ ଜନ୍ତୁ ଆପଣାର ଘରକୁ ଯାଉଥିଲା । କେତେବେଳେ ଜନ୍ତୁ ରେଞ୍ଜ ବାହାରେ ତ କେତେବେଳେ ହୁଏତ ଖୁବ୍ ପାଖରେ ଯେ ହୁଡ୍‌ହୁଡ୍ କରି ବନ୍ଧୁକ ନିଶାଣ ନକରି ଘୋଡ଼ା ଟିପିବାରେ ଜନ୍ତୁ ଖସିଗଲା । ବାରଗଜ ବନ୍ଧୁକ ତ ବାଜିଥିବ ବା – ଯଥେଷ୍ଟ ବଳ ନାହିଁ ସେ ଗୁଳିର ସମ୍ବରକୁ ସେଇଠି ପକେଇବାକୁ । ଏଇମିତି ହଉ ହଉ ଦିନେ ଯାଇ ପହୁଞ୍ଚିଲି ଅଗ୍‌ନା-ଅଗ୍‌ନି ବନସ୍ତରେ ଟିକରପଡ଼ା ବ୍ଲକ୍‌ର ପୁରୁଣାକୋଟଠି ।

Digitized by srujanika@gmail.com

ସେଇଠି ଗୋଠେ ହରିଣ ପାଇଲୁ । ଢୋ-ଢୋ ଫୁଟାଇଦେଲୁ ତ ଆମର ବନ୍ଧୁକସବୁ । ସବୁଜନ୍ତୁ ଜଙ୍ଗଲ ଭିତରକୁ ଦୌଡ଼ିପଳେଇଲେ; ଗୋଟିଏ ଶିଙ୍ଗାଳ ପଡ଼ିଯାଇ ସେଇଠି ରଡ଼ି ଛାଡ଼ିଥାଏ – କୁଉ କୁଉ ହେଇ । ସେ ଡାକଟା କୋଇଲି ଡାକଠୁ ଟିକେ ବେଶି ଗହୀରିଆ । ପାଖକୁ ଯାଇ ଆଉ ଗୋଟିଏ ଗୁଳି ମାରିବାରେ ସେ ମରିଗଲା । ତାର ଦେହଟାଯାକ ତନଖି କରି ଦେଖିବାରୁ ଜାଣିଲି ଯେ ସେଇଟା ଦେହରେ ଗୁଳି ମୋଟେ ବାଜିନାହିଁ – ତାର ତିନିଫୁଟିଆ ଶିଙ୍ଗର ଅଗରେ ଗୋଟିଏ ସୀସାଗୁଳି ବାଜିଚି ଯେ ସେ କଚାଡ଼ି ପଡ଼ିଥିଲା । ସେଇଟା ଦେଖିକି ଚେତନା ହେଲା ଯେ ବନ୍ଧୁକ ମାରିବା ଆମର ବୃଥା ହୋଇଚି । କାହିଁକି ନା, ଗୁଳି ତ ତିନିଫୁଟ ଉଚ୍ଚାରେ ଯାଉଥିଲା, ଜନ୍ତୁର କାହିଁକି କିଛି ହୁଅନ୍ତା !!

ସେଇଦିନ ପୁରୁଣାକୋଟ ବଣରେ ରାସ୍ତାକଡ଼ରେ ମନେ-ମନେ ହଲପ କଲି ଯେ ନାଃ, ଏମିତି ଶିକାର ଆଉ ହବନି । ସବୁକଥାରେ, ସବୁବିଦ୍ୟାରେ ତ ଜଣେ ଗୁରୁ ବରଣ କରିବାର କଥା । ଆମର ମହାଭାରତରେ ବି ତ ଅଛି ଧନୁର୍ବିଦ୍ୟା ଶିଖିବାକୁ ଦ୍ରୋଣାଚାର୍ଯ୍ୟଙ୍କୁ ଗୁରୁ କଲାରୁ ଧନୁ ମାରିବା ଶିଖିଲେ ରାଜାପୁଅମାନେ । ଆମେ ପାରିଧି ପାଇଁ ମନକୁ ସବୁ ଏତେ ପାରିବାର ବୋଲି ଭାବିଲେ ଚଳିବ କି ? ଖୋଜିଲୁ ଓଡ଼ିଶାଯାକ – ଏଠି ତ ନାମକରା ଶିକାରୀ ହାତଗଣତି ଥିଲେ ସେତେବେଳେ ! ନୀଳଗିରି ରାଜାସାହେବଙ୍କର ଖୁବ୍ ନାମଡ଼ାକ ଥିଲା – ହେଲେ ସେ ତ ରାଜା – ଆମକୁ ଶିକାର ଶିଖାଇବାର ବେଳ ତାଙ୍କର କାହିଁ ? ତା'ଛଡ଼ା ସେ ତ ରାଜୁଡ଼ା ଶିକାର କରନ୍ତି । ସେ ଶିକାରରେ ଦଶକୋଡ଼ିଏଟା ଗାଁର ଲୋକ ଚୁଡ଼ା ଚାଉଳ ବାନ୍ଧି ସପ୍ତାହେ କାଳ ଜଙ୍ଗଲରେ ରହନ୍ତି – ବାଜା ବଜେଇ ଦଶକୋଶ ଜଙ୍ଗଲ ଘେରାଉକରି ପନ୍ତା କରନ୍ତି । ବଣର ରିଜର୍ଭ ଲାଇନ୍ ପାଖରେ ଦଶମିଟର ହବ ଓସାରର ଗୋଟିଏ ଲମ୍ବ ଧାଡ଼ିରେ ଗଛପତ୍ର କଟାଯାଏ – ଛୋଟ ବୁଦାହେରିକା ନିକେଇଦେଇ ସଫାକରି ତା'ର ଗୋଟିଏ କିନାରାକୁ ଦଶଟାଯାଏ ମଞ୍ଚା ତିଆରି ହୁଏ । ମଞ୍ଚାରେ ରାଜାସାହେବ ସାଙ୍ଗପାଙ୍ଗ ଧରି ବସନ୍ତି ସକାଳୁ – ଗାଁବାଲାଏ ଦଶକୋଶ ଦୂରରୁ ଜଙ୍ଗଲ ଘେରାଉକରି ଜନ୍ତୁଜନ୍ତାଙ୍କୁ ଅଡ଼େଇ ଅଡ଼େଇ ଆଣନ୍ତି ମଞ୍ଚା ସାମନାରେ ସେଇ ସଫା ହେଇଥିବା ଜାଗାକୁ – ମଞ୍ଚାରୁ ରାଜାସାହେବ ବାଛି ବାଛି ଜନ୍ତୁ ଉପରକୁ ଗୁଳି କରନ୍ତି । ତାଙ୍କର ଲାଖ ଏତେ ବଢ଼ିଆ ଯେ, ଗୋଟିଏ ଗୁଳି ଫୁଟିଲେ ଗୋଟିଏ ଜନ୍ତୁ ପଡ଼ିବାର କଥା । ସେ ବହୁତ ଦୂରରୁ ଦେଖିପାରନ୍ତି, ଆଉ ମାରି ବି ପାରନ୍ତି । ଆଖିର ଲାଖବିନ୍ଧା ବଳ ଖୁବ୍ ଟାଣୁଆ ପରା । ଅର୍ଜୁନପରିକା ତାଙ୍କର ଯଶ ଥିଲା ନିଶାଣ କରିବାରେ । ହେଲେ, ଆମେ କ'ଣ ଆଉ ଦଶଟା ଗାଁର ଲୋକଙ୍କୁ ମଜୁରି ଦେଇ ପନ୍ତାପାଇଁ ଆଣିପାରିଥାନ୍ତୁ ? ସେ ଆଶା ନଥିଲା ।

ଆମର ସେତେବେଳର ଆଇ.ଜି. ସାହେବ – ରାଇଟ୍ ନେଭିଲ ସାହେବଙ୍କର ବି ଖୁବ୍ ନାମ ଥିଲା । ସେ କାଳେ ଗୋଟିଏ ମଣିଷଖିଆ ବାଘ ପିଛା ଢେର୍ ଦିନ ବୁଲିଲେ । ବାଘଟା ଖୁବ୍ ଚାଲାକ୍ । ଥରେ ମଡ଼ କଲେ ସେଥିରୁ ଯାହା ପ୍ରଥମ ରାତିରେ ଖାଇଲା ସେତିକି – ତା'ପର ରାତିକି ଆଉ ମଡ଼ ପାଖକୁ ଆସେନି – ରାତିତମାମ ରାଇଟ୍

Digitized by srujanika@gmail.com

ନେଭିଲ୍ ସାହେବ ମସା ଭଣ ଭଣ ମଝାରେ ବସି ବସି ସକାଳୁ ମନମାରିକି ଫେରନ୍ତି । ଏମିତି ଢେର ଦିନ ଗଲା – ବାଘ ତା'ର ମଣିଷ ପରେ ମଣିଷ ମାରିଚାଲିଥାଏ । ଦିନେ ରାଇଟ୍ ନେଭିଲ ସାହେବ ସେଠାର ଚୌକିଦାରକୁ ଡାକି ପଚାରିଲେ, ତା'ର ବୟସ କେତେ ହବ । ଚଉକିଦାର କହିଲା, ତିନିକୋଡ଼ି କି ଚାରିକୋଡ଼ି ହବ ଖିଆଲନାହିଁ – ଆଉ ବଡ଼ଜୋର ଗୋଟିଏ ଦୁଇଟା ଧାନକଟା ଦେଖିବ ବୋଲି ତା'ର ଭରସା ଥାଏ । ରାଇଟ୍ ନେଭିଲ ସାହେବ ତହୁଁ ତାକୁ କହିଲେ, ବୁଢ଼ା ମରିଗଲେ ଘରେ କିଏ ରହିବ – ବୁଢ଼ାକୁ ଯଦି ଦୁଇବର୍ଷର ଦରମା ଦିଆଯାଏ ସେଇକ୍ଷଣି ମରିବାକୁ ଆପତ୍ତି କରିବ କି ? ବୁଢ଼ା କାଳେ କହିଲା, ଏସ୍.ପି. ସାହେବ କହୁଚନ୍ତି ଯେତେବେଳେ, ସେ ସେଇକ୍ଷଣି ମରିବାକୁ ତିଆର । ହେଲେ ତା ଭାର୍ଯ୍ୟାକୁ ଦୁଇବର୍ଷର ଦରମା ଦେଇଦେଲେ ଭଲ ହୁଅନ୍ତା । ସେତେବେଳେ ଚଉକିଦାରଙ୍କର ଦରମା ଥିଲା ଚାରିଟଙ୍କା କରି ମାସକୁ – ଦୁଇବର୍ଷର ଛୟାନବେଟଙ୍କା ମାତ୍ର ରାଇଟ୍ ନେଭିଲ ସାହେବ ତା'ର ଭାର୍ଯ୍ୟାକୁ ଦେଇଦେଲେ । ଚଉକିଦାରକୁ କହିଲେ ବାଘମୁହଁକୁ ଯିବାକୁ । ଚଉକିଦାର ପୁଅ ତ ଖୁସିରେ ରାଜିହେଲା ବାଘମୁହଁକୁ ଯିବାକୁ । ଶୁଣିଲେ ଆଚମ୍ବିତ ଲାଗୁଚି – ମଣିଷ ମରିବାକୁ ରାଜି ହେଇଗଲା – ସାହେବ କହିଲେ ବୋଲି ? ନା ଗାଁର ଅନ୍ୟମାନଙ୍କୁ ବଞ୍ଚେଇବାକୁ ? ସେ ବାଘଟାର ଚାଲିଚଲଣ ତ ଯାକୁ ଜଣାଥିଲା । ସଞ୍ଜରେ କି ସକାଳେ ଯଦି କେହି ଏକୁଟିଆ ବଣରେ ପଶେ ତ ବାଘ ନିଶ୍ଚୟ ଧରିବ । ରାଇଟ୍ ନେଭିଲ ସାହେବ ଚଉକିଦାରକୁ କହିଲେ, ସଞ୍ଜବେଳେ ବଣରାସ୍ତାରେ ଗୀତ ଗାଇ ଗାଇ ଚାଲିବାକୁ – ସେ ନିଜେ ଦଶମିଟର ପଛରେ ଗଛ ବୁଦାଗହଳିରେ ଛପି ଛପି ଚାଲିଲେ ଦୁଇନଳିଆ ୫୦୦ ଏକ୍ସପ୍ରେସ ରାଇଫଲ୍‌ରେ ଟୋଟା ଭର୍ତ୍ତିକରି । ତାଙ୍କର ଖୁବ୍ ଦମ୍ଭ ଥାଏ ଯେ ବାଘ ଚଉକିଦାରକୁ ଧରିବା ଆଗରୁ ସେ ତାକୁ ମାରିଦେବେ ।

ସଞ୍ଜ ହେଇଆସୁଥାଏ – ସୂର୍ଯ୍ୟ ବୁଡ଼ିଯାଇଥାଏ, ହେଲେ ଅନ୍ଧାର ହେଇନଥାଏ । ତା' ଆଗରୁ ଦଶଦିନ ହେବ ବାଘ ମଢ କରିନାହିଁ – ଭୋକରେ ତ ନିଶ୍ଚୟ ଆଉଟୁ ପାଉଟୁ ହଉଥିବ । ଚଉକିଦାର ଯେମିତି ଚଢ଼ାଗଳାରେ ଗୀତଟିଏ ଧରିଚି, ବାଘ ଡାହାଣପଟ ବଣରୁ ଆସିଗଲା କି – ଗୋଟିଏ ଶାଳଗଛ ତଳେ ବସି ଓଠରେ ଜିଭ ବୁଲେଇଲା । ରାଇଟ୍ ନେଭିଲ ସାହେବ ତିରିଶ ମିଟର ଦୂରରେ ବୁଦା ଉହାଡ଼ରେ ବନ୍ଧୁକର ମାଛି ବାଘର ଚିତାଠେଇ ରଖି ଘୋଡ଼ା ଟିପିଲେ, ବାଘ ସେଇଠି ଶୋଇଲା । ଚଉକିଦାରର ସାହସ – ତାର ଏସ୍.ପି. ଉପରେ ଅଗାଧ ବିଶ୍ୱାସଯୋଗୁଁ ବାଘଟି ମଲା, ଆଉ କାହାରି କ୍ଷତି କରିନାହିଁ ଛେଣ୍ଡିପଦା ବଣରେ । ଏଇ କଥା ଶୁଣିଥାଏଁ । ସେଇଠୁ ଭାବିଲି ତାଙ୍କୁଇ ଗୁରୁ କରିବି ବୋଲି । ସେତେବେଳକୁ ସେ ତ ଆଇ.ଜି. ହୋଇଥାନ୍ତି । ଏତେ ବଡ଼ ଅଫିସରଙ୍କୁ କ'ଣ ବେଳ ମିଳିବ ଯେ ମୋତେ ଶିକାର ଶିଖାଇବାକୁ ସେ ମଙ୍ଗିବେ ? ଦୋ-ଦୋ-ପାଞ୍ଚ ହେଇ ଆଉ ଯାଇପାରିଲିନି ସେତେବେଳେ । ସାହସ ବି ହେଲାନି ମୋର ତାଙ୍କୁ ଏକଥା କହିବାକୁ ।

Digitized by srujanika@gmail.com

ଆମର ଏଠି ସେତେବେଳେ ଚିଫ୍ ଫୁଡ୍ କମିଶନର ଥିଲେ ସେନାପତି ସାହେବ । ତାଙ୍କର ବି ତ ନାମ-ଡାକ ଖୁବ୍ ଥିଲା ଶିକାର-ଜଗତରେ; ହେଲେ ମୋର ସାହସ ହେଲାନି ତାଙ୍କୁ ଯାଇ କହିବାକୁ ଯେ ମୋତେ ପାରିଧି କରିବା ଶିଖାଇଦିଅନ୍ତୁ ବୋଲି । ଆମ ବାରିପଦାର ନାଲୁବାବୁଙ୍କର ନାମ-ଡାକ ଖୁବ୍ ଥିଲା ବଡ଼ ସାହସୀ ବାଘ-ଶିକାରୀ ବୋଲି । କେତେ ଯେ କଥା ତାଙ୍କ ବିଷୟରେ ଶୁଣିଥିଲି ଲେଖିବସିଲେ ପୋଥି ହେବ ।

ସେ ଯେତେବେଳେ ମୟୂରଭଞ୍ଜରେ ଫରେଷ୍ଟ ଇନ୍‌ସପେକ୍ଟର ଥିଲେ, ସେତେବେଳେ ବଡୁଆ କମ୍ପାନୀ ଶିମିଳିପାଳ ପାହାଡ଼ରୁ କାଠ ଠିକାନେଇଥାନ୍ତି । ତାଙ୍କର କାଠକଟା କାମ ଠାକୁରମୁଣ୍ଡା ବଣରେ ଚାଲିଥିଲାବେଳେ ଦିନେ ଗୋଟିଏ ବାଘ ଜଣେ ମଜୁରିଆକୁ ଧରିପକେଇଲା । ପାଖରେ ଯେତେସବୁ କରତିଆ ମଜୁରିଆ ଥିଲେ ପାଟିକଲେ — ବାଘ ଶୁଣିଲାନି । ଲାସ୍‌କୁ ମୁହଁରେ ଧରି ବଣରେ ପଶିଗଲା । ସେତେବେଳେ ଆମର ଇନ୍‌ସପେକ୍ଟର ସାହେବ — ଲାଲା ଲାଲମୋହନ ସାହା ଓରଫ୍ ନାଲୁବାବୁ ସେଠି ପହଞ୍ଚିଲେ ତାଙ୍କର ୧୯୨୮ ମଡ଼େଲ ଖୋଲା ଫୋର୍ଡ଼ ଗାଡ଼ିରେ । ହଇ-ହଲ୍ଲା କଥା ଶୁଣି ଗାଡ଼ିରୁ ଓହ୍ଲେଇ ପଚାରିଲେ କଥା କଣ କି ? ସମସ୍ତେ ଏକାଥରେ କହିଗଲେ ଯେ ମଙ୍ଗୁଳିକି ବାଘ ଧରିନେଲା । ସମସ୍ତେ ପ୍ରାୟ ଶହେ ଲୋକ — ଏକାଠି କଥା କହିଲେ ଆମକୁ ତୁମକୁ ବୁଝିବା କଷ୍ଟ । ନାଲୁବାବୁ ଗୁଣୀଲୋକ । ସେଇ ଗୋଳମାଳରେ ବି ଠଉରେଇନେଲେ କଥାଟା କ'ଣ । ସେ କଥା ଖୁବ୍‌ବେଶି କହିନ୍ତିନି । ଗାଡ଼ିରୁ ୪୨୩ ମଉଜାର ରାଇଫଲ୍‌ଟି ନେଇ ପାଞ୍ଚଟି ଗୁଳି ପୂରେଇଲେ, ଆଉ ଠାରିକି ସମସ୍ତଙ୍କୁ କହିଲେ ବାଘ ପିଛା ଯିବାକୁ । ମାଇଲିଏ ବି ନୁହେଁ ବଣରେ ସେ ଦଳଟି ଯାଇଛନ୍ତି କି ନାହିଁ, ଦେଖିଲେ ବାଘଟା ଆଗର ନାଳ ସେପଟେ ବସି ଖାଉଚି ମଡ଼ର ଗୋଡ଼ଟା । ନାଲୁବାବୁଙ୍କ ଦଳକୁ ଦେଖି ଉଠିଲା — ଘାଉଁକିନା ଶବ୍ଦ କରି ପଛ ବଣକୁ ଦୌଡ଼ିପଳାଇଲା । ସେଠି ନାଲୁବାବୁ ଗୋଟିଏ ଉଚ ଟିକରା ଉପରେ ଧୀର ହେଇ ବସିଗଲେ — ବାକି ସବୁଲୋକଙ୍କୁ କହିଲେ, କଥାବାର୍ତ୍ତା ହେଇ ହେଇ ଫେରିଯିବାକୁ । ସେମାନେ ଶହେ ଗଜ ଯାଇଚନ୍ତି କି ନାହିଁ ବାଘ ଲେଉଟିଆସି ମଡ଼କୁ ପାଟିରେ ଧରି ଉଠାଉଥିଲା ନେଇଯିବାକୁ — ଢୋ-କିନା ନାଲୁବାବୁଙ୍କ ରାଇଫଲ୍‌ଟି ଫୁଟିଲା । ବାଘର ଚିଡ଼ାଠି ଠିକ୍ ବାଜିଲା ଗୁଳି — ମଡ଼ ମୁହଁରେ ଥାଏ, ବାଘ ସେଇଠି ଶୋଇଲା । .... ତଳେ ବସି ମଣିଷଖିଆ ବାଘର ବାଟ ଚାହିଁ ମଡ଼ ପାଖରେ — ମଣିଷ ଶବ ପାଖରେ ଏକୁଟିଆ ବସିରହିବା ପାଇଁ ହିମ୍ମତ ଥିବା ଦରକାର ଶିକାରୀ ହେବାର ଇଚ୍ଛାଥିଲେ । ଏଇ କଥାସବୁ ଶୁଣି ମୁଁ ମନେ ମନେ ଠିକ୍ କରିଥାଏ ତାଙ୍କୁଇ ଗୁରୁ କରିବାକୁ ହବ । ସେ ତ ଆସି ଓଡ଼ିଶାର ଜଣେ ଫରେଷ୍ଟ ଅଫିସର ହେଲେଣି — ତାଙ୍କରି ଜଙ୍ଗଲକୁ ଶିକାରକୁ ଯିବାର ଠିକ୍‌ଠାକ୍ କରୁଥାଏ । ଦିନେ ଯାଇ ରସୁଲକୁଣ୍ଡାରେ (ଏବର ଭଞ୍ଜନଗର) ମୋର ସାନଭାଇ ଅମ୍ବିକା ଘରେ ରହିଲି । ସେ ସେତେବେଳେ ଜଙ୍ଗଲ ବିଭାଗରେ ନୂଆ ହେଇ ଅଫିସର ହେଇଥାଏ । ଦିନେ ସକାଳୁ ଉଠି ଅଫିସ ଯାଇଥାଏ, ମୁଁ ଏକୁଟିଆ ଘରେ ବସି ତା ଟେବୁଲ ଉପରେ କ'ଣ ଲେଖାଲେଖି କରୁଥାଏ । ନଜରପଡ଼ିଲା ଗୋଟିଏ ଛୋଟ

Digitized by srujanika@gmail.com

ବହି ଉପରେ । ସେଥିରେ ଲେଖାଥାଏ ରିଜର୍ଭ ଜଙ୍ଗଲରେ ଶିକାର ବିଷୟରେ ଆଇନ । ବଡ଼ଆଗ୍ରହରେ ନେଇ ପଢ଼ିଲି । ଏକାନିଃଶ୍ୱାସରେ ଏମୁଣ୍ଡରୁ ସେମୁଣ୍ଡଯାଏ ପଢ଼ିଗଲି । ଦେଖିଲି ଯେ ଯାହାସବୁ ଆମେ ଶିକାର ନାମରେ କରୁଥିଲେ ସେ କାମସବୁ ବେଆଇନ । ପାରିଧି ପାଇଁ ଗୋଟିଏ ଆଇନ ଅଛି । ସେଇ ଆଇନ ଅନୁସାରେ ଶିକାର ଖେଳିଲେ ମନରେ ଆନନ୍ଦ ହେବ ଖୁବ୍; ଆଉ ମରଦ ଶିକାରୀ ବୋଲି ନାମ ହେବ, ନାଲୁବାବୁଙ୍କ ପରି ବାଘକୁ ଦେଖି ବି ଡରମାଡ଼ିବନି ।

ଦିନରେ ବଣରେ ଚାଲି ଚାଲି ଯାଇ ଜନ୍ତୁ ମାରିବାକୁ ଶିକାର କୁହାଯାଏ । ରାତିରେ ଜିପ୍ ଗାଡ଼ିରେ ବସି ଆଲୁଅ ପକେଇ ଜନ୍ତୁ ମାରିବାଟା ଚୋରି, ପୋଚିଂ ବୋଲି କହନ୍ତି । ଆଉ ପାଣିଖଦାଠେଇ ଜନ୍ତୁ ମାରିବା ତ ଖୁବ୍ ବଡ଼ ପାପ, ନିତାନ୍ତ ଛୋଟ କାମ ସେଇଟା । ଯାହାର ପୁରୁଷପଣିଆ ଏତେଟିକେ ଥିବ ସେ ପାଣିଖଦାରେ ଜନ୍ତୁକୁ ମାରିବନାହିଁ । ଆଇନରେ ସେପରି ଚୋରକୁ ଦଣ୍ଡ ଦେବାର ବିହିତ ବ୍ୟବସ୍ଥା ଅଛି ସେ ବହିରେ । ମନେ ମନେ ଠିକ୍ କରିନେଲି ଯେ ଶିକାର ଆଉ ମାଇପିଙ୍କ ପରି କରିବିନି ଏଥର ।

ଦିନବେଳେ ଶିକାର ପାଇଁ ତ ବାରଗଜ ଭଳି ପାଲିସ ନଳିର ଦରକାରନାହିଁ । ସେପରିକା ନଳି କେବଳ ଚଢ଼େଇ ପାଇଁ, ବତକ ପାଇଁ – ଜନ୍ତୁ ପାଇଁ ରାଇଫଲ୍ ଦରକାର । ରାଇଫଲ୍‌ର ନଳି ଭିତରଟା ଠିକ୍ କଳଭଅଁରର ଅଗପରିକା ହେଇଚି ଯେ, ସେ ନଳି ଭିତରଦେଇ ଗୁଳି ବାହାରିଲାବେଳକୁ ଭଉଁରି ଖାଇକି ବାହାରିବ । ଗୁଳିର ଆକାର ବି ଲମ୍ବାଳିଆ ଚୁରୁଟ୍‌ପରିକା – ଘୂରି-ଘୂରିକା ଗୁଳି ଖୁବ୍ ବେଗରେ ପବନ କାଟି ସିଧା ଯାଇପାରେ । କଉ ରାଇଫଲ୍‌ର ଗୁଳି ୩୦୦ ଗଜ ପର୍ଯ୍ୟନ୍ତ ସିଧାସଳଖ ଯିବ ତ, କଉ ରାଇଫଲ୍‌ର ଗୁଳି ୧୦୦ ଗଜଯାକେ ସିଧା ଯିବ; ତା ପରଠୁ ତଳକୁ ତଳକୁ ଖସିବ । ସେ ଗତିପଥକୁ ଟ୍ରେଜେକ୍ଟରୀ କହନ୍ତି ।

ରାଇଫଲ୍ ଗୁଳି ଜନ୍ତୁ ଦେହରେ ବାଜିଲେ ବାଜିବା ଥାନଠେଇ କଣାଟିଏ ହେଇଯାଏ । ଗୁଳି ଭିତରେ ପଶି ହାଡ଼ କିମ୍ବା ଟାଣ ମାଂସପେଶୀଠି ଫାଟି ଗୁଣ୍ଡ ଗୁଣ୍ଡ ହୋଇଯାଏ । ସେଇଥିରେ ଜନ୍ତୁଟି ସାଙ୍ଗେ ସାଙ୍ଗେ ମରିଯାଏ । ଜନ୍ତୁଟି ଶୀଘ୍ର ମଲେ ଶିକାରୀ ବୋଲି ଶିକାରଦୁନିଆରେ ନାମ ହୁଏ । ଯେ କଲବଲ କରି ଜନ୍ତୁକୁ କେଳେଇ କେଳେଇ ମାରେ ସେ ତ ଶିକାରୀ ନୁହେଁ, ତାକୁ କଂସେଇ 'ବୁଚାର' କହନ୍ତି । ଯେମିତି ଜଣେ ଶିକାରୀ ହାତୀ ମାରିବାକୁ ଯାଇଥିଲେ ଯେ ହାତୀର ଗୋଡ଼କୁ ଆଗ ଗୁଳିକଲେ । ଗୋଟେ ଗୋଡ଼ ଭାଙ୍ଗିଗଲେ ହାତୀ ବିଚରା ଏତେ ବଡ଼ ବପୁ ଧରି ଚାଲିପାରେନାହିଁ । ତହୁଁ ଶିକାରୀ ପାଖକୁ ଯାଇ ତା'ର ମୁଣ୍ଡକୁ ଗୁଳି କରନ୍ତି । ଏଇମିତି ଶିକାରଟା ବଡ଼ ହୀନଦରର ବୋଲି ଶିକାରୀ-ଦୁନିଆର ଲୋକ ନାକଟେକନ୍ତି ।

ବହିପତ୍ର ଢେର୍ ଘାଣ୍ଟି ଘାଣ୍ଟି ଠିକଣା କଲି ଯେ ପ୍ରଥମେ ମୋର ଗୋଟିଏ ମଝିଆରି ରାଇଫଲ୍ ଦରକାର ହେବ । ସବୁପ୍ରକାର ଶିକାର କରିବାକୁ ଯାହାର ମନ ସେ ଗୋଟିଏ ବନ୍ଧୁକରେ କାମ ଚଳେଇଲେ ହବନି । ଜଙ୍ଗଲ ଆଇନରେ ଅଛି, ଗୟଳ ଶିକାରକୁ ଗଲେ

Digitized by srujanika@gmail.com

.୪୦୦ ବୋର୍‌ରୁ କମ୍ ବୋର୍ ରାଇଫଲ୍ ବ୍ୟବହାର କରିପାରିବନି । ଏଣେ ଏତେ ବଡ଼ ବୋର୍ ରାଇଫଲ୍‌ରେ କୁଟୁରା କି ମିରିଗ ମାରିଲେ ଅଧାଅଧି ମାଂସ ଖରାପ ହେଇଯିବ । ବହୁତ ଖୋଜି ଖୋଜି ଗୋଟିଏ .୩୫୫ ରାଇଫଲ୍ ପାଇଲି । ଶହେ ଖଣ୍ଡେ ଗୁଳି ମାରି ଚାନ୍ଦମାରି କଲି – ତା'ର ମାଛିଟାକୁ ଠିକ୍ ସଜାଡ଼ିସାରିବା ପର ଯେତେବେଳେ ମନବୋଧ ହେଲା ଯେ ଉଠାଇଲାକ୍ଷଣି ଲାଖ ଠିକ୍ ହେବ, ସେଇଠୁ ଶିକାରକୁ ବାହାରିଲି ।

ମନେ ମନେ କେତେଜଣଙ୍କୁ ଗୁରୁ କରିଥାଏ ତ – ଦିନେ ଯାଇ ସେନାପତି ସାହେବଙ୍କୁ କହିଲି ଯେ, ଏଠାର ଜଙ୍ଗଲରେ ଶିକାର କରିବା ପାଇଁ ସାଧାରଣ ଯୁବାଲୋକଙ୍କୁ ଶିଖିବାର ସୁବିଧାନାହିଁ, ଗୋଟିଏ କ୍ଲବ୍ କରିବା । ସେ ମହାଶୟ ଖୁବ୍ ଉତ୍ସାହଦେଲେ, ଆଉ ପୁରୋଧା ହେଇ ଆରମ୍ଭ କରିଦେଲେ ଶିକାର କ୍ଲବ୍ । ଆରମ୍ଭ ଦିନରେ ସେତେବେଳର ଛୋଟଲାଟ ଜନାବ ଆସଫ୍ ଆଲିଙ୍କୁ କହିଲୁ, ସେ ହେଲେ ଆମର ପୃଷ୍ଠପୋଷକ ଆଉ କ୍ଲବ୍‌ର ନା'ଟା ବଦଳେଇଦେଲେ । ନା'ହେଲା "ସ୍ପୋର୍ଟସମେନ୍‌ସ କ୍ଲବ୍" । ସେଥିରେ ଶିକାରୀ-ଦୁନିଆର ସବୁ ବଡ଼ଲୋକ ରହିଲେ – ଆମର ଗୁରୁ ହେଲେ ରାଇଟ୍ ନେଭିଲ ସାହେବ, ତାଳଚେରର ରାଜାସାହେବ, ନୀଳଗିରିର ରାଜାସାହେବ, ଶ୍ରୀ ନୀଳମଣି ସେନାପତି, ଲାଲ୍ ଲୋକନାଥ ସାହା (ନାଲୁବାବୁ) ସମସ୍ତେ ରହିଲେ ସେ କ୍ଲବ୍‌ରେ ।

ଏଇ ଗୁରୁମାନଙ୍କଠାରୁ ଶିଖିବାରେ ଯାଇ ଶିକାର କ'ଣ, କିମିତି ଶିକାର କଲେ ନାମ ହେବ, ସବୁ ଶୁଣିଲୁ । ପ୍ରଥମେ ଯାଇ ଶିକାର ପାଇଁ କେମ୍ପ୍‌କଲୁ ପୁରୁଣାକୋଟରେ । ସେଠି ଆମକୁ ସାହାଯ୍ୟ କରିବାକୁ ସେବକାର ଚିଫ୍ କନ୍‌ଜାର୍‌ଭେଟର ସାହେବ ଶ୍ରୀ ସି.ଏମ୍.ଚୌଧୁରୀ ବି ଯାଇଥିଲେ । ସେଥର ଆମର ବିଚାରହେଇଥିଲା ଯେ ବାଘ ଶିକାର କରିବା । ବାଘ ଶିକାର ଦୁଇ ଚାରିପ୍ରକାର ହୁଏ । ସବୁଠୁ ସହଜ ଓ କମ୍ ଖର୍ଚ୍ଚରେ ବାଘ ମାରିବାକୁ ହେଲେ, ଗୋଟିଏ ଗାରା କିଣିବାକୁ ହବ । 'ଗାରା' ମାନେ ହଉଚି ଗୋଟିଏ ମଇଁଷି – ଅତି ବୁଢ଼ା-ହଡ଼ା ହେଇନଥିବ କି ଖୁବ୍ ବଳୁଆ ହେଇନଥିବ । ସବୁଠୁ ଭଲହେବ ବର୍ଷେ କି ଦୁଇବର୍ଷିଆ ପୋଢ଼ । ସେଇଟିକୁ ଆଣି ବଣର ଘାଟି ଜାଗା ଦେଖି ବାନ୍ଧିବାକୁ ହବ ସଞ୍ଜ ଆଗରୁ । ତା'ପରଦିନ ସକାଳର ଖରା ଟାଣ ହେଲେ ଚୁପ୍ ଚୁପ୍ ଯାଇ ଦେଖିବ ପୋଢ଼ ମରିଚି କି – ଯଦି ମରିଥାଏ ତ ଦଳେ ଲୋକ କଥାବାର୍ତ୍ତା ହେଇକି ତା' ପାଖକୁ ଯିବ । ବାଘ ଯଦି ପାଖ ଲଟିରେ କୁଉଠି ଶୋଇଥିବ ତ ମଣିଷ ପାଟି ଶୁଣି ଦୂରକୁ ପଳେଇବ । ସେତିକିବେଳେ ଯାଇ ମଢ଼ର ତନଖି କରିବ – ବାଘ କେତେ ବଡ଼, କଉଁଠୁ ଖାଇଚି, କେତେ ଭୋଖିଲା ଅଛି, ସବୁ ଜଣାପଡ଼ିବ । ପାଖଆଖର ଗୋଟିଏ ସୁବିଧା ଗଛ ଦେଖି ବାର କି ପନ୍ଦରଫୁଟ ଉଚ୍ଚରେ ଗୋଟିଏ ମଞ୍ଚା ବାନ୍ଧିବ, ଆଉ ଶିକାରୀ ସେଇଠି ଯାଇ ବସିକି ବାଘର ବାଟ ଚାହିଁ ଅପେକ୍ଷା କରିବ । ବାଘ ହୁଏତ ସେଇକ୍ଷଣି ଆସିପାରେ କିମ୍ବା ସଞ୍ଜକୁ ଆସିପାରେ । ବାଘ କେତେବେଳେ ଆସିବ, ସେଇଟା ଅନୁମାନ କରିହବ ସେ ଜାଗାଟାକୁ ଭଲରକମ ତନଖି କଲେ । ବାଘ ଆସିଲେ ରାଇଫଲ୍ ଲାଖ କରିବ ତା'ର ବେକକୁ କିମ୍ବା ସାମନା ଗୋଡ଼ର ଚଟୁଆର ଟିକେ ପଛକୁ ।

Digitized by srujanika@gmail.com

ଏଇପରିକା ଶିକାର ପାଇଁ ଆମେ ଗୋଟିଏ ପୋଢ଼ କିଣି ବାନ୍ଧିଦେଲୁ ପୁରୁଣାକୋଟଠି ବାଘମୁଣ୍ଡା ଯିବାକୁ ଯେଉଁ ଜଙ୍ଗଲ-ରାସ୍ତା ଅଛି, ତାରି ବାଁ ପାଖର ନାଳପାଖରେ । ତା' ପରଦିନ ସକାଳୁ ଆମେ ଯାଇ ଦେଖିଲୁ ଯେ ବାଘ ମଡ଼ କରିଚି । ବଙ୍ଗଳାକୁ ଫେରି ଏ ଖବର ସେନାପତି ସାହେବଙ୍କୁ ଦେବାରେ ସେ କହିଲେ ଲଟେରି କରି ଠିକ୍ କରିବାକୁ ହବ କିଏ ଯାଇ ମଞ୍ଚାରେ ବସିବ । ଆମେ ତ ସମସ୍ତେ ସକ୍ ସକ୍ ହେଉଥିଲୁଁ ବାଘ ମଞ୍ଚାରେ ବସିବାକୁ । ଆମେ ଥିଲୁ ଢେର୍ ଲୋକ – ବଳରାମ, ନୀଳମଣି, ଭବାନୀ, ଗୁପ୍ତା, ମୁଁ, ତାଳଚେର ରାଜାସାହେବ ଆଉ ସେନାପତି ସାହେବ । ଲଟେରିରେ ଗୁପ୍ତା ନାଁ ଉଠିଲା । ସେ ଭଦ୍ରଲୋକର ଥାଏ ଗୋଟିଏ ୧୬ ବୋର୍‌ର ବନ୍ଧୁକ – ୧୨ ବୋର୍ ବନ୍ଧୁକଠୁ ଛୋଟ । ତାଙ୍କୁ ଗୋଟିଏ ୧୨ ବୋର୍ ବନ୍ଧୁକ ଧାରଦେଲୁ କ୍ଲବ୍ ତରଫରୁ, ଆଉ ବଙ୍ଗଳା ପଛପଟେ ଚାନ୍ଦମାରି କରାଗଲା । ଆମର ମନ୍‌ବୋଧ ହେଲା ଯେ ସେ ମାରିପାରିବେ ।

ସାଧାରଣତଃ ବାଘକୁ ବଡ଼ ରାଇଫଲ୍ ହେଲେ ଭଲ । ନିହାତି ପାଖରୁ ୧୨ ବୋର୍ ବନ୍ଧୁକରେ ଗୁଳି ମାଇଲେ ବି ଚଳିବ । ସେଥିପାଇଁ ମଞ୍ଚାଟା ମଡ଼ଠୁ ୨୦ ମିଟର ଦୂରରୁ ବେଶି ହେଲେ ଚଳିବନି । ଭାଗ୍ୟବାନ୍ ଗୁପ୍ତାର କପାଳରେ ସେ ବାଘ ଥିଲା । ଆମେ ବାକି ଯେତେ ଥିଲୁ ସବୁ ଈର୍ଷାରେ ସବୁଜ ପାଲଟିଗଲୁଣି । ଆମେ ସବୁ ଟୋକା-ଟୋକାଳିଆଦଳ କହିଲୁ, ଯେ ବାଘ ମାରିବ ସେଇ ଯାଇକି ମଞ୍ଚା ବାନ୍ଧୁ । ସେ ତା'ର ସୁବିଧା କ'ଣ କରୁଚି କରୁ । ଆମେ ଯାଇ ଏପଟ ବଣରେ ପଶି ବାର୍‌ହା ଖୋଜିବୁଲିବା । ଗୁପ୍ତାର ଘର ବରିସାଲ ଜିଲ୍ଲାରେ ଥିଲା । ଏବେ ସେ ରିଫ୍ୟୁଜି – ସରକାରୀ ଚାକିରିରେ କଟକରେ ଥାଏ । ଏତେ ବଡ଼ ଜଙ୍ଗଲ – ଏତେ ବଡ଼ ବାଘ ସେ ଆଗରୁ ଦେଖିନି । ବିଚରା ଟିକେ ଡରୁଥାଏ ବୋଧହୁଏ । ଯାଇ ତାଳଚେର ରାଜାସାହେବଙ୍କର ସାହାଯ୍ୟ ମାଗିଲା । ରାଜାସାହେବ ରାଜିହେଲେ । ସେ କହିଲେ ଯେ ବାଘ ତ ଘୋର ଜଙ୍ଗଲରେ ମଡ଼ କରିଚି । ସେ ପାଖଆଖରେ ଜଙ୍ଗଲକାମ କିଛି ହେଉନି – ଲୋକବାକ ଆତଯାତ ସେଠି ନାହିଁ । ଗୋରୁଗାଈ ବି ସେପାଖ ବଣକୁ ଯାଆନ୍ତିନି । ମଡ଼ଟା ନାଳ କିନାରାରେ ହେଇଚି – ସକାଳୁ ତନଖି ପାଇଁ ଗଲାବେଳେ ବାଘ ସେ ଶିଆଳି ଲଟିରେ ଶୋଇଥିଲା ମଡ଼କୁ ଜଗିକି – ଏଇ ଦିନରେ ଦିନରେ ସେ ବାଘ ଆସିବ ମଡ଼ ଖାଇବାକୁ । ପ୍ରସ୍ତାବ କଲେ ଯେ ସେଇକ୍ଷଣି ହାତୀରେ ବସି ସେଠିକି ଗଲେ ବାଘ ମରିବ । ଆମେ ତ ଜଙ୍ଗଲ ବିଭାଗରୁ ଗୋଟିଏ ଶିକାରୀ-ହାତୀ ଭଡ଼ାକରିଥାଉ । ସେଇ ହାତୀରେ ଆମେ ପାଳି କରି ଜଙ୍ଗଲ ବୁଲୁଥିଲୁ । ଆମେ ଅଳ୍ପ ଟିକେ ନାମଙ୍ଗ ହେଲୁ ହାତୀକୁ ଛାଡ଼ିଦବାକୁ ବାଘ ଶିକାର ପାଇଁ; ପୁଣି ଆମର ଗୁରୁ ସେନାପତି ସାହେବ କହିଲାଠୁ ରାଜିହେଲୁ ।

ହାତୀରେ ବସି ଶିକାର କରିବା ଗୋଟିଏ ସଉକି କଥା; ହେଲେ ଠିକ୍ ବକତବେଳେ ହାତୀ ଯଦି ଧୀରସ୍ଥିର ଛିଡ଼ା ନହୁଏ ଗୁଳି ଲାଖଠେଇ ବାଜିବନାହିଁ – ତା' ଛଡ଼ା ହାତୀ ପିଠିରେ ବସିବାର ଅଭ୍ୟାସ ଯଦି ନଥାଏ ନା ପିଠି, ପେଟ, କାନ୍ଧ ଇମିତି ପରାଣ କରିବ ଯେ ଦୁଇଦିନ ବିଛଣା ଧରିବାକୁ ହେବ । ଗୁପ୍ତାର ସେଇପରି କିଛି ଅସୁବିଧା ହେଇପାରେ

Digitized by srujanika@gmail.com

ଭାବି ଆମର ଈର୍ଷା ଟିକେ କମ୍ ହେଲା – ଖୁସି ବି ଲାଗିଲା । ସେତେବେଳେ ଟୋକାବେଳ ନା – ଏବେ ସେକଥା ମନେପଡ଼ିଲେ ଲାଗୁଚି 'କି ଅଲକ୍ଷଣା କଥା !'

ରାଜାସାହେବ ଓ ଗୁପ୍ତା ହାତୀରେ ବସି ବନ୍ଧୁକଟିମାନ ଧରି ବାହାରିଲେ – ଗୁପ୍ତା ବାରଗଛିଆ ଦି'ନଳିଆ ଆଉ ରାଜାସାହେବଙ୍କର ଦି'ନଳିଆ .୪୦୦ ରାଇଫଲ୍ । ହାତୀ ବଣରେ ଧୀରେ ଚାଲେ – ତା ଉପରେ ଦଶଫୁଟ ଉଚ୍ଚାରେ ଶିକାରୀ ତୁନିହେଇ ବସେ । ଜନ୍ତୁଜନ୍ତା ହାତୀର ଗୋଡ଼ ଦେଖି ଭାବନ୍ତି ବଣୁଆ-ହାତୀ – ସେମାନେ ଆଉ ଉପରକୁ ନଜର କରନ୍ତିନି କି ମାହୁନ୍ତ ଶିକାରୀମାନଙ୍କୁ ଦେଖିପାରନ୍ତିନି, ବାଛି ବାଛି ଜନ୍ତୁକୁ ଶିକାର କରିହେବ । ଯଦି ବାଘ ଶିକାରରେ ଯାଇଚ, ଆଉ ବାଘକୁ ଏକା ଗୁଳିରେ ମାରିନପାରିଲ ତ ସେ ଘାଉଲା ହେଇ ହାତୀର ପିଠିକି ଡେଇଁବ – ଶିକାରୀ ତ ଆଉ ବନ୍ଧୁକ ବ୍ୟବହାର କରିପାରିବନି କାଳେ ହାତୀ ଦେହରେ ବାଜିବ କି ମାହୁନ୍ତ ଦେହରେ ବାଜିବ ବୋଲି – କଥାଟା ଖୁବ୍ ବିପଜ୍ଜନକ ହୁଏ । ଉତ୍ତର ପ୍ରଦେଶର ତରେଇ ଜଙ୍ଗଲରେ ଦଶକୋଡିଏଟା ହାତୀ ଧରି ଦଳେ ଶିକାରୀ ପାରିଧି କରନ୍ତି । ସେଇ ହାତୀମାନେ ପନ୍ତା କରନ୍ତି । ସେଠି ହାତୀ ପନ୍ତା ସୁବିଧା ହୁଏ । ଘାସ ଜଙ୍ଗଲ ବେଶି, ସେଇଠି ବାଘ ଲୁଚିଥାଏ । ଆମ ଏଣେକାର ବଣରେ ତ ବଡ ବଡ଼ ଗଛ ଅଛି । ହାତୀ ଯଦି ଡରିଯାଏ ଓ ଦୌଡ଼େ, ଶିକାରୀମାନେ ଗଛ ଡାଳରେ ବାଜି ଠପ୍ ଠପ୍ ଖସିପଡ଼ିବେ ତଳକୁ, ଖଣ୍ଡିଆ-ଖାବରା ହେବେ । ଏଇପରି ବିପଦ ଯୋଗୁ ହାତୀକୁ ବହୁତ ଶିଖାଇବାକୁ ହୁଏ । ଜଙ୍ଗଲବିଭାଗ ଆମକୁ ଯଉ ହାତୀଟି ଦେଇଥିଲେ, ସେଇଟା ମୟୂରଭଞ୍ଜ ମହାରାଜାଙ୍କର ଶିକାରୀ-ହାତୀ ଥିଲା – ଖୁବ୍ ଚଲାକ ଆଉ ଜାଣିବାର ।

ଗୁରୁ ତାଳଚେରର ରାଜାସାହେବ ଆଉ ଶିଷ୍ୟ ଗୁପ୍ତା ଝାଳନାଳ ହେଇ ଫେରିଲେ ଦୁଇଟା ପରେ । ମୁହଁଟିମାନ ଏତେଟିକେ ହେଇଯାଇଥାଏ – ଆଉ ଭୋକ-ଶୋଷରେ ଏକବାରେ ଝାଉଁଳିଯାଇଥିଲେ । ମୁଁ ତ ଦେଖିଦେଲାମାତ୍ରେ ଜାଣିଲି ବାଘଟିକୁ ମାରିପାରିନାହାନ୍ତି – ଥଟ୍ଟାକରି କହିଲି, "ଆହା ଖରାରେ ରଙ୍ଗ ମଇଳା ହେଇଗଲା ଶିକାରୀର କି ?" ଦିହେଁଯାକ ଦିଶୁଥାନ୍ତି କଳାକାଠ ପରି ।

ସେମାନେ ପାଣି ମୁନ୍ଦିଏ ପିଇ କହିଲେ ବାଘ କିମିତି ପଳାଇଗଲା । ଆମେ ସେଠୁ ଆଉ ଡେରିନକରି ମଞ୍ଚାଟିଏ ବାନ୍ଧିଦେଲୁ ଏବଂ ଭବାନୀକୁ ସେଠି ବସେଇଦେଲୁ ଜଣେ ଗାର୍ଡ଼ ସାଙ୍ଗରେ । ବାଘ ତ ଦିନବେଳେ ଚରକିଥାଏ – ଗୁପ୍ତାର ହାତୀ ଯୋଗୁ – ସଞ୍ଜ ପହରରେ ଆସିଲାନି । ରାତି ଆଠଟା ସରିକି ହେଲା ତୋଫାନ ଓ ବର୍ଷା । ଭବାନୀ ବିଚରା ବର୍ଷାପାଣିରେ ଖୁବ୍ କଷ୍ଟପାଉଥିବ ଭାବି ଆମେସବୁ ଗଲୁ ତାକୁ ଓହ୍ଲେଇ ଆଣିବାକୁ । ସଡ଼କ ଉପରେ ରହି କୁହାଟ ଦେଲୁ । ସେମାନେ କହିଲେ ଯେ ଶୀଘ୍ର ତାଙ୍କୁ ସେଠୁ ଉଦ୍ଧାର କରିବାକୁ – ଗୋଟାଏ ହାତୀ କାଳେ ସେଇ ଗଛରୁ ଡାଳ ଖାଉଚି !!

ନିଆଁହୁଳା ଦୁଇଚାରିଟା ଧରି ଆମେ ପାଟି କରି କରି ବଣରେ ପଶିଲୁ – ହାତୀ ପଳାଇଗଲାରୁ ଆମେ ସେ ଦୁଇଜଣଙ୍କୁ ଓହ୍ଲେଇଆଣିଲୁ । ଦୁହେଁଯାକ ବରଡ଼ାପତର ପରିକା

Digitized by srujanika@gmail.com

ଥରୁଥାନ୍ତି – କହିଲେ, ବର୍ଷାରେ ଭିଜି ଜାଡ଼ରେ କମ୍ପ ହେଉଚି । ମୁଁ ମନକୁ ଭାବିଲି ହାତୀ ତାଙ୍କରି ଗଛର ଡାଳ ଭାଙ୍ଗିବା ଦେଖି ଡ଼ରରେ କମ୍ପ ହଉଚି କି ?

ଏଇପରିକା ଢେର୍ ଢେର୍ ଥର ହତାଶ ହବାକୁ ହୁଏ ଶିକାରୀକୁ ଏଇ ପାରିଧି ଧନ୍ଦାରେ । ସେଇଥିପାଇଁ ତ ଶିକାରୀର ଛାତି ଏତେ ଟାଣ ହୁଏ – କୌଣସି ଦୁର୍ଦ୍ଦଶାରେ ସେ ଭାଙ୍ଗିପଡ଼େନି । ଆମ ଦେଶର ଭେଣ୍ଡିଆମାନେ ଯଦି ଏଇପରି ଶିକ୍ଷା ପାଆନ୍ତେ ନା, ସେମାନେ ତା'ହେଲେ ଦୁନିଆରେ ମଣିଷପରିକା ମଣିଷ ହୁଅନ୍ତେ – ସିନେମା ଦୁଆରେ ଟିକଟ ନମିଳିଲେ ରାଗରେ ଘରର କାଛବାଡ଼ ଭାଙ୍ଗନ୍ତେନି କି ପରୀକ୍ଷାରେ ଭଲ ନକରିପାରିଲେ ମାଷ୍ଟରଙ୍କୁ ଢେଲା ଫୋପାଡ଼ନ୍ତେ ନାହିଁ !!

ଏଇପରି ଆଶା ନିରାଶା ଭିତର ଦେଇ ପାରିଧି କରି ଶିଖିଲି – ଆଉ ଶିଖିଲି ଯେ ଶିକାରୀ-ପାଞ୍ଜିରେ ନାଁ ଲେଖେଇବାକୁ ହେଲେ ଗୋଟେ ନୁହେଁ; ତିନିଚାରିଟା ବନ୍ଧୁକ ରଖିବାକୁ ହବ । ଗୋଟେ ଦୁଇନଳିଆ ବାରଗଜ ବନ୍ଧୁକ ତ ଦରକାର ପ୍ରଥମେ ବନ୍ଧୁକ ଧରି ଶିଖିବା ପାଇଁ । ସେଥିରେ ବତକ, ହରଡ଼ ଚଢେଇ, ଗୁଣ୍ଡୁରି, କୁକୁଡ଼ାହେରିକା ନାନା ଜାତିର ଚଢ଼େଇ ମାରିବାକୁ ହବ – ଶିକାର କେମ୍ପରେ ଖାଇବା ଦରକାର ତ । ଦ୍ୱିତୀୟରେ ଗୋଟିଏ ୨୨ ରାଇଫଲ୍ ଚାନ୍ଦମାରି କରିବାକୁ ଆଉ ଛୋଟ ଛୋଟ ଜନ୍ତୁଜୁନ୍ତାଙ୍କ ପାଇଁ । ଠେକୁଆ, ବିଲୁଆ, ବଣୁଆକୁକୁର ଆଉ ଚଢ଼େଇ ବି ମାରିହେବ ସେଥିରେ ।

ଗୋଟିଏ ମାଝିଆରି ରାଇଫଲ୍ ଦରକାର ମିରିଗ, ସମ୍ବର, କୁଟୁରା, ଭାଲୁହେରିକା ମାଝିଆରି ଜନ୍ତୁମାରିବା ପାଇଁ ମାଝିଆରି ରାଇଫଲ୍ ଦରକାର । ବହୁତ ଖୋଜାଖୋଜି କରି ଗୋଟିଏ ନଅ ମିଲିମିଟର (.୩୫୫) ମଉଜାର ରାଇଫଲ୍ ପାଇଥାଏ । ସେଇଥିରେ ଚାନ୍ଦମାରି କରିଥାଏଁ – ପ୍ରାୟ ଶହେଖଣ୍ଡ ଗୁଳି ଫୁଟେଇକି ସେ ରାଇଫଲ୍‌ର ମାଛିଟିକୁ ସଜାଡ଼ିଥାଏଁ । କାନ୍ଧକୁ ସେ ବନ୍ଧୁକ ଉଠାଇଲେ ମନକୁ ଲାଖ ହେଇଯିବ । ତାକୁଇ ଧରି ଦିନେ ବାହାରିଲି ଶିକାରପାଇଁ ଦୁର୍ଗାପୁରକୁ । ଅନୁଗୁଳଠୁ ପଚିଶ କିଲୋମିଟର ସମ୍ବଲପୁରର ରାସ୍ତାରେ ଗଲେ ଜରିପଡ଼ା ବୋଲି ଗାଁଟିଏ ପଡ଼େ । ସେଇଠି ପୁଲିସ ଥାନାଟିଏ ଅଛି । ସେଇଠୁ ଉତ୍ତରକୁ ଗୋଟିଏ କଚା ମାଟିରାସ୍ତା ଯାଇଚି ଦୁର୍ଗାପୁର ଗାଁ ପାରିହେଇ ଝରଣ ଜଙ୍ଗଲ ଭିତର ଦେଇ ସେପାଖେ ଅନୁଗୁଳ ଛେଣ୍ଡିପଦା ରାସ୍ତାରେ ମିଶିଚି । ଜରିପଡ଼ାଠୁ ଦୁଇ କିଲୋମିଟର ପରେ ରାସ୍ତାର ଡାହାଣ କରେ ଗୋଟିଏ ଛୋଟ ମୁଣ୍ଡିଆ ଅଛି । ସେତେବେଳେ ସେ ମୁଣ୍ଡିଆରେ ଭଲ ଲଟିବୁଦାର ଘନଜଙ୍ଗଲ ଥିଲା । ମୁଣ୍ଡିଆ ପାରିହେଲେ ଦୁର୍ଗାପୁର ଗାଁ । ଗାଁର ସେମୁଣ୍ଡରେ ଗୋଟିଏ ଛୋଟ ବଙ୍ଗଳା । ଜଙ୍ଗଲ କାଛରେ ବଙ୍ଗଳାଟା । ବାରଣ୍ଡାରେ ବସିଲେ ମୟୂର ଓ କୋଚିଲାଖାଇ ଡ଼ାକରେ କାନଅତଡ଼ା ହୁଏ । ବଙ୍ଗଳା ହତାକୁ ଲାଗି ବଣଟା, ସେ ବଣରେ ମହୁଲ ଗଛ ବହୁତ । ଆମେ ଯାଇଥାଉ ମାର୍ଚ୍ଚମାସ ଦୋଳଛୁଟିରେ । ସାଙ୍ଗରେ ଥାଆନ୍ତି ମୋର ସାନଭାଇ ଦେବେନ୍ଦ୍ର ଆଉ ଅମରେନ୍ଦ୍ର ତ୍ରିପାଠୀ । ଆମେ ବଙ୍ଗଳାରେ ପହଞ୍ଚିବାବେଳକୁ ବେଳ ରତରତ । ଦିବାକର ସାଙ୍ଗେ ସାଙ୍ଗେ ବାଡ଼ିପଟ ବଣରୁ ଶୁଖିଲା କାଠ ଦି'ବୋଝ ନେଇଆସିଲା । ବଙ୍ଗଳାର ଚୌକିଦାର ଶୁକୁଟା ଯାଇକି

Digitized by srujanika@gmail.com

କୂଅରୁ ଚାରିଛଅ ବାଲ୍‌ଟି ପାଣି ବୋହିଆଣିଲା । ଆମେ ସମସ୍ତେ ମଟରରୁ ବିଛଣାପତ୍ର ଓହ୍ଲେଇପକେଇଲୁ । ରୋଷେଇ ବାକ୍‌ସଟାକୁ ଦିବାକର ନେଇଗଲା ରୋଷଘରକୁ । ବାରନ୍ଦାରେ ଦୁଇଚାରିଟା ଚୌକି ପକେଇ ବସିଗଲୁ ଚା' ଅପେକ୍ଷାରେ । ଗାଁର ଭେଣ୍ଡିଆ ଟୋକା ପଞ୍ଚାଟାଏ ଆଉ ବୁଢ଼ା ବୁଢ଼ା ଦୁଇଚାରିଜଣ ଆସି ବାରନ୍ଦାରେ ବସିଲେ ଦୁଃଖସୁଖ ହବାକୁ । ଆମେ ପଚାରିଲାରୁ ସେମାନେ କହିଲେ – "ହଁ ମହାପ୍ରୁ, ଏଠି ମିରିଗ ମେଳା ମେଳା । ବାରିରେ ଦିକେରା ସୋରିଷ କରିଚୁ ଯେ ସବୁ ଖାଇଯାଉଛନ୍ତି ସଞ୍ଜ ହେଉଣୁ ନହେଉଣୁ । ସେଥିରୁ ଗଣ୍ଡାଏ ମାରିଦିଅ କି ଦିନାକେତେ ଡରିଯିବେ ହରିଣପଲଟା । ବେଳବୁଡ଼ୁକୁ ଏଇ ଆଗର ବନ୍ଧ ପାଖରେ ଟିକେ ବୁଲିଆସିଲେ ତ ଦେଖିବ । ହଳେ ପେଣ୍ଡ୍ରା ବି ଆତଯାତ ହଉଚନ୍ତି ଏଇ ବଙ୍ଗଳା ପାଖ ରାସ୍ତାରେ । ବାଘ ? ବାଘ ଗୋଟେ କାଲି ରାତିରେ ହୋ ସେପାଖ ବଣକାଛରେ ହେଣ୍ଡାଳୁଥିଲା ।" ଶୁକୁଟା କହିଲା – "ବିଶିଆ କହୁଥିଲା, ପଅରିଦିନ ରଇଝରଣ ପଟେ ତା ଗୋରୁପଲଟାକୁ ବାଘ ଛେକୁଥିଲା ।" ପାଟିକରି କୁହାଟିଲା ଫେର୍, "ଏ ଗେଡ଼ା ଆ-ଆ, ବିଶିକୁ ଡାକି ଦେ ତ ।"

ଇମିତି ଇମିତି ଗାଁଲୋକେ ସେଠାର ସବୁକଥା ଆମକୁ କହିଲେ । ଲଗେଇଲେ ସେଇ ରାତି ଆଲୁଅ ଧରିକି ବଣକାଛର ସୋରିଷପଦା ହରଡ଼ ବାଡ଼ିରେ ବୁଲିବାକୁ । କହିଲେ, ଜନ୍ତୁ ଢେର୍ ଦିଶିବେ । ରାତିରେ ଆଲୁଅ ପକେଇ ମିରିଗ, ସମ୍ବର ମାରିବାଟା ତ ବେଆଇନ କଥା । ତା ଛଡ଼ା ସେଥିରେ ତ ମରଦପଣିଆ କିଛି ନାହିଁ । ମୁଁ ସେଇଠୁ ପଚାରିଲି ଯେ କାଲି ସକାଳୁ ଏ ବଣଟା ଆଡ଼ି କଲେ କିମିତି ହବ । ଟୋକା-ଟାକଳିଆ ସବୁ କହିଲେ – ହଁ ଆଜ୍ଞା; ମିରିଗ, ସମ୍ବର, ଭାଲୁ, ପେଣ୍ଡ୍ରା ସବୁ ବାହାରିବେ । ତାଙ୍କ ଭିତରେ ଖୁବ୍ କଥା କଟାକଟି ହେଲା – କଉ ଫାଳଟା ଆଗ, କଉ ଫାଳଟା ପଛ ଆଡ଼ି କରାଯିବ । ବଡ଼ିଭୋରରୁ ବଙ୍ଗଳାର ପଶ୍ଚିମକୁ ଯଉ ବଣ, ସେଇଟା ଆଡ଼ି କଲେ ଭଲହବ । ମହୁଲ ଖାଇବାକୁ ମିରିଗ, ଭାଲୁ ଆସିଥିବେ, ସବୁ ସେପାଖ ପଦାରେ ବାହାରିବେ । ସେ ବାବୁମାନେ କ'ଣ ତଳେ ବସିବେ ? ଭାଲୁ ଆଉ ପେଣ୍ଡ୍ରା ବାହାରିବେ । ଭାଲୁଟାମାନ ତ ଗୋଟାଏ ଗୋଟାଏ ଗୁଣ୍ଡୁଣିହାତୀ ପରି ବଡ଼ ବଡ଼ ।

ଆମେ ଏସବୁ କଥାବାର୍ତ୍ତା ଶୁଣୁଥାଉ । ଏଣେ ଅମୁ ଲଗେଇଥାଏ, "ଚାଲମ, ସଞ୍ଜରେ ଗାଡ଼ିନେଇ ଘେରାଟାଏ ବୁଲିଆସିବା – ବଡ଼ିଭୋରରୁ କିଏ ଉଠିବ ? ଫୂର୍ତ୍ତି କରିବାକୁ ଆସିଚେ – ସକାଳୁଆ ଶୋଇବ ନା ଉଠିକି ବଣବୁଦାର କାକରରେ ଚାଲିବ ।"

କଥା ହେଉ ହେଉ ଦିବାକର ଚା' ନେଇଆସିଲା । ଆମେ ଚା' ଖାଇଲୁ । ଶୁକୁଟା ହେରିକାକୁ ଖଣ୍ଡେ ଖଣ୍ଡେ ବିଡ଼ି ଦେଲି । ସମସ୍ତେ ମହା ମଉଜରେ ବସି ଖୁସିଗପ କରି ଚାଲିଥାନ୍ତି । ବଣକୁ ଗଲେ ଗାଁର ଲୋକବାକଙ୍କଠୁଁ ସାହାଯ୍ୟ ଦରକାର ହୁଏ ତ – ତାଙ୍କ ପାଇଁ ଦୋକତା, ବିଡ଼ି, ପିଲାଙ୍କ ପାଇଁ ଲେବେନଚୁଷ୍ ହେରିକା ନେଇଥାଉ ସାଙ୍ଗରେ । ବିଡ଼ି ଗୋଟିଏ ଗୋଟିଏ ପିଇ ଗାଁର ଲୋକମାନେ ଖୁବ୍ ଆପଣାର ହେଇଯାଆନ୍ତି ।

ସଞ୍ଜ ଆଠଟା ସୁଦ୍ଧା ଠିକ୍‌କଲୁ ଯେ ସେ ରାତିରେ ଆମେ ସଅଳ ଶୋଇବା –

Digitized by srujanika@gmail.com

ଭୋର୍ ପହରକୁ ଶୁକୁଟା ଗାଁରୁ ପନ୍ଦର କୋଡ଼ିଏଜଣ ଭେଣ୍ଡିଆଙ୍କୁ ଧରି ଆସି ଆମକୁ ଉଠେଇବ । ଏପାଖର ମହୁଲ ବଣଟାକୁ ଆଡ଼ି କରାଯିବ । ମିରିଗ ମାଡ଼ ଖାଇଲେ ସମସ୍ତେ ମାଉଁସ ନେବେ ପୁଳେ ପୁଳେ; କିଛି ନମଲେ ଆମେ ମଜୁରି ଦେଇପାରିବୁନାହିଁ ।

ଏଇ କଥାରେ ସେମାନେ ହଁଭରିଲେ । ଆଡ଼ି ତ ସକାଳ ଆଠ-ନଅଟା ଆଗରୁ ସରିଯିବ । ତା' ପରେ ଯେ ଯାହାର ଧନ୍ଦାରେ ଯିବେ; ମଜୁରି ଆଉ କ'ଣ ଦରକାର ? ଯଉ ସମୟର କଥା କହୁଚି, ସେତେବେଳେ ଗାଁଗଣ୍ଡାର ଲୋକ ଶିକାରପାଇଁ ଆନନ୍ଦରେ ବାହାରୁଥିଲେ । ମଜୁରି ତ ନଉନଥିଲେ; ଯାଚି ଦେଲେ ବି ଖପାହେଉଥିଲେ । ତାଙ୍କ ମତରେ – ସହରରୁ ବାବୁମାନେ ଏତେ ଦୂରକୁ କଷ୍ଟ କରି ଆସିଚନ୍ତି – ଜନ୍ତୁଟିଏ ପଡ଼ିଲେ ତ ଆମକୁ ଦଉଚନ୍ତି ମାଉଁସ ପୁଳେ ପୁଳେ । ଆଉ କିଛି ମାରିନପାରିଲେ ତ କଷ୍ଟ ତାଙ୍କୁ ବି ହଉଚି ଖୁବ୍ । ବାବୁଭାୟା ଲୋକ – ବଣଲଟିରେ ତ ଚାଲିବାକୁ ଦୁଃଖ କଷ୍ଟ ହଉଚି ତାଙ୍କୁ ଖୁବ୍ । ଆମେ ସିନା ବଣକଣ୍ଟାରେ ବୁଲୁଚେ ସବୁବେଳେ; ଆମକୁ ତ କିଛି ବାଧୁନି; ଏଇଟା ଗୋଟେ ମଉଜ ପରି ଲାଗୁଚି । ଫେର୍ ମୂଲ କ'ଣ ନବୁ ?

ତାଙ୍କର ଏମିତି ବିଚାରବୁଦ୍ଧି ଶୁଣି ମୋତେ ତ ଖୁବ୍ ଭଲଲାଗୁଥାଏ । କେଡ଼େ ସାଦାସିଧା ଲୋକ ଏମାନେ ବୋଲି ଭାବୁଥିଲି । ଏବକୁ ଆଉ ସେକଥା ନାହିଁ କିନ୍ତୁ । କଥା ସାର୍‌ହେଲା ଯେ ବଡ଼ିଭୋରରୁ ଶୁକୁଟା ଆସି ଆମକୁ ଉଠେଇବ । ଦିବାକରକୁ କହିଦେଲି ଶୀଘ୍ର ଗଣ୍ଡାଏ କ'ଣ ରାନ୍ଧିଦଉ, ଆମେ ଖାଇକି ସଅଳ ଶୋଇବା । ଗାଁବାଲାମାନେ ଗୋଟେ ଗୋଟେ କରି ସବୁ ଚାଲିଗଲେ । ବଙ୍ଗଳା ବାରନ୍ଦାରେ ବସି ଆମେ ଗପୁଥାଉଁ । ହେଲେ ଅମୁ ଆଉ ଧୀର ହୋଇ ବସିବାକୁ ଚାହୁନଥାଏ । ଟର୍ଚ୍ଚଟିଏ ଧରି ବାରବୋର୍ ବନ୍ଧୁକରେ ଏଲ୍‌ଜି ପୂରାଇ ବଙ୍ଗଳା ହତା ଚାରିପାଖ ବୁଲୁଥାଏ । ନୀଳମଣି, ଦେବେନ୍ଦ୍ର ଓ ମୁଁ ବସିକି ଗପସପ ହେଉଥାଉଁ । ଅମୁ ସେପଟୁ ଧଇଁସଇଁ ହେଇ ଆସି କହିଲା, ''ଅନନ୍ତବାବୁ ଟୁଟୁଟା ଆଣନ୍ତୁ ତ ।'' ମୁଁ ତ ତାଟକାହୋଇଗଲି । କିରେ ରାତିଟାରେ ଟୁଟୁଟା କ'ଣ ହେବ ? ଟୁଟୁ ହଉଚି ୨୨ ବୋର୍‌ର ରାଇଫଲ୍, ଯଉଁଥିରେ ଛୋଟ ଛୋଟ ସୀସା ଗୁଳି ମରାଯାଏ ଚାନ୍ଦମାରୀ ପାଇଁ କିମ୍ବା ଚଢ଼େଇ ଠେକୁଆହେରିକା ଛୋଟ ଜୀବ ମାରିବାକୁ । ଅମୁ ହାତ ହଲେଇ ବଖାଣିଲା କେତେ ବଡ଼ ପେଚା ଗୋଟିଏ ଦେଖିଚି ବୋଲି । କହିଲାଗିଲା ପେଚାଟା ନା ଭାରି ଅମଙ୍ଗୁଳିଆଟା, ତାକୁ ମାରିନଦେଲେ ଆମର ଶିକାର ଫସରଫାଟିଯିବ ।

ମୁଁ ତ ବହେ ହସିଲି । ପେଚାଟା ପରା ଲକ୍ଷ୍ମୀଙ୍କ ବାହନ, ଅମଙ୍ଗଳ ହବ କାହିଁକି ? ସେ ପରା ଲକ୍ଷ୍ମୀଙ୍କି ଆଣିବ । ନୀଳମଣି ଦେବେନ୍ଦ୍ର ଲଗେଇଲେ ପେଚାକଥା ଶୁଣିବାକୁ । ମୁଁ ତ ଆଉ ପ୍ରାଣୀବିଜ୍ଞାନ ପଢ଼ିନି ଯେ ସବୁ ଜନ୍ତୁଜୀବଙ୍କ କଥା କହିବି । ଯାହା ଦେଖିଚି ଠିକେ ଠିକେ କହିଦେଲି । ପେଚା ରାତିରେ ଶିକାରକରେ । ତାର ଥଣ୍ଟଟାର ମୁହଁ ତଳକୁ ମାଉଁସ ଖାଇବା ପାଇଁ ତିଆରି । ଧାନ ଖୁଣ୍ଟିପାରେନି ଯେମିତି ପାରା କି ବାଇଚଟିଆମାନେ ଖୁଣ୍ଟନ୍ତି । ମାଉଁସ ବୋଇଲେ ପେଚା ସାଧାରଣତଃ ମୂଷା ଖାଏ । ଆଠୁଟା ବିଲେଇ ଯେତେ

Digitized by srujanika@gmail.com

ମୂଷା ମାରିବେ, ଗୋଟିଏ ପେଚା ରାତିରେ ସେତେ ମୂଷା ମାରେ । ଏଇରକମ ଭାବରେ ମୂଷା ନମାରିଲେ ମଣିଷଙ୍କର ଖାଇବା ପାଇଁ ଧାନ ଗହମ କ୍ଷେତରେ ରହନ୍ତାନି । ଯୋଡ଼ିଏ ମୂଷା ପରା ବର୍ଷକେ ହଜାରେ ହୁଅନ୍ତି ! ପେଚାର ଡେଣାରେ କଅଁଳିଆ ପର ଥାଏ ଯେ ସେ ଉଡ଼ିଲେ ଶବ୍ଦ ହୁଏନାହିଁ – ମୂଷାମାନେ ଜାଣିପାରନ୍ତିନି । ତା'ପରେ ପେଚା ଆଖିଦୁଇଟା ମୁହଁ ସାମନାରେ – ମଣିଷ ପରିକା ଦେଖିବାକୁ ଆଉ ଲକ୍ଷ୍ୟକରି ଉଡ଼ିବାକୁ କି ମୂଷା ଉପରକୁ ଝାମ୍ପିବାକୁ ସୁବିଧା । ଏଇସବୁ ଶୁଣି ଅମୁହେରିକା ଆଉ ପେଚା ମାରିବାକୁ ମନ ବଳେଇଲେନାହିଁ । ଆମେ ଖିଆପିଆ ସାରି ଶୋଇଲୁ । ପେଚାଟା ତା'ର ଉହୁଁ ଉହୁଁ ଡାକଛାଡ଼ିଥାଏ ।

ନିଦ କଢ଼େ ହେଇଚି କି ନାହିଁ ଶୁକୁଟା ଆସି ଉଠେଇଲା । ଆମେସବୁ ଉଠି ଦିବାକରକୁ ଚା' ମାଗିଲୁ । ସେ ଖୁବ୍ ଜଲ୍‌ଦି କପେ କପେ ଚା' ଦେଲା, ଦିଇଟା କରି ବିସ୍କୁଟ୍‌ବି । ପୂର୍ବରେ ସିନ୍ଦୂରାଫାଟିଲାବେଳକୁ ଆମେସବୁ ବଣରେ ପଶିଲୁ । ଚଲା ବାଟଟା ବଣ କରରେ ଆଙ୍କିବାଙ୍କି ଯାଇଚି । ବଣ ଭିତରୁ ଅନ୍ଧାରଟା ପୂରାପୂରି ଯାଇନି । ଝାପ୍‌ସା ଆଲୁଅରେ ଆମେ ଧୀରେ ଧୀରେ ପାଦ ପକେଇ ଚାଲିଥାଉ । ପବନଟା ଶୀତଳ – ଶୀତ ଶୀତ ଲାଗୁଥାଏ – ମହୁଲ ଫୁଲର ମିଠା ଗନ୍ଧରେ ପବନଟା ଓଜନ ହେଇଯାଇଥାଏ ଯେମିତି ।

ସୁଲୁସୁଲିଆ ପବନରେ ସେଇ ମିଠା ଗନ୍ଧ ମନଟାକୁ ବେଶ୍ ଫୁଲାଣିଆ କରିଦଉଥାଏ । ଏଣେ ଡର ବି ଲାଗୁଥାଏ ବୁଦା ତଳର ଗହଳିଆ ଅନ୍ଧାରଟାକୁ – ଭାଲୁ ନୁହେଁ ତ ? ଚଢ଼େଇସବୁ ବସା ଛାଡ଼ି ପତ୍ରଗହଳିରେ ଉଡୁଥାନ୍ତି – ପୋକଜୋକ ଖୋଜୁଥାନ୍ତି । ଏଇମିତି ସମୟରେ ଆମେ କେଇଜଣ ବନ୍ଧୁକଟିମାନ କାନ୍ଧରେପକେଇ ଚୁପ୍‌ଚାପ୍ ଚାଲିଥାଉଁ । କଥାବାର୍ତ୍ତା ବନ୍ଦକରିଥାଉ ଜନ୍ତୁମାନେ କାଳେ ସୁରାକ୍ ପାଇଯିବେ – ଆମେ ଆଡ଼ି କରିବା ଆଗରୁ ପଳେଇବେ ବଡ଼ ବଣକୁ । ଶୁକୁଟା ଆମକୁ ବାଟ କଢ଼େଇ ନେଇଗଲା ଗୋଟେ ଖୋଲା ଥାନକୁ । ଦି'ପଟେ ବଣ – ମଝିରେ ଅରାଏ ଧାନବିଲପରିକା ହେଇଚି । ସେଇଠି ଗାଁର ବାକିସବୁ ଭେଣ୍ଡିଆ ଆମକୁ ଅନେଇ ବସିଥିଲେ । ଯେମିତି ପହଞ୍ଚିଗଲୁ ଉଠି ଠିଆହେଲେ; ଫିସ୍ ଫିସ୍ କରି କହିଲେ, ପଲେ ମିରିଗ ବାଁପଟ ବଣରେ ମହୁଲ ଖାଉଚନ୍ତି । ପଦା ଥାନରେ ଆମକୁ ଜାଗା ଦେଖାଇଦେଲେ କୁଉଠି ଶିକାରୀ ବସିବ । ଖୋଲାପଟକୁ ମୁଁ ଦେବେନ୍ଦ୍ରକୁ ବସେଇଦେଲି – ତା' ପାଖରେ ରହିଲା ଦି'ନଳିଆ ବାରବୋର୍, ତାକୁ ବତେଇଦେଲି ଯେ ବୁଦାତଳେ ଚୁପ୍‌କରି ବସିଥିବ । ଜନ୍ତୁ ଆସି ଦଶ କଦମ ପାଖ ହେଲେ ବନ୍ଧୁକ ଉଠେଇବ, ନହେଲେ ନାହିଁ । ସାବଧାନ କରିଦେଲି ଯେ ଦୂରରୁ ବନ୍ଧୁକ କାଟୁକରିବନି । ଆଉ ମାରିବ ଯେମିତି ଜନ୍ତୁର ବେକକୁ ଲାଖକରି । ମିରିଗ ସମ୍ବରକୁ କେବଳ ମାରିବ – ଭାଲୁ କି ବାଘ କି ପେଣ୍ଡ୍ରା ଦେଖିଲେ ସେ ବନ୍ଧୁକ ଫୁଟେଇବନି । ହଲଚଲ ନହେଇ ଚୁପ୍‌କିନା ବସିରହିଲେ ଜନ୍ତୁମାନେ ଦେଖିପାରିବେନି – ପାଖକୁ ଆସିବେ । ହରିଣ ସମ୍ବର ବାସନା ପାଇପାରନ୍ତି ଦୂରରୁ – ଭାଲୁ ବି ବାସନା ବାରିପାରେ ।

Digitized by srujanika@gmail.com

ହେଲେ ଭୟ କରିବାର କାରଣ କିଛି ନାହିଁ । ହଲଚଲ ନହେଲେ ସେ ତା ବାଟରେ ଚାଲିଯିବ । ବାରବୋର୍ ବନ୍ଧୁକରେ ଗୁଳି ଠିକ୍ ଥାନରେ ନବାଜିଲେ ଜନ୍ତୁ ଘାଉଲା ହେଇ ହଇରାଣ କରିବ । ଏଇମିତି ସମସ୍ତଙ୍କୁ ଥରେ ଥରେ ହୁସିଆର ହବା କଥା କହି ମୁଁ ବଣଭିତରକୁ ଯାଇ ଗୋଟିଏ ଚାରକୋଳି ଗଛ ମୂଳରେ ବସିଲି । ଓରକରି ଦେଖିଥାଏଁ ଯେ ସେ ପାଖଦେଇ ଜନ୍ତୁ ଚାଲିବାର ବାଟଟିଏ ଅଛି । ମୁଁ ସେଇଠୁ ନିଶ୍ଚିତ ମନରେ ଥାଏ ଯେ ବଡ଼ଜନ୍ତୁ ଠିକ୍ ମୋରି ପାଖରେ ବାହାରିବ । ଆଉ ଯଉ ଜନ୍ତୁମାନେସବୁ ଦେବେନ୍ଦ୍ର, ନୀଳମଣି ଆଉ ଅମୁ ପାଖରୁ ବର୍ତ୍ତିବେ, ସେସବୁ ମୋ ସାମନା ଦେଇ ଯିବେ । ମୁଁ ଯଉ ଜାଗାଟା ବାଛିଲି, ସେଠି ବଡ଼ ଗଛ କିଛି ନଥାଏ – ଖାଲି ଭୁରୁଡ଼ କୋଳି ବୁଦା ଆଉ ଅତାଣ୍ଡି ଲଟା । ପାଖରେ ଥାଏ ଗୋଟିଏ ଚାରକୋଳି ଗଛ, ଆଉ ଗୋଟିଏ ପାଳଧୁଆ ଗଛ । ପାଳଧୁଆ ଗଛର ଗଣ୍ଡିରେ ଆଉ ଡାଳରେ କଣ୍ଟା ଥାଏ । ମୁଁ ଭୂଇଁ ଉପରେ ଗୋଟିଏ ଛୋଟ ପଥର ପକେଇ ବସିଲି । ମୋ ପାଖରେ ଶୁକ୍ରୁଟା ବସିଲା । ଫିସ୍‌ଫିସ୍‌କି କହିଲା ଯେ ଆଉ ଟିକେ ଦୂରରେ ସେ ଯଉ ବାହାଡ଼ା ଗଛଟା ଦିଶୁଚି, ସେଇଠି ଯାଇ ବସିଲେ ଭଲ ହୁଅନ୍ତା । ମୁଁ ନାସ୍ତିକଲାରୁ କହିଲା ଯେ, ଯଉଠି ଆମେ ବସିଲେ ସେଠି ଭାଲୁ ଆଉ ପେଣ୍ତ୍ରା ବାହାରିପାରନ୍ତି – ପାଖରେ ଗଛଟିଏ ନାହିଁ ଯେ ମଣିଷ ଚଢ଼ିଯିବ ବିପଦ-ଆପଦବେଳେ – ମୁଁ ହସିଲି । କିରେ ମୋ ହାତରେ ପରା .୩୫୫ ରାଇଫଲ୍ ଅଛି, ଡରୁଛୁ କିଆଁ ? ଶିକାରକୁ ଆସି ଏମିତି ଡରିଲେ ଶିକାର କ'ଣ ହବ ? ସେ ସେଉଠୁ ମୋ ପଛକୁ ବସିଲା । ଗୋବିନ୍ଦା ଯାଇ ତେଣେ ଆଡ଼ିଆମାନଙ୍କୁ କହିଦେଲା ଯେ ବାଣୁଆମାନେ ଥାନରେ ବସିଲେଣି ବୋଲି – ଆଡ଼ି ଆରମ୍ଭହେଲା ।

ସେତେବେଳର ଲୋକେ ଜାଣିଥିଲେ କିମିତି ଆଡ଼ି କରିବା କଥା । ଆଡ଼ିରେ ଦଳେ ଲୋକ ଗୋଟେ ଜଙ୍ଗଲକୁ ଘେରାଉକରି ଜନ୍ତୁକୁ ଅଡ଼େଇ ଅଡ଼େଇ ବାଣୁଆ ପାଖକୁ ଆଣିବାର କଥା । ଯଉ ଲୋକ ଆଡ଼ି କରନ୍ତି, ସେମାନେ ଯଦି ବେଶି ଜୋର୍‌ରେ ପାଟିତୁଣ୍ଡ କରନ୍ତି ତ ଜନ୍ତୁଜୁନ୍ତା ଭୟରେ ଅତର୍କ୍କ ହେଇ ଏଣେତେଣେ ଦୌଡ଼ାଦୌଡ଼ି କରିବେ, କିଏ କୁଆଡ଼େ ପଳାଇବେ ତା'ର ଠିକ୍ ଠିକଣାନାହିଁ । ସେଇଥିପାଇଁ ଆଡ଼ିଆସବୁ ଧୀରସ୍ଥିର ହେଇ ପାଦେ ପାଦେ ବଣରେ ଆଗେଇବାର କଥା, କଉଠି ଠାଏ ଠାଏ ଗଛର ଗଣ୍ଡିକୁ ଟାଙ୍ଗିଆ ମାରି ଟିକେ ଶବ୍ଦ କରିବାର କଥା – ଯିମିତି ଜନ୍ତୁ ଜାଣିବ ଯେ କାଠକଟାଳି ବଣରେ ପଶିଚନ୍ତି – ସେ ତାଙ୍କର ତାଙ୍କ ବାଟରେ ଧୀରେ ଧୀରେ ଘନ ଜଙ୍ଗଲକୁ ଚାଲିଯିବେ । ଏଇରକମ ଆଡ଼ି ହେଲେ ଜନ୍ତୁଜୁନ୍ତା ତାଙ୍କର ବାଟରେ ଧୀରେ ଧୀରେ ଯାଆନ୍ତି । ବଣଜଙ୍ଗଲର ଜନ୍ତୁଜୁନ୍ତା ଚଲାବୁଲା କରନ୍ତି ଗୋଟେ ପ୍ରକାରରେ । ଦୁଇପାଦ ଯାଆନ୍ତି – ଠିଆ ହେଇ ଘଡ଼ିଏ କି ଦଣ୍ଡେ ଏଣେତେଣେ ଚାହାନ୍ତି – ବିପଦ ଆପଦ ନାହିଁ ତ ଆଗକୁ ? ଫେର୍ କାନଟିମାନ ଠିଆକରି ଏପାଖ ସେପାଖ ଶୁଘନ୍ତି, ବିପଦର ଗନ୍ଧ ବାସନା ନାହିଁ ତ ? ଯେତେବେଳେ ମନ ବୋଧହୁଏ ଯେ – ନା ବିପଦ ଆପଦ କିଛି ନାହିଁ, ତେବେ ଫେର୍ ଦୁଇ ଦଶକଦମ ଆଗକୁଯିବେ । ଏଇରକମ ଜନ୍ତୁ ଚାଲିଲେ ଶିକାରୀକୁ

Digitized by srujanika@gmail.com

ସୁବିଧା – ଲାଖକରି ମାରିବାକୁ ଢେର୍ ସମୟ ମିଳେ । ମିରିଗ, ସମ୍ବର, କୁଟ୍ରା ଆଉ ବାଘ ଏଇପରିକା ବଣରେ ଯିବାଆସିବା କରନ୍ତି । ଭାଲୁ ଅନ୍ୟରକମ ଜନ୍ତୁ – ସେ ଗୋଟାଏ ମାତାଲପରିକା ଏକାଲୟରେ ଚାଲେ । ସେଦିନ ଦୁର୍ଗାପୁରଠେଇ ଆଡ଼ିରେ ଢେର୍ ଜନ୍ତୁ ଥିଲେ । ପଲେ ହରିଣ ବାହାରିଲେ ଯେ ସମସ୍ତେ ଦେଖିଚନ୍ତି । ଅମୁ ଢୋ-ଢୋ ଦୁଇ ଗୁଳି ଫୁଟାଇ ଗୋଟିଏ ଶିଙ୍ଗାଳକୁ ପକେଇଚି । ମୋ ପାଖରେ କିନ୍ତୁ ଆଉ ହରିଣ ସମ୍ବର କିଛି ବାହାରିନଥାନ୍ତି । ବସି ବସି ବଡ଼ ବିରକ୍ତ ଲାଗୁଥାଏ – ସେପଟୁ ଢୋ-ଢୋ ଆୱାଜ୍ ଶୁଣି ମୁଁ କନକନ ହଉଥାଏ କିମିତି ଯାଇ ଦେଖେ କଣ କଣ ମାଇଲେ – ନା ଘାଉଲାକଲେ । ସେତିକିବେଳେ ଶୁଭିଲା "ଭୁଷ୍‌ଭୁଷ୍ ଦୁଲ୍‌ଦାଲ୍ ।" କଣ ଗୋଟାଏ ବଡ଼ ଭାରି ଜନ୍ତୁ ମୋରି ସାମନା ଆଡ଼େ ଆସୁଛି ପରା । ଶବ୍ଦରୁ ଜଣାପଡୁଥାଏ ଗୋଟାଏ ଖୁବ୍ ଓଜନଦାର ଜନ୍ତୁ – ବାଘ ନୁହେଁ – ବାଘ ତ ଏତେ ଶବ୍ଦ କରିବନି – ତା'ର ଥାବା ତ ଖୁବ୍ ନରମ – ଚାଲିଲେ ପତରଟାଏ ମସ୍ କରେନି । ନା ଏଇଟା ବାର୍‌ହା କିମ୍ବା ଭାଲୁ । ଏଇଆ ଭାବି ମୁଁ ହୁସିଆର ହେଇଗଲି – ଛାତିଟା ମୋର ଧପ୍ ଧପ୍ ହଉଥାଏ । ମନେହଉଥାଏ ବିରାଟ ଭାଲୁ କି ବାର୍‌ହା – ଯଦି ମୋ ଗୁଳିରେ ନପଡ଼େ ତ ମୋତେ ମାରିଦବ । ଭାଲୁ ହେଲେ ଅନ୍ତବୁଜୁଳା ମୋର ନଖରେ ବିଦାରିଦବ । ବାର୍‌ହା ହେଲେ ତା ଦାନ୍ତରେ ମୋତେ ଚୋବାଇଦବ । ହେଲେ ଡର ଲାଗୁନଥାଏ, ଦମ୍ଭ ଥାଏ ଖୁବ୍ ମନରେ ଯେ ମୋର .୩୭୫ ରାଇଫଲ୍‌ରେ ମୁଁ ମାଛିଟିକୁ ବି ଗୁଳିରେ ଖସାଇପାରିବି – ଭାଲୁର ମୁଣ୍ଡକୁ – ଠିକ୍ ଆଖି କାନ ମଝିରେ ଗୁଳିଟା ବଜାଇପାରିବି । ଜନ୍ତୁର ଆସିବା ବାଟକୁ ଅନେଇ ବସିଥାଏ – ରାଇଫଲ୍‌ର ସେଫ୍‌ଟି ଖୋଲି ଏକାଲୟରେ ବୁଦା ମଝିରେ ଖୋଲାଜାଗାକୁ ଲକ୍ଷ୍ୟ କରିଥାଏ । ଗୋଟିଏ ମସ୍ତବଡ଼ କଳା ମୁଣ୍ଡ ଏ ଲଟିକରକୁ ଦିଶିଲା । ମୁଁ ବନ୍ଧୁକ ଘୋଡ଼ା ଟିପିଲି – ଢୋକିନା ଶବ୍ଦ ହବା ସଙ୍ଗେ ସଙ୍ଗେ ଦେଖେ ତ ଗୋଟିଏ ବିରାଟ ଭାଲୁ ସେଇଠି ପଡ଼ିଲା । ଉଁ କି ଚୁଁ ଶବ୍ଦଟିଏ ବି କରିନି ।

ପଛକୁ ଫେରି କହିଲି, "ଶୁକୁଟା, ଆଡ଼ି ସରିଲା ବୋଧହୁଏ ।" ଦେଖେ ଯେ ଶୁକୁଟା ତା ଥାନରେ ନାହିଁ । ଟିକେ ପରେ ସେ ଉପରୁ ଜବାବ ଦେଲା, ଭାଲୁ ମରିଚି କି ନାହିଁ ପଚାରିଲା । ମୁଁ ଦେଖେ ତ ସେ ଯଉ ପାଳଧୁଆ ଗଛ ଥିଲା – କଣ୍ଟା ଯୋଗୁରୁ ଉଠିହବନାହିଁ ବୋଲି ଯଉ ଗଛକୁ ସେ କହୁଥିଲା – ସେଇ ଗଛର ଅଗଡ଼ାଳରେ ଯାଇ ବସିଚି – ଦିହରୁ ଧାର ଧାର ରକ୍ତ ଗଡୁଥାଏ – ସେ କଣ୍ଟା ମୁନରେ ଦେହତମାମ ବିଦାରି ହେଇଯାଇଥାଏ । ଭାଲୁ ମରିଚି ଶୁଣି ତଳକୁ ଖସିଲା । ମୋ ଗୁଳିର ପିତଳ କେସ୍‌ଟା ଯାଇ ଖୋଜିଲା ଲଟିପତର ତଳେ ।

ମୁଁ ତ ଭାଲୁର ମୁଣ୍ଡକୁ ଗୋଟିଏ ଗୁଳି ଫୁଟେଇଥିଲି । ବଣରେ ଶିକାର କଲାବେଳେ ଗୋଟିଏ ଗୁଳି ଫୁଟିଲା ମାତ୍ରେ ସାଙ୍ଗେ ସାଙ୍ଗେ ଆଉ ଗୋଟିଏ ଟୋଟା ବନ୍ଧୁକର 'ଚେମ୍ବର'ରେ ପୂରେଇବା କଥା । ଅଧସେକେଣ୍ଡ ଭିତରେ 'ରିଲୋଡ୍' କାମ ସାରିବା କଥା – କାରଣ ଜନ୍ତୁର କାନମୁଣ୍ଡାରେ ଯଦି ଗୁଳି ନବାଜିଥିବ ସେ ହୁଏତ ବିଜୁଳିବେଗରେ

Digitized by srujanika@gmail.com

ପକେଇବ, ନହେଲେ ଶିକାରୀ ଉପରକୁ ମାଡ଼ିଆସିବ । ଶିକାରୀକୁ ଖୁବ୍ କମ୍ ବେଳ ମିଳିବ ଆଉ ଗୋଟିଏ ଗୁଳି ମାରିବାକୁ । ସେଇ 'ରିଲୋଡ୍' କରିବାଟା ମୁଁ ତ ଖୁବ୍ ଅଭ୍ୟାସ କରିଥାଏ – ଇମିତି ଯେ ବନ୍ଧୁକ ଫୁଟିବାର ଶବ୍ଦଟା ହଉଁ ହଉଁ ବୋଲ୍ଟ ପଛକୁ କରି ଆଗକୁ କରିପକାଏ । ସେ ସମୟରେ ଆଖି ମାଛି ଆଉ ଜନ୍ତୁର ବେକ ଉପରେ ଲକ୍ଷ୍ୟ ଥାଏ । 'ବୋଲ୍ଟ' ପଛକୁ କଲାବେଳେ ପିତଳର 'କେସ୍'ଟା ଯାଇ ପତର ଲଟି ଭିତରେ ପଡ଼ିଥିଲା – ସେଇଟା ଖୋଜିବା ପାଇଁ ଶୁକୁଟା ବ୍ୟସ୍ତ ଥାଏ ।

ଏଣେ ଗୋବିନ୍ଦ, ବିଶିଆ, ଆଉ ଆଉ ଲୋକେ, ଯେଉଁଆଡ଼େ ଆଡ଼ି କରୁଥିଲେ, ସବୁ ଆସି ଜୁଟିଲେ ସେଇଠି । ବୁଢ଼ାଟିଏ – ତାକୁ 'ଦଦେଇ' ବୋଲି ଡାକୁଥିଲେ ସବୁ – ଯାଇକି ମଲା ଭାଲୁଟାକୁ ବି ବାଡ଼ି ପିଟିଦେଲା – କହିଲା, 'ଶଳା, ସେଦିନ ଗେହ୍ଲିର ପୁଅକୁ ଆମ୍ପୁଡ଼ି ଥିଲା ।'

ଦେବେନ୍ଦ୍ର ଭାରି ଖୁସିହେଇ ଦୌଡ଼ିଆସି କହିଲା – ଗୋଟିଏ ଶିଙ୍ଗାଳ ମିରିଗ ବି ମରିଛି – ଦେବେନ୍ଦ୍ର ମାରିଥାଏ ।

ଦୁର୍ଗାପୁର ଗାଁଲୋକେ ଲଗେଇଥିଲେ ଆଉ ଅରାଏ ବଣ ବି ପନ୍ତା କରିବାକୁ । ଆଉ ଗୋଟାକେତେ ମିରିଗ ମାରିଲେ ତାଙ୍କ ଗାଁରେ ଭୋଜିଭାତ ହୁଅନ୍ତା । ମୁଁ ତ ନାସ୍ତିକରିଦେଲି – ଏକା-ଦିନେ ବଣ ପଦାକଲେ ଆଉ ଜନ୍ତୁଜୁନ୍ତା ରହିବେ ତ ? ସେଇ ଦିନଠୁଁ ଆଜିଯାକେ ଯେବେ ମୁଁ ଯାଇଚି ଗାଁଯାକର ଲୋକେ ଆସି ମୋତେ ଖୁବ୍ ଆଦର କରନ୍ତି । ମୋର ନାଁ' କାଳେ ସେମାନେ ରଖିଥିଲେ ''ଭାଲୁମରାବାବୁ'' । ତଳେ ବସି ସାମନାସାମନି ଭାଲୁକୁ ମାରିବାଟା କାଳେ ସେଇଠି ପ୍ରଥମ – ଆଉ ଖୁବ୍ ସାହସୀ କଥା । ତା'ପରଠୁ ମୋ ମନରେ ବଳ ବି ଖୁବ୍ ହେଇଥାଏ ଯେ ମୋ ହାତରେ ରାଇଫଲ୍‌ଟି ଥିଲେ ଆଉ କଉ ଜନ୍ତୁକୁ ଭୟ କରିବାର ନୁହେଁ । ତା'ପରେ ଅନେକ ଥର ବଣକୁ ଯାଇଛି – ଓଡ଼ିଶାଯାକର ଜଙ୍ଗଲ ଦେଖିଚି ଢେର୍ ଢେର୍, ଜନ୍ତୁ ଦେଖିଚି ବଣରେ – ଆଉ ଭୟ କେବେ ଲାଗିନାହିଁ ।

X X X X

ତା'ପର କଥା । ଆମେ ମାମୁଙ୍କ ସାଙ୍ଗରେ ଯାଇଥାଉ ବରବରା । ବାଣପୁର ମାଳରେ ବରବରା ବୋଲି ଗୋଟିଏ ଛୋଟ ଗାଁ । ସେଠାର ଜଙ୍ଗଲ ବିଭାଗର ବଙ୍ଗଳାରେ ଆମେ ଥାଉଁ । ମାମୁ ସେତେବେଳେ ପୁରୀ ଜିଲ୍ଲାର ଏସ୍.ପି. ଥିଲେ । ସେ ତାଙ୍କର ବାଣପୁର ଥାନା ଦେଖାଦେଖି କରୁଥାନ୍ତି । ଆମେ ବେଳବୁଡ଼କୁ ଯାଇ ବରବରା ବଙ୍ଗଳାରେ ରହିବାର ଯୋଗାଡ଼ କରୁଥାଉଁ । ବଙ୍ଗଳାରେ ତ ଦୁଇଟା କୋଠରି । ଆମେ ପାଞ୍ଚଜଣ – ମାମୁ, ତାଙ୍କର ତିନି ପୁଅ ଆଉ ମୁଁ । ସେଦିନ ରାତି ଜଙ୍ଗଲବିଭାଗର ଗାର୍ଡ଼, ଫରେଷ୍ଟର, ଆଉ ରେଞ୍ଜରବାବୁ ସବୁ ଆସିଥାନ୍ତି । ଗାଁର ଦଶ ବାରଜଣ ଭେଣ୍ଡିଆ ଟୋକାଙ୍କୁ ଡକାହୋଇଥାଏ । ସଞ୍ଜରେ ବସି ମସୁଧା ହେଲା ଯେ ବଙ୍ଗଳା ପଛପଟର ବଣଟା ପନ୍ତା କରିବା ବଡ଼ିଭୋରରୁ । ସେଠିକି ମାସେ ଆଗରୁ ଲାଟ୍‌ସାହେବ ତାଙ୍କର ସାଙ୍ଗପାଙ୍ଗ ଧରି ଶିକାର କରି ଆସିଥିଲେ ଯେ ସେଇ ଜଙ୍ଗଲଟାକୁ ଆଡ଼ି କରିଥିଲେ । ଢେର୍ ଜନ୍ତୁ ବାହାରିଲେ ସମ୍ବର, କୁଟ୍ରା,

Digitized by srujanika@gmail.com

ହରିଣ, ଗୟଳ ଆଉ କେନ୍ଦୁଆ । ଆଉ ଲାଟ୍‌ସାହେବ ସକାଶେ ତିନିଚାରିଟା ମଞ୍ଚା ହେଇଥିଲା, ସେଗୁଡ଼ାକ ସେମିତି ଅଛି – ନୂଆ ମଞ୍ଚା କରିବାକୁ ହବନାହିଁ । ତେବେ ସିନ୍ଦୂରାଫାଟିବା ସାଙ୍ଗେ ସାଙ୍ଗେ ଆଡ଼ି ହବା ଦରକାର – କାହିଁକିନା ବଣଟା ବଙ୍ଗଳାକୁ ଲାଗିଚି । ଗାଁର ମଇଁଷିଗୋଠ ସକାଳୁ ବଣରେ ପଶିଯିବେ ତ ଜନ୍ତୁଜନ୍ତା ସବୁ ପାହାଡ଼କୁ ଉଠିଯିବେ । ଆମେସବୁ ବେଳାବେଳି ଖାଇଦେଇ ଶୋଇପଡ଼ିଲୁ । ସୁରେଶକୁ କହିଥାଉଁ ରାତି ଥିବ – ଚାରିଟାବେଳକୁ ଆମକୁ ଉଠେଇ ଚା' କପେ କପେ ଦବାକୁ ।

ରାତି ଜାଙ୍ଗୁଲୁଜାଙ୍ଗୁଲୁ ଥାଏ, ସୁରେଶ ଆଣି ଚା' ଦେଇଦେଲା । ଆମେସବୁ ବିସ୍କୁଟ ଓ ଚା' ଖାଇ ବାହାରିପଡ଼ିଲୁ । ମାଇଲିଏ ଖଣ୍ଡେ ଚାଲିଲୁ – ଆକାଶ ସଫା ହୋଇଆସିଲାଣି । ଆମେ ବଣ ଭିତରେ ଗୋଟିଏ ରିଜର୍ଭ ଲାଇନ୍‌ରେ ପହୁଞ୍ଚିଲୁ । ସେ ଲାଇନ୍ କରେ କରେ ଚାରୋଟି ମଞ୍ଚା ଦେଖିଲୁ । ପ୍ରଥମ ତିନିଟି ମଞ୍ଚାରେ ମାମୁ, କୁଶ ଲବହେରିକା ବସିଲେ । ତା'ପର ମଞ୍ଚାଟା ଭାଙ୍ଗିଯାଇଥାଏ । ସେଇଠୁ ମୁଁ ରମେଶକୁ ପଠେଇଦେଲି ମାମୁଙ୍କ ମଞ୍ଚାକୁ ଆଉ ମୁଁ ସେଇଠି ଗଛତଳେ ବସିଲି । ଗୋଟିଏ ପଥରକୁ ମାଞ୍ଚିଆପରିକା କରି ବସିଥାଏ । ଆଡ଼ି ଆରମ୍ଭ ହେବାକୁ ଆଉ ଦଶମିନିଟ ଖଣ୍ଡେ ବାକି ଥାଏ – ମୋତେ ଝାଡ଼ା ଦେଖାଇଲା । ତରବରରେ ବଙ୍ଗଳାରୁ ଆସିଚୁ ତ, ମୁଁ ସେଇଠୁ ଗଛରେ ରାଇଫଲ୍‌ଟା ଡେରିଦେଇ ପେଣ୍ଟ ଶାର୍ଟ ଓହ୍ଲେଇ ରଖିଦେଲି ଆଉ ଆଗର ବଣକୁ ଖଣ୍ଡେବାଟ ଚାଲିଯାଇ ଗୋଟିଏ ପଥର କଣରେ ବସିଲି । ବସିଚିକି ନାହିଁ ଅନେଇଦିଏ ତ ସକାଳର ସଫା ଆଲୁଅରେ ଦେଖିଲି ଚାରିଟା ଗୟଳ ମୋଠୁ ପନ୍ଦରହାତ ଦୂରରେ ଚରୁଚନ୍ତି । ଭାଗ୍ୟ ଭଲ ଯେ ପବନଟା ଧୀର ଥାଏ; ମୋ ଗନ୍ଧ ସେମାନେ ପାଇନାହାନ୍ତି କିମ୍ବା ମୋର ପାଦଶବ୍ଦ ବି ଶୁଣିନାହାନ୍ତି । କ'ଣ କରିବି ଆଉ । ହାତରେ ଅସ୍ତ୍ରନାହିଁ । ଦେହ ତ ନଙ୍ଗଳାମୁକୁଳା – କୁଆଡ଼େ ଯିବି ନା ପାଟିକରି କାହାକୁ ଡାକିବି ? ଚୁପ୍‌ଚାପ୍ ବସିରହିଲି । ଟିକେ ପରେ ଗୟଳ ଗଣ୍ଡାକ ଚରି ଚରି ଆପଣାର ବାଟେ ଗଲେ ବଣ ଭିତରକୁ ଭିତରକୁ । ସେଇଠୁ ମୁଁ ଜାଣିଚି ଯେ ଧୀର ସ୍ଥିର ହେଇ ହଲଚଲ ନହେଇ ରହିଗଲେ ଜନ୍ତୁମାନେ ଦେଖିପାରିବେନି ।

Digitized by srujanika@gmail.com

କୃଷ୍ଣପୁର ବଣରେ ଓଳିଏ

ଖୋଲା ମଟରଗାଡ଼ିରେ ବସି ରାତିରେ ବଣ ରାସ୍ତାରେ ସ୍ପଟ୍ ଲାଇଟ୍ ଧରି ଶିକାର କରିବାଟା ବଡ଼ ସୌଖୀନ୍ ଶିକାର । ପୁରାତନ ଗଡ଼ଜାତ ରାଜ୍ୟର ରାଜାମାନେ ଆଉ ତାଙ୍କର ପାଖଲୋକେ ଏଇପରି ଶିକାର କରୁଥିଲେ ବେଶି । ଏଇପରି ଶିକାର କରିବା ଏତେ ସହଜ ଯେ ମାଇପେ ବି ଭଲ ଶିକାର କରିପାରନ୍ତି, ଛୋଟ ଛୋଟ ପିଲାମାନେ ବି ଶିକାର କରିପାରିବେ, କରୁଛନ୍ତି ବି । ଯେଉଁମାନେ ବିଲୁଆ ଦେଖି ବାଘ ବୋଲି ଡରନ୍ତି, ସେମିତି ଲୋକ ବି ଶିକାରୀ ହୋଇଯାନ୍ତି, ଜିପ୍ ଗାଡ଼ିରେ ରାତିରେ ବିବ୍ ବଣ ରାସ୍ତାରେ ବୁଲି ବୁଲି । ମୁଁ ବି ସେଇପରି ଶିକାର ଶିଖିଥିଲି – ପ୍ରଥମେ ଯେବେ ଓଡ଼ିଶାରେ ଚାକିରି କଲି, ସେତେବେଳେ ତ ଗଡ଼ଜାତ ରାଜ୍ୟ ସବୁ ନୂଆହେଇ ଓଡ଼ିଶାରେ ମିଶିଥାଏ – ଗଡ଼ଜାତ ଜଙ୍ଗଲର ପଲ ପଲ ଜନ୍ତୁ ଶିକାର ହେଲେ ରାତିରେ ଏଇପରି ମାଇପି ଶିକାରୀଙ୍କ ହାତରେ । ସେମିତି ଶିକାରୀ ଶହେରେ ପଞ୍ଚାନବେଜଣ ଶିକାର ପାଇଁ ଛାଡ଼ ବି ନେଉନଥିଲେ । ଏମିତି ଶିକାର କରିବା ବେଆଇନ୍ କାମ । ଶିକାରୀ ଭାବରେ ଯଦି କାହାର ପୌରୁଷ ଅର୍ଜିବାର ଇଚ୍ଛା ସେ ପୁରୁଷ ପରି ଶିକାର କରିବା କଥା । ଚାଲି ଚାଲି ଯାଇ ଦିନବେଳେ ଜନ୍ତୁ ଠାବକରି ଶିକାର କରିବା, ଏଇଟା ହେଲା ମରଦ ଶିକାର ।

ଅନେକ ଦିନ ତଳର କଥା । ଦିନେ ସକାଳେ ମୋର ଜଣେ ବନ୍ଧୁ ବବ୍ ଫୋନ୍‌କରି କହିଲେ, ତାଙ୍କୁ ଶିକାରକୁ ନେଇଯିବାକୁ । ତାଙ୍କର ବଡ଼ପୁଅର ଭାରି ସଉକ୍ ଶିକାର ଦେଖିବ । ମୁଁ ତାଙ୍କୁ କହିଲି ଯେ, ତା'ପର ରବିବାର ଦିନ ସକାଳୁ ଯିବା । ସାଙ୍ଗରେ ଖାଇବାର ନେଇ ଯିବା; ସଞ୍ଜବେଳକୁ ଫେରିବା । ବବ୍ ତ ତାଟକା ହେଲା, ଖୁବ୍ କହିଲା – କିଏ ଶୁଣିଚି ଦିନବେଳେ ଶିକାର ହବ ! ଦିନୁଟାରେ ବଣରେ ଜନ୍ତୁ ଦିଶିବେ ତ ? ମୋର ବନ୍ଧୁଙ୍କର ଇମିତି ବିଶ୍ୱାସ ଥିଲା ରାତି ଶିକାରରେ ଦେଖି ମୋତେ ଅଡୁଆ ଲାଗିଲା – ଭାବିଲି ଜଣେ ସୌଖୀନ୍ ଶିକାରୀକୁ ଅନ୍ତତଃ ମରଦ ଶିକାରୀ କରିବାକୁ ହେବ । ବବ୍‌ର ସାହେବ ରକ୍ତ ଦେହରେ ଅଛି ତ – ଗୋଟାଏ ବାଜି ରଖିଲେ ତା'ର ଖୁବ୍ ଆଗ୍ରହ ବଢ଼େ । କହିଲି ଦିନରେ ଯଦି ଜନ୍ତୁ ନଦେଖେଇପାରେ ଶହେ ଟଙ୍କାକ ହାରିବି ଆଉ ଯଦି ଦେଖେଇଦିଏ ତ ସେ ମୋତେ ଗୋଟିଏ ଭଲ ଭୋଜି ଦବ । ବବ୍ ତ ଥୋପ ସୀସା ସବୁ ଗିଳିଦେଲା ଟପ୍‌କିନା । କହିଲା, ''ଟେକେନ୍'' – ବାଜି ରହିଲା । ଠିକ୍ ହେଲା ପଅରଦିନ

Digitized by srujanika@gmail.com

ରବିବାର ସକାଳୁ ସେ ଖାଇବାର ଧରି ମୋ ଘରେ ପହଞ୍ଚିବ ଭୋର୍ ସାତଟାକୁ । ରବିବାର ସକାଳୁ ସାତ ବାଜୁନବାଜୁଣୁ ବବ୍ ତା ପୁଅ ଓ ଜଣେ ମିଲିଟାରୀ ହାବିଲଦାରକୁ ନେଇ ମୋ ଘରଠେଇ ପହଞ୍ଚିଲା । ଆମେସବୁ ବାହାରିଲୁ ଆଠଗଡ଼ । ମୋର ତ ସେତେବେଳେ ଗୋଟିଏ ବର୍ଷିକିଆ ଶିକାର ଛାଡ଼ ଥାଏ । ସେଇ ଛାଡ଼ଟା ଓଡ଼ିଶାର ସବୁ ରିଜର୍ଭ ଜଙ୍ଗଲରେ ଶିକାରପାଇଁ ଥିଲା ।

ଏପ୍ରିଲ ମାସ ଖରା, ବେଶ୍ ଟିକେ ଟାଣ ହେଇଆସିଥିଲା । ସେତେବେଳେ ମହାନଦୀର ପୋଲ ହେଇନଥାଏ । ଖରାଦିନିଆ ରାସ୍ତାରେ ନଦୀ ପାରହେବାକୁ ଡେରି ବି ହେଲା । ଆଠଗଡ଼ ରେଲଷ୍ଟେସନ୍‌ଠି ପହଞ୍ଚିବାକୁ ଦିନ ଦଶହେଲାଣି । ରେଲଷ୍ଟେସନ୍‌ରୁ ପାଏ ଦୂରରେ ଗୋଟିଏ ଶଗଡ଼ଗୁଳା ରେଳଲାଇନ୍ ପାର ହେଇ ଉତ୍ତରକୁ ଜଙ୍ଗଲ ଭିତରକୁ ପଶିଛି । ସେଇ ରାସ୍ତାରେ ଚାରିମାଇଲ ଖଣ୍ଡେ ଗଲେ ଗୋଟିଏ ଛୋଟ ବଣୁଆ ଗାଁ ପଡ଼େ । ଗାଁଟାର ନାଁ କୃଷ୍ଣପୁର । ଗାଁ ପାରହେଇ ସେଇ ଶଗଡ଼ଗୁଳା ଅତାଣ୍ଡି ଲଟି, ଶାଳବଣ ଭିତର ଦେଇ ପଶିଯାଇଛି ରିଜର୍ଭ ଜଙ୍ଗଲ ଭିତରକୁ ପ୍ରାୟ ପାଞ୍ଚ ସାତ ମାଇଲ । ରାସ୍ତାର ବାଁପଟେ ଗୋଟିଏ ଛୋଟ ନାଳ କପିଳାସ ପାହାଡ଼ର ଦକ୍ଷିଣପଟୁ ବର୍ଷାପାଣି ଆଣି ଆଠଗଡ଼ ରୋଡ଼ ଷ୍ଟେସନ୍ ପାଖ ଦେଇ ଖୁଣ୍ଟୁଣି ଗାଁର ଦକ୍ଷିଣ ଦିଗରେ ପ୍ରବାହିତ ହୋଇ ମହାନଦୀରେ ପକାଏ । ନାଳଟାରେ ଏପ୍ରିଲ ମାସରେ ପ୍ରାୟ ପାଣି ନଥାଏ । କେଉଁଠି କିମିତି ଟିକେ ଖାତ ହେଇଛି ଯେ ଅଳ୍ପ ଟିକିଏ ପାଣି ବାଉଁଶବୁଦା ତଳେ ରହିଯାଇଥାଏ । ସେଇ ପାଣିମୁନ୍ଦିଏ ପିଇବାକୁ ଜନ୍ତୁଜନ୍ତା ନାଳ ପାଖରେ ପ୍ରାୟ ଘୂରାଫେରାକରନ୍ତି । ନାଳ ଦୁଇପାଖଟା ନିଘଞ୍ଚ ଜଙ୍ଗଲ – ନାନାପ୍ରକାର ଲଟି ବୁଦା ଅଛି – ଠାଏ ଠାଏ ଏକର ଦି'ଏକର ଖୋଲା ପଡ଼ିଆ ବି ଅଛି । ପଡ଼ିଆରେ ବେଶ୍ କଅଁଳ ଘାସ ଥାଏ ବର୍ଷଯାକ । ଜନ୍ତୁଜନ୍ତାସବୁ ସେଇ ପାଖଆଖରେ ବସାବାନ୍ଧି ରହିଲାପରି ଥାଆନ୍ତି ।

ସେଇ ଶଗଡ଼ଗୁଳାରେ ଆମେ ଯାଇ କୃଷ୍ଣପୁର ଗାଁରେ ପହଞ୍ଚିଲୁ । ଦିନ ସେତେବେଳକୁ ସାଢ଼େ ଦଶ । ସେଠି ଗାଡ଼ି ରଖି ଗାଁର ଟୋକାଙ୍କଠୁ ବୁଝିଲି ଯେ ସେଦିନ ଶଗଡ଼ିଆ କେହି ବଣକୁ ଯାଇନଥାନ୍ତି କାଠ କି ବାଉଁଶପାଇଁ । ଜଣେ ଫରେଷ୍ଟ ଗାର୍ଡ଼ ବି ସେଠି ଥିଲା ସେଦିନ । ମୋର ଶିକାର ଛାଡ଼ଟି ଦେଖେଇଲି ତାକୁ । ଆମେ ସେ ଜଙ୍ଗଲକୁ ଶିକାରପାଇଁ ଯାଉଚୁ ଆଉ କାହାରିକି ସେବାଟେ ଯିବାକୁ ଦବନି ଯିମିତି । ଫରେଷ୍ଟ ଗାର୍ଡ଼ଠୁ ଶୁଣିଲି ଯେ ଗୋଟିଏ ବାଘ ସେ ଜଙ୍ଗଲରେ ତା ପୂର୍ବଦିନ ରାତିରେ ବୁଲୁଥିଲା – ରଡ଼ିକରୁଥିଲା – ଗାଁଯାକ ଲୋକ ଶୁଣିଛନ୍ତି । ସେଇ ଭୟରେ ସେଦିନ କୃଷ୍ଣପୁରର ଗାଈ ମଇଁଷି ବି ଚରିବାକୁ ଜଙ୍ଗଲକୁ ଯାଇନଥାନ୍ତି । ଆମ କପାଳ ଖୁବ୍ ଭଲ – ସେଦିନ ଜନ୍ତୁ ନିଶ୍ଚୟ ଦେଖିବୁ ବୋଲି ମୁଁ ମନେ ମନେ ଖୁସିଟାଏ ହେଲି ଖୁବ୍ ।

କୃଷ୍ଣପୁରରୁ ଛଅ ମାଇଲ ଗଲୁ ସେ ଶଗଡ଼ଗୁଳାରେ । ଗୋଟିଏ ଖୋଲାପଡ଼ିଆ ନାଳକୂଳରେ – ନାଳରେ ଟିକେ ପାଣି ବି ଥାଏ – ଶାଳଗଛ ଛାଇରେ ଗାଡ଼ି ରଖିଲୁଁ । ବବ୍‌ର ପୁଅ – ପନ୍ଦରବର୍ଷର ଟୋକା – .୨୨ ରାଇଫଲରେ ଠେକୁଆ, ଚଢ଼େଇ ହେରିକା

Digitized by srujanika@gmail.com

ମାରିବାକୁ କନ୍ କନ୍ ହେଉଥାଏ । ତାକୁ ଓ ସେ ହାବିଲଦାରକୁ ଗାଡ଼ି ପାଖରେ ରହିବାକୁ କହି ମୁଁ ଓ ବବ୍ ଚାଲିଲୁ କପିଳାସ ପାହାଡ଼ ଆଡ଼େ । ମୋର ପ୍ରିୟ .୩୫୫ ରାଇଫଲ୍‌ଟି ମୋ ହାତରେ ଥାଏ – ବବ୍ ଗୋଟିଏ .୩୦୦ ରାଇଫଲ୍ ଧରିଥାଏ । ସେତେବେଳକୁ ଦିନ ଦ୍ୱିପ୍ରହର ପ୍ରାୟ । ଗୋଟିଏ ଗୋଟିଏ ହେଇ ଆମେ ପାଏ ବାଟ ଯାଇଛୁ କି ନାହିଁ ପଛରୁ ଗାଡ଼ିର ହର୍ଣ୍ଣ ତୁହାଇ ତୁହାଇ ବାଜିଲା । ପୁଅକୁ କଣ ବିପଦ ଆପଦ ହେଲାକି ଭାବି ଆମେ ଧାଇଁଲୁ ଗାଡ଼ିପାଖକୁ । ଯାଇ ଦେଖୁ ତ ଦୁହେଁ ଗାଡ଼ି ଭିତରେ ବସିଥାନ୍ତି – ଆମକୁ ଦେଖି ବାହାରିଆସିଲେ । କହିଲେ – ଗୋଟିଏ ବିରାଟ ଶିଙ୍ଗାଳ ସମ୍ବର ଆସି ଗାଡ଼ି ପାଖରେ ଠିଆହେଲା । .୨୨ରେ ତ ଆଉ ସମ୍ବରର କିଛି କରିହବନି – ହର୍ଣ୍ଣ ବଜେଇଲେ – ଆମେ ଆସି ମାରିବୁ ବୋଲି । ହର୍ଣ୍ଣ ଶୁଣି ସମ୍ବରଟା ଏକାକୁଦାକେ ଯାଇ ବଣର ଲଟି ଗହଳିରେ ଉଭେଇଗଲା । ଏକଥା ଶୁଣି ମୁଁ ବବ୍‌କୁ କହିଲି ଯେ ଜନ୍ତୁ ଦେଖାଗଲା – ବାଜି ହାରିଗଲା ତ । ହସି ହସି ବବ୍ କହିଲା ଯେ ଜନ୍ତୁ ଦେଖାହେଇନି – ପିଲାଏ ଦେଖିଲେ ସିନା – ସେ ନଦେଖିଲାଯାକେ ବାଜିଟା ରହିଚି । ହେଲା ଏବେ – ମୁଁ ତ ଜାଣେ ସେ ବଣରେ ଜନ୍ତୁଜନ୍ତାର ଅଭାବନାହିଁ ।

ଦିହେଁ ଫେର୍ ବାହାରିଲୁ ପାଣିବୋତଲଟାମାନ ଆଉ ବନ୍ଧୁକଟିମାନ ଧରି । ଘଣ୍ଟେ ଖଣ୍ଡେ ବୁଲିଲୁ ସେଇ ଜଙ୍ଗଲରେ – କପିଳାସ ପର୍ବତମାଳାର ଗୋଟିଏ ଅଂଶରେ ଥୋଡ଼େ ଚଢ଼ିଲୁଁ – ବୋତଲରୁ ପାଣି ସରିଗଲା – ଖରା ମୁଣ୍ଡ ଉପରକୁ ଆସିଲା । କିଛି ଜନ୍ତୁ ଆଉ ଦେଖିପାରିଲୁନାହିଁ । ଦି' ପହର ବେଳେ ବୋଧହୁଏ ସବୁ ଜନ୍ତୁ ଆପଣାର ଛାଇରେ ଶୋଇ ପାକୁଳେଇବାରେ ବ୍ୟସ୍ତ ଥାଆନ୍ତି । ଫେରିଲୁ, ଗାଡ଼ିପାଖରେ ବସି ସେଣ୍ଡଉଇଚ ଓ ସିଝା ଅଣ୍ଡା କଦଳୀହେରିକା ପେଟେ ପେଟେ ଖାଇ ଶାଳଗଛର ଛାଇରେ ଚାରିକାତ ମେଲେଇ ଘଣ୍ଟେ ଶୋଇପଡ଼ିଲୁ । ଗଛରେ କେତେପ୍ରକାର ଚଢ଼େଇ ଯେ ଥିଲେ ଆଉ କେତେ କିସମ୍‌ର ଗୀତ – ବଣୁଆ ଗୀତ, କଣ ଗାଉଥିଲେ କହିହବନି । ଟିଆ, ଭୃଙ୍ଗରାଜର କେଁକଟର ଶୁଣୁ ଶୁଣୁ ଆଖି ଲାଗିଗଲା ।

ବେଳ ନେଉଟିଲା – ଚାରି ବାଜିଲା ବେଳକୁ ମୋ ନିଦ ଭାଙ୍ଗିଲା – ସେତେବେଳକୁ ବବ୍ ଉଠି ତା ପୁଅ ସଙ୍ଗେ କାଠି ପତର ଟୋଳୁଥାଏ । ମୁଁ ଉଠିଲାରୁ ପାଣିଫୁଟାଇ ସେଠି ଚା' କରିପକେଇଲୁ – କପେ କପେ ଚା' ଖାଇ ସାଷ୍ଟାମ ହେଲାରୁ ଫେର୍ ବାହାରିଲୁ ସେଇ ବଣ ବାଟରେ । ମୁଁ ଆଗରେ, ବବ୍ ମୋ ପଛରେ । ଖଣ୍ଡେଦୂର ଯାଇକି ଦେଖିଲି ଯେ ଶୁଖିଲା ପତରରେ ଆମେ ଚାଲିବାରୁ ମସ୍ ମସ୍ ଶବ୍ଦ ଖୁବ୍ ଜୋର୍ ହେଉଥାଏ – ତା ଛଡ଼ା ଆମର ପେଣ୍ଟର ଖାକି ମୋଟା କନାରେ ବୁଦା ଲଟିର ପତର ଡାଳ ବାଜି ସଡ୍ ସଡ୍ ଶବ୍ଦ ହେଉଥାଏ । ସେଇଠୁ ମୁଁ ଖସିଗଲି ପାଖର ନାଳକୁ – ସେ ନାଳଟା ତ ଶୁଖିଲା । ବାଲିରେ ଶବ୍ଦନକରି ଚାଲିହେଲା ବେଶ୍ ।

ନାଳର ବାଲି ଅଂଶ ପ୍ରାୟ ବାରତେର ଫୁଟ ଚଉଡ଼ା – ଦୁଇପାଖର କତା ପାଞ୍ଚ କି ଛଅଫୁଟ ହେବ – କେଉଁଠି କେଉଁଠି ବାଉଁଶ ଗଛର ଚେରରେ କତା ଦିଶୁନି । କଉଁଠି

Digitized by srujanika@gmail.com

ଶିଆଳି ଲତାରେ ନାଳର ଏପାଖ ସେପାଖ କତାରେ ଗୋଟିଏ ରସିପରି ହେଇଚି ଯେ ବେଲୁରି ମୂଷା ସେଇ ପୋଲଦେଇ ଏପାଖ ଗଛରୁ ସେପାଖ ଲଟିକୁ ଯାଉଚି । ଏପରିକା ଦୃଶ୍ୟ ଦେଖି ଦେଖି ଚାଲିଥାଉ । ଡାହାଣ ପାଖର କତାଟା ଉଚ୍ଚାରେ ଟିକେ ବେଶି ହେଇଯାଉଥାଏ – ଠାଏ ଠାଏ ସେ ବଣର ବର୍ଷାପାଣି ଆସି କତାରେ ଗୋଟାଏ ଗୋଟାଏ ଖୋଲ ପରି କରିଥାଏ । ସେଇପରି ଗୋଟାଏ ଖୋଲ ସାମନାରେ ଆସି ଦେଖେ ଯେ ଭିତରେ ଗୋଟିଏ ବଡ଼ କାଳିଆ ଜନ୍ତୁଟିଏ ଶୋଇଚି – ଆମକୁ ଯେମିତି ଦେଖିଲା ଉଠିକି ଠିଆହେଲା – ବିରାଟ ଏକ ଗୟଳ । ମୁଁ ଓ ବବ୍ ସେତେବେଳେ ସେ ଖୋଲ ମୁହଁରେ ଠିକ୍, ଗୟଳଠୁ ଚାରିଫୁଟ କି ପାଞ୍ଚଫୁଟ ଦୂରରେ । ଦେଖିଲି ଯେ ଗୟଳ ଯିବା ବାଟ ବନ୍ଦକରି ଆମେ ଠିଆହେଇଚୁ । ବିଚରା ଗୟଳ ଶୋଇଥିଲା – ନିଦଟା ଭାଙ୍ଗିଲେ, ପୂରାପୂରି ଚେତାହେଲେ ଆମ ଉପରକୁ ମାଡ଼ିଆସିବ । ଡେଇଁପଡ଼ିକି ମୁଁ ନାଳର ସେପାଖ ବଣ କତା କାନ୍ଥଠି ଯାଇ ବାଉଁଶ ଗଛର ଚେର ଗହଳି ପାଖରେ ବନ୍ଧୁକଟି ଧରି ଠିଆହେଲି – ଯଦି ଗୟଳ ଆମକୁ ମାରିବାକୁ ଆସେ ଢୋ-ଢୋ ଗୁଳି ଫୁଟାଇବି । ଗୟଳର ବାଟ ଖୋଲା ଦେଖି ସେ ଜନ୍ତୁଟା ତା'ର ପ୍ରାଣବିକଳରେ ଧାଇଁ ପଳାଇଲା ନାଳ ଭିତର ଦେଇ ଦୂରକୁ । ଗଲାବେଳେ ତା'ର ଲାଞ୍ଜଟା ମୋର ଦେହରେ ବାଜିଲା । ଗୟଳ ଚାଲିଗଲା ପରେ ଦେଖେ ଯେ ବନ୍ଧୁ ବବ୍ ଥକ୍କାହୋଇ କାଠପରି ଛିଡ଼ାହୋଇଛି । ଡାକିଲାରୁ ଚେତାହେଲାପରି ହେଇ କହିଲା – 'କଣଟା ଥିଲା ?' ସେ ଭାରି ଡରିଯାଇଥିଲା । ମୁଁ ଯଉଖୁଣୁ କହିଲି ଗୟଳ, ସେ "ଓ ମାଇଁ ଗଡ୍" କହି ତଳେ କଣ ହଜେଇଥିଲା ଖୋଜିବାରେ ଲାଗିଲା । ପଚାରିଲି କଣ ହଜିଲା ? ସେ ଯାହା କହିଲା ମୋତେ ଭାରି ହସଲାଗିଲା । ଗୟଳଟା ଦେଖି ବାବୁ ବନ୍ଧୁକକୁ ଲୋଡ୍ ଅନ୍‌ଲୋଡ୍ କରୁଥାନ୍ତି । ବନ୍ଧୁକରେ ଦଶଟା କାର୍ତ୍ତୁସ୍ ରହେ ମେଗାଜିନ୍‌ରେ – ଲୋଡ୍ କଲେ ଗୋଟିଏ କାର୍ତ୍ତୁସ୍ ନଳୀର ଘରକୁ ପଶେ, ଫେର୍ ଅନଲୋଡ୍ କଲେ ସେଇଟା ବାହାରିଆସି ଇଜେକ୍ଟାର୍‌ରେ ଲାଗି ବାହାରକୁ ଖସିପଡ଼େ – ସବୁ ରାଇଫଲ୍ ଏଇପରିକା ।

ସେଇଥିରେ ବାବୁଙ୍କର ସାତଟି କାର୍ତ୍ତୁସ୍ ବାଲିରେ ଶୁଖିଲା ପତର ଭିତରେ କେଉଁଠି ପଡ଼ିଯାଇଚି । ଖୋଜାଖୋଜି କରି ମୋଟେ ଦୁଇଟା ପାଇଲୁ, ବାକିତକ ଗଲା । ଦିନ ତ ଆଉ ବେଶି ନଥାଏ – ସିଧାସଳଖ ଆମ ଗାଡ଼ିଠିକି ଫେରିବା ବୋଲି ନାଳରୁ ଉଠି ବଣ ଭିତରେ ଲଟି ବୁଦାର ପତର ଆଡ଼େଇ ଆଡ଼େଇ ଚାଲିଥାଉ । ଏତେବେଳକୁ ବବ୍ ଆଗରେ ଥାଏ । ଖଣ୍ଡେଦୂର ଯାଇଚୁ କି ନାହିଁ ଗୋଟିଏ କଣ ଜନ୍ତୁ ଧପ୍ ଧପ୍ କରି ଆଗେ ଆଗେ ଗଲାପରି ଆୱାଜ୍ ହେଲା । ବବ୍ ଠିଆହେଇପଡ଼ିଲା – ମୁଁ ବି ତ ଆଗରୁ ଠିଆହୋଇଥାଏ – ମୋତେ ଅନାଇ ମୁଣ୍ଡଟୁଙ୍ଗାରି ଠାରିକି ପଚାରିଲା କଣ ଏ ଜନ୍ତୁଟା ? – ମୁଁ ଠାରିକି କହିଲି ବାଘ ବୋଧହୁଏ । କଅଁଳ ପାଦରେ ଧପ୍ ଧପ୍ ଶବ୍ଦ ତ ଅନ୍ୟ କୋଉ ଜନ୍ତୁ କରିବନି । ମିନିଟେ ଦୁଇ ମିନିଟ୍ ଚୁପ୍‌ଚାପ୍ ହୋଇ ରହିଲୁ । ଜନ୍ତୁଟା ବି ଧୀରେ ରହିଯାଇଥାଏ ଛୋଟ ଛୋଟ ବୁଦା ଗହଳିରେ । ସେ ଜାଗାଟାରେ ଖୁବ୍ ଉଚ୍ଚା ଶାଳଗଛ ଦୂରେଇ ଦୂରେଇ

Digitized by srujanika@gmail.com

ଥାଏ – ତଳ ଭୂଇଁଟାରେ ଧୂତୁରା ଗଛପରିକା ଛୋଟ ବୁଦାରେ ଘଞ୍ଚ ହେଇଥାଏ ଯେ ମାଟିଟା ଦିଶୁନଥାଏ । ସେଠୁ ପ୍ରାୟ ତିନିଫୁଟ ଉଚ୍ଚାଯାକେ ଖାଲି ପତର ଗହଳି ଥାଏ । ସେଥିପାଇଁ ଆଗରେ ଯାଉଥିବା ଜନ୍ତୁଟିକୁ ଆମେ ଦେଖିପାରିଲୁନାହିଁ ।

ଚୁପ୍‌ଚାପ୍ କାଠପରି ଆମେ ଠିଆହେଲୁ ମିନିଟ୍ ଦୁଇ କି ଚାରି । ସେ ଜନ୍ତୁଟା ସେଇଠୁ ଧୀରେ ଧୀରେ ଆଗେଇଗଲା ଧପ୍ ଧପ୍ ହେଇ । ପ୍ରାୟ ପନ୍ଦରକୋଡ଼ିଏ ଗଜ ଦୂରରେ ପତରଗହଳି ମଧ୍ୟରେ ଟିକେନାକୁ ଫାଙ୍କ ଥିଲା – ସେଇଠୁ ଫାଙ୍କଟା ପାରିହେଲାବେଳେ ଦେଖିଲୁ ଯେ ସେଟା ବାଘଟାଏ – ତରତର ହେଇ ଆମ ପାଖରୁ ଦୂରକୁ ପଳେଇବାରେ ଲାଗିଛି । ଜନ୍ତୁଟିର ଲାଞ୍ଜଟି କିନ୍ତୁ ବୁଦା ଉପରକୁ ଦିଶିଲାଣି ସେତେବେଳକୁ – ସେଇଟା ଦେଖିଲା ମାତ୍ରେ ବବ୍‌ର ପାଟି ଆଫା ଆଫା । ଆଉ ଆଗରେ ନଯାଇ ମୋ ପାଖକୁ ଲାଗିକି ଚାଲିବାକୁ ଲାଗିଲା । କହୁଥାଏ ଜଲ୍‌ଦି ଜଲ୍‌ଦି ଗାଡ଼ି ପାଖକୁ ଯିବାପାଇଁ – ସେଠି ପୁଅ ଡରୁଥିବ ।

ଗାଡ଼ିଟା ବେଶି ଦୂର ନଥିଲା । ଖୁବ୍ ଜଲ୍‌ଦି ସେଠି ପହଞ୍ଚିଲୁ । ସେତେବେଳକୁ ଦିନ ରତରତ । ସାଙ୍ଗେ ସାଙ୍ଗେ ଗାଡ଼ିରେ ବସି ବାହାରିପଡ଼ିଲୁ – ବବ୍ କହୁଥାଏ, ଶୀଘ୍ର କଟକ ଫେରିବା ଦରକାର – କଣ ଜରୁରି କାମ ଥିଲା ପରା ।

ବେଶ୍ ଫେରିଲୁ । ମାଇଲିଏ ଆସିଲା ପରେ ବାଁପାଖରେ ଗୋଟିଏ ଛୋଟ ମୁଣ୍ଡିଆର ପଶ୍ଚିମ ପାଖକୁ ଲାଗି ରାସ୍ତାଟା । ସେଇପଟ ଗଡ଼ାଣିଆରେ ଖୋଲା ଥାନରେ ଭଲ ଘାସହେଇଥାଏ । ସୂର୍ଯ୍ୟ ବୁଡ଼ିଲେଣି ଯେ ଆଲୁଅ ବେଶ୍ ଥାଏ । ସଫା ଦିଶୁଥାଏ ଦୂରକୁ । ଦେଖିଲୁ ମୁଣ୍ଡିଆ ଗଡ଼ାଣିରେ ଦୁଇଟି ସମ୍ବର ମନମଉଜରେ ଘାସଖାଉଥାନ୍ତି । ସୁଲୁସୁଲିଆ ପବନ ପାହାଡ଼ ଆଡୁ ଆମ ଆଡ଼କୁ ବୋହୁଥାଏ – ସେଇଯୋଗୁରୁ ଆମର ଗନ୍ଧ ପାଇନଥିଲେ ସମ୍ବର ଦିଇଟା । ଏଣେ ଗାଡ଼ିଟା ବି ଶବ୍ଦ ବେଶି କରିନି – ସମ୍ବରଗୁଡ଼ା ଗାଡ଼ି ଆସିବା ଖବର ପାଇନଥିଲେ । ବବ୍ ଗାଡ଼ି ରଖି ବନ୍ଧୁକ ଧରିଲାରୁ ମୁଁ ନାହିଁ କଲି । ଏଗୁଡ଼ାକ ଯେ ମାଈ ସମ୍ବର – ମାରିବା ମନା । ଦୁଇଚାରି ମିନିଟ୍ ସେଇ ଗାଡ଼ିରେ ବସି ଦେଖିଲୁ ସେମାନଙ୍କର ଗତିବିଧି । ତା'ପରେ ବାଟେ ବାଟେ ଫେରିଲୁ କଟକ । ମୋର ବାଜିମାରିବାଟା ବୃଥା ହେଇନି – ବବ୍‌କୁ କହିଲି ସେକଥା । ସେ ହଁଭରିଲା – କହିଲା ଯେ ତା'ର ବିଶ୍ୱାସ ନଥିଲା ଦିନରେ ଜନ୍ତୁ ଦେଖିବ ବୋଲି । ଏଇ ଶିକାରଟା ଆମର ଖୁବ୍ ଆମୋଦଦେଲା ତାକୁ – ଯଦିଓ ଆମେ କିଛି ମାରିନୁ । ପୁଅ କେବଳ ଗୋଟିଏ ବେଲୁରି ମୂଷା ଓ ଦୁଇଟା ହରଡ଼ ଚଢ଼େଇ ମାରିଥିଲା ସେଠି । ହେଲେ ଗାଡ଼ିଭର୍ତ୍ତି ଆନନ୍ଦ ଆମେ ପାଇଲୁ ସମସ୍ତେ ।

Digitized by srujanika@gmail.com

ଗଛ ଉପରେ ବାଘ

ଦିନ ଚାରିଟା ବେଳ । ଖରାତେଜ କମିଯାଇଥାଏ । ଆମେସବୁ ଥାନା ହତାରେ ବୋହୂଚୋରି ଖେଳୁଥାଉଁ । ଗୋଟିଏ ଚୌକିଦାର ତାର ବଲମକୁ ଧରି ଦୌଡ଼ି ଦୌଡ଼ି ଆସିଲା ଆମ ଘର ଆଡ଼କୁ । ମୁଁ ତାକୁ ଦେଖିଲାମାତ୍ରେ ଅନୁମାନକଲି ଯେ କଣ ଗୋଟିଏ ରୁମଟାଙ୍କୁରା ଖବର ନେଇ ଦୁଖୁ ଆସିଲା ବୋଧହୁଏ । ଏଇ ପନ୍ଦରମିନିଟ୍ ଆଗରୁ ତ ସେ ହାଜିରା ପକେଇ ଥାନା ବାରନ୍ଦାରୁ ତା'ର ବଲମ ଆଉ ପୋଷାକ ଧରି ଘରମୁହାଁ ବାହାରିଯାଇଥିଲା । ଡାକିଲି ଦୁଖୁକୁ ପାଖକୁ । ଧଇଁସଇଁ ହେଉଥାଏ ତ ଚୌକିଆପୁଅ – ଟିକେ ଦମ୍‌ମାରିସାରି କହିଲା ଯେ, ପାଖ ଗାଁର ଆମ୍ବତୋଟାଠେଇ ଗୋଟିଏ ବାଘ ବସିଛି । କଥାଟା ଶୁଣିକି ବିଶ୍ୱାସ ହେଲାନାହିଁ । ବେଳ ଏତେ ଅଛି – ଗାଁ ପାଖରୁ ବଣଟା ତ ମାଇଲିଏ ଦୂର – ବାଘଟା କେମିତି ଆମ୍ବତୋଟାକୁ ଆସିଲା ? ଆମର ଏଇପରିକା କଥାବାର୍ତ୍ତା ଆଉ ଦୁଖୁର ହାତହଲା ଠାଣିରେ ଥାନାର ସବୁଲୋକ ଆସି ରୁଣ୍ଡହେଲେ । ବାପା କୁଆଡ଼େ ଯିବାକୁ ବାହାରିଥିଲେ, ସେ ବି ଆସିଲେ । ଦୁଖୁଠୁ ପୁଣି ଥରେ ବାଘକଥା ଶୁଣିଲେ । ସେତେବେଳକୁ ଦୁଖୁର କଥା କହିବା ଭଙ୍ଗି ସାବିକ୍ ଢଙ୍ଗକୁ ଆସିଲାଣି । କଥାଟା ଟିକେ ସଫାହେଲା – ବାଘ ନୁହେଁ ନେଙ୍କଡ଼ା ବାଘ – ସେ ଅଞ୍ଚଳରେ କଲରାପତରିଆ ବାଘକୁ ନେଙ୍କଡ଼ା କହନ୍ତି । ନେଙ୍କଡ଼ାମାନେ ଗଛଚଢ଼ିପାରନ୍ତି । ଏଇ ନେଙ୍କେଡ଼ାଟା କାଲେ ରାତିରେ ଛେଳି ଧରିବାକୁ ଗାଁ ପାଖକୁ ଆସିଥିଲା – ସକାଳ ହେଇଗଲାରୁ ଆଉ ବଣକୁ ଫେରିପାରିନାହିଁ । ଆମ୍ବତୋଟାର ଝଙ୍କାଳିଆ ଗଛଡ଼ାଳରେ ଦିନଟା କଟେଇଥାଏ । ଦିନତମାମ ଗୋରୁ ଜଗାଳିମାନଙ୍କର ତ ସେ ତୋଟାରେ ଭିଡ଼ ହୁଏ – ସେ ନେଙ୍କଡ଼ା ଆଉ ତଳକୁ ଆସିପାରିନଥିଲା । ବେଳ ଗଡ଼ିଲାରୁ କୁଆମାନେ କାଳେ ନେଙ୍କଡ଼ାକୁ ଦେଖିପକେଇଛନ୍ତି ଆଉ କା, କା, କରି ସେ ଗଛଟା ଚାରିପାଖ ଉଡୁଚନ୍ତି । ଗାଁର ଲୋକେ କୁଆମାନଙ୍କର ଇମିତି ରଡ଼ି ଶୁଣି ଗାଁମୁଣ୍ଡକୁ ଆସିଲେ ଆଉ ନେଙ୍କଡ଼ାଟିକୁ ଦେଖିଲେ । ସେତିକିବେଳେ ଦୁଖୁ ସେ ବାଟରେ ତା' ନିଜ ଗାଁକୁ ଯାଉଥିଲା । ଗାଁର ଲୋକଙ୍କ ସାଙ୍ଗରେ ନିଜେ ଦେଖିଚି ସେ ନେଙ୍କଡ଼ାଟାକୁ – ହେ ଏତେ ବଡ଼ ମୁଣ୍ଡଟା ତା'ର – ମହାବଳ ବାଘ ପରିକା ହବ । ସେ ଗଛ ଉପରେ – ପଚାଶ ହାତ ଉଚ୍ଚରେ ଅଛି । ସବୁ ଶୁଣି ବାପା କହିଲେ, ହଉ ଥାଉ – ସଞ୍ଜ ହେଲେ ସେ ତାର ଚାଲିଯିବ ବଣକୁ, ବ୍ୟସ୍ତ ହବାର କିଛି

Digitized by srujanika@gmail.com

ନାହିଁ । ଏତକ ଶୁଣି ମୋର ତ ମନ ଖଟାହୋଇଗଲା । କଣ ହେଲା – ବାଘଟା ଗାଁ ଭିତରେ ଆଉ ଆମେ ଭକୁଆ ହେଇ ଚୁପ୍‌ଚାପ୍ ରହିବା ?

ସେତେବେଳେ ତ ମୋର ବୟସ ପନ୍ଦରବର୍ଷ । ଟୋକାରକ୍ତ କିନା – ଇମିତି ଶିକାର-ବିକାରରେ ମନ ଟକ ଟକ ହେଉଥାଏ ସବୁବେଳେ । ଏଇକ୍ଷଣି ଏତେ ପାଖରେ ଗାଁଟା – ଏତେ ସୁବିଧାରେ ଶିକାର ମଉକ ମିଳିବା କଣ କମ୍ ଭାଗ୍ୟର କଥା ! ସେ ସମୟରେ ତ ମୟୂରଭଞ୍ଜ ଜିଲ୍ଲାଟା ଗଡ଼ଜାତ ଥିଲା । ପ୍ରତାପଚନ୍ଦ୍ର ଭଞ୍ଜଦେଓ ସେତେବେଳେ ମହାରାଜା । ଭାରି ଟାଣୁଆ ମହାରାଜା ସେ – ଜନ୍ତୁଜୁନ୍ତାଙ୍କୁ ଭଲପାଆନ୍ତି । ଜଙ୍ଗଲରେ ଶିକାର କରିବା ମନା । ସେ ନିଜେ ବି ଖୁବ୍ ବେଶି ଶିକାରକରନ୍ତିନି । କାହିଁ କଦବା ସାଙ୍ଗପାଙ୍ଗ କି ପଲିଟିକାଲ୍ ଏଜେଣ୍ଟହେରିକା ରାଜ୍ୟକୁ ବୁଲିଆସିଲେ ଛୋଟକାଟର ଶିକାର ହୁଏ ଯେ ଦୁଇଚାରିଟା ଜନ୍ତୁ ମରାଯାଏ । ବାଘ ମାରିବାକୁ ଶକତ ମନା ଥାଏ । ଯଦି କଉଠି ବାଘ ଉତ୍ପାତ କରେ – ଗୋରୁଗାଈ ମାରେ କି ମଣିଷ ମାରେ ତେବେ ଥାନାବାବୁ କି ତହସିଲ୍‌ଦାର ବାବୁମାନଙ୍କୁ ଆଦେଶ ଥାଏ ସାଙ୍ଗେ ସାଙ୍ଗେ ଫୋନ୍‌ରେ ଖବର ଦବାକୁ । ବାରିପଦା ସାଙ୍ଗରେ ସବୁଥାନାରୁ ଫୋନ୍ କରିବାର ବ୍ୟବସ୍ଥା ଥିଲା ସେତେବେଳେ । ମହାରାଜା ସାହେବ ନିଜେ ଆସି ଗାଁରେ ଡେରାପକାନ୍ତି – ରାତିରେ ମଞ୍ଚାରେ ବସି ହଉ କି ଦିନବେଳେ ବାଘ ଯେଉଁ ବଣରେ ଥାଏ ସେଇଟାକୁ ପନ୍ତା କରି ହଉ ଉତ୍ପାତିଆ ବାଘକୁ ମରାଯାଏ । ଯଦି ମହାରାଜା ନଥାନ୍ତି, ମଝିରେ ମଝିରେ ମହାରାଜା ଯାଆନ୍ତି କଲିକତା ଦିଲ୍ଲୀ କି ଲଣ୍ଡନ – ସେତେବେଳେ ଆଉ କେହି ହେଲେ ବାଘ ମାରିପାରିବେନାହିଁ – ଅପେକ୍ଷା କରିବାକୁ ହୁଏ ମହାରାଜା ଫେରିବା ବାଟକୁ ଚାହିଁ । ନେଙ୍କଡ଼ା ବାଘ ପାଇଁ ମହାରାଜାଙ୍କର ଏତେ କଟକଣା ନଥାଏ । ନେଙ୍କଡ଼ାଟା ତ ଖୁବ୍ ନୁଙ୍ଗୁରା ଜନ୍ତୁ – ଛେଳି ଧରିବାକୁ ଗୁହାଳରେ ପଶେ । କୁକୁଡ଼ା ମାଙ୍କଡ଼ା ଧରିବାକୁ ବି ଘରେ ପଶିଯାଏ । କାହା ଘରେ ପଶିଗଲେ ସେ ଘରବାଲା ଯଦି ଜାଣିପାରିଲା ତ ବାହାରୁ କବାଟ କିଳିଦେଇ ଥାନାରେ ଖବରଦିଏ । ଥାନାବାବୁ ସାଙ୍ଗେ ସାଙ୍ଗେ ଫୋନ୍ କରନ୍ତି ବାରିପଦା – ମହାରାଜାଙ୍କ ପାଖକୁ, ଆଉ ପୁଲିସସାହେବଙ୍କ ପାଖକୁ । ଛୋଟ ଜନ୍ତୁ ବୋଲିକି କଣ ଏମିତି ବେଳରେ ମହାରାଜା ଆସନ୍ତିନି ପ୍ରାୟ – ପୁଲିସସାହେବ ଆସିକି ନେଙ୍କଡ଼ା ମାରନ୍ତି ।

ଦୁଖୁ ଖବରରୁ ତ ଜଣାଗଲା ଯେ ଏଇ ନେଙ୍କଡ଼ାଟାକୁ ଘର ଭିତରେ ଶିକୁଳି ଦେଇ ନାହାନ୍ତି – ସଞ୍ଜ ହେଲେ ସେ କୁଆଡ଼େ ଯିବ ଠିକଣା ନାହିଁ – କାହାକୁ ଘାଉଲା କରିବ କି କାହାର ପିଲାକୁ ମାରିଦେବ । ବାରିପଦାକୁ ଖବର ଦେଇକି ତ ଲାଭନାହିଁ; କାରଣ ସେଠୁ ଜଣେ କେହି ମୋଟରରେ ଆସୁ ଆସୁ ସଞ୍ଜ ହବ । ଆମକୁ ମାରିବାକୁ ହବ ଏଇ ଗଛ ଡାଳରେ ରହିଥିବା ନେଙ୍କଡ଼ାକୁ । ଥାନାରେ ତ ଗୋଟେ ବନ୍ଧୁକ ଅଛି – ଆଉ ଚିନ୍ତା କଣ ? ବାପା ତ ନାସ୍ତିକରୁଥାନ୍ତି । ଥାନାର ବନ୍ଧୁକଟା ଗୋଟେ ମାସ୍କେଟ୍ – ସେଥିରେ ମଣିଷକୁ ଛୋଟା କରିହବସିନା – ଜନ୍ତୁ ମାରିବା ପାଇଁ ସେ ବନ୍ଧୁକର ବଳ ନାହିଁ – ତା

Digitized by srujanika@gmail.com

ଛଡ଼ା ଗୁଳିଗୁଡ଼ାକ କଉ କାଳର – ଥାନାରେ ପଡ଼ିଚି ବର୍ଷ ବର୍ଷ ଧରି – ତା'ରି ଉପରେ ଭରସା କରି କିଏ ବାଘ ପାଖକୁ ଯାଏ ! ଏଇମିତି କେତେ କଣ କହିଲେ । ମୋର ତ ଟୋକାରକ୍ତ, ଗରମ ଥାଏ – ଭଗବାନବାବୁଙ୍କୁ ଡାକିଲି – ହାତରେ ଗୋଟେ ଠେଙ୍ଗା ଧରି ଚାଲିଲେ ଦେଖିବାକୁ ବାଘମରା ତାମସା ।

ବାପା ଯେମିତି ଦେଖିଲେ ଯେ ବଡ଼ପୁଅ ବାଘ ପାଖକୁ ଗଲାଣି, ସେ ବି ଚାଲିଲେ – ଥାନାର ସେଇ ମସ୍କେଟ୍‌ଟା ଆଉ ତା'ର ଯେତେ ଗୁଳି ଥିଲା ସବୁ ଜଣେ ସିପେଇ ଧରି ବାପାଙ୍କ ପଛେ ପଛେ ଚାଲିଲା । ଥାନାରୁ ସେ ଆମ୍ବତୋଟାଟା ପ୍ରାୟ ଦୁଇ କିଲୋମିଟର ହବ – ଆମେ ତ ଅଧେ ଦୌଡ଼ି ଅଧେ ବାଟ ଚାଲିକି ଗଲୁ – ସାଙ୍ଗେ ସାଙ୍ଗେ ପହଞ୍ଚିଗଲୁ । ଗାଁମୁଣ୍ଡରେ ଅନେକ ଲୋକ ଜମାହୋଇଥାନ୍ତି । ଭେଣ୍ଡିଆମାନେ ସବୁ କାଣ୍ଡବାଉଁଶ – ସେଠି ତୀରଧନୁକୁ କାଣ୍ଡବାଉଁଶ କହନ୍ତି, ଧରିଥାଆନ୍ତି । ମାଇପେ ଧରିଥାନ୍ତି ଦା ଆଉ ବୁଢ଼ାମାନେ ହାତରେ ଖଣ୍ଡେ ଖଣ୍ଡେ କଟୁରି । ଆଉ ସମସ୍ତେ ଯେମିତି ବେକ ଟେକି ଠିଆହୋଇଥାନ୍ତି । ସମସ୍ତଙ୍କର ହାତଗୋଡ଼ ଯେମିତି ଆବେଗରେ ଖଳବଳ ହଉଥାଏ । ଭଗବାନବାବୁ ଆଉ ମୁଁ ଯେମିତି ପହଞ୍ଚିଗଲୁ ସେଠି – ସେ ଗାଁର ଜଣେ ଟୋକା କହିଲା ଯେ, ସେ କାଣ୍ଡ ମାରି ନେଙ୍କଡ଼ାଟାକୁ ଖସାଇଦେଇପାରିବ । ମୁଁ ତାକୁ ମନାକଲି – କାଣ୍ଡରେ ତ ଖାଲି ଘାଉଲା ହେବ ସିନା – ବନ୍ଧୁକ ଗୁଳିରେ ମରିଯିବ । ମୋର ତ ସେତେବେଳେ ବନ୍ଧୁକ ବିଷୟରେ ଧାରଣା କିଛି ନଥିଲା । ଟିକେ ପରେ ବାପା ପହୁଞ୍ଚିଲେ; ସାଙ୍ଗରେ ରାମ ସିପେଇ ବନ୍ଧୁକ ଧରି ଆସିଥାଏ । ସବୁ ସେଇଠି ରୁଣ୍ଡ ହୋଇ ଦେଖିଲୁ – ଗଛ ଉପରେ – ପ୍ରାୟ କୋଡ଼ିଏ ହାତ ଉଚ୍ଚରେ ଗୋଟିଏ ମୋଟା ଡାଳର ସନ୍ଧିରେ ମୁଣ୍ଡରଖି ଶୋଇଥାଏ । କାହାଣେ ହବ କୁଆ ଆଉ ବଣି; କା-କା ଚେଁ-ଚେଁ କରି ଉଡୁଥାନ୍ତି ଗଛର ଚାରିପାଖେ । ଆମେ ପ୍ରାୟ ଶହେମିଟର ଦୂରରେ ଠିଆହେଇଥାଉ – ଖରା ପଡ଼ିଥାଏ; କଅଁଳିଆ ଖରା । ସେତେବେଳକୁ ସୂର୍ଯ୍ୟ ଯାଇ ପଶ୍ଚିମ ପାଖର ପାହାଡ଼ ଚୂଳି ଛୁଇଁବାକୁ ହେଲେଣି । ବାପା ରାମଠୁ ବନ୍ଧୁକଟି ନେଇ ଗୋଟିଏ ଟୋଟା ପୂରେଇଲେ । ସେ ମାସ୍କେଟ୍‌ରେ ଥରକୁ ଗୋଟିଏ କରି ଟୋଟା ଦିଆହୁଏ । ଆଗରୁ ତ ବାପା ମୋତେ କହିଥାନ୍ତି ଯେ ସେ ହଜାରିବାଗରେ ଟ୍ରେନିଂ ନେଉଥିଲା ବେଳେ ଚାନ୍ଦମାରୀ ଭଲକରୁଥିଲେ । ବିହାର-ଓଡ଼ିଶାରେ ପରା ସେ ତିନିଜଣଙ୍କ ତଳକୁ ଥିଲେ । ମୋର ଖୁବ୍ ଭରସା ଥାଏ ଯେ ଗୁଳି ଫୁଟିଲାମାତ୍ରେ ସେ ନେଙ୍କଡ଼ାଟା ଠପ୍ କିନା ତଳେ ପଡ଼ିବ । ବାପା ଖୁବ୍ ମନଲଗେଇକି ଲାଖ କଲେ – ଆମେସବୁ ନିଶ୍ୱାସ ବନ୍ଦକରି ବେକ ଲମ୍ବେଇ ଅନେଇଥାଉ । ଗାଁବାଲାମାନେ କେହି କେହି କାନରେ ହାତ ଦେଇଥାନ୍ତି । ବନ୍ଧୁକ ଫୁଟିଲେ କାଳେ ଖୁବ୍ ବଡ଼ ଆୱାଜ୍ ହୁଏ – କାନର ପରଦା ଜଖମ ହେଇଯିବ ଯେ । ଅନେଇଚୁ – ମିନିଟିଏ ଗଲା । ବାପା ବନ୍ଧୁକକୁ କାନ୍ଧରେ ରଖି ଲାଖକରିବାରେ ମନଦେଇଥାନ୍ତି – ଫେର୍ ମିନିଟିଏ ଗଲା – ଠପ୍‌କିନି ଶବ୍ଦ ହେଲା – ବନ୍ଧୁକ ଫୁଟିଲାନି । ବାପା ନିଃଶ୍ୱାସଟିଏ ପକେଇ ବନ୍ଧୁକକୁ କାନ୍ଧରୁ ଉତାରି ବ୍ରିଚ୍ (ବନ୍ଧୁକରେ ଯେଉଁଠି ଗୁଳି ଭର୍ତ୍ତି କରାଯାଏ ସେଇଟାକୁ ବ୍ରିଚ୍ ବୋଲି କହନ୍ତି)

Digitized by srujanika@gmail.com

ଖୋଲି ଚୋଟାଟା କାଢ଼ିଦେଲେ । ପୁରୁଣା ଗୁଳି କି ନା, ଫୁଟିଲାନାହିଁ । ରାମ ଆଉ ଗୋଟିଏ କାର୍ତ୍ତୁସ୍ କାଢ଼ି ବାପାଙ୍କ ହାତକୁ ବଢ଼ାଇଦେଲା । ବାପା ପୁଣି ଥରେ ବନ୍ଧୁକରେ କାର୍ତ୍ତୁସ୍ ପୂରେଇ ବନ୍ଧୁକକୁ କାନ୍ଧକୁ ଉଠେଇ ଲାଖକଲେ । ଏଥର ଖୁବ୍ ଜଲ୍‌ଦି ବନ୍ଧୁକ ଫୁଟିଲା – ସାଙ୍ଗେ ସାଙ୍ଗେ ସେ ନେଙ୍କଡ଼ାଟା ବିଜୁଳି ବେଗରେ ଓହ୍ଲେଇଲା । ସେ ଓହ୍ଲେଇଲା ନା ପଡ଼ିଗଲା ଜଣାଗଲାନାହିଁ । ତଳକୁ ଆସି ଆମ ଆଡ଼କୁ ଦୌଡ଼ିଆସିଲା । ପିଲା ମାଇପେ ଛିନ୍‌ଛତ୍ର ହେଇ ପଳେଇଗଲେ । ତଳେ ଥାଉଁ କେବଳ ଆମେ କେଇଜଣ, ଆଉ ଗାଁର ସେ ଟୋକା – ହାତରେ ତାର କାଣ୍ଡବାଉଁଶ । ବାପା ବନ୍ଧୁକର କାର୍ତ୍ତୁସ୍ ଖୋଳଟା କାଢ଼ି ଆଉ ଗୋଟିଏ ଗୁଳି ପୂରେଇଦେଲେ ।

ନେଙ୍କଡ଼ା ତ ବିଜୁଳି ପରି ଆମ ଆଡ଼କୁ ଆସିଲା । ସମସ୍ତେ ପାଟିକଲେ – ଠେଙ୍ଗା ସବୁ ଉଞ୍ଚେଇଲେ । ସେଇଠୁ ବାଘଟା ଗାଁ ଭିତରକୁ ପଶିଲା । ଜଣକ ଘର ବାରନ୍ଦା ବାଟେ ଗୁହାଳରେ ପଶିଲା । ଲୋକମାନେ ହୋ-ହୋ ପାଟିକରି ଦୌଡ଼ିଲେ ସେ ଗୁହାଳ ପାଖକୁ । ନେଙ୍କଡ଼ା ସେଇଠୁ ଆସି ତା' ବାରିରେ ଯଉ ଆମ୍ବଗଛଟା ଥିଲା ସେଇଠି ଚଢ଼ିଗଲା ଉପରକୁ । ଚାରିପାଞ୍ଚ ବର୍ଷର କଞ୍ଚଗଛ ତ, ପତର ଖୁବ୍ ଗହଳିଆ ହେଇଥାଏ । ସେଇ ପତରଗହଳିରେ ଲୁଚିବାର ଚେଷ୍ଟା କରୁଥାଏ । ବାପା, ମୁଁ ଆଉ ରାମ ବାଡ଼ ଡେଇଁ ଆମ୍ବଗଛ ମୂଳକୁ ଯିବାପାଇଁ ଚେଷ୍ଟାକରୁଥାଉ – ସେ ଯେଉଁ ଟୋକା କାଣ୍ଡବାଉଁଶ ଧରିଥିଲା ସେ ଯାଇକି ଗଛତଳେ ଉଣ୍ଡି ଉଣ୍ଡି ଗୋଟିଏ ତୀର ମାରିଦେଲା । ତୀରଟା ଯାଇ ନେଙ୍କଡ଼ାର ଆଗ ଗୋଡ଼ର ଛକା ଓ ବେକ ମଝିରେ ବିନ୍ଧି ହେଇଗଲା । ବାଜିଲାକ୍ଷଣି ସେ ବାଘ ତ ରଡ଼ି କଲା ଖୁବ୍ ଜୋରରେ – ମାଇପେ ଓ ପିଲା ଯେତେ ସେଠି ରୁଣ୍ଡହୋଇଥିଲେ ସବୁ ଯେ ଯାହାର ଘର ଭିତରକୁ ପଳେଇଗଲେ । ମୁଁ ଗଛମୂଳଯାଏ ଯାଇ ଦେଖିଲି ସେ ଡାଳର ଫାଙ୍କୁଡ଼ାରେ ବାଘ ଲଟକିଥାଏ ଆଉ ଘାଉଁ ଘାଉଁ ହେଇ ସେ ତୀରର ସରଟାକୁ କାମୁଡୁଥାଏ । ଯେମିତି ମୋତେ ଦେଖିଚି ନା ଖପ୍‌କିନା ମାଇଲା କୁଦା ଯେ ଆସି ମୋ ଗୋଡ଼ ପାଖରେ ନଥିକିନି ପଡ଼ିଲା । ମୁଁ ତ ଛାନିଆ ହେଇ ପଛକୁ ଡେଇଁପଡ଼ିଲି ପାଞ୍ଚକଦମଯାଏ । ଦେଖେ ଯେ ସେ ନେଙ୍କଡ଼ାର ଆଗ ଗୋଡ଼ ଜଖମ ହେଇଚି । ମାଙ୍କଡ଼ ଯେମିତି ଦାନ୍ତ ଦେଖେଇ ଖତେଇହୁଏ, ସେଇପରିକା ଦାନ୍ତ ବାହାର କରି ଗାଉଁ ଗାଉଁ କରୁଥାଏ ! ବାପା ପଛରୁ ପାଟିକଲେ ମୋତେ ସେଠୁ ହଟିଯିବାକୁ – ବନ୍ଧୁକ ଫଏର କରିବେ । ସେତେବେଳକୁ ସେଠି ଲୋକବାକ ଚାରିପାଖ ଘେରିଗଲେଣି – ନେଙ୍କଡ଼ା ମଝିରେ, ଆଉ ଚାରିପାଖେ ଲୋକ । ବନ୍ଧୁକ ମାରିବା ହେଇପାରିଲାନି । ଜଣେ ସିପେଇ ସେଠୁ ପାଟିକରି ସାମନା ପାଖରୁ ସମସ୍ତଙ୍କୁ ହଟିଯିବା ପାଇଁ କହିଲା । ସାଙ୍ଗେ ସାଙ୍ଗେ ସେ ପାଖଟା ଫାଙ୍କାହେଇଗଲା । ଖୁବ୍ ଲାଖକରି ବାପା ଫୁଟେଇଲେ ଗୁଳି । ଗୋଟେ ଗୁଳିରେ ବାଘଟା ଶୋଇଗଲା – ଫେର୍ ଗୋଟେ ଗୁଳି ଫୁଟିଲା – ଇମିତି ଇମିତି ସବୁ ଗୁଳିତକ ଫୁଟାଗଲା । ସବୁ ହେଇ ସେଠି ନଅଟା କାର୍ତ୍ତୁସ୍ ଥିଲା । ସବୁତକ ଫୁଟିଲା – ହେଲେ ନେଙ୍କଡ଼ାଟା ସିନା ମାଟିରେ ପଡ଼ିଥାଏ – ମରିନଥାଏ । ମଝିରେ ମଝିରେ ଘାଉଁ ଘାଉଁ

Digitized by srujanika@gmail.com

ହେଉଥାଏ । ଗାଁଯାକର ଲୋକ ସେତେବେଳକୁ ବଡ଼ ଭୟକଲେଣି । ବାଘଟା ନିଶ୍ଚେ କଉ ଦେବତା ହେଇଥିବ – ନହେଲେ କି ଏତେ ଗୁଳି ବାଜିକି ବି ମରୁନାହିଁ ! ଏଣେ ବାପାଙ୍କର ଭାରି ଚିନ୍ତା ହେଲାଣି ଯେ, ସଞ୍ଜ ହେଇଆସୁଚି – ଶୀଘ୍ର ବାଘକୁ ମରାନଗଲେ ରାତିବିତି ଗାଁରେ କେତେ ଲୋକଙ୍କୁ ଘାଉଲା କରିପାରେ । ବନ୍ଧୁକର କାର୍ତ୍ତୁସ୍ ତ ସରିଗଲା – ଯାହା ବି ଥିଲା ସେଗୁଡ଼ାକ ପୁରୁଣା – ବନ୍ଧୁକଟା ଫେର୍ ଗୋଟେ ଛୋଟ ମାସ୍କେଟ୍ – ଗୁଳି ବାଜି ବି ନେଙ୍କଡ଼ାଟା ମରୁନାହିଁ । ରାମ ସିପେଇକୁ ସେଇଠୁ ଗୋଟିଏ ଚିଠି ଦେଇ ପଠେଇଲେ ମୁରୁଡ଼ା ସର୍ଦ୍ଦାରଙ୍କ ଘରକୁ । ତାଙ୍କର ଗୋଟିଏ ଦୁଇନଳିଆ ବାରବୋର୍‌ର ବନ୍ଧୁକ ଥାଏ । ସେ ବନ୍ଧୁକ ଆଉ ଆଠଦଶଟା ଏଲ୍‌ଜି କି ବଲ୍ କାର୍ତ୍ତୁସ୍ ଧରି ଆସିବ । ସର୍ଦ୍ଦାରଙ୍କ ପୁଅମାନଙ୍କ ଭିତରୁ ଯିଏ ଥିବେ ତାଙ୍କୁ ଡାକିଆଣିବ – ସଞ୍ଜ ହବା ଆଗରୁ । ଆଉ ଜଣକୁ ପଠାହେଲା ଥାନାକୁ ଯେ ସେ ଦୁଇଟା ଖଣ୍ଡେ କିରାସିନି ପାମ୍ପଲାଇଟ୍ ନେଇ ଆସିବ । ଆଉ ଯେତେ ପାରିବ ତିନିସେଲିଆ କି ପାଞ୍ଚସେଲିଆ ଟର୍ଚ୍ଚ ବି ନେଇଆସିବ । ସାଇକେଲ ଧରି ସେମାନେ ଗଲା ପରେ ଆମେ ଆଉ ଗାଁର ଲୋକମାନେ – ପ୍ରାୟ ଶହେଜଣ ହେବେ – ସେଇଠି ଜଗିଲୁ । ନେଙ୍କଡ଼ାଟା ଗୋଟେ ହଳ କରାହେଇଥିବା ପଡ଼ିଆରେ ପଡ଼ିଥାଏ – ମଝିରେ ମଝିରେ ଗାଉଁ ଗାଉଁ ହେଉଥାଏ – ଆମେ ତା ଚାରିପାଖେ ଶହେହାତ ଦୂରରେ ଜଗିଥାଉ । ଆସ୍ତେ ଆସ୍ତେ ସଞ୍ଜ ହେଇଆସୁଥାଏ – ଆମେ ବଡ଼ ବ୍ୟସ୍ତହଉଥାଉ ସିପେଇମାନେ ଫେରୁନାହାନ୍ତି କାହିଁକି ବୋଲି ।

ଠିକ୍ ଅନ୍ଧାର ହବା ଆଗରୁ କାମିନୀ – ସେ ସର୍ଦ୍ଦାରଙ୍କର ସାନପୁଅ, ମୋ ସାଙ୍ଗରେ ପଢୁଥିଲା – ତାଙ୍କର ଦି'ନଳିଆ ବାରବୋର୍ ବନ୍ଧୁକ ଆଉ ଆଠଟା ଛର୍‌ରା ଧରି ଆସି ପହଞ୍ଚିଲା । ସାଙ୍ଗେ ସାଙ୍ଗେ ବନ୍ଧୁକରେ ଦୁଇଟା କାର୍ତ୍ତୁସ୍ ଭର୍ତ୍ତି କରି କାମିନୀ ବାଘ ଉପରକୁ ଗୁଳି କଲା – ବାଘ ତ ଘାଉଁ ଘାଉଁ କରି ଚିହିଙ୍କି ଆସିଲା ଆମ ଉପରକୁ – ସମସ୍ତେ "ହାଉ ହାଉ – ଖାଇଲା ଲୋ" ପାଟିକରି ଛିନ୍‌ଛତ୍ର ହୋଇଗଲେ । ମନେହେଲା ନେଙ୍କାଡ଼ାଟା ସିଧା ମୋରି ଆଡ଼କୁ ଆସୁଚିବୋଲି – ମୁଁ ଗୋଟିଏ ପାଞ୍ଚହାତିଆ ଠେଙ୍ଗା ଧରିଥାଏ ତ – ସେଇଟାକୁ ଉଁଚାଇକି ଅନେଇ ରହିଲି – ମୋ ପଛକୁ ଗୋଟିଏ ଦରବୁଢ଼ା ଲୋକ ଥିଲା, ସେ ଡରିଗଲା ବୋଧହୁଏ । ନେଙ୍କଡ଼ା ପାଖରେ ହେଲାରୁ "ଖାଇଲା ଲୋ" କହି ଦୌଡ଼ିଲା । ଏଣେ ବାଘଟା ଖପ୍‌କରି କୁଦା ମାରି ତା ଉପରେ ପଡ଼ିଲା – ଦିହେଁଯାକ ପଡ଼ିଗଲେ ମାଟିରେ – ବାଘର ଘାଉଁ ଘାଉଁ ଆୱାଜ ସାଙ୍ଗରେ ସେ ଲୋକର "ଖାଇଗଲା ଲୋ, ମରିଗଲି ଲୋ, ଓ ଓ" ଶବ୍ଦ ଶୁଭୁଥାଏ । ମୁଁ ତାଟକା ହୋଇ ସେଇଠି ଖୁଣ୍ଟପାଲଟିଗଲି ଏକଥା ଦେଖି । ପାଖରେ ଜଣେ ସିପେଇ ଥିଲା – ପରଶୁ – ତା' ହାତରେ ଗୋଟିଏ ଛୋଟ ବେତ ଥିଲା । ସେ ଯାଇକି ସେ ନେଙ୍କଡ଼ାକୁ ବେତରେ ପିଟି ପିଟି କହୁଥାଏ "ଛାଡ଼ ଛାଡ଼ ଛାଡ଼" ବୋଲି । ନେଙ୍କଡ଼ା ସେ ବେତମାଡ଼ ଖାଇ ଛୋଟେଇ ଛୋଟେଇ, ଘୁଷୁରି ଘୁଷୁରି ଗଲା ଫେର ସେଇ ପଡ଼ିଆ ମଝିକୁ । ସେତେବେଳକୁ ପେଟ୍ରୋମାକ୍ସ ଆଲୁଅଟିଏ ଜଳିଲାଣି । ଅନ୍ଧାର ମାଡ଼ି ଆସିଲାଣି । ସେଇଠୁ ଗୋଟିଏ

Digitized by srujanika@gmail.com

ସଭା ବସିଲା ସେଇଠି – ଲଢ଼େଇ ବେଳେ ଯେମିତି ସେନାପତିମାନେ ସଭାକରନ୍ତି ସେଇମିତି ଖୁବ୍ ଟାଣୁଆ ସଭା – ଗାଁର ବୁଢ଼ା ବୁଢ଼ା ଲୋକ୍‌ମାନେ ଆଉ ଆମେ – ବାପା ହେଲେ ସଭାପତି । ବହୁତ ତର୍କ-ବିତର୍କ ପରେ ଠିକ୍‌ହେଲା ଯେ ଛର୍‌ରା ଗୁଳିରେ ତ ବାଘ ମରୁନାହିଁ – ରାତିଟାଯାକ ସେଇଠି ମଶାଲ ଜାଳି ଗାଁର ଭେଣ୍ଡିଆ ଟୋକାମାନେ ଆଉ ପାଖଆଖ ଗାଁର ଚୌକିଦାରମାନେ ଏକଜୁଟ ହୋଇ ବାଘକୁ ଜଗିବେ, ସକାଳେ ବାରିପଦାରୁ ପୁଲିସସାହେବ ତାଙ୍କର ବନ୍ଧୁଆ ରାଇଫଲ୍ ଧରି ଆସି ତା'କୁ ମାରିବେ । ଯଉ ଲୋକକୁ ବାଘ କାମୁଡ଼ିଲା ତାକୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନାକୁ ନେଇଯିବାକୁ ହବ – ନେଙ୍କଡ଼ାର ଦାନ୍ତ ନଖ ବାଜିଲେ ଘା ସାଙ୍ଗେ ସାଙ୍ଗେ ସେପ୍‌ଟିକ୍ ହବ – ପଚିଯିବ – ଶୀଘ୍ର ଡାକ୍ତରବାବୁ ତାକୁ ଦେଖିବା ଦରକାର । କାମିନୀ ବହୁତ ଜିଗର କଲା ଯେ ଆଉଥରେ ଗୁଳି କରିବାକୁ । ରାତିଟାଯାକ ଲୋକ ଅନିଦ୍ରା ହୋଇ କାହିଁକି ଜଗିବେ – ଏଇକ୍ଷଣି ମାରିଦେଲେ ଭଲହବନି କି ? ସମସ୍ତେ ଆମେ ହଁଭରିଲୁ । ସେ ସେଇଠୁ ବାଛି ବାଛି ଗୋଟିଏ କଣ ଭାରୀ ଭଲ କାର୍ତ୍ତୁସ୍ ବନ୍ଧୁକର ଚେମ୍ବାରରେ ପୂରେଇ ଉଠି ଠିଆହେଲା । ପରଶୁକୁ କହିଲା ଟର୍ଚ୍ଚ ଦେଖେଇବା ପାଇଁ । ଟର୍ଚ୍ଚ କାଳେ ଭଲ ଦିଶିଲାନାହିଁ । ପମ୍ପଲାଇଟ୍‌ବାଲାକୁ କହିଲା, ଟିକେ ପାଖକୁ ଯାଇ ଉଚ୍ଚା କରି ଧରିବାକୁ – ଏଇସବୁ ବନ୍ଦୋବସ୍ତ ହଉଥାଏ; ନେଙ୍କଡ଼ାଟା ପଡିଥାଏ । କାମିନୀ ଖୁବ୍ ଅନିସା କରି ଲାଖ କରିଥାଏ – ବନ୍ଧୁକ ଫୁଟିଲା ଗୁଡୁମ୍ । ମୋ ସାମନାରେ ବନ୍ଧୁକର ଧୂଆଁ ଭର୍ତ୍ତି ହୋଇଗଲା – କିଛି ସମୟ ମୋତେ ଆଉ କିଛି ଦିଶୁନଥାଏ – ଶୁଣିଲି "ଖାଇଲା ଲୋ" – ଟିକେ ପରେ ଧୂଆଁ ସଫାହେଲା । ଦେଖେ ତ ନେଙ୍କଡ଼ାଟା ପେଟ୍ରୋମାକ୍ସ ଲାଇଟ୍‌ଟାକୁ ମାଡ଼ିବସିଚି ଆଉ ଘାଉଁ ଘାଉଁ ହୋଇ ତା ଉପରର ଲୁହାକୁ ଚୋବାଉଥାଏ – ନିଆଁରେ ତା'ର ନିଶ ମୁହଁ ପୋଡ଼ିଗଲା କି କଣ ଟିକେ ପରେ ଛାଡ଼ିଦେଲା – ଆଲୁଅଟା ଭସ୍ ଭସ୍ ହେଇ ଜଳିଉଠିଲା, ଆଉ ଲିଭିଗଲା । ଆଉ ସେମିତି ତୋଫା ଆଲୁଅ ତ ନଥାଏ – ଦୁଇଚାରିଟା ମଶାଲ ଆଉ ଡିବିରି ଥାଏ ସେଠି ଚାରିପାଖରେ । ସେତିକି ଆଲୁଅ ଧରି ଆମେ ସେ ନେଙ୍କଡ଼ାକୁ ଘେରିକି ରହିଲୁ । ରାତି ବେଶି ହେଲାରୁ ବାପା କହିଲେ ଆମେ ଫେରିଯିବୁ ଘରକୁ । ସେଇଠୁ ଫୋନ୍ କରିବା ବାରିପଦାକୁ – ମହାରାଜା ଆସନ୍ତୁ କି ପୁଲିସସାହେବ ଆସନ୍ତୁ ଭୋର ସକାଳୁ ଆସି ବାଘଟାକୁ ମାରିଦିଅନ୍ତୁ ବୋଲି ଅନୁରୋଧ କରିବାକୁ ହବ । ରାତିରେ ସେ ଗାଁଲୋକେ ହୁସିଆର ରହିବେ – ଅଳ୍ପ କେତେଜଣ ଖାଲି ନେଙ୍କଡ଼ାଟା ଉପରେ ନଜର ରଖିବେ । ଶକ୍ତ ଘାଉଲା ହେଇଚି ତ, କୁଆଡ଼େ ଯାଇପାରିବନି । ଏଇମିତି ତାଗିଦ୍ କରିଦେଇ ଆମେ ଘରକୁ ଆସିଲୁ । ସେଦିନ ରାତିରେ ତ ଆଉ ଖାଇବାକୁ ରୁଚିଲାନି କି ନିଦ ବି ହେଲାନି । ସିନ୍ଦୂରାଫାଟିବାକ୍ଷଣି ମୁଁ ଯାଇ ବାପାଙ୍କୁ ପଚାରିଲି କିଏ ଆସିବ ବାରିପଦାରୁ । ବାପା ତ ରାତିଥାଇ ଉଠନ୍ତି – ତାଙ୍କର ଦାନ୍ତପତ୍ର ଘଷା କାମ ସରିଥାଏ ସକାଳ ହବା ଆଗରୁ । ମୋତେ ଏତେ ସକାଳୁ ଦେଖି କହିଲେ ଯେ ବାରିପଦାରୁ ଶିକାରୀ ଆସୁ ଆସୁ ଦିନ ଦଶ ହବ – ମହାରାଜାଙ୍କର ଭାଇ ଧ୍ରୁବେନ୍ଦ୍ରଚନ୍ଦ୍ର ଆସିପାରନ୍ତି ।

Digitized by srujanika@gmail.com

ସକାଳ ପହରଟା ସେଦିନ ବଡ଼ ଲମ୍ବା ହେଲାପରିକା ଜଣାଗଲା – ପ୍ରତି ମିନିଟ୍‌ଟା ଘଣ୍ଟାଏ ପରି ଲାଗିଲା । ଯାହାହଉ ଦିନ ନଅଟା ବେଳକୁ ଗୋଟିଏ ମୋଟରକାର୍ ଆସିଲା – ସେଥିରେ ଧ୍ରୁବେନ୍ଦ୍ରଚନ୍ଦ୍ର ଆଉ ତାଙ୍କର ସାଙ୍ଗ – ଚାକରବାକର ଦି' ଜଣ ମଧ୍ୟ ଆସିଥାନ୍ତି । ସମସ୍ତେ ମିଶି ସେ ଗାଁକୁ ଗଲୁ । ସେଠି ଶୁଣିଲୁ ଯେ ବାଘଟା ଜଣକ ଘରେ ପଶିଚି, ତାକୁ ବାହାରୁ ଶିକୁଳି ଦିଆହୋଇଚି । ସେ ଘରର ମାଲିକ ଜଣେ ବୁଢ଼ୀ ଲୋକ । ସେ କାଲି ରାତିରୁ ତା' ଭାଇ ଘରକୁ ଯାଇଚି । ଯାଇକି ଦେଖୁ ତ ଘରଟା ଛୋଟ ମାଟିଘର – କୁଟାରେ ଚାଳଟା ଛାଇଚନ୍ତି । ସେ ଜାଗାରେ ନଡ଼ାକୁ କୁଟା ଆଉ ଛପରକୁ ଚାଳ କହନ୍ତି । ଜଣେ ଟୋକା ସେଇ ଚାଳକୁ ଉଠିଗଲା – ଦୁଇ ତିନି ଜାଗାରେ କୁଟା ଚିରି କଣାକରି ବାଘକୁ ଠାବ କରିବାର ଚେଷ୍ଟାକଲା । ଆମେ ତଳେ ଠିଆହୋଇଥାଉ, ବ୍ୟସ୍ତ ହଉଥାଉ । ଧ୍ରୁବେନ୍ଦ୍ରଚନ୍ଦ୍ର ଗୋଟିଏ ଦି'ନଳିଆ ରାଇଫଲ୍ ଧରି ଘର ଚାରିପଟେ ଘୂରୁଥାନ୍ତି । ଅନେକ ଚେଷ୍ଟା ପରେ ସେ ଟୋକା କହିଲା ଯେ ଉପରଆଡୁ କିଛି ଦିଶିବନି – ସେ ବାଘ ପରା ଆଟୁତଳେ ପଶିଚି । ସେଇଠୁ ପାଖ ଘରୁ ଗୋଟିଏ ଶାବଳ ମାଗିଆଣିଲେ । ଘରର କାନ୍ଥ କଣା କରାଗଲା । ଦୁଇ ଚାରିଟା କଣା ହେଲା ପରେ ସେଇ କଣାବାଟେ ବାଘର ମୁଣ୍ଡର ଗୋଟିଏ ଅଂଶ ଦିଶିଲା ।

ନେଙ୍କଡ଼ାଟା ଆଟୁତଳେ ଶୋଇଚି – ବଡ଼ କଷ୍ଟରେ ଦେହଟାକୁ ଘୋଷାରି ଘୋଷାରି ଏପାଖ ସେପାଖ ଯାଉଥାଏ । ଯଉଆଡୁ ଆଲୁଅ ପଡୁଚି ସେପଟୁ ଆରପଟକୁ ଯାଉଥାଏ । ଧ୍ରୁବେନ୍ଦ୍ରଚନ୍ଦ୍ର ଏକଣାରୁ ସେକଣା ହେଲେ କିଛି ସମୟ – ତା'ପରେ ଚାଳରୁ ଗୁଡ଼ାଏ କୁଟା ଉଲାରିପକାଇଲେ ତଳକୁ – ଘର ଭିତରକୁ ବେଶି ଆଲୁଅ ପଡ଼ିଲାରୁ ଭଲ ଦିଶିଲା ବୋଧହୁଏ, ଧ୍ରୁବେନ୍ଦ୍ରଚନ୍ଦ୍ରଙ୍କର ରାଇଫଲ୍ ଫୁଟିଲା ଗୁଡୁମ୍ । ବାଃ ବାଃ, ରାଇଫଲ୍‌ର ଆୱାଜ୍ ଏତେ ଜୋର୍‌ରେ ହୁଏ ! ଚାଳ ଉପରୁ କାନ୍ଥ କରରୁ ଦେଖଣାହାରୀ ଢେର୍ ଥିଲେ ତ; ସମସ୍ତେ କହିଲେ ମରିଚି ମହାପ୍ରୁ । ଯଉ ଟୋକା ଚାଳ ଉପରକୁ ଉଠିଥିଲା ସେ ଘର ଭିତରେ ପଶି ନେଙ୍କଡ଼ାକୁ ଟାଣିଆଣିଲା ପଦାକୁ । ଦେଖିଲୁ ଯେ ତା ଦିହଯାକ କଣାହୋଇ ପାଣି ପୂଜ ବାହାରୁଥାଏ । ଧ୍ରୁବେନ୍ଦ୍ରଚନ୍ଦ୍ରଙ୍କର ମନ ବଡ଼ ଖରାପହେଲା ଯେ ଚମଡ଼ାଟା ଖରାପହେଇଯାଇଚି ବୋଲି । ଆଉ କଣ ହବ – କାଲି ସଞ୍ଜବେଳେ ତ ସାତଆଠ ମାସ୍କେଟ୍ ଗୁଳି ଆଉ ଦୁଇତିନି ବାରବୋର୍‌ରୁ ଛର୍‌ରା ବାଜିଚି ତା' ଦେହରେ । ସବୁ ଗୁଳି ବାଜିଚି ତା ଦିହରେ । ଏତେଗୁଡ଼ିଏ ଗୁଳି ବାଜିକି ବି ଜନ୍ତୁଟା କିମିତି ମରିନଥିଲା ! ଆମେସବୁ ଆଚମ୍ଭିତ ହେଲୁ । ଧ୍ରୁବେନ୍ଦ୍ରଚନ୍ଦ୍ର ମୋତେ ବୁଝେଇଦେଲେ ରାଇଫଲ୍ ମାସ୍କେଟ୍ ଆଉ ବାରବୋର୍‌ର କଥା – ବାରବୋର୍ ବନ୍ଧୁକକୁ ଏବେ ସାଧାରଣରେ କହନ୍ତି ଟୁଏଲଭ୍‌ବୋର୍ ଗନ୍ । ସେଇଠୁ ମୁଁ ଜାଣିଲି ଯେ ଶିକାର ପାଇଁ ଢେର୍ ପ୍ରକାର ଅସ୍ତ୍ରଶସ୍ତ୍ର ଦରକାରହୁଏ । ସେ ନେଙ୍କଡ଼ାଟାକୁ ଭୂଇଁରେ ଲମ୍ବାକରି ଶୁଆଇ ତାର ମାପ ନିଆଗଲା । ମାପ ନବାର ବି ଗୋଟିଏ ପ୍ରକାର ନିୟମ ଅଛି । ଜନ୍ତୁଟାକୁ ମାଟିରେ ଚିତ୍‌କରି ଶୁଆଇଦିଆଗଲା । ଲାଞ୍ଜକୁ ସିଧାକରି ତା'ର ଶେଷ ଚୂଳି ପାଖରେ ଗୋଟିଏ ଛୋଟ କିଳା ପୋତାହେଲା । ଆଉ

Digitized by srujanika@gmail.com

ମୁଣ୍ଡକୁ ସିଧା କରି ନାକକୁ ଲାଗି ଆଉଗୋଟେ କିଲା ପୋତାହେଲା । ତା'ପର ଜନ୍ତୁଟାକୁ ସେଠୁ ଉଠାଇ ନେଇ ସେଇ ଦୁଇ କିଲା ମଝିର ତଫାତ୍‌ଟାକୁ ମାପିବାରେ ଜମା ପାଞ୍ଚଫୁଟ ସାତ ଇଞ୍ଚ ହେଲା । ଧ୍ରୁବେନ୍ଦ୍ରଚନ୍ଦ୍ରଙ୍କ ମନଟା ତ ଆଗରୁ ଖଟାହେଇଥିଲା ଯେ ଚମଡ଼ାଟା ଖରାପ ହେଇଯାଇଥିଲା – ଏବେ ମାପନେଲା ପରେ ଆଉରି ଖରାପହେଲା । ନେଙ୍କଡ଼ାଟା କାଳେ ଖୁବ୍ ଛୋଟହୋଇଗଲା । ଭାରତବର୍ଷର ନେଙ୍କଡ଼ା ଜାତିର ଜନ୍ତୁ କାଳେ ଆଉରି ବଡ଼ ହୁଅନ୍ତି – ଆଠଫୁଟ ଯାଏ ହେଇଥିଲେ ସେ ଖୁସିହୋଇଥାନ୍ତେ ।

Digitized by srujanika@gmail.com

ନଳି କଥା

କେଉଁ ଶିକାର ପାଇଁ କିମିତି ନଳି ଦରକାର ଜାଣିଲେ ଶିକାର କଥା ଅଧା ଜାଣିଲ ବୋଲି କୁହ । ଛାମୁଣ୍ଡିଆଠେଇ ଯେତେବେଳେ କଲରାପତରିଆ ବାଘ ମୋ ମୁଣ୍ଡ ଉପରକୁ ଡେଇଁଥିଲା ସେତେବେଳେ ଯଦି ମୋ ହାତରେ ଦୁଇନଳିଆ ବାରବୋର୍‌ର ନଳି ନଥାନ୍ତା କି ସେଥିରେ ମୁଁ ଯଦି ଚାରିନମ୍ବରର ଛର୍‌ରା ନପୂରାଇ ବଲ୍ କାର୍ତ୍ତୁସ୍ ପୂରେଇଥା'ନ୍ତି, ହୁଏତ ମୁଁ ସେଇ ଘାଉଲା ବାଘର ମୁହଁରେ ମରିଥାନ୍ତି । ସେମିତି ଅବସ୍ଥାରେ ତ ରାଇଫଲ୍ କିଛି ସୁବିଧା କରିନଥାନ୍ତା, କାରଣ ରାଇଫଲ୍‌ର ଗୋଲିଟା ସିଧାସଳଖ ଯିବ ଆଉ ଘୂରିଘୂରିକା ଭଅଁର କଣା କଲା ପରିକା ଜନ୍ତୁ ଦିହରେ କଣାଟିଏ କରି ପାର୍‌ହେଇଯିବ । ଆଉ ଏତେ ପାଖରୁ ସେ ଗୁଳିର ବେଗ ଏତେ ବେଶି ହୁଅନ୍ତା ଯେ ହୁଏତ ମୁଣ୍ଡର ଖପୁରି କଣାକରି ବାହାରିଯାନ୍ତା ସେପାଖକୁ । ବାଘ ମରିବା ଆଗରୁ ଆସି ମୋ ମୁଣ୍ଡଟାକୁ ଚୋବାଇଦେଇଥା'ନ୍ତା । ବାରବୋର୍‌ର ଛର୍‌ରାଗୁଡ଼ାକ ସବୁ ତା ଦିହରେ ରହିଲା – ଆଉ ୧/୧୨ ପାଉଣ୍ଡ ଓଜନର ସୀସା ବେଗରେ ନଳିମୁହଁରୁ ବାହାରି ଅଧଟନ୍ ଓଜନର ଧକ୍‌କା ଦେଲା ସେ ବାଘକୁ । ତା'ର ଓଜନ ହୁଏତ ପଇଁତ୍ରିଶ ସେର – ସେଥିରେ ଅଧଟନ୍, ମାନେ କୁହ ଚଉଦ ମହଣର ଧକ୍‌କା !! ସେଇଠୁ ସେଇ ବାଘ ଥପ୍‌କିନା ଗଜେ ଦୂରରେ ପଡ଼ିଲା ନା । ଯଦି ଗୋଟିଏ ଗୁଳି ହୋଇଥାନ୍ତା, ଆଉ ସେ ଗୁଳି ବେଗରେ ଯାଇ ଏପାଖରେ ଫୁଟି ଆରପାଖରେ ପଦାକୁ ଚାଲିଯାଇଥାନ୍ତା – ଓଜନଦାର ଧକ୍‌କାଟା ଆଉ କାଟୁକରିନଥାନ୍ତା ବାଘ ଦେହରେ ।

ବାରବୋର୍ ନଳିଟା ପାଖରୁ ମାରିବାକୁ ସୁବିଧା । ବାର୍‌ବୋରକୁ ଇଂରାଜୀରେ ଟୁଏଲ୍‌ଭ ବୋର୍ ବା ଟୁଏଲ୍‌ଭ ଗଜ୍ କହନ୍ତି । ତା'ମାନେ ସେଇ ନଳିରେ ଯେଉଁ ଗୁଳି ବ୍ୟବହାର କରାଯାଏ ସେଇ ଗୁଳି ସୀସାରେ ହେଲେ ବାରଟା ଗୁଳିର ଓଜନ ଏକପାଉଣ୍ଡ ହେବ । ସେମିତି ଯେଉଁ ବନ୍ଧୁକର ପାଲିସ୍ ନଳି, ସେ ବନ୍ଧୁକ କି କମାଣକୁ ସେଥିରେ ବ୍ୟବହାର କରାହେଉଥିବା ଗୁଳିର ଓଜନ ଅନୁସାରେ ନାମକରଣ ହୁଏ; ଯେମିତି ଆଠ ବୋର୍, ବାର ବୋର୍, ଷୋହଳ ବୋର୍ ଆଉ କୋଡ଼ିଏ ବୋର୍‌ର ନଳି । କମାଣ ସେମିତି ସାତପାଉଣ୍ଡିଆ ଅର୍ଥ ଗୋଟିଏ ଗୋଳାର ଓଜନ ସାତ ପାଉଣ୍ଡ ବା ବାଲେଶ୍ୱରୀ ସାଢ଼େ ତିନିସେର – କିଲୋଗ୍ରାମ୍‌ରେ ଦେଢ଼ କିଲୋଗ୍ରାମ ।

Digitized by srujanika@gmail.com

ଏପରିକା ବନ୍ଧୁକ ସାଧାରଣ ଦୁଇକିସମର ମିଳେ – ଏକନଳିଆ, ଆଉ ଦୁଇନଳିଆ । ଦୁଇନଳିଆର ଦାମ୍ ଏକନଳିଆ ବନ୍ଧୁକର ପ୍ରାୟ ଦୁଇଗୁଣ – ସେଥିପାଇଁ ସାଧାରଣ ବାବୁଭାୟା ଏକନଳିଆ ବନ୍ଧୁକ ଘରେ ରଖନ୍ତି । ଶିକାରରେ ସଉକ ଯାହାର ବେଶି ସେ ତ କେବେ ଏକନଳିଆ ବନ୍ଧୁକ ବ୍ୟବହାର କରିବନି, କାରଣ ସେ ବନ୍ଧୁକର ଓଜନ କମ୍ – ନିଶାଣ କରିବାକୁ ସୁବିଧା ହୁଏନି । ତା'ଛଡ଼ା ଏପ୍ରକାର ବନ୍ଧୁକ ତ କେବଳ ଚଢ଼େଇ ଶିକାର ପାଇଁ ବ୍ୟବହାର ହବା କଥା । ଚଢ଼େଇ ଶିକାରରେ ଖୁବ୍ ତନାଘନା ଗୁଳି ଫୁଟାଇବା ଦରକାର ହୁଏ । ଏକନଳିଆରେ ଗୋଟିଏ ଫୁଟେଇବ – ଫେର୍ ଆଉଗୋଟେ ଫୁଟେଇବାକୁ ସମୟ ବିତିଯିବ ତ ସେତେବେଳକୁ ଚଢ଼େଇ ଉଡ଼ି ପଳେଇବେ ଦୂରକୁ ।

ସେଥିଯୋଗୁଁ ସଉକି ଶିକାରୀମାନେ ଦି'ନଳିଆ ବନ୍ଧୁକ ଯୋଡ଼େ ଯୋଡ଼େ ରଖନ୍ତି । ଗୋଟିଏରେ ଦୁଇଟା ଫୁଟେଇସାରି ପଛକୁ ବଢ଼ାଇ ଦିଅନ୍ତି – ପାଖରେ ଥିବା ଶିବିର ସହକାରୀ ସେଇଟା ହାତରୁ ନେଇ ଆଉ ଗୋଟିଏ ବନ୍ଧୁକ ବଢ଼ାଇଦିଏ । ଆରଟା ହାତକୁ ବଢ଼େଇଦେଲା ଆଗରୁ ସେଥିରେ ଦୁଇଟା କାର୍ତୁସ୍ ପୂରାଇଦେଇଥାଏ, ଶିକାରୀକୁ ଆଉ ସମୟ ନଷ୍ଟକରିବାକୁ ହୁଏନି – ଉଡ଼ନ୍ତା ଚଢ଼େଇକୁ ଢୋ-ଢୋ କରି ଗୁଳି ମାରିଚାଲିଥାଏ । ଲାଗ୍‌ଲାଗ୍ ଶହେ କି ପଚାଶ ଗୁଳି ଫୁଟାଇ ପାରିବ । ବେଶି ରସିକମାନେ ତ ପ୍ରତ୍ୟେକ ବନ୍ଧୁକ ପାଇଁ ଯୋଡ଼ାଏ ଲେଖେ ଦି'ନଳିଆ ବେରେଲ ରଖିଥାନ୍ତି । ଏତେ ଜଲ୍‌ଦି ଗୁଳି ଫୁଟାଯାଏ ଯେ ନଳିଟିମାନ ଗରମ ହୋଇଯାଏ – ସେଇଥିପାଇଁ ଆଉ ଗୋଟିଏ ଯୋଡ଼ା ନଳି ଥାଏ ।

ତେବେ ଏପରିକା ସଉକିକୁ ଢେର୍ ପଇସା ଥିବା ଦରକାର । ଚଢ଼େଇ ଶିକାରକୁ ଗଲେ ଥରକେ ଦୁଇଶ' କି ଚାରିଶ' କାର୍ତୁସ୍ ଫୁଟେ – କେବଳ ଉଡ଼ନ୍ତା ଚଢ଼େଇକୁ ତ ମାରିବା କଥା । ଚଢ଼େଇ ବସିଥିଲେ କିମ୍ବା ଚରୁଥିଲେ ତାକୁ ଉଡ଼େଇ ଦେଇ ଗୁଳି ଫୁଟାଇବା କଥା । ଉଡ଼ନ୍ତା ଚଢ଼େଇମାନଙ୍କୁ ଗୁଳି କଲେ ଅନେକଗୁଡ଼ିଏ ତ ଫାଙ୍କା ଯିବ । ତା'ଛଡ଼ା ଚଢ଼େଇ ଶିକାରରେ ମନ ବଳେଇଲେ ଶିକାରୀକୁ ଚାନ୍ଦମାରି ପାଇଁ କାହାଣେ କି ଦି' କାହାଣ କାର୍ତୁସ୍ ଫୁଟାଇବାକୁ ହବ – ମାସ ମାସ ଧରି ଅଭ୍ୟାସ କରିବାକୁ ହବ । ଏତେ ଫିକର କରିବାକୁ ସମୟ ଥିବା ଦରକାର, ପଇସା ଥିବା ଦରକାର । ଚଢ଼େଇ ଶିକାରଟା ତ ସଉକିନିଆ କଥା । ଯାହାର ପଇସା ନାହିଁ କି ସମୟ ନାହିଁ, ସଉକ ବା କରିବ କଣ ? ବଣରେ ପଶି ଜନ୍ତୁ ମାରିବା ପାଇଁ ମନକଲେ ରାଇଫଲ୍ ଦରକାର । ରାଇଫଲ୍‌ର ନଳିଟା ତ ଭଅଁର କଲା ପରିକା ହେଇଥାଏ । ସେଥିରେ ଗୁଳିଟା ବେଗରେ ବାହାରିଲା ବେଳେ ଭଉଁରି ଖାଇକି ବାହାରେ ଯେ ନଟୁପରିକା ଘୂରି ଘୂରି ପବନକାଟି ସିଧାସଳଖ ଗୋଟିଏ ଦିଗରେ ଯାଏ; ଆଉ ଅନେକ ବାଟ ଯାଇପାରେ । 'ଶହେ ମିଟରରୁ ତିନିଶ' ମିଟର ପର୍ଯ୍ୟନ୍ତ ସିଧାସଳଖ ରେଖାରେ ରାଇଫଲ୍ ଗୁଳିଟା ଯାଇପାରେ । ଏ ବିଷୟରେ ଭଲଭାବେ ଜାଣିବାକୁ ହେଲେ ଟ୍ରେଜକ୍ଟରୀର ଅଙ୍କ ଜାଣିବା ଦରକାର । ସବୁକଥା ବଖାଣିବାକୁ ତ ଗୋଟେ ପୋଥି ହବ । ତେବେ ଏତିକି ଜାଣିଲେ ଶିକାରୀକୁ ସୁବିଧା ହବ ଯେ ବଡ଼ ଜନ୍ତୁ

Digitized by srujanika@gmail.com

– ହାତୀ, ଗଣ୍ଡା, ଅରଣାମଇଁଷି କି ଗୟଳ ହେରିକା ମାରିବାକୁ ବଡ଼ ରାଇଫଲ୍ ଦରକାର; ଯାହାର ନଳିର ବିନ୍ଧ ୪/୧୦ ଇଞ୍ଚ କି ଆଉରି ବଡ଼। ମାଝିଆରୀ ଜନ୍ତୁ – ମିରିଗ, ସମ୍ବର, କୁତ୍ରା, ପେଣ୍ଡ୍ରା ବାଘ ହେରିକା ପାଇଁ ମାଝିଆରୀ ବିନ୍ଧବାଲା ରାଇଫଲ୍ ଭଲ।

ରାଇଫଲ୍‌ର ନାମକରଣ ହୋଇଥାଏ ତା'ର ବିନ୍ଧ ଅନୁସାରେ। ଯେମିତି 'ଟୁସେଭେଣ୍ଟିଫାଇଭ୍' : ଅର୍ଥ ସେ ରାଇଫଲ୍‌ର ବିନ୍ଧଟା ଦଶମିକ ଦୁଇ ସାତ ପାଞ୍ଚ ଇଞ୍ଚ (.୨୭୫)। ରାଇଫଲ୍ ତିଆରି କାରଖାନାମାନେ ନିଜନିଜର ନିଜସ୍ୱ ରାଇଫଲ୍ ସବୁ କରିଚନ୍ତି – ଯେମିତି 'ଥ୍ରୀସେଭେଣ୍ଟିଫାଇଭ୍ ମେଗ୍‌ନାମ'ଟା ହଲାଣ୍ଡ ଏଣ୍ଡ୍ ହଲାଣ୍ଡ କମ୍ପାନୀର; ଆଉ 'ଥ୍ରୀଥାର୍ଟୀଥ୍ରୀ'ଟା ଜେଫ୍ରିଜ୍ କମ୍ପାନୀର, 'ଥାର୍ଟୀ ଓ ସିକ୍‌ସ'ଟା ଆମେରିକାର ଉଇନ୍‌ଚେଷ୍ଟାର କମ୍ପାନୀର। ରାଇଫଲ୍‌ର ମାରଣା ଶକ୍ତିଟା ତା'ର ଗୁଳିର ବେଗ ଉପରେ ଆଶ୍ରା କରିଥାଏ ତ, ଗୁଳିକୁ ଫୋପାଡ଼ିବାର ବେଗଟା କାର୍ତ୍ତୁସ୍‌ର ବାରୁଦ କେତେ ଓଜନର ଅଛି ସେଇ ଅନୁସାରେ ହବ। ଆଉ ଗୁଳିଟାର ଓଜନ ବି ତ ଜରୁରୀ କଥା। ଯେମିତି ଆମ୍ବଗଛକୁ ଟେକା ଫୋପାଡ଼ିବାବେଳେ ବଡ଼ ପଥରଟେ ପକେଇବାକୁ ହାତରେ ବେଶି ବଳ ଥିବା ଦରକାର, ସେମିତି ଓଜନିଆ ଗୁଳିକୁ ବେଗରେ ନଳି ଭିତରଦେଇ ଦୂରକୁ ଫୋପାଡ଼ିବା ପାଇଁ ବେଶି ଓଜନର ବାରୁଦ ଦରକାର ହୁଏ। ଏଣେ ବେଶିଗୁଡ଼ାଏ ବାରୁଦ ନଳିରେ ଫୁଟିଲେ ବନ୍ଧୁକ ମାରିଲା ଲୋକକୁ ବେଶି ଜୋର୍‌ରେ ଧକ୍କା ଲାଗିବା କଥା; ସେଥିପାଇଁ ମଣିଷକୁ ସୁହାଇଲାପରିକା ବାରୁଦର ପରିମାଣଟା ରଖିବା ଦରକାରପଡ଼େ। ଏଇସବୁ କଥାକୁ ହିସାବକରି ବନ୍ଧୁକ କମ୍ପାନୀ ରାଇଫଲ୍ ତିଆରି କରିଥାନ୍ତି। ସବୁ ରାଇଫଲ୍‌ର ଗୁଣଗ୍ରାମ ବନ୍ଧୁକ ବିକ୍ରି ହଉଥିବା ଦୋକାନରୁ ମିଳିବ। ସେଇତକ ଦେଖି ବୁଝିବିଚାରି ନିଜର ଶକ୍ତି ଅନୁସାରେ ରାଇଫଲ୍‌ଟିଏ କିଣିବା କଥା।

କେହି ଯଦି ଠିକ୍ କରେ ଯେ ଖାଲି ମିରିଗ କୁତ୍ରା ପାଇଁ ରାଇଫଲ୍‌ଟିଏ ଦରକାର, ସେ ତ ଆଗ ଠିକଣା କରି ବୁଝିବା ଦରକାର ଯେ, କୋଉ ରାଇଫଲ୍‌ର ଗୁଳି ତାକୁ ସୁବିଧାରେ ମିଳିବ। ମିରିଗ ସମ୍ବର ପାଇଁ ଦୁଇଶ' ପଚସ୍ତରିଠୁ ଆରମ୍ଭ କରି ତିନିଶ' ପଚସ୍ତରୀ ଯାକେ କାହାଣେ ଖଣ୍ଡେ ରାଇଫଲ୍ ଅଛି। ହେଲେ ଆମକୁ ସୁବିଧାନାହିଁ ବାଛିକି ଗୋଟିଏ କିଣିବାକୁ – ଆଜିକାଲି ତ ଆଉ ସବୁ ରାଇଫଲ୍ ଆମ ଦେଶକୁ ଆସୁନାହିଁ!

ଆମ ଦେଶରେ କେବଳ ଗୋଟିଏ ପ୍ରକାର ରାଇଫଲ୍ ମିଳୁଚି – ସେଇଟା ତିନିଶ' ପନ୍ଦର – ଥ୍ରୀ ଫିଫ୍‌ଟିନ୍ ବୋର୍‌ର। ତା'ର କାର୍ତ୍ତୁସ୍ ବି ମିଳୁଛି ଶସ୍ତାରେ। ସେଥିରେ ସବୁ ଜନ୍ତୁ ମାରିହବ। ଗୟଳ କି ହାତୀ ପାଇଁ କିନ୍ତୁ ସେ ଉପଯୋଗୀ ନୁହଁ। ଏଇ ରାଇଫଲ୍‌ରେ ମିରିଗ ସମ୍ବର ବି ମାରିବା ଥାନଠି ମରିବେନି ଯଦି ଗୁଳିଟା ଠିକ୍ ମର୍ମଥାନରେ ନବାଜେ – କାହିଁକିନା ରାଇଫଲ୍ ଗୁଳିଟା ଘୂରିଘୂରିକା ଯାଏ ତ – ବେଗ ଏତେ ବେଶି ଯେ ନରମ ମାଂସଳ ଥାନରେ ବାଜିଲେ କଣାକରି ବାହାରିଯିବ ଆରପାଖକୁ। ଦେହରେ କଣାଟିଏ ହେଲେ ତ ଜନ୍ତୁ ମରିବ – ବଡ଼ କଷ୍ଟରେ ଉହଳବିକଳ ହୋଇ ମରିବ – ଅନେକ ଡେରିରେ। ସେତିକି ସମୟରେ ଜନ୍ତୁ ଦଉଡ଼ିକି କୁଆଡ଼େ ନାହିଁ କୁଆଡ଼େ ଯିବ ଯେ ଶିକାରୀ

Digitized by srujanika@gmail.com

ଲୋଭ ଆଉ ପାଇବନି । ଯଦି ଜନ୍ତୁଟା ନପାଇଲ ମାରିକି କଣ ଲାଭ ?

ଥରେ ମୁଁ ଦୁର୍ଗାପୁର ବଣକୁ ଯାଇଥିଲି ଖରାଦିନେ । ମେ' ମାସର ଶେଷଭାଗ – ଖରା ତ ମୁଣ୍ଡଫଟା । ବଣଟାଯାକ ବି ଧୂ-ଧୂ ହଉଥାଏ । ଝିଙ୍କାରିର କଡ଼ା ଶବ୍ଦରେ ବଣଟା ଉଠୁଥାଏ ପଡୁଥାଏ । ବନା ମୋତେ ଡାକିକି ନେଇଥାଏ ଗୋଟେ ଖୋଲ ଦେଖେଇବାକୁ, ସେଇଠି କାଲେ ଗୋଟେ ବାଘ ଦି'ପହରେ ପାଣିରେ ପଡ଼ିଥାଏ । ଢେର୍ ଗୁଡ଼େ ବାଟ । ଚାଲି ଚାଲି ଗୋଡ଼ ପରାସ ହେଲାଣି । ତତଲା ପଥରରେ କନା ଜୋତା ତ ତାତିକି ପାଦରେ ଫୋଟକା କଲାପରିକା । ବାଁ ପାଖରୁ ଖସ୍ ଖସ୍ ଶବ୍ଦଟା ହେଲା । ଆମେ ଦୁହେଁ ଗୋଟେ ଭୁରୁଡ଼ୁ କୋଳିବୁଦା ଉହାଡ଼ରେ ଛପିକି ଠିଆହେଲୁ । ଦେଖିଲି ଗୋଟେ ଶିଙ୍ଗାଳ ମିରିଗ ଆସୁଥାଏ ଆମର ଯିବା ବାଟକୁ ମୁହଁକରି । ବନା କହିଲା, ବାବୁ ମାସେ ହବ ପାଟିରେ ମାଉଁସ ଲାଗିନି । 'ହଉ' କହି ରାଇଫଲ୍ ଉଠେଇଲି । ଆଗ ଚଟୁଆର ଠିକ୍ ପଛକୁ ଲାଖ କରି ଗୁଳିକଲି । ଶିଙ୍ଗାଳଟା କିଛି ନହେଲାପରିକା ଚାରି ପାଞ୍ଚ କଦମ ଦୌଡ଼ିଗଲାକି, ଶାଳଗଛ ମୂଳେ ଠିଆହେଲା । ଫେର୍ ଗୋଟେ ଗୁଳି ମାଇଲି – ଇମିତି ଇମିତି ଚାରିଟା ଗୁଳି ମାଇଲା ପରେ ପଡ଼ିଲା । ପାଖରେ ଯାଇକି ଦେଖେ ତ ସବୁ ଗୁଳିତକ ଏକା ଜାଗାରେ ବାଜିଚି ଯେ କଣା କରି ବାହାରିଯାଇଚି ଆରପଟେ । ମୁଁ ତ ନରମା ନାକ (ସଫ୍ଟ ନୋଜ୍) ଗୁଳି ବ୍ୟବହାର କରିଥିଲି – ସେଗୁଡ଼ାକ ଦେହରେ ପଶିଲା ମାତ୍ରକେ ଫାଟିବା କଥା । ଏଗୁଡ଼ାକ ଫାଟିବା ତ ଦୂରେଥାଉ, ବିନ୍ଧ କରି ଏପାଖ ସେପାଖ ପାର ହୋଇଗଲା କିମିତି ? ମେଗାଜିନ୍‌ରୁ ଆର ଗୁଳିଟା କାଢ଼ି ଦେଖେ ତ ସେଇଟା ତାତିକି ନିଆଁ ହୋଇଯାଇଚି – ହାତରେ ଧରିହେଲାନି । ସେଇଠୁ ଯାଇ ବୁଝିପାରିଲି ଯେ ଖରାରେ ରାଇଫଲ୍‌ର ମେଗାଜିନ୍ ଗରମ ହୋଇଯାଇଚି ଖୁବ୍ । ମେଗାଜିନ୍ ଭିତରର କାର୍ତ୍ତୁସ୍ ଖୋଳ ତ ପିତଳରେ ତିଆରି – ଗରମ ହୋଇଚି ଖୁବ୍ – ତା ଭିତରେ ବାରୁଦ ବି ଖୁବ୍ ଗରମ ହୋଇଯାଇଚି । ଫୁଟିଲାବେଳେ ଗରମ ବାରୁଦର ଚାପ (ପ୍ରେସର) ଖୁବ୍ ବେଶି ହୋଇଯାଇଚି । ସେ ହେତୁରୁ ରାଇଫଲ୍ ଗୁଳି ଉଚ୍ଚା ବେଗ (ହାଇଭେଲୋସିଟି) ରାଇଫଲ୍ ଭଳି ହୋଇଚି ଯେ ଗୁଳିର ବେଗ ଖୁବ୍ ବଢ଼ିଯାଇଛି ।

ଏଇଥିରୁ ବୁଝିବ ଯେ ରାଇଫଲ୍‌ଟିଏ ବ୍ୟବହାର କରିବାକୁ ହେଲେ ସେ ବିଷୟରେ କେତେ କଥା ଜାଣିବା ଦରକାର । ରାଇଫଲ୍‌ର ଓଜନ କେତେ, ତାର ନଳିର ଲମ୍ବ କେତେ, ତାର କାଠ ବଟ୍‌ର ଲମ୍ବ କେତେ, ମେଗାଜିନ୍‌ରେ କେତେଟା କାର୍ତ୍ତୁସ୍ ରହିପାରିବ ଇତ୍ୟାଦି ଢେର୍ କଥା ତନଖି କରିବାକୁ ହୁଏ । କୋଉ ଜନ୍ତୁ ମାରିବା ପାଇଁ ଶିକାରକୁ ଯିବ ଠିକଣାକଲେ ସେଇ ଅନୁସାରେ ରାଇଫଲ୍ ବାଛିବା କଥା । ଏକନଳିଆ ରାଇଫଲ୍‌କୁ ମେଗାଜିନ୍ ରାଇଫଲ୍ ବି କହନ୍ତି । କାରଣ ସେଥିରେ ଚାରିଟା କି ପାଞ୍ଚଟା ଯାକେ କାର୍ତ୍ତୁସ୍ ଭର୍ତ୍ତି କରିହବ – ଆଉ ପର ପର ଚାରିଟା କି ପାଞ୍ଚଟା ଗୁଳି ଫୁଟେଇହବ ।

ରାଇଫଲ୍ ନେଇ ବଣରେ ଶିକାର ପାଇଁ ପଶିବା ଆଗରୁ ଚାନ୍ଦମାରି କରିବା ଦରକାର । ରାଇଫଲ୍‌କୁ ଲାଖକରିବା ପାଇଁ ସେଥିରେ ସାମନାରେ ଗୋଟିଏ ମାଛି ପରିକା

Digitized by srujanika@gmail.com

ଥାଏ । ତାକୁ 'ଫୋର୍‌ସାଇଟ୍' କହନ୍ତି । ରାଇଫଲ୍‌ର ଚେମ୍ବାର ପାଖରେ – ନଳିର ଆରମ୍ଭରେ ଯେଉଁଠି କାର୍ତ୍ତୁସ୍‌ଟା ରହେ, ସେଇଟାକୁ ଚେମ୍ବାର କହନ୍ତି । ନଳି ଉପରେ ଗୋଟିଏ ଲୁହାପଟା ଥାଏ । ସେଥିରେ ଇଂରେଜୀ ଅକ୍ଷରର (V) ପରି କା କଟାହୋଇଥାଏ । ସେଇଟାକୁ 'ବେକ୍ ସାଇଟ' କହନ୍ତି । ସେଇ 'V'ର ଖୋଲ ଦେହରେ ସାମନାର ମାଛିଟି ଦିଶିଲେ ଯାଇ ରାଇଫଲ୍ ଲାଖ ହେବ । ଜନ୍ତୁର ବେକ, ସାମନା ମାଛି, ଆଉ ବେକ୍ ସାଇଟ୍‌ର 'V'ର ଖୋଲ ଏକାସାଙ୍ଗରେ ଦିଶିଲେ ଯାଇ ଘୋଡ଼ା ଟିପିବ ଯେ ଗୁଳି ଯାଇ ଜନ୍ତୁର ବେକରେ ବାଜିବ । ଏତକ କଥା ଠିକ୍ ଭାବରେ କରିବାକୁ ହେଲେ ଅନେକ ଥର ଅଭ୍ୟାସ କରିବା କଥା । ଖୁବ୍ ଅଭ୍ୟାସ ନକଲେ ଗୁଳିଟି ଲାଖ କଲା ଥାନରେ ବସିବନାହିଁ । କାରଣ ଢେର୍ ଅଛି ଯେ, କଥାରେ କହି ସବୁକଥା ବୁଝେଇହବନି – ଦେଖିଲେ ଯାଇ ଜାଣିବ । ଶିକାର ଗପରେ ବନ୍ଧୁକ, ରାଇଫଲ୍, ଗନ୍, ଆଉ ସେମାନଙ୍କର ଅଂଶସବୁର କଥା ଉଠିପାରେ । ସେଇଯୋଗୁ ରାଇଫଲ୍‌ର ଅଲଗା ଅଲଗା ଅଂଶର ନାମଗୁଡ଼ାକ କହିଦଉଚି ।

ବନ୍ଧୁକର ନଳିକୁ ବେରେଲ୍ କହନ୍ତି । ବେରେଲ୍‌ର ସାମନା ପାଖଟା ସରୁ – ଉପରେ ଥାଏ ମାଛି ବା ଫୋର୍‌ସାଇଟ୍ । ପଛ ପାଖରେ କାର୍ତ୍ତୁସ୍ ଭର୍ତ୍ତି କରାଯାଏ; ବାରୁଦ ଫୁଟେ ବୋଲି ସେପାଖଟା ବହଳିଆ ଲୁହା ଥାଏ । ସେପଟର ବେରେଲକୁ ବ୍ରିଚ୍ କହନ୍ତି । ବେରେଲ ଭିତରେ ଯେଉଁଠି କାର୍ତ୍ତୁସ୍ ରହେ ସେ ଥାନଟାକୁ ଚେମ୍ବାର କହନ୍ତି । କାର୍ତ୍ତୁସ୍ ଚେମ୍ବାରରେ ପଶିଲା ପରେ ସେପଟଟାକୁ ବନ୍ଦକରେ ବ୍ରିଚ୍‌ବ୍ଲକ୍ – ଦି'ନଳିଆ ବନ୍ଧୁକରେ ବ୍ରିଚ୍‌ବ୍ଲକ୍; ଆଉ ଏକନଳିଆ ବନ୍ଧୁକରେ ବୋଲ୍‌ଟ । ବ୍ରିଚ୍‌ବ୍ଲକ୍ ଆଉ ବୋଲ୍‌ଟ ଭିତରେ ଥାଏ ଗୋଟେ କଣ୍ଟାଭଳିଆ ଲୁହାର ପିନ୍‌ଟାଏ – ତାକୁ କହନ୍ତି ଷ୍ଟ୍ରାଇକାର ପିନ୍ । ଏଇ ପିନ୍‌ଟା କାର୍ତ୍ତୁସ୍‌ର ପଛପଟର କେପ୍‌ରେ ବାଡ଼େଇ ହେଲେ କାର୍ତ୍ତୁସ୍ ଫୁଟିବ । ଚେମ୍ବାରରେ କାର୍ତ୍ତୁସ୍ ପୂରାଇସାରିଲେ କାଳେ ଷ୍ଟ୍ରାଇକାର୍ ପିନ୍‌ଟା ଅଜାଣତରେ ଯାଇ ବାଜିଯିବ – କାର୍ତ୍ତୁସ୍‌ରେ ଆଉ ବନ୍ଧୁକ ଫୁଟିଯିବ ବୋଲି ସେଠି ଗୋଟିଏ ଚାବି ଅଛି । ତାକୁ କହନ୍ତି ସେଫ୍‌ଟି କେଚ୍ । ଦି'ନଳିଆ ବନ୍ଧୁକର ଏଇ ସେଫ୍‌ଟି କେଚ୍‌ଟା ମନକୁ ଚାବି ଲାଗିଥାଏ । ଏକନଳିଆ ରାଇଫଲ୍‌ରେ ସେଫ୍‌ଟି କେଚ୍ ହାତରେ ଲଗାଇବା ଦରକାର ପଡ଼େ । ବନ୍ଧୁକରେ କାର୍ତ୍ତୁସ୍ ପୂରାଇ ବ୍ରିଚ୍‌ବ୍ଲକ୍ କିମ୍ବା ବୋଲ୍‌ଟ ବନ୍ଦ କଲା ପରେ ଘୋଡ଼ା ଟିପିଲେ ଗୁଳି ଫୁଟିବ । ଏଇ ଘୋଡ଼ାକୁ ଟ୍ରିଗାର କହନ୍ତି । ଏଇ ଟ୍ରିଗାର୍‌କୁ ଘୋଡ଼େଇକି ରଖିବା ପାଇଁ ଗୋଟେ ଲୁହାର ପାତିଆ ଅଛି – ସେଇଟାକୁ କହନ୍ତି ଟ୍ରିଗାର ଗାର୍ଡ଼ । ଏଇସବୁ ଲୁହାର କଳକବ୍‌ଜାକୁ ଗୋଟେ କାଠର ବଟ୍ ଦେହରେ ଯନ୍ତ୍ରରେ ଖଞ୍ଜାଯାଏ; କାରଣ ବନ୍ଧୁକକୁ ନିଶାଣ କରିବାକୁ ସୁବିଧା ହୁଏ । ତା'ପରେ ଗୁଳିର ବାରୁଦ ଯେତେବେଳେ ଫୁଟେ, ସେତେବେଳେ ଗୋଟା ବନ୍ଧୁକଟା ପଛକୁ ପେଲିହେଇଯାଏ । ସେଇଟା ଦମ୍ଭକରି ଧରିରଖିଲେ ଯାଇ ଲାଖ ଠିକ୍ ହବ । ସେଇଥିପାଇଁ କାଠର ବାଟ୍‌ଟା କାନ୍ଧରେ ଲଗାଇ ରଖିବା ଦରକାରହୁଏ । ଭାରି ରାଇଫଲ୍‌ର କାଠ ବାଟ୍‌ଟା କାନ୍ଧରେ ଭଲ ରକମ ଶକ୍ତକରି ନଧରିଲେ ଗୁଳି ଫୁଟିଲାବେଳେ

Digitized by srujanika@gmail.com

ରାଇଫଲ୍ ଧକ୍‌କା ଜୋର୍‌ରେ ବାଜିବ । କାହାର କାହାର କାନ୍ଧର ହାଡ଼ ବି ତ ଭାଙ୍ଗିଚି ଏଇପରିକା ଧକ୍‌କାରେ ।

କିପରି ରାଇଫଲ୍ ବ୍ୟବହାର କରିବ ଭୟଙ୍କର ଜନ୍ତୁ ମାରିବାକୁ ? ଏ ବିଷୟରେ ଶିକାରୀ ମହଲରେ ଢେର୍ ପ୍ରକାର ମତ ଅଛି । କେହି କେହି କହନ୍ତି ଯେ, ଏକନଳିଆ ମେଗାଜିନ୍ ରାଇଫଲ୍ ଭଲ, କିଏ ବା କହେ – ନା, ନା, ଦି'ନଳିଆ ରାଇଫଲ୍ ଭଲ । ବାଘ କି ମାରଣା ହାତୀକୁ ଖୋଜି ଖୋଜି ବଣର କଣ୍ଟା ଲଟିରେ ଚାଲିଲାବେଳେ ମୋର ମନେହୁଏ ଦି'ନଳିଆ ରାଇଫଲ୍‌ଟା ସୁବିଧା ହୁଏ ବେଶି । ଏକନଳିଆ ରାଇଫଲ୍‌ରୁ ଗୋଟେ ଗୁଳି ଫୁଟାଇଲା ପରେ ଆଉଗୋଟେ ଗୁଳି ଚେମ୍ବାରକୁ ଦେବାପାଇଁ ବୋଲ୍‌ଟ ଖୋଲି ଫେର୍ ବୋଲ୍‌ଟକୁ ଠେଲିବା ଦରକାର ହୁଏ । ସେଇ ଖୋଲାଖୋଲି ବେଳେ ଶବ୍ଦ ହୁଏ । ବଣରେ ଚୁପ୍‌ଚାପ୍‌ରେ ବାଘ ପିଛାକଲାବେଳେ ବଣଜଙ୍ଗଲରେ ପତରଟିଏ ମସ୍‌କିନା ଶବ୍ଦକଲେ ମନେହୁଏ ଯେମିତି ଘରଟେ ଭୁଶୁଡ଼ି ପଡ଼ିଲା – ସେମିତି 'ନିଶ୍ଚଳ ଥାନରେ ବୋଲ୍‌ଟଟା ଧଡ଼ଧାଡ଼ କଲେ ଆଉ ରକ୍ଷା ଅଛି ? ଦି'ନଳିଆ ବନ୍ଧୁକ ଥିଲେ ଆଉ ସେ ଦୁଃଖ ନାହିଁ । ହଁ, ଏକନଳିଆରେ ପାଞ୍ଚଟାଯାକେ କାର୍ତ୍ତୁସ୍ ରହିବ; ଆଉ ଦି'ନଳିଆରେ ଦୁଇଟା । ଯେଉଁ ଶିକାରୀ ପାଦରେ ଚାଲି ଚାଲି ବାଘ କି ମାରଣା ହାତୀ ଖୋଜେ, ସେ ତ ବହୁତ ଅଭ୍ୟାସ କରିଥିବା କଥା – ଗୋଟିଏ ଗୁଳି ତା'ର ଯଥେଷ୍ଟ ହବ । ନିତାନ୍ତପକ୍ଷେ ନହେଲେ ଆଉ ଗୋଟିଏ ଗୁଳି ଦରକାର ହୋଇପାରେ । ପାଞ୍ଚଟା କି ଦଶଟା ଗୁଳି ଫୁଟାଇବା ପାଇଁ ବେଳ ବା କାହିଁ ଯେ ? ଜନ୍ତୁଟା କଣ ଅପେକ୍ଷା କରିବ କି ! ପ୍ରଥମ ଗୁଳି ଯଦି ନବାଜିଲା ମରମଥାନରେ ଜନ୍ତୁଟା କୁଆଡ଼େ ନାଇଁ କୁଆଡ଼େ ଯିବ ଯେ ତା'ର ଠିକ୍‌ଠିକଣା ରହିବନି ।

କଣ୍ଟା ଲଟିରେ ଗଳି ଗଳି ଗଲାବେଳେ ଲମ୍ବ ବେରେଲ୍ ଥିବା ବନ୍ଧୁକ ଧରି ଯିବାକୁ ଅସୁବିଧା ହୁଏ । ଲଟିରେ ଛନ୍ଦିହେଇ ବହୁତ ଅସୁବିଧା ହୁଏ । ସେଥିପାଇଁ ଛୋଟ ବେରେଲ୍ ଥିବା ରାଇଫଲ୍ ବ୍ୟବହାର କରିବା ଭଲ । ବିଲାତି ବନ୍ଧୁକର ଚବିଶ ଇଞ୍ଚିଆ ବେରେଲ୍‌ର ଖୁବ୍ ଆଦର ଅଛି ଶିକାରୀ ମହଲରେ ।

Digitized by srujanika@gmail.com

କଳାହାଣ୍ଡି ବାଟରେ

କଳାହାଣ୍ଡି ଜିଲ୍ଲାରେ ବାଘମୁହଁରେ ଢେର୍ ମଣିଷ ମରୁଥିଲେ ସେ ସମୟରେ । ଜିଲ୍ଲାପାଳ ଢେର୍ ଢେର୍ ପୁରସ୍କାର ଘୋଷଣାକରିଥାନ୍ତି – ହେଲେ ଶିକାରୀ ବେଶି କେହି ଯାଉନଥାନ୍ତି । ମୋତେ ସେଠାର ଜିଲ୍ଲାପାଳ ଥରେ କହିଥିଲେ ସେଠିକି ଯିବାକୁ । ଏପ୍ରିଲ୍ ମାସ କାମ କମ୍ ଥାଏ, ମୁଁ ଦୁଇଚାରିଦିନ ପାଇଁ ବାହାରିଲି ସେଠିକି । ଗଲାବେଳକୁ ସାଙ୍ଗରେ ମୋର ସାନଭାଇ ଗୁରୁପ୍ରସାଦ ବାହାରିଲା । କଟକରୁ ବାହାରିଲାବେଳକୁ ବେଶି ଡେରିହୋଇଗଲା । ରେଢ଼ାଖୋଲର ରାମପୁରଠି ପହଞ୍ଚିଲାବେଳକୁ ସଞ୍ଜ ହେଲା । ରାମପୁର ପାରିହେଇ ଛଅମାଇଲ ଯାଇଚୁ, ରାସ୍ତା ଉପରେ ଦେଖିଲୁ ଗୋଟିଏ ବାଘ ଚାଲୁଚି । ସେତେବେଳେ ମୋ ପାଖରେ ଗୋଟିଏ ଖୋଲା କ୍ରାଇସ୍‌ଲାର ମୋଟର କାର୍ ଥାଏ । ତା'ର ହୁଡ୍ ଖୋଲି ଖରାଦିନ ସଞ୍ଜବେଳେ ବୁଲିବାକୁ ଭାରି ମଜା – ହେଲେ ସେଦିନ ହୁଡ୍ ଖୋଲିନଥାଉ । କ୍ଷେତ୍ରମୋହନ ଗାଡ଼ି ଚଳାଉଥାଏ; ଆଉ ଗୁରୁପ୍ରସାଦ ପଛସିଟ୍‌ରେ ବସିଥିଲା । ମୁଁ ସାମନା ସିଟ୍‌ରେ ବସିଥିଲି । ପାଖରେ ଗୋଟିଏ .୪୨୩ ବୋର୍‌ର ରାଇଫଲ୍ ଥିଲା । ଏଇଟା ମୋର ନିଜର ନୁହଁ – ଜଣେ ବନ୍ଧୁ ପାଖରୁ ମାଗିନେଇଥିଲି । ମୋର ନିଜର .୩୫୫ ବୋର୍‌ର ରାଇଫଲ୍‌ଟା ଛୋଟ, ତେବେ ବାଘ – ମଣିଷଖିଆ ବାଘକୁ – ବଣରେ ଗୋଡ଼େଇ ଗୋଡ଼େଇ ମାରିବା ପାଇଁ ଗୋଟିଏ ଓଜନିଆ ଗୁଳି ମାରିପାରୁଥିବା ରାଇଫଲ୍ ଦରକାର । ମୋତେ ଗୋଟିଏ ଦି'ନଳିଆ ଓଜନିଆ ରାଇଫଲ୍ ମିଳିଥିଲେ ଭଲହୋଇଥାନ୍ତା । ଗିରୀଶବାବୁ ଏଇ ରାଇଫଲ୍‌ଟା ଦେଲାବଳେ ମୋତେ ତା'ର ଘୋଡ଼ାଟା ଯେ ହେଆର୍ ଟ୍ରିଗାର୍, ସେକଥା କହିନଥିଲେ । ହେଆର୍ ଟ୍ରିଗାର ଥିବା ବନ୍ଧୁକ ବ୍ୟବହାର କଲାବେଳେ ସାବଧାନ ହବା ଦରକାର – ଘୋଡ଼ାରେ ହାତ ଛୁଇଁଲାକ୍ଷଣି ଗୁଳି ଫୁଟିବ । ମୋର ନିଜ ରାଇଫଲ୍‌ର ଘୋଡ଼ାଟା 'ଡବଲ ପ୍ରେସାର' ଘୋଡ଼ା – ସେ ଘୋଡ଼ାରେ ଆଙ୍ଗୁଠି ଦେଇ ଟାଣିଲେ ଖୁଟ୍‌କିନା ଘୋଡ଼ା ଟିକେ ପଛକୁ ଆସେ; ତା'ପର ଅଳ୍ପଟିକେ ଚିପିଲେ ଗୁଳି ଫୁଟେ । ରାଇଫଲ୍‌କୁ କାନ୍ଧକୁ ଉଠାଇ ମାଛିକୁ ଅନିଷା କଲାବେଳେ ପ୍ରଥମ ଥର ଘୋଡ଼ା ଚିପିବା କଥା । ମାଛି ଯିମିତି ଲାଖ କରିବା ଥାନଠି ଆସିବ, ଦ୍ୱିତୀୟ ଥର ଚିପିଲେ ଗୁଳି ଠିକ୍ ଠିକ୍ ଲାଖଠେଇଁ ବାଜିବ । ସେଇ ଅଭ୍ୟାସ ଥିଲା ତ ମୋର ।

Digitized by srujanika@gmail.com

ବାଘଟା ଡାହାଣ ପାଖରୁ ବାଁ ପାଖର ବଣ କରକୁ ଗଲା । ଗାଡ଼ି ରୋକିବାକୁ ମୁଁ ତରବର ହେଇ ବନ୍ଧୁକର ମେଗାଜିନରେ ଗୁଳି ପୂରେଇଲି – ବୋଲ୍‌ଟା ଠେଲିଦେଲି । ଗାଡ଼ି ଠିଆହେଲା ଯେଉଁଠି, ଠିକ୍ ସେଇଠୁ ଦଶହାତ ବାଁ ପାଖରେ ବାଘଟା ଆମ୍ଭକୁ ମୁହଁ କରି ଛିଡ଼ାହୋଇଥାଏ । ବଣର ବୁଦାଗଛ ଗହଳିରେ ଦେହଟା ଲୁଚିଥାଏ – ମୁଣ୍ଡକୁ ତଳକୁ କରି ଆଖିବୁଜିଦେଇଥାଏ । ଭାରୀ ହସ ଲାଗିଲା ମୋତେ । ବିଲେଇ ତ ଠିକ୍ ଏଇରକମ କରେ !

ମଣିଷ ପାଖକୁ ଆସିଗଲେ ବିଲେଇଟିଏ ଆଖି ବୁଜିକି ଜାକିଜୁକି ହୋଇ ରହିଯାଏ – ଭାବେ ବୋଧହୁଏ ଆଖି ବୁଜିଦେଲେ ତାକୁ ଯେମିତି କିଛି ଦିଶୁନାହିଁ ଦୁନିଆଟାର ଆଉ ସବୁ ବି ତାକୁ ଦେଖିପାରୁନଥିବେ । ଏଇ ବାଘଟା ଠିକ୍ ସେଇମିତି ଆଖିବୁଜି ଜାକିଜୁକି ହୋଇ ଗୋଟିଏ ଛୋଟ ଶାଳଗଛ ପାଖରେ ଛିଡ଼ାହେଇଥାଏ । ଏତେ ପାଖ ଯେ ବନ୍ଧୁକଟା ବଢ଼େଇ ଦେଇଥିଲେ ତା ଦିହରେ ବୋଧହୁଏ ବାଜିଯାଇଥାନ୍ତା । ମୋତେ ଭାରୀ ଡରଲାଗିଲା । ଯଦି ଗୁଳି ବାଜି ସେଇଠି ପଡ଼ିଲା ତ ଭଲ – ଟିକେ ଯଦି ଜୀବନ ଥାଏ ତ ସେ ମରିବା ଆଗରୁ ଆମ ତିନିଜଣକୁ ଚୋବାଇଦବ ସିନା । ପଛ ସିଟ୍‌ରେ ମୋର ସାନଭାଇ ବସିଚି – ପିଲାଲୋକ ସେ । ଗାଡ଼ିଟା ତ ଏକଦମ୍ ଖୋଲା । ଏକାକୁଦାକେ ଆମ ମଝିରେ ଆସି ପଡ଼ିଯିବ । ଏତେଗୁଡ଼ା କଥା ଆଖିପିଛୁଳାକେ ମନରେ ଖେଳିଗଲା । ଏଣେ ପଛସିଟ୍‌ରୁ ଗୁରୁ ଟର୍ଚ୍ଚଟା କାଢ଼ି ପକେଇବାକୁ ଡେରିକରୁଥାଏ । ଗାଡ଼ି ଆଲୁଅର ତରାସ୍‌ରେ ତ ବାଘଟା ପରିଷ୍କାର ଦିଶୁଥାଏ – ମୋର ରାଇଫଲ୍ ମାଛିରେ ଟିକେ ଆଲୁଅ ନପଡ଼ିଲେ କିମିତି ଲାଖ କରିବି – ଠିକ୍ କାନମୁଣ୍ଡାକୁ ଗୁଳି ଲାଖ କରିବାକୁ ହବ ଯେ – ଆଉ କୁଉଠି ବାଜିଲେ ସାଙ୍ଗେ ସାଙ୍ଗେ ମରିବନି ତ । ଫିସ୍ ଫିସ୍ କରି ଗୁରୁକୁ ଟର୍ଚ୍ଚ କଥା କହୁଥାଏଁ, ଏଣେ ରାଇଫଲ୍ କାନ୍ଧକୁ ଉଠାଇଲା ବେଳେ ଢୋକିନି ଫୁଟିଲା – ଧୂଆଁ ସଫା ହେଲାବେଳକୁ ଦେଖେ ଯେ ବାଘ ନାହିଁ; ଘାଉଲା ହୋଇ ସେ ବୁଦା ତଳକୁ ପଡ଼ିଲା କି ? ରାତିଟାରେ ଭଲ ଆଲୁଅ ତ ନାହିଁ, ବଣରେ ପଶିବା ଠିକ୍ ହବନି । ଏଇଆ ଭାବି ସମ୍ବଲପୁରକୁ ଗଲୁ । ସେଠି ବିନବାବୁ ଘରେ ଖାଇପିଇ ଶୋଇଲୁ । ଭୋର୍‌ରୁ ପୁଣି ଚାର୍‌ମାଲ ପାଖ ସେ ବଣକୁ ଗଲୁ ଚଉତିରିଶ ମାଇଲ ବାଟ । ସେଠି ଖୋଜାଖୋଜି କରି ବାଘ ପାଇଲୁନି କି ରକ୍ତ ପଡ଼ିବା ଦାଗ ବି ଦେଖିଲୁନାହିଁ । ଖୋଜୁ ଖୋଜୁ ମାଟିରେ ଗୁଳିଟା ବାଜିଚି ଦେଖିଲୁ । ଯାଃ, ଏତେ ସହଜରେ ବାଘଟା ମିଳିଥିଲା, ଖସିଗଲା ତ । ଆଉଦିନେ ମୁଁ ହେୟାର ଟ୍ରିଗର୍ ରାଇଫଲ୍ ଧରିବି ନାହିଁ ବୋଲି କସମ୍ ଖାଇଲି । ସମ୍ବଲପୁରକୁ ଫେରିଲାବେଳକୁ ବିନବାବୁ ଆଉ ସମୁଦୁଣୀ ଉଠି ଦାନ୍ତପତ୍ର ଘଷୁଛନ୍ତି । ମୁଁ ମୋର ଶିକାରରେ ବୀରପଣିଆ କଥା ସବୁ କହିଲି ସମୁଦୁଣୀଙ୍କୁ – ବିନବାବୁ ଖୁବ୍ ବହେ ହସିଲେ । ହେଲେ ଖାଇବା ପାଇଁ ଖୁବ୍ ଷୋଡ଼ଶ ବ୍ୟବସ୍ଥା କରିଥାନ୍ତି – ଖାଇପିଇ ବାହାରିଲୁ ଭବାନିପାଟଣା । ଗୁଡ଼ାଏ ବାଟ ତ – ରାସ୍ତା ବି ସେତେବେଳେ ଖୁବ୍ ଖରାପ ଥିଲା । ଯାଇ ପହଞ୍ଚୁ ପହଞ୍ଚୁ ରାତିହେଲା । ସେଠି ବଙ୍ଗଳାରେ ରହିବା ପାଇଁ ପୁଲିସସାହେବ ସବୁ ବନ୍ଦୋବସ୍ତ କରିଥାନ୍ତି ।

Digitized by srujanika@gmail.com

ପୁଲିସସାହେବ ଥିଲେ ରାଜଗୋପଳନ ସାହେବ – କହିଲେ, ଲାଲୁବାବୁଙ୍କୁ ସାଙ୍ଗରେ ନେଇଯିବାକୁ – ଥୁଆମାଲ ରାମପୁରଠେଇ ରହିବାକୁ – ସେଠିକି ଯିବାପାଇଁ ସବୁ ଯୋଗାଡ଼ଯନ୍ତ୍ର ହେଇଯାଇଚି । ଏଇରକମ ସବୁକଥା ଶୁଣି ଆମେ ଖୁବ୍ ଖୁସିହେଲୁ । ଲାଲୁବାବୁଙ୍କୁ ଖବର ଦବାକୁ ତାଙ୍କ ଘରଠେଇ ଯାଇ ପହଞ୍ଚିଲୁ ରାତି ଆଠଟାରେ । ମୋ ପାଇଁ କପେ ଚା ଆଉ ଗୁରୁ ପାଇଁ କପେ ଗାଈଦୁଧ ବରାଦ କରି ଲାଲୁବାବୁ ଗପ ଆରମ୍ଭକଲେ । ପ୍ରଥମେ ପଡ଼ିଲା ବନ୍ଧୁକ କଥା – କୋଉ ବନ୍ଧୁକରେ କ'ଣ ମରାଯାଏ । ବାଘ ପାଇଁ କିମିତି ବନ୍ଧୁକ ଧରି ବଣରେ ପଶିବ – ମିରିଗ ପାଇଁ କିମିତି ବନ୍ଧୁକ ନବ । ତା'ପରେ କାହା ପାଖରେ କିମିତିକା ବନ୍ଧୁକ ଅଛି । ସେଠୁ କଥା ଗଲା ଯାଇ ମହାରାଜାମାନଙ୍କର ଶିକାର କଥା । ଲାଲୁବାବୁ ତ ନୀଳଗିରି ରଜାଙ୍କ ପାଖରେ ଜଙ୍ଗଲ ବିଭାଗର କର୍ତ୍ତା ଭାବରେ କାମକରୁଥିଲେ । ଅନେକ ଦିନ ରହିଲା ପରେ କିମିତି ରାଜାସାହେବ ତାଙ୍କ ଉପରେ ଖପ୍‌ପା ହେଲେ – ଚାକିରିରୁ ବରଖାସ୍ତ କରିବାକୁ ଯାଉଥିଲେ, ଫେର୍ ମୟୂରଭଞ୍ଜର ମହାରାଜା କହିବା ଯୋଗୁରୁ ସେ ଚାକିରିରେ ରହିଲେ । ରାଜାମହାରାଜାଙ୍କ ପାଇଁ ଶିକାର ବନ୍ଦୋବସ୍ତ ସବୁ କିମିତି ହୁଏ – ଏଇସବୁ କଥା ତ ଆମେ ମନଦେଇ ଶୁଣୁଥିଲୁ – ଶୁଣିବାକୁ ବି ଖୁବ୍ ଭଲଲାଗୁଥାଏ । ତାଙ୍କର କହିବା ଢଙ୍ଗ ବି ଖୁବ୍ ଖୁସ୍‌ବାସିଆ । ସେ ତ ଅନେକ ଦିନ ରାଜାମହାରାଜାଙ୍କ ସାଙ୍ଗରେ ବସାଉଠା କରିଥାନ୍ତି – କଥାବାର୍ତ୍ତା ତାଙ୍କର ମନକୁ ସିମିତି ନୁଆଣିଆ ହେଇଯାଇଚି । "ଶୁଣିବାହେଲେନା – ସେଦିନଟା ଖୁବ୍ ଶୀତ ..." ଏଇପରିକା କହନ୍ତି । ସେଦିନ ରାତି ବେଶି ହେଲା ବୋଲି ତାଙ୍କ କଥା ଅଧାରଖି ଆମେ ଶୋଇବାକୁ ଆସିଲୁ । ସେ ତ ଆମ ସାଙ୍ଗରେ ଚାରିଛ'ଦିନ ଜଙ୍ଗଲ ଡେରାରେ ରହିବେ – ସେତେବେଳେ ଶୁଣିବାନି କି !

ଥୁଆମାଲ ରାମପୁରଠେଇ ବାଘର ଖବରକୁ ଅପେକ୍ଷା କରିଥିବାବେଳେ ଲାଲୁବାବୁଙ୍କଠୁ କାହାଣୀ ଅଙ୍ଗେ ନିଭେଇବା କଥା ଶୁଣି ଶୁଣି ଆନନ୍ଦରେ ଦି'ଭାଇ ବିଭୋର ।

ରାଜନୀଳଗିରିର ରାଜବାଡ଼ିରେ ସକାଳୁଆ କଥା –

ରାଜାସାହେବଙ୍କ ପାଖରେ ଖବର ପହଞ୍ଚିଲା ଯେ ଚଉଦମାଇଲ ଦୂର ଗୋଟିଏ ଗାଁର ଭେଣ୍ଡିଆ ଜଣକୁ ବାଘ ନେଇଯାଇଚି । ରାଜାସାହେବ ତାଙ୍କର ଜଙ୍ଗଲ ବିଭାଗର ସାହେବଙ୍କୁ ଡକେଇଲେ । ସେତେବେଳେ ଲାଲୁବାବୁ ଥିଲେ ସେଠାର ଜଙ୍ଗଲ ବିଭାଗର ଦାୟିତ୍ୱରେ । ସକାଳୁ ଛାମୁଙ୍କଠୁ ତଲବହେଲାଣି – କାଲେ ରାତିରେ କଣ ସ୍ୱପ୍ନ ଦେଖିଥିବେ କି ଛାମୁ ? ନା, ଆଉ କ'ଣ ହେଇଚି ? ଏଇପରିକା ଭାବି ଭାବି ଲାଲୁବାବୁଙ୍କ ମନ ବଡ଼ ଗୁଡ଼େଇତୁଡ଼େଇ ହେଲା । ସକାଳୁ ବିଛଣାରୁ ଉଠୁ ଉଠୁ ତ ବାଁଆଖିଟା ଫରକୁଥିଲା – ଏଇଟା ବିପଦ ଆଣିବ ନା ସମ୍ପଦ ଆଣିବ ଜଣାନାହିଁ । ଏଇପରି ଦୋ'-ଦୋ'-ପାଞ୍ଚ ହେଇ ଲାଲୁବାବୁ ଯାଇ ଦରବାରଠେଇ ଛାମୁଙ୍କ ପାଖରେ ହାଜରହେଲେ । ସେତେବେଳକୁ ଖରା ଆସି ସିଂହଦୁଆରର ସିଂହର ଲାଞ୍ଜଠେଇ ହେଲାଣି – ମଣିମା ବଡ଼ ଖୁସି ଥିଲାପରିକା ଦିଶୁଥା'ନ୍ତି; ହେଲେ ତାଙ୍କର ନିଶ ଯୋଡ଼ାଟା ମନକୁ କୁଦାମାରୁଚିପରିକା ମନେହେଉଥାଏ ।

Digitized by srujanika@gmail.com

ମଣିମା ପାଟିରୁ ହୁକାର ନଳଟା କାଢ଼ି ବେତାଏ ହବ ବାସନା ଧୂଆଁ ଫୁଙ୍କିଦେଲେ, ଆଉ ଲାଲୁବାବୁଙ୍କୁ କହିଲେ ଯେ – ଗାଁର ଟୋକାଟାକୁ ବାଘ ନେଇଯାଇଚି – ଶୀଘ୍ର ଲାଲୁବାବୁ ଯାଇ ସେଠି ଗୋଟିଏ ମଞ୍ଚା ବାନ୍ଧିଲେ ରାଜାସାହେବ ନିଜେ ଯାଇ ସେ ବାଘକୁ ମାରିବେ । ‘‘ଯେ ଆଜ୍ଞା’’ କହି ଲାଲୁବାବୁ ବାହାରିପଡ଼ିଲେ । ସେତେବେଳେ ଗାଡ଼ି ମଟର ଏତେ ବେଶି ନଥିଲା କି ରାସ୍ତାଘାଟ ବି ନଥିଲା ମଟର ଦଉଡ଼େଇବା ପାଇଁ । ମଣିମା ତ କମ୍ କଥା କହନ୍ତି । ଏ ଯଉ ଦି’ପଦ କହିଲେ, ଆଉ ହୁକାର ନଳକୁ ପାଟିରେ ପୂରେଇଲେ, ଏଇଥିରୁ ଲାଲୁବାବୁ ଠଉରେଇନେଲେ ଯେ ଆଉ ପଦେ କଥା କହିଲେ ଛାମୁଙ୍କର ମେଜାଜ୍ ଗରମ ହେଇଯାଇପାରେ । ମନେ ମନେ ଭାବିଲେ ଯେ ଘରକୁ ଯାଇ ଗଣ୍ଡେ ଖିଆପିଆ କରି ଦି’ପହର ଆଗରୁ ଗଲେ ହବ ।

ହେଲେ ଏଣେ ଭୟ ହେଲା – ଯଦି ମଣିଷଖିଆ ବାଘ ସେ ବଣ ଛାଡ଼ି ଆଉ କୁଆଡ଼େ ଚାଲିଯାଏ ? ମଣିଷର ଦେହରେ ଅବା ମାଉଁସ କେତେ ଯେ ବାଘ ଦୁଇଦିନ ଧରି ଖାଇବ ? ମଇଁଷି, ଗୋରୁ, ସମ୍ବର ମାଉଁସ ସିନା ଖାଇବାକୁ ବାଘକୁ ଦିନ ଦୁଇ ଚାରି ଲାଗେ – ମଣିଷଟିଏ ଖାଇ ଶେଷ କରିଦବାକୁ ଓଳିଏ । ବସାକୁ ଯାଇ ତାଙ୍କର .୪୨୩ ବୋର୍‌ର ରାଇଫଲ୍‌ଟା ଧରି ବାହାରିପଡ଼ିଲେ । ଘରଣୀ ତ ଆଉ ଏମିତି ଅଖିଆଟାରେ ମଣିଷଖିଆ ବାଘ ଖୋଜିବାକୁ ଲାଲୁବାବୁଙ୍କୁ ଯିବାକୁ ଦେବେନି – ଅଳି କରି ବସିଲେ ଖାଇକି ଯିବାକୁ ହବ । କଥା କହୁଥାନ୍ତି, ଏଣେ ଅଟା ଦଳିପକେଇଲେ, କରେଇରେ ଘିଅ କଡ଼କଡ଼ କରୁଥାଏ । ଚାରିଛ’ଟା ପୁରି ଛାଙ୍କିଦେଲେ । ବାଇଗଣ ଭଜାହେଲା । ଲାଲୁବାବୁଙ୍କୁ ବାଇଗଣ ଭଜାଟା କାଳେ ଖୁବ୍ ଭଲଲାଗେ । ଦେଖୁ ଦେଖୁ ପୁରି, ବାଇଗଣଭଜା, ଆଳୁଭଜା ଆଉ ଯୋଡ଼େ ସନ୍ଦେସ ଆସି ଥୁଆହେଲା । ଲାଲୁବାବୁ ସେତକ ଗପ୍‌ଗାପ୍ କିନା ଖାଇ ଗିଲାସେ ପାଣି ପିଇ ବାହାରିପଡ଼ିଲେ । ସାଙ୍ଗରେ ଧଇଲେ ବୋତଲେ ପାଣି ।

ଜଙ୍ଗଲରେ ଜନ୍ତୁ ପଛରେ ଗୋଡ଼େଇଲାବେଳେ କେତେ କୋଶ ବାଟ ଯେ ଚାଲିବାକୁ ହବ ଶିକାରୀକୁ ତ ଆଗରୁ ଜଣାନଥାଏ । ବାଟ ଚାଲିଲେ ଶୋଷ ଖୁବ୍ ହୁଏ – କାରଣ ଦେହରୁ ଝାଳ ଢେର୍ ବାହାରେ । ପାଣି ବୋତଲଟା ବନ୍ଧୁକପରିକା ଗୋଟିଏ ଦରକାରୀ ଜିନିଷ । ବାଘ ଯେଉଁ ଗାଁର ଲୋକକୁ ଧରିଚି, ସେଠାର ଜଣେ ଭେଣ୍ଡିଆଟୋକା, ଆଉ ଜଣେ ବୁଢ଼ା ତ ଖବର ନେଇ ମଣିମାଙ୍କ ପାଖକୁ ଆସିଥିଲେ, ସେଇ ଦୁଇଜଣ ବାଟ କଢ଼େଇ ଲାଲୁବାବୁଙ୍କୁ ତାଙ୍କ ଗାଁପାଖ ବଣକୁ ନବାରକଥା ।

ସଜବାଜ ହୋଇ ଲାଲୁବାବୁ ଘରୁ ବାହାରି ଦେଖନ୍ତି ତ ବୁଢ଼ା ଯାଇଚି ପୋଖରୀପାଣି । ତାକୁ ଅନେଇବାରେ ତ ଡେରି ଟିକେ ହେଲା । ଏଣେ ଲାଲୁବାବୁଙ୍କୁ ଛାନିଆ ଲାଗୁଥାଏ, ଡେରିହେଲେ ବାଘର ସୁରାକ୍ ମିଳିବ କି ନାହିଁ । ସେଇ ଟୋକାକୁ ସାଙ୍ଗରେ ଧରି ବଣ ରାସ୍ତାରେ ପାଖ ହବ ବୋଲି ଚାଲିଲେ । ଚାଲିଲେ କହିଲେ ଠିକ୍ ହବନି – ଧପାଲିଲେ; ଅଧା ଦୌଡ଼ ଅଧା ଚାଲି । ସେତେବେଳେ ତ ବଣରେ ଜନ୍ତୁ ମେଳା ମେଳା । ଦୁଇକୋଶ ବାଟ ଯାଇଚନ୍ତି କି ନାହିଁ, ଗୋଟିଏ ବଡ଼ ଶିଙ୍ଗାଳ ସମ୍ବର ଦେଖିଲେ । ଏତେ ବଡ଼ ଶିଙ୍ଗାଳଟା

Digitized by srujanika@gmail.com

ଯେ ମନେହେଲା ତା'ର ଶିଙ୍ଗର ମାପ 'ରେକର୍ଡ଼' ହେଲାପରିକା । ଲାଖକରି ତା ବେକକୁ ଗୁଳିକଲେ । ଲାଲୁବାବୁ .୪୨୩ ବୋର୍‌ର ମଉଜାର ରାଇଫଲ୍ ବ୍ୟବହାରକରନ୍ତି । ସେ ରାଇଫଲ୍‌ର.ଗୁଳିରେ ଏଡ଼େ ବଡ଼ ଜନ୍ତୁଟା ସେଇଠି କାଠଗରପରିକା ଶୋଇଲା । ପାଖକୁ ଯାଇ ଦେଖିଲେ ଯେ ସେ ସମ୍ବରଟା ମରିଯାଇଚି । ସାଙ୍ଗରେ ତ ଜଣେ ଲୋକ – ସେ ଜନ୍ତୁର ଗୋଟିଏ ଫଡ଼ିଆ ବି ଉଠେଇବା ପାଇଁ ସେମାନଙ୍କର ବଳନଥାଏ । ସେଇଟାକୁ ସେଇଠି ତାଳପତ୍ର ଆଣି ଘୋଡ଼େଇଦେଲେ – ଫେରିବା ବାଟରେ ତାକୁ ନବାର ବନ୍ଦୋବସ୍ତ କରାଯିବ ।

ଲାଲୁବାବୁଙ୍କ ମନ ଖୁସି – ଭଲ ଶୁଭବେଳରେ ଅନୁକୂଳଟା ହେଇଚି ନିଶ୍ଚୟ; ନ ହେଲେ ଏମିତି ସହଜରେ ଏଡ଼େ ବଡ଼ ଶିଙ୍ଗାଳ ସମ୍ବରଟା ମିଳିଥାନ୍ତା କି ? ଯାହାହେଉ ଛାମୁଙ୍କର ହୁକୁମ ଅନୁସାରେ ମଞ୍ଚାଟା କିମିତି ବାନ୍ଧିଦେଲେ – ମଣିଷଖିଆ ବାଘଟାକୁ ଛାମୁ ମାରିଦେଲେ – ମଣିମା ଖୁବ୍ ଖୁସିହେବାହେବେ । ଖୁସିହେଇ ରାଜାସାହେବ ତ କିଛି ନା କିଛି ଗୋଟାଏ ପୁରସ୍କାର ଦେବେ । ଏଇପରିକା ପାଞ୍ଚ-ସାତ କଥା ଭାବି ଭାବି ଲାଲୁବାବୁ ଚାଲିଥାନ୍ତି । ମନଫୁଲାଣିରେ ପାଦ ଭୂଇଁରେ ଲାଗେ ନଲାଗେ ।

ବସ୍ତିରେ ପହଞ୍ଚିଲାବେଳକୁ ସୂର୍ଯ୍ୟ ଯାଇ ମୁଣ୍ଡ ଉପରେ । ଗାଁର ଆଠ-ଦଶଜଣ ଭେଣ୍ଡିଆଙ୍କୁ ଡାକି – ସାଙ୍ଗରେ ଗୋଟିଏ ମଜବୁତ ଦଉଡ଼ିଆ ଖଟ ଆଉ ବରେଇ ଚାରିଟା ଧରି ବଣକୁ ପଶିଲେ । ପାଏ ବାଟ ଗଲେ ସେ ମହୁଲବଣ ପଡ଼ିବ – ସେଇଠି ତ ଶୁକୁଟାକୁ ବାଘଧରିଚି । ସେଇ ପାଖ ନଟିରେ କଉଠି ବସି ଖାଉଥିବ – ବେଶି ବାଟ ଯିବାକୁ ହବନି । ପାଖରେ ପରା ମାହାରାଟା ଅଛି – ସେଥିରେ ତ ପାଣି ଏବେ ବି ଠାଏ ଠାଏ ଅଛି । ପାଖରେ ପାଣି ଥିଲେ ଆଉ ନଟି ବୁଦା ଭିତରେ ନିରୋଳା ଥାନ ଥିଲେ ବାଘ ମିଛୁଟାରେ ଏତେ ବଡ଼ ଲାସ୍‌ଟା ବହିକି ଦୂର ବାଟ କାହିଁକି ଯିବ । ଶୁକୁଟାକୁ ଧରିଲା ପରଠୁ ଇମିତି କୋକୁଆଭୟ ହେଇଚି ଯେ ସେ ବଣ ପାଖକୁ କେହି ଯାଉନାହାନ୍ତି – ବାଘ ତ ନିଶ୍ଚିନ୍ତ ହୋଇ ସେଇ ବୁଦାରେ ବସି ଖାଉଥିବ । ଏଇକଥା ଭାବି ଗାଁର ସବୁଟୋକା ତ ନାମଙ୍ଗ ହେଉଥିଲେ ଲାଲୁବାବୁଙ୍କ ସାଙ୍ଗରେ ଯିବାକୁ । ହେଲେ ମଣିମା ହୁକୁମ୍ କରିବାହେଇଚନ୍ତି– କାହାର ସାହସ ହେଲାନି ତୁଣ୍ଡରେ ନାଇଁ କରିବାକୁ – ଖାଲି ବୀର ଦାମାକୁ, ଆଉ ଦାମା ଶାମାକୁ ପାଟିକରୁଥାନ୍ତି "ଚାଲୁନୁ କିଆଁ ?" ଲାଲୁବାବୁ ତ ବେଶି କଥା କହନ୍ତିନି – ଠଉରେଇ ନେଲେ କ'ଣ କଥା । ଆଗେ ଆଗେ ଚାଲିଲେ ବଣକୁ । ଦାମା, ଶାମା, ବୀରହେରିକା ଖଟଟାକୁ କାନ୍ଧେଇଲେ, ଦଉଡ଼ି ମେଞ୍ଚାଟା ଧରିଲେ, ଆଉ ନିଜନିଜର କୁରାଢ଼ିଟିମାନ କାନ୍ଧରେ ପକେଇ ଲାଲୁବାବୁ ପଛରେ ଗୋଟିଏ ଗୋଟିଏ ଆଗେଇଲେ ।

ଡାକେ ବାଟରେ ବଣ । ପହଞ୍ଚିବାକୁ ଦୁଇଚାରି ମିନିଟ୍ ବେଳ ହେଲା । ବଣକଡ଼ରେ ପହଞ୍ଚି ଲାଲୁବାବୁ ଠିଆହେଲେ । ଶାଳବଣ । ଶାଳଗଛ ତ ସିଧାସଳଖ ୫୦ କି ୬୦ ଫୁଟ ଉପରକୁ ଉଠିଚି; ଡାଳପତ୍ର ଯାଇ କୋଡ଼ିଏ ଫୁଟ ଉପରେ – ଗଛର ଗଣ୍ଡିଗୁଡ଼ାକ ପରିଷ୍କାର ଗୋଟି ଗୋଟି ଦିଶୁଥାଏ । ହେଲେ ଭୂଇଁଠୁ ପାଞ୍ଚଛଅ ଫୁଟ ଉଚ୍ଚା ଯାଏ ଅତାଣ୍ଡି, ବଇଁଚ

Digitized by srujanika@gmail.com

କଣ୍ଟା; ବାଇଡ଼ଙ୍କ ଲଟିରେ ଖୁବ୍ ଘଞ୍ଚ ହେଇଥାଏ – ଅନ୍ଧାର ହେଇଥାଏ ବଣର ମାଟିଟା । ସେଥିରେ ବାଘ ରହିବାକୁ ତ ଖୁବ୍ ସୁବିଧା । ମଣିଷଖିଆ ବାଘଟା କଉଠି ଲୁଚିଥିବ ତ – ଏତେଗୁଡ଼ାଏ ନିରୀହ ଲୋକଙ୍କୁ ନେଇ ବଣରେ ପଶିଲେ ଯଦି କାହାକୁ ଧରେ ? ଏଇ ଲଟିରେ ଲାଲୁବାବୁ ତାଙ୍କ ରାଇଫଲ୍‌କୁ ଭଲଭାବେ କାନ୍ଧରେ ଲଗେଇ ଲାଖକରିପାରିବେ କି ନାହିଁ ଭାବିଲେ । ବାଘ ସେଇଦିନ ଗୋଟିଏ ମଣିଷ ମାରିଚି – ଖାଇଥିବ ତ – ଆଉ ମଣିଷ ମାରିବାର ଇଚ୍ଛା ନଥିବ । ଯଦି ମଡ଼କୁ ଖାଉଥିବ, ତାକୁ ଘଉଡେଇବାର ଚେଷ୍ଟାକଲେ ରାଗିବ – ମଣିଷ ମାରିବାକୁ ପଛେଇବନି । ବାଘର ପ୍ରକୃତ ଦରକାର ନଥିଲେ ବୃଥାଟାରେ ଜନ୍ତୁ କି ମଣିଷ ମାରେନାହିଁ – ଭୋକ ହେଲେ ଯାଇ ମାରିବ । ଏଇକଥା ସବୁ ଲାଲୁବାବୁଙ୍କ ମୁଣ୍ଡରେ ଖେଳୁଥାଏ – ଭାବୁଥିଲେ କିମିତି ସେ ଲଟିରେ ପଶିବେ – ଲାସ୍‌ଟା କଉଠି ପଡ଼ିଚି ନଦେଖିଲେ ମଞ୍ଚା ବା କଉଠି ବାନ୍ଧିବେ ? ଶୁକୁଟାର ଲାସ୍‌ଟାକୁ ଖୋଜି ବାହାରକରିବାକୁ ହବ ତ ଯିମିତି ହଉ । ବହୁତ ଏପାଖ ସେପାଖ ଭାବି ଲାଲୁବାବୁ ଶାମା, ଦାମାକୁ କହିଲେ ସେଇଠି – ବଣକାନ୍ଥରେ ଅପେକ୍ଷା କରିବାକୁ । ନିଜେ ବନ୍ଧୁକକୁ ଠିକଣା ଧରି ସେ ଲଟିରେ ପାଦେ ପାଦେ ଆଗେଇଲେ । ପାଦେ ଯାଇ ନଇଁକି ଲଟିଗହଳିରେ ଏଣେତେଣେ ଦେଖନ୍ତି, ଫେର୍ ପାଦେ ଯାଆନ୍ତି । ପାଦ ଭୂଇଁରେ ପକାଇବା ଆଗରୁ ଦେଖିବାକୁ ହବ ତ କାଳେ ଶୁଖିଲା ପତର କି କାଠିଟିଏ ଉପରେ ପଡ଼ିବ ନାହିଁ – ଶବ୍ଦ ହବ । ଖୁଟ୍‌କିନି ଶବ୍ଦ ହେଲେ ମଡ଼ ଉପରେ ବାଘ ହୁସିଆର ହେଇଯିବ । ବାଘର କାନ ଆଉ ଆଖି ଖୁବ୍ ପାଗିଁବାର । ନାକରେ ସିନା ଗନ୍ଧ ବାରିବା ତାକୁ କଷ୍ଟ ହୁଏ – ଆଖି କିନ୍ତୁ ଖୁବ୍ ତୀକ୍ଷ୍ଣ ଆଉ କାନ ତ ସବୁବେଳେ ଖାଡ଼ା – ଏତେ ଟିକେ ଶବ୍ଦ ବି ତାକୁ ଶୁଭିବ । ଭଗବାନଙ୍କର ବିଚାର ସେମିତି । ହରିଣ, ସମ୍ବର, ବାର୍‌ହାହେରିକାର ନାକ ଖୁବ୍ ପାରଙ୍ଗମ । ମଣିଷ ଶହେଗଜ ଦୂରରେ ଥାଉ ପଛେ ବାସନା ବାରିପାରି ଜନ୍ତୁମାନେ ଆପଣାର ବାଟ କାଟନ୍ତି, ହେଲେ ଆଖିଟିମାନ ତାଙ୍କର ସେତେ ପାରିବାର ନୁହେଁ । ତୁମେ ପଡ଼ିଆଟାରେ – ସୁଦ୍ଧୁ ଫାଙ୍କାଜାଗାରେ ଠିଆହୋଇଥାଅ, ହଲଚଲ ହବନାହିଁ ତ ହରିଣ ଜମା ଜାଣିପାରିବନି ଯେ ମଣିଷଟାଏ ସେଠି ଅଛି ବୋଲି – ଧୀରେ ପବନ ଯଦି ବହିଚିନା, ତୁମ ଦେହର ଗନ୍ଧ ଯାଇ ତା ନାକରେ ବାଜିବ ଆଉ ଦେଖୁ ଦେଖୁ ସେ ଛୁ'କରିବ ଘଞ୍ଚ ଜଙ୍ଗଲକୁ । ସେଇଥିପାଇଁ ପରା ବାଘ ଶିକାରକୁ ବାହାରିଲେ ପବନ ଯେଉଁଆଡୁ ବହୁଥିବ ସେଇଆଡ଼େ ଧୀରେ ଧୀରେ ଆଗେଇବ ଜନ୍ତୁ ଖୋଜି ଖୋଜି ।

ଲାଲୁବାବୁଙ୍କୁ ତ ବାଘର ଏଇ ଗୁଣସବୁ ଭଲ ଜଣାଥିଲା । ଶବ୍ଦ ନକରି ପାଦେ ପାଦେ ଆଗେଇଲେ – ନଇଁ ନଇଁ ଗଳି ଗଳି ସେ ଲଟି ଭିତରଟା ଖୋଜିଲେ ଶୁକୁଟାର ଲାସ୍‌କୁ । ଶହେ ଗଜ ଖଣ୍ଡେ ଖୋଜି ଗୋଟିଏ ବୁଦା ପାଖରେ ଦେଖିଲେ ଶୁକୁଟାର ଆଙ୍ଗୁଳି ଚାରିଟା ପଡ଼ିଚି । ସେତକ ବାକି ଥାଏ – ଶୁକୁଟାର ପୂରା ଦେହଟା ବାଘ ଖାଇସାରିଥାଏ । ଲାଲୁବାବୁଙ୍କ ମନ ଦବିଗଲା – ଏତକ ପାଇଁ କଣ ବାଘ ଆଉ ଫେରିବ ଯେ ସେ ମଞ୍ଚା ବାନ୍ଧିକି ରାଜାସାହେବଙ୍କୁ ଆଣିବେ ? ମନଟା ତାଙ୍କର ଏକଦମ୍ ଚୂନା

Digitized by srujanika@gmail.com

ହୋଇଗଲାପରି । ସେଇ ଚାରିଟା ଆଙ୍ଗୁଳିକୁ ଢୋତାରେ ଟିକେ ଖେଳେଇଲାବେଳକୁ ବୁଦା ଭିତରୁ ଗର୍‌ର୍ ଗର୍‌ର୍ ଶବ୍ଦ କାନରେ ବାଜିଲା – ଝଅଟ୍‌କିନା ବନ୍ଧୁକ କାନ୍ଧରେ ଲଗେଇ ମାଛିରେ ଯାଇ ଆଖି – ମାଛିକି ଟପି ଦଶଫୁଟ ଦୂରରେ ବୁଦାର ଅନ୍ଧାରୁଆ ପତର ଗହଳରୁ ବାଘର ଆଖି ଜକ୍‌ଜକ୍ କଲା । ଲାଲୁବାବୁ ବନ୍ଧୁକର ମାଛି ଠିକ୍ ଆଖି ମଝାମଝି ରଖି ବନ୍ଧୁକର ଘୋଡ଼ାକୁ ଟିପିଲେ । .୪୨୩ ବୋର୍‌ର ରାଇଫଲ୍‌ର ଗୁଳି ବାଘର ଠିକ୍ ଚିତାରେ ବସିଲା – ବାଘ ଯେମିତି ଲାଲୁବାବୁଙ୍କର ବେକକୁ ଡେଇଁବାକୁ ବସିଥିଲା ସେଇଠି ରହିଗଲା ।

ଲାଲୁବାବୁ ରାଇଫଲ୍‌ର ବୋଲ୍‌ଟ୍‌କୁ କାଢ଼ି ଫେର୍ ଠେଲିଦେଇ ରାଇଫଲ୍‌କୁ ଧରିଥାନ୍ତି ମାଛିକୁ ବାଘର ନାକ ଉପରକୁ । ଦଣ୍ଡେ ପରେ ବାଘ ମରିଚିବୋଲି ଜାଣିଲାରୁ ବନ୍ଧୁକ ଓହ୍ଲେଇଲେ ଆଉ ଦାମା, ଶାମାହେରିକାକୁ କୁହାଟିଲେ । ସେ ତ ଅନେକ ଦିନ ତଳର କଥା । ଲାଲୁବାବୁ ମୋତେ ଏଇ କଥା କହିଲେ ୧୯୫୪ ସାଲରେ କଳାହାଣ୍ଡି ଜିଲ୍ଲାର ଥୁଆମାଲ ରାମପୁର ବଙ୍ଗଳାରେ । କହିଲାବେଳେ ଲାଲୁବାବୁଙ୍କର କଥାର ଢଙ୍ଗଟା ଭାରି ସୁଖଲାଗୁଥାଏ ମୋତେ । ମୋ ସାଙ୍ଗରେ ମୋର ସାନଭାଇ ଗୁରୁପ୍ରସାଦ ବି ଥାଏ । x x ଲାଲୁବାବୁ ଝୁଙ୍କିପଡ଼ି ମୋ ହାତକୁ ଧରିପକେଇ କହିଲେ, 'ଶୁଣିବା ହେଉଚନ୍ନା ? ଗର୍‌ର୍ ଶବ୍ଦଟା ଶୁଣି ମୁଁ ଦେଖିଦେଲି ତ ବାଘଟା ଆସି ମୋ ଉପରେ ଯିମିତି – ପ୍ରାଣବିକଳରେ ରାଇଫଲ୍‌ଟା ଫୁଟାଇଦେଲି । ବାଘଟା ସେଇଠି ମୋ ଗୋଡ଼ ପାଖରେ ଦୁଲ୍‌କିନା ପଡ଼ିଲା । ଗୁଳିଟା .... ।'' ଗୁଳିଟା ଯେ ବାଘର ଚିତାରେ ବାଜିଲା ଆଉ ବାଘଟା ସେଇଠି ଚାରିକାତ ମେଲେଇ ମାଟିକାମୁଡ଼ିଲା, ଏଇ କଥାଗୁଡ଼ା ଆଉ ଲାଲୁବାବୁ ଭାଷାରେ କହିଲେନି । ଡାହାଣ ହାତର ବୁଢ଼ା ଆଙ୍ଗୁଠିଟା ନିଜର ଚିତାରେ ଲଗେଇ ଦେଖେଇଦେଲେ, ଆଉ ହାତ ଦୁଇଟା ମେଲେଇ ଆଖିବୁଜି ମୁଣ୍ଡଟା ଝୁଙ୍କେଇ ଧୀରେ ଧୀରେ ଭୂଇଁକୁ ନଇଁପଡ଼ିଲେ । ଆମେ ବୁଝିପାରିଲୁ ଯେ ଲାଲୁବାବୁ ବାଘର ମରଣଟା ଭଙ୍ଗିକରି ଦେଖେଇଦେଲେ ।

ବାଘ ତ ମଲା – ଗାଁଯାକର ଲୋକ ଆସି ସେଠି ରୁଣ୍ଡହେଲେ । ଶୁକୁଟାର ମା' ଆସି ପଡ଼ିଥିବା ଆଙ୍ଗୁଠିତକ ଗୋଟେଇ ନିଜର ଶାଢ଼ିକାନିରେ ଗଣ୍ଠେଇଲା – ବହେ କାନ୍ଦିଲା – ଲାଲୁବାବୁଙ୍କୁ ଖୁବ୍ ଭକ୍ତିକଲା – ସାବାସ୍ ଦେଲା । ସମସ୍ତେ ମିଳି ବାଘକୁ ଗୋଟିଏ ଖଟିଆରେ ଶୁଆଇ ଦଉଡ଼ିରେ ବାନ୍ଧିଲେ । ଖଟ ଦୁଇ ବାହୁରେ ଲମ୍ବା ଶାଳୁଆ ରଳା ଦୁଇଟା ବାନ୍ଧିଲେ କାନ୍ଧରେ ଭାର କରି ବାଘକୁ ଗଡ଼କୁ ନେବେବୋଲି ।

ଏଇସବୁ କାଣ୍ଡ ହେଉଥିଲାବେଳେ ଲାଲୁବାବୁଙ୍କର ମନରେ କୋହଉଠୁଥାଏ । ବାଘମୁହଁରୁ ବଞ୍ଚିଲେ – ଭାଗ୍ୟବାନ୍ ବୋଲି ଭଗବାନ୍‌କୁ ଧନ୍ୟବାଦ ଦବା କଥା । ବାଘଟାକୁ ଏକାଗୁଳିରେ ତଳେ ଠିଆହୋଇ ମୁହାମୁହିଁ ମାରିଛନ୍ତି, ଗର୍ବରେ ଛାତି କୁଣ୍ଢେମୋଟ ହବା କଥା ! ହେଲେ – ଲାଲୁବାବୁଙ୍କର ମନଟା କାହିଁକି ଭାରି ଦବିଯାଉଥାଏ । ସେତେବେଳର ନୀଳଗିରି ତ କରଦ ରାଜ୍ୟ – ରାଜାଙ୍କର ମର୍ଜି ଉପରେ ଶାସନ ଚାଲିଥାଏ । ବାଘଟାକୁ ରାଜାସାହେବ ନିଜେ ମାରିଥାନ୍ତେ – ଆଉ ଜଣେ କେହି ରାଜାସାହେବ ମାରିବା ଆଗରୁ

Digitized by srujanika@gmail.com

ମାରିଦେଲେ ରାଜାଙ୍କର କୋପ ଖୁବ୍ ହେବ – କୋପରେ ହୁଏତ ଲାଲୁବାବୁଙ୍କର ଚାକିରି ଚାଲିଯାଇପାରେ ।

ସେ ତ ଜାଣିଥିଲେ ଯେ ରାଜାଙ୍କର ହୁକୁମ ଥିଲା ତାଙ୍କର ବଣରେ ଅନ୍ୟ କେହି ଶିକାର କରିବେନି – ବାଘ ତ ଦୂରର କଥା, ହରିଣ ମିରିଗ ବି ମାରିବା ମନାଥିଲା । ତା ଛଡ଼ା ବଡ଼ଲୋକମାନଙ୍କର ଆଚାର ବ୍ୟବହାର ତ ଆଉ ଲାଲୁବାବୁଙ୍କୁ ଅଛପା ନଥିଲା ! ବଡ଼ବଡ଼ିଆଙ୍କ ସାଙ୍ଗରେ ବନ୍‌ଶୀ ପକାଇବାକୁ ଯଦି ଯିବ, ସବୁଠୁ ଭଲ ମଞ୍ଚାରେ ସେମାନେ ବସିବେ । ଦିନଯାକ ବନ୍‌ଶୀଖେଳ ପରେ ସଞ୍ଜକୁ ଯେତେବେଳେ ସମସ୍ତଙ୍କର ଧରା ମାଛ ଏକାଠି ହୁଏ – ସେତେବେଳେ ସବୁଠୁ ବଡ଼ ବଡ଼ ମାଛଗୁଡ଼ାକ ଛାମୁଙ୍କ ବନ୍‌ଶୀରେ ଲାଗିଥିଲା ବୋଲି କହିବାକୁ ହୁଏ !! ଶିକାରରେ ବି ସିମିତି ସବୁ ବାଘ ଛାମୁଙ୍କଗୁଳିରେ ମଲେ ବୋଲି କହିବାକୁ ହବ ।

ଦିନଟାଯାକ ଖିଆ ନାହିଁ ପିଆ ନାହିଁ, ସମ୍ବର ମଢ଼କୁ ଆଉ ବାଘ ମଢ଼କୁ ଧରି ଲାଲୁବାବୁ ଯେତେବେଳେ ରାଜବାଡ଼ିରେ ପହଞ୍ଚନ୍ତି, ସେତେବେଳକୁ ପ୍ରାୟ ସଞ୍ଜ । 'ମାହାର୍ଜା' ପହୁଡ଼ିଥାନ୍ତି । ଲାଲୁବାବୁ ପାଖ ଲୋକଙ୍କଠୁ ବୁଝିଲେ ମାହାର୍ଜା କେତେବେଳୁ ପହୁଡ଼ିଚନ୍ତି ବୋଲି । ହରିବୋଲିଆ – ଯେ କି ମହାରାଜାଙ୍କର ହୁକାରେ ଗୁଡ଼ାଖୁ ଦିଏ – ପାଣି ବଦଳ କରି ଚିଲମରେ ନିଆଁ ଲଗାଏ – କହିଲା, ''ଛାମୁ ତ ବହୁତ ବ୍ୟସ୍ତ ହଉଥିଲେ ବାଘ ଖବର କିଛି ନପାଇ – ଏଇ ଟିକେ ଆଗରୁ ପହୁଡ଼ିବା ହେଇଚନ୍ତି ।'' ଏଇ କଥାବାର୍ତ୍ତା ହଉ ହଉ ତେଣେ ଛାମୁଙ୍କ ନିଦ ଭାଙ୍ଗିଗଲାଣି ।

ଚଟିଶବ୍ଦରେ ଲାଲୁବାବୁ ଅନେଇ ଦେଖନ୍ତି ତ ମାହାର୍ଜା ବିଜେହେଇଗଲେଣି ସେଠିକି । ଲାଲୁବାବୁଙ୍କର ପେଟଭିତରଟା ସେତେବେଳେ କ'ଣ ଯେମିତି ହେଇଯାଇଥାଏ – ଅନ୍ତବୁଜୁଳିଟା ତୋଳପାଡ଼ ହେଉଥାଏ – ହିଆଟା ଆସି ତଣ୍ଟିଠି ଲାଖିଲାଣି । ନୀଳଗିରିର ରାଜାସାହେବଙ୍କର ଚେହେରା ଖୁବ୍ ସୁନ୍ଦର – ଗୋରା ଟକଟକ ରଙ୍ଗ – ଲମ୍ବା ଛଅଫୁଟ ପାଖାପାଖି – ଆଖିଯୋଡ଼ାକ ବଡ଼ ବଡ଼ ପଦ୍ମପାଖୁଡ଼ାପରିକା – ଯାଉଁଳି ନିଶ ମହମ ଦେଇ ଛୁଞ୍ଚିଆ ହେଲାପରି । ସେତେବେଳେ ତ ରାଜାସାହେବ ନିଦରୁ ଉଠିଥାନ୍ତି । ଆଖିଡ଼ୋଳା ରକ୍ତପରିକା ଲାଲିହୋଇଥାଏ । ଏଣେ ଲାଲୁବାବୁଙ୍କ ଏତେ ଡେରି ହେଇଚି, ଖପ୍‌ପା ହେଇଥାନ୍ତି । ଡେରି ହବାର କାରଣ କ'ଣ ବୋଲି ପଚାରିବାହେଲେ ମାହାର୍ଜା । ଖନେଇ ଖନେଇ ଲାଲୁବାବୁ କହିଲେ ବାଘଟା କିମିତି ତାଙ୍କ ଉପରକୁ କୁଦାମାରିଲା – କିମିତି ସେ ପ୍ରାଣବିକଳରେ ରାଇଫଲ୍ ଉଠେଇ ଗୁଳି କଲାରୁ ବାଘଟା ମରିଗଲା । ଏଇକଥା ଶୁଣୁ ଶୁଣୁ ରାଜାସାହେବଙ୍କର ନିଶ ଯୋଡ଼ାକ ଫକର୍ ଫକର୍ ଡେଇଁଲାପରିକା ହେଲାଣି – ଆଖି ଆଉରି ନାଲ୍ ନାଲ୍ । ସବୁକଥା ମନଦେଇ ଶୁଣିସାରି 'ମଣିମା' ଆଜ୍ଞାକରିବା ହେଲେ ଯେ ଲାଲୁବାବୁଙ୍କର ଆଉ ନୀଳଗିରିଠି ରହିବା ଦରକାର ହବନି । ଲାଲୁବାବୁ ଏତେ ସୂକ୍ଷ୍ମରେ ଚାକିରି ସରିଯିବା କଥା ହେଜି ହେଜି ଘରମୁହାଁ ହେଲେ । ଦିନାକେତେ ପରେ – ଲାଲୁବାବୁଙ୍କ ପାଇଁ ମୟୂରଭଞ୍ଜର ମହାରାଜାସାହେବ ନୀଳଗିରି ରାଜାଙ୍କୁ

Digitized by srujanika@gmail.com

କୁହାବୋଲା କଲାରୁ ଫେର୍ ଚାକିରିରେ ରହିଲେ ।

ସେଥର ବର୍ଷା ଭଲହୋଇଥାଏ – ଧାନ ଫସଲ ନୀଳଗିରି ରାଜ୍ୟରେ ଖୁବ୍ ଭଲ ହୋଇଥାଏ – ଧାନକଟାକଟି ସରିଲାରୁ ରାଜାସାହେବ ସାଙ୍ଗପାଙ୍କ କେତେଜଣଙ୍କୁ ନିମନ୍ତ କରିଥାନ୍ତି ଶିକାର କରିବାକୁ । ମୟୂରଭଞ୍ଜ ମହାରାଜା ତାଙ୍କର ସାଙ୍ଗପାଙ୍ଗ ଧରିକି ଯାଇଥାନ୍ତି । ଲାଲୁବାବୁ ଜଙ୍ଗଲବିଭାଗ କର୍ତ୍ତା ହିସାବରେ ଶିକାର ବନ୍ଦୋବସ୍ତ ଭାରରେ ଥାନ୍ତି । ବଣଭିତରେ ନଈକୂଳରେ ପରିଷ୍କାର ଥାନଟିଏ ବାଛି ସେଠି ବସାଘର କରିଥାନ୍ତି ରାଜାସାହେବଙ୍କର ଅତିଥି ଅଭ୍ୟାଗତମାନଙ୍କ ପାଇଁ – ସେଇ ପାଖରେ ଚାକର ପୂଜାରୀ ମିଶେଇ ପ୍ରାୟ ଶହେକି ଦୁଇଶହ ଲୋକଙ୍କର ରହିବା ପାଇଁ ବ୍ୟବସ୍ଥା ହୋଇଥାଏ । ବସାଘରେ ବିଜୁଳି ଆଲୁଅ ବି ଖଞ୍ଜାହେଇଥାଏ – ରୀତିମତ ଗୋଟିଏ ସହର, ଆଉ କ'ଣ । ଦଶ-କୋଡ଼ିଏଟା ଗାଁର ଲୋକ ଚୁଡ଼ା ଚାଉଳ ଧରି ଆସିଥାନ୍ତି ପନ୍ତା କରିବା ପାଇଁ । ରାଜୁଡ଼ାପନ୍ତାଟା ଦେଖିବା ଜିନିଷ ଏକା । ଦଶ-କୋଡ଼ିଏ କୋଶ ଦୂରରୁ ବଣଟାକୁ ଘେରିକି ପନ୍ତା ହୁଏ – ମନେକର ଦଶକୋଶର ବଡ଼ ହ୍ରଦଟାରେ ଘେରିକି ଗୋଟିଏ ବିରାଟ ଜାଲ ବିଛେଇକି ଆସ୍ତେ ଆସ୍ତେ ଟଣାହବ । ସେମିତି ପନ୍ତାରେ ମୂଷାଛୁଆଟା ବି ତ ଆସିବ ଶିକାରୀର ମଞ୍ଚା ସାମନାକୁ । ଯେଉଁ ଥାନରେ ପନ୍ତା ସରିବ, ସେଇଠି ମାଇଲିଏ କି ଦୁଇମାଇଲ ଲମ୍ୱାରେ ମଞ୍ଚା ହବ । ମଞ୍ଚାଗୁଡ଼ାକ ବେଶ୍ ବଡ଼ରକମ ହୁଏ, ଗୋଟେ ଗୋଟେ ଘରପରିକା – ଦଶ କି ପନ୍ଦର ଫୁଟ ଉପରେ, ଗଛ ଡାଳରେ ବନ୍ଧାଯାଏ । ତା' ଉପରକୁ ଯିବାପାଇଁ ନିଶୁଣି ବନ୍ଧା ହୁଏ – ଚୋକାଟାକଲିଆ ନିଶୁଣି ଚଢ଼ନ୍ତି, ଆଉ ରାଜା ମହାରାଜା, କି ବୁଢ଼ା ଶିକାରୀମାନେ ହାତୀରେ ଆସି ସିଧା ମଞ୍ଚାଉପରେ ବସନ୍ତି । ସେଠି ସରବତ, ଚାହା ଆଉ ବରଫଦିଆ ଥଣ୍ଡାପାଣି – ଖାଇବା ପାଇଁ ବିସ୍କୁଟ୍ ଓ ସେଣ୍ଡଉଇଚ୍ ଥାଏ । ଦୁଇଜଣ ଶିକାରୀ ଆଉ ଦୁଇ-ଚାରିଜଣ ଦେଖଣାହାରୀ ଖୁବ୍ ଆରାମରେ ବସିପାରିବେ । ବଡ଼ିଭୋର୍‌ରୁ ପନ୍ତା ଆରମ୍ଭ ହୁଏ, ସଞ୍ଜକୁ ସରେ । ଏଇମିତି ପନ୍ତାରେ ହଜାରେ ଦି'ହଜାର ଲୋକ ଢୋଲ ବାଜା, ଫଟକା ଧରିକି ହାଉ ହାଉ ପାଟି କରି ବଣ-ଜଙ୍ଗଲ କମ୍ପେଇ ଜନ୍ତୁଙ୍କୁ ସବୁ ତଡ଼ି ତଡ଼ି ଆଣନ୍ତି ଶିକାରୀ ମଞ୍ଚା ଆଗକୁ । ହାତୀ, ଗୟଳ, ବଣମଇଁଷି, ସମ୍ବର, ହରିଣ, ନୀଳଗାଈ, ବାର୍‌ହା, ବାଘ, ଭାଲୁ, କଲରାପତରିଆ ବାଘ – ସବୁପ୍ରକାର ଜନ୍ତୁ ଯେତେ ଥିବେ ସେ ଖଣ୍ଡମଣ୍ଡଳରେ ସବୁ ଆସନ୍ତି ମଞ୍ଚା ସାମନାକୁ । ମାଇଲିଏ ଲମ୍ୱରେ ତ କୋଡ଼ିଏ କି ପଚିଶଟା ମଞ୍ଚାରେ ବସିଥାନ୍ତି ଶିକାରୀମାନେ – ବାଛି ବାଛି ଜନ୍ତୁଙ୍କୁ ମାରନ୍ତି । ମାରନ୍ତି ଯେ ଖୁବ୍ କମ୍, ଛାଡ଼ିଦିଅନ୍ତି ବେଶି । ଗୋଟିଏପ୍ରକାର ସୁମାରି ବି ହେଇଯାଏ ଯେ ସେ ବଣରେ କେତେ ଜନ୍ତୁ ଅଛନ୍ତି । ଶିକାରୀମାନେ ମଞ୍ଚାରେ ବସିବା ପାଇଁ ଦିନ ପ୍ରାୟ ଦଶଟାକୁ ଯିବାର କଥା । ଲାଲୁବାବୁ ଭାବିଲେ ଏତେଜଣ ଅତିଥି ଅଛନ୍ତି ଯେତେବେଳେ, ସକାଳର ଜଳଖିଆ ପାଇଁ କିଛି ବଣକୁକୁଡ଼ା ମାରିଆଣିଲେ ଭଲ ହବ । ପଶ୍ଚିମ ପାଖର ସେ ଦୁଇନମ୍ବର ଶାଳବଣକୁ ଭୋର୍‌ରୁ ଚାଲିଗଲେ । ରିଜର୍ଭଲାଇନ୍‌ରେ କୁକୁଡ଼ା ଚରୁଥିବେ ଢେର୍ ସେଇଠି; ଦଶବାରଟା ହେଲେ ମାରିଆଣିବେ । ଏଇଆ ମନେ

Digitized by srujanika@gmail.com

ମନେ ଠିକ୍ କରି ତାଙ୍କର ଗାର୍ଡ଼ ଭୀମାକୁ ସାଙ୍ଗରେ ଧରି ବାହାରିଲେ । କୁକୁଡ଼ା ମାରିବାକୁ ଚାରିନମ୍ବର ଛର୍‌ରା ଗୁଡ଼ାଏ ପକେଟ୍‌ରେ ପକେଇ ଟୁଏଲ୍‌ଭ ବୋର୍‌ର ଦି'ନଳିଆ ବନ୍ଧୁକ କାନ୍ଧରେ ପକେଇ ବାହାରିପଡ଼ିଲେ । ଭୀମା ଚାଲିଥାଏ ପଛେ ପଛେ ।

ବହେ ବାଟ ଚାଲିଲେଣି, କିଛି ପାଇନାହାନ୍ତି । ଲାଲୁବାବୁ ବଡ଼ ବିଚଳିତ ହେଲେଣି । କୁଆଡ଼େ ଗଲେ ଆଜି କୁକୁଡ଼ାପଲ ? ଗୋଟିଏ ଦୋସମାଳି ଜାଗାରେ ପହଞ୍ଚିଲେ । ଜଙ୍ଗଲବିଭାଗର କର୍ତ୍ତା – ଏଣେ ଶିକାରରେ ସଉକ୍ ଖୁବ୍ । ବଣରାସ୍ତାରେ ଖୁଟ୍ ବି ଶବ୍ଦ ନକରି ଚାଲିପାରନ୍ତି ଲାଲୁବାବୁ । ଭୀମା ବି ତ ଢେର୍ ଦିନ ଚାକିରି କଲାଣି । ବଣଜଙ୍ଗଲରେ ଚଲାଫେରା କରେ ସବୁଦିନ – ସେ ବି ଶବ୍ଦ ନକରି ଚାଲିପାରେ । ସେମିତି ଚାଲିଥିଲେ ତ – ପାଖଆଖରେ ଜନ୍ତୁଜୁନ୍ତା କିଛି ଟେର୍ ପାଇନାହାନ୍ତି ଯେ ଏମାନେ ବଣରାସ୍ତାରେ ବୁଲୁଚନ୍ତି ବୋଲି । ଏଇମିତି ବୁଲିଲାବଳେ ଭଲ ଶିକାର ମିଳେ । ତାକୁ 'ଘୁମିଂ' ବୋଲି ବି କହନ୍ତି ଶିକାରୀମାନେ ।

ଦୋସମାଳିରେ ପହଞ୍ଚି ଲାଲୁବାବୁ ଠିଆହେଲେ – ବେକଟା ଲମ୍ବେଇ ବାଁପାଖ ରିଜର୍ଭଲାଇନ୍‌ଟାକୁ ଅନେଇଲେ । ଅନେଇଦେଇ ତାଙ୍କର ଦେହ ଗୋଡ଼ଠୁ ମୁଣ୍ଡଯାଏ ତ କାଠହୋଇଗଲା । ଦଶ-ବାର ହାତ ଦୂରରେ ବିରାଟ ବାଘଟିଏ ତଳକୁ ମୁହଁକରି ଦପ୍ ଦପ୍ କରି ଚାଲିଆସୁଚି ସେଇ ଦୋସମାଳି ରାସ୍ତାଆଡ଼କୁ । ଏତେ ପାଖକୁ ବାଘଟା ଆସିଯାଇଥିଲା ଯେ ଲାଲୁବାବୁଙ୍କୁ ବେଳ ମିଳିଲାନି ପଛକୁ ହଟିବାକୁ କି ସେଇଠୁ ପଳେଇବାକୁ । ବନ୍ଧୁକରେ ତ କୁକୁଡ଼ା ପାଇଁ ଚାରିନମ୍ବର ଛର୍‌ରା । ପାଖରେ ବଲ୍ କାର୍ତ୍ତୁସ୍ କି ଏଲ୍. ଜି. ବି ନାହିଁ । ଥିଲେ ବି କଣ ସେ ବାଘକୁ ମାରିପାରିଥାନ୍ତେ କି ? ଏବେ ପରା ଚାକିରି ଯାଉଁ ଯାଉଁ ରହିଚି ମଣିଷଖିଆ ବାଘକୁ ମାରିଥିଲେ ବୋଲି ! ଏଇ କଥାସବୁ ଲାଲୁବାବୁଙ୍କ ମନ ଭିତରେ ଖେଳିଗଲା ନିମିଷକେ । ପାଖରେ ଥିବା ଶାଳଗଛର ଗଣ୍ଡିକୁ ଆଉଜି ଚୁପ୍‌ଚାପ୍ ଠିଆହୋଇ କହିଲେ – ଭୀମା ତାଙ୍କ ପଛକୁ ସେମିତି କାଠପରିକା । ବଣରେ ବୁଲାଚଲା କରି ଲାଲୁବାବୁ ଆଉ ଭୀମା ଜାଣିଥିଲେ ଯେ ଚୁପ୍‌ଚାପ୍, ହଲ୍‌ଚଲ୍ ନହେଇ କାଠପରିକା ଠିଆହେଇରହିଲେ ବଣର ଜନ୍ତୁ ସହଜରେ ଜାଣିପାରିବନି ମଣିଷ ସେଠି ଅଛି ବୋଲି । ଆଉ ଯଦି ଶିକାରୀ ଖାକି ଡ୍ରେଣ୍ଡ ଜାମା ପିନ୍ଧିଥାଏ, ବଣର ଗଛପତ୍ର ଭିତରେ ସେ ଖାକି ଏକବାରେ ମିଶିଯାଏ, ତେବେ ତ ଜନ୍ତୁ ମୁହାଁମୁହିଁ ଦେଖିଲେ ବି ଜାଣିପାରିବନି ମଣିଷ ବୋଲି । ପ୍ରାୟ ସବୁ ଜନ୍ତୁ ଗନ୍ଧ ଶୁଙ୍ଘି ଜାଣିପାରନ୍ତି ମଣିଷକଥା । ବାଘର ଶୁଙ୍ଘିବାର ବି ଶକ୍ତି କମ୍ – ହେଲେ ଆଖି ଆଉ କାନ ବାଘର ଖୁବ୍ ଭଲ କାମ ଦିଏ ।

ପନ୍ଦର ହାତ କି କୋଡ଼ିଏ ହାତ ଦୂରରୁ ମଣିଷର ଆଖିଟା ପିଛୁଡ଼ା ମାରିଲେ ବି ଦେଖିପାରେ ବାଘ । ବାଘଟା ତ ସିଧା ତାଙ୍କରି ଆଡ଼କୁ ଆସୁଚି । ଲାଲୁବାବୁ ମା' କିଚକେଇଙ୍କୁ ସ୍ମରଣକରି ଚୁପ୍‌ଚାପ୍ ଠିଆହୋଇଥାନ୍ତି – ବାଘ ଆସିଲାକି ଛକଠେଇଁ ପହଞ୍ଚି ବସିପଡ଼ିଲା, ଏପାଖ ସେପାଖକୁ ଅନିଷାକଲା । କିଚକେଇ ଠାକୁରାଣୀ ଡାକ ଶୁଣିଲେ କି

Digitized by srujanika@gmail.com

କ'ଣ ବାଘଟା ଲାଲୁବାବୁଙ୍କୁ ପଛକରି ବସିଲା । ତା ଲାଞ୍ଜଟା ନା – ଲାଲୁବାବୁଙ୍କ ଦୁଇ ପାଦ ମଝିରେ । ଲାଲୁବାବୁଙ୍କର ଛାତି ଭିତରଟା ଧଡ଼ଧଡ଼ ହଉଥାଏ – ବନ୍ଧୁକ ନଳ ବାଘ ମୁଣ୍ଡ ପାଖରେ ରଖି, ଘୋଡ଼ାରେ ଆଙ୍ଗୁଠି ରଖି ଆଉରି ନିଷ୍ଠାରେ ମା' କିଚକେଶ୍ୱରୀଙ୍କୁ ଡାକୁଥାନ୍ତି । ବାଘଟା ନା ଏଣେ ତେଣେ ଟିକେ ଅନେଇ, ଲାଞ୍ଜର ଅଗଟା ହଲେଇଲା ଯେ ଲାଲୁବାବୁଙ୍କ ଗୋଡ଼ରେ ବାଜିଲା – ଉଷୁମ ଲାଗିଲା କି କ'ଣ, ବାଘ ଜାଣିଲା ସେଠି ମଣିଷ ଅଛି ବୋଲି । ସଟ୍‌କିନା ବୁଲିପଡ଼ି ଲାଲୁବାବୁଙ୍କୁ ଦେଖିଲା । ଲାଲୁବାବୁଙ୍କ ବନ୍ଧୁକର ଅଗଟା ବାଘମୁହଁରେ ବାଜେ ନବାଜେ । ଘୋଡ଼ା ଉପରେ ଆଙ୍ଗୁଠି ରଖିଚନ୍ତି, ଚିପିପାରୁନାହାନ୍ତି – ମହାରାଜା ଖପ୍‌ପା ହେବେ – ଚାକିରି ତ ରହିବନି – କେତେ ହିନସ୍ତା କରିବେ ତା'ର ଠିକ୍‌ଠିକଣା ନାହିଁ । ଏଣେ ବାଘଟା ସିଧାସଳଖ ଲାଲୁବାବୁଙ୍କ ଆଖିକୁ ତରାଟିଥାଏ – ଦେଖିଲା ଯେ ଲାଲୁବାବୁ ହଲଚଲ ହଉନାହାନ୍ତି । ଘାଉଁକିନା ରଡ଼ିକଲା ଥରେ, ଆଉ ବୁଲିପଡ଼ି ପଳେଇଲା ପଛର ବଣକୁ । ସେଇ ଯେ ଘାଉଁକଲା ବାଘ, ତା ମୁହଁର ଉଷୁମ ପବନ ଆଉ ଛେପ ଆସି ଲାଲୁବାବୁଙ୍କ ମୁହଁକୁ ଓଦାକରିଦେଲା । ଏଣେ ଭୀମା କଣ କରିଚିନା ଲାଲୁବାବୁଙ୍କ ପଛରେ ଠିଆହେଇ ତାଙ୍କ ପିଚାରେ ଚୁମୁଟୁଥାଏ ଜୋର୍‌ରେ । ବାଘ ପଳେଇଲାଠୁ ଲାଲୁବାବୁ ଫେରିପଡ଼ି ଭୀମାକୁ ହଲେଇଦେଲାରୁ ତା'ର ହୋସ୍ ଆସିଲା ।

ତରବରହେଇ – ଦଉଡ଼ି ସେମାନେ ଫେରିଆସିଲେ ଡେରାଠେଇଁକି । ମଣିମାମାନଙ୍କୁ ସବୁ ପହଡ଼ରୁ ଉଠେଇଲେ । ଏଣେ ଭୀମାକୁ କହିଲେ ଯାଇ ପନ୍ତା କରିବା ଲୋକଙ୍କୁ କହିବାକୁ ଯେ ଚାରିନମ୍ବର ଆଉ ପାଞ୍ଚନମ୍ବର କୁପ୍, ତା ପାଖ ଶାଳବଣିଆଟାକୁ ଘେରିଦବାକୁ; ବାଘ ଯିମିତି ବାହାରକୁ ଯାଇନପାରେ । ରାଜାସାହେବ ଆଉ ତାଙ୍କର ଅତିଥିମାନେ ଚଟ୍‌ପଟ୍ ଦାନ୍ତପତ୍ର ଘଷି ଜଳଖିଆ କରି ଯାଇ ମଞ୍ଚାରେ ବସିଗଲେ । ପନ୍ତା ହେଲା – ବାଘ ଆସିଲା ପାଖକୁ । ଶିକାରୀ ପାଖ ହେଲାରୁ ପନ୍ତାଳିଆଙ୍କ ଭିତରୁ ଜଣକୁ ଘାଉଲାକରି ବେଢ଼ ଭାଙ୍ଗି ପଳେଇଗଲା ।

ସବୁ ଶିକାରୀ ମନମାରି ଡେରାକୁ ଫେରିଲେ । ମାହାର୍ଜା ଲାଲୁବାବୁଙ୍କୁ ଡାକି ସକାଳର କଥା ପୁଣି ଥରେ ପଚାରିଲେ । ଏତେ ପାଖରେ ବାଘ ଥିଲା ଯେ ତା'ର ଲାଙ୍ଗୁଡ଼ ଲାଲୁବାବୁଙ୍କ ଗୋଡ଼ରେ ବାଜିଲା – ଆଉ ଲାଲୁବାବୁ ଦମ୍ଭ ରଖି ବନ୍ଧୁକ ନ ଫୁଟେଇ ରହିପାରିଲେ ? ଏକଥାକୁ ଆଉ କେହି ପରତେ ଗଲେନାହିଁ । ଲାଲୁବାବୁ ସେଇଠୁ ଭୀମା କଥା କହିଲେ – ଭୀମାକୁ ଜେରା କରାଗଲା – ଏଣୁ ତେଣୁ କେତେ କ'ଣ ପଚରାଗଲା ।

ଜଣେ ସେଇଠୁ କହିଲେ – ଭୀମା ଯଦି ଚୁମୁଟିଚି, ପିଚାରେ ତ ଦାଗ ଥିବ ? ଲାଲୁବାବୁ କହିଲେ – ହଁ ହଜୁର୍, ଭାରି ପରାସ ହେଇଚି ଥାନଟା । ଲାଲୁବାବୁଙ୍କୁ ହୁକୁମ୍ ହେଲା ପେଣ୍ଟ୍ ଖୋଲି ଦେଖାନ୍ତୁ ତ – ତା'ହେଲେ ଜାଣିମା ସତ କି ମିଛ । ମାହାର୍ଜାଙ୍କ ହୁକୁମ – ଲାଲୁବାବୁ ଖୋଲି ଦେଖେଇଦେଲେ – ପିଚାରେ ସତରେ କଳା ନାଲି ହେଇ ଢେର୍ ଦାଗ । ସମସ୍ତେ ସେଇଠି ଠିକଣାକଲେ ଲାଲୁବାବୁଙ୍କର ଖୁବ୍ ସାହସ – ବାହାବା,

Digitized by srujanika@gmail.com

ଇନାମ ଢେର୍ ମିଳିଲା ।

ଏଇମିତି ସାହସ୍ ଥିବା ଲୋକ ଲାଲୁବାବୁଙ୍କୁ ସାଙ୍ଗକରି ଆମେ ତ ଖୁବ୍ ଖୁସି । ଥୁଆମାଲ ରାମପୁର ବଙ୍ଗଳାରେ ରହି ଆଖପାଖ ସବୁ ଗାଁରୁ ଖବର ନେଲୁ କଉଠି ବାଘର ଖବର କିଛି ଜଣାଅଛି କି । ଭଲ ଘାଟି ଜାଗା ଦେଖି ଦେଖି ଚାରିଟା ଜାଗାରେ ପୋଢ଼ ବାନ୍ଧିଦେଲୁ – ଯଦି ବାଘ ମଢ଼ କରେ । ବାଘ ଖବରକୁ ଅପେକ୍ଷା କରି ବଙ୍ଗଳାରେ ବସିଥାଉ – ଲାଲୁବାବୁଙ୍କଠୁ ତାଙ୍କର ଶିକାର କଥା ଶୁଣୁଥାଉ । ଖବର ଆସିଲା, ଗୋଟିଏ ମଢ଼କଥା । ସାଙ୍ଗେ ସାଙ୍ଗେ ଯାଇ ଦେଖୁ ତ ଆମର ପୋଢ଼ଟିକୁ ବାଘ ମାରିଚି ଯେ ଖାଇପାରିନି କିଛି । ଦାନ୍ତର ଦାଗରୁ ଜଣାଗଲା ଯେ ଜନ୍ତୁଟା ବୋଧହୁଏ କଲରାପତରିଆ ବାଘ । ଗୁରୁ ଆଉ ଲାଲୁବାବୁ ବସିଲେ ମଞ୍ଚାରେ ସେଦିନ । ରାତି ଦ୍ୱିତୀୟ ପହରକୁ ଆସିଲା କଲରାପତରିଆ ବାଘ । ଗୁରୁ ତାକୁ ମାରିଲା – ଲାଲୁବାବୁ ଟର୍ଚ୍ଚ ଦେଖେଇଲେ ।

ସେଇଠି ଆମେ ରହିଲୁ ଗୋଟିଏ ସପ୍ତାହ । ସେ ସପ୍ତାହକ ଭିତରେ ସେ ଅଞ୍ଚଳରେ ବାଘ ଆଉ ଉତ୍ପାତ କରିନି । କିଛି ଖବର ନପାଇ ବଡ଼ ନିରାଶ ହେଇକି ଆମେ ସେ ଥରକ ଫେରିଆସିଲୁଁ ।

ଲାଲୁବାବୁଙ୍କ ଭାଷାରେ – ''ଶୁଣିବା ହଉଚନ୍‌ନା – ଶିକାରବିକାରରେ ଏଇମିତି ହୁଏ । ଦିନେ ଦିନେ ଜନ୍ତୁଜାନ୍ତା ମେଳା ମେଳା ହେବେ, ଆଉ ଦିନେ ଦିନେ ବଣ-ଜଙ୍ଗଲ ଯେମିତି ଶୂନ୍‌ଶାନ୍ ।''

Digitized by srujanika@gmail.com

ପଟିଆର କୁଜା ହାତୀ

ଜୀବନରେ କେବେ ଯମ ଦୁଆରର ଏତେ ପାଖକୁ ଯାଇନଥିଲି । ମାରଣା ହାତୀଟାର ଗୋଡ଼ ପାଖରୁ ବର୍ତ୍ତିବାଟା ଖୁବ୍ ଭାଗ୍ୟର କଥା । ସେ ଦିନଟା ମେ' ମାସର ତେର ତାରିଖ । ତେର ଅଙ୍କଟା କାଳେ ଖୁବ୍ ଅମଙ୍ଗୁଳିଆ – ସାହେବମାନଙ୍କ କଥାରେ । ଦିନଟା ବି ଶନିବାର । ଏଇ କଥାସବୁ ବିପ୍ଳବବାବୁ ଆଉ ଗିରିଧାରୀବାବୁ କହୁଥାନ୍ତି । ହେଲେ ମୁଁ ମୋର ବାଁଗୋଡ଼ର ବୁଢ଼ା ଆଙ୍ଗୁଠିଟା କାହିଁକି ବେଙ୍ଗପରିକା ଫୁଲିଯାଉଥାଏ, ସେଇ କଥା ଭାବୁଥିଲି । ଗୋଡ଼ଟା ସିଧା ପକେଇବାକୁ କଷ୍ଟହଉଥାଏ । କେନ୍‌ଭିସ୍ ଜୋତାଟା ବି ଟଣ୍‌ଟଣ୍ କରୁଥାଏ । ସେତେବେଳକୁ ଖରା ବି ଖୁବ୍ ଟାଣହେଇଥାଏ । ବଣଟାଯାକରେ ଗୋଟେ ବଡ଼ ଗଛ ନଥାଏ ଯେ ଛାଇରେ ମଣିଷ ଟିକେ ନିଃଶ୍ୱାସ ମାରିବ । ଗୋଟେ କଣ୍ଟାବୁଦା ପାଖରେ ଉଚା ଉଇହୁଙ୍କାଟିଏ – ତା'ରି ଛାଇରେ ଆମେ ତିନିଜଣ ବସିଥାଉ – ଅନ୍ଧାରୁଆ ଗାଁର କେଳୁ ଗଉଡ଼ବାଡ଼, ଯୁଦ୍ଧେଷ୍ଟି ପରିଡ଼ା ହେରିକା ଆସି ଆମକୁ ଘେରି ଛିଡ଼ାହେଲେ । ପଚାରୁଥା'ନ୍ତି କଣ ହେଲା ବାବୁ – ହାତୀଟା କୁଆଡ଼େ ଗଲା – କାହିଁକି ମଲାନି ? ଇମିତି ଇମିତି କେତେ କଥା ।

ବିପ୍ଳବବାବୁ ଭଙ୍ଗା ଓଡ଼ିଆରେ କହୁଥାନ୍ତି କିମିତି ହାତୀଟା ଆମ ଉପରକୁ ମାଡ଼ିଆସିଲା । ଆଶ୍ରା ନବାକୁ ତ ସେଠି ଗୋଟେ ବି ଗଛ ନଥାଏ । କରୁଆଁ ବୁଦା କି ଅତାଣ୍ଡି ଲଟି କ'ଣ ହାତୀଠୁ ରକ୍ଷାକରିଥାନ୍ତା କି ? ମୁଁ ଗୋଡ଼ରୁ କେନ୍‌ଭିସ୍ ଜୋତା ଆଉ ମୋଜା ଖସାଇକି ବୁଢ଼ା ଆଙ୍ଗୁଠିକି ଆଉଁସୁଥାଏ – ଆଉ ମନେ ମନେ ଭାବୁଥାଏ ଯେ କଉଠି ମୋର ଭୁଲ୍ ହେଲା ଯେ ହାତୀଟା ସେଇଠି ନପଡ଼ିକି ପଳେଇଲା । ଭାବୁଥାଏ କେତେ କଥା ।

ଗଲା ମାସ – ଏପ୍ରିଲ ମାସରେ – ପୁରୀର କଲେକ୍ଟରସାହେବ ମୋତେ ଲେଖିଥିଲେ ଯେ ଚନ୍ଦକା ଅଞ୍ଚଳରେ ଗୋଟେ ହାତୀ ଖୁବ୍ ଗୋଳମାଳ କରୁଚି – କାଳେ ଷୋହଳ କି ସତର ଜଣ ମଣିଷ ମାରିଲାଣି । ସେ କାଳେ ହାତୀଟାକୁ ମାରଣା – ରୋଗ୍ (Rogue) ବୋଲି ହୁଲିଆ ଜାରି କରିଚନ୍ତି । ଯଉ ଶିକାରୀ ସେ ମାରଣା ହାତୀକୁ ମାରିବ, ତାକୁ ହଜାରେ ଟଙ୍କା ଇନାମ ଦେବେ ବୋଲି ସେ ହୁଲିଆରେ ଜିଲ୍ଲାପାଳ କହିଥାନ୍ତି । ହେଲେ ଛ' ସାତ ମାସ ହବ କେହି ଶିକାରୀ ହାତୀକୁ ମାରିନାହାନ୍ତି । ଏଣେ ସେ ଦୁଷ୍ଟ ହାତୀଟା

Digitized by srujanika@gmail.com

ଗାଁଗଣ୍ଡାରେ ପଶି ଲୋକବାକଙ୍କୁ ହଇରାଣ କରୁଥାଏ । ଗତ ଏପ୍ରିଲ ଦୁଇ ତାରିଖ ରାତିରେ ଦାରୁଠେଙ୍ଗ ଗାଁର ଗୋଟେ ଭେଣ୍ଡିଆଟୋକାକୁ ଗୋଡ଼ରେ ଦଳିଦେଇଥାଏ । ଚନ୍ଦକା ଥାନାର ଦଶ-ବାରଟା ଗାଁର ଲୋକ ବଡ଼ ବେସ୍ତହେଲେଣି । ସେ ହାତୀଟାକୁ ମାରିବାକୁ ମୋତେ ଜିଲ୍ଲାପାଳ କହିଲେ, ଚିଠି ବି ଲେଖିଥାନ୍ତି । ମୁଁ ତ ତାଙ୍କୁ କହିଲି ଯେ ଇନାମ କଥାଟା ଉଠେଇଦିଅନ୍ତୁ । ଯଦି ହାତୀଟାକୁ ମୁଁ ମାରେ, ମୁଁ ଇନାମ ନେବିନି । ଶିକାରୀର ହକ ହଉଚି ସେ ଜନ୍ତୁଟା ପାଇବ । ଇନାମ ନେଇକି ଶିକାରୀ ବଦ୍‌ନାମ ହବ ସିନା !

ଜିଲ୍ଲାପାଳ ରେଭିନିଉ ବୋର୍ଡ଼ର ଅନୁମତି ନେଇ ମୋତେ ହାତୀ ଶିକାର ପାଇଁ ଛାଡ଼ଦେଲେ, ମେ' ମାସର ପାଞ୍ଚ ତାରିଖରେ । କହିଥାନ୍ତି ଯେ ମେ'ମାସର ତିରିଶ ତାରିଖ ସୁଦ୍ଧା ସେ ଛାଡ଼ କାଏମ୍ ରହିବ । ମୁଁ ଚାରି ତାରିଖ ଛୁଟି ନେଇ ଆସିଥାଏ ଚନ୍ଦକା ଅଞ୍ଚଳକୁ ।

ଆସିଲାବେଳେ କଟକର ଶ୍ରୀ ଗିରିଧାରୀ ଅଗରଓ୍ୱାଲା ଆଉ ଶ୍ରୀ ବିପ୍ଳବ ବେନାର୍ଜି ବାହାରିଲେ ମୋ ସାଙ୍ଗରେ ଯିବାପାଇଁ । ଗିରିଧାରୀବାବୁଙ୍କର ଭାରୀ ଇଚ୍ଛା ଯେ ଗୋଟେ ଚଳଚ୍ଚିତ୍ର କରିବେ – ସାଙ୍ଗରେ ଗୋଟେ ଚଳଚ୍ଚିତ୍ର କେମରା ଧରିଥାନ୍ତି । ଆଉ ବିପ୍ଳବବାବୁ, ଖାଲି ଦେଖିବା ସଉକି । ଆମେ ତିନିହେଁ ଯାଇ ରହିଲୁ ନନ୍ଦନକାନନର ବଙ୍ଗଳାରେ । କଟକରୁ ବାହାରିବାର ଦୁଇଦିନ ଆଗରୁ ପଟିଆ ଗାଁର ଗଦାଧରବାବୁ ତାଙ୍କରି ପରି ବାଣୁଆ ନବଘନକୁ ସାଙ୍ଗରେଧରି ମୋ ପାଖରେ ପହଞ୍ଚିଥିଲେ । ମୋ'ଠୁ ଚିଠିପାଇ ଗଦାଧରବାବୁ ଆସିଥିଲେ । ଜିଲ୍ଲାପାଳଙ୍କଠୁ ଖବର ପାଇବା ପରେ ମୁଁ ଗଦାଧରବାବୁଙ୍କୁ ଚିଠି ଦେଇଥିଲି ସାହାଯ୍ୟ ପାଇଁ । ହାତୀଟା ତ ଡମପଡ଼ାଠୁ ଆରମ୍ଭକରି ଖଣ୍ଡଗିରି ପାଖର ମାଳିପଡ଼ା ଯାଏ ବୁଲୁଥାଏ ବୋଲି ଖବର ପାଇଥାଏଁ । ସେ ଅଞ୍ଚଳର ସବୁ ଗାଁଗଣ୍ଡା ବିଲବାରିରେ ପଶି ଧାନ, ଆମ୍ବ, ପଣସ ଖାଉଥାଏ – ସାମନାରେ କାହାରିକି ପାଇଲେ ଗୋଡ଼ରେ ମକଚିଦେଉଥାଏ । ମୋଟରେ କାଳେ ବାଇଶଜଣ ମଣିଷ ସେଇ ହାତୀର ଗୋଡ଼ତଳେ ମରିଚନ୍ତି । ମୁଁ ତ ଆଉ ମାଳିପଡ଼ାଠୁ ଆରମ୍ଭ କରି ଡମପଡ଼ା ଯାଏ ହାତୀକୁ ଖୋଜିବାକୁ ବେଳ ପାଇବିନି – ଦଶବାର ଦିନ ବିତିଯିବ ଖାଲି ଠାବ କରିବାରେ । ସେଇଥିପାଇଁ ଗଦାଧରବାବୁଙ୍କୁ ନେହୁରା ହୋଇଥାଏ ଯେ ପଟିଆ ଗାଁର କି ଆଉ ପାଖ ଗାଁର ଜଣେ ଦୁଇଜଣ ବାଣୁଆ ହାତୀକି ଠାବକରି ମୋତେ ଖବରଦେଲେ ସୁବିଧା ହୁଅନ୍ତା ।

ମୋ ଚିଠି ପାଇ ଗଦାଧରବାବୁ ନବଘନକୁ ସାଙ୍ଗରେ ଧରିକି ଆସିଥିଲେ । ସେ ହାତୀ ବିଷୟରେ ଢେର୍ କଥା କହିଲେ । ଆଉ କହିଲେ ଯେ ଶୁଣିଚନ୍ତି ହାତୀଟା ଭରତପୁର ବଣରେ ରହୁଚି ବୋଲି । ହାତୀଟାର ଡାଉରେ ପାଖଆଖ ଗାଁର ଲୋକେ ସଞ୍ଜ ହେଉ ନ ହେଉଣୁ ଘରେ ପଶି କବାଟଦେଉଚନ୍ତି । ରାତିରେ କେହି ପୋଖରୀପାଣିକି ଯିବାକୁ ପଦାକୁ ବାହାରୁନାହାନ୍ତି । ଦାରୁଠେଙ୍ଗର ବନା ପଇଡ଼ା ବାଣୁଆ ପରା ବାଇଗଣ ବାଡ଼ିର କରକୁ ପୋଖରୀପାଣି ପାଇଁ ଯାଇଥିଲା ମୁହଁ ଅନ୍ଧାରଟାରେ । ସେଇଠି ହାତୀ ତାକୁ ଗୋଡ଼ରେ

Digitized by srujanika@gmail.com

ଚକଟିଦେଲା ! ନବଘନ ଜବାବ କରିଥିଲା ଯେ ସେ ହାତୀର ଓର ସବୁ ଆସି ମୋତେ କହିବ ନନ୍ଦନକାନନର ବଙ୍ଗଳାଠେଇ ମେ' ମାସ ବାରତାରିଖରେ ।

ସେଇ ଅନୁସାରେ ବାରତାରିଖ ସଞ୍ଜରେ ବଙ୍ଗଳାରେ ବସି ନବଘନର ବାଟକୁ ଚାହିଁ ଚାହିଁ ରାତିହେଲା, ସେ ଆଉ ଆସିପାରିଲାନାହିଁ । ଚନ୍ଦକା ଥାନାକୁ ଖବରଦ୍ୱାରେ ସେଠାର ଥାନାବାବୁ ଆଉ ତାଙ୍କର ସହକାରୀ ପ୍ରଧାନ ଆସି ପହଞ୍ଚିଲେ । ପ୍ରଧାନବାବୁ କହିଲେ ଯେ ଅନ୍ଧାରୁଆ ଗାଁର ଲୋକେ ହାତୀକୁ ଠାବକରିଦେବେ – ମୋତେ ନେଇ ହାତୀ ପାଖରେ ପହଞ୍ଚାଇଦେବେ । କଥା ହେଇଥାଏ ଯେ ତେରତାରିଖ ଭୋର ସକାଳୁ ମୁଁ ଯାଇ ଅନ୍ଧାରୁଆ ଗାଁ ପାଖରେ ତାଙ୍କର ବସ୍ ଷ୍ଟେସନ୍ ପାଖରେ ପହଞ୍ଚିଲେ ସେମାନେ ମୋତେ ବାଟ ଦେଖେଇ ନେଇଯିବେ । ଅନ୍ଧାରୁଆ ଗାଁର ବାଣୁଆହେରିକା ମୋତେ ସେଇଠି ଅପେକ୍ଷା କରିଥିବେ । ଚନ୍ଦକା ଗାଁର ଚୌକିଦାର ଆଉ ଜଣେ ଦି'ଜଣ ଲୋକ ଯିବେ । ଯା ଆଗରୁ ତ ମୁଁ ଥରେ ଆଉ ଗୋଟେ ହାତୀ ମାରିବାକୁ ଚନ୍ଦକା ଗାଁର ଲୋକନାଥହେରିକାଙ୍କ ସାଙ୍ଗରେ ଯାଇଥିଲି – ଲୋକନାଥ ବି ଖୁବ୍ ଆଗ୍ରହରେ ଆସିଥାଏ ।

ଆମେ ଯାଇ ଅନ୍ଧାରୁଆର ବସ୍ ଷ୍ଟେସନ୍‌ଠି ପହଞ୍ଚିଲାବେଳକୁ ସକାଳ ସାତଟା ହେଲାଣି । ସେଠି କେଲୁବାବୁହେରିକା ଅପେକ୍ଷା କରିଥିଲେ । ସେମାନେ କହିଲେ ଯେ ଖଣ୍ଡଗିରି ଆଡ଼କୁ ସଡ଼କେ ସଡ଼କେ ଗଲେ ବାଟରେ ଆମେ ଶିକାରୀଦଳକୁ ଭେଟିବୁ । ତାଙ୍କର କଥା ଅନୁସାରେ ଆମେ ଗଲୁଁ । ମାଳିମ ପାଖରେ ଚନ୍ଦକା ଥାନାର ସହକାରୀ ପ୍ରଧାନବାବୁ ଆମ ବାଟକୁ ଚାହିଁବସିଥିଲେ । ଆମେ ପହଞ୍ଚିଲାମାତ୍ରକେ ସେ କହିଲେ ଯେ, ହାତୀ ବଡ଼ିଭୋରରୁ ସେ ରାସ୍ତା ପାରହେଇଚି – ମାଳିମର ପୂର୍ବକୁ ଢିପ ଉପରେ ବଣକୁ ଯାଇଚି । ଅନ୍ଧାରୁଆ ଗାଁର ଦୁଇ-ତିନିଜଣ ଭେଣ୍ଡିଆ ହାତୀର ଖୋଜ ଦେଖି ଦେଖି ବଣରେ ପଶିଚନ୍ତି । ବଣ ବୋଇଲେ ସେଠି ଗୋଟେ ଗଛ ନାହିଁ ଯେ ମଣିଷ ଟିକେ ଛାଇରେ ଠିଆହେବ, ଖାଲି କଣ୍ଟାବୁଦା ଆଉ ଅନାବନା ଲଟିବୁଦା । ମୋତେ ତ ଆଚମ୍ବିତ ଲାଗିଲା ହାତୀଟା ଯା ଭିତରେ ରହୁଚି କିମିତି ? ଚନ୍ଦକା ଥାନାର ପ୍ରଧାନବାବୁ ଆସିକି ମୋତେ ଡାକିନେଲେ ହାତୀର ପାଦଚିହ୍ନ ସବୁ ଦେଖେଇବା ପାଇଁ । ବଣରେ ଜନ୍ତୁଜନ୍ତା ଯାଇ-ଆସିକି ଯୋଉ ବାଟ କରିଥାନ୍ତି, ସେଇମିତି ଗୋଟେ ବାଟରେ ଦେଖିଲି ଯେ ହାତୀର ପାଦଚିହ୍ନ ପରିଷ୍କାର ଦିଶୁଥାଏ । ଆଗ ଗୋଡ଼ର ଚିହ୍ନ ଗୋଲ୍ ଗୋଲ୍ – ଆକାରରୁ ଜଣାପଡୁଥାଏ ଯେ ହାତୀଟା ବେଶି ବଡ଼ ନୁହଁ – ଖୁବ୍ ବେଶି ହେଲେ ଅଢ଼େଇ ମିଟରଯାଏ ଉଚ୍ଚା ହବ । ପଛ ଗୋଡ଼ର ଚିହ୍ନ ଲମ୍ବାଳିଆ, ଡାହାଣ ଗୋଡ଼ ବେଶି ଲମ୍ବା ଆଉ ବାଁ ପାଖର ପାଦଟା ଛୋଟରକମ ।

ମୁଁ ତ ଖୁବ୍ ଆଚମ୍ବିତ ହେଲି ଏମିତି ଦେଖି । ଚନ୍ଦକାର ଲୋକନାଥ କହିଲା – "ଆଜ୍ଞା, ଏଇ ସେ ହାତୀ, ଏଇଟା କୁଜାଟା ପରା – ଭାରୀ ବଦ୍‌ମାସ – ମଣିଷ ଶବ୍ଦ ଶୁଣିଲେ ଫିଙ୍କାରି କରି ମଣିଷକୁ ତଡ଼େ – କୋଡ଼ିଏ କି ପଚିଶଜଣ ମଣିଷ ମଲେଣି ପରା ଯା ଗୋଡ଼ତଳେ ।" ଆଉରି କହିଲା "ଭାରି ଚାଲାକ୍ ଏ କୁଜାହାତୀ – ପଲ ହାତୀ

Digitized by srujanika@gmail.com

ପାଖକୁ ଯାଏନି – ଗାଁରେ ମଣିଷ ଥିଲେ ବି ବାରିରେ ପଶି ଧାନ, ନଡ଼ା, ଆମ୍ବ, ପଣସ, ସବୁ ଖାଏ । ଗଲା ରାତି ପରା ମଳିପଡ଼ା ଗାଁରେ ପଣସ ବଗିଚାରୁ ପଣସ ଖାଇକି ଫେରିଚି ଏଇବାଟେ – ଏଇ ସକାଳଟାରେ ସଡ଼କ ପାରହୋଇଚି – ମଡ଼ା ଦେଖୁନ – ଏଇ ଅଳ୍ପ ଟିକେ ଆଗରୁ ଯାଇଚି ତ । ଏଇମିତି କେତେ କଥା ଲୋକନାଥ କହିଚାଲିଥାଏ – ଚନ୍ଦକା ଥାନାର ଚୌକିଦାର ବି ମୁଣ୍ଡ ଟୁଙ୍ଗାରୁଥାଏ । ମୋର ମନେପଡ଼ିଲା, ଦି'ଦିନ ଆଗରୁ ପଟିଆର ଗଦାଧରବାବୁ ଆଉ ତାଙ୍କରି ପରି ବାଣୁଆ ନବଘନ ମୋ ପାଖରେ ବସି ଏଇ ହାତୀ କଥା କହିଥିଲେ । ନବଘନ କହିଥିଲା ଯେ ଏଇ ହାତୀଟା କୁଜାହାତୀଟା – କାଳେ ମଣିଷ ମାଉଁସ ଖାଏ । ଗୋଟେ ଝିଅପିଲା ହାତୀ ହାବୁଡ଼ରେ ପଡ଼ି ମରିଥିଲା । ଗାଁଯାକ ଲୋକ ଗଲେ ତା'ର ଶବଟା ଆଣିବାକୁ ଯେ ଖାଲି ହାତପାପୁଲି ଦୁଇଟା ପାଇଲେ ସେଠି । ଗଣ୍ଡିଟାଯାକ ଗଲା କୁଆଡ଼େ ? କୁଜାହାତୀ ତାକୁ ଖାଇଗଲା ନିଶ୍ଚେ !!

କେବେ ତ ଶୁଣିନଥିଲି ଯେ ହାତୀ ମାଉଁସ ଖାଏ ବୋଲି । ନବଘନର କଥା ଶୁଣି ଲୋକ ତାଟକା ହବା କଥା । ଏଇ ରକମ ମନେମନେ ଭାବୁଥାଏ ରାସ୍ତା କଡ଼ରେ ଠିଆହୋଇ । ବିପ୍ଳବବାବୁ ଆଉ ଗିରିଧାରୀବାବୁ କ'ଣ ସବୁ ଫଟୋ ଉଠଉଥାନ୍ତି – ଅନ୍ଧାରୁଆର କାଙ୍ଗାଳି ଆଉ କ୍ଷୀର ଧଇଁସଇଁ ହୋଇ ଆସିଲେ ବଣ ଭିତରୁ । କହିଲେ – ବାବୁ ଆସ, କୁଜା ଏଇ ପାଖରେ ଅଛି । କୋଉଆଡ଼େ ଯିବା ? ସଡ଼କରୁ ସେଇଠି ବଣ ଭିତରକୁ ପଶିଲେ ତ ହବନି । ପବନଟା ପରା ଦକ୍ଷିଣା ହେଉଚି – ଆମେ ଦକ୍ଷିଣରୁ ଉତ୍ତରକୁ ଚାଲିଲେ ତ କୁଜା ଆମକୁ ଅଧମାଇଲ ଦୂରରୁ ଶୁଙ୍ଘି ପାରିବ । ହୁଏତ ପଳେଇଯିବ – ନହେଲେ ଲୁଚିକି ରହିବ ଆମକୁ ମାରିବା ପାଇଁ । ନା, ନା, ସେମିତି ଯିବାଟା ବୋକାମି ହବ । କାଙ୍ଗାଳି କହିଲା – ତା'ହେଲେ ପଶ୍ଚିମକୁ ସେଇ ଯେ ଶଗଡ଼ଗୁଳା ଅଛି ସେଇଥିରେ ଗୋଟେ କି ଦେଢ଼ କିଲୋମିଟର ଗଲେ ସେପଟୁ କୁଜା ପାଖକୁ ଆସିହବ । ଖଣ୍ଡେଦୂରଯାକେ ଜିପ୍ ଚାଲିଯିବ ଯେ । ଏକଥା ଶୁଣି ବିପ୍ଳବବାବୁ ଆଉ ଗିରିଧାରୀବାବୁ ଫଟୋ ଉଠାଇବା ବନ୍ଦକରି ଆସି ଗାଡ଼ିରେ ବସିଲେ । ଜିପ୍‌ର ପଛପଟେ ଦଶ କି ବାରଯାକେ ଲୋକ ବସିଲେ । ଚନ୍ଦକା ରାସ୍ତାର ଦୁଇ କିଲୋମିଟର ବାଟ ଗଲା ପରେ ବଣ ଭିତରକୁ ଗୋଟିଏ ଶଗଡ଼ଗୁଳା ପଡ଼ିବାର ଦେଖିଲୁ । ସେଇଟା କାଳେ ଭୁବନେଶ୍ୱରକୁ ସଳଖ ବାଟ । ସେଇ ଶଗଡ଼ଗୁଳାରେ ଅଧକିଲୋମିଟର ଖଣ୍ଡେ ଗଲା ପରେ ଜିପ୍ ଛାଡ଼ିକି ଆମେ ବଣରେ ପଶିଲୁ । ସେଇଠୁ ପୂର୍ବମୁହାଁ ଆମେ ଚାଲିବା କଥା – ପବନ ବିଡ଼ିବାରେ ଜାଣିପାରିଲି ଯେ ସୁବିଧା ହବ – ହାତୀ ଆଡୁ ଆମ ଆଡ଼କୁ ପବନ ବହୁଥାଏ । ବେଶିଗୁଡ଼ାଏ ଲୋକ ସାଙ୍ଗରେ ଗଲେ କାଳେ ଖୁଟ୍‌ଖାଟ୍ ଶବ୍ଦ ହବ ବୋଲି ମୁଁ ସମସ୍ତଙ୍କୁ ମନାକଲି । କେବଳ କାଙ୍ଗାଳି ଓ କ୍ଷୀର ମୋତେ ବାଟ ଦେଖାଇବେ ।

ଗିରିଧାରୀବାବୁ ଆଉ ବିପ୍ଳବବାବୁ ତ ଏତେ ବାଟ ମୋ ସାଙ୍ଗରେ ଆସିଛନ୍ତି – ଏଇଠି ଅସଲ ଥାନକୁ ନଯାଇ ରହିବେନାହିଁ ବୋଲି କହି ମୋ ପିଛା ଧଇଲେ । ଗିରିଧାରୀବାବୁ ଗୋଟେ ଧୋବଫରଫର ହାୱାଇ ଜାମା ପିନ୍ଧିଥିଲେ । ମୁଁ ତ ନାସ୍ତି

Digitized by srujanika@gmail.com

କରିଦେଲି । ବଣବୁଦା ଭିତରେ ଧୋବଧାଉଳିଆ ଜାମା ତ ଦୂରକୁ ଦିଶିବ । ହାତୀଟା କଣାହୋଇଥିଲେ ବି ଜାଣିପାରିବ ଧଳା ଜାମାଟା ଜଣେ ମଣିଷ ବୋଲି । ଗିରିଧାରୀବାବୁ ଦେହରୁ ଜାମା ଖୋଲିଦେଲେ । ଏତେ ଆଗ୍ରହ ଦେଖି ମୁଁ ଆଉ ମନାକରିପାରିଲି ନାହିଁ । ଦୁହେଁଯାକ ମୋ ସାଙ୍ଗରେ ଚାଲିଲେ । ବଣର କଣ୍ଟା ଅରମା – ରାସ୍ତା ତ ନାହିଁ – ଗଳିକରି ଯିବାକୁ ହେଲା । କଣ୍ଟା, ବିଛୁଆତି ଦିହରେ ଲାଗିଲା – ଏଣେ ଖରାର ତାଉ ବଢ଼ିଯାଇଥାଏ । ଝାଳ ଯୋଗୁ ଦେହର ଲୁଗାପଟା ଦେହରେ ଜଡ଼ିଯାଉଥାଏ । କଣ୍ଟା ବିଛୁଆତି ଯୋଗୁ ଚମଡ଼ା ଠାଏ ଠାଏ ଛିଡ଼ି ରକ୍ତବାହାରୁଥାଏ, ଫୁଲିଯାଉଥାଏ – ସେଥିରେ ଝାଳ ଲାଗିବାରୁ ପୋଡୁଥାଏ । ହେଲେ ହାତୀ ପାଖରେ ହେଲୁଣି ବୋଲି ମନଟା ଏତେ ଉତଳା ହେଉଥାଏ ଯେ ଦେହମୁଣ୍ଡର ଦୁଃଖଟା ଆଉ ଜଣାପଡୁନଥାଏ ।

କିଛି ଦୂର ଗଲା ପରେ ଲଟାବୁଦା ବେଶି ଘଞ୍ଚ ହୋଇଗଲା ପରି ଲାଗିଲା – ସାମନାରେ ବିରାଟ ଶୁଖିଲା ବାଉଁଶବୁଦା ଗଣ୍ଡେ କି ପାଞ୍ଚଟା ଥାଏ । ସେଇ ଭିତରୁ ଶବ୍ଦ ଶୁଭିଲା । ହାତୀ ଶୋଇଚି – ଘୁଙ୍ଗୁଡ଼ି ଶୁଭୁଥାଏ । ରହି ରହି କାନ ଫଟ୍ ଫଟ୍ ଶବ୍ଦ ବି ତ ଶୁଭୁଥାଏ । ଦକ୍ଷିଣାପବନଟା ଲଟିବୁଦାରେ ସର୍ ସର୍ କରି ବହୁଥାଏ । ଆମେ ହାତୀର ଉତ୍ତରକୁ ଦଶପନ୍ଦର କଦମ୍ ଦୂରରେ ଠିଆହେଲୁ । ଠରାଠରି କଥାବାର୍ତ୍ତା କରୁଥାଉ ହାତୀ ପାଖକୁ ଯାଇହବ କି ନାହିଁ । କାଙ୍ଗାଳି ଆଉ ମାନ ବାଉଁଶବୁଦାର ଶୁଖିଲା ଡାଳକୁ ଦେଖେଇ ବତେଇଦେଲେ ତାରି ଭିତରେ ଗୁରୁଣ୍ଡି ଗୁରୁଣ୍ଡି ଗଲେ ଯାଇହବ – ହେଲେ ବାଉଁଶ କଣ୍ଟାରେ ଦିହ ଚିରିଯିବ ଆଉ ଶୁଖିଲା ବାଉଁଶ କଣି କଟ୍‌ମଟ୍ କରିବ ଯେ ହାତୀ ଜାଣିବ । ଦକ୍ଷିଣପଟକୁ ବା ହାତୀ ଯିବାର ଗୋଦାରେ ଯାଇହୁଅନ୍ତା – ହେଲେ ଅଲକ୍ଷଣା ପବନଟା ପରା ସେଇପଟୁ ହଉଚି । ହାତୀକୁ ଆମର ଗନ୍ଧଟା ଜଣାପଡ଼ିଯିବ ଖଣ୍ଡେଦୂରରୁ ।

ଏଇମିତି ଠାର୍‌ଠୁରରେ ଘଣ୍ଟେ ଖଣ୍ଡେ ବିତିଗଲା – ଖରାଟା ବି କ୍ରମେ ଟାଣ ହେଉଥାଏ । ପାଖରେ ଗଛବୋଲି ଗୋଟାଏ ନାହିଁ ଯେ ଛାଇରେ ଟିକେ ମଣିଷ ବସିବ । ଦେହଟାଯାକ ଝାଳ ଗମ୍‌ଗମ୍ ହେଲାଣି ଯେ ଦିହଯାକ ପୋଡ଼ିଲାଣି । 'କୁଜା'ର ପହୁଡ଼ କେତେବେଳେ ଭାଙ୍ଗିବ ଆମେ ଅନେଇକି ଛିଡ଼ାହେଇଥାଉ – ଘଣ୍ଟେ କାଳ ବିତିଗଲାଣି ।

ମନରେ କେତେପ୍ରକାର ଭାବନା-ଚିନ୍ତା ହେଉଥାଏ । କେଳୁବାବୁ ତ 'କୁଜା'ର ସବୁକଥା କହିଥାନ୍ତି । ମଣିଷର ସୋର-ଶବ୍ଦ ଶୁଣିଲେ କୁଜା କିମିତି ମିଶିଆସେ । ସେ ଅଞ୍ଚଳରେ ହାତୀ ମଣିଷ ଉପରକୁ ମାଡ଼ି ଆସିବାକୁ 'ମିଶିଆସିଲା' ବୋଲି କହିଥା'ନ୍ତି । ମଣିଷମାନେ ବଡ଼ପାଟି କରି କଥାବାର୍ତ୍ତା ହେଇ ରାସ୍ତାରେ ଗଲେ କି ବଣରେ କାଠ କଟାକଟି କଲେ, କୁଜା ତାଙ୍କୁ ଗୋଡ଼ାଏନି ପରା – ଯେଉଁମାନେ ଫିସ୍ ଫିସ୍ କରି କଥା କହନ୍ତି, କି ହାତରେ ବନ୍ଧୁକ କି ନଳି ଧରି ଚୁପିଚୁପିକି ଚାଲନ୍ତି ତାଙ୍କରି ଉପରେ କୁଜାର ରାଗ ବେଶି – ମିଶିଆସିବ ଆମ ଉପରକୁ । ହାତୀଟା ଆମ ଉପରକୁ ମାଡ଼ିଆସିଲା ବେଳେ ଗୋଟିଏ ଗୁଳିରେ ଯଦି ନମରେ ତ ଆମ ଭିତରୁ କାହାକୁ ନିଶ୍ଚେ ମାରିଦବ । ମୁଁ ଯଉ ବନ୍ଧୁକ ଧରିଥାଏ, ସେଇଟା ଖୁବ୍ ଟାଣୁଆ ସତ ଯେ, ହେଲେ ହାତୀର ମୁଣ୍ଡଟା ବି

Digitized by srujanika@gmail.com

ତ ଖୁବ୍ ଟାଣୁଆ । ତା ମୁଣ୍ଡର ସାମନାଆଡ଼େ ହାତେ କି ଦେଢ଼ହାତ ଓସାରର ହାଡ଼ । ଆଉ ସେ ହାଡ଼ଟା ବି ଏମିତି ବିଧାତା ତିଆରିଛନ୍ତି ଯେ ସେଥିରେ ଚୋଟ ଲାଗିଲେ ହାତୀର ବିଶେଷ କିଛି କ୍ଷତି ହବନି । ସେଇ ହାଡ଼ ମଝିରେ ଠିକ୍ ନାକପୁଡ଼ା ପାଖକୁ ଗୋଟେ ନାଳିପରିକା ଅଛି – ସେଇ ନାଳିରେ ଗୁଳିଟା ପଶିଲେ ଯାଇ ତାଳୁରେ ବାଜିବ, ଆଉ ହାତୀକୁ ସାଙ୍ଗେ ସାଙ୍ଗେ ଅଚେତ କରିଦବ – ଟିକେ ପରେ ମରିଯିବ ହାତୀ । ଯେଉଁଠି ଗୁଳି ବାଜିଲେ ନାକପୁଡ଼ା ବାଟଦେଇ ତାଳୁଯାଏ ଗୁଳିଟା ଯିବାର କଥା, ସେ ଜାଗାଟା ଖୁବ୍ ଛୋଟ । ଫେର୍ ହାତୀର ମୁଣ୍ଡଟା ଟିକେନାକୁ ଉପରମୁହାଁ ହେଲେ ଯାଇ ନାକପୁଡ଼ାର ରନ୍ଧ୍ରଟା ସିଧାସଳଖ ତାଳୁକୁ ବାଟ ହବ; ନହେଲେ ତ ଗୁଳି ଯାଇ ସେ ମୁଣ୍ଡ ହାଡ଼ ଦେହରେ ବାଜି ରହିଯିବ – ତାଳୁଠି ପହଞ୍ଚିବନି । ହାତୀକି ଅବଶ୍ୟ ଖୁବ୍ ଆଘାତ ହବ, ହେଲେ ମରିବନି । ଏଇ ଘଞ୍ଚ ବୁଦାଳଟିରେ ତ ହାତୀକି ଦେଖିହବନି ଦୂରରୁ – ଖୁବ୍ ପାଖକୁ ଆସିଲେ ଯାଇ ଦେଖିହବ । ପାଞ୍ଚ-ସାତ କଦମ ଦୂରରୁ ହାତୀ ଦିଶିବ । ସେତିକି ପାଖରୁ ହାତୀକି ଗୁଳିକରି ମାରିଦବାକୁ ହବ । ଗୁଳି ବାଜି ହାତୀ ଯଦି ନମରେ, ଏଇ ପାଞ୍ଚ କଦମ ବାଟ ହାତୀକୁ ଡେଇଁବାକୁ ଅଧସେକେଣ୍ଡ ଲାଗିବ । ଆମେ ତ ଆଉ ଦଉଡ଼ିକି ପଳେଇବାର ବାଟନଥିବ । ହାତୀ ପାଦତଳେ ସମସ୍ତେ ପେଷିହୋଇଯିବା ସିନା ! ଏଇପରି ଭାବନା ମନକୁ ଚହଲେଇ ଦଉଥାଏ । ଭାବୁଥାଏଁ, କାହିଁକି ଏ ଦୁଃସାହସ କରି ହାତୀ ମାରିବାକୁ ଅଇଲି । ଏଇ କଥା ମନେ ମନେ ହେଜି ଯେତେବେଳେ ମନଟା ଦବିଯାଉଥାଏ ସେତେବେଳେ ଫେର୍ ମନେପଡୁଥାଏ ନବଘନ କଥା । ନବଘନ ପରା ସେଦିନ ମୋ ପାଖରେ କହିଥିଲା ଯେ ଏଇ କୁଜା ମଣିଷ ମାଉଁସ ଖାଏ ବୋଲି ! ଏଇ କୁଜା-ଭୟରେ ଦଶଟା ଗାଁର ଲୋକ ଦିନ ଚାରିଟା ବେଳୁ କବାଟ କିଳି ଘରେ ରହୁଚନ୍ତି । ରାତିରେ ପୋଖରୀପାଣି ଯିବା ଦରକାର ହେଲେ ସେଇ ଘର ଭିତରେ କାମ ସାରନ୍ତି ଏଇ କୁଜା-ଭୟରେ । ଯା'କୁ ଶୀଘ୍ର ନମାରିଲେ ତ ଗାଁଗଣ୍ଡାରୁ ଲୋକ କାମଧନ୍ଦା ଛାଡ଼ି କୁଆଡ଼େ ପଳେଇବେ କି ଆଉରି କେତେ ଯେ ବାନା ପରି ତା ପାଦତଳେ ପ୍ରାଣଦେବେ, ତା'ର ତ ଠିକ୍-ଠିକଣା ନାହିଁ । ଏଡ଼େ କଷ୍ଟ କରି କୁଜା ହାତୀର ପାଖକୁ ଆସି ଫେରିଗଲେ ବାଣୁଆ ବୋଲି ପରିଚୟ ଦବ ବା କିମିତି ?

ଏଇମିତି ବାରକଥା ଭାବି ଭାବି କୁଜାର ପହୁଡ଼ ଭାଙ୍ଗିବା ବେଳକୁ ଚାହିଁ ସେଇ ଖରାରେ ଆମେ ଥାଉଁ । ବିପ୍ଳବବାବୁ ଆଉ ଗିରିଧାରୀବାବୁ ବଡ଼ ଛାନିଆ ହେଉଥାନ୍ତି ଖରାତାତିରେ । ଚନ୍ଦକା ଥାନାର ପ୍ରଧାନବାବୁ ପ୍ରସ୍ତାବ ଦେଲେ ଯେ ସେ ଯାଇ ହାତୀକୁ ଉଠେଇଦେବେ ଯଦି ଅନୁମତି ହୁଏ । ହସ ଲାଗିଲା ମୋତେ । କ'ଣ ହାତୀକୁ ଯାଇ ହଲେଇବେ, ଆଉ ଉଠ୍ ବୋଲି କହିବେ – ଯେମିତି ବଳଦକୁ ଆମେ କହୁ ନା କ'ଣ ? ସେ କହିଲେ, ''ନାଇ ସାର୍ ! ଗୋଟାଏ ଢେଲା ପକାଇଦେଲେ ଉଠିବନି ?'' କହିଲି – ଢେଲା ପଡ଼ିଲେ ହାତୀଟା ଉଠିକି କୁଆଡ଼େ ଗତି କରିବ ? ଏଇ କଣ୍ଟା ଲଟିରେ ଯଦି ମୋର ସାମନାରେ ନବାହାରେ ମୁଁ ବା କିମିତି ମର୍ମଥାନକୁ ଗୁଳିକରିବି ଯେ ? ପ୍ରଧାନବାବୁ

Digitized by srujanika@gmail.com

ମନମାରିକି କିଛି ସମୟ ଛିଡ଼ାହେଲା ପରେ ଫିସ୍ ଫିସ୍ କରି ଫେର୍ ପ୍ରସ୍ତାବ ଦେଲେ ଯେ ଦୂରରେ ସେ ଯେଉଁ ଶୁଖିଲା ବାଉଁଶବୁଦାଟା ଦିଶୁଚି ଦକ୍ଷିଣକୁ – ସେଥିରେ ନିଆଁ ଲଗେଇଦେଲେ ହାତୀ ଜଲଦି ଉଠିପଡ଼ିବ । ଏଇ ପ୍ରସ୍ତାବଟା ମୋ ମନକୁ ପାଇଲା । ବଣରେ ତ ଇମିତି ନିଆଁଲାଗେ, କୁଜାହାତୀ ଆଉ ସନ୍ଦେହ କରିବନି ଯେ ତା'ରି ପାଇଁ ନିଆଁଲାଗିଲା ବୋଲି – ଉଠିକି ଦୂରକୁ ଯିବାର ଫିକର କରୁ କରୁ ଆମର ବନ୍ଧୁକ ସାମନାକୁ ଆସିଯିବ । ହଁଭରିଲି ଏଇ ପ୍ରସ୍ତାବରେ – ତାଗିଦ୍ କରିଦେଲି ଯେ ଦୂରର ବାଉଁଶରେ ନିଆଁ ଲଗେଇବେ ଆଉ ପାଟିତୁଣ୍ଡ ନକରି ଚୁପି ଚୁପି ସେଠୁ ଦୂରକୁ ଚାଲିଯିବେ ଯେମିତି । ସବୁକଥା ବୁଝିପାରିଲେ ବୋଲି ପ୍ରଧାନବାବୁ ମୁଣ୍ଡଟୁଙ୍ଗାରି ଜଣାଇଦେଲେ । କାଙ୍ଗାଳି, ମାନ ଓ ସେ ଗଲେ ପାଦ ଚିପିଚିପି ହାତୀ ଶୋଇଥିବା ଥାନର ଦକ୍ଷିଣକୁ । ଆମେ ଏପଟେ ରହିଲୁ କେବଳ ମୁଁ, ବିପ୍ଲବବାବୁ ଓ ଗିରିଧାରୀବାବୁ । ହାତୀ ଉଠିଲେ ଯଉଁ ରାସ୍ତାରେ ଆମ ପଟ ବଣକୁ ଆସିବ ସେଇ ବାଟର ବାଁ ପାଖର ଗୋଟିଏ କରୁଆଁ ବୁଦାମୂଳେ ମୁଁ ରାଇଫଲ୍ ସଜାଡ଼ି ଠିଆହେଲି । ମୋ ପଛକୁ ଗିରିଧାରୀବାବୁ କେମେରା ହାତରେ ଧରିଥାନ୍ତି । ଆଉ ଡାହାଣପଟକୁ ରହିଲେ ବିପ୍ଲବବାବୁ – ହାତରେ ତାଙ୍କର ମୋର ଛୋଟ ରାଇଫଲ୍ । ହାତୀଟା ଉଠିଲାଠୁ କଣ ଯେ କରିବ ଏଇ ଚିନ୍ତାରେ ମୋର ହିଆଟା ଆସି କଣ୍ଠରେ ହେଲାଣି । ହଠାତ୍ ଶୁଣିଲି ଯେ ଧଡ଼ପଡ଼ କରି ହାତୀଟା ଉଠିଲା ଆଉ ପିଁକାରଟା ଶୁଣି ବିପ୍ଲବବାବୁ ଖାଲି ଏବୁଦା ସେବୁଦା ମୂଳ ଦେଖୁଥାନ୍ତି – ଗୋଟିଏ ବିଳ ଖୋଜୁଥିଲେ ପରା ! ସେ ପିଁକାର ଶବ୍ଦଟା ଶୁଣି ପିଳେହି ପାଣିହବାର କଥା । ସାଙ୍ଗେ ସାଙ୍ଗେ ଶୁଭିଲା ଭୁସ୍‌ଭାସ୍ ଶବ୍ଦ ଆଉ ଗୋଟିଏ ପିସ୍ତଲ ଫୁଟିବା ଶବ୍ଦ । ତା'ପରେ ସବୁ ତୁନ୍‌ତାନ୍ – ଦେଖିଲି ହାତୀର ମେରୁଦଣ୍ଡଟା ଦିଶୁଚି ବୁଦା ଉପରକୁ ଦୁଇ ବାଉଁଶବୁଦା ମଝିରେ । ଅନୁମାନ କଲି ଯେ ହାତୀଟା ମୋର ବାଁପଟେ ପ୍ରାୟ ଦଶ କଦମ ଦୂରରୁ ପଛପଟର ବଣ ଆଡ଼କୁ ମୁହଁକରି ଛିଡ଼ାହେଇଚି । ଚୁପ୍‌ଚାପ୍ ଛିଡ଼ାହେଇଚି – ପବନ ବିଚୁଚି ବୋଧହୁଏ ବିପଦ ଆପଦ କୁଆଡ଼େ କଣ କାଳେ ଥିବ । କଣ ସୁରାକ୍ ପାଇଲା କେଜାଣି ମୁହଁଫେରାଇ ଆମରି ଆଡ଼କୁ ପାଦେ ପାଦେ ଆଗେଇଲା । ମୁଁ ବାଉଁଶବୁଦାର କଣି ଆଉ କରୁଆଁ ଡାଳ ପତର ଭିତର ଦେଇ ହାତୀର ଆକାରଟା କେବଳ ଦେଖିପାରୁଥାଏ । ସାମନାରେ ତ ଡାଳପତର ଆଉ ବାଉଁଶର ଶୁଖିଲା କଣିମାନ । ରାଇଫଲ୍ ଲାଖ କରିବାର ସୁବିଧା ହେଉନଥାଏ । ଆଉ ହାତୀଟା ଏତେ ପାଖରେ ଯେ ନିଜର ଆସ୍ଥାନ ବଦଳେଇକି ସୁବିଧା ଜାଗାକୁ ଯିବାର ଜୁ ନାହିଁ । ଏଣେ ହାତୀ ଆସିଗଲାଣି ସାତ ଆଠ ହାତ ଦୂରକୁ – ନାଃ, ଆଉ ଅପେକ୍ଷା କରିଲେ ହାତୀଟା ଆମକୁ କୁଦିଦବ ଯେ – ସେଇ ପତର ଗହଳି ଭିତରୁ ଲାଖ କରି ଗୁଳି ଫୁଟେଇଲି ହାତୀର କାନ ପାଖକୁ । ଗୁଳି ଫୁଟିଲା ମାତ୍ରେ ହାତୀ ତ ସିଧା ମୋ ଉପରକୁ ମାଡ଼ି ଆସିଲା – ଆଉ ଉପାୟ ନ ଦେଖି ଦ୍ୱିତୀୟ ଗୁଳି ବି ଫୁଟେଇଦେଲି ଆଉ ବାଁପାଖ ଶୁଖିଲା ବାଉଁଶବୁଦାର କଣ୍ଟାଝଟା ଭିତରକୁ ଡେଇଁପଡ଼ିଲି ପ୍ରାଣବିକଳରେ । ଡେଇଁପଡ଼ିଲି କହିଲେ ଠିକ୍ ହବନି – ପୋଖରୀକି ଗାଧୋଇ ଗଲେ କୂଳରୁ ପାଣି ଭିତରକୁ

Digitized by srujanika@gmail.com

ଯେମିତି ମୁଣ୍ଡ ଆଗକରି ପିଲାଏ ଡିଅଁନ୍ତି ସେମିତି । ମିନିଟିଏ ଖଣ୍ଡେ ପରେ ଯେତେବେଳେ ପିଣ୍ଡରେ ପ୍ରାଣ ପଶିଲା ସେତେବେଳେ ବାଉଁଶ କଣ୍ଟାରୁ ବାହାରି ଦେଖେ ଯେ ବଣଟା ଶୂନ୍‌ଶାନ୍ – ଏକଦମ୍ ଚୁପ୍‌ଚାପ୍ । ବିପ୍ଳବବାବୁ କହୁଥାନ୍ତି ଖୁବ୍ ବଞ୍ଚିଲେ ଏବେ । ତେବେ ସାହସ କରି ଆମେ ରହିଚେ ପାଖରେ । ଗିରିଧରୀବାବୁ ମୋ ପଛେ ପଛେ ସେଇ ବାଉଁଶବୁଦାରୁ ବାହାରି ବହେ ହସିଲେ; କହିଲେ – ମୋ କେମେରା କାହିଁ ? ମୁଁ ଠାରିକି ଦେଖେଇଦେଲି ଯେ ସେଇଟାକୁ ସେ ଧରିଚନ୍ତି ହାତରେ । ମୋ ପାଟିରୁ ଭାଷା ହେଇ ବାହାରୁନଥାଏ । ଏଣେ ବାଁଗୋଡ଼ର ବୁଢ଼ା ଆଙ୍ଗୁଠିଟା ବେଙ୍ଗ ପରିକା ଫୁଲିଯାଇଥାଏ – କେନ୍‌ଭିସ୍ ଜୋତାଟା ବି ଛିଡ଼ିଯାଇଥାଏ ଆଉ ଗୋଡ଼ଟା ମାଟିରେ ବସେଇଲାରୁ ଟଣ୍ ଟଣ୍ ହେଇ ବିନ୍ଧୁଥାଏ ତଳିପା'ଟାଯାକ । ପାଖରେ ଆଉ କେହି ନାହାନ୍ତି – ମାନ, କାଙ୍ଗାଳିହେରିକାର ସୋର୍‌ଶବ୍ଦ ନାହିଁ । ଏଇ ବଥା ପାଦରେ କିମିତି ହାତୀର ଖୋଜ ଗୋଡ଼େଇକି ଯିବି – ଏଣେ ବିପ୍ଳବବାବୁ ଆଉ ଗିରିଧାରୀବାବୁଙ୍କୁ ନେଇ ବଣ ବାହାରେ ପଦାରେ ଛାଡ଼ିବି କିମିତି । ବଡ଼ ଧନ୍ଦାରେ ପଡ଼ିଲି । ରାଇଫଲ୍‌ରେ ଫେର୍ ଦୁଇଟା କାର୍ତ୍ତୁସ୍ ପୂରେଇକି ପାଦେ ପାଦେ ଚାଲିଲି ସଡ଼କମୁହାଁ ପଶ୍ଚିମ ଦିଗକୁ – ହାତୀର ଖୋଜ ପରେ ଦେଖିବା । ପାଦେ ପାଦେ ଆସି ମାଳିମଠୁ ଭୁବନେଶ୍ୱରକୁ ଯଉଁ ଶଗଡ଼ଗୁଳା ବଣଭିତର ଦେଇ ଯାଇଁଚି ସେଇଠି ପହଞ୍ଚିଲୁ ।

ଉଇହୁଙ୍କାର ଛାଇରେ ବସି ମୋର ବାଁ ଗୋଡ଼ର ଅବସ୍ଥା ଦେଖୁଥାଏ କେଳୁବାବୁ ହେରିକା ପହଞ୍ଚିଲେ । ଆମକୁ ସବୁ ପଚାରୁଥାନ୍ତି ହାତୀ କିମିତି ପଳେଇଲା କଣ ହେଲା ସବୁ ବୋଲି । ବିପ୍ଳବବାବୁ ତାଙ୍କର ଭଙ୍ଗା ଭଙ୍ଗା ଓଡ଼ିଆରେ କହୁଥାନ୍ତି ସବୁ ବୃତ୍ତାନ୍ତ । ଗିରିଧାରୀବାବୁ ମଝିରେ ମଝିରେ ଟିକିନିଖି କଥା କହୁଥାନ୍ତି ପ୍ରଧାନବାବୁ ସଡ଼କରୁ ଜିପ୍ ନେଇ ପହଞ୍ଚିଲେ । ସାଙ୍ଗରେ ମାନ, କାଙ୍ଗାଳୀହେରିକା ବି ଆସିଥାନ୍ତି । ମୁଁ ତାଙ୍କୁ ସବୁ କହିଲି ଯାଇକି ଦେଖିବାକୁ କୁଜା କୁଆଡ଼େ ଗଲା ନା କୁଠି ପଡ଼ିଚି ଦେଖିବାକୁ । ସମସ୍ତେ ଗଲେ ବଣ ଭିତରକୁ କୁଜାର ଖବର ନବାକୁ । ମୁଁ ସେଇଠି ବସି ବାଁଗୋଡ଼ର ବୁଢ଼ା ଆଙ୍ଗୁଠିକି ମାଲିସ୍ କରୁଥାଏ । ଆଉ ଭାବୁଥାଏ ଗୋଡ଼ଟା କଉଠି ବାଜିଲା ଯେ ଏମିତି ଫୁଲିଗଲା । ମୁଁ ଯଉଠି ଛିଡ଼ାହେଇଥିଲି ସେଠି ତ ଖୁଣ୍ଟ ନଥିଲା । ହାତୀଟା ତ ଠିକ୍ ମୁଁ ଯଉଠି ଠିଆହେଇଥିଲି ସେଇଠି ଖୋଜ ପକେଇଚି – ଆଉ ହାତୀର ଗୋଡ଼ରେ ପିଚି ହେଇଗଲା କି ? ଏଇ କଥା ମନରେ ହେଲାକ୍ଷଣି ମୋ ଦେହରୁ ବହେ ଝାଳ ବହିଗଲା ।

କ୍ରମେ କ୍ରମେ ମୋର ବାଁଗୋଡ଼ଟା ବଥା ବେଶିହେଲାଣି । ଏଣେ ଖରା ଖୁବ୍ ଟାଣହେଲାଣି – ଦିନ ବାରଟା ହେଲା । ମାନହେରିକା ଫେରିକି କହିଲେ ଯେ ହାତୀଟା ଟଳି ଟଳି ଚାଲିଛି ଭରତପୁର ବଣକୁ । ଭୁବନେଶ୍ୱରରୁ ଫେରିଲା ବାଟରେ କୁଷ୍ଟିଆ କାଳେ ହାତୀକୁ ଏଇ ଶଗଡ଼ଗୁଳା ପାରହବାର ଦେଖିଚି । କଥା ଶୁଣି ଆମେ ସେଇ ଶଗଡ଼ଗୁଳାରେ ଖଣ୍ଡେବାଟ ଯାଇ ହାତୀ ଖୋଜ ଦେଖିଲୁ । ମୋର ତ ଆଉ ଭରସା ନଥାଏ ଯେ କଣ୍ଟାଝଣ୍ଟା ବଣରେ ଆଉ ଦି'ଭଡ଼ା ପାଦ ପକେଇବାକୁ – ନାଃ, ଆଉ ପାରିହବନି ଆଜି । ଗୋଡ଼ର

Digitized by srujanika@gmail.com

ପରାସଟା ଟିକେ ଉଣାହେଲେ ଯିବା । ଆଉ କେହି ବାଣୁଆ ସେ କୁଜା ଖୋଜରେ ଯିବାକୁ ମଙ୍ଗିଲେନି । ଆମେ ଫେରିଲୁ ଆମର ଡେରାକୁ । ନନ୍ଦନକାନନର ବଙ୍ଗଳାକୁ ଫେରି ଆଗ ଖାଇଲୁ, ପରେ ଗାଧୁଆପାଧୁଆ କରି ଶୋଇଲୁ । ସଞ୍ଜ ପହରକୁ ଭୁବନେଶ୍ୱରରୁ ଏଡ଼ିସ୍ନାଲ ଏସ୍.ପି. ଶ୍ରୀ ସିଂହ ଆଉ ତାଙ୍କ ସାଙ୍ଗ କୈଳାସ କୁମାର ଆସି ପହଞ୍ଚିଲେ । ସଞ୍ଜ ପହରଟା ବିତିଲା ସକାଳର ହାତୀ ଶିକାର କଥା ଚର୍ଚ୍ଚାରେ । ମସୁଧା କଲୁ ଯେ ତା' ପରଦିନ ଫେର୍ ଥରେ ଯାଇ ଭରତପୁର ବଣଟା ଘାଣ୍ଟିବା । ତା'ରି ଭିତରେ କଉଠି ତ ଘାଉଲା ହାତୀ ଥିବ – ଏତେ ଘାଉଲା ହେଲା ପରେ ହାତୀ ତ ଆଉ ବଞ୍ଚିବା କଥା ନୁହଁ – ମରିକି ପଡ଼ିଥିବ କଉଠି ।

ତା'ପରଦିନ ସକାଳୁ ବଡ଼ିଭୋରରୁ ଉଠିଲୁଁ । ଉଠିଲାମାତ୍ରେ ମୋର ବାଁଗୋଡ଼ଟା ଖୁବ୍ ଟଣ୍ ଟଣ୍ ହେଲା । ଏଣେ ସମସ୍ତଙ୍କୁ ଖବର ତ ଦିଆହେଇଚି ଯେ ଭରତପୁର ବଣଟାରେ ହାତୀ ଖୋଜିବା ବୋଲି । ଗୋଡ଼କୁ ଘୋଷାରି ଘୋଷାରି ସକାଳର କାମଦାମ ସାରିଲି – ଜଳଖିଆ ଖାଇ ବାହାରିପଡ଼ିଲୁ ଅନ୍ଧାରୁଆ ଗାଁ ମୁଣ୍ଡର ଆମ୍ବତୋଟାଠେଇକି । ସେଠାରେ ପହଞ୍ଚିଲାବେଳକୁ ଦିନ ସାତଟା । ସେଠି ଅନ୍ଧାରୁଆ ଗାଁର କେଳୁବାବୁ, ଯୁଢେଷ୍ଟି ପରିଡ଼ା, ବାଇନବାବୁ, ମାନ, କାଙ୍ଗାଳିହେରିକା ଢେର୍ ଲୋକ ଥାନ୍ତି । ଆମ ସାଙ୍ଗରେ ଚନ୍ଦକା ଥାନାରୁ ପ୍ରଧାନବାବୁ ବି ଯାଇଥାନ୍ତି । ବାଇନବାବୁ ଆଉ କେଳୁବାବୁ କହିଲେ ଯେ ଗାଁର ଭେଣ୍ଡିଆ ଦଳ ଯାଇକି ଭରତପୁର ବଣଟା ତଲାସ କରିବେ – ହାତୀକୁ ଠାବକରି ଆସି ମୋତେ କହିଲେ ଆମେ ବଣକୁ ଯିବା । ବର୍ତ୍ତମାନ ଆମେ ଏଇ ତୋଟାରେ ଅପେକ୍ଷା କଲେ ଭଲହବ । ମୋର ତ ଗୋଡ଼ଟା ଭାରି ପରାସ ହଉଥାଏ – ଏଇ ପ୍ରସ୍ତାବରେ ସାଙ୍ଗେ ସାଙ୍ଗେ ରାଜିହେଇଗଲି । ମାନ, କାଙ୍ଗାଳି, ଯୁଢେଷ୍ଟିହେରିକା ଦଳେଲୋକ ଗଲେ ଚୁଡ଼ିମୁଣ୍ଡିଆର ଚାରି ପାଖରେ ହାତୀର ଓର୍ ନବାକୁ । ମୁଁ, ବିପ୍ଳବବାବୁ ଆଉ ଗିରିଧାରୀବାବୁ ରହିଲୁ ଆମ୍ବତୋଟାଠେଇ । ମେ ମାସର ମୁଣ୍ଡଫଟା ଖରା କ୍ରମେ ଟାଣହେଲା – ଆମ୍ବଗଛ ଛାଇରେ ବି ଝାଞ୍ଜି ଲାଗି ଦେହଟାଯାକ ପୋଡ଼ିଗଲାପରିକା ହେଉଥାଏ । ଗଛରୁ ନାଲିଆ ରଙ୍ଗର କାଇସବୁ ପଡୁଥାନ୍ତି ଉପରେ – ପେଣ୍ଟ୍ ଜାମା ଭିତରକୁ ଯାଇ କାମୁଡୁଥାନ୍ତି ଯେ ବାଇବିଛ ହେଉଥାଉ ଆମେ । ପହରେ ଦିପହର କାଳ ବିତିଲାଣି ସେମାନଙ୍କ ବାଟକୁ ଚାହିଁ ଚାହିଁ । ପାଟି ଶୁଖି ଜିଭଟିମାନ କୁକୁର ଜିଭପରି ହେଲାପରିକା ହେଲାଣି । ବେଳନେଉଟ ବେଳକୁ ମାନହେରିକା ଫେରିକି ଆସିଲେ – କହିଲେ ଯେ, କୁଜାହାତୀର ପାଦଚିହ୍ନ ଉପରେ ଅନେକ ହାତୀର ପାଦଚିହ୍ନ ଅଛି – ହାତୀପଲଟାଯାକ ଯାଇ ଚୁଡ଼ିମୁଣ୍ଡିଆର ଉତ୍ତରକୁ ଯଉ ଗୁଳୁରିନଟା ଅଛି ତା'ରି ଭିତରେ ପଶିଚନ୍ତି । ଆଉ ସେ ନଟାବଣ ଏମିତି ଗୁଳୁରିଆ ହେଇଚି ଯେ ତା ଭିତରକୁ ପଶିବା ଅସମ୍ଭବ କଥା ।

ସେଦିନ ମନମାରି ଆମେସବୁ ଫେରିଲୁ ନନ୍ଦନକାନନର ବଙ୍ଗଳାକୁ । ଖିଆପିଆ ସାରି ଫେରିଆସିଲୁ କଟକ । ଚନ୍ଦକା ଥାନାରେ କହିଆସିଥାଏ ସେ କୁଜାର ଖବର ପାଇଲେ ମୋତେ ତାରକରିବେ ।

Digitized by srujanika@gmail.com

ସୋମବାର ଦିନ, ଏଠାର ଅଫିସ୍‌ସବୁ ସକାଳୁଆ ହେଇଥାଏ । ସାଢ଼େବାରଟା ପରେ ଅଫିସ୍ ବନ୍ଦହେଲା; ମୁଁ ସାଙ୍ଗରେ ଖାଇବାର ଧରିକି ଗଲି ଅନ୍ଧାରୁଆ ଗାଁକୁ । ଯୁଜେଷ୍ଠି ବାଣୁଆ ସାଙ୍ଗରେ ଦୁଇ ଚାରିଜଣ ଭେଣ୍ଡିଆଲୋକ ସାଙ୍ଗରେ ଧରିକି ଆସିଲେ । ମୁଁ ତାଙ୍କୁଇ ନେଇ ଭରତପୁର ବଣଟା ବୁଲିଲି । ଚୁଡ଼ିମୁଣ୍ଡିଆ ତଳେ ଲଟିରେ ପଲେ ହାତୀ ଥିବାର ସୁରାକ ପାଇଲୁ । ଭୁସ୍‌ଭାସ୍ ଧୁସ୍‌ଧାସ୍ କରି ସେମାନେ ସେଠି ଥାଆନ୍ତି ଯେ ଦେଖିପାରୁନଥାଉ ଆମେ । ଲଟିରେ ଗଳି ଗଳି ପାଖକୁ ଯିବାର କଥା । ହେଲେ ମାଈ ହାତୀ ପାଖରେ ଛୁଆ ଥିଲେ ଭାରି ରାଗି ହୁଏତ – ଟିକିଏନାକୁ ମଣିଷଗନ୍ଧ ପାଇଲେ ଚିହିଁକି ଆସିବ । କଣ୍ଟାଲଟିରେ ପଳାଇବାର ବାଟ ତ ନଥିବ – ତୁଛାଟାରେ ଆମ ପ୍ରାଣ ଯିବ ନା । ଆଉ ନଟି ଭିତରକୁ ପଶିବାର ସାହସ ହେଲାନି । ଅପେକ୍ଷାକଲୁ ମୁହଁଅନ୍ଧାର ହବାଯାକେ । ସଞ୍ଜ ହେଉ ହେଉ ହାତୀପଲ ତ ପାଣି ପିଇବା ପାଇଁ ନଟିରୁ ବାହାରି ପାଣିଖଦାକୁ ଯିବେ – ସେତିକିବେଳେ ପଦାରେ ଥାଇ ମାରିହବ । ଏଇ ଆଶା ନେଇ ରହିଲୁ ଜଗିକି । ରୁମନୁଚା ବେଳ ହେଲା, ତେବେକେ ହାତୀପଲ ସେଇ ନଟିରେ ରହିଲେ । ଆମର ଗନ୍ଧ ପାଇଗଲେ କି ଆଉ । ସଞ୍ଜହେଲେ ରାଇଫଲ୍ ମାଛି ଦିଶିବନି ତ – ମନମାରି ଘରକୁ ଫେରିଲି ।

ଏଇମିତି ଦିନ ପରେ ଦିନ ହେଇ ମାସେ ଗଲା । ସକାଳୁଆ ଅଫିସ୍ କାମ ସାରି ଦି'ପହରଟା ଭରତପୁର ବଣ, ଚନ୍ଦକା ବଣ ଘୂରି ଘୂରି ସଞ୍ଜକୁ ଫେରେ । ସବୁଦିନର କଥା ଗୋଟି ଗୋଟି କରି କହିବସିଲେ ପୋଥି ହବ । ତେବେ ଗୋଟିଏ ଦିନର ଘଟଣାଟା ନକହିଲେ ଗପଟା ଖଣ୍ଡିଆ ହେଇଯିବ ତ ।

ସେଦିନ ବି ଦିନ ଦୁଇଟାବେଳକୁ ମୁଁ ଯାଇ ଅନ୍ଧାରୁଆ ଗାଁମୁଣ୍ଡରେ ପହଞ୍ଚିଲି । ସେଠାର ବାଣୁଆ ଯୁଜେଷ୍ଠି ଆଉ ଗଡ଼ବାଡ଼ ଦୁହେଁ ମୋତେ ଭେଟିଲେ । କହିଲେ – ଆଜି ସେ କୁଜାର କାଳ ପୂରିଚି । ଆମେ ଦେଖିଆସିଛୁ ସେ କଉଠି ଅଛି । ପ୍ରସ୍ତାବ କଲେ ଯେ ଟିକେ ଖରା ଟାଣ କମିଗଲେ ଜଙ୍ଗଲରେ ପଶିବା । ଅପେକ୍ଷା କଲୁ ଦିନ ଚାରିଟାଯାକେ । ଚାରିଟାବେଳକୁ ପଟିଆ ରାସ୍ତାରେ ଦୁଇକିଲୋମିଟର ମଟରରେ ଗଲୁ । ସେଇଠି ମଟର ରଖି ଚାଲିକି ଅଁଳାମୁଣ୍ଡିଆ ରାସ୍ତାରେ ଯିବାର କଥା । ସରହଦରେ ମଟର ରଖି ହରି ବାରିକ ଡ୍ରାଇଭର୍ ଆଉ ଗଡ଼ବାଡ଼ ଦୁହେଁ ରହିଲେ । ମୁଁ ଆଉ ଯୁଜେଷ୍ଠି ଦିହେଁ ଚାଲିଲୁ । ମୁଁ ମୋର ରାଇଫଲ୍‌ରେ କାର୍ତ୍ତୁସ୍ ପୂରାଇ ଧରିଥାଏ – ଯୁଜେଷ୍ଠି ଆଗରେ ଚାଲିଥାଏ । ପାଦ ଚିପି ଚିପି ଯାଉଥାଉଁ ଗୋଟେ ଗୋଟେ । ପାଏ ବାଟ ଗଲା ପରେ ମୁଁ ମୁଠେ ଧୂଳି ଧରି ପକେଇଲି ପବନର ଗତି ଆଉ ବେଗ ଜାଣିବାକୁ । ଦେଖିଲି ଯେ ସୁଲୁସୁଲିଆ ପବନ ଆମ ଡାହାଣରୁ ବାଁପଟକୁ ବହୁଚି । ସେଇଠି ଠିଆହେଇକି ପଚାରିଲି ଯୁଜେଷ୍ଠିକି ଯେ କଉ ଅରାରେ କୁଜା ରହୁଚି ବୋଲି । ସେ ମୋତେ ଠାରିକି କହିଦେଲା ଯେ ବାଁପାଖର ଗୁଳୁରି ନଟା ଭିତରେ ସେ କୁଜା ହାତୀଟା ଅଛି ବୋଲି ।

ଆମେ ତ ଶଗଡ଼ଗୁଳାରେ ଚାଲିଥାଉ । ସେ ଶଗଡ଼ଗୁଳାଟା ଅଁଳାମୁଣ୍ଡିଆ ପାଖଦେଇ

Digitized by srujanika@gmail.com

ଭୁବନେଶ୍ୱର ଆଡ଼କୁ ଯାଇଚି । ସେଇ ଗୁଳାରେ ଗଲେ ଆମଆଡୁ ପବନ ଯାଇ ଗୁଳୁରି ଲଟିରେ ହାତୀ ଆଡ଼କୁ ଆମର ଗନ୍ଧ ବହିନବ । ହାତୀର ତ ବାସନା ଶୁଙ୍ଘିବା ଶକ୍ତି ଖୁବ୍ ପ୍ରଖର । ସେ ଜାଣିପାରିବ ଯେ ଆମେ ପାଖରେ ପହଞ୍ଚିଲୁଣି ବୋଲି । ହୁଏତ ହାତୀ ପଛପଟେ ପଳେଇବ, ନହେଲେ ଆମକୁ ଛପିକି ଧରିବାପାଇଁ ସେ ଲଟିରେ ଜଗିବ । ସେ ଲଟିଟା ଏତେ ଘଞ୍ଚ ଯେ ମୋତେ ତ ଦୁଇମିଟର ଦୂରକୁ ବି ଦିଶିବନି – ବନ୍ଧୁକ ମାରିବି କେମିତି ? ଯୁଜେଷ୍ଟିକୁ କହିଲି ଯେ ସେ ସରହଦ ଛାଡ଼ି ଆମେ ବାଁପଟେ ବଣ ଭିତରେ ଯିବା । ହାତୀ ଆମର ଗନ୍ଧ ବାରିବା ଆଗରୁ ଆମେ ତା'ର ଖବର ପାଇବା । ଯୁଜେଷ୍ଟି କିନ୍ତୁ ମୋ କଥାରେ କାନନଦେଇ ଆଗେଇଲା ସରହଦରେ । ଆଗକୁ ଗଲେ କାଳେ ଗୋଟେ ଭଲ ରାସ୍ତା ଅଛି ନଟି ଭିତରକୁ । ମୋତେ ତ ସେତେବେଳେ ସେପାଖ ବଣ ଲଟି କଥା କିଛି ଜଣାନଥିଲା – ମୁଁ ଚାଲିଲି ଯୁଜେଷ୍ଟି ପଛେ ପଛେ । ଦଶ-ପନ୍ଦର କଦମ ଯାଇଚୁ କି ନାହିଁ ମୁଁ ଶୁଣିଲି ଫିଁକିନା ଶବ୍ଦଟିଏ । ସାପର ଫଁ ନୁହେଁ – ହାତୀ ଯେମିତି କରେ ଚମକି ପଡ଼ିଲେ ସେମିତି । ଯୁଜେଷ୍ଟିକି କହିଲି – ଠାରିକି । ସେ କନ୍ତୁ କିଛି ନବୁଝିଲାପରିକା ଚାଲିବାପାଇଁ ଇସାରାକଲା । ଆଉ ଟିକେ ଆଗକୁ ଯାଇ ଯୁଜେଷ୍ଟିକି ପଚାରିଲି ଯେ ହାତୀ ଯଦି ପଳାଏ କଉ ବାଟ ଦେଇ କୁଆଡ଼କୁ ଯିବ । ସେ କହିଲା ଯେ ସେଠୁ ଯଦି ହାତୀ ପଳାଏ ତ ସେ ବୁଢ଼ାକସିବାରି ପାଖରେ ଯାଇ ପଟିଆ ରାସ୍ତା ପାରିହେଇ ବାରମାଣିଆ ପାଖର ପାଣିଠେଇକି ଯିବ ।

ସେତେବେଳକୁ ଦିନ ବି ସରିବା ଉପରେ । ବେଳ ରତରତ ହେଲାଣି । ଝଅଟ ଝଅଟ ଫେରିବା ମଟର ପାଖକୁ ବୋଲି କହିଲି । ମଟର ତ ଆମେ ସେଇ ବୁଢ଼ାକସିବାରି ପାଖର ଦୋସମାଳିରେ ରଖିଚେ – ହାତୀ ସେଇଠି ବାହାରିଲେ ହରି ବାରିକ ଆଉ କେଳୁ ଗଉଡ଼ବାଡ଼ ତ ଛାନିଆ ହେବେ ।

ଲମ୍ୱା ଲମ୍ୱା ପାଦ ପକେଇକି ଫେରିଲୁ । ଆସି ଦେଖୁ ଯେ ମଟରଟା ଆଗକୁ ଯାଇଚି । ଆମକୁ ଦେଖି କେଳୁବାବୁ ମଟରରୁ ବାହାରି ଦୌଡ଼ିକିଆସିଲେ, କହିଲେ – କୁଜା ପରା ଏଇ ଟିକେ ଆଗରୁ ରାସ୍ତା ପାରହେଇଚି । ହାତୀ କିମିତି ମାତାଲପରିକା ଟଳିଟଳି ମୁଣ୍ଡକୁ ଝୁଙ୍କେଇ ଝୁଙ୍କେଇ ଚାଲୁଚି – କେଳୁବାବୁ ପାଖରୁ ଦଶ କଦମ୍ ପାଖରେ ବଣରୁ ବାହାରିଲା, କେଳୁବାବୁକୁ ଦେଖିକି କିମିତି ଫେର୍ ବଣକୁ ପଶିଗଲା – ଦିମିନିଟ ପରେ ଫେର୍ ଖଣ୍ଡେ ଦୂରକୁ ବୁଢ଼ାକସିବାରି ପାଖର ପଦା ପାଖରେ ବାହାରିଲା – ଟଳିଟଳିକି କିମିତି ରାସ୍ତା ପାରିହେଇଗଲା ସବୁ ବଖାଣିଲେ । ହାତୀର ହାଲ୍ ଜମା ଭଲନାହିଁ ପରି ମନେହେଲା ତାଙ୍କର । ଚମଡ଼ା ଧୁଡୁକି ଯାଇଚି – କଣ୍ଟା ହେଇଯାଇଚି ତ ଏକଦମ୍ । ଯେମିତି ମୁଣ୍ଡଟା ବହିବାକୁ ତାକୁ କଷ୍ଟ ହଉଚି ସେମିତି ମନେହେଲା କେଳୁବାବୁର । ହରି ବାରିକ ବି ସେଇ କଥା କହିଲା । କେଳୁ ଗଡ଼ବାଡ଼ ଲଗେଇଲେ ସରହଦର ସେପାଖ ଚାକୁଣ୍ଡି ବଣରେ ଖଣ୍ଡେଦୂର ଯିବାକୁ; କହିଲେ – ଏଇ ପାଖରେ ଭେଟିଯିବା ଯେ କୁଜାକୁ । ତାଙ୍କ କଥାରେ ଆମେ ଗଲୁ ପାଏବାଟଯାକେ, ହେଲେ ହାତୀର ଆଉ ସୋରଶବ୍ଦ ମିଳିଲାନି ।

Digitized by srujanika@gmail.com

ଏଣେ ବେଳ ତ ଗଲାଣି ସେତେବେଳକୁ । ସଞ୍ଜରେ ରାଇଫଲ୍‌ର ସାଇଟ୍ ଦିଶିବନି ବୋଲି ଆଉ ନଆଗେଇ ଫେରିଆସିଲି । ସେଦିନ ଫେରିବା ଆଗରୁ ଚନ୍ଦକା ଥାନାକୁ ଯାଇକି ସେଠାର ଜମାଦାରବାବୁ ପ୍ରଧାନଙ୍କୁ କହିଆସିଲି ଯେ ସେ ହାତୀଟା ଦାରୁଠେଙ୍ଗ ଅଞ୍ଚଳକୁ ଆସିଲାଣି । ଯଦି କେହି ତା'ର ଓର୍ ପାଆନ୍ତି ତ ମୋତେ ଫୋନ୍‌ରେ କହିଦେବେ କିମ୍ବା ତାର କରିଦେବେ ।

ପ୍ରଧାନଙ୍କର ଫୋନ୍‌କୁ ଅନେଇ ଅନେଇ ଦିନାକେତେ ଗଲା । ଜୁନ୍ ମାସର ୨୬ ତାରିଖ ରାତିରେ ମୋ ଘରକୁ ଖବର ପହଞ୍ଚିଲା ଯେ ତା'ପରଦିନ ସକାଳ ସାତଟା ସୁଦ୍ଧା ଦାରୁଠେଙ୍ଗ ଗାଁରେ ପହଞ୍ଚିଲେ ସେଠାର ବାଣୁଆମାନେ ମୋତେ ହାତୀ ଦେଖେଇଦେବେ । ତା' ଆରଦିନ ସକାଳୁ ସିନ୍ଦୂରାଫାଟିବା ବେଳକୁ ମୁଁ ବାହାରିଗଲି । ଦାରୁଠେଙ୍ଗଠେଇ ପହଞ୍ଚିବାବେଳକୁ ସାତ ବାଜିନଥାଏ । ଗାଁମୁଣ୍ଡରେ ଗାଡ଼ି ରଖିଲାମାତ୍ରେ ଢେର୍ ଲୋକ ରୁଣ୍ଡହେଇଗଲେ । ସମସ୍ତେ କହିଲେ ଯେ – ହାତୀ ଏଇ ଚୁଡ଼ଙ୍ଗ ପାଖରେ ଅଛି – ଆସନ୍ତୁ ଏଇଲାଗେ ଆମେ ଦେଖେଇଦବା । ମୁଁ ତ ଗଲାବଳେ ବାଟରୁ ଚନ୍ଦ୍ରକୁ ଆଉ ଚନ୍ଦକା ଥାନାରୁ ପ୍ରଧାନଙ୍କୁ ସାଙ୍ଗରେ ଧରିକି ଯାଇଥାଏ । ସେମାନେ ସମସ୍ତଙ୍କୁ ମନାକଲେ – ଏତେ ଲୋକ ବଣରେ ପଶିଲେ ହବନି – ହାତୀ ପଳେଇବ । ଚନ୍ଦ୍ର ଯାଇକି ବସନ୍ତ ମହାରଣା, ବାଳି, ଗଜେନ୍ଦ୍ର ଆଉ ବୈକୁଣ୍ଠ ସେଠକୁ ଡାକିଆଣିଲା । ସେଇ ତିନିଜଣ ଆଉ ଆମେ ତିନିଜଣ ବାହାରିଲୁ ବଣକୁ । ସେଠ କହିଲା, ସେ ଭୋରରୁ ବଣଆଡ଼େ ଯାଇଥିଲା ହାତୀର ଖୋଜ ଦେଖିକି ଆସିଛି ।

ଚନ୍ଦକା ବାରଙ୍ଗ ସଡ଼କରୁ ଗୋଟିଏ ମାଟିରାସ୍ତା ବଣ ଭିତର ଦେଇ ଯାଇଚି ରାମଚଣ୍ଡୀ ପର୍ଯ୍ୟନ୍ତ । ସେହି ମାଟିରାସ୍ତାର ଉତ୍ତରକୁ ଗୋଟେ ଶଗଡ଼ଗୁଳା ବଣ ଭିତରକୁ ଯାଇଚି । ସେଇ ଶଗଡ଼ଗୁଳାରେ ମଟରଟା ଏକ କିଲୋମିଟର ପର୍ଯ୍ୟନ୍ତ ଯାଇପାରିଲା । ସେଇଠି ମଟରଟା ଛାଡ଼ିଲୁ । ଡ୍ରାଇଭର ହରି ବାରିକ ସେଇଠି ମଟର ଜଗିକି ରହିଲା, ଆମେ ଚାଲିଲୁ ବଣ ଭିତରକୁ । ମୁଣ୍ଡା ଘର ପାରହେଲେ ଗୋଟେ ଖୋଲା ପଦା ଅଛି – ସେଇ ପଦାର ଉତ୍ତର କିନାରାରେ ହାତୀର ଖୋଜ ପରିଷ୍କାର ଦିଶୁଥାଏ । ସେ ଖୋଜରୁ ଜାଣିଲୁ ଯେ ଆମର ସେଇ କୁଜାହାତୀଟି ସେଇ ବାଟ ଦେଇ ଯାଇଚି – ସକାଳୁ ସକାଳୁ । ବୈକୁଣ୍ଠ କହିଲା ସେ ଚୁଡ଼ଙ୍ଗଗଡ଼ର ପୁରୁଣା ପାଚିରି ପାଖକୁ ଗୁଳୁରିଆ ବଣ ଅଛି; ସେଇଠି ହାତୀ ରହିବା କଥା, ସେଇଠିକି ସିଧାସଳଖ ଯିବା । ମୁଁ ମନାକଲି । କହିଲି ସେଇ ଖୋଜ ଧରି ଧରି ଆଗେଇବା ଯେ ସୁବିଧା ହବ । ଖୋଜ ଗୋଡ଼େଇକି କିନ୍ତୁ ବେଶି ବାଟ ଯାଇହେଲାନି । ମୁରୁମ ଗୋଡ଼ିରେ ଖୋଜ ଦିଶିଲାନି । ସକାଳ ପହରରୁ ପଲ ପଲ ଗୋରୁ ସେଇ ବାଟ ଦେଇ ବଣରେ ପଶିଚନ୍ତି – ହାତୀ ଖୋଜ କୁଦିଦେଇ ଯାଇଚନ୍ତି । କ'ଣ କରିବା ଚିନ୍ତାକରୁଚୁ – ଏଣେ ବସନ୍ତ ଆଉ ବୈକୁଣ୍ଠ ଆଗର ବଣ ଭିତରେ ଯେଉଁ ଚଲା ରାସ୍ତାସବୁ ଥିଲା, ସେଗୁଡ଼ାକ ଭଲଭାବରେ ଦେଖିଆସିଲେ, କାଳେ ହାତୀ ଏପାଖକୁ ପାରିହେଇଯାଇଥିବ । ସେତିକିବେଳେ ଅସରାଏ ବର୍ଷା ହେଲା । ଦଶ-ପନ୍ଦର ମିନିଟ୍‌ଯାକେ

Digitized by srujanika@gmail.com

ଖୁବ୍ ଢାଳିଦେଲା ତ – ଆମେସବୁ ସୁରୁବୁରୁ ହେଲୁ ତିନ୍ତିକି । ବର୍ଷା ଛାଡ଼ିଲାରୁ ରାଇଫଲକୁ ରୁମାଲରେ ପରିଷ୍କାରକରି ଶୁଖେଇଲି । ଗୁଳିଗୁଡ଼ାକ ଯତ୍ନରେ ପେଟତଳେ ଗୁଞ୍ଜି ରଖିଥିଲି ଯେ ଭିଜିନଥିଲା । ବସନ୍ତ ଆଉ ବୈକୁଣ୍ଠ ଦିହେଁ କହିଲେ ଯେ ଚୁଡ଼ଙ୍ଗଗଡ଼ର ପାଚିରି ତଳକୁ ଭଲ ଗୁଳୁରିଆ ବଣ ଅଛି । ସେଇଠି ସେ କୁଜା ଅଛି ନିଶ୍ଚୟ – ସେଇଠିକି ଯିବା । ଏଇ ପ୍ରସ୍ତାବରେ ରାଜିହେଇ ତାଙ୍କ ପଛେ ପଛେ ଚାଲିଲି । ଦିହର ଜାମାପଟା ତ ସବୁ ବର୍ଷାରେ ତିନ୍ତିଥିଲା – ଥଣ୍ଡା ପବନରେ ଶୀତ ଲାଗୁଥିଲା, ମାତ୍ର ବଣର କଣ୍ଟାଝଣ୍ଟାରେ ନଇଁ ନଇଁ ପାଦେ ପାଦେ ଚାଲିବାରେ ଅଳ୍ପ ସମୟ ପରେ ଦେହରୁ ଝାଳ ବହିଲା । ଯାଇ ପାଚିରି ପାଖରେ ପହଞ୍ଚିଲାବେଳକୁ ଦିନ ଏଗାରଟା । ପାଟି ଶୁଖି ଅଠାହେଲାଣି । ଗୋଡ଼ହାତ ପରାସ ହେଲାଣି ଖୁବ୍ । ପାଚିରିର ପଥର ଉପରେ ବସି ଟିକେ ଥକା ମେଣ୍ଟେଇଲୁ । ମୁଁ ଭାବୁଥାଏ, ଏତେ ପରିଶ୍ରମ ହେଲାଣି ଯେ ଦେହହାତ ପରାସ ହେଲାଣି – କଣ୍ଟାଝଣ୍ଟାରେ ଦେହହାତ ଖଣ୍ଡିଆ-ଖାବରା ହେଲାଣି । ହାତୀର ସୋର୍‌ଶବ୍ଦ ତ ନାହିଁ – ସେଇଠୁ ଫେରିବା । ସେତିକିବେଳେ ଶୁଣିଲୁ ଦୁଇଶହ ମିଟର ଦୂରର ନାଗଅଇରି ବଣ ଭିତରୁ ହାତୀର ଫିଁକାର । ବୈକୁଣ୍ଠ ତରବର ହେଇ ଉଠି ଠିଆହେଲା – ଠାରିକି କହିଲା ଯେ ସେ ଯାଇ ଦେଖିଆସିବ ହାତୀ କୁଉଠି ଅଛି, ଆଉ ଏଇ ଫିଁକାରିଥିବା ହାତୀ ସେଇ କୁଜା କି ନୁହେଁ । ମୁଁ, ବସନ୍ତ, ବାଳି, ଚନ୍ଦ୍ର ଆଉ ପ୍ରଧାନ ସେଇଠି ଚୁପ୍‌ଚାପ୍ ବସିରହିଲୁ । ଦଶମିନିଟ୍ ପରେ ବୈକୁଣ୍ଠ ଫେରିଲା; କହିଲା ଯେ ଆଗରେ ଗୋଟେ ଶୁଖିଲା ପୋଖରୀ, ପାଣି ନାହିଁ କେବଳ କାଦୁଅ ପଙ୍କ – ସେଇ କାଦୁଅରେ କୁଜାହାତୀ ପଟ ପକଉଚି । ଠାରିକି କହିଲା ଚୁଡ଼ଙ୍ଗଗଡ଼ର ଭଙ୍ଗାପାଚିରି ଉପରେ ଗଲେ ଦିଶିବ । ସେତେବେଳକୁ ଦକ୍ଷିଣା ପବନ ବହୁଥାଏ । ଗଛପତ୍ର ସଡ଼ସଡ଼ ଶବ୍ଦ ହଉଥାଏ । ଗୋଟେ ଗୋଟେ ଚାଲିଲୁ । ସାଙ୍ଗରେ କେବଳ ବୈକୁଣ୍ଠ ଓ ବସନ୍ତ ଆସିଲେ । ବାକି ସମସ୍ତେ ସେଇଠି ଅପେକ୍ଷା କରି ରହିଲେ ।

ଶହେ ଦେଢ଼ଶମିଟର ଗଲା ପରେ ପାଚିରି ଉପରୁ ସେ ଶୁଖିଲା ପୋଖରୀ ଦିଶିଲା । ହାତୀଟା କାଦୁଅରେ ଶୋଇଥାଏ ଯେ କେବଳ ପଛ ଗୋଡ଼ଗୁଡ଼ାକ ଦିଶୁଥାଏ ବୁଦା ଭିତର ଦେଇ । ଦେଖିଲି ଯେ ଆଉ ପାଖକୁ ଯିବାର ସୁବିଧାନାହିଁ । ଏତେ ପାଖକୁ ଗଲେ ତ ହାତୀ ଆମର ଗନ୍ଧପାଇଯିବ ଓ ପଳେଇବ । ସେଇଠି ଚୁପ୍‌ଚାପ୍ ଅପେକ୍ଷା କରିବା, ହାତୀ ଉଠିଲେ ଯାଇ ଦେଖିବା କଣ କରାଯିବ । ଏଣେ ବସନ୍ତ ଏ ପଥରରୁ ସେ ପଥର ହେଇ ଉଣ୍ଡୁଥାଏ କାଳେ କଉଠୁ ପରିଷ୍କାର ଦିଶିବ ବୋଲି – ତା'ର ଗୋଡ଼ ଖସିଗଲା ଯେ ଗୋଟେ ପଥର ଖସିଗଲା; ଦୁଲଦାଲ୍ ଶବ୍ଦ ହେଲାମାତ୍ରକେ ହାତୀ ଉଠିପଡ଼ିଲା । ପୋଖରୀର ପଙ୍କରୁ ଆସି ପଦାରେ ଠିଆହେଇ ଦେଖିବାର ଚେଷ୍ଟାକଲା । ମୋତେ ପରିଷ୍କାର ଦିଶୁଥାଏ କାଦୁଅମାଖି ହାତୀଟା ଗୋଟେ ମାଟିର ପାହାଡ଼ପରିକା । ଛକାକୁ ଲାଖକରି ଗୋଟେ ଗୁଳି ଫୁଟେଇଲି – ହାତୀ ବୁଲିଗଲା । ଆଗପାଖର ଲଟିରେ ପଶିବାବେଳକୁ ତା'ର ଲାଞ୍ଜ ମୂଳକୁ ଦୁତୀୟ ଗୁଳି କଲି । ହାତୀ ପଡ଼ିଗଲା ଫେର୍ ଉଠିକି ବାଁପଟକୁ ବୁଲିଗଲା । ଫେର୍

Digitized by srujanika@gmail.com

ବାଁପଟର ଛକାକୁ ଆଉ ଗୋଟେ ଗୁଳିକଲି । ହାତୀ ଫେର୍ ଥରେ ପଡ଼ିଗଲା । ଫେର୍ ଉଠିଲାକି ସେ ନାଗଅଇରି ବଣରେ ପଶିଗଲା । ପ୍ରଧାନ, ଚନ୍ଦ୍ର ଆଉ ବାକି ସମସ୍ତେ ଦୌଡ଼ିକି ଆସିଲେ । ଯଉଠି ହାତୀ ପଡ଼ିଯାଇଥିଲା ସେଠିକି ଯାଇ ଦେଖୁ ତ ରକ୍ତ ଆଉ କାଦୁଅ ଗଛପତ୍ରରେ ବହୁତ ଲାଗିଥାଏ ।

ଚନ୍ଦ୍ର ଲଗେଇଥାଏ ହାତୀର ପଛେ ପଛେ ଯିବାପାଇଁ – ମୁଁ ନାସ୍ତି କଲି । ଘାଉଲା ହେଇଚି ହାତୀ ତ ପଡ଼ିବ ଖଣ୍ଡେ ଦୂରରେ । ଗୁଳିଗୁଡ଼ାକ ଭଲ ମରମ ଥାନରେ ଲାଗିଚି, ମରିବ ହାତୀ ନିଶ୍ଚେ । ଟିକେ ସମୟ ଲାଗିବ; ଏଡ଼େ ବଡ଼ ଜନ୍ତୁଟା ତ – ପ୍ରାଣ ଯିବାକୁ ସମୟ ଲାଗିବ । ଆମେ ହୁଡ଼ ହୁଡ଼ କରି ଯାଇ ତା ପାଖରେ ବର୍ତ୍ତମାନ ପହଞ୍ଚିଲେ ସେ ହୁଏତ ମରଣ କଷ୍ଟରେ ଗୋଡ଼ଟା କି ଥୋଡ଼ଟା ହଲେଇଦେଲେ ଆମର ପ୍ରାଣବାୟୁ ଉଡ଼ିଯିବ । ନାଃ, ଟିକେ ତାକୁ ଅପେକ୍ଷା କରିବା, ତା ପରେ ଯିବା । ଅଧଘଣ୍ଟେ ପରେ ଚାଲିଲୁ – ଗଛପତ୍ର ଆଡ଼େଇ ଆଡ଼େଇ । ନାଗଅଇରି କଣ୍ଟା ତ – ସେଥିରେ ଆମର ହାତ ମୁହଁ ଛିଡ଼ି ରକ୍ତବୋହିଲା । ତାଳପତ୍ରରେ ତ ହାତୀ ଦିହରୁ କାଦୁଅ ଆଉ ରକ୍ତ ଲାଗିଥିଲା । ସେ କାଦୁଅ ଆମର ଦେହ ଲୁଗାପଟାସବୁ ବୋଳିହୋଇଗଲା । ଏଇମିତି କଷ୍ଟେମଷ୍ଟେ ପାଏ ବାଟ ଗଲା ପରେ ଦେଖେ ଯେ ହାତୀଟା ଲଟି ଭିତରେ ଠିଆହୋଇ ଟଳମଳ ହଉଥାଏ । ପ୍ରଧାନବାବୁ ମୋର ଛୋଟ ରାଇଫଲ୍‌ରୁ ଗୋଟେ ଗୁଳିକଲେ । ମୁଁ ପୁଣି ଗୋଟାଏ ଗୁଳି ମାଇଲି । ହାତୀ ଧସ୍ ଧସ୍ ହୋଇ ଦଶପାଦ ଖଣ୍ଡେ ଯାଇ ପଡ଼ିଲା । ଯାଇ ଦେଖୁଁ ତ ସେ ମରିଯାଇଚି ।

ଭଲଭାବରେ ତନଖି କରିବାରେ ଜଣାଗଲା ଯେ ପ୍ରଥମେ ମୁଣ୍ଡକୁ ଯେଉଁ ଗୁଳି ମାରିଥିଲି ଅନ୍ଧାରୁଆ ପାଖରେ ସେଇଟା ପଶି ସେପଟେ ବାହାରିଯାଇଚି । ଘା'ଟା ଶୁଖିଆସିଚି । ଦ୍ୱିତୀୟ ଗୁଳିଟା ବାଁପାଖର ଦାନ୍ତରେ ବାଜିଚି ଯେ ଦାନ୍ତଟା ଖଣ୍ଡିଆ ହୋଇଚି – ହଲ ହଲ ହଉଥାଏ । ଦାନ୍ତମୂଳଟା ପଚି ଗନ୍ଧବାହାରୁଥାଏ ।

Digitized by srujanika@gmail.com

ଉଷାକୁଠିର ହାତୀ

ସମ୍ବଲପୁରରୁ ଦେବଗଡ଼ ରାସ୍ତାରେ ତିରିଶ କିଲୋମିଟର ଗଲେ ଗୋଟେ ଘାଟି ପଡ଼େ । ଠିକ୍ ଘାଟି ଉଠିବା ପରେ ଗୋଟେ ଗାଁ ଅଛି । ସେ ଗାଁର ନା ବଡ଼ରମା । ଚାରିପାଖ ପାହାଡ଼ ପର୍ବତ ଆଉ ଖୁବ୍ ଘଞ୍ଚ ଜଙ୍ଗଲ । ବଣୁଆ ଗାଁଟିଏ ତ; ବେଶି ଘରଦୁଆର ନାହିଁ । ଗୋଟେ ହାଟପଦା ପାଖରେ ବଣବିଭାଗର ରେଞ୍ଜରଙ୍କ ଅଫିସ୍ ଆଉ ତାଙ୍କର ରହିବା ଘର । ଟିକେ ଦୂରକୁ ଗୋଟିଏ ବଙ୍ଗଳା ବି ଅଛି । ସେଇ ବଙ୍ଗଳାରେ ଦିନେ ଆମର ବଣବିଭାଗର ବଡ଼ ବଡ଼ ହାକିମମାନେ ମନ୍ତ୍ରୀଙ୍କୁ ନେଇ କ'ଣ ବିଚାର ଆଲୋଚନା କରୁଥିଲେ । ଏକଥା ପାଖଆଖ ଗାଁଗଣ୍ଡାର ଲୋକସବୁ ଜାଣିଲେ । ସେଦିନ ବଡ଼ରମାର ହାଟପାଳି ଥାଏ । ଦଶକୋଶ ବାଟରୁ ଲୋକ ଆସିଥିଲେ ହାଟକୁ । ସମସ୍ତେ ମିଳିମିଶି ଯାଇ ବଙ୍ଗଳା ଚାରିପାଖେ ଘେରି ମନ୍ତ୍ରୀ ମହାଶୟଙ୍କୁ ଆପତ୍ତି କଲେ ଯେ ସେମାନଙ୍କର ଧାନ ଫସଲ ଆମଦାନୀ କରିବା ବଡ଼ କଷ୍ଟ ହେଉଚି ବୋଲି । ଧାନ ଠିକ୍ ପାଚିଲାବେଳକୁ ପଲ ପଲ ହାତୀ ଆସି ଧାନ ଖାଇଯାଉଛନ୍ତି । ସରକାର ହାତୀଙ୍କ ଦାଉରୁ ଧାନଫସଲ ରକ୍ଷା କରିବାର ବ୍ୟବସ୍ଥା କରନ୍ତୁ । ମନ୍ତ୍ରୀ ମହାଶୟ ସବୁକଥା ଶୁଣିସାରି ଲୋକମାନଙ୍କୁ ଆଶ୍ୱାସନା ଦେଇ କହିଲେ ଯେ, ସେ ଶୀଘ୍ର କିଛି ଗୋଟାଏ ବ୍ୟବସ୍ଥା କରିବେ । ବଣ ବିଭାଗର ମୁଖ୍ୟ ହାକିମ ବି ତ ସେଠି ଥିଲେ । ସେ କହିଲେ ଯେ, ସରକାର ଗୋଟେ ଜିପ୍ ଗାଡ଼ିରେ ଚାରିଜଣ ବଣବିଭାଗ ଅଫିସର ରାତି ତମାମ ଗାଁଗଣ୍ଡା, ବିଲ ବଣ ବୁଲିବା ପାଇଁ ଆଦେଶ ଦେଇଛନ୍ତି – ହାତୀଙ୍କି ଧାନବିଲରୁ ଘଉଡ଼ାଇବା ପାଇଁ ବାଣ ବି ଦେଇଛନ୍ତି । ହେଲେ ହାତୀପଲ କାଳେ ଆଉ ବାଣର ଢୋ-ଶବ୍ଦକୁ ଖାତିରକରୁନାହାନ୍ତି; ଧାନକ୍ଷେତକୁ ପୂରା ଉଜାଡ଼ିଦେଉଛନ୍ତି । ବିଚାର ଆଲୋଚନା ଖୁବ୍ ହେଲା ସେଇଠି । ଠିକ୍ ହେଲା ଯେ ହାତିପଲଟାରୁ କେତେଗୁଡ଼ିଏ ହାତୀ ମାରିଦବାକୁ ହବ ।

ବଡ଼ରମା ବଣଟା ଆଗର ବାମଣ୍ଡା ରାଜ୍ୟର ଅଂଶ ଥିଲା । ଚାରିପାଖେ ଅଗନାଅଗନି ବନସ୍ତ ଥିଲା । ପାହାଡ଼ ପର୍ବତ ଭିତରେ ବାଘ, ଭାଲୁ, ଗୟଳ, ହାତୀ ଆଉ ଆଉ ଜନ୍ତୁ ଅସୁମାରି ଥିଲେ । ବାମଣ୍ଡା ରାଜ୍ୟଟା ତ ଓଡ଼ିଶାରେ ସାମିଲ ହେଇଗଲା । ବଣଜଙ୍ଗଲରୁ ଢେର୍ କାଠ କଟାହେଲା । କ୍ରମେ ବଣଟା ପତଳା ହେଇଆସିଲା । ଦିନାକେତେ ପରେ ସରକାର ସେପାଖ ବଣଟାକୁ ଅଭୟାରଣ୍ୟ କଲେ । ତାର ନାଁ ହଉଚି 'ଉଷାକୁଠି

Digitized by srujanika@gmail.com

ସେଙ୍କଚ୍ୟୁରୀ’ । ସେ ବଣରେ ଶିକାର କରିବା ମନାହେଲା – ହେଲେ କାଠକଟା ଆଉ ବାଉଁଶକଟା ତ ବନ୍ଦହେଇନି । କାଗଜକଲମାନ ତ ବଢ଼ିବାକୁ ଲାଗିଚି – ଆମ ପିଲାପିଚିକା ପରା କାଗଜ ଅଭାବରେ ପଢ଼ାପଢ଼ି ଛାଡ଼ିବାକୁ ବସିଲେଣି ! କାଗଜକଲ ଚାଲିବାପାଇଁ ବାଉଁଶ ଦରକାର । ସେଇଠୁ ବାଉଁଶ ବଣ କମିଲା । ବଣୁଆ ହାତୀ ତାଳପତ୍ର ଖାଇ ବଞ୍ଚେ ତ ! ଦିନରେ ଗୋଟେ ହାତୀ କମ୍‌ରେ ଦୁଇ ତିନିଶହ କିଲୋଗ୍ରାମ୍ ପତ୍ର ଖାଇବାର କଥା । ହାତୀ ତ ଗୋଟେ ବିରାଟ ଜନ୍ତୁ । ତିନିଶ’ କିଲୋଗ୍ରାମ୍ ପତ୍ର ଆଉ ଶହେ ଲିଟର ପାଣି ଦିନକୁ ନହେଲେ ତା’ର ପେଟ ପୂରିବନି । ବଣରେ ବାଉଁଶ ଲଟି କମିଗଲାରୁ ହାତୀ ପଲ ପଲ ଅଇଲେ – କ୍ଷେତ ବିଲବାରିରୁ ଧାନ, ଆଖୁ, କଦଳୀ ଖାଇଲେ । ସେଇ ଯୋଗୁରୁ ବଣରେ କେତେ ତାଳପତ୍ର ଅଛି ତା’ର ଗୋଟେ କଳନା କରି ସେଇ ଅନୁସାରେ ହାତୀପଲ ରଖିବାର କଥା । ରାଜାରାଜୁଡ଼ାମାନେ ସେ ଦିଗରେ ନିଘାରଖିଥିଲେ । ହାତୀବଂଶ ବଢ଼ିବାର ଦେଖିଲେ ଖେଦା କରି ହାତୀ ଧରୁଥିଲେ ।

ବାମଣ୍ଡା ରାଜାସାହେବ ମୋତେ ଦିନେ କହୁଥିଲେ ଯେ ତାଙ୍କ ରାଜ୍ୟରେ ହାତୀ ଧରିବାପାଇଁ ଗୋଟିଏ ବଡ଼ ସହଜ ଉପାୟ ଥିଲା । ତାଙ୍କର ପୋଷାହାତୀ ଅନେକ ଥିଲେ ତ – ଗୋଟେ ମାଈ ହାତୀକୁ ଆଣି ବଣରେ ଗୋଟେ ବିରାଟ ଗଛମୂଳରେ ବାନ୍ଧିଦିଅନ୍ତି । ହାତୀକୁ ଗୋରୁଗାଈ ପରି ବେକରେ ପଘା ଦେଇ ବାନ୍ଧନ୍ତିନି ତ; ତା’ର ପଛ ଗୋଡ଼ରେ ଲୁହାଜଞ୍ଜିର ଦେଇ ବନ୍ଧାଯାଏ – ଗୋଟେ ମାଈ ହାତୀକୁ ସେମିତି ବିରାଟ ଗୋଟେ ଗଛରେ ବାନ୍ଧି ରଖନ୍ତି । ସଞ୍ଜବୁଡ଼କୁ ଦୁଇ ତିନିଜଣ ମାହୁନ୍ତ ଓ ଶିକାରୀ ଗଛ ଉପର ଡାଳରେ ବସି ଜଗନ୍ତି । ଗଛମୂଳରେ ବଡ଼ ବଡ଼ ଦଉଡ଼ିରେ ଫାଶ କରି ବିଛେଇ ଦେଇଥାନ୍ତି । ସେ ଫାଶକୁ ସେମିତି ଖୁବ୍ ମୋଟା ଦଉଡ଼ିରେ ଗଛଗଣ୍ଡିରେ ବାନ୍ଧିରଖିଥାନ୍ତି । ରାତି ହେଲେ ବଣର ଦନ୍ତାହାତୀ ମାଈ ହାତୀର ଗନ୍ଧ ପାଇ ଗଛ ପାଖକୁ ଆସେ । ଗଛମୂଳର ଫାଶ ମଝିରେ ପାଦ ଦେଲାକ୍ଷଣି ଗଛ ଉପରୁ ଶିକାରୀ ସରୁ ସୂତାରେ ସେ ଫାଶକୁ ଆଣ୍ଡି ଦିଅନ୍ତି ଯେ ହାତୀର ଗୋଟାଏ କି ଦୁଇଟା ପାଦ ମନକୁ ବାନ୍ଧିହେଇଯାଏ ଗଛଗଣ୍ଡି ସାଙ୍ଗରେ । ଏଇମିତି ଫିସାଦରେ ସେଠି ବଡ଼ ବଡ଼ ଦନ୍ତା ଧରିଥାଆନ୍ତି । ତା’ପରଦିନ ପୋଷା କୁନ୍‌କି ହାତୀ ଦୁଇଚାରିଟା ଆଣି ବଣୁଆ ହାତୀକୁ ଭଲକରି ବାନ୍ଧିଦିଅନ୍ତି । ସପ୍ତାହେ ଖଣ୍ଡେ ସେ ହାତୀକୁ ଖାଇବାକୁ ଦିଅନ୍ତିନି । ହାତୀ ଦୁର୍ବଳିଆ ହେଲେ ତାକୁ ଧୀରେ ଧୀରେ ମଣ କରନ୍ତି ।

ହାତୀ ଧରିବାର ଉପାୟ ଦି’ତିନି ପ୍ରକାର ଅଛି । ରାଜାରାଜୁଡ଼ାମାନେ ହାତୀ ଧରି ନିଜେ ରଖୁଥିଲେ – ସର୍କସ କି ଚିଡ଼ିଆଖାନାକୁ ବି ବିକ୍ରିକରୁଥିଲେ । ଏବେ ତ ହାତୀ ଧରାଯାଉନି – ସେଇହେତୁରୁ ହାତୀବଂଶ ବଢ଼ିବାରେ ଲାଗିଚି – ଏଣେ ବଣ କମିବାରେ ଲାଗିଚି । ସେଥିଯୋଗୁ ବଣୁଆ ହାତୀ ପ୍ରାଣମୂରୁଛା ହେଇ ଗାଁଗଣ୍ଡାରେ ପଶୁଛନ୍ତି ଧାନ, ଆଖୁ, କଦଳୀ ଖାଇବାକୁ ।

କଥା ନହସରେ ବଡରମାରୁ ଯାଇ କୁଉଠି ପହଞ୍ଚିଲୁଣି । ମନ୍ତ୍ରୀ ମହାଶୟ ବନବିଭାଗର

Digitized by srujanika@gmail.com

ବଡ଼ ହାକମିମାନଙ୍କ ସାଙ୍ଗରେ ଆଲୋଚନା କରି ଠିକଣାକଲେ ଯେ କେତେଗୁଡ଼ିଏ ହାତୀଙ୍କୁ ମାରିଦବାକୁହବ । ଉଷାକୁଠି ଅଭୟାରଣ୍ୟର ଚାରିପାଖରେ ଏମିତି ହାତୀ ମାରିଦେଲେ ଆଉ ହାତୀପଲ ସେ ଅଭୟାରଣ୍ୟରୁ ପଦାକୁ ବାହାରିବେନାହିଁ । ହାତୀବଂଶ ବି କମିଯିବ – ବଣର ଯାହା ତାଳପତ୍ର ଅଛି ସେଥିରେ ହାତୀପଲର ଗୁଜୁରାଣ ମେଣ୍ଟିଯିବ ।

ଠିକଣା ସିନା ହେଲା ମାରିବାକୁ – ମାରିବେ କେମନ୍ତେ ? ହାତୀ ତ ଆଉ ହରିଣ ମିରିଗ ନୁହେଁ ଯେ ଯେମିତି ଶିକାରୀ ହଉ – ଯେକୌଣସି ବନ୍ଧୁକ ହଉ ମାରିହବ । ଚଢ଼େଇମରା ବନ୍ଧୁକରେ ବି ହରିଣ ମରିଯିବ । ହେଲେ ହାତୀଟା ତ ବିରାଟ ଜନ୍ତୁ; ଉଚ୍ଚାରେ ତିନିମିଟରଯାଏ ହବ । ଓଜନ ପାଞ୍ଚ କି ଦଶ ଟନ୍ ହବ । ଏଡ଼େ ବିରାଟ ଜନ୍ତୁକୁ ଶିକାର କରିବାକୁ ଗୋଟେ କମାଣପରିକା ବନ୍ଧୁକ ଦରକାର । ସାଧାରଣ ଭାବରେ ଆମ ଏଠି 'ହଲାଣ୍ଡ ଏଣ୍ଡ ହଲାଣ୍ଡ'ର ତିଆରି .୪୬୫ ରାଇଫଲ୍ କି ରିଗ୍‌ବିର .୪୭୫ ରାଇଫଲ୍ ବ୍ୟବହାର କରନ୍ତି । ଆମ ଏଠି ଇମିତି ବଡ଼ ରାଇଫଲ୍ ଖୁବ୍ କମ୍ ଲୋକଙ୍କର ଅଛି । ତା'ଛଡ଼ା ଆମର ଶିକାରୀମାନେ ଏଆଡ଼େ ହାତୀ-ଶିକାରକୁ ପସନ୍ଦକରନ୍ତିନି । ହାତୀ ପରା ଲକ୍ଷ୍ମୀଙ୍କର ବାହନ ! ହାତୀଟିଏ ଗାଁକୁ ଆସିଲେ ଆମର ମାଇପେ କୁଲାରେ ଧାନ ନେଇକି ହାତୀକି ଦିଅନ୍ତି । ହାତୀ ଖାଇସାରିଲାରୁ ପୋଷେ ଖଣ୍ଡେ ଧାନ ସେଇ କୁଲାରେ ନେଇ ଅମାର ଘରେ ଢାଳନ୍ତି – ଧାନ, ଧନ ବଢ଼ିବ ବୋଲି । ସେଇଯୋଗୁରୁ ସାଧାରଣ ହିନ୍ଦୁ ଘରେ ହାତୀ-ଶିକାରକୁ ଖରାପ ବୋଲି କହନ୍ତି । ଜାଣିମାଶୁଣିମା ଲୋକ ବି ସେମିତିକା ବିଶ୍ୱାସରେ ଭୁଲିଯାଆନ୍ତି ତ । ସେଦିନ ପରା ମୋର ବନ୍ଧୁ ରଣପୁର ରାଜାସାହେବ ମୋତେ ଆକଟିକି କହିଲେ, ହାତୀ ମାରିବାରେ ପାପ ହବ । ମୁଁ ପଚାରିଲି – ବାଘ ମାରିବାରେ କଣ ପାପ ହୁଏନାହିଁ – ସେ ପରା ଦୁର୍ଗାଙ୍କର ବାହନ ?

ଯେକୌଣସି ଜନ୍ତୁ କି ପ୍ରାଣୀ ଅକାରଣରେ, ଖାଲି ମାରିବା ସଉକରେ ମାରିଲେ ଖରାପ ଲାଗିବ – ତୁମେ କହିପାର ପାପ ହେଇପାରେ ବୋଲି । କାରଣଥାଇ ମାରିଲେ ଦୋଷ ହବାର କଥା ନୁହେଁ । ଯେମିତି ମାଛ ମାରୁଛେ ଖାଇବାପାଇଁ – ବଞ୍ଚିବାପାଇଁ । ବାଘ ଯେତେବେଳେ ମଣିଷ ଖାଉଚି – ଗୋରୁଗାଈ ମାରିଦଉଚି, ସେତେବେଳେ ସେ ମଣିଷଖିଆ ବାଘକୁ ମାରିଲେ ବରଂ ଧର୍ମ ହବାର କଥା । ମଣିଷ ଗୋଷ୍ଠୀର ଭଲ ପାଇଁ ଯଦି ମାରିବାକୁ ପଡ଼େ ହାତୀକି ମାରିଲେ ବି ଦୋଷ ନାହିଁ ବୋଲି ମୋର ଧାରଣା ।

ଯୋଉ ସମୟ କଥା କହୁଚି ସେତେବେଳକୁ ମୁଁ ତିନି-ଚାରିଟା ବାୟା ମାରଣା ହାତୀ ମାରିଥାଏ । ସେତେବେଳେ ବନବିଭାଗର ସେକ୍ରେଟାରୀ ସୋମାୟାସାହେବ ମୋର ଏଇ ହାତୀ ଶିକାର କଥା ଜାଣିଥିଲେ ତ, ସେ ମୋତେ ଫୋନ୍‌ରେ କହିଲେ ଯେ, ସରକାର ଚାହୁଁଛନ୍ତି ବଡ଼ରମା ବଣରୁ କିଛି ହାତୀ ମାରିଦବାକୁ । ଅନ୍ତତଃପକ୍ଷେ ଗୋଟେ ଦନ୍ତା ଆଉ ଯୋଡ଼ିଏ ମାଈହାତୀ ମାରିବାକୁ ହବ । ସୋମାୟାସାହେବ କହିଲେ, ତୁରନ୍ତ ଯାଇ ସେଠାର ଗାଁଗଣ୍ଡା ବୁଲି ଦେଖିବାକୁ ଆଉ ଯଉଠି ହାତୀ ଉତ୍ପାତ ବେଶି ହଉଥିବ ସେଇଠି ରହିକି ଦୁଇ-ତିନିଟି ହାତୀ ମାରିଦବାକୁ ।

Digitized by srujanika@gmail.com

ତିନିଦିନ ଛୁଟିନେଇ ବାହାରିଲି । ମୋ ସାଙ୍ଗରେ ଚନ୍ଦ୍ରମୋହନ ଆଉ ରଥ ଦୁହେଁ ଗଲେ । ବଡ଼ରମା ବଙ୍ଗଳାରେ ପହଞ୍ଚିଲାବେଳକୁ ସଞ୍ଜ ହେଇଯାଇଥାଏ । ମୁଁ ସେଠି ପହଞ୍ଚିବା ପରେ ପରେ ସରୋଜବାବୁ ମି. କ୍ରିଷ୍ଟନନ୍‌କୁ ନେଇ ପହଞ୍ଚିଲେ ଗୋଟେ ଜିପ୍‌ରେ । ସରୋଜବାବୁ ବନବିଭାଗର ଡି.ଏଫ୍.ଓ. ଆଉ କ୍ରିଷ୍ଟନନ୍ ହଉଛନ୍ତି ଜଣେ ଜୀବଜନ୍ତୁପ୍ରିୟ ଲେଖକ ଓ ଫଟୋଗ୍ରାଫର୍ । ତାଙ୍କର ଲେଖା ଓ ଜନ୍ତୁଜନ୍ତାଙ୍କ ଫଟୋ ସବୁ ଇଲ୍ଲାଷ୍ଟ୍ରେଟେଡ୍ ଉଇକ୍ଲିରେ ଆଉ ଷ୍ଟେଟ୍‌ସମାନ୍‌ରେ ବାହାରେ – ଦେଖିଥିବ ତ ? ସେ ଆସିଥିଲେ ଉଷାକୁଠି ଅଭୟାରଣ୍ୟରେ କେତେ ଜନ୍ତୁ ଅଛନ୍ତି ଦେଖିବାକୁ – ଆଉ ପାରିଲେ ଫଟୋ ଉଠାଇବାକୁ । ଚା' କପେ କପେ ପିଇଲା ପରେ ସେମାନେ ବାହାରିଲେ ଜଙ୍ଗଲ ବୁଲି । କ୍ରିଷ୍ଟନନ୍ ମୋତେ ବି ଡାକିଲେ – ବାହାରିପଡ଼ିଲି ଜଣେ ବିଖ୍ୟାତ ଲେଖକ ସାଙ୍ଗରେ, ରାତିରେ ସେ କିମିତି ଫଟୋନେବେ ଦେଖିବାକୁ । ଜିପ୍‌ର ହୁଡ୍ ଖୋଲାହେଲା – ଯୋଡ଼ିଏ ସ୍ପଟ୍ ଲାଇଟ୍ ଖଞ୍ଜାହେଲା । ସରୋଜବାବୁ ଗାଡ଼ିଚଲେଇଲେ – ମୁଁ ସାମନାରେ ବସିଲି । କ୍ରିଷ୍ଟନନ୍ ପାଇଁ ପଛରେ ଗଦିହେରିକା ଦେଇ ବସିବାର ବ୍ୟବସ୍ଥା ହେଲା । ତାଙ୍କର କେମେରାଟା ଗୋଟେ ଦେଖିବା ଜିନିଷ । ସେଥିରେ ଫ୍ଲାସ୍ ଲାଇଟ୍ ଖଞ୍ଜାହେଇଚି । ଧରିବାକୁ ଅଧମହଣେ ଓଜନ ହେଲାପରିକା ଲାଗୁଥାଏ ।

ମୋର ତ ଖୁବ୍ ଆଗ୍ରହ ଥାଏ ଉଷାକୁଠି ଜଙ୍ଗଲରେ ବୁଲିବାପାଇଁ । ଆଗରୁ ମୋର ବନ୍ଧୁମାନଙ୍କଠୁ ଶୁଣିଥାଏ ଯେ ଉଷାକୁଠିରେ ଢେର୍ ଜନ୍ତୁଜନ୍ତା ରହୁଛନ୍ତି – ଅଭୟାରଣ୍ୟ ହେଲାଦିନୁ ସେଠି ଶିକାର ବନ୍ଦ ଅଛି, ତେଣୁ ଦିନରେ ବି ଜନ୍ତୁ ଦେଖିବାକୁ ମିଳୁଛନ୍ତି । ଏଇମିତି ଆଶାରେ ମୁଁ କ୍ରିଷ୍ଟନନ୍ ସାଙ୍ଗରେ ଗଲି । ବଡ଼ରମା ବଙ୍ଗଳାଠୁ ଦୁଇ କିଲୋମିଟର ରାସ୍ତାରେ ଯାଇ ଡାହାଣ କରକୁ ଗୋଟେ ବଣୁଆ କଚା ରାସ୍ତା ବଣ ଭିତରକୁ ଲମ୍ବିଯାଇଛି । ଛକମୁଣ୍ଡରେ ଗୋଟେ ବିରାଟ ଧଡ଼ା । ସେଥିରେ ଚାବି ଲାଗିଥାଏ । ସାଙ୍ଗରେ ବଣବିଭାଗର ଗାର୍ଡ଼ଟିଏ ଥିଲା ତ ସେ ଜିପ୍‌ରୁ ଡେଇଁପଡ଼ି ଚାବି ଖୋଲି ଧଡ଼ା ଟେକିଲାରୁ ବଣରାସ୍ତାରେ ଜିପ୍ ପଶିଲା । ଦୁଇପାଖେ ଲମ୍ବା ଲମ୍ବା ଶାଳଗଛ । ଲଟି ବୁଦାରେ ବଣଟା ଖୁବ୍ ଘଞ୍ଚ ମନେହେଲା । ମୋର ତ ସେତେବେଳକୁ ଜନ୍ତୁ ଦେଖିବା ଆଶାରେ ଖୁବ୍ ଆଗ୍ରହ ହେଇଥାଏ । ଜିପ୍ ଚାଲିଥାଏ – ଖଣ୍ଡେଦୂର ଗଲା ପରେ ବଣ ଭିତରେ ଖୋଲା ପଡ଼ିଆପରିକା ଗୋଟେ ଖୋଲା ଜାଗା – ଗାଡ଼ି ଠିଆକରି ସ୍ପଟ୍ ଲାଇଟ୍ ପକେଇଲୁ ପଡ଼ିଆଯାକ – ଗୋଟେ ବିଲୁଆ କି ଠେକୁଆ ବି ଦିଶିଲେନି । ପୁଣି ଚାଲିଲୁ – ପାହାଡ଼ ଘାଟି ରାସ୍ତା ପାରହେଇ ରାସ୍ତାଟା ଆଙ୍କିବାଙ୍କି ଯାଇଛି । ପ୍ରତ୍ୟେକ ବାଙ୍କଠେଇଁ ଆମେ ଆଗ୍ରହରେ ଆଲୁଅ ପକଉଥାଉ । ପନ୍ଦର କିଲୋମିଟର ଏଇପରିକା ଆଶା-ନିରାଶାରେ ଯାଇ ପହଞ୍ଚିଲୁ ଗୋଟେ ପାଣି ଖଦା ପାଖରେ । ସେଠି ବଣବିଭାଗ ତରଫରୁ ଗୋଟିଏ ପକ୍କା ଘର ହେଇଥାଏ, ତାକୁ ୱାଚ୍-ଟାୱାର କହନ୍ତି । ଶିଡ଼ିରେ ଉପରକୁ ଉଠିଲେ ଛାତ ଉପରେ ବସି ଜନ୍ତୁ ଦେଖିବାର କଥା । ଆମେ ସେଇଠି ବସିଲୁ ଅଧଘଣ୍ଟେ ଖଣ୍ଡେ । ଗୟଳର ଶବ୍ଦ ଯାହା ଶୁଣିଲୁ – ଦେଖିପାରିଲୁନି । ଜନ୍ତୁଜନ୍ତାର ଶବ୍ଦ ବି ବେଶି ତ ହେଲାନି ।

Digitized by srujanika@gmail.com

ମୋର ମନେପଡ଼ିଲା ଟିକରପଡ଼ା କଥା ।

ବହୁତ ଦିନ ଆଗରୁ, ୧୯୫୧ ହବ ପରା । ମୁଁ ସେଦିନ ଫେରୁଥାଏ ବଉଦରୁ ଟିକରପଡ଼ା ଦେଇ ଅନୁଗୁଳକୁ ଯିବାର କଥା । ବଉଦରୁ ଶିତଳପାଣି ପାରହେଇ ମହାନଦୀର ଆରପାଖେ ପହଞ୍ଚିଲେ ନଦୀରେ ଚାପ ସାହାଯ୍ୟରେ ଗାଡ଼ି ପାରହେବାର କଥା । ଠିକ୍ ନଦୀ ଘାଟ ପାଖରେ ପହଞ୍ଚିଲାବେଳକୁ ମୋର ଗାଡ଼ିର ଗୋଟେ ସ୍ପ୍ରିଂ ଭାଙ୍ଗିଲା । ଆଉ ଗାଡ଼ି ଚଳେଇହେଲାନି । ମୋ ସାଙ୍ଗରେ ଥିଲେ ନରେନ୍ଦ୍ର ଦେଓ ଆଉ ରଘୁ ମିଶ୍ର । ନରେନ୍ଦ୍ର କହିଲେ ଯେ, ସେ ଯାଇ ଟିକରପଡ଼ା ଗାଁରୁ ଆଠଜଣ ଲୋକ ଧରିଆସିବେ ଗାଡ଼ିକୁ ଠେଲି ଠେଲି ଚାପରେ ଉଠେଇବା । ମୁଁ ଆଉ ମିଶ୍ର ସେଇ ଗାଡ଼ିରେ ବସିରହିଲୁ । ବେଳ ବୁଡ଼ିଯାଇଥାଏ । ଦୂରରୁ କୁଟ୍‌ରାର ରଡ଼ି, ବାଘର ହେଣ୍ଟାଳ ସବୁ ଆମକୁ ଶୁଭୁଥାଏ । ମନେହେଲା ଯେମିତି ସେ ବଣରେ ଜନ୍ତୁ ହାଉଯାଉ ହଉଛନ୍ତି । ଗାଡ଼ିଟା ଯୋଉଠି ଥିଲା ସେଠି ରାସ୍ତା କଡ଼କୁ ଗୋଟାଏ ବଡ଼ ବାଉଁଶବୁଦା ଥାଏ ଠିକ୍ ପାହାଡ଼ କାଛିରେ । ପାହାଡ଼ କାଛିରେ ପାହାଡ଼ କାଟି ତ ମଟର ସଡ଼କ ହେଇଥାଏ । ଗାଡ଼ିର ପଛକୁ ଦଶକଦମ ଦୂରରେ ଯୋଉ ବାଉଁଶବୁଦାଟା ଥିଲା ସେଇଟା ସଡ଼ସଡ଼ ହେଲା – ବାଉଁଶ ଡାଳ ଭାଙ୍ଗିବାର ଶବ୍ଦ ହେଲା ! ମିଶ୍ର ଫିସ୍ ଫିସ୍ କି ପଚାରିଲା ''ଏଇଟା କଣ ସାର୍ ?'' ମୁଁ ସେମିତି ଫିସ୍‌ଫିସ୍‌କି କହିଲି – ''ହାତୀ'' । ସେଇ ରାସ୍ତାର ହାତୀ ବୋଧହୁଏ ପାହାଡ଼ରୁ ଓହ୍ଲାଉଥିଲା ନଦୀକି ପାଣି ପିଇବାକୁ ଯିବାପାଇଁ । ହାତୀର ବାଟରେ ଗାଡ଼ିଟା ଥିଲା । ଦଶମିନିଟ୍ ଖଣ୍ଡେ ହାତୀ ସଡ଼ସାଡ଼୍ ଭଡ଼ଭାଡ଼୍ କରି ସେଠୁ ଫେର୍ ପାହାଡ଼କୁ ଉଠିଲା । ଆମେ ତ କାକୁସ୍ଥ ହେଇ ବସିଥାଉ । ଘଣ୍ଟେ ପରେ ଦେଓବାବୁ ଚାରିଜଣ ଲୋକ ନେଇ ଆସିଲେ । ଗାଡ଼ି ଠେଲାପେଲା କରି ନଦୀ କୂଳକୁ ଗଲୁଁ । ସେଠି କଷ୍ଟେମଷ୍ଟେ ଚାପରେ ଗାଡ଼ି ପାରିକରି ଯେତେବେଳେ ନଦୀ ବନ୍ଧ ଉପରକୁ ଉଠୁ ଗାଡ଼ିର ଆଲୁଅ ଯାଇ ପଡ଼ିଲା ଟିକରପଡ଼ା ଗାଁର ପଛରେ ଥିବା ପଡ଼ିଆ ଉପରେ । ସେତେବେଳେ ସେ ପଡ଼ିଆରେ ମୁଗ ଚାଷ ହେଇଥାଏ । ଦେଖେ ଯେ ଦିଆଳି ପରିକା ଜୁଳୁଜୁଳୁ ଆଖି ଦିଶୁଚି; କାହାଣେ ହବ ମିରିଗ – ପଡ଼ିଆଟାଯାକ ଭର୍ତ୍ତି । ଆମ ବଣରେ ସବୁ ଏଇପରିକା ଅସୁମାରି ଜନ୍ତୁଜୁନ୍ତା ଥିଲେ । ସେତେବେଳେ ଟିକରପଡ଼ା ଜଙ୍ଗଲରେ ଶିକାର ବନ୍ଦ ନଥିଲା ତ; ଶିକାର ବି ହଉଥିଲା । ଏବେ ଏଇ ଉଷାକୁଠିଟା ଅଭୟାରଣ୍ୟ – ଶିକାର ବନ୍ଦ । ହେଲେ ଜନ୍ତୁର ରାବ ବି ଶୁଣିବାକୁ ମିଳୁନି କିଆଁ ?

ଅଧଘଣ୍ଟେ ସେ ୱାଚ୍-ଟାୱାରରେ ଅପେକ୍ଷା କରି ଓହ୍ଲେଇଲୁ ତଳକୁ । ଜିପ୍‌ରେ ଫେର୍ ବାହୁଡ଼ା ବାଟ ଧରିଲୁ । ଦୁଇ କିଲୋମିଟର ଯାଇଛୁ କି ନାହିଁ ପଲେ ଗୟଳ ଆମ ରାସ୍ତା ପାରି ହେବାର ଦିଶିଲା । ବାଛୁରୀ ଓ ମାଈ ଗୟଳ ଦଶବାର ହେବେ ପାର ହେଇ ଗଲେ ଆମ ଡାହାଣ ପାଖ ବଣକୁ । ଆଉ ବଡ଼ ବଡ଼ ଦୁଇଟା ଅଣ୍ଡିରା ଗୟଳ ଆମ ରାସ୍ତାର ବାଁପଟେ ରହିଗଲେ । ଗୋଠଛଡ଼ା ହବାରୁ ଦୁହେଁ ଫଁ-ଫାଁ ଖୁବ୍ ଶବ୍ଦ କଲେ । ରାସ୍ତା ଉପରେ ଆମ ଜିପ୍ । କ୍ରିଷ୍ଣନନ୍ ତାଙ୍କ କେମେରା ଧରି ପାଖକୁ ଯିବାକୁ ବସିଥିଲେ

Digitized by srujanika@gmail.com

– ମୁଁ ନାସ୍ତିକଲି । ତଳକୁ ଓହ୍ଲାଇଲେ ଗୟଳ ଚିହିଁକି ଆସିପାରେ – ଯାହା ଫଟୋ ନବାର କଥା ଏଇ ଗାଡ଼ି ଉପରୁ ନିଅ । ସେ ଭଦ୍ରଲୋକ ଜିପ୍ ଉପରେ ଛିଡ଼ାହେଇ କେମରାକୁ ଫୋକ୍‌ସ କରିବାକୁ ଟିକେ ସମୟ ଲାଗିଲା ତ । ଏଣେ ଗୟଳ ତ ଜାଣିପାରୁନି ଯେ ଆମେ ତା'ର ଫଟୋ ନଉଚୁ ବୋଲି । ସେ ଫଁ-ଫଁ ହେଇ ଘାସ ଭୂଇଁରେ ଖୁରା ବାଡ଼ଉଥାଏ । ଯାହା ହଉ, ଦୁଇଟା ଫଟୋ ଉଠିଲା । ଗୟଳ ବାଉଁଶବଣ ଭିତରକୁ ପଶିଗଲା । ଆମେ ସେଇଠୁ ଗାଡ଼ି ଚଳେଇଲୁ । ଆଉ କୌଣସି ଜନ୍ତୁ ଆମେ ରାସ୍ତାରେ ଦେଖିପାରିଲୁନାହିଁ । ଆସି ବଡ଼ରମା ବଙ୍ଗଳାରେ ପହଞ୍ଚିବାକୁ ରାତି ଏଗାର ହେଲା । ଖାଇପିଇ ଶୋଇଲୁ ।

ଭୋର୍ ସକାଳୁ ମୁଁ ଉଠି ଦାନ୍ତପତ୍ରଘଷି କପେ ଚା' ଆଉ ଦୁଇଟା ସିଝା ଅଣ୍ଡାଖାଇ ବାହାରିଲି ହାତୀ ଖବର ନବାକୁ । ମୋ ସାଙ୍ଗରେ ଚନ୍ଦ୍ରମୋହନ ବାହାରିଲା । ରଥ ରହିଲା ବଙ୍ଗଳାରେ ଖାଇବା ବନ୍ଦୋବସ୍ତ କରିବାକୁ ।

ବଡ଼ରମା ବଙ୍ଗଳାରୁ ବାହାରି ଦେବଗଡ଼ ରାସ୍ତାରେ ଶହେ ମିଟର ଗଲା ପରେ ବାଁକୁ ଗୋଟେ କଚାରାସ୍ତା ପଶ୍ଚିମ ଦିଗର ଜଙ୍ଗଲ ଭିତରକୁ ଯାଇଚି । ଉଷାକୁଠି ବଣ ରହିଲା ପୂର୍ବପଟେ । ପଶ୍ଚିମକୁ ରାସ୍ତାଟା ବଣପର୍ବତ ଭିତର ଦେଇ ଯାଇଚି କେତେଗୁଡ଼ିଏ ବଣୁଆ ଗାଁକୁ ଛୁଇଁ, ସେଇ ରାସ୍ତାରେ ଆମେ ଚାଲିଲୁ । ତିନି କିଲୋମିଟର ପରେ ଯେଉଁ ଗାଁରେ ପହଞ୍ଚିଲୁ ସେଠାର ଗଉଁନ୍ତିଆ ଆମକୁ ନେଇ ଗାଁ ପାଖର କ୍ଷେତରେ ହାତୀ କେତେ ନଷ୍ଟକରିଥାନ୍ତି ଦେଖେଇଲେ । ମୋ ସାଙ୍ଗରେ ବଡ଼ରମାର ରେଞ୍ଜରବାବୁ ବି ଥାନ୍ତି । ସେ କହିଲେ, ପ୍ରାୟ ପ୍ରତି ରାତିରେ ତାଙ୍କର ହାତୀଘଉଡ଼ା ଦଳ ଜିପ୍‌ରେ ଏଇସବୁ ଗାଁଗଣ୍ଡା ଚାରିପାଖ ବୁଲନ୍ତି – ବାଣହେରିକା ଫୁଟାନ୍ତି ହାତୀ ଘଉଡ଼ିବା ପାଇଁ – ହେଲେ ହାତୀପଲ ଆଉ ବାଣକୁ ଡରୁନାହାନ୍ତି । ପାଚିଲା ଧାନ, ମକା, ଆଖୁ ଖାଇଯାଉଛନ୍ତି ।

ଗଉନ୍ତିଆ ଆହୁରି କହିଲେ ଯେ, ଖାଲି ଯଦି କ୍ଷେତରୁ ଧାନ ଖାଇ ହାତୀ ବଣକୁ ଯାଆନ୍ତା ସହିହୁଅନ୍ତା – ଏବେ ସେଇ ଗାଁର ଗୋଟିଏ ଲୋକକୁ ମାରିଦେଇଛି ହାତୀ । ଆମକୁ ନେଇ ସରଜମିନ୍ ଦେଖେଇଦେଲେ ଗଉନ୍ତିଆ । ସେ ହତଭାଗ୍ୟର କାହାଣୀ ଯାହା କହିଲେ ଶୁଣି ବଡ଼ ଦୁଃଖ ହେଲା । ନଟିଆ କାଳେ ଗଜା ଭେଣ୍ଡିଆ ଟୋକାଟା, ଏଇ ଗତବର୍ଷ ବାହାହେଇଛି – ଘରେ ତା'ର ଆଉ କେହି ନାହିଁ କେବଳ ଏଇ ଯୁଆନ ମାଇପିଟି । ଯେଦିନ ସଞ୍ଜବୁଡ଼ୁକୁ ଘରେ ପଖାଳ ତୋରାଣି ପେଟେ ଖାଇ ନଟିଆ ଗଲା କ୍ଷେତରେ ଧାନ ଜଗିବାକୁ । କ୍ଷେତ ପାଖ ବଡ଼ ଶାଳଗଛ ଉପରେ – ଚାରି ପାଞ୍ଚମିଟର ଉଚ୍ଚାରେ ପଟା ତାଳପତ୍ର ଦେଇ ଭାଡ଼ି କରିଥାଏ । ହାତୀ ବାହାରିବାର ଶବ୍ଦ ହେଲେ ଟିଣ କଂସା ପିଟି ଆୱାଜ କରନ୍ତି – ବାଉଁଶ ଦିହରେ ନିଆଁ ଲଗାଇ ନିଆଁହୁଳାକୁ ହାତୀପଲ ଆଡ଼କୁ ପୋପାଡ଼ନ୍ତି । ସେଇଥିରେ ହାତୀ ଫେଁ-ଫାଁ ହେଇ ବଣକୁ ପଳାନ୍ତି । ସେଦିନ ଆଉ ହାତୀମାନେ ଡରିଲେନି । ପଲଟାଯାକ ଯାଇ ବଣ କାଛରେ ଠିଆହୋଇ ତାଳପତ୍ର ଭଡ଼ଭାଡ଼୍ କରି ଭାଙ୍ଗୁଥାନ୍ତି । ନଟିଆ ମଞ୍ଚାରୁ ତଳକୁ ଓହ୍ଲାଇଲା – ବେଶି ବଡ଼ ନିଆଁ କରିବ – ହାତୀଗୁଡ଼ାକୁ ଘଉଡ଼ିବ ବୋଲି । ସେ ହାତୀପଲରେ ଗୋଟେ ଦନ୍ତା ବି ଥିଲା । ସେଇ

Digitized by srujanika@gmail.com

ଦନ୍ତାଟା କାଳେ ଗଛ ପାଖରେ ଚୁପ୍‌ଚାପ୍ ଛିଡ଼ାହେଇଥିଲା । ଯେମିତି ନଟିଆ ଗଛରୁ ତଳକୁ ଓହ୍ଲାଇଛି ସେମିତି ଦନ୍ତା ତାକୁ ଶୁଣ୍ଡରେ ଧରି ଗଛର ଗଣ୍ଡିରେ ପିଟିଦେଲା ଯେ ନଟିଆର ପ୍ରାଣ ଉଡ଼ିଗଲା । ନଟିଆର ଏ ଅବସ୍ଥା ଦେଖି ଆଖପାଖ ମଞ୍ଚାରେ ଆଉ ଯେତେ ଲୋକ ଥିଲେ ସବୁ ଚୁପ୍‌ଚାପ୍ ହେଇଗଲେ । ''ରାତିଟା ଯେ ତାଙ୍କର କେମିତି କଟିଥିବ ବାବୁ, ଅନୁମାନ କରୁଥିବେ ।'' ଏଇମିତି କରୁଣ କାହାଣୀ ଗଉନ୍ତିଆ କହୁଁ କହୁଁ ନିଜେ ବି ଆଖିରୁ ପାଣି ପୋଛିଲେ । ଆମକୁ ସାଙ୍ଗରେ ଧରି ତାଙ୍କ ଘର ବାରନ୍ଦାରେ ଆଣି ବସେଇଲେ । ସାଙ୍ଗେ ସାଙ୍ଗେ ଢାଳେ ପାଣି ଆଉ ଥାଳିଏ ମିଠେଇ ଆଣି ଥୋଇଲେ ଆମ ପାଖରେ । ତାଙ୍କର ଏ ଆଦର ଯତ୍ନକୁ ଆମେ ଖୁବ୍ ପ୍ରଶଂସାକଲୁ । ମୁଁ ତ ମିଠେଇ ଖାଇପାରିଲିନି – ମୋପାଇଁ କପେ ଚା' କାଚ ଗିଲାସରେ ଆଣିଦେଲେ ।

ଏଇପରିକା ସେ ଦିନଟାଯାକ ଆମେ ପାଞ୍ଚଟା ଗାଁ ବୁଲିଲୁ, ହେଲେ କେଉଁ ଗାଁ ପାଖରେ ହାତୀର ରହିବା ଖବର ପାଇଲୁନି । ସବୁଗାଁରେ ସେଇ ଗୋଟିଏ ପ୍ରକାର କଥା – ହାତୀପଲଟା ରାତିରେ ଆସି କ୍ଷେତ ଉଜାଡ଼ କରନ୍ତି । ପାଖଆଖ ବଣରେ ରହନ୍ତି ଦିନେ ଓଳିଏ, ପୁଣି ଚାଲିଯାଆନ୍ତି । ଆଉ କୌଣସି ଗାଁରେ ମଣିଷ ମାରିବା ଖବରନାହିଁ । ସମସ୍ତେ କିନ୍ତୁ କହିଲେ ଯେ ପ୍ରାଣଭୟରେ ଆଉ ମଞ୍ଚାରୁ ତଳକୁ କେହି ଓହ୍ଲାଉନାହାନ୍ତି – ହାତୀ ଗଲା ତ ଭଲ କଥା; ନହେଲେ ପେଟେ ଧାନ ଖାଇ ମନ ଶାନ୍ତି ହେଲେ ସେ ତା'ର ବଣକୁ ଫେରୁ । ଭାଗ୍ୟରେ ଯାହା ଥିବ – ଭଗବାନ୍‌ଙ୍କର ଯାହା ବରାଦ ।

ଆମ ଦେଶରେ ବଣକଡ଼ର ଗାଁରେ ଯେଉଁମାନେ ରହନ୍ତି ସେମାନଙ୍କର ଏଇପ୍ରକାର ଭାଗ୍ୟ ଉପରେ ନିର୍ଭର । ସେମିତି ବାଘ କାହାକୁ ଖାଇଗଲେ ବି ସେଇ ଭାଗ୍ୟଦୋଷ – କି ସାପ କାମୁଡ଼ାରେ କିଏ ମଲା ତ ଭାଗ୍ୟଦୋଷ । ଏଇପରିକା ସବୁ ଗାଁରୁ ଶୁଣି ଶୁଣି ବେଲବୁଡ଼କୁ ଯାଇ ପହଞ୍ଚିଲୁଁ ଓଡ଼ଷିଂ ଗାଁରେ । ସେଠି ଭୁଗୁଡ଼ା ଘର – ଝାଟି-ମାଟିରେ ତିଆରି – ପ୍ରାୟ ଶହେଖଣ୍ଡେ । ସମସ୍ତେ ଗରିବ – କାହାର ମାଣେ ତ କାହାର ଗୁଣ୍ଠେ ଜମି । ଧାନ ଫସଲ ତାଙ୍କର ପ୍ରଧାନ । ଧାନ ଏବର୍ଷ ଭଲ ଫଳିଚି । ହେଲେ ମୂଲିଆ କହିବାନୁସାରେ ''ଅବଧାନ ଏବର୍ଷ କେନ୍‌ତା ଚକ୍‌ମା ? ହାତୀପଲରେ କୋଡ଼ିଏ ଘର ହାତୀ । ଏଇ ପାଖର ମାଳରେ ରହୁଚନ୍ତି – ସଞ୍ଜ ହଉ ହଉ ବିଲକୁ ଆସନ୍ତି । ରାତିକ ଭିତରେ ଗୋଟେ ଚକ ସଫା । କହିଲା, ''ଯେତେ ଖେଦ୍‌ଲେ ଭି ନାଇଁ ମାନ୍‌ବା ।'' ଗାଁଟାର ସମସ୍ତେ ମରଦ ମାଇପେ ନେହୁରା ହେଲେ ସେଇଠି ସେଦିନ ରାତିରେ ରହିବାକୁ, ହାତୀପଲ କ୍ଷେତକୁ ଆସିଲେ ମାରିଦବାକୁ । ତାଙ୍କର କଥାରେ ମୋର ତ ଖୁବ୍ ଆଗ୍ରହ ହେଉଥାଏ । ହେଲେ ରାତିରେ ଆଲୁଅ ପକେଇ ହାତୀ ମାରିବ କେମନ୍ତେ ? ହାତୀକୁ ଗୁଳିକରି ମାରିବାଟା ଖୁବ୍ ସହଜ ତ ନୁହେଁ । ହାତୀ ତ ଗୋଟେ ବିରାଟ ଜନ୍ତୁ । ପାଞ୍ଚ କି ଦଶ ଟନ୍ ଓଜନ ହେବ । ସେଡ଼େବଡ଼ ଓଜନଦାର୍ ଜନ୍ତୁକୁ ସେମିତି ବନ୍ଧୁକ ରାଇଫଲ୍ ହେଲେ ଯାଇ ସିନା କଥା । ତା'ପରେ ଗୁଳି ଯାଇ ଠିକ୍ ମଥାନର ଗେରୁଠି ବାଜିଲେ ହାତୀ ମରିବ । ବେକରେ କି ହୃଦ୍‌ଯନ୍ତ୍ରରେ ବାଜିଲେ ବି ମରିବ ଯେ; ଗୁଳିଟା ଏକଦମ୍

Digitized by srujanika@gmail.com

ପାଖରୁ ମାରିଲେ ଯାଇ ହାତୀର ମୋଟା ଚମଡ଼ା ଭେଦକରି ଗୁଳି ମର୍ମସ୍ଥାନରେ ଲାଗିପାରେ । ଦୂରରୁ ମାରିଲେ ତ ଗୁଳିର ବଳ ଊଣା ହେଇଯିବ – ମୋଟା ଚମଡ଼ା ଭେଦ କରିବାକୁ ବି ବଳନଥିବ ।

ପୃଥିବୀର ସବୁଠୁ ବେଶି ହାତୀ ଶିକାର ହୁଏ ଆଫ୍ରିକାରେ । ସେଠାରେ ଯୋଉମାନେ ପୋଖତ ଶିକାରୀ ସେମାନେ କହନ୍ତି ପରା ମାରିବା ଆଗରୁ ଯେତେ ପାଖକୁ ଯାଇପାରିବ ଯିବ, ତାପରେ ଆଉ ପାଞ୍ଚପାଦ ପାଖକୁ ଯାଇ ବନ୍ଧୁକ ଫୁଟାଇବ । ଏଇ ଗାଁ କ୍ଷେତରେ ହାତୀପଲ ଗଡ଼ିଲେ ରାତିରେ ପାଖକୁ ଯିବା କିମିତି ? ରାତିରେ ଆମକୁ ଭଲ ଦିଶିବନି । ଆଲୁଅ ବ୍ୟବହାର କରିବାକୁ ହବ – ହାତୀ ତ ଜାଣିପାରିବ । ତା'ଛଡ଼ା ହାତୀମାନଙ୍କର ଶୁଣିବା ଶକ୍ତି ଆଉ ଶୁଙ୍ଘିବା ଶକ୍ତି ଖୁବ୍ ପ୍ରଖର କି ନା; ଆମର ଦେହର ଗନ୍ଧ ହାତୀ ପାଏବାଟରୁ ବାରିପାରିବ । ଆମ ଗନ୍ଧ ପାଇଲେ ହୁଏତ ପଳେଇବ; ନହେଲେ ଚୁପ୍‌ଚାପ୍ ଠିଆହେଇରହିବ – ଆମେ ପାଖକୁ ଗଲାମାତ୍ରେ ଧରିପକେଇ ଗୋଡ଼ତଳେ ଚାପିଦବ ।

ମୁଁ ତ ଆଗରୁ ଥରେ ଏଇମିତିକା ଶିକାର ପାଇଁ ଢେଙ୍କାନାଳର ସରସିଆପଦା ଅଞ୍ଚଳକୁ ଯାଇଥିଲି । ଗାଁବାଲାଙ୍କ ଜିଗରରେ ମୁଁ ତାଙ୍କରି ମଞ୍ଚାରେ ରହିଥିଲି । ହାତୀ ଗଡ଼ିଲାଖୁଣୁ ମଞ୍ଚାରୁ ଓହ୍ଲେଇ ବଡ଼ ଟର୍ଚ୍ଚଲାଇଟ୍ ଧରିକି କ୍ଷେତ ପାଖକୁ ଯାଇଥିଲି । ଯେମିତି ହାତୀ ଦେହରେ ଆଲୁଅ ପଡ଼ିଲା ନା, ସେ ପଛକରିଦେଲା । ପଛପଟରୁ ହାତୀକୁ ଗୁଳି କଲେ ତା'ର ବିଶେଷ କ୍ଷତି ହବନି । ସେତେବେଳେ ତ ମୁଁ ନୂଆ ଶିକାର ଶିଖୁଥାଏ । ମୋ ପାଖରେ ବଡ଼ ରାଇଫଲ୍ ବି ନଥାଏ । ମୋର ଛୋଟ ରାଇଫଲ୍‌ରେ ହାତୀର ପିଚାକୁ ଚୋଟେ ମାରିଲାରୁ ସେ ପେଁ ପେଁ କରି ଦଉଡ଼ିପଳାଇଲା । ଆଲୁଅ ପକେଇ ହାତୀ ମାରିବା କଷ୍ଟ ।

ଅନ୍ୟ ଜନ୍ତୁଠାରୁ ହାତୀର ବୁଦ୍ଧି ତ ବେଶି । ଆମ ଏ ଦେଶରେ ହାତୀମାନଙ୍କୁ ରାଜା, ମହାରାଜାମାନେ ପୋଷାମନାନ୍ତି । ହାତୀଶାଳରେ ସେମାନଙ୍କର ବ୍ୟବହାର ଦେଖି ଶୁଣି ଆମେ ଜାଣିଚେ ଯେ ହାତୀଟା ମଣିଷପରିକା ବୁଦ୍ଧିମାନ ଜନ୍ତୁ । ଏ ଦେଶରେ ହାତୀପଲ ଘୋର ଅରଣ୍ୟ – ଅଗ୍ମାଗ୍ମି ବନସ୍ତରେ ରହନ୍ତି । ସେଠି ତାଙ୍କର ଚଳପ୍ରଚଳ ହାବଭାବ ଦେଖି ତାଙ୍କର ଜୀବନ କଥା ଜାଣିବା ଖୁବ୍ ସହଜ ନୁହେଁ । ଆଫ୍ରିକାରେ ଅଧିକାଂଶ ସମୟ ହାତୀପଲ ଖୋଲାପଡ଼ିଆରେ ଚଲାବୁଲା କରନ୍ତି । ସେଠି ଅନେକ ଶିକାରୀ ହାତୀର ଗତିବିଧି ଭଲଭାବରେ ଲକ୍ଷ୍ୟ କରିବାର ସୁବିଧା ପାଆନ୍ତି । ଜଣେ ସାହେବ କହିଛନ୍ତି ଯେ, ତାଙ୍କର ଗୋଟିଏ ବଡ଼ ଚାଷଜମିକି ହାତୀପଲ ରାତିରେ ଆସି ଫସଲ ଖାଇଯାଉଥିଲେ । ସେଇଠୁ ସେ କଣ କଲେ ନା ଚାରିପାଖରେ ତାରବାଡ଼ କରିଦେଲେ; ଆଉ ସେ ତାରରେ ଇଲେକ୍ଟ୍ରିକ୍ ତାର ଯୋଡ଼ିଦେଲେ । ପ୍ରଥମେ ତ ହାତୀ ସେ ତାରକୁ ଛୁଇଁବାରେ ଇଲେକ୍ଟ୍ରିକ୍ ସକ୍ ପାଇଲେ । ହାତୀମାନେ ଲକ୍ଷ୍ୟକଲେ ଇଲେକ୍‌ଟ୍ରିକ୍ ଜେନେରେଟର୍ ବନ୍ଦହୋଇଗଲେ ଘରମାନଙ୍କର ଆଲୁଅ ଲିଭିଯାଉଚି; ତା'ପରେ ତାରକୁ ଛୁଇଁଲେ କିଛି ହଉନି । ଫେର୍ ସେମିତି ଫସଲ ଖାଇଲେ । ତହୁଁ ଜମି ମାଲିକ ରାତିତମାମ୍

Digitized by srujanika@gmail.com

ଇଲେକ୍‌ଟ୍ରିକ୍ ଜେନେରେଟର୍ ଚଳେଇଲେ । ସେଠୁ ହାତୀମାନେ ଦେଖିଲେ ଯେ, ତାଙ୍କର ଦାନ୍ତରେ ତାରକୁ ଛୁଇଁଲେ ବିଜୁଳି ଲାଗୁନି । ଫେର୍ ବାଡ଼ ଭାଙ୍ଗିଲେ । ଏଇପରିକା ବିଚକ୍ଷଣ ବୁଦ୍ଧି ଅନ୍ୟ ଜନ୍ତୁର ଦେଖାଯାଏନାହିଁ । ସେମିତି ବୁଦ୍ଧିଆ ଜନ୍ତୁକୁ ଶିକାର କରିବାର ଇଚ୍ଛା ଯାହାର ଥିବ ସେ ତ ଖୁବ୍ ସାବଧାନରେ ହାତୀର ସବୁ ଗତିବିଧି ଜାଣିବାକୁ ଚେଷ୍ଟାକରିବ; ତା'ପରେ ଯାଇ ହାତୀମାରିବାକୁ ବାହାରିବ ।

ଏଇସବୁ କଥା ମନରେ ହେଜି ମୁଁ ସେଦିନ ରାତିରେ ଓଡ଼ଷିଂ ଗାଁଠେଇ ରହିଲି ନାହିଁ । ତା'ପରଦିନ ସକାଳୁ ବଡ଼ିଭୋରରୁ ଆସିବି କହି ବାହୁଡ଼ି ଆସିଲି ବଡ଼ରମା ବଙ୍ଗଳାକୁ ସଞ୍ଜବୁଡ଼କୁ ।

ତା'ପରଦିନ ବଡ଼ିଭୋରରୁ ଉଠି ଗାଧୁଆପାଧୁଆ ସାରି ଗଣ୍ଡେ ଜଳଖିଆ ଖାଇ ବାହାରିଲି । ରେଞ୍ଜରବାବୁ ଆଉ ଚନ୍ଦ୍ରମୋହନ ମୋ ସାଙ୍ଗରେ ବାହାରିଲେ । ବଡ଼ରମାଠୁ ଓଡ଼ଷିଂ ଗାଁଟା ଅଠର କିଲୋମିଟର । କଚା ରାସ୍ତା, ନାଳ ପର୍ବତ ପାରହେଇ ଯାଇଚି । ଚାଲିକି ଗଲେ ଡେରିହବ ବୋଲି ମୋର ଫିଅଟ୍‌କାର୍ ନେଇ ବାହାରିପଡ଼ିଲି । ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ଖରା ହେଇଯାଇଥିଲା – ବେଳ ପ୍ରାୟ ଆଠଟା । ଗାଁରେ ଭେଣ୍ଡିଆଯାକ – ପ୍ରାୟ କୋଡ଼ିଏ – ବାହାରିଲେ ବହୁତ ଆଗ୍ରହରେ ମୋତେ ହାତୀପଲ ଦେଖେଇଦବାକୁ । ଏତେଗୁଡ଼ିଏ ଲୋକ ସାଙ୍ଗରେ ନେଲେ ହାତୀ ଶିକାର କିମିତି ହବ ? ମନାକଲେ ବି କେହି ମାନିଲେନି । କହିଲେ, "ବଣଦାଢ଼ରେ ସମସ୍ତେ ରହିଯିବେ, କେବଳ ଦୁଖିଆ ଆଉ ମାଗୁଣି ମୋତେ ହାତୀ ପାଖକୁ ନେଇଯିବେ । ଶୀତଦିନର ସକାଳ – ଖରାଟା ଦେହକୁ ଭଲଲାଗୁଥାଏ । ଆମେ ସମସ୍ତେ ଚାଲିଲୁ ଗାଁ ପାରିହେଇ ଆଗର ମୁଣ୍ଡିଆ କର ଦେଇ ରାସ୍ତାରେ । ପ୍ରାୟ ଦୁଇକିଲୋମିଟର ଗଲା ପରେ ଗୋଟେ ସାଗୁଆନ ବଣ ପଡ଼ିଲା । ସାଗୁଆନ ଗଛ ଆଠଦଶ ବର୍ଷର ହବ ପରା । ଗଛା ଗଛ, ପତରସବୁ କୁଲାପରିକା ଖୁବ୍ ବଡ଼ ବଡ଼ । ପବନରେ ପତରକୁ ପତର ବାଜି ସର୍ ସର୍ ଶବ୍ଦ ହଉଥାଏ । ତା'ରି ଭିତରୁ ହାତୀର ଶବ୍ଦ ବି ଶୁଭିଲା । ତାଳପତ୍ର ଭାଙ୍ଗୁଥାନ୍ତି ଆଉ ମଝିରେ ମଝିରେ ଫାଁ ଫାଁ ହେଉଥାନ୍ତି । ମୁଁ ସମସ୍ତଙ୍କୁ ସେଇଠି ରହିବାକୁ କହି ଆଗେଇଲି ପାଦେ ପାଦେ । ହାତୀ ପାଖରେ ଯେତେବେଳେ, ବଡ଼ ସାବଧାନରେ ଯିବାକୁ ପଡ଼ିଲା – ପାଦ ଚିପି ଚିପି ଯେମତି ଟିକେ ବି ଶବ୍ଦ ନହୁଏ । ସକାଳର ଶିଶିରଭିଜା ଘାସ ପତର ଉପରେ ଆସ୍ତେ ଆସ୍ତେ କେନ୍‌ଭିସ୍ ଜୋତା ପକାଇବାରେ ନିଃଶବ୍ଦରେ ଚାଲିହେଲା । ଏଣେ ଛାତି ଭିତର ଧଡ଼କଣିଟା ମନେହେଉଥାଏ ଯେମିତି ବେଶି ଶବ୍ଦ କରୁଚି । ଟିକେ ଆଗେଇ ଫେର୍ ଠିଆହେଲି । ପକେଟରେ ସରୁ ଧୂଳି ରଖିଥିଲି – ତାକୁଇ ପକାଇ ପବନର ଗତି ଠିକଣାକଲି । ହାତୀ ଶବ୍ଦ ଯେଉଁଠୁ ଶୁଭୁଥାଏ ସେଇଆଡ଼ୁ ପବନ ଆମ ଆଡ଼କୁ ବହୁଥାଏ । ଭଲ ହେଲା – ହାତୀ ମୋର ଗନ୍ଧ ପାଇବନାହିଁ । ବନ୍ଧୁକଟା ମୋର .୪୭୦, ରିଗ୍‌ବି ଖୋଲିଲି – କାର୍ତ୍ତୁସ୍ ଦୁଇଟାଯାକ ବାହାର କରି ଦେଖିନେଲି – ଟଟକା କାର୍ତ୍ତୁସ୍ ଠିକ୍‌ଠାକ୍ ଅଛି ? ବନ୍ଧୁକ ବିଷୟରେ ମନବୋଧ ହେଲାରୁ ସେମିତି ପାଦ ଚିପିଚିପି ଚାରିପାଦ ଯାଏ – ଟିକେ

Digitized by srujanika@gmail.com

ଠିଆହେଇ ଏପାଖ ସେପାଖକୁ ଅନିଷା କରେ – ଗଛପତ୍ର ଫାଙ୍କରେ ହାତୀ ଦିଶିବ କି । ଏମିତି ସେ ସାଗୁଆନ ବଣଟା ପାରେଇଲି ପ୍ରାୟ ଶହେ ମିଟର ହବ ପରା – ସାଗୁଆନ ବଣ ସରିଲାରୁ ଆଗରେ ଦେଖିଲି ଅପୂର୍ବ ଦୃଶ୍ୟଟିଏ ।

ଶୀତଦିନ ସକାଳର କଅଁଳିଆ ଖରା ପଡ଼ିଚି ମୋର ସାମନାରେ – ବାଁପାଖରେ ଗୋଟାଏ ପାହାଡ଼ – ବାଉଁଶ ଆଉ ନାନା ଜାତିର ଗଛ ଲତାରେ ପାହାଡ଼ର ପଥର ଦିଶୁନଥାଏ । ପଶ୍ଚିମରୁ ପୂର୍ବକୁ ପାହାଡ଼ଟା ଲମ୍ବିଯାଇଛି ଚାରିଶ ମିଟର ହବ । ପାହାଡ଼ର ପାଦ ତଳକୁ ଦକ୍ଷିଣକୁ ଖୋଲାପଡ଼ିଆ । ସେଇ ଯୋଉ ଦୃଶ୍ୟ ମୋ ଆଖିରେ ପଡ଼ିଲା ତାକୁ ବଖାଣିବାକୁ ମୋର ଯେମିତି ଭାଷା କୁଳୋଉନି ।

ସାଗୁଆନ ବଣ ଉତ୍ତର-ଦକ୍ଷିଣ ହେଇ ଲମ୍ବିଚି ଗୋଟେ ଛୋଟ ମୁଣ୍ଡିଆ ଉପର ଦେଇ । ଓସାର ପ୍ରାୟ ଦୁଇଶ ମିଟର । ଗୋଟିଏ କରକୁ ଚଲାରାସ୍ତାଟିଏ ମୁଣ୍ଡିଆ ତଳକୁ ଖସିଚି ଗୋଟେ ନାଳ ଭିତରକୁ । ନାଳ ସେପାଖେ ତିନି ଚାରିଶ' ମିଟର ଲମ୍ବ ଆଉ ଦୁଇଶ' ମିଟର ଓସାରର ଗୋଟେ ଖୋଲା ଜାଗା । କାଁଭାଁ ଗୋଟେ ଦୁଇଟା ଶାଳଗଛ ସେ ପଡ଼ିଆରେ – ମଝିରେ ନାଳଟିଏ, ଝିରି ଝିରି ପାଣିମୁନ୍ଦେ ବି ସେ ନାଳରେ ଅଛି । ନାଳ ଦୁଇପାଖ ପଡ଼ିଆରେ କଅଁଳ ଘାସ – ଗାଢ଼ ସବୁଜ ରଙ୍ଗ – ଉପରେ ଶିଶିରବିନ୍ଦୁରେ କଅଁଳିଆ ଖରା ପଡ଼ି ମୁକ୍ତାପରିକା ଦିଶୁଥାଏ । ଏଠି ସେଠି ଗଛଡ଼ାଳରୁ କି ଲତାପତ୍ରରୁ ବୁଢ଼ିଆଣୀ ଜାଲରେ ବି ଶିଶିରବିନ୍ଦୁରେ ଖରା ଚିକ୍‌ଚିକ୍ ହଉଥାଏ । ପଡିଆକୁ ଘେରି ଚାରିପାଖେ ପାହାଡ଼ । ପାହାଡ଼ ଦିହରେ ଗଛବୃଛ ଭରା ।

ସେଇ ପଡ଼ିଆରେ ବାଁପାଖ ବଣକୁ ଲାଗି ଗୋଟେ ବିରାଟ ଦନ୍ତାହାତୀ ଖରା ପୋଉଁଛି । ଦାନ୍ତଗୁଡ଼ାକ ଖରାରେ ଚକ୍‌ଚକ୍ କରୁଥାଏ – ଲମ୍ବା ଏତେ ଯେ ମାଟିରେ ଲାଗିବା ଯୋଗୁରୁ କି କଣ, ବଙ୍କେଇକି ଉପରକୁ ଗୋଜିଆ ହୋଇଚି । ହାତୀର ଆକାର ଗୋଟେ ଛୋଟ ପର୍ବତ ପରି । ମୁଁ ତ ସେ ଦୃଶ୍ୟ ଦେଖି ଦଣ୍ଡେ ଥୟ ହେଇ ରହିଗଲି । ଏଡ଼େ ବଡ଼ ହାତୀ, ଏତେ ସୁନ୍ଦର ପ୍ରାନ୍ତର – ଝିରିଝିରି ଝରଣା – କେବେ କୋଉଠି ଦେଖିନଥିଲି ଆଗରୁ । ତନ୍ମୟ ହେଇ ଚାହିଁଚି – ଦେଖେ ତ ହାତୀଟି ଧୀରେ ଧୀରେ ପାଦେ ପାଦେ ଆଗଉଚି ମୋ ପାଖର ପାହାଡ଼କରକୁ । ହୋସ୍ ହେଲା ଯେ, ମୋର ତ ଶିକାର କରିବା କଥା, ହାତୀର ଦାନ୍ତଯୋଡ଼ାକ ଦେଖି ମୋର ମନେପଡ଼ିଲା ଯେ ତାଳଚେରର ରାଜାସାହେବ ଯଉ ହାତୀ ମାରିଥିଲେ ପାଲଲହଡ଼ା ପାଖ ଜଙ୍ଗଲରେ – ତା'ରି କଥା । ସେ ହାତୀର ଆକାର-ବିକାର ଆଉ ଦାନ୍ତର ଲମ୍ବ ଆଉ ଓଜନ ପୃଥିବୀରେ ସବୁଠୁ ବଡ଼ । ଦାନ୍ତଗୁଡ଼ାକ ପରା ଏଗାରଫୁଟରୁ ବେଶି । ମନେ ମନେ ଭାବିଲି ଏ ହାତୀଟା ତ ତା'ଠୁ ବି ବଡ଼ ଦିଶୁଚି । ମନଟା ଉଣାହେଇଗଲା ଯେ ପାଖରେ କେମେରା ନାହିଁ । ଗୋଟେ ଫଟୋ ନେଇପାରିଥିଲେ ଚିରଦିନକୁ ଗୋଟେ ଦଲିଲପରିକା ରହନ୍ତା । ମନରେ ଗୋଟେ ଦ୍ୱନ୍ଦ୍ୱ ହେଲା । ଏତେବଡ଼ ଜନ୍ତୁଟାକୁ ମାରିବା କି ନାହିଁ । ଏଡ଼େ ସୁନ୍ଦର ଥାନରେ ସେ ରହୁଚି – ଦିଶୁଚି ତ ଭାରି ନିରୀହ ପରି । ହେଲେ ଓଡ଼ଷିଂ ଗାଁର ଶୁକୁଟା ଯାହା କହିଥିଲା ସେକଥା

Digitized by srujanika@gmail.com

ମନେପଡ଼ିଲା – ବିଚରାର ପାଞ୍ଚପ୍ରାଣୀ କୁଟୁମ୍ବ – ଚାଷଜମି ଦୁଇ ମାଣ । ଧାନ ଏବର୍ଷ ଭଲହେଇଥିଲା – ଏଇ ହାତୀପଲଟା ଏକାରାତିକେ ସବୁ ଶେଷକରି ଦେଇଛନ୍ତି ।

ତା'ପର ସେ ଗଉନ୍ତିଆ ଯାହା କହିଲେ ନଟିଆର ମରଣ କଥା । ନାଃ, ଏ ହାତୀପଲରୁ ଗୋଟେ ଦୁଇଟା ତ ମାରିବା ଦରକାର । ସେମିତି ମାରିଲେ ଯାଇ ପଲଟାଯାକ ହାତୀ ତାଙ୍କର ଘର ଅଭୟାରଣ୍ୟକୁ ବାହୁଡ଼ିବେ । ଯଦି ମାରିବାର କଥା, ଏଇ ବଡ଼ ଦନ୍ତାକୁ କିଆଁ ନମାରିବା ? ହେଇପାରେ ୟାର ଦାନ୍ତ ତାଳଚେର ରାଜାସାହେବଙ୍କ ରେକଡ଼ଠୁ ବଡ଼ହୋଇପାରେ । ଏଇ କଥା ଭାବିଲା ବେଳକୁ ଛାତି ଭିତରଟା ଯେମିତି ଅଥୟ ହେଇପଡ଼ିଲା । ପବନର ଗତିଟା ପରୀକ୍ଷା କରି ଦେଖିଲି ଯେ ହାତୀ ଆଡୁ ମୋ ଆଡ଼କୁ ପବନ ବହୁଚି । ସେଇଠୁ ପାଦ ଚିପି ଚିପି ମୁଁ ଓହ୍ଲେଇଲି ସାମନାର ନାଳ ଭିତରକୁ । ହଠାତ୍ ଶୁଣିଲି ପଛରୁ ଧପ୍‌ଧପ୍ ହେଇ ଚନ୍ଦ୍ରମୋହନ ପାଖକୁ ଆସୁଛି ଆଉ ବଡ଼ପାଟି କରି କହୁଚି ''ପଳେଇ ଆସନ୍ତୁ ସାର୍ – ହାତୀଟା ପାଖକୁ ଚାଲିଆସିଲା ।'' ନାଳ ଭିତରେ ଥାଇ ମୋତେ ତ ଆଉ ହାତୀ କି ବଣ ଦିଶୁନଥିଲା । ମୁଁ ଭାବିଲି ଯେ ଖୁବ୍ ପାଖକୁ ଆସିଗଲା ବୋଧହୁଏ ତଡ଼ିଦେବାକୁ ହବ – ଗୋଟିଏ ଗୁଳି ଫୁଟେଇଦେଲି । ସେ ଆୱାଜରେ ଚାରିପାଖ ପର୍ବତରେ ଘୋ-ଘୋକରି ପ୍ରତିଧ୍ୱନି ହେଲା । ଚଢ଼େଇ ମାଙ୍କଡ଼ ସବୁ କେଁକାଁ କରି ରବ ଛାଡ଼ିଲେ ଯେ ମେଦିନୀ କମ୍ପିଲାପରି ଲାଗିଲା । ମୁଁ ତରବରରେ ଫେର୍ ନାଳ ଉପରକୁ ଉଠି ପଛକୁ ଧାଇଁଗଲି । ଦେଖେ ଯେ ହାତୀଟା ବାଁପାଖ ପର୍ବତ ଉପରକୁ ଉଠିଯାଉଚି । ଟିକିଏ ପରେ ଗଛପତ୍ର ଗହଳରେ ଲୁଚିଗଲା ।

ଗାଁର ଯେତେ ଲୋକ ଆସିଥିଲେ ସମସ୍ତେ ସେଠି ଆସି ରୁଣ୍ଡହେଲେ । କହିଲେ ଯେ, ''ଏଇ ବୁଢ଼ାହାତୀଟା ପଲର ନେତା; ଏଇଟାକୁ ମାରିପାରିଲେ ସେ ପଲଟା ସେଇଠୁ ହଟିଯିବେ ।'' ଚନ୍ଦ୍ରକୁ ପଚାରିଲି କାହିଁକି ମୋତେ ଇମିତି ଚମକେଇଲା – ହାତୀ ତ ଶହେମିଟର ଦୂରରେ ଥିଲା – ମୁଁ ତ ସୁବିଧା ଦେଖି ଆଗଉଥିଲି – ହାତୀ ପାଖକୁ ଯିବାପାଇଁ ଚେଷ୍ଟା କରୁଥିଲି – ଯାହା ତ ହେବାର ହେଲାଣି, ଏବେ ସେଇ ହାତୀର ଖୋଜ ଦେଖି ତା ପିଛା କରିବା । ଗାଁର ଦୁଇଜଣ ଟୋକା ବାହାରିଲେ ଖୋଜଚିହ୍ନ ଦେଖି ଦେଖି ମୋତେ ବାଟଦେଖେଇବାକୁ । ଆଉ ସମସ୍ତଙ୍କୁ କହିଲି ସେଇଠି ଖୋଲା ଜାଗାରେ ସେମାନେ ମୋତେ ଅପେକ୍ଷା କରି ବସନ୍ତୁ ବୋଲି ।

ସେତେବେଳକୁ ଦିନ ନଅଟା ହବ ବୋଧହୁଏ । ଆମେ ତିନିହେଁ ବଣ ପାଖକୁ ଯାଇ ହାତୀର ମଡ଼ାଧରି ବଣ ଭିତରେ ପଶିଲୁ । ସେଠି ଦେଖିଲି ଯେ ଅସୁମାରି ହାତୀ ଖୋଜ । ବଡ଼, ଛୋଟ, ସବୁପ୍ରକାର ହାତୀ ସେ ବଣଟାଯାକ ବୁଲିଛନ୍ତି । ସେଥିରେ ଆଉ ଆମର ଏ ବୁଢ଼ାହାତୀର ମଡ଼ା ସହଜରେ ବାରିହେଉନାହିଁ । ବାଟକଢ଼ାଳି ଟୋକାଏ କହିଲେ ସେ ପର୍ବତ ଗୋଟାଟା ଖୋଜିଦବା ''ଏଡ଼େ ବଡ଼ ଜାନୁଆରଟା କେ ନାଇଁ ପାଇବା କାଣ୍ ।'' ତାଙ୍କ ପଛେ ପଛେ ଚାଲିଲି । କାନ୍ଧରେ .୪୭୦ ରାଇଫଲ୍‌ଟା ଖୁବ୍ ଓଜନ ଲାଗିଲାଣି ସେତେବେଳକୁ । ପାହାଡ଼ର ଗୋଟେ ପାଖରୁ ଆରପାଖକୁ ଗଲେ ସେ ହାତୀର ଆଉ

Digitized by srujanika@gmail.com

ସୋର-ଶବ୍ଦ ମିଳିଲାନି । ଦିନ ପ୍ରାୟ ଗୋଟେ ବେଳକୁ ପାହାଡ଼ରୁ ଓହ୍ଲେଇଆସିଲୁ ପଦାକୁ । ସେତେବେଳକୁ ଶୋଷରେ ପାଟି ଅଠା-ଅଠା ହେଲାଣି – ଭୋକରେ ପେଟ ଯାଇ ପିଠିରେ ଲାଗିବା ପ୍ରାୟ । ପଦାରେ ଚନ୍ଦ୍ରହେରିକା ବସିଥିଲେ । ମୁଁ ତାକୁ ଦଶଟା ଟଙ୍କାଦେଇ କହିଲି ଗାଁକୁ ଯା' ମୁଢ଼ି ନେଇଆସିବ, ଆଉ ମାଠିଆରେ ମାଠିଆଏ ପାଣି ଆଣିବ । ଆଉ ଯଦି କାହା ପାଖରେ କୁକୁଡ଼ା ଅଣ୍ଡା ଥିବ ଦୁଇ- ଚାରିଟା ସିଝେଇକି ଆଣିବ । ଆମେ ଯାଇ ଝରଣାକୂଳରେ ଗୋଟେ ବୁଢ଼ା ଶାଳଗଛ ତଳେ ବସିଲୁ । ଚନ୍ଦ୍ର ସାଙ୍ଗରେ ଦଶବାରଜଣ ଲୋକ ଗଲେ ଗାଁକୁ । ସକାଳ ପହରଟା ପାହାଡ଼ ପର୍ବତରେ ବୁଲି ବୁଲି ତ ମୋର ଗୋଡ଼ହାତ ପରାସ ହେଇଥାଏ ଖୁବ୍ – ଜୋତା ମୋଜା ଖୋଲିଦେଇ ନରମ ଘାସରେ ଶୋଇଗଲି ଦଣ୍ଡେ । ହଠାତ୍ ଶୁକୁଟା ମୋତେ ହଲେଇକି ଉଠେଇଦେଇ କହିଲା, "ବାବୁ ହାତୀ !" ମୁଁ ଉଠିକି ଆଖି ମଳି ମଳି ଦେଖେ ତ ଆମଠୁ ତିରିଶ କି ଚାଳିଶ ମିଟର ଦୂରରେ ଗୋଟେ ବିରାଟ ମାଇହାତୀ ବଣରୁ ବାହାରି ପଡ଼ିଆରେ ଗୋଟେ ଗୋଟେ ଚାଲିଛି ଝରଣାରୁ ପାଣି ପିଇବାକୁ । ବନ୍ଧୁକଟାରେ ଫେର୍ କାର୍ତ୍ତୁସ୍ ପୂରାଇଦେଲି ଆଉ ସମସ୍ତିଙ୍କି ଠାରିକି କହିଲି ଯେ – ଚୁପ୍‌ଚାପ ବସିକି ଦେଖିବା । ଆଉ ପଲ ହାତୀ ବାହାରକୁ ଆସିବେ ପରା । ସେ ମାଇହାତୀଟା ପାଦେ ପାଦେ ଯାଇ ଝରଣା ପାଖରେ ପହଞ୍ଚିଲା ବେଳକୁ ମୁଣ୍ଡିଆର ନାସି ପଛପଟେ ଲୁଚିଗଲା । ଆମେ ତରତର ହେଇ ସଜଡ଼ାସଜଡ଼ି କରିଦେଇ ମୁଣ୍ଡିଆର ନାସି ପାଖକୁ ଗଲୁ ପଥର ସେପଟେ କଣ ହେଉଚି ଦେଖିବାକୁ । ପଥର ପାଖେ ପହଞ୍ଚିଲାରୁ ଶୁଣିଲୁ ଫଡ୍‌ର କରି ଶବ୍ଦ କରି ହାତୀଟା ଫେର୍ ପାହାଡ଼ ଉପରକୁ ଉଠିଯାଉଚି । ଆମର ତରତରିଆରେ ଆମେ ଆଉ ପବନର ଗତିର ଦିଗ ଦେଖିବାକୁ ଭୁଲିଯାଇଥିଲୁ । ପବନ ଆମଠୁ ହାତୀ ଆଡ଼କୁ ବହୁଥିଲା – ସେ ଆମର ଗନ୍ଧ ପାଇ ପଳେଇଲା । ମନମାରି ଆମେ ଫେରିଲୁ ଆମର ଗଛମୂଳକୁ । ସେତେବେଳକୁ ସମୟ ପ୍ରାୟ ଦୁଇଟା ହବ । ଗାଁରୁ ପାଛିଆଏ ମୁଢ଼ି ଆଉ ମାଠିଆଏ ପାଣି ଆଣି ଚନ୍ଦ୍ରମୋହନ ପହଞ୍ଚିଲା । ସମସ୍ତେ ସେଇଥିରୁ ମୁଠେ ମୁଠେ ଖାଇଲେ, ପାଣି ମୁନ୍ଦେ ମୁନ୍ଦେ ପିଇଲେ । ଫେର୍ ଉଠିଲୁ ଆଉଗୋଟେ ପର୍ବତକୁ । ବାଉଁଶ ବଣ ସେଠି ହେଇଥାଏ ଯେ ଖରା ଭୂଇଁରେ ପଡୁନଥାଏ । ନିରନ୍ଧ୍ର ବଣରେ ବାଉଁଶ କଣ୍ଟା ଆଡ଼େଇ ଆଡ଼େଇ ଚାଲିବାକୁ କଷ୍ଟ ଖୁବ୍ ହଉଥାଏ । ଆଗରୁ ସଡ଼ସାଡ଼ ଭଡ଼ଭାଡ଼ ଶୁଭୁଥାଏ । ହାତୀମାନେ ଡାଳପତ୍ର ଭାଙ୍ଗି ଚରୁଛନ୍ତି ପରା । ଆମର ସେଇ ବୁଢ଼ା ହାତୀଟାକୁ କିମିତି ଠାବ କରିବା ଏଇ ଚିନ୍ତାରେ ଆମେ ସାବଧାନରେ ହାତୀପଲ ପାଖକୁ ଆଗେଇଲୁ । ପ୍ରତି ପାଦ ଆଗଇବା ଆଗରୁ ପବନର ଗତି ପରୀକ୍ଷାକରିବାକୁ ହେଲା । ଶୀଘ୍ର ଆଉ ଆଗେଇହେଲାନି । ବାଉଁଶବୁଦା ଭିତରେ ନଇଁ ନଇଁ ହାତୀ ପାଖକୁ ଯାଇକି ଦେଖେ ଯେ ଏଇଟା ମାଇହାତୀ; ପାଖରେ ପୁଣି ଗୋଟେ ଛୁଆ ।

ଏଇପରିକା ହାତୀ ଖୋଜୁ ଖୋଜୁ ସଞ୍ଜ ହେଲା । ହାତୀ ଗୋଟେ ଗୋଟେ ବାଉଁଶବୁଦାରୁ ପତ୍ର ଖାଇ ଖାଇ ପଦାକୁ ବାହାରୁଥାନ୍ତି । ପ୍ରାୟ ପଚିଶ କି ତିରିଶ ହାତୀ ଦେଖିଲୁ; ଆମର ସକାଳର ସେ ବୁଢ଼ା ଦନ୍ତାକୁ ଆଉ ପାଇଲୁନି । ସୂର୍ଯ୍ୟ ବୁଡ଼ିଗଲେଣି ।

Digitized by srujanika@gmail.com

ଗାଁରୁ ଆମେ ପ୍ରାୟ ଦଶ କିଲୋମିଟର ଦୂରକୁ ଚାଲିଆସିଲୁଣି । ଅନ୍ଧାର ହେଇଗଲେ ତ ବଣରେ ରାସ୍ତା ଦିଶିବନି – ଅଜାଣତରେ ଫେର୍ ହାତୀ ଦେହରେ ଧକ୍କା ଖାଇବାର ଭୟ ଅଛି । ତେଣୁ ସମସ୍ତଙ୍କୁ କହିଲି ଫେରିବାକୁ । ପାହାଡ଼ ତଳକୁ ଖସିବାକୁ ସୁଡ଼ସୁଡ଼ିଆ ଚଲା ରାସ୍ତାଟିଏ – ବାଉଁଶବଣ ଭିତରେ ଆଙ୍କିବାଙ୍କି ପାହାଡ଼ କାନ୍ଧରୁ ଖସିଛି । ସେଇ ରାସ୍ତାରେ ଆମେ ଆଗପଛ ହୋଇ ଚାଲିଥାଉ । ମୁଁ ଆଗରେ – ମୋ ପାଖକୁ ଲାଗି ଚାଲିଥାଏ ମୁଳିଆ । ସେ ଗୋଟେ ଗାମୁଛା ଅଣ୍ଟାରେ ବେଢ଼େଇଥାଏ । ଆଉ ଦଶ ପନ୍ଦର ମିଟର ଗଡ଼ିଲେ ସମତଳ ଭୂଇଁକୁ ଆସିବୁ । ହଠାତ୍ ମୁଳିଆ ମୋ ହାତଟାକୁ ଧରିପକେଇଲା । ବଣ ରାସ୍ତାରେ ଯାଉ ଯାଉ କେହି ଯଦି ଇମିତି ଇସାରା ଦିଏ ସେଇଠି ଚୁପ୍‌ଚାପ୍ ଛିଡ଼ା ହେବାର ବିଧି । ହଲଚଲ ନହୋଇ କାଠପରିକା ହୋଇଯିବାକୁ ହବ । ଆମେ ସମସ୍ତେ ସେମିତି କାଠପରିକା ହୋଇଗଲୁ । ମୁଳିଆ ମୋ ପାଖକୁ ଆସି କାନ ପାଖରେ କହିଲା – ହାତୀ – ହାତରେ ଦେଖେଇଦେଲା ଆଗକୁ । ମୁଁ ଆଗକୁ ଅନିଶାକରି ଦେଖେ ଯେ ଆମର ଠିକ୍ ଆଗକୁ ପନ୍ଦର ପାଦ ଦୂରରେ ଗୋଟେ ହାତୀର ପଛ ଗୋଡ଼ ଆଉ ଲାଞ୍ଜଟା ଦିଶୁଚି । ଗୋଟା ଦେହଟା ତ ଦୁଇ ପାଖର ଘଞ୍ଚ ପତ୍ରଗହଳିରେ ଲୁଚିଯାଇଥାଏ । ମୋ ହାତରେ ଦୁଇନଳିଆ .୪୭୦ ରାଇଫଲ୍‌ଟା ତ ଥିଲା ସାଙ୍ଗେ ସାଙ୍ଗେ ରାଇଫଲ୍‌ର ବ୍ରିଚ୍ ଖୋଲି ଦେଖିନେଲି କାର୍ତ୍ତୁସ୍ ଠିକ୍‌ଠାକ୍ ଅଛି କି ନାହିଁ – ତାପରେ ଆଗକୁ ଅନିଷା କରି ରହିଥାଏ । ହାତୀଟା ଆମର ସକାଳ ପହରର ବଡ଼ ଦନ୍ତା କି ନା । ଏତେ ପାଖରେ ହାବୁଡ଼ି ଯିବାରେ ଛାତି ଭିତରଟା ଦୁଲ୍‌ଦୁଲ୍ ହେଉଥାଏ । ମୋ ଛାତିର ଧଡ଼କାଣି ଶୁଣିକି କି କଣ, ହାତୀଟା ବୁଲିପଡ଼ି ଆମ ଆଡ଼କୁ ମୁହଁ କଲା । ଆମ ଆଡ଼କୁ ମାନେ, ମୋ ଆଡ଼କୁ – ଆଉ ମୋ ସାଙ୍ଗରେ ଯେଉଁମାନେ ଥିଲେ ସମସ୍ତେ ସେତେବେଳକୁ ଅଦୃଶ୍ୟ ହୋଇଗଲେଣି । ମୋ'ଠୁ ହାତୀଟାର ମୁଣ୍ଡଟା ପ୍ରାୟ ଦଶପାହୁଣ୍ଡ ଦୂର । ଦେଖେ ଯେ ଗଜା ଗଜା ଦୁଇଟା ଛୋଟ ଦାନ୍ତ ଚିକ୍ ଚିକ୍ କରୁଚି । ମୁହଁ-ଅନ୍ଧାର ବେଳ – ହାତୀର ଦେହଟାଯାକ ତ କଳା – ଆଉ କିଛି ଦିଶୁ ନଥାଏ । ଛୋଟ ଦାନ୍ତ ଦେଖି ମନଟା ତ ପିତା ହୋଇଗଲା ଯେ ସକାଳର ସେଇ ବୁଢ଼ା ଦନ୍ତା ଯେ ନୁହେଁ । ଏତେ ପାଖରେ ଯେତେବେଳେ ହାତୀ ମୋତେ ଅନେଇଚି, ହୁଏତ ତଡ଼ି ଆସିବ । ସେଠୁ ମୋର ଦୌଡ଼ି ପଳେଇବାର ବାଟ ନାହିଁ । ଗଜା, ଭେଣ୍ଡିଆ ହାତୀଟାକୁ ମାରିବାକୁ ମନ ହେଉନଥାଏ । ମୁହଁ-ଅନ୍ଧାରରେ ହାତୀର ମରମ ଥାନକୁ ଗୁଳି ଲାଗିଲା ପରି ଲାଖ ବି ତ କରିହବନି । ସେଇଠୁ ବନ୍ଧୁକଟା ତା ମୁଣ୍ଡ ଉପରକୁ ଲାଖ କରି ଫୁଟେଇଦେଲି । ଭାବିଥିଲି ଢୋ-କିନା ଆୱାଜ ହେଲେ ହାତୀଟା ପଳେଇଯିବ – ଆମେ ଆମର ବାଟ ଧରିବା ଗାଁକୁ । ହେଲେ ଫଳ ଓଲଟା ହେଲା । .୪୭୦ ରାଇଫଲ୍ କାର୍ତ୍ତୁସ୍‌ରେ ଢେର୍‌ଗୁଡିଏ ବାରୁଦ ଥାଏ । ୫୦୦ ଗ୍ରେନ୍ ଓଜନର ଗୁଳିକୁ ଖୁବ୍ ବେଗରେ ଦୂରକୁ ନବାକୁ ଏତେଗୁଡ଼ିଏ ବାରୁଦର ଦରକାର । ସେଇ ଯେଉଁ ଗୁଳିଟା ମୁଁ ଫୁଟାଇ ଦେଲି ସେଥିରେ ଶବଦ ତ ଖୁବ୍ ହେଲା – ସାମନାରେ ନିଆଁହୁଳାଟା ବି ଦିଶିଲା । କେତେ ସେକେଣ୍ଡ ପର୍ଯ୍ୟନ୍ତ ଆଉ କିଛି ଦିଶିଲାନି । ତା'ପର

Digitized by srujanika@gmail.com

ଧୂଆଁ ଆଉ ନିଆଁ ସଫା ହେଲା ପରେ ଦେଖେ ଯେ ହାତୀଟା ଗୋଟେ ଏକ୍ସପ୍ରେସ ଟ୍ରେନ୍ ପରିକା ମାଡ଼ିଆସୁଚି ମୋ ଉପରକୁ । ତିନିଚାରି ପାହୁଣ୍ଡ ହେଲାଣି – ଆଉ ତ ରକ୍ଷା ନାହିଁ – ମୁଣ୍ଡକୁ ଲାଖ କରି ଦ୍ବିତୀୟ ନଳିଟି ଫୁଟାଇଦେଲି । ଗୁଳି ବାଜିଲାକ୍ଷଣି ହାତୀ ବୁଲିପଡ଼ିଲା, ବାଁ ପାଖର ଘଞ୍ଚ ପତ୍ରଗହଳିରେ ପଶିଗଲା । ତା'ପର ଦୁଇତିନି ସେକେଣ୍ଡ ମୁଁ ସେଇଠି ଠିଆହୋଇ ରହିଲି – ହଠାତ୍ ମୋର ଆଣ୍ଠୁଗୁଡ଼ିକ ଯିମିତି ପାଣି ହୋଇଯାଉଚି ଦେହଟା ଥରିବାକୁ ଆରମ୍ଭକଲାଣି । ଫେରିକି ଦେଖେ ଯେ ପାଖରେ କେହି ନାହିଁ । ପଛକୁ ଦୁଇ ପାଦ ଆସି ଗୋଟିଏ ବାଉଁଶବୁଦା ଆଢୁଆଳକୁ ଯାଇ ବନ୍ଧୁକରେ ଆଉ ଦୁଇଟା ନୂଆ କାର୍ତ୍ତୁସ୍ ପୂରାଇଦେଲି । ସେତେବେଳକୁ ଚନ୍ଦ୍ରମୋହନ ଆଉ ପଣ୍ଡାବାବୁ ରେଞ୍ଜରହେରିକା ମୋ ପାଖକୁ ଆସିଲେ । ପଚାରିଲେ କ'ଣ ହେଲା ବୋଲି । ଦେଖୁ ଦେଖୁ ଗାଁର ଲୋକ ସବୁ ଗୋଟିଏ ଗୋଟିଏ ଆସି ମୋ ପାଖରେ ପହଞ୍ଚିଲେ । ମୁଁ ତାଙ୍କୁ ସବୁ କହିଲି – ଗୁଳି ମୁଣ୍ଡରେ ବାଜିଛି, ହାତୀ ସେହି ପାଖରେ କୁ'ଠି ପଡ଼ିଥିବ । ସେତେବେଳକୁ ଅନ୍ଧାର ହେଲାଣି । ଆଉ ବଣରେ ଘଞ୍ଚ ପତ୍ରଗହଳିରେ ପଶିହେବନି । ଗାଁକୁ ଫେରିବା ପାଇଁ ବିଚାର ହେଲା ।

ଶୁଖିଲା ବାଉଁଶରେ ଦୁଇ-ଚାରିଟା ମଶାଲ ତିଆରି ହେଲା । ସେଇ ମଶାଲ ଧରି ଆମେ ଗୋଟେ ଗୋଟେ ଚାଲିଲୁ ଓଡ଼ଷିଂ ଗାଁକୁ । ଦିନଟାଯାକ ଉପାସରେ ପାହାଡ଼ ବଣରେ ବୁଲି ବୁଲି ଥକିଯାଇଥାଏ – ଚାଲିବାକୁ ଭାରି କଷ୍ଟ ହେଲା । କେମିତି ଯେ ଆସି ମୁଁ ସେଦିନ ବଡ଼ରମା ବଙ୍ଗଳାରେ ପହଞ୍ଚିଲି ଜାଣିନାହିଁ । ଦିନଯାକର ପରିଶ୍ରମରେ ଦେହହାତ ପରାସ ହୋଇଥିଲା – ନିଦ ହେଲାନାହିଁ – ଖାଲି ହାତୀ-ସପନ – ଦନ୍ତାହାତୀ ମାଡ଼ିଆସୁଥାଏ, ଆଉ ମୁଁ ଚିରିଚିରେଇଉଠୁଥାଏ ।

ତା'ପରଦିନ ମୋର ଛୁଟି ସରିଗଲା, ଫେରିବାକୁ ପଡ଼ିଲା । ସେଠାର ରେଞ୍ଜର ବାବୁଙ୍କୁ ହାତୀ ଖବର ନବାକୁ କହି କଟକ ଫେରିଲି । ଦିନାକେତେ ପରେ ଫେର୍ ଥରେ ଗଲି ବଡ଼ରମାକୁ । ରେଞ୍ଜରବାବୁ ମୋତେ ସେଦିନର ଶିକାର ପରର କଥାସବୁ ଟିକିନିଖି କରି କହିଲେ । ଯୋଉ ହାତୀଟା ମୋତେ ଗୋଡ଼େଇଥିଲା, ସେଇଟା ଗୁଳିମାଡ଼ ଖାଇ ପାଖର ଘନଜଙ୍ଗଲରେ ପଡ଼ିଥିଲା । ସେ ଅଞ୍ଚଳର ଯେତେ ହାତୀ ଥିଲେ – ସମସ୍ତେ ଆସି ଏଇ ଦନ୍ତାର ଚାରିପଟରେ ଘେରି ରହିଲେ ଚାରିଦିନଯାକେ । ପାଖଆଖ ଗାଁର ଲୋକ ଆଉ ସେ ବଣରେ ରହିପାରିଲେନାହିଁ । ଚାରିଦିନ ହେଲାରୁ ହାତୀଟା ପଚିକି ଗନ୍ଧ ହେଲା – ହାତୀମାନେ ଗଛପତ୍ର ଭାଙ୍ଗି ଡାଳପତ୍ର ଦଶଶଗଡ଼ ଯାଏ ଆଣି ମଡ଼କୁ ଭଲଭାବରେ ଢାଙ୍କିଦେଲେ ଆଉ ସେ ଅଞ୍ଚଳ ଛାଡ଼ିକି ଉଷାକୁଠି ବଣକୁ ଫେରିଗଲେ । ସେ ଅଞ୍ଚଳର ଗାଁଗଣ୍ଡା ହାତୀର ଦାଉରୁ ରକ୍ଷାପାଇଗଲେ । ହେଲେ ଯେଉଁ ହାତୀଟା ମଲା, ସେଇଟା ଗୋଟେ ଛୋଟ ହାତୀ ଥିଲା – ତାର ଦାନ୍ତ ଜମାରୁ ତିନିଫୁଟ ଲମ୍ବ ଥିଲା ।

Digitized by srujanika@gmail.com

ଶିକାରୀ ହବାକୁ ମନ

ଅନୁଗୁଳରୁ ଟିକରପଡ଼ା ପ୍ରାୟ ଷାଠିଏ କିଲୋମିଟର – ବାଟଟା ପାହାଡ଼ ପର୍ବତ କର ଓ ଉପର ଦେଇ ଯାଇଚି । ଦୁଇପାଖରେ ଖୁବ୍ ଘନ ଜଙ୍ଗଲ – ବେଶି ଭାଗ ବାଉଁଶ । ମଝିରେ ମଝିରେ ଅରାଏ ଲେଖେ ସାଗୁଆନ ବଣ । ସେଦିନ ଅନୁଗୁଳରୁ ବାହାରିବାକୁ ଡେରିହୋଇଗଲା । ରବିବାବୁ ଜିପ୍‌ରେ କଲିକତାରୁ ଆସିଲେ, ତାଙ୍କର ବାଟକୁ ଚାହିଁ ଆମେ ଢେର୍ ବେଳଯାଏ ବସିଗଲୁ ସର୍କିଟ୍ ହାଉସରେ । ମୋ ସାଙ୍ଗରେ ଥିଲେ ଦୁର୍ଗାବାବୁ, ତାଙ୍କ ସ୍ତ୍ରୀ ଗୌରୀ ଆଉ ରବିବାବୁଙ୍କ ସ୍ତ୍ରୀ ଗାୟତ୍ରୀ । ବାରନ୍ଦାରେ ବସି ଗପହେଉଥିଲା ଖୁବ୍ । ଗାୟତ୍ରୀ କହୁଥିଲେ ରବି କେମିତି ଶିକାର ନିଶାରେ ଘାରିହେଉଛି, ଆଉ ସେ ନିଜେ କିମିତି ଶିକାର ଦେଖିବାକୁ ଭଲପାଆନ୍ତି । ବିହାର, ଉତ୍ତରପ୍ରଦେଶ ଆଉ ମଧ୍ୟପ୍ରଦେଶର ବଣରେସବୁ କେମିତି ଶିକାର ହୋଇଥିଲା ପୂର୍ବବର୍ଷମାନଙ୍କରେ । ଏବର୍ଷ ସେମାନେସବୁ ବିଜୁବାବୁଙ୍କ ନିମନ୍ତ୍ରଣରେ 'ଓଡ଼ିଶା'କୁ ଆସିଛନ୍ତି । ସାଙ୍ଗରେ କଣ ସବୁ ବନ୍ଧୁକ ଆଣିଛନ୍ତି ମୋତେ ଦେଖେଇଲେ । ସବୁଗୁଡ଼ିକ ବିଲାତି – ଦାମିକା ବନ୍ଧୁକ । ଦି'ନଳିଆ ଚଢ଼େଇମରା ବନ୍ଧୁକ (ସଟ୍‌ଗାନ୍) ଆଉ ଦି'ନଳିଆ ରାଇଫଲ୍ ଗଣ୍ଡେ କି ପାଞ୍ଚଟା ହବ । ସାଙ୍ଗରେ କେମେରା ବି ଥାଏ – ଫଟୋ ଉଠେଇବାକୁ । ଏତେ ସରଞ୍ଜାମ ଦେଖି ଦେଖି ମୁଁ ତ କାବୁକ୍ଷ ହୋଇଗଲି । ହେଲେ ସେମାନେସବୁ ଶିକାର କଥା ଯାହା କହିଲେ, ସେଥିରୁ ମୁଁ ଜାଣିଲି ଯେ କେବଳ ଜିପ୍‌ରେ ବସି ରାତିରେ ସ୍ପଟ୍‌ଲାଇଟ୍ ପକେଇ ପକେଇ ବଣରେ ବୁଲନ୍ତି – ଆଉ ଆଲୁଅ ଦେଖି ମିରିଗପଲଟେ କି ସମ୍ବର ହଳଟେ ଚକ୍‌ଚକାହୋଇ ଛିଡ଼ାହୋଇ ରହିଲେ ଦି'ନଳିଆ ରାଇଫଲ୍‌ରୁ ଦୁଇଦୁଇଟା ଗୁଳି ମାରି ଜନ୍ତୁଟିଏ ମାରନ୍ତି । ମଲା ଜନ୍ତୁଟିକୁ ଜିପ୍ ପାଖକୁ ଘୋଷାରିଆଣି ସମସ୍ତେ ଛିଡ଼ାହୁଅନ୍ତି ଫଟୋ ଉଠାଇବା ପାଇଁ । ସେମିତିକା ଶିକାର ତ ରାଜୁଡ଼ା ଶିକାର, ଆମର ବଣୁଆ ଆଇନରେ ସେମିତିକା ଶିକାର ମନାଥାଏ । ଆଲୁଅ ପକେଇ ହରିଣ, ସମ୍ବର ମାରିବା ମନା କିମ୍ବା ଗାଡ଼ି ପାଖରୁ ଶହେ ମିଟର ଭିତରେ କୌଣସି ଜନ୍ତୁକୁ ଗୁଳି କରିବା ମନା । ଶିକାରୀ-ଦୁନିଆରେ ବସିବା ଚଢ଼େଇକୁ ବି ଗୁଳିରେ ମାରିବାଟା କାପୁରୁଷତା ।

ଦିନ ତିନିଟାବେଳକୁ ଆମେ ଅନୁଗୁଳ ଛାଡ଼ିଲୁ । ମୋର ଗୋଟେ ପୁରୁଣା ଖୋଲା ମଟରଗାଡ଼ି ଥିଲା । କଲିକତାରୁ ରବିବାବୁ ଗୋଟେ ଜିପ୍ ଗାଡ଼ି ଆଣିଥାନ୍ତି । ମୋ ଗାଡ଼ିରେ

Digitized by srujanika@gmail.com

ବସିଲେ ଦୁର୍ଗାବାବୁ, ଗୌରୀ ଓ ଗାୟତ୍ରୀ – ଆଉ ମୁଁ ଗାଡ଼ି ଚଳଉଥିଲି । ପଛରେ ଜିପ୍‌ରେ ଆସିଲେ ରବିବାବୁ ଆଉ ରକି ଏବଂ ଆଉ ଜଣେ ସାଙ୍ଗ । ରକି ସେ ସମୟରେ ବ୍ୟବସାୟୀ ଶିକାରୀ ଥିଲେ । ଆଫ୍ରିକାର ହ୍ୱାଇଟ୍ ହଣ୍ଟରମାନଙ୍କ ପରି ସେ କଲିକତାରୁ ସୌଖୀନ ଶିକାରୀମାନଙ୍କୁ ଶିକାର ଖେଳିବାକୁ ବଣକୁ ନିଅନ୍ତି – ତାଙ୍କମାନଙ୍କଠୁ କିଛି ପାଉଣା ନିଅନ୍ତି । ସେଇ ହିସାବରେ ରକି ରବିବାବୁ ସାଙ୍ଗରେ ଆସିଥିଲେ । ପମ୍ପାସର ପାଖ ପହଞ୍ଚିବାକୁ ଚାରିଟା ବାଜିଲାଣି । ପମ୍ପାସର ପାରହେଲେ ଗୋଟେ ସାଗୁଆନ ବଣ ପଡ଼େ । ସେଇ ଶାଗୁଆନ ବଣ ପାଖରେ ଛୋଟ ନାଳଟିଏ ଅଛି । ତା'ରି ପାଖରେ ବଣକୁକୁଡ଼ା ଢେର୍ ବାହାରନ୍ତି । ମୁଁ ଗାଡ଼ି ଅଟକେଇଲି – ରବିବାବୁର ଜିପ୍ ବି ଆସି ଆମ ପାଖରେ ଅଟକିଲା । କୁକୁଡ଼ା କଥା କହିବାରେ ସମସ୍ତେ ଖୁବ୍ ବ୍ୟତିବ୍ୟସ୍ତ ହେଇ ବନ୍ଧୁକମାନ ଖୋଳରୁ ବାକ୍ସରୁ ବାହାରକରି ତେଲ ସଫା କରି ପକେଇଲେ । ଗୁଳିମୁଣାରୁ କାର୍ତ୍ତୁସ୍ କାଢ଼ିଲେ । ତାଙ୍କର ହାବଭାବ ଦେଖିଲେ ମନେହବ ଯେମିତି ଜଙ୍ଗଲଟାଯାକର କୁକୁଡ଼ା ସେଦିନ ମାରିଦେବେ । ଫେର୍ ସମସ୍ତେ ବସିଲେ ଗାଡ଼ିରେ – କହିଲେ ଧୀରେ ଧୀରେ ଗାଡ଼ି ଚଳେଇବାକୁ । ଖଣ୍ଡେଦୂର ଯାଇଚୁ, ମୁଁ ଦେଖିଲି ପ୍ରାୟ ଶହେ ମିଟର ଦୂରରେ ପଲେ କୁକୁଡ଼ା ସଡ଼କ କଡ଼ରେ ଚରୁଛନ୍ତି । ଗାଡ଼ି ଅଟକେଇକି ଠାରିଦେଲି – ଶିକାରୀମାନେ ସେଇଠୁ ପାଦରେ ଚାଲି ଚାଲି ଯାଇ ମାରନ୍ତୁ ବୋଲି । ରକି ଆସିକି କହିଲେ ଯେ ମୋର ଗାଡ଼ିର ସାମନା ମଡ୍‌ଗାର୍ଡ଼ରେ ସେ ବସିବ ଆଉ ମୁଁ ଧୀରେ ଧୀରେ ଗାଡ଼ି ଚଳେଇକି ଗଲେ ସେ କୁକୁଡ଼ାଙ୍କୁ ମାରିବ । ହଉ କରି ମୁଁ ଗାଡ଼ି ଚଳେଇଲି । କୁକୁଡ଼ା ପାଖ ହେଲାରୁ ରକି ବନ୍ଧୁକ ଉଠେଇଲା ମାରିବାକୁ । ବନ୍ଧୁକକୁ ଦୁଇହାତରେ ଧରିବାକୁ ହେଲା । ଯେମିତି ଲାଛିବାକୁ ଯାଇଛି ଗାଡ଼ିରୁ ଧପ୍‌କିନା ପଡ଼ିଗଲା ସଡ଼କରେ । କୁକୁଡ଼ା ଉଡ଼ିଗଲେ – ବନ୍ଧୁକ ଢୋ-କିନି ଫୁଟିଲା । ଓହ୍ଲେଇକି ଦେଖୁ ଯେ ରକିର ହାତ ଛିଡ଼ି ଲହୁଲୁହାଣ ହେଇଚି, ଆଉ ବନ୍ଧୁକର କାଠ ବଟ୍‌ଟା ପୂରାପୂରି ଭାଙ୍ଗିଯାଇଚି । ସେ ବନ୍ଧୁକଟା ଦୁର୍ଗାବାବୁଙ୍କର । ଭାରି ଚିଡ଼ିଚିଡ଼ା ଲୋକ କାଳେ ଦୁର୍ଗାବାବୁ । ସେଇଠି ହେଲା ଗୋଟିଏ କାଣ୍ଡ । ମୁଁ, ରବିବାବୁ, ଗାୟତ୍ରୀ ବହେ ହସିଲୁ । ଦୁର୍ଗାବାବୁ ମୁହଁ ଫଣ ଫଣ କରୁଥାନ୍ତି । ଗୌରୀ ବିଚାରୀ ନା ହସିପାରୁଥାଏ ନା କାନ୍ଦିପାରୁଥାଏ ।

ଟିକରପଡ଼ା ପହଞ୍ଚିବାକୁ ସଞ୍ଜ ହେଲା । ପୁରୁଣାକୋଟ୍‌ଠେଇ ରେଞ୍ଜର ଅଫିସରେ ଭୁବନ ସାହୁ ଥିଲେ । ତାଙ୍କୁ ମୋର ସାଥୀମାନଙ୍କ ସାଙ୍ଗରେ ପରିଚୟ କରିଦେଲି । ଏମାନଙ୍କ ଶିକାର ପାଇଁ ଯୋଉ ଛାଡ଼ ଆଣିଥିଲେ ସେଇଟା ସାହୁବାବୁଙ୍କୁ ଦେଖେଇଦେଲୁ ।

ଟିକରପଡ଼ାରେ ସେତେବେଳେ ବନବିଭାଗର ଗୋଟିଏ ଛୋଟ ବଙ୍ଗଳା ଥିଲା, ସେଇଟାରେ ସେମାନେ ରହିଲେ । ପାହାଡ଼ ଉପର ହିଲ୍‌ଟାପ୍ ବଙ୍ଗଳାରେ ଗୋପାଳବାବୁ ଥିଲେ । ତାଙ୍କୁ କହିଲି ମୋର ସାଥୀମାନଙ୍କ ପାଇଁ ହାଙ୍କା ବନ୍ଦୋବସ୍ତ କରିବାକୁ ସାହାଯ୍ୟ ଦେବେ । ସବୁପ୍ରକାର ବନ୍ଦୋବସ୍ତ କରିସାରି ମୁଁ ଫେରିଆସିଲି ଅନୁଗୁଳ । ସେଠି ମୋର ତିନିଦିନର କାମ ଥିଲା । ତିନିଦିନ ପରେ କାମ ସରିଲାରୁ ମୁଁ ଫେରିଗଲି ଟିକରପଡ଼ା ।

Digitized by srujanika@gmail.com

ବାଟରେ ପୁରୁଣାକୋଟ୍‌ର ରେଞ୍ଜରବାବୁ ମୋତେ କହିଲେ ଯେ, ପୂର୍ବଦିନ ରାତିରେ ଟୁଲକା ରାସ୍ତା ପାଖ ବଣରେ ଗୋଟେ ବାଘ ମଢ଼ କରିଚି । ସେ ମୋପାଇଁ ମଞ୍ଚାଟିଏ ବାନ୍ଧିଦେବେ, ମୁଁ ଯଦି ରାଜିହୁଏ ମାରିବାକୁ । ମୁଁ ମନାକଲି – କାରଣ ସେ ବଣଟାରେ ଶିକାର କରିବାକୁ ମୋର ସାଥୀମାନଙ୍କର ଛାଡ଼ ଥିଲା – ମୋର ସେଠି ଶିକାର କରିବାଟା ଠିକ୍ ହବନି – ଦୁର୍ଗାବାବୁହେରିକାଙ୍କୁ ଖବର ଦବା ଦରକାର । ସାହୁବାବୁଙ୍କ ମତରେ ସେମାନଙ୍କୁ ଖବର ଦେଇ ଲାଭ କିଛି ହବନି; କାରଣ ବାଘ ମଞ୍ଚାରେ ବସିବା ପରି ସେ ବାବୁମାନଙ୍କର କାଳେ ହିମତ୍ ନାହିଁ । କଲିକତାର ଲୋକ, କାଳେ ଡରିବେ । ମୁଁ କହିଲି ଥରେ ତାଙ୍କୁ କହିବା, ସେମାନେ ନଆସିଲେ ମୁଁ ନିଜେ ମଞ୍ଚାକରି ବସିବି ।

ଗଲି ଟିକରପଡ଼ା – ସେଠୁ ୧୦ କିଲୋମିଟର ବାଟ – ସେଠି ପହଞ୍ଚିଲାବେଳକୁ ଦେଖେ ଯେ ତାଙ୍କର ସକାଳୁଆ ଜଳଖିଆର ବନ୍ଦୋବସ୍ତ ହଉଥାଏ । ସମସ୍ତେ ମୋତେ ଦେଖି ଭାରି ଖୁସିହେଲେ – ଜଳଖିଆ ଯାଚିଲେ । ଆଉ କହିଲେ ଯେ, ସେଠାର ବଣଟାରେ ଜନ୍ତୁଜୁନ୍ତା କିଛି ନାହିଁ – ଲଗେଇଲେ ଶୀଘ୍ର ସେ ବଣଟା ଛାଡ଼ି ଅନ୍ୟ ଜାଗାକୁ ଯିବାର ବନ୍ଦୋବସ୍ତ କରିବାକୁ । ସେମାନେ କାଳେ ଶୁଣିଥାନ୍ତି ଯେ ବରବରା ବଣରେ ବହୁତ ଜନ୍ତୁ – ସେଠିକି ଯିବାକୁ ଜିଦ୍ କଲେ । ମୁଁ ସେସବୁ ଶୁଣିସାରି ତାଙ୍କୁ ପଚାରିଲି – ବାଘଟିଏ ମାରିବାକୁ ଯିବେ କି ? ସମସ୍ତେ ଖୁବ୍ ଆଗ୍ରହରେ ବାହାରିଲେ । ପୁରୁଣାକୋଟର ବାଘ ମଢ଼ କଥା କହିଲି ଆଉ ତାଗିଦା କରିଦେଲି ଯେ ସେମାନେ ଯିଏ ମଞ୍ଚାରେ ବସିବେ – ସାଙ୍ଗେ ସାଙ୍ଗେ ସଜ ହୋଇଯା'ନ୍ତୁ – ମଞ୍ଚା ବାନ୍ଧିବେ ଆଉ ବସିଯିବେ ସେଇଠି । ସାଙ୍ଗରେ ଖାଇବାର କିଛି ଧରିଥାନ୍ତୁ – ରାତିଟା ବି ସେଠି କଟେଇବା ଦରକାର ହୋଇପାରେ । ବଣଭିତରେ ମଢ଼ କରିଚି ବାଘ – ସେ ଅଞ୍ଚଳରେ ଜନମାନବ ଚଳପ୍ରଚଳ କରନ୍ତିନି – ବାଘ ମଢ଼ ପାଖରେ ଥିବା କଥା । ସେଇ ପାଖରେ ଗୋଟେ ନାଳ ବି ଅଛି – ପାଣି ପାଇଁ ବାଘକୁ ଦୂରକୁ ଯିବାକୁ ହଉନଥିବ । ଦିନ ଭିତରେ ବାଘ ମଢ଼ ଖାଇବାକୁ ଆସିବ ନିଶ୍ଚୟ ।

ରକି, ରବିବାବୁ ଓ ଦୁର୍ଗାବାବୁଙ୍କ ସାଙ୍ଗରେ ଧରି ଚାଲିଗଲେ ବାଘ-ମଞ୍ଚା କରିବାକୁ । ଗୌରୀ ଓ ଗାୟତ୍ରୀ ମୋତେ ରହିବାକୁ କହି ରନ୍ଧାରନ୍ଧି ପାଇଁ ବ୍ୟବସ୍ଥାକଲେ । ଦିନ ପ୍ରାୟ ଗୋଟେ ବେଳକୁ ରକିହେରିକା ଫେରିଅଇଲେ । କହିଲେ, ମଞ୍ଚା ବାନ୍ଧିଛନ୍ତି; ଖାଇପିଇ ଯିବେ ଉପରଓଳିକି – ମଞ୍ଚାରେ ବସିବେ ରାତିଯାକ । ମୁଁ କହିଲି ଯେ, ବାଘ ତ ମଢ଼ ଖାଇବାକୁ ଆସିସାରିବଣି ଏମାନେ ଆଉ ବାଘ ଦେଖିପାରିବେନି । ହସିକି କହିଲେ ଯେ, ବାଘର ସବୁଖବର ତାଙ୍କୁ ଜଣା – ଏ ବାଘଟା ମଲା ବୋଲି ଧରିନିଆଯାଉ । ସେତେବେଳକୁ ଖାଇବା ଜିନିଷସବୁ ଟେବୁଲ୍‌କୁ ଆସିଲାଣି । ଖିଆପିଆ ସାରି ରବିବାବୁହେରିକା ଶୋଇଲେ । ଦିନ ତିନିଟା ବେଳକୁ ସଜବାଜହୋଇ ବାଘ-ମଞ୍ଚାକୁ ଗଲେ । ପାଞ୍ଚଟା ବାଜୁ ବାଜୁ ସମସ୍ତେ ଫେରିକି ଅଇଲେ । ''କିଓ, ବାଘ କାହିଁ'' ବୋଲି ଆମେ ପଚାରିବାରେ ରବିବାବୁ ଗୁଡ଼ାଏ ବିରକ୍ତ ହୋଇ କହିଲେ, ରକି ଯୋଗୁରୁ ବାଘ

Digitized by srujanika@gmail.com

ପଳେଇଲା । ତାଙ୍କ କଥାରୁ ଜାଣିଲି ଯେ ବାଘଟା ମଢ଼ଟି ଖାଉଥିଲା – ଏମାନେ ସେଠି ପହଞ୍ଚିଲା ବେଳକୁ ଏମାନଙ୍କର ଚାଲିବା ଶବ୍ଦ ଶୁଣିକି ବି ବାଘ ମଢ଼ ପାଖରେ ଥାଏ । ଯେମିତି ଶିକାରୀମାନେ ମଢ଼ ପାଖରେ ପହଞ୍ଚୁଛନ୍ତି ଏମାନଙ୍କୁ ଦେଖି ବାଘ ଖପ୍‌କିନା ଡିଆଁମାରି ବଣରେ ଲୁଚିଗଲା ।

ବାଘ ଶିକାରକୁ ଗଲେ ବାଘର ଚାଲିଚଳଣ କଥା ପୂରା ଜାଣିବା ଦରକାର । ଏ ବାବୁମାନେ ତ ବଡ଼ ସହରରେ ବଢ଼ିଛନ୍ତି – ବଣଜଙ୍ଗଲ ବୁଲିବା ତାଙ୍କର ଅଭ୍ୟାସ ହୋଇନି । ବାଘର ଚାଲିଚଳଣ ଅବା ଜାଣିବେ କେମନ୍ତେ ?

Digitized by srujanika@gmail.com

ଅନନ୍ତ ପ୍ରସାଦ ମହାନ୍ତି

ମୟୂରଭଞ୍ଜ ଜିଲ୍ଲା ସାନଚାଟରା ଗ୍ରାମ୍‌ରେ ୧୯୨୧ ଜୁଲାଇ ୭ ତାରିଖରେ ଜନ୍ମ । ୧୯୪୨ ରେ କଟକ ରେଭେନ୍‌ସା କଲେଜରୁ ବି. ଏସ୍‌ସି. ପାସ । ୧୯୪୪ ରୁ ୧୯୪୮ ପର୍ଯ୍ୟନ୍ତ ଭାରତୀୟ ସେନା ବାହିନୀରେ କିଙ୍ଗ୍‌ସ କମିଶନ୍‌ଡ୍ ଅଫିସର ଥିଲେ । ପରେ ଓଡ଼ିଶା ପୋଲିସ୍ ବାହିନୀ ସିଗ୍‌ନାଲ୍ସ ବିଭାଗର ଡି. ଆଇ. ଜି. । ଅବସର ବେଳ ଫଟୋଗ୍ରାଫି, ବନ୍ଧୁକ ଖେଳ, ଶିକାର, ଲେଖାଲେଖି ଆଉ ଚଢ଼େଇ, କୀଟ ପତଙ୍ଗ ଅନୁସରଣରେ କଟିଥାଏ ।

Digitized by srujanika@gmail.com